କଳିଙ୍ଗ ଭାରତୀ-ଅବ୍ଦ ଅର୍ଘ୍ୟ



# ଆଶୀର୍ବାଦ

ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି

## ଶ୍ରୀଯୁକ୍ତ ପ୍ରାଣକୃଷ୍ଣ ପରିଜା

ଓ. ବି. ଇ. ଡି. ଏସ୍‌ସି., ଆଇ. ଇ. ଏସ୍., (ଅବସରପ୍ରାପ୍ତ)

“[illegible] [illegible] [illegible] [illegible] [illegible] [illegible] [illegible] [illegible] [illegible] [illegible] [illegible] [illegible] [illegible] [illegible] [illegible] [illegible] [illegible] [illegible] [illegible] [illegible] ପ୍ରାର୍ଥନା ।”

১১. ২. ৭৪

କଳିଙ୍ଗ ଭାରତୀ          ଆଦ୍ୟ ଅର୍ଘ୍ୟ

# ବିଚ୍ଛନ୍ଦ ଗ୍ରନ୍ଥାବଳୀ

## ପ୍ରଥମ ଖଣ୍ଡ

# କବତା କୁସୁମ

—"What is writ is writ
Would it were worthier."

Byron


କଳିଙ୍ଗ ଭାରତୀ ଭବନ

ଡଗରପଡ଼ା, ପୋଃ ଅଃ ବୃନ୍ଦଣାଚୌକ, କଟକ

ଜୁଲାଇ—୧୯୪୭


ମୂଲ୍ୟ—୦ ୵୷

ପ୍ରକାଶକ —

ଘନଶ୍ୟାମ ମହାନ୍ତି

**ମହାପ୍ରସାଦ ବ୍ରଦର୍ସ**

ବିନୋଦବିହାରୀ, କଟକ



# ଉପହାର

ଅନ୍ତରଙ୍ଗ ବନ୍ଧୁତ୍ୱ                ର ନିଦର୍ଶନ ସ୍ୱରୂପ

ଏ ଗ୍ରନ୍ଥ

ଶ୍ରୀ                ଙ୍କ

କରକମଳରେ

ଅର୍ପିତ ହେଲା ।

ତା । ।୧୯ } ଶ୍ରୀ

# ଉତ୍ସର୍ଗ

ଉତ୍କଳ ମାତାର ଯୋଗ୍ୟତମ ପୁତ୍ର
ଉତ୍କଳୀୟ କୃଷ୍ଟିର ଶ୍ରେଷ୍ଠ ପ୍ରତିନିଧି
ଶ୍ରଦ୍ଧେୟ ବନ୍ଧୁ

ଉତ୍କଳକେଶରୀ ମାନ୍ୟବର

**ଶ୍ରୀ ହରେକୃଷ୍ଣ ମହତାବ**

ଶ୍ରୀକରକମଳେଷୁ

ପୂତ ଭଳେ ଅନୁସର ପଦାଙ୍କ ତୁମ୍ଭର
ଥାଉ ସ୍ମରଣୀକ ମୋର ମିତ୍ର ଗହଣର ।

-ବିଚ୍ଛନ୍ନ-

'କଳିଙ୍ଗ ଭାରତୀର ଆଦ୍ୟ ପୃଷ୍ଠ ପୋଷକଙ୍କ ପ୍ରତି

# କୃତଜ୍ଞତା

ଯେ ନିଜର ସୁସଂଯତ ଆଦର୍ଶ ଜୀବନ, ପ୍ରଜାବାତ୍ସଲ୍ୟ, ରାଜ୍ୟର ହିତ ନିମନ୍ତେ ଅକାତର ବ୍ୟୟ ଏବଂ ଲଳିତକଳା ଓ ସାହିତ୍ୟ ପ୍ରୀତି ଦ୍ୱାରା ଉତ୍କଳୀୟ ତରୁଣ ସୃଜନୀବର୍ଗଙ୍କ ଆଦର୍ଶ ସ୍ଥାନୀୟ, ମୋ ସାହିତ୍ୟସାଧନା ପ୍ରତି ଯାହାଙ୍କର ବିଶେଷ କରି ଅହେତୁକ ଦୟା ଓ ଅନୁଗ୍ରହ ଏବଂ କଟକ ନଗରସ୍ଥ ଯାହାଙ୍କ "ଉମ୍ମତା ହାଉସ୍"ରେ ମୋ ଜୀବନର ଘଟନାବହୁଳ ଯୁଗେକ ସମୟ ଅତିବାହିତ, ଏ ଗ୍ରନ୍ଥର ଅଧିକାଂଶ କବିତା ରଚନା ଓ ମୋ ପ୍ରିୟତମ ଅନୁଷ୍ଠାନ "କଳିଙ୍ଗ ଭାରତୀ"ର ଜନ୍ମ ଓ "ଉତ୍କଳ ସ୍ଥାୟି ସାହିତ୍ୟ ସମାଜ"ର ଅଧିଷ୍ଠାନ ।

**ଉମ୍ମଡ଼ାଧୀଶ୍ୱର**

ସେହି

ଲଳିତ-କଳା-ବିଳାସୀ ଓ ସାହିତ୍ୟ-ପ୍ରେମିକ

**ରାଜା ଶ୍ରୀ ଶ୍ରୀ ଶ୍ରୀ ଅମରେନ୍ଦ୍ର ମାନସିଂହ**

**ଭ୍ରମରବର ରାୟ**

ମହୋଦୟ ଦୟା ପୂର୍ବକ ଏ ଗ୍ରନ୍ଥର ଅର୍ଦ୍ଧେକ ମୁଦ୍ରଣ ବ୍ୟୟ ବହନ କରି

କଳିଙ୍ଗ ଭାରତୀର ଆଦ୍ୟ ପୃଷ୍ଠପୋଷକ ହୋଇ ଅଛନ୍ତି । ମୋ ପ୍ରତି ଚିରାଚରିତ ଦୟା ଓ ଅନୁଗ୍ରହ ଯୋଗୁଁ ମୁଁ ତାଙ୍କୁ ଅନ୍ତରର ଗଭୀର କୃତଜ୍ଞତା ଜ୍ଞାପନ କରୁଅଛି ।

**ଶ୍ରୀ ବିଚ୍ଛନ୍ଦଚରଣ ପଟ୍ଟନାୟକ**

କଳିଙ୍ଗ ଭାରତୀର ଆଦ୍ୟ ପୃଷ୍ଠପୋଷକ



ଡମ୍ଭାଧୀଶ୍ୱର ରାଜା

**ଶ୍ରୀ ଶ୍ରୀ ଶ୍ରୀ ଅମରେନ୍ଦ୍ର ମାନସିଂହ ଭ୍ରମରବର ରାୟ**

# କଳିଙ୍ଗ ଭାରତୀଙ୍କ ବରପୁତ୍ର କବିସମ୍ରାଟ
# ମହାକବି ଉପେନ୍ଦ୍ର ଭଞ୍ଜ ବନ୍ଦନା

( ରାଗ କାମୋଦୀ )

ସ୍ଥଳ ଜୀବନ ମୋର ପଙ୍କିଳ ସରୋବର
ତହିଁ କବିତା କୋକନଦ
ତବ କୃପାରୁ ଦେବୀ ! ଅଛି କିନା ସମ୍ଭବି
ଘଟେ ତା ବାଢଇବ ମୋଦ
ହେ ବାଗୀଶ୍ୱରି !
ମନେ ମୋ ନ ହୁଏ ପରତେ
ଅଭାଜନ ମୋ କଣ୍ଠେ ଘଟେ
ବସିଁ ପଦ କହୁଛ କରୁଣା ଟଗ୍ରାଇଛ
ଅମର ହେବାକୁ ମରତେ
ହେ ବାଗୀଶ୍ୱରି !

---

୧। ସ୍ଥଳ—ସ୍ଥାନ, ଦେଶ, ଭୂଇଁ; କୋକନଦ—ଲାଲକଇଁ, ଦେବୀ—ମାଆ ବାଗୀଶ୍ୱରୀ ଅର୍ଥାତ୍ ସରସ୍ୱତୀ; ସମ୍ଭବିଅଛି—ଉଦ୍ଭବ ହୋଇଛି, ଫୁଟିଅଛି, ମୋଦ—ଆନନ୍ଦ; ବାଗୀଶ୍ୱରୀ—ବାଗ୍‌ଦେବୀ ସରସ୍ୱତୀ; ଅଭାଜନ—ଅଯୋଗ୍ୟ; ମରତେ—ମର୍ତ୍ତ୍ୟରେ; ପୃଥିବୀରେ ।

ଗଡ଼-କୁଳାଡ଼-ଧବ    ନୀଳକଣ୍ଠ-ସମ୍ଭବ
ଉପେନ୍ଦ୍ର-କଣ୍ଠେ ବିରାଜିଲ
କୋଣାର୍କ-ପରିପାଟୀ    ଲିପିଶିଳେ ପ୍ରକଟି
ମଞ୍ଜୁଳ ମୂର୍ଚ୍ଛନା ରଚିଲ
ହେ ବାଗୀଶ୍ୱରି !
ସେ ଭଞ୍ଜବୀର ମହାସିନ୍ଧୁ
ମୁହିଁ ଗୋଷ୍ପଦ-ନୀରବିନ୍ଦୁ
ମା ! ତୁମ୍ଭ କରୁଣାରୁ    ସେ କବି-ଗିରି-ମେରୁ
କବିତା-କୁମୁଦର ଇନ୍ଦୁ
ହେ ବାଗୀଶ୍ୱରି !

---

୨ । କୁଳାଡ଼ ଗଡ—ଘୁମୁସରର ରାଜଧାନୀ; ଧବ—ରାଜା; ନୀଳକଣ୍ଠ-ସମ୍ଭବ—ନୀଳକଣ୍ଠ ଭଞ୍ଜଙ୍କ ପୁଅ; କୋଣାର୍କ ପରିପାଟୀ—କୋଣାର୍କ ମନ୍ଦିରର କଳାପରି ସୂକ୍ଷ୍ମ କାରୁକାର୍ଯ୍ୟ; ଲିପିଶିଳ—ଅକ୍ଷର ଶିଳ ଅର୍ଥାତ୍ କବିତା, ପ୍ରକଟି—ଦେଖାଇ; ମଞ୍ଜୁଳ—ମନୋହର; ଭଞ୍ଜବୀର—ମହାକବି ଉପେନ୍ଦ୍ର ଭଞ୍ଜ; ଗୋଷ୍ପଦନୀର—ଗାଈଖୁରା ଚିହ୍ନରେ ଧରିଥିବା ପାଣି; କବି-ଗିରି-ମେରୁ—କବିମାନଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ଯେପରି କି ପର୍ବତମାନଙ୍କ ମଧ୍ୟରେ ମେରୁପର୍ବତ ସର୍ବଶ୍ରେଷ୍ଠ, କବିତା କୁମୁଦର ଇନ୍ଦୁ—ମୋର ଏ କବିତା ରୂପ କୁମୁଦ ଅର୍ଥାତ୍ କଇଁ ଫୁଲକୁ ସେ ଇନ୍ଦୁ ଅର୍ଥାତ୍ ଚନ୍ଦ୍ର ଅର୍ଥାତ୍ ତାଙ୍କର ରଚନାଦର୍ଶରେ ଏ କବିତାମାଳା ରଚିତ ।



**ମହାକବି ଉପେନ୍ଦ୍ର ଭଞ୍ଜ**

( ମୂଳ ଅଙ୍କନ ଶ୍ରୀଯୁକ୍ତ ଲକ୍ଷ୍ମୀନାରାୟଣ ସାହୁ ଏମ. ଏ., ଏମ୍, ଏଲ୍, ଏଙ୍କ
ଦ୍ୱାରା ସୁନ୍ଦର ଅଙ୍କନରୁ ସଂଗୃହୀତ )

ଭଞ୍ଜ-ଭଞ୍ଜ-ଚରଣ          ମୋ ମଙ୍ଗଳ-ଶରଣ,
ଖିଳ ଉତ୍କଳ ତୀର୍ଥ ପୁଣ୍ୟ,
ନେତ୍ର-ନୀରେ ପଖାଳି          ଏ ଗୀତ-ସୁମାଞ୍ଜଳି
ତଥି ଅରପି ହେବି ଧନ୍ୟ

ହେ ବାଗୀଶ୍ୱର !
ସେ ରାଜରାଜେଶ୍ୱର ମୋର
କରଦ ପ୍ରଜା ମୁଁ ମାତର

ଭୋୟୁର ହେବା ଯୋଗ          କରାଅ ବୀରେ ତ୍ୟାଗ
ଗଡ଼ ଜୁଲଡ଼ ଅଭ୍ୟନ୍ତର
ହେ ବାଗୀଶ୍ୱର !



---

୧ । ଭଞ୍ଜ ଭଞ୍ଜ ଚରଣ—ମହାକବି ଉପେନ୍ଦ୍ର ଭଞ୍ଜଙ୍କ ପଦ୍ମପାଦ; ମଙ୍ଗଳ ଶରଣ—ମୂର୍ଖର ଆଶ୍ରୟ ସ୍ଥାନ; ଖିଳ—ସମସ୍ତ; ପଖାଳି—ଧୋଇ; ସୁମାଞ୍ଜଳି—ସୁମ ବା ଫୁଲର ଅଞ୍ଜୁଳା, ଭୋୟର—ସେବକ, ଅଭ୍ୟନ୍ତର—ଭିତରେ ।

# ନିବେଦନ

କବିତା କୁମୁଦରେ ଗତ ପନ୍ଦର ବର୍ଷ ଭିତରେ ଲିଖିତ କବିତାମାନଙ୍କ ମଧ୍ୟରୁ ୧୦୧ ଗୋଟି କବିତା ପ୍ରକାଶିତ ହେଲା । କଳିଙ୍ଗ "ଭାରତୀ ସେବକଗୋଷ୍ଠୀ" ଯେଉଁ ସବୁ କବିତାର ଚିରନ୍ତନ ମୂଲ୍ୟ ଅଛି ବୋଲି ମତ ଦେଲେ କେବଳ ସେହି କବିତା ଗୁଡ଼ିକ ଏ ସଂଗ୍ରହରେ ସ୍ଥାନ ପାଇଅଛି—ଅନ୍ୟ ଗୁଡ଼ିକୁ ଜାଣିଶୁଣି ବାଦ୍ ଦିଆ ଯାଇଅଛି ।

କଳିଙ୍ଗ ବା ଉତ୍କଳ ଆଜି ଆଉ ଉତ୍କଳ ହୋଇ ନାହିଁ । ଉତ୍କଳ ଭାରତର ଅଙ୍ଗ ସ୍ୱରୂପ ତ ସ୍ୱାଧୀନତା ହରାଇ ଅଛି; ତାହା ଛଡ଼ା କେତେକ ଐତିହାସିକ କାରଣରୁ ବ୍ରିଟିଶ ପ୍ରଭାବ ସଙ୍ଗକୁ ପ୍ରତିବେଶୀ ପ୍ରଦେଶମାନଙ୍କ ପ୍ରଭାବ ମିଶି ଉତ୍କଳୀୟ କୃଷ୍ଟିକୁ ନାଶ କରିବାକୁ ବସିଅଛି । ଉତ୍କଳୀୟମାନଙ୍କ ପରି ସଙ୍ଗୀତପ୍ରାଣ, କବିତାପ୍ରାଣ ଓ କଳାପ୍ରାଣ ଜାତି ଏକା ଭାରତରେ କାହିଁକି ସାରା ପୃଥିବୀରେ ଆଉ ନାହିଁ । କୋଣାର୍କ, ପୁରୀ ଓ ଭୁବନେଶ୍ୱର ପରି ବୈଦେହୀଶ ବିଳାସ, ରସକଲ୍ଲୋଳ ଓ ବିଦଗ୍ଧ ଚିନ୍ତାମଣି ଉତ୍କଳୀୟମାନଙ୍କର ଅନୁପମ ସୃଷ୍ଟି । ଛନ୍ଦୋମୟ

ଗୀତ ଉତ୍କଳୀୟ ଜୀବନର ପ୍ରିୟତମ ସାମଗ୍ରୀ । ଏଥି ପାଇଁ ଉତ୍କଳୀୟ ମନୀଷା ବହୁଶତାବ୍ଦୀ ବ୍ୟାପୀ ଶ୍ରମ ଓ ଗବେଷଣା ଦ୍ୱାରା ସୃଷ୍ଟି କରିଛନ୍ତି ଅଗଣିତ ଛାନ୍ଦ ଓ ସଂଖ୍ୟାହୀନ ରାଗରାଗିଣୀ । ଉତ୍କଳୀୟ ମନ୍ଦିର ଭିତ୍ତିମାନଙ୍କରେ ଠିକ କେତେ ମୂର୍ତ୍ତି ଅଛି କହିବା ଯେପରି ଅସମ୍ଭବ ଉତ୍କଳୀୟମାନେ ଠିକ କେତେ ଛାନ୍ଦ ଓ ରାଗ ରାଗିଣୀ ସୃଷ୍ଟି କରି ଅଛନ୍ତି ତାହା ଠିକ କରି କହିବା ମଧ୍ୟ ସେହିପରି ସାଧ୍ୟାତୀତ । ଉତ୍କଳର ବିବାହୋଦ୍ୟତା ବାଳିକା ପିତୃଗୃହ ତ୍ୟାଗ ପୂର୍ବରୁ କବିତାମୟୀ କାନ୍ଦଣାରେ ହୃଦୟ ବ୍ୟଥା ଜ୍ଞାପନ କରେ ଏବଂ ତାର ମହିଳାଗୁରୁଜନମାନେ ମଧ୍ୟ ତା କଣ୍ଠ ସହିତ କଣ୍ଠ ମିଶାଇ ଛନ୍ଦୋମୟୀ କବିତାରେ କ୍ରନ୍ଦନ କରିଥାନ୍ତି । ସହରବାସିନୀମାନେ ଅବଶ୍ୟ କାନ୍ଦଣାକୁ ବର୍ବରତାର ଚିହ୍ନ ଭାବି ତ୍ୟାଗ କରି ଅଛନ୍ତି କିନ୍ତୁ ସହରମାନ ସେ ଆମମାନଙ୍କ ଜାତୀୟ ଜୀବନର ଶ୍ମଶାନ ଓ ବିଜାତୀୟ ପ୍ରଭାବର ଦୁର୍ଗ !! । ରାଧାନାଥଙ୍କ ଠାରୁ ଆରମ୍ଭ କରି ଏ ପର୍ଯ୍ୟନ୍ତ ଓଡ଼ିଶାର ପ୍ରତିଭାଶାଳୀ ଉଚ୍ଚ ଶିକ୍ଷିତ କବିମାନେ ମୁଷ୍ଟିମେୟ ସହରବାସୀ ଶିକ୍ଷିତଙ୍କ ପାଇଁ କବିତା ଲେଖିଅଛନ୍ତି ଏବଂ ଏ ବିରାଟ ଜାତି ବୈଷ୍ଣବ ପାଣି, ବାଳକୃଷ୍ଣ ମହାନ୍ତି, ଦୟାନିଧି ସ୍ୱାଇଁ ଓ ହମିଦ୍ ମିଆଁଙ୍କ ହାତର କ୍ରୀଡ଼ାକନ୍ଦୁକ ହୋଇ ଅଛି । ପ୍ରତିଭାଶାଳୀ ଉଚ୍ଚଶିକ୍ଷିତ କବିମାନଙ୍କ କବିତା ବୈଦେଶିକ ଛାଞ୍ଚରେ ଢଳା ହୋଇ ଥିବାରୁ ତାହା ଏକପ୍ରକାର ବାଏଁ ବାଏଁ ଉଡ଼ି ଯାଉଛି; ଉତ୍କଳର ଶତକଡ଼ା ୯୫ ଜଣ ଲୋକ ତହିଁର ଆସ୍ୱାଦନରୁ ବଞ୍ଚିତ ହେଉଅଛନ୍ତି । ଉତ୍କଳର ଶିକ୍ଷା ବିଭାଗର ଭର୍ତ୍ତିରୁ ବହୁକାଳ ଯାଏଁ ଦୁଇ ତିନିଜଣ ନବୀନ ସ୍ୱାର୍ଥପର କବିଙ୍କ ହାତରେ ପଡ଼ିଥିବାରୁ ଶିକ୍ଷିତ ଲୋକଙ୍କ ରୁଚିକୁ ବିଦେଶୀ

ଭ୍ରାପକ୍ଷ କବିତା ଅଙ୍ଗରୁ ଝାଣି ନେବାର ଉତ୍କଟ ପ୍ରଚେଷ୍ଟା ହୋଇଅଛି ଏବଂ ଉତ୍କଳୀୟ ପ୍ରାଚୀନ କବିମାନଙ୍କୁ ଅଶ୍ଳୀଳ ଓ ଓ ଅସ୍ପୃଶ୍ୟ ବୋଲି ପ୍ରଚାର ଚଳା ଯାଇ ସେମାନଙ୍କୁ ଶିକ୍ଷିତ ମହଲରୁ ନିର୍ବାସିତ କରି ଦିଆ ଯାଇ ଅଛି । ରାଧାନାଥଙ୍କ ଅମଳରୁ ବଙ୍ଗର ମାଇକେଲ, ନବୀନଚନ୍ଦ୍ର, ହେମଚନ୍ଦ୍ର, ନଜରୁଲ୍ ଇସଲାମ ଓ ରବୀନ୍ଦ୍ରନାଥ ଠାକୁରଙ୍କ ସ୍ଥୂଳର ଲେଖା ଓଡ଼ିଶା ସାହିତ୍ୟ ବଜାରରେ ଖୁନ୍ଦି ହୋଇ ଯାଉଅଛି । ଶିକ୍ଷିତମାନେ ଏହି ସବୁ ଘେଣ ବହିର ହୋଇ ରହି ଅଛନ୍ତି ଏବଂ ଯେଉଁମାନେ ସଂଖ୍ୟା ଦୃଷ୍ଟିରୁ ଜାତିର ପ୍ରକୃତ ମେରୁଦଣ୍ଡ ସେମାନଙ୍କ ରସ ପରିବେଷଣ କରିବାର ଭାର ରହିଅଛି ବୈଷ୍ଣବ ପାଣି ଓ ହମିଦ ଅଦଙ୍କ ହାତରେ ।

ଯେଉଁ ଛନ୍ଦୋମୟୀ କବିତା ପାଇଁ ଉତ୍କଳୀୟ କେବଳ ସାରଳା ମହାଭାରତରେ ସନ୍ତୁଷ୍ଟ ନ ହୋଇ ବିଶ୍ୱମ୍ଭର ଦାସଙ୍କ ବିଚିତ୍ର ମହାଭାରତ ଧରିଲା, ବଳରାମ ଦାସଙ୍କ ଦାଣ୍ଡିରାମାୟଣରେ ସନ୍ତୁଷ୍ଟ ନ ହୋଇ ଭଞ୍ଜଙ୍କ ବୈଦେହୀଶ ବିଳାସ ଓ ବିଶିଖୁଣ୍ଟିଆ ବିଚିତ୍ର ରାମାୟଣ ଧରିଲା ଏବଂ ଅଚ୍ୟୁତାନନ୍ଦଙ୍କ ହରିବଂଶକୁ ପଛରେ ପକାଇ ଦୀନକୃଷ୍ଣଙ୍କ ରସକଲ୍ଲୋଳ, ଅଭିମନ୍ୟୁଙ୍କ ବିଦଗ୍ଧ ଚିନ୍ତାମଣି ଓ ଭକ୍ତଚରଣଙ୍କ ମଥୁରାମଙ୍ଗଳ ଧରିଲା ସେ ବାଚିକ ଓ ଝଙ୍କାରମୟୀ କବିତା ପ୍ରଥମେ ରାଧାନାଥଙ୍କ ପ୍ରଭାବ ଓ ପରେ ରବି ଠାକୁରଙ୍କ ପ୍ରଭାବ ବଶତଃ ଓଡ଼ିଶାର ଉଚ୍ଚ ଶିକ୍ଷିତ କବିମାନଙ୍କ ଲେଖାମାନରୁ ଆଜି ପ୍ରସରିଲା ନାହିଁ । ଅମର କୁମର ନିଟେଲ ଘୋଷା ଆଜି ସବୁ ପାଠଶାଳରେ ଶୋସ—ଏ ପ୍ରବଚନ ଉତ୍କଳର ଯେଉଁ କୃଷ୍ଟିର ପରିସ୍ଫୁଟ ସେ କୃଷ୍ଟିକୁ ତଣ୍ଟିଚିପି ମାରି ଦିଆଗଲା । ରାଧାନାଥ ସ୍ୱର

ଓ ରବୀନ୍ଦ୍ର ପ୍ରଭାବ ଯୁଗକୁ ଓଡ଼ିଆ ସାହିତ୍ୟର ଇତିହାସରେ ପରମ୍ପରା ଚ୍ଛେଦ ଯୁଗ କହିଲେ ଅତ୍ୟୁକ୍ତି ବା ସତ୍ୟର ଅପଳାପ ହେବ ନାହିଁ ।

ପ୍ରାଚୀନ କବିତାର ଛନ୍ଦ ଓ ରାଗିଣୀମାନଙ୍କୁ ଆଧୁନିକ ଭାବଧାରାର ବାହନ କରି କବିତା ଲେଖିବା ମୁଁ ପନ୍ଦର ବର୍ଷ-ତଳେ ଆରମ୍ଭ କରିଥିଲି । ଭଞ୍ଜ, ଦୀନକୃଷ୍ଣ, ଅଭିମନ୍ୟୁ, କବିସୂର୍ଯ୍ୟ, ଗୋପାଳକୃଷ୍ଣ ଓ ବନମାଳୀଙ୍କ ଶୈଳୀକୁ ଉତ୍କଳରେ ପୁନଃ-ପ୍ରତିଷ୍ଠିତ କରି ରାଧାନାଥ ଓ ରବିଠାକୁରଙ୍କ ପ୍ରଭାବକୁ ପୂରାପୂରି ହଟେଇ ଦେବାକୁ ହେବ ଆଦ୍ୟରୁ ଏହାହିଁ ମୋର ଲକ୍ଷ୍ୟ ଥିଲା । ଯେଉଁ ଓଡ଼ିଆ କବିତାରେ ପ୍ରାଚୀନ ଛନ୍ଦ ଓ ପ୍ରାଚୀନ ଝଙ୍କାର ନ ଥାଏ ତାହା ଶୁଣିଲେ ବା ପଢ଼ିଲେ ମୁଁ ଗଭୀର ଭାବରେ ମର୍ମାହତ ହେଉଥିଲି । ପୂରା କୋଡ଼ିଏ ପଚିଶ ବର୍ଷକାଳ ଚାରିଆଡ଼େ ଏହି ଦୁଇ ଉତ୍କଟ ପ୍ରଭାବର ବ୍ୟାପକ ପ୍ରସାର ଦେଖି ମୁଁ ଏକପ୍ରକାର ଅଣନିଶ୍ୱାସୀ ହୋଇ ଯାଉଥିଲି । ତେଣୁ ପ୍ରାଚୀନ ଶୈଳୀ ଅନୁଞ୍ଜ କରିବାରେ ମୁଁ ବହୁ ଅଭ୍ୟାସ କରିଅଛି; ପ୍ରାଚୀନ ଶୈଳୀକୁ ପୁନଃ ପ୍ରତିଷ୍ଠିତ କରିବା ପାଇଁ ମଧ୍ୟ ମୁଁ କମ ଶ୍ରମ ସ୍ୱୀକାର କରିନାହିଁ । ଖୁବ ପିଲା ଦିନୁଁ ଅବଶ୍ୟ ପ୍ରାଚୀନ ଶୈଳୀ ମୋଠି ସ୍ୱତଃ ସ୍ଫୁର୍ତ୍ତ ହୋଇଥିଲା କିନ୍ତୁ ବାଲ୍ୟ ଓ କୈଶୋର ଅବସ୍ଥାରେ ଚନ୍ଦ୍ରାମଣି ଓ ଫକୀର ମୋହନଙ୍କ କବିତା ମୋତେ କିଛିକାଳ ପ୍ରଭାବିତ କରିଥିବା ମୋର ମନେ ପଡ଼ୁଅଛି । ସାହିତ୍ୟହିଁ ଜାତୀୟ ଜୀବନର ମୁକୁର । ଏ ମୁକୁରରେ ବିଜାତୀୟ ପ୍ରଭାବର ଛାୟା ଯେପରି ନ ପଡ଼େ ସେଥି ପ୍ରତି ପ୍ରତ୍ୟେକ ଜାତୀୟବାଦୀ କବି ଅବହିତ ହେବା ଉଚିତ । ପରମ୍ପରାର ଉପାସକ ଭାବରେ ମୁଁ ମୋ କର୍ତ୍ତବ୍ୟ ମାତ୍ର କରି ଅଛି । ଯେଉଁ ଦେଶ ଭଞ୍ଜ, ଦୀନକୃଷ୍ଣ ଓ

ଅଭିମନ୍ୟୁଙ୍କ ଲେଖଣୀ ନିଃସୃତ ଅମିୟର ଉପଭୋଗୀ ମୋ ଲେଖଣୀ ନିଃସୃତ ଗୁଡ଼ପଣାରେ ତା ପିପାସା ମେଣ୍ଟିବ ମୋର ଏ ଧୃଷ୍ଟ ଦୁରାଶା ନାହିଁ । ତଥାପି ଓଡ଼ିଆ ସାହିତ୍ୟର ସୁବର୍ଣ୍ଣମୟ ଯୁଗ ଫେରାଇ ଆଣିବା ପାଇଁ ମୋ କ୍ଷୁଦ୍ର ଶକ୍ତିରେ ଯାହା ସମ୍ଭବ ତାହା ମୁଁ କରୁଅଛି । ଏ କବିତାକୁମୁଦ ଗ୍ରନ୍ଥ ମୋ କ୍ଷୀଣ ଉଦ୍ୟମର ଅଦ୍ୟ ପରିଚୟ । ମୋଠାରୁ ରାଧାନାଥ ଅଦ୍ଧଙ୍କ ପରି ଯେଉଁମାନେ ସମଧିକ ଶକ୍ତିଶାଳୀ ସେମାନେ ଏ ଧାମ ଭରି ନ ଯିବା ଦ୍ୱାରା ଓଡ଼ିଆ ସାହିତ୍ୟ ଦରିଦ୍ର ହୋଇ ଅଛି । ମୋ ସମସାମୟିକ କବିମାନଙ୍କ ମଧ୍ୟରେ ଓ ମୋ ଉତ୍ତର ପୁରୁଷମାନଙ୍କ ମଧ୍ୟରେ ମୋ ଠାରୁ ନିଶ୍ଚୟ ଅଧିକ ଶକ୍ତିଶାଳୀ କବି ଅଛନ୍ତି । ସେମାନେ ଯଦି ଟିକିଏ ଜାତୀୟ ଭାବରେ ଉଦ୍‌ବୁଦ୍ଧ ହୁଅନ୍ତେ ତାହାହେଲେ କଳିଙ୍ଗ ଭାରତୀଙ୍କ ବିଶ୍ୱ ବିମୋହିନୀ ବିପଞ୍ଚୀରେ ଅବଶ୍ୟ ତା ଲୁପ୍ତ ତାର ସଂଯୋଜିତ ହୁଅନ୍ତା ଏବଂ ଉତ୍କଳରେ ଦବ୍ୟାଳଙ୍କର ଭୂଷିତା ଲଳିତ ଝଙ୍କାରମୟୀ କବିତାର ପୁନରାବିର୍ଭବ ଫଳରେ ସିନେମା ଓ ଥିଏଟରମାନଙ୍କ ପ୍ରସୂତ ଲଘୁ ସଂଗୀତାବଳି ଯାହା କି ଉତ୍କଳୀୟ ଜାତୀୟ ଜୀବନକୁ କ୍ରମାଗତ ଭାବରେ କଳୁଷିତ କରୁଅଛି ଧୀରେ ଧୀରେ ଲୋପ ପାଇଥାନ୍ତା । ମୋର ଶେଷ ନିଶ୍ୱାସ ପ୍ରବାହିତ ହେଉଥିବା ପର୍ଯ୍ୟନ୍ତ ମୋ ଲେଖନୀ ଏହି ଜାତୀୟ-ଆଶାର ପରିପୂର୍ତ୍ତି ନିମନ୍ତେ ଅନବରତ ଚାଳିତ ହେଉଥିବ । ନୂତନ ସୌନ୍ଦର୍ଯ୍ୟ ଗ୍ରହଣରେ ମୁଁ ଅପକ୍ଷପାତୀ ନୁହେଁ; କିନ୍ତୁ ସେଥି ନିମନ୍ତେ ମୋ ଜାତିର କମନୀୟ ପରମ୍ପରା ତ୍ୟାଗ କରିବାକୁ ମୁଁ ଅକ୍ଷମ ।

ପିତା ମାତାଙ୍କ ତଥା ଗୁରୁ ଦେବଲେ ସେ ଦୁହିଁଙ୍କ ତଳକୁ ଏ ଗ୍ରନ୍ଥ ପ୍ରକାଶ ଦେଖି ସେ ସବୁଠୁଁ ବେଶି ଉଲ୍ଲସିତ ହୋଇଥାନ୍ତେ ସେ ଆଜ ଇହଧାମରେ ନାହାନ୍ତି। ସେ ହେଉଛନ୍ତି ମୋର ପରମହିତାକାଙ୍କ୍ଷୀ ସୁହୃଦ୍ ଅଧ୍ୟାପକ ଶ୍ରୀ ଲକ୍ଷ୍ମୀକାନ୍ତ ଚୌଧୁରୀ। ଅନ୍ୟତମ ପରମହିତୈଷୀ ପିତୃକଳ୍ପ ସାହିତ୍ୟଭୂଷଣ ରାୟ ବାହାଦୁର ଶ୍ରୀ ଗୋପାଳ ଚନ୍ଦ୍ର ପ୍ରହରାଜ ମଧ୍ୟ ସ୍ୱର୍ଗାରୋହଣ କରି ଅଛନ୍ତି। ମୋତେ ବୋଧ ହେଉଅଛି ମୋର ଏହି ସ୍ୱର୍ଗତ ଗୁରୁଜନମାନେ ମୋ ଭଳି ଜୀବନର ଲକ୍ଷ୍ୟ ପୂର୍ଣ୍ଣ କାମନା କରି ମୋତେ ସେ ପୁରରେ କଲ୍ୟାଣ କରୁ ଅଛନ୍ତି। ସ୍ୱର୍ଗତ ପ୍ରହରାଜଙ୍କ ଲିଖିତ ଅନୁକ୍ରମଣିକା ଏ ଗ୍ରନ୍ଥର ଗୌରବ ବୃଦ୍ଧି କରୁଅଛି।

ମୋର ଜୀବିତ ହିତାକାଙ୍କ୍ଷୀ ଗୁରୁଜନମାନେ ସମସ୍ତେ ଅଙ୍କ କବିତାକୁସୁମର ପ୍ରକାଶ ଦେଖି ଆନନ୍ଦିତ। ସେମାନଙ୍କ ମଧ୍ୟରୁ ମୋ ଗୁରୁଦେବ ରାୟ ବାହାଦୁର ଶ୍ରୀ ଅର୍ତ୍ତବଲ୍ଲଭ ମହାନ୍ତି ଏଥିର ମୁଖବନ୍ଧ ଲେଖି ଏବଂ ଅନ୍ୟାନ୍ୟମାନେ ମୋତେ ଆଶୀର୍ବାଣୀ ଦେଇ କୃତାର୍ଥ କରି ଅଛନ୍ତି।

ନୀରବ ସାରସ୍ୱତ ସାଧକ ଶ୍ରଦ୍ଧେୟ ବନ୍ଧୁ ମାନ୍ୟବର ଶ୍ରୀ ହରେକୃଷ୍ଣ ମହତାବ ଏ ଗ୍ରନ୍ଥର ଉତ୍ସର୍ଗପତ୍ର ଗ୍ରହଣ କରି ଓ ଏ ଗ୍ରନ୍ଥ ସହିତ ତାଙ୍କ ମହନୀୟ ନାମକୁ ସଂଶ୍ଳିଷ୍ଟ କରିବାର ସୁଯୋଗ ଦେଇ ମୋତେ ବାଧିତ ଓ ଅନୁଗୃହୀତ କରିଅଛନ୍ତି।

କବିତା କୁସୁମର କବିତାମାନଙ୍କୁ ବାଛି ଏକତ୍ର କରିବାରେ ଓ ସଜାଇବାରେ ଉତ୍କଳର ଉଦୀୟମାନ ଲିପିଶିଳ୍ପୀ ଶ୍ରୀମାନ ହୃଦାନନ୍ଦ ରାୟ ଓ ଗୋପବନ୍ଧୁ ରଥ ଏବଂ ଉଦୟମାନ ରୂପଶିଳ୍ପୀ

ଶ୍ରୀମାନ୍ କିଶୋର ମୋହନ ପରିଡ଼ା ବହୁତ ଶ୍ରମ କରିଅଛନ୍ତି । ସେମାନଙ୍କୁ ମୁଁ ଆଶୀର୍ବାଦ କରୁଅଛି ।

"କଳିଙ୍ଗ ଭାରତୀ ସେବକ ଗୋଷ୍ଠୀ" ମୋ ଜୀବନ ଗାଥା ସଂକ୍ଷିପ୍ତ କରି ତହିଁର ପ୍ରକାଶ ନିମନ୍ତେ ସଜନଙ୍କ ଅନୁରୋଧ କରିବାରୁ ତାହା ଗ୍ରନ୍ଥରେ ସନ୍ନିବେଶିତ ହୋଇଅଛି ।

କବିତା କୁମୁଦର ବହୁତ ଗୀତକୁ କଣ୍ଠରେ ଫୁଟାଇ ରୂପ ଦେଇ ଅଛନ୍ତି କଟକଜିଲାର ପ୍ରସିଦ୍ଧ ଗାୟକ ଶ୍ରୀ ଉପେନ୍ଦ୍ର ତ୍ରିପାଠୀ, ସିଂହାସନ ଶ୍ରୀ ଶ୍ୟାମ ସୁନ୍ଦର କର, ଶ୍ରୀ ଦୁର୍ଲ୍ଲଭ ଚନ୍ଦ୍ର ସିଂହ ଓ ଶ୍ରୀ ବାଲକୃଷ୍ଣ ଦାସ । ଶ୍ରୀ ଉପେନ୍ଦ୍ର ତ୍ରିପାଠୀ ବିଶେଷ ଭାବରେ ମୋ ଗାନ ମାନଙ୍କର ଅନୁରାଗୀ । ସେ ଏ ଗାନ ମାନଙ୍କର ସ୍ୱରଲିପି ତିଆରି କରୁ ଅଛନ୍ତି । ମୁଁ ଏ ସମସ୍ତଙ୍କ ନିକଟରେ ଓ ବିଶେଷ କରି ଶ୍ରୀ ତ୍ରିପାଠୀଙ୍କ ନିକଟରେ ଋଣୀ ।

ବ୍ରଜବାସୀ ବାବାଜୀ ଶ୍ରୀ ବୈଷ୍ଣବ ଚରଣ ଦାସଙ୍କ ତାଲିମ ଶ୍ରୀମାନ୍ ବଳରାମ ସାହୁ ମଧ୍ୟ ଏ ଗ୍ରନ୍ଥର ଅନେକ ପ୍ରସିଦ୍ଧ ଗାନର ଗାୟକ ।

ସର୍ବ ପ୍ରଥମେ ବନ୍ଧୁ ସାରସ୍ୱତ ଜନ୍ମବ୍ରତର ଏ ଗ୍ରନ୍ଥର ଅନେକ ବନ୍ଦନା ଗାନ ଶ୍ରୀମତୀ ସରସ୍ୱତୀ ଚଉଧୁରୀ ଗାନ

କରିଥିଲେ । ତାଙ୍କ ପଛକୁ ମନେ ପଡ଼େ ଶ୍ରୀମତୀ ସଂଯୁକ୍ତା ଦେବୀ, ବଦ୍ୟୁଲ୍ଲତା ଦେବୀ, ବୀଣାପାଣି ଦେବୀ, ସରସ୍ୱତୀ ଦେବୀ ଓ ଗୌରୀ ଦେବୀ ପ୍ରଭୃତି ବହୁ ବାଳିକାଙ୍କ ନାମ । ପ୍ରଭୁ ସେ ସମସ୍ତଙ୍କୁ ସୌଭାଗ୍ୟବତୀ କରନ୍ତୁ । ଏହି ଆଶୀର୍ବାଦ କରି ମୁଁ ସେମାନଙ୍କ ଅଭିଭାବକମାନଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରୁଅଛି ।

ଜୟ ମା କଳିଙ୍ଗ-ଭାରତୀ

କଳିଙ୍ଗ-ଭାରତୀ, କଟକ ୩।୭।୪୭ }

ବିନୀତ ନିବେଦକ
ଶ୍ରୀ ଚିନ୍ତାମଣି ଚରଣ ପଟ୍ଟନାୟକ

# ଅନୁକ୍ରମଣିକା

ପ୍ରାଚୀନ ଯୁଗର ଶେଷ ଶ୍ରେଷ୍ଠକବି କବିସୂର୍ଯ୍ୟ ଓ ଗୋପାଳ କୃଷ୍ଣଙ୍କ ପରେ ପ୍ରାଚୀନ ଶୈଳୀବିଶିଷ୍ଟ ଛନ୍ଦୋମୟ କବିତା ଓଡ଼ିଆ ସାହିତ୍ୟରୁ ଲୋପ ପାଇଥିଲା । ଆଧୁନିକ ଯୁଗର କବିମାନେ ପ୍ରାଚୀନ ରୀତିର ଶବ୍ଦ ଯୋଜନା ଓ ଛନ୍ଦୋବନ୍ଧ ତ୍ୟାଗ କରିବା ଯୋଗୁଁ ଓଡ଼ିଆ କବିତା ସାହିତ୍ୟରେ ଗୋଟିଏ ଅସ୍ପୃହଣୀୟ ପରମ୍ପରାଚ୍ଛେଦ ଘଟିଥିଲା । ଏଥି ପାଇଁ ପ୍ରାଚୀନ ଯୁଗ ଓ ନବଯୁଗ କବିତା ମଧ୍ୟରେ ଯୋଗ ଘଟାଇବା ନିମନ୍ତେ ସେତୁ ନିର୍ମାଣର ପ୍ରୟୋଜନୀୟତା ବହୁକାଳ ହେଲା ଅନୁଭୂତ ହେଉଥିଲେ ସୁଦ୍ଧା ଉପଯୁକ୍ତ ପ୍ରତିଭାଶାଳୀ ବ୍ୟକ୍ତିଙ୍କ ଅଭାବରୁ ଏହା କାର୍ଯ୍ୟରେ ପରିଣତ ହୋଇ ପାରୁ ନ ଥିଲା । ଏ ଯୁଗର ଉଚ୍ଚ ଶିକ୍ଷିତ ଇଂରାଜୀ-ସାହିତ୍ୟ-ବିଶାରଦ ବ୍ୟକ୍ତିମାନଙ୍କ ମଧ୍ୟରେ ଶ୍ରୀମାନ୍ ବିଚ୍ଛନ୍ଦ ଚରଣଙ୍କର ପ୍ରାଚୀନ ସାହିତ୍ୟ ପ୍ରତି ଅନୁରାଗ ଅସାଧାରଣ । ଇଂରାଜୀ 'ପ୍ରାଚୀ' ପତ୍ରିକାର ସୁଦକ୍ଷ ସମ୍ପାଦକ ଓ ପ୍ରାଚୀନ ଓଡ଼ିଆ କାବ୍ୟ ସାହିତ୍ୟର ଧୂରନ୍ଧର ଅନୁବାଦକ ରୂପେ ତାଙ୍କ ଯଶ ଓଡ଼ିଶା ସୀମା ଡାହିଁ ଭାରତର ସୀମାକୁ ମଧ୍ୟ ଟପି ଯାଇଅଛି । ଗତ ଦଶ ବାର ବର୍ଷ ହେଲା ଉତ୍କଳର ମୁଖ୍ୟ ବାଣୀ ପୀଠ ଉତ୍କଳ ସାହିତ୍ୟ ସମାଜର ଜରିଆରେ ଦେଶର ରୁଚିକୁ ବଦଳାଇ ପ୍ରାଚୀନ ପଦ୍ୟ ରଚନା ଶୈଳୀକୁ ପୁନର୍ବାର ଦୃଢ଼ ରୂପେ ପ୍ରତିଷ୍ଠା କରିବା ପାଇଁ ଶ୍ରୀମାନ ବିଚ୍ଛନ୍ଦ ଚରଣ ତାଙ୍କ ବଳିଷ୍ଠ ଲେଖନୀ ଚାଳନା କରୁ ଅଛନ୍ତି ।

ପ୍ରାଚୀନ ଶୈଳୀରେ ସେ ତାଙ୍କ ନିଜ ଜୀବନର ଘଟଣାମାନଙ୍କ ସମ୍ପର୍କରେ ଓ ଅନ୍ୟାନ୍ୟ ପ୍ରସଙ୍ଗରେ ବହୁ କବିତା ଲେଖିଅଛନ୍ତି । ଏଥି ମଧ୍ୟରୁ ଶହେ ଏକ (୧୦୧) ଗୋଟି କବିତା ସଂଗ୍ରହ କରି 'କବିତା କୁମୁଦ' ନାମରେ ସେ ପ୍ରକାଶ କରିବାକୁ ଅଗ୍ରସର ହୋଇ ଅଛନ୍ତି । ଏ ସବୁ କବିତାରେ ପ୍ରାଚୀନ ଯୁଗର ମଧୁମୟ ଝଂକାର ଅମ୍ଭମାନଙ୍କ କର୍ଣ୍ଣରେ ପଡ଼ିଥାଏ ଏବଂ ଏହି ଅସାଧାରଣ ପ୍ରତିଭାଶାଳୀ କବିଙ୍କ ଦ୍ୱାରା ଉତ୍କଳ ଭାରତୀଙ୍କ ବୀଣାରେ ପ୍ରାଚୀନ ଯୁଗର ସ୍ମୃତି ତାର ସଂଯୋଜିତ ହେଲା ବୋଲି ଅମ୍ଭମାନଙ୍କର ପ୍ରତୀତ ହୋଇ ଥାଏ । ନବୀନ ଯୁଗୋପଯୋଗୀ ଭାବର ବାହକ ଭବ ଉତ୍କଳ ଭାରତୀଙ୍କ କୃପାସିକ୍ତ ଏହି କବି ଏହାଙ୍କ କବିତାମାନଙ୍କରେ ବହୁସଂଖ୍ୟକ ପ୍ରାଚୀନ ସ୍ୱର୍ଣ୍ଣ ସରଣୀକୁ ପୁନରୁଜ୍ଜୀବିତ କରିଅଛନ୍ତି । ବିଶେଷତଃ ଦେଶପ୍ରୀତି ଓ ପ୍ରେମ କବିତାରେ ଏହାଙ୍କ ରସାଳ ହୃଦୟର ପ୍ରକୃଷ୍ଟ ଅଭିବ୍ୟକ୍ତି ପରିଲକ୍ଷିତ ହୋଇ ଅଛି । ପ୍ରାଚୀନ କାବ୍ୟ ସାହିତ୍ୟର ଅନୁପମ ରସାଣରେ ରସାଣିତ ହୋଇ ଶ୍ରୀମାନ ବିଚ୍ଛନ୍ଦ ଚରଣଙ୍କ କବିତା ବିବିଧ ବେଶ-ମଞ୍ଜୁଳା ବରବଧୂ ରୂପେ ଜନମନ ହରଣ କରୁଅଛି; ଏ ଯୁଗର ଅନ୍ୟ କୌଣସି ପ୍ରତିଭାଶାଳୀ କବିଙ୍କ କବିତା ଏହା କରୁଅଛି ବୋଲି ମୋର ମନେ ହେଉ ନାହିଁ । ସଂସ୍କୃତ କବି ଯଥାର୍ଥରେ କହିଛନ୍ତି ।

ତସ୍ୟା କବିତସ୍ୟା କିଂବା ତସ୍ୟା ବନିତସ୍ୟା ତଥା
ପଦବିନ୍ୟାସ ମାତ୍ରେଣ ଯସ୍ୟା ନାପହୃତଂ ମନଃ ।

ପ୍ରାଚୀନକୁ ଭିତ୍ତି କରି ନବୀନ ଯୁଗ ସଙ୍ଗେ ପଦ ପକାଇ କବିତା ରାଜ୍ୟରେ ନୂଆ ପର୍ଯ୍ୟାୟ ପ୍ରବର୍ତ୍ତନ କରିବାରେ ଶ୍ରୀମାନ୍

ସ୍ୱଚ୍ଛନ୍ଦ ଚରଣ ଯେ ଅପ୍ରତିଦ୍ୱନ୍ଦ୍ୱୀ ସ୍ଥାନ ଅଧିକାର କରିଛନ୍ତି ଏହା ମୁଁ ଦୃଢ଼ତା ସହକାରେ କହିପାରେ ।

ଯେଉଁ କେତୋଟି ଇଂରାଜୀ କବିତାର ଅନୁବାଦ ଏ ସଂଗ୍ରହରେ ସ୍ଥାନ ପାଇଅଛି ସ୍ୱାଭାବିକତାରେ ସେମାନ ମୂଳ କବିତାମାନଙ୍କୁ ଟପି ଯାଇଛି ବୋଲି ମୁଁ ଅନୁଭବ କରୁଅଛି । ଏ ସଂଗ୍ରହରେ ବୀର, ବାତ୍ସଲ୍ୟ, ଶୃଙ୍ଗାର ପ୍ରଭୃତି ବହୁ ରସର ଅବତାରଣା କରି ହୋଇ ଅଛି । କି ଭାଷା, କି କଳ୍ପନା, କି ଝଙ୍କାର, କି ସ୍ୱାଭାବିକ ମାଧୁରିମା ସବୁ ଦିଗରୁ ଏ କବିତା ସଂଗ୍ରହ ଅତୁଳନୀୟ ହୋଇଅଛି ।

ଭାଷାକୋଷଅଶ୍ରମ
କଟକ ୧ । ୪ । ୧୯୪୫

**ଗୋପାଳଚନ୍ଦ୍ର ପ୍ରହରାଜ**
ସାହିତ୍ୟଭୂଷଣ,
ରାୟ ବାହାଦୁର, କାଇଜର-ଇ-ହିନ୍ଦ,

# ଆଶୀର୍ବାଦ

ମାନ୍ୟବର ପଣ୍ଡିତ

## ଶ୍ରୀଯୁକ୍ତ ଲିଙ୍ଗରାଜ ମିଶ୍ର, ଏମ, ଏ,

"ସୁଲେଖକ ଏବଂ ସୁକବି ଭାବରେ ବିଚ୍ଛନ୍ଦ ବାବୁ ଉତ୍କଳର ସାହିତ୍ୟ କ୍ଷେତ୍ରରେ ବହୁଦିନରୁ ପରିଚିତ । ତାଙ୍କ ଦୀର୍ଘ ସାହିତ୍ୟିକ ଜୀବନ ମଧ୍ୟରେ ଯେତେଗୁଡ଼ିଏ କ୍ଷୁଦ୍ର କବିତା ଲେଖିଛନ୍ତି ସେଥି ମଧ୍ୟରୁ ବଛି ବଛି ୧୦୧ ଗୋଟି କବିତା ସଙ୍କଳିତ କରି ସେ ଯେଉଁ 'କବିତା-କୁମୁଦ' ପୁସ୍ତକଟି ପ୍ରକାଶିତ କରୁଅଛନ୍ତି ତାହାଁର ଛପା ପାଣ୍ଡୁଲିପିଟି ମୋଟାମୋଟି ଭାବରେ ପାଠକରି ମୁଁ ବିଶେଷ ଆପ୍ୟାୟିତ ହୋଇଅଛି । ଉତ୍କଳର ପାଠକ ପାଠିକାବୃନ୍ଦଙ୍କ ଦ୍ୱାରା ପୁସ୍ତକଟି ଉପଯୁକ୍ତ ଆଦର ଲାଭ କରିବ ବୋଲି ଆଶା କରେ ।ଇତି।"

## ଶ୍ରୀଯୁକ୍ତ ଲକ୍ଷ୍ମୀନାରାୟଣ ସାହୁ ଏମ୍. ଏ, ଏମ୍. ଏଲ୍.ଏ,

ଶ୍ରୀ ବିଚ୍ଛନ୍ଦଚରଣ ପଟ୍ଟନାୟକ ଏହି କବିତାଗୁଡ଼ିକ ଲେଖିଛନ୍ତି; କବିତା କାହିଁକି ? ସଙ୍ଗୀତ ଗୁଡ଼ିକ ଲେଖିଅଛନ୍ତି ପ୍ରାଚୀନ ରୀତିର ସରଣୀରେ ଚାଲି ।

ପରଂପରା ତ୍ୟାଗ କରି ଦିକ୍‌ଶୂନ୍ୟ ହୋଇ ଯେଉଁମାନେ ଉତ୍କଳ ସାହିତ୍ୟକୁ ଅନିର୍ଦ୍ଦିଷ୍ଟ ପଥରେ ନେଇ ଯାଉଥିଲେ ସେମାନଙ୍କର ଗତି ଫେରାଇବାପାଇଁ ବିଚ୍ଛନ୍ଦ ପ୍ରାଣପଣ ପ୍ରତିଜ୍ଞା କରି ଆଜି ଯଶସ୍ୱୀ ହୋଇଅଛନ୍ତି ।

ଜୀବନର ଉତ୍ସ, ଜାତିର ଉତ୍ସ, ସାହିତ୍ୟର ଉତ୍ସ ଅନେକ ଗଭୀରରେ ଅଛି । ସେହି ଗଭୀରତା ଅନୁଭବ କରିବାକୁ ହେଲେ, ତାକୁ ଛୁଇଁବାକୁ ହେଲେ ଭିତରକୁ ପ୍ରବେଶ କରିବାକୁ ହେବ ଏବଂ ସେହିଠାରୁ ଯେଉଁ ସ୍ରୋତ ବାହାରୁଅଛି ତାକୁ ଧରି ସାହିତ୍ୟ ରଚିବାକୁ ହେବ । ତାହାହେଲେ ସାହିତ୍ୟର ମନୋଭାବ, ଜାତିର ମନୋଭାବ ଠିକ ଧରି ହେବ ।

ଶ୍ରୀ ବଚ୍ଛନ୍ଦଚରଣ ପ୍ରାଚୀନ ପଦ୍ଧତିକୁ ଅନୁସରଣ କରିଅଛନ୍ତି ସେଥିପାଇଁ—ଏକାଧାରରେ ସହସ୍ର ସହସ୍ର ବର୍ଷର ସଞ୍ଚିତ ଭାବଧାରା ଜାତି ନିକଟରେ ଥୋଇବାପାଇଁ । ମୁଁ ଏଥିପାଇଁ ଶ୍ରୀ ବଚ୍ଛନ୍ଦଚରଣଙ୍କୁ ପ୍ରଶଂସା କରେଁ ।

ଆମର ଗୌରବ, ଆମ ସାହିତ୍ୟ ବିକାଶର ଭଙ୍ଗୀ ଯେଉଁ ପଥରେ ଜଗତରେ ପ୍ରକାଶିତ ହୋଇଅଛି ସେହି ପଥହିଁ ଆମମାନଙ୍କର ଶ୍ରେଷ୍ଠ ଅବଦାନ । ସେହି ଅବଦାନ ଆମେ ପରମ୍ପରା ସୂତ୍ରରେ ପାଇଅଛୁଁ—ତାକୁ ହରାଇବା ଅର୍ଥ ନାବାଳକ ହୋଇ ପିତୃପିତାମହର ସମ୍ପତ୍ତି ନୋକସାନ କରିବା । ମୁଁ ଶ୍ରୀ ବଚ୍ଛନ୍ଦଚରଣଙ୍କୁ ପ୍ରଶଂସା କରେଁ ଯେ ଧ୍ରୁବ ତାରକୁ ଲକ୍ଷ୍ୟ ଧରି ଚାଲିବାପାଇଁ ସେ ସ୍ଥିର କରିଅଛନ୍ତି, ସମସାମୟିକ ଅନ୍ୟାନ୍ୟଙ୍କୁ ସନ୍ଧୁଦାୟୁ ବିନତ କରିଅଛନ୍ତି ଏବଂ ଆସନ୍ତା ବଂଶଧର ଯୁବକମାନଙ୍କୁ ସେହି ପଥରେ ଅନୁଗମନ କରିବାପାଇଁ ଉତ୍ସାହ ଦେଇଅଛନ୍ତି ।

## ରାୟବାହାଦୁର ଶ୍ରୀଯୁକ୍ତ ଚିନ୍ତାମଣି ଆଚାର୍ଯ୍ୟ

ଏମ୍. ଏ., ବି. ଏଲ୍.

ଶ୍ରୀମାନ୍ ବିଚ୍ଛନ୍ଦଚରଣ ପଟ୍ଟନାୟକ, ବି. ଏ., ବି. ଏଲ୍.ଙ୍କ ପ୍ରଣୀତ କବିତା କୁମୁଦରେ ପ୍ରକାଶିତ ଅନେକ କବିତା ବିଭିନ୍ନ ସଭା ସମିତିରେ ବୋଲା ହେଲାବେଳେ ଶୁଣିଥିଲି । ବର୍ତ୍ତମାନ ସେଗୁଡ଼ିକ ଏକତ୍ରିତ କରି ପୁସ୍ତକାକାରରେ ପ୍ରକାଶ କରିବାର ଉଦ୍ୟମ ଦେଖି ଆନନ୍ଦିତ ହେଲି । ଏ କବିତାମାନଙ୍କ ମଧ୍ୟରୁ "ଶକୁନ୍ତଳାଙ୍କ ପତିଗୃହ ଯାତ୍ରା" କବିତାଟି ମୁଁ ଉତ୍କଳ ବିଶ୍ୱବିଦ୍ୟାଳୟରୁ ମାଟ୍ରିକୁ୍ୟଲେଶନ ପରୀକ୍ଷାର୍ଥୀଙ୍କ ପାଇଁ ପ୍ରକାଶିତ "କବିତା ପ୍ରବେଶ"ରେ ଦେଇଅଛି । ବିଚ୍ଛନ୍ଦଚରଣଙ୍କର ସାହିତ୍ୟସେବା ଓ ନିଷ୍ଠା ସମ୍ବନ୍ଧେ ଲେଖି ତାଙ୍କୁ ପରିଚିତ କରାଇବାର ଆବଶ୍ୟକତା ନାହିଁ । ତାଙ୍କର ବିଭିନ୍ନ ଲେଖାଦ୍ୱାରା ସେ ସୁପରିଚିତ । ଏ ପୁସ୍ତକରେ ପ୍ରାଚୀନ ଓଡ଼ିଆ ସାହିତ୍ୟକୁ ଅନୁକରଣ କରି ନୂତନ-ଯୁଗର ଭାବକୁ ପ୍ରାଚୀନ ଯୁଗର ସାହିତ୍ୟ ଛାଞ୍ଚରେ ଢାଳି ସେ ଗୋଟିଏ ବିଶେଷତ୍ୱର ଆଦର୍ଶ ଦେଖାଇ ଅଛନ୍ତି । ତାଙ୍କର ସାହିତ୍ୟିକ ଲେଖନୀ ଉପରେ ଫୁଲଚନ୍ଦନ ପଡ଼ୁ ବୋଲି ମୁଁ କାମନା କରୁ ଅଛି ।

---

## ରାୟବାହାଦୁର ଶ୍ରୀଯୁକ୍ତ ବିପିନ ବିହାରୀ ରାୟ

ଏମ୍, ଏ,

ବିଚ୍ଛନ୍ଦବାବୁ ମୋର ସ୍ନେହବନ୍ଧୁ । ତେଣୁ 'କବିତା କୁମୁଦ' ମୋ ହୃଦୟରେ ଆନନ୍ଦ ଘଟାଇବା ସ୍ୱାଭାବିକ । ସ୍ନେହର ଦୃଷ୍ଟିରେ ସାଥୀ ମଧ୍ୟ ଗୌରବ ଅନୁଭବ କରିଥାଏ । କିନ୍ତୁ କେବଳ ଏହି କାରଣରୁ ନୁହେଁ; କବିତା କୁମୁଦରେ ପୁରାତନ ଓ ନୂତନ ଛନ୍ଦ ଉଭୟ ନିବଦ୍ଧ ଥିବାରୁ, ଗୀତ ଗୁଡ଼ିକ ନାନା ବିଷୟ ବସ୍ତୁ ଦେଇ

ରଚିତ ହୋଇ ବିଭିନ୍ନ ରସ ଉତ୍ପାଦନ ସଂଘଠନରେ ଉପଯୁକ୍ତ ସାହାଯ୍ୟ ଦେଇ ବ୍ୟବହାର ପଟୁ ପକ୍ଷରେ ଯାହା ଯେପରି ହେବାର କଥା ତାହା ସେହିପରି ହୋଇ ପାରିଥିବାରୁ ମୋ ନିକଟରେ ଆଦରଣୀୟ । ମୋର ବିଶ୍ୱାସ ଅନ୍ୟମାନଙ୍କ ନିକଟରେ ମିଧ ଆଦର ପାଇବ । ଏକ ଦିଗରେ "ଅଗ୍ରଜନ୍ମ ହରିହର" "ପିଲାଙ୍କ ଉତ୍କଳମଣି" ( ଗୋପବନ୍ଧୁ ) ଓ "ଗୌରୀଶଙ୍କର" ଅନ୍ୟ ଦିଗରେ "ଗୋପାଳକୃଷ୍ଣ" "ରାଧାନାଥ" ଓ "ରବୀନ୍ଦ୍ରନାଥ" ଏକପକ୍ଷରେ "ମାଆ" ରେ ଉତ୍କଳପ୍ରୀତି ଅନ୍ୟପକ୍ଷରେ "ମହାତ୍ମାଜୀ"ରେ ବିଶ୍ୱ-ପ୍ରୀତି କବିତା କୁମୁଦରେ ଏକାଧାରରେ ସନ୍ନିବିଷ୍ଟ ।

ଶ୍ରୀମାନ୍ ବିଚ୍ଛନ୍ଦଚରଣଙ୍କ କଥା ଏତ ନ ପାରି ମୋର ବ୍ୟକ୍ତି-ଗତ ଅନୁଭୂତି ଏଇତକ ଭାଷାରେ ଲେଖିଲି । କିନ୍ତୁ "କବିତା-କୁମୁଦ" ଘଟିତ ରସମାଧୁର୍ଯ୍ୟର ମୁଁ ଉପଯୁକ୍ତ ଗ୍ରାହକ ବା ପରୀକ୍ଷକ ନୁହେ । ସେଥିପାଇଁ ବିଚ୍ଛନ୍ଦଚରଣଙ୍କୁ ଅନ୍ୟ ଲେଖକଙ୍କ ନିକଟ ଯିବାକୁ ହେବ । ସାଧାରଣ ଭାବରେ ଯାହା କିଛି ଆସ୍ୱାଦନ ପାଇଛି ସେତକ ମାତ୍ର ପ୍ରକାଶ କରିଛି । ଶେଷରେ କହିବା ଉଚିତ ଦର୍ଶନ ଦୃଷ୍ଟିରୁ "ସେ ତ ସ୍ୱଦେଶ ମୋହର"ରେ କବିତା କୁମୁଦ ଯେଉଁ ଆଦର୍ଶ ଆମ୍ଭମାନଙ୍କ ସମ୍ମୁଖରେ ଉନ୍ମୁକ୍ତ ରଖିଅଛି ସେହି ଆଦର୍ଶରେ ଦେଶବାସୀ ଉଦ୍‌ବୁଦ୍ଧ ହୁଅନ୍ତୁ । ଏହାହିଁ ମୋର କାମନା ।

"ନର ଦେହ ଯାର କେତେ ସୁତ ସୁତା
ଚରିତ୍ର ବଳରେ ହେଲେ ସାକ୍ଷାତ ଦେବତା
ସେ ତ ସ୍ୱଦେଶ ମୋହର
ଧରଣୀର ମଥାମଣି ଗୌରବର ଘର ।"

# ଶ୍ରୀଯୁକ୍ତ ଶଶିଭୂଷଣ ରାୟ

ଶ୍ରୀଯୁକ୍ତ ବାବୁ ବିଚ୍ଛନ୍ଦଚରଣ ପଟ୍ଟନାୟକ ବି. ଏଲ୍. ମହୋଦୟ ଓଡ଼ିଆ ସଙ୍ଗୀତ ରଚନାରେ ଯେଉଁ ଅପୂର୍ବ ପାଟବ ପ୍ରଦର୍ଶନ କରିଅଛନ୍ତି ତାହା ବର୍ତ୍ତମାନ ଯୁଗରେ ଅତୁଳନୀୟ । ତାହାଙ୍କ ଗୀତ ସମୂହର ଭାଷାରେ ଯେଉଁ ଗୌରବଶ୍ରୀ ରହିଅଛି ଏ ଭଳି ପ୍ରାଣସ୍ପର୍ଶୀ ଗୀତ ସମୂହର ଏ ଯୁଗରେ ଆବିର୍ଭାବ ସେହି ଗୌରବଶ୍ରୀ ପ୍ରକାଶର ସଂପୂର୍ଣ୍ଣ ଅଧିକାରୀ । 'ଉତ୍କଳ ଚନ୍ଦ୍ରାମଣି ଚଉତିଶା' 'ବିରହ ବାରମାସୀ' 'ମଞ୍ଜୁଳା ମାଧବ' 'ଶସ୍ୟଶ୍ୟାମା' 'ଆଉ କାମନା ନାହିଁ' ପ୍ରଭୃତି ସଂଗୀତ ସମୂହରେ ଯେଉଁ ଲିପି ଚାତୁର୍ଯ୍ୟ ସହିତ ଭାବମାଧୁର୍ଯ୍ୟ ସଂଯୁକ୍ତ ହୋଇଅଛି ତାହା ଏ ଯୁଗରେ ସ୍ୱପ୍ନବିଶେଷ । ତାହାଙ୍କ ଗୀତ ସମୂହର ରଚନା କୌଶଳ ଓ ରସ-ମାଧୁର୍ଯ୍ୟ ଉପଲବ୍ଧି କଲେ ସ୍ପଷ୍ଟ ପ୍ରତୀତ ହେବ ଯେ ଏଗୁଡ଼ିକ ପ୍ରକୃତ ଅନ୍ତରଙ୍ଗତା ସହିତ ରଚିତ । ତାହାଙ୍କର ଗୀତସମୂହର ବିଶେଷତ୍ୱ ଏହି ଯେ ସେହି ଗୀତସମୂହ କାନରେ ପଶି ମର୍ମକୁ ଆଘାତ କରେ ଏବଂ ତହିଁରେ ପ୍ରାଣ ଆକୁଳ ହୁଏ । ତାହାଙ୍କର ଲେଖନୀ ସର୍ବଦା ଜୟଯୁକ୍ତ ହେଉ ଏହାହିଁ ଐକାନ୍ତିକ କାମନା ।

# ଶ୍ରୀଯୁକ୍ତ ଗିରିଜାଶଙ୍କର ରାୟ ଏମ୍.ଏ ବି.ଏଲ୍

କିଛିଦିନ ପୂର୍ବେ ଶ୍ରୀବିଚ୍ଛନ୍ଦଚରଣ ପଟ୍ଟନାୟକଙ୍କ କବିତା-କୁସୁମ ଦେଖିବାର ସୌଭାଗ୍ୟ ମୋହର ହୋଇଥିଲା । ସାହିତ୍ୟରେ କବିତାର ସ୍ଥାନ ଅତି ଉଚ୍ଚରେ । ମାତ୍ର କବିତାର ସୌନ୍ଦର୍ଯ୍ୟ

କେବଳ ଉପଭୋଗ କରାଯାଇ ପାରେ; ତାକୁ ବିଶ୍ଳେଷଣ କରିବାର ଚେଷ୍ଟା ବୃଥା, * * କବି ପ୍ରାଚୀନ ଓଡ଼ିଆ ସାହିତ୍ୟର ଅନୁରାଗୀ ଭକ୍ତ। ପ୍ରାଚୀନ ଛନ୍ଦମାନଙ୍କର ମାଧୁର୍ଯ୍ୟ ସେ ସମ୍ପୂର୍ଣ୍ଣ ଭାବରେ ଉପଭୋଗ କରି ପାରି ଅଛନ୍ତି। ପ୍ରାଚୀନ ଓଡ଼ିଆ ସାହିତ୍ୟର ଭାବ-ସମ୍ପଦ ଓ ଭାଷା ବୈଭବ ତାଙ୍କ ଲେଖାକୁ ପ୍ରଭାବିତ କରିଅଛି। ଏହି କାରଣରୁ ତାଙ୍କ କବିତାମାନଙ୍କରେ ଗୋଟିଏ ଅନ୍ତର୍ନିହିତ ସୌନ୍ଦର୍ଯ୍ୟ ଓ ସରସତା ଅଛି ଯାହା କି ସାଧାରଣ ଆଧୁନିକ ଓଡ଼ିଆ କବିତାରେ ବିରଳ।

ଓଡ଼ିଆ କବିତାର ଗତି ଆଲୋଚନା କଲେ ଆମ୍ଭେମାନେ ଦେଖୁଁ ଯେ ରାଧାନାଥ ଓଡ଼ିଆ ସାହିତ୍ୟକୁ ଯେଉଁ ଆକାରରେ ଗଠିତ କରିବାକୁ ଚାହୁଁଥିଲେ ସେଥିରେ ଥିଲା ପାଶ୍ଚାତ୍ୟ ସାହିତ୍ୟର ଅନୁକରଣ ପ୍ରୟାସ। ପ୍ରତିବେଶୀ ସାହିତ୍ୟର ମୋହରେ ମୁଗ୍ଧ ହୋଇ ସେ ଓଡ଼ିଆ ସାହିତ୍ୟର ପରମ୍ପରା ବିଚ୍ଛିନ୍ନ କରି ତାକୁ ନୂତନ ଆକାର ଦେବାର ଚେଷ୍ଟା କରିଥିଲେ। ମାତ୍ର ଅତ୍ୟନ୍ତ ଶକ୍ତିଶାଳୀ ଲେଖକ ଥିବାରୁ ତାଙ୍କ ସାହିତ୍ୟ ସୃଷ୍ଟି ମଧ୍ୟରେ ସୌନ୍ଦର୍ଯ୍ୟର ଅଭାବ ନାହିଁ। ତାହା ପରେ କିନ୍ତୁ ଏହି ମୋହ ନାନା ସାହିତ୍ୟିକଙ୍କୁ ନାନା ଭାବରେ ପ୍ରଭାବିତ କରିଅଛି ଓ ଅନେକ ସମୟରେ ବ୍ୟର୍ଥ ଅନୁକରଣ ପ୍ରୟାସଦ୍ୱାରା ସାହିତ୍ୟର ସ୍ୱଚ୍ଛନ୍ଦ ଗତି ମଧ୍ୟ ସ୍ୱହତ ହୋଇଅଛି। ବିଚ୍ଛନ୍ଦବାବୁଙ୍କର କବିତା-ମାନଙ୍କରେ ପୁନଶ୍ଚ ପ୍ରାଚୀନ କବିତାର ସୌନ୍ଦର୍ଯ୍ୟର କିଛି ଅଂଶର ଆସ୍ୱାଦ ଗ୍ରହଣ କରି ପାଠକମାନେ ତୃପ୍ତ ହୋଇ ପାରନ୍ତି ଓ ତାଙ୍କର ସାହିତ୍ୟ ସୃଷ୍ଟିକୁ ଏହି ଦିଗରୁ ବିଚାର କରିବା ଉଚିତ।

### ବ୍ରଜବାସୀ ବାବାଙ୍କ

## ଶ୍ରୀ ବୈଷ୍ଣବଚରଣ ଦାସ ଗୋସ୍ୱାମୀ

ଉତ୍କଳର ପ୍ରାଚୀନ ମନୀଷୀମାନେ ବହୁବିଧ ଛାନ୍ଦ, ସଙ୍ଗୀତ ଓ ରାଗରାଗିଣୀର ସୃଷ୍ଟି କରିଥିଲେ । ସେ ସବୁ ଆଧୁନିକ ଯୁଗରେ ବିଦେଶୀ-ପ୍ରଭାବ ଯୋଗୁଁ ବୁଡ଼ିଯିବା ଉପରେ ବସିଥିଲା । କେବଳ ରାଧାକୃଷ୍ଣାଶ୍ରିତ-ପ୍ରେମ ଓ ପ୍ରାଚୀନ ଢଙ୍ଗର ସାଧାରଣ ପ୍ରେମ-କବିତା ଛଡ଼ା ସେସବୁକୁ ଅବଲମ୍ବନ କରି ଅନ୍ୟ କୌଣସି ଆଧୁନିକ ବିଷୟ ପ୍ରକାଶ ହୋଇପାରେ, ଏ ଧାରଣା କାହାରି ନ ଥିଲା । ଆଧୁନିକ ଉଚ୍ଚଶିକ୍ଷିତ କବିମାନେ ରାଧାନାଥ ଅଥବା ରବୀନ୍ଦ୍ରନାଥଙ୍କୁ ଆଦର୍ଶ କରି କବିତା ଲେଖୁଥିଲେ । ଉପେନ୍ଦ୍ରଭଞ୍ଜ, ଅଭିମନ୍ୟୁ, ଦୀନକୃଷ୍ଣ, କବିସୂର୍ଯ୍ୟ, ଗୋପାଳକୃଷ୍ଣ, ବନମାଳୀ, ଗୌରଚରଣ ପ୍ରଭୃତିଙ୍କ ପ୍ରତି କେବଳ ମୌଖିକ-ଭକ୍ତି ଦେଖାଇ ଇଂରାଜି ଶିକ୍ଷିତ କବିମାନେ ଏ ଦେଶରେ ଗୋଟାଏ ଧାରଣା ସୃଷ୍ଟି କରି ଦେଇଥିଲେ ଯେ ସେମାନଙ୍କ ରଚନା ଶୈଳୀ ଇତିହାସର ଗୋଟିଏ ବିଶେଷ-ବସ୍ତୁ ହୋଇ ରହିବ, ଏ ଯୁଗରେ ବା ଭବିଷ୍ୟତ ଯୁଗରେ ତାହା କୌଣସି କାମରେ ଲାଗିପାରିବ ନାହିଁ । ତେଣୁ ପ୍ରାଚୀନ ଛାନ୍ଦ ଓ ରାଗରାଗିଣୀର ଟମା ପରି ଯେଉଁମାନେ ଭକ୍ତ, ସେମାନେ ବ୍ୟଥିତ ହୋଇ ଭାବୁଥିଲେ ଯେ ଶିକ୍ଷିତ ସମାଜ ଆଉ କେବେ ହେଲେ ଛାନ୍ଦ ଓ ରାଗରାଗିଣୀ ଧରିବ ନାହିଁ । କିନ୍ତୁ ଜଣେ ପ୍ରତିଭାବନ୍ତ ପୁରୁଷଙ୍କ ସାଧନା ଆଜି ଅସମ୍ଭବକୁ ସମ୍ଭବ କରି ପାରିଅଛି । ସେ ହେଉଛନ୍ତି 'କବିତା-କୁମୁଦର' କବି ମୋର ପରମ କଲ୍ୟାଣୀୟ ଶ୍ରୀମାନ୍ ବାବା ବିକୁନ୍ଦଚରଣ ପଟ୍ଟନାୟକ ।

ସେ ପ୍ରାଚୀନ କବିମନୀଷୀମାନଙ୍କ ରଚନା, ଶୈଳୀର ସମସ୍ତ ବିଶେଷତ୍ୱକୁ କରାୟତ୍ତ କରି ଯେଉଁସବୁ ଅଭିନବ କବିତା ରଚନା କରିଅଛନ୍ତି, ଆଧୁନିକ ଯୁଗରେ ତାହାର ଆଉ ପଟାନ୍ତର ନାହିଁ । କବିତା କୁମୁଦର ପଦଯୋଜନା ଭଞ୍ଜ, ଅଭିମନ୍ୟୁ ଓ ଦୀନକୃଷ୍ଣ ଆଦିଙ୍କ ସୁଲଳିତ ପଦଯୋଜନାରୁ କୌଣସିମତେ ନ୍ୟୂନ ନୁହେଁ ବରଂ ସମକକ୍ଷ । ଏ ଯୁଗରେ ଏପରି ମୌଳିକ ପ୍ରତିଭାବନ୍ତ ଜଣେ କବିଙ୍କର ଆବିର୍ଭାବ କବିତାରାଜ୍ୟରେ ଘୋର ବିପ୍ଳବ ଘଟାଇବ ଏବଂ ଆଧୁନିକ କବିତାର ସୁଅକୁ ଫେରାଇ ଦେଇ ପ୍ରାଚୀନର ବିଜୟ ଉଦ୍‌ଘୋଷଣ କରିବ । 'ଇନ୍ଦ୍ରଧନୁ' ଓ 'ବିଜୁଳୀ'ର ସଂଘର୍ଷରେ ଯାହା ସମ୍ଭବ ହୋଇ ନ ଥିଲା, କବିତା-କୁମୁଦ ତାହା ସମ୍ଭବ କରିପାରି ଅଛି । ଶ୍ରଦ୍ଧେୟ ବିଚ୍ଛନ୍ଦଚରଣଙ୍କ ଅନ୍ୟାନ୍ୟ ଗ୍ରନ୍ଥ ପ୍ରକାଶିତ ହେଲେ ଓଡ଼ିଆ କବିତା-ସାହିତ୍ୟର ପରମ୍ପରା ସୁଏଁ ସୁଏଁ ଯୋଡ଼ି ହୋଇ ଯିବ । ମଙ୍ଗଳମୟ-ଶ୍ରୀ ଶ୍ରୀ ଗୌରଗୋବିନ୍ଦ ମହାପ୍ରଭୁ 'କବିତା କୁମୁଦ'ର ପଦକର୍ତ୍ତା (କବି)ଙ୍କୁ ଚିରଜୀବୀ ଓ ଯଶସ୍ୱୀ କରନ୍ତୁ । ସେ ନିଶ୍ଚୟ ଦେଶର ମୁଖୋଜ୍ଜ୍ୱଳ କରିଯିବେ । ତାଙ୍କ ଉପରେ ଭଞ୍ଜ, ଦୀନକୃଷ୍ଣ ଓ ଅଭିମନ୍ୟୁ ଆଦି ଭକ୍ତକବିମାନଙ୍କର କରୁଣାଦୃଷ୍ଟି ରହିଅଛି ବୋଲି ମୋର ଦୃଢ଼ ବିଶ୍ୱାସ ।

ଅଳମତିବିସ୍ତରେଣ

# ଗୁରୁଦେବ

## ଲେଖକ—କଳିଙ୍ଗ ଭାରତୀ ସେବକ ଗୋଷ୍ଠୀ

ଆମ୍ଭମାନଙ୍କ ଆରାଧ୍ୟ ଗୁରୁଦେବ 'ଭାରତୀ କୁମୁଦ'ର କବି ଶ୍ରୀଯୁକ୍ତ ବୈକୁଣ୍ଠ ଚରଣ ପଟ୍ଟନାୟକ ବି, ଏ, (ଅନର୍ସ) ବି, ଏଲ୍, ୧୯୦୧ ମସିହା ଜାନୁଆରି ମାସ ୨୦ ତାରିଖ ଦିନ ପୁରୀ ଜିଲ୍ଲା ଖୋର୍ଦ୍ଧା ସବ୍‌ଡିଭିଜନର ପ୍ରସିଦ୍ଧ ସାଆଁଳା ଗ୍ରାମରେ ସମ୍ଭ୍ରାନ୍ତ କରଣ କୁଳରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଶ୍ରୀଯୁକ୍ତ ଗୋଲୋକକୃଷ୍ଣ ପଟ୍ଟନାୟକ ଓ ମାତାଙ୍କ ନାମ ଶ୍ରୀମତୀ ରାଧା ଦେବୀ । ଶ୍ରୀମତୀ ରାଧା ଦେବୀଙ୍କ ଜନ୍ମ ପୁରୀ ଜିଲ୍ଲା ସାକ୍ଷୀଗୋପାଳ ପଟ୍ଟନାୟକ ସାହିର ସମ୍ଭ୍ରାନ୍ତ ଦାସ ପରିବାରରେ । ତାଙ୍କ ପିତାଙ୍କ ନାମ ଶ୍ରୀଯୁକ୍ତ ସତ୍ୟବାଦୀ ଦାସ । କବିଙ୍କ ପିତାମହ ଶ୍ରୀଯୁକ୍ତ ସତ୍ୟ-ବାଦୀ ପଟ୍ଟନାୟକ ସେ କାଳର ଜଣେ ଅତି ବିଚକ୍ଷଣ ଓ ଅସାଧାରଣ ପ୍ରତିଭାଶାଳୀ ରାଜପୁରୁଷ ଥିଲେ । ରଣପୁର ରାଜ୍ୟର ସୁପରିଣ୍ଟେଣ୍ଡେଣ୍ଟ୍ ଥିବା ସମୟରେ ସେ ସେଠାରେ ପ୍ରାଣତ୍ୟାଗ କରିଥିଲେ । ସେତେବେଳକୁ କବିଙ୍କ ପିତା ଗୋଲୋକକୃଷ୍ଣ ନଅ ବର୍ଷର ବାଳକ । ସେ ତାଙ୍କ ବିଧବା ମାତା ଶ୍ରୀମତୀ ଦେବୀଙ୍କର ନୟନମଣି ଥିଲେ ଏବଂ ବିପୁଳ ବିଭବ ମଧ୍ୟରେ ପ୍ରତିପାଳିତ ହୋଇଥିଲେ । କିନ୍ତୁ ତରୁଣ ବୟସରୁ ସେ ଏପରି ଅମିତବ୍ୟୟୀ ଏବଂ ଅପରିଣାମଦର୍ଶୀ ଦାନୀ ହୋଇ ପଡିଲେ ଯେ, ତାଙ୍କୁ କୋଡିଏ ବର୍ଷ ହେବା ବେଳକୁ ସେ ତାଙ୍କ ପୈତୃକ ସମସ୍ତ ବିଭବ ହରାଇ କେବଳ କେତେକ ଖଣ୍ଡ ସରବରାକାରୀର ମାଲିକ ହୋଇ ରହିଲେ । ସରକାରୀ ରାଜସ୍ୱର ନିୟମିତ ତୋସରଫ ଯୋଗୁଁ ପ୍ରାୟ ୩୦ ବର୍ଷକାଳ ତାଙ୍କର ପ୍ରତିବର୍ଷ ଦେଅନ ଫାଟକ

ଟେଷ୍ଟଗ କରିବାର ଅବସ୍ଥା ଅସି ପହଞ୍ଚିଥିଲା । କିନ୍ତୁ କୌଣସି ପୁଣ୍ୟ ଫଳରୁ କେଉଁଠୁଁ ହେଲେ ବି ଶେଷ କାଳକୁ ତାଙ୍କୁ ଟିକା ସ୍ୱାସ୍ଥ୍ୟ ମିଳିଥିଲା ଏବଂ ସେ ଦଣ୍ଡରୁ ଅଦ୍‌ଭୁତ ରୂପେ ରକ୍ଷା ପାଇ ଯାଇଥିଲେ । "ଦାରଣୀ" ନାମ୍ନୀ ଠାକୁରାଣୀ ତାଙ୍କର ଇଷ୍ଟ ଦେବୀ ଥିଲେ । ତାଙ୍କଠାରେ ବର୍ଷର ୩୬୦ ଦିନ ଦୈନିକ ଚଣ୍ଡୀ ଶୁଣିବା ଓ ନଇଅ ଭାଙ୍ଗିବା ତାଙ୍କର ବ୍ରତ ଥିଲା । ବୃଦ୍ଧ ବୟସରେ ଗୋଲୋକକୃଷ୍ଣଙ୍କୁ ସରବରାକାର ହସ୍ତାନ୍ତର କରିବାକୁ ଦିଆଇଥିଲା ଏବଂ ନିଜକୁ, ଓଡ଼ିଶାର କୁଳବୃଦ୍ଧ ମଧୁସୂଦନଙ୍କ ପରି ଦେବାଳିଆ ଘୋଷଣା କରିବାକୁ ମଧ୍ୟ ପଡ଼ିଥିଲା । ଶ୍ରୀମତୀ ରାଧା ଦେବୀ ମଧ୍ୟ ପରମ ଭକ୍ତିମତୀ ରମଣୀ ଥିଲେ । ବ୍ରାହ୍ମ ମୁହୂର୍ତ୍ତିରୁ ସ୍ନାନ କରି ବାଲୁକେଶ୍ୱର ମହାଦେବଙ୍କ ବେଢ଼ା ଓଳାଇବା ଓ ଗୋପାଳଜୀଙ୍କଠାରେ ବାଲଭୋଗ କରାଇବା ତାଙ୍କର ନିତ୍ୟବ୍ରତ ଥିଲା । ବର୍ଷର ଅଧିକାଂଶ ଦିନ ତାଙ୍କର ବ୍ରତ ଉପବାସରେ କଟୁଥିଲା ।

ଗୋଲୋକକୃଷ୍ଣଙ୍କର ଜ୍ୟେଷ୍ଠପୁତ୍ର ଶ୍ରୀଯୁକ୍ତ ପଦ୍ମଚରଣ ( ସେ କଟକ କଲେଜିଏଟ ସ୍କୁଲର ହେଡ଼ମାଷ୍ଟର କାମରୁ ଏବେ ଅବସର ନେଇ ପେନ୍‌ସନ୍ ପାଉଅଛନ୍ତି ) ଗୋଲୋକକୃଷ୍ଣଙ୍କ ଦୁଃସ୍ଥ ସଂସାରର କାଣ୍ଡାରୀ ଥିଲେ । କବି ଶ୍ରୀଯୁକ୍ତ ପଦ୍ମଚରଣଙ୍କ ଅନୁଜ । କବିଙ୍କ କନିଷ୍ଠ ଭ୍ରାତା ସବ୍‌ରେଜିଷ୍ଟ୍ରାର କାଳୀଚରଣ ଅକାଳରେ ମୃତ ହୋଇ ଅଛନ୍ତି ।

କବିଙ୍କ ବାଲ୍ୟକାଳ ବର୍ଣ୍ଣନାତୀତ ଦାରିଦ୍ର୍ୟ ଓ ଦୁଃଖ କଷ୍ଟରେ କଟିଥିଲା । କବି ୭।୮ ବର୍ଷ ଯାଏଁ ସ୍କୁଲ ପାଇ ନ ଥିଲେ । ତାଙ୍କୁ ଭୂଇଁରେ ଗୁରୁଣ୍ଡିବାକୁ ହୋଇଥିଲା । ସେ ଯେ ଠିଆ ହୋଇ

ସ୍କୁଲ୍ ଗ୍ରୁଲ୍ ମଣିଷ ହେବେ ଏହା କେହି ଆଶା କରି ନ ଥିଲେ । କିନ୍ତୁ କୁଞ୍ଜରେ ଗାତ ଖୋଳି ତହିଁରେ ବାଲି ଦେଇ ତାଙ୍କୁ ଅଣ୍ଟା ଯାଏ ପୋତି କୃତ୍ରିମ ଭାବରେ ଠିଆ କରାଇବା ଫଳରେ ବହୁ ଦିନ ପରେ ସେ ଠିଆ ହେବାକୁ ଓ ଚଲା ବୁଲା କରିବାକୁ କ୍ଷମ ହେଲେ; କିନ୍ତୁ ତାଙ୍କ ଗୋଡ଼ ପୂର୍ବପରି ସଳଖ ହେଲା ନାହିଁ । ଉତ୍ତରାଧିକାର ସୂତ୍ରରେ ପ୍ରାପ୍ତ ଦରିଦ୍ରତା ସହିତ ଖଞ୍ଜ ଗୋଡ଼ ଘେନି କବି ଯେ ଜୀବନରେ କେତେ ତିକ୍ତ ଅନୁଭୂତି ସଞ୍ଚୟ କରି ଅଛନ୍ତି ତାହା ଲେଖିଲେ ଗୋଟାଏ ପ୍ରକାଣ୍ଡ ବହି ହେବ । ସେ ବହି ଦିନେ ଅବଶ୍ୟ ଲେଖା ହେବ । ଆମ୍ଭେମାନେ ମନେକରୁଁ କବିଙ୍କ ଜୀବନକୁ ଅନୁଭୂତିବହୁଳ କରିବାକୁ ବିଶ୍ୱକର୍ମା ପରମେଶ୍ୱର ତାଙ୍କୁ ଜାଣି ଶୁଣି କଷଣର କଣ୍ଟକ କାନନ ଭିତରେ ବୁଲାଇ ଅଛନ୍ତି ଓ ଲୋତକ ନଦୀରେ ପହଁରାଇ ଅଛନ୍ତି । ତାହା ନ ହୋଇଥିଲେ ସେ ଆଜି 'କବିତା କୁମୁଦ' ପ୍ରଭୃତି ଗ୍ରନ୍ଥର କବି ହୋଇ ପାରି ନ ଥାନ୍ତେ ।

ଗୁରୁଦେବଙ୍କ ପିତାମହ ସତ୍ୟବାଦୀ କବି ଥିଲେ । ତାଙ୍କର ସମସ୍ତ କବିତା ତାଙ୍କ ମୃତ୍ୟୁପରେ ଘରପୋଡ଼ିରେ ନଷ୍ଟ ହୋଇଗଲା । ତାଙ୍କ ନିଜର ଯାତ୍ରା ଦଳ ଓ ଗୋଟିପୁଅ ଦଳ ଥିଲେ । ଗୁରୁଦେବଙ୍କ ପିତା ଗୋକୁଳକୃଷ୍ଣ ଜଣେ ପ୍ରସିଦ୍ଧ ଗୀତ ଗାୟକ ଥିଲେ ଓ ମାତା ରାଧା ଦେବୀ ତଥା କହୁଲି ହେଲେ ମଧ୍ୟ ପ୍ରସଙ୍ଗାନୁରୋଧରେ ପ୍ରାଚୀନ କାବ୍ୟ କବିତାର ଅଂଶମାନ ଓ ଢଗଢମାଳି ପ୍ରବଚନମାନ ପ୍ରଗଳ୍ଭ ଭାବରେ ଉଚ୍ଚାରଣ କରି ଯାଉଥିଲେ । ତାଙ୍କ କଥାବାର୍ତ୍ତାରେ ଗଦ୍ୟ ଅପେକ୍ଷା ପଦ୍ୟର ଉପାଦାନ ବେଶି ଥିଲା । ଗୁରୁଦେବ କହନ୍ତି ରାଧା ଦେବୀଙ୍କଠାରେ କଳିଙ୍ଗ ଭାରତୀଙ୍କ କଳା ଥିଲା ।

୭।୮ବର୍ଷ ବୟସରୁ ଗୁରୁଦେବଙ୍କ କବିତା ଶକ୍ତିର ସ୍ଫୁରଣ ହୋଇ ଥିଲା । ସେତେବେଳେ ସୁଦ୍ଧା ସେ ଚଉତିଶା ଲେଖିପାରୁଥିଲେ । ୧୨ ବର୍ଷ ବେଳକୁ ସେ ଯାଆଁଳା ମଧ୍ୟ ଭର୍ଣ୍ଣାକୁଲାର ସ୍କୁଲର ସେକେଣ୍ଡ ପଣ୍ଡିତ ଓ ହେଡ଼ ପଣ୍ଡିତଙ୍କ ଅଦ୍ଭୁତ ସାହିତ୍ୟାଲୋଚନା ସଭାରେ ବୟସ୍କମାନଙ୍କୁ ସୁଦ୍ଧା କବିତାରେ ପରାଜିତ କରିପାରୁଥିଲେ । ତାଙ୍କ ବାଲ୍ୟଶିକ୍ଷକ ଦୁହେଁ ସେ ସମୟରେ ତାଙ୍କ ସାହିତ୍ୟିକ ଜୀବନ ସଂପର୍କରେ ଯେଉଁ ଭବିଷ୍ୟଦ୍‌ବାଣୀ କରିଥିଲେ ଆଜି ଉତ୍କଳ ଭାରତୀ ଅଦ୍ୟ ଅର୍ଘ୍ୟ 'କବିତା କୁସୁମ'ର ପ୍ରକାଶରେ ତାହା ଅଂଶିକ ସଫଳ ହୋଇ ଅଛି ।

ଗୁରୁଦେବ ୧୯୧୨ ମସିହାରେ ଉଚ୍ଚ ପ୍ରାଇମେରୀ ପରୀକ୍ଷାରେ ଓ ୧୯୧୪ ମସିହାରେ ମଧ୍ୟ ଭର୍ଣ୍ଣାକୁଲାର ପରୀକ୍ଷାରେ ବୃତ୍ତି ପାଇଥିଲେ । ୧୯୧୫ ମସିହାରେ ସେ ଖୋର୍ଦ୍ଧା ହା:ଇ: ସ୍କୁଲର ୫ମ ଶ୍ରେଣୀରେ ନାମ ଲେଖାଇ ଥିଲେ । ଶ୍ରୀଯୁକ୍ତ ପଦ୍ମଚରଣ ବାବୁ ଖୋର୍ଦ୍ଧା ହା:ଇ: ସ୍କୁଲର ଆସିଷ୍ଟାଣ୍ଟ ମାଷ୍ଟର ଓ ଖୋର୍ଦ୍ଧା ହାଇସ୍କୁଲ ହଷ୍ଟେଲର ସୁପରିଣ୍ଟେଣ୍ଡେଣ୍ଟ ଥିଲେ । ଗୁରୁଦେବ ତାଙ୍କ ସହିତ ହଷ୍ଟେଲରେ ରହୁଥିଲେ ।

ଇଂରାଜୀ ଭାଷା ଓ ସାହିତ୍ୟରେ ସେହି ଅଳ୍ପ ବୟସରେ ସୁଦ୍ଧା ଗୁରୁଦେବଙ୍କର ଅତି ଅସାଧାରଣ ବ୍ୟୁତ୍ପତ୍ତି ଥିଲା । ମାଟ୍ରିକ୍ ଚତୁର୍ଥ ଶ୍ରେଣୀରେ ପଢ଼ିଲା ବେଳକୁ ଗୁରୁଦେବଙ୍କ ଶିକ୍ଷକମାନେ କହୁଥିଲେ ଯେ ସେ ଇଂରାଜୀ ରଚନାରେ ବଙ୍ଗର ଖ୍ୟାତ ଲେଖକ ଲାଲବିହାରୀ ଦେଙ୍କ ସମକକ୍ଷ ହୋଇ ସାରିଅଛନ୍ତି । ଏବଂ ସେ ସମୟରେ ମହାକବି ସେକ୍ସପିୟରଙ୍କ କବିତା ମଧ୍ୟ ଅନୁବାଦ କରିପାରୁଥିଲେ । ପଣ୍ଡିତ କୃପାସିନ୍ଧୁ ହୋତା ମହୋଦୟ



କବିତା-କୁମୁଦ-କବି

**ଶ୍ରୀ ବିଚ୍ଛନ୍ଦ ଚରଣ ପଟ୍ଟନାୟକ**

ସେ ସମୟରେ ଖୋର୍ଦ୍ଧା ସ୍କୁଲରେ ଶଙ୍କର ରହୁଥିଲେ । ତାଙ୍କ ସମ୍ପାଦିତ ପତ୍ରିକାରେ କବି ଯେଉଁ ସବୁ କବିତା ପ୍ରକାଶ କରୁ-ଥିଲେ ତହିଁରେ ତାଙ୍କ କବି ପ୍ରତିଭା ସମ୍ୟକ୍ ଫୁଟିଥିଲା । ଶ୍ରୀଯୁକ୍ତ ପଦ୍ମ ଚରଣ ବାବୁ ଖୋର୍ଦ୍ଧା ସ୍କୁଲ ଛାଡ଼ି ୧୯୧୮ ମସିହାରେ ସରକାର ସ୍କୁଲରେ ବାଲେଶ୍ୱର ଯିବାରୁ ସାହିତ୍ୟ ଚର୍ଚ୍ଚାର ଅଧିକ ପ୍ରଶସ୍ତ କ୍ଷେତ୍ର ପାଇବେ ବୋଲି କବି ସେ ବର୍ଷ ସତ୍ୟବାଦୀ ହାଇସ୍କୁଲକୁ ବାହାରି ଗଲେ ଓ ସେକେଣ୍ଡ କ୍ଲାସରେ ନାମ ଲେଖା-ଇଲେ । ସତ୍ୟବାଦୀ ସ୍କୁଲର ମୁଖପତ୍ରରେ ମଧ୍ୟ କବିଙ୍କର ମିଲ୍‌ଟନ୍‌ଙ୍କ ସେକ୍ସପିୟରଙ୍କ ସମ୍ବନ୍ଧୀୟ କବିତାର ଅନୁବାଦ ଅଳ୍ପ ପ୍ରକାଶ ପାଇଥିଲା ।

୧୯୨୦ ମସିହାରେ ସତ୍ୟବାଦୀ ହାଇ ସ୍କୁଲରୁ ମାଟ୍ରିକୁଲେଶନ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଗୁରୁଦେବ ନିଜର ନିଃସମ୍ବଳ ଅବସ୍ଥା ଓ ଶାରୀରିକ ପ୍ରତିବନ୍ଧକକୁ ଭ୍ରୂକ୍ଷେପ ନ କରି ରେଭେନ୍‌ସା କଲେଜରେ ଆଇ, ଏ, କ୍ଲାସରେ ନାମ ଲେଖାଇ କଲେଜ ହଷ୍ଟେଲରେ ଅବସ୍ଥାନ କରିଥିଲେ । ସେ ବର୍ଷର ପ୍ରଥମ ବାର୍ଷିକ ଶ୍ରେଣୀର ପ୍ରଥମ ତ୍ରୈମାସିକ ପରୀକ୍ଷାରେ ଗୁରୁଦେବ ଇଂରାଜୀରେ ଶତକଡ଼ା ୮୪ ନମ୍ବର ପାଇଥିଲେ । ପରୀକ୍ଷକ ତତ୍କାଳୀନ ଇଂରାଜୀ ଅଧ୍ୟାପକ ତାଙ୍କ ରଚନା ଶୈଳୀରେ ଏତେ ମୁଗ୍ଧ ଓ ବିସ୍ମିତ ହୋଇଥିଲେ ଯେ ପ୍ରିନ୍‌ସିପାଲ୍‌ଙ୍କ ଅନୁମୋଦନ କ୍ରମେ ସେ ଉକ୍ତ ଖାତାକୁ କଲେଜର ଆଇ: ଏ: ଓ ବି: ଏ: ଟିଉଟୋରିଅଲ୍ କ୍ଲାସ ମାନଙ୍କରେ ଛାତ୍ରମାନଙ୍କୁ ପଢ଼ି ଶୁଣାଇଥିଲେ ଏବଂ କହିଥିଲେ ଯେ ଇଂରାଜୀ ସାହିତ୍ୟର ଶ୍ରେଷ୍ଠ ଲେଖକ ମାକଲେଙ୍କ ଲେଖା ସଙ୍ଗେ କବିଙ୍କ ଲେଖା ସମାନ । ସେହି ବର୍ଷ

(୧୯୨୦) ମହାତ୍ମା ଗାନ୍ଧୀଙ୍କ ଅସହଯୋଗ ଆନ୍ଦୋଳନ ଆରମ୍ଭ ହେବାରୁ କବି ଅସହଯୋଗୀ ହେଲେ ଏବଂ ଗଭା ସ୍କୁଲ୍ ୧୯୨୩ ମସିହା ପର୍ଯ୍ୟନ୍ତ ପୁରୀଠାରେ ଅବସ୍ଥାନ କଲେ । ଇଟାଲୀୟ ମହାକବି ଦାନ୍ତେଙ୍କର ବେଟ୍ରିସଙ୍କ ସଙ୍ଗେ ଦେଖା ହେଲା ପରି କବିଙ୍କର ଏହିଠାରେ ତାଙ୍କ ଏକାଦଶ ବର୍ଷୀୟା ବାଳିକା ପ୍ରଣୟିନୀଙ୍କ ସହିତ ଆଦ୍ୟ ଭେଟ ଓ ଶେଷ ଭେଟ ହେଲା । ଜୀବନରେ ଯଶସ୍ୱୀ ହୋଇ ତାଙ୍କୁ ଲାଭ କରିବେ ବୋଲି ସେ ପୁଣି କଲେଜରେ ଯୋଗ ଦେଲେ ଓ ୧୯୨୪ ମସିହାରେ ଆଇ. ଏ. ପାସ କଲେ । କିନ୍ତୁ ବି. ଏ. ପଢ଼ିବାକୁ ଘରୁ ଆଉ ସାହାଯ୍ୟ ନ ମିଳିବାରୁ କବି ସ୍ୱଭାବ ସୁଲଭ ସାହସରେ ସେ କୌଣସି ମତେ ପାଠ ପଢ଼ିବା ପାଇଁ ରିକ୍ତହସ୍ତ ଅବସ୍ଥାରେ କଲେଜରେ ପହଞ୍ଚିଲେ । ଅଧ୍ୟାପକ (ବର୍ତ୍ତମାନ ରାୟ ବାହାଦୁର) ଶ୍ରୀଯୁକ୍ତ ଅର୍ତ୍ତବଲ୍ଲଭ ମହାନ୍ତି କବିଙ୍କର ସେ ସମୟରେ ପୃଷ୍ଠପୋଷକତା କରିଥିଲେ ଏବଂ ସେହି ଦିନୁଁ ତାଙ୍କୁ ପ୍ରାଚୀ ସମିତିର ଭାଷ୍ୟ ସଂପାଦକ ରୂପେ ବାଛି ନେଇ ଥିଲେ । ବି. ଏ. ଫୋର୍ଥଇୟର କ୍ଲାସର ଛାତ୍ର ଥାଇ ମଧ୍ୟ କବି ଥାର୍ଡ ଇୟର କ୍ଲାସର ଜଣେ ଛାତ୍ର ଅର୍ଥାତ ପୁରୀର ତତ୍କାଳୀନ ଜିଲ୍ଲା ମାଜିଷ୍ଟ୍ରେଟ୍ ଦେବାନ ବାହାଦୁର ଦୟାନିଧି ଦାସଙ୍କ ପୁତ୍ର ନୀମାଇଁ ଚରଣଙ୍କର ଇଂରାଜି ଅନର୍ସ ଟିଉଟର ହୋଇଥିଲେ ଓ ଦେବାନ ବାହାଦୁର କବିଙ୍କ ବି. ଏ. ଓ ବି. ଏଲ. ପଢ଼ାର ସମସ୍ତ ଖର୍ଚ୍ଚ ବହନ କରିଥିଲେ । ୧୯୨୭ ମସିହାରେ କବି ବି. ଏ. ପାସ କଲେ ଓ ବି. ଏଲ୍. କ୍ଲାସରେ ନାମ ଲେଖାଇଲେ । କିନ୍ତୁ ଦୁର୍ଦ୍ଦୈବର କୂଟରେ କବିଙ୍କର ଦାନ୍ତେଙ୍କ ପରି ପ୍ରଣୟରେ ନୈରାଶ୍ୟ ଘଟିଲା ଏବଂ କବିଙ୍କ ଜୀବନରେ ଏକ ଅତୀବ ରୋମାଞ୍ଚକର କାଣ୍ଡ ସଂଘଟିତ ହେଲା । ତହିଁରୁ ଜବୁବ କଚ ଅଙ୍କ ଲେଖିଲେ ।

"କଳପନା ମଣ୍ଡୁରୁହେ ବାସ୍ତବ ଅଶନି
ଢାଳଦେବ ବକ୍ଷୁଅରେ ! ଥିଲି ନାହିଁ ଜାଣି
ଶର ବିଚ୍ଛେଦ ବଜ୍ରେ
ଲୁଚି ଯାଇ ବାଟେର ଅଞ୍ଜ ନ ହୋଇବୁ ଜଦେ ।"

୧୯୨୮ ମସିହାରେ କବି ପୁରୀ ଜିଲ୍ଲା ଓଲସିଂହ ହାଇ ସ୍କୁଲର ଆସିଷ୍ଟାଣ୍ଟ ହେଡ୍‌ମାଷ୍ଟର ରୂପରେ ଯୋଗଦାନ କଲେ । ଇତି ମଧ୍ୟରେ ପ୍ରାଚୀ ସମିତି ଗଠିତ ହେଲା । ସେ ତହିଁର ସମ୍ପାଦକ ନିର୍ବାଚିତ ହୋଇ ଓଲସିଂହ ଠାରେ ରହିବା କାଳ ସଙ୍ଗେ ସଙ୍ଗେ ପ୍ରାଚୀ ସମିତି ପାଇଁ ଅନୁଗତ ଛାତ୍ରମାନଙ୍କଦ୍ୱାରା ଶାଡ଼ଙ୍ଗା ଭାଗବତ, ରୁକ୍ମିଣୀ ହରଣ, ବୃହତ୍ ଗୋପୀଭାଷା ପ୍ରଭୃତି ବହୁ ସଂଖ୍ୟକ ଦୁର୍ଲ୍ଲଭ ଓ ଅପ୍ରକାଶିତ ଗ୍ରନ୍ଥର ପୋଥି ସଂଗ୍ରହ କରାଇଥିଲେ । ସ୍କୁଲର ଛାତ୍ରମାନେ କବିଙ୍କୁ ଦେବତା ତୁଲ୍ୟ ଭକ୍ତି କରୁଥିଲେ ଓ ତାଳପତ୍ର ପୋଥି କବିଙ୍କର ପ୍ରିୟତମ ପଦାର୍ଥ ଥିବାରୁ ତାହା ଘରୁ ଆଣି ତାଙ୍କ ପାଖରେ ଉପଢୌକନ ରୂପେ ଅର୍ପଣ କରୁଥିଲେ । ଓଲସିଂହ ହାଃ ଇଃ ସ୍କୁଲ ଛାଡ଼ିଲା ପରେ ୧୯୩୦ ମସିହାରେ କବି କଟକରେ 'ପ୍ରାଚୀ ସମିତି'ରେ ମାସିକ ଟ ୩୦୯ ମାସ ଭତ୍ତା ନେଇ ତହିଁର ଅବୈତନିକ ସମ୍ପାଦକ ଓ ପ୍ରାଚୀ ପ୍ରେସ୍‌ର ସୁପରିଣ୍ଟେଣ୍ଡେଣ୍ଟ ହୋଇ ରହିଲେ । ୧୯୩୧ ମସିହାରେ ଇଂରାଜୀ 'ପ୍ରାଚୀ' ପତ୍ରିକା ପ୍ରକାଶ ହେବାରୁ ସେ ତହିଁର ସମ୍ପାଦକ ହେଲେ । ଏହା ଛଡ଼ା ଶଶିରେଖା, ଚଉତିଶା ମଧୁରସ ପ୍ରଭୃତି ୧୨ ଖଣ୍ଡ ପ୍ରାଚୀ ଗ୍ରନ୍ଥର ମଧ୍ୟ ସମ୍ପାଦନ କରିଥିଲେ । ଇଂରାଜୀ 'ପ୍ରାଚୀ' ପତ୍ରିକାରେ ଉପେନ୍ଦ୍ର, ଦୀନକୃଷ୍ଣ, ଅଭିମନ୍ୟୁ ଓ କବିସୂର୍ଯ୍ୟାଦି ପ୍ରାଚୀନ କବିମାନଙ୍କ କବିତାର ଯେଉଁ ଇଂରାଜୀ ଅନୁବାଦ ପ୍ରକାଶ କରିଥିଲେ ତାହା ଏକା

ଭାରତର ନୁହେଁ, ଇଂଲଣ୍ଡ ଓ ଆମେରିକା, ଓ ଜର୍ମାନୀର ବିଦ୍ୱଜ୍ଜନ ମଣ୍ଡଳୀଙ୍କୁ ସୁଦ୍ଧା ମୁଗ୍ଧ କରିଥିଲା ଏବଂ ଉତ୍କଳରେ ସମସ୍ତେ ଆଶା କରିଥିଲେ ଯେ କବିଙ୍କ ଲେଖନୀ ବଳରେ ଉତ୍କଳର ପ୍ରାଚୀନ ସାହିତ୍ୟ ବିଭବ ଦିନେ ସଭ୍ୟ ଜଗତର ଗୋଚରୀଭୂତ ହେବ । କିନ୍ତୁ ବିଧାତାଙ୍କ ଇଚ୍ଛା ଅନ୍ୟ ପ୍ରକାର ଥିବାରୁ ୧୯୩୪ ମସିହାରେ କବି 'ପ୍ରାଚୀ ସମିତି'ରୁ ବିଦାୟ ନେଲେ ଓ ପ୍ରାଚୀ ପତ୍ରିକାର ପ୍ରକାଶ ଇତିଶ୍ରୀ ହେଲା । ଏହାପରେ କବି ଇଂରାଜୀ 'ବୈତରଣୀ' ପତ୍ରିକାର ସମ୍ପାଦକ ହୋଇଥିଲେ ଏବଂ 'କଣ୍ଟ୍ରୋଲ୍ ଅଫ ଦ ଓଡିଶା ଏକାଡେମୀ' ଓ ଓଡ଼ିଆ 'ଜାଗରଣ' ପତ୍ରିକାର ସମ୍ପାଦନ ସହିତ ସହସମ୍ପାଦକ ରୂପେ ସଂପୃକ୍ତ ହୋଇଥିଲେ ।

ସେହି ବର୍ଷ (୧୯୩୪) କବି ଭାଷାକୋଷକାର ସ୍ୱର୍ଗତ ସାହିତ୍ୟ-ଭୂଷଣ ରାୟ ବାହାଦୁର ଗୋପାଳଚନ୍ଦ୍ର ପ୍ରହରାଜଙ୍କ ଭାଷାକୋଷ ଅଫିସରେ ତାଙ୍କର ସହକର୍ମୀ ହେଲେ । ଦୁଇବର୍ଷ ପୂର୍ବେ ସେ ଉତ୍କଳ ସାହିତ୍ୟ ସମାଜର ମଧ୍ୟ ସହକାରୀ ସମ୍ପାଦକ ହୋଇଥିଲେ । ଉତ୍କଳ ସାହିତ୍ୟ ସମାଜ ଜରିଆରେ ପ୍ରାଚୀନ ଶୈଳୀର କବିତାକୁ ଜନପ୍ରିୟ କରିବା ତାଙ୍କର ବ୍ରତ ଥିଲା । ସେ ୧୯୩୨ ମସିହାରୁ ୧୯୪୪ ମସିହା ପର୍ଯ୍ୟନ୍ତ ସହକାରୀ ସମ୍ପାଦକ ଓ ସମ୍ପାଦକ ରୂପେ ଉକ୍ତ ଅନୁଷ୍ଠାନର ସେବା କରିଥିଲେ । ତାଙ୍କ ଅମଳରେ କବି କଳହଂସ ଗୋପାଳ କୃଷ୍ଣ ଓ କବିବର ରାଧାନାଥଙ୍କ ପ୍ରତିମୂର୍ତ୍ତି ଶ୍ରୀରାମଚନ୍ଦ୍ର ଭବନରେ ସ୍ଥାପିତ ହୋଇଥିଲା ଏବଂ ଉପର୍ଯ୍ୟୁପରି ଦୁଇଥର "ସାହିତ୍ୟ ସପ୍ତାହ" ଉତ୍ସବ ଅନୁଷ୍ଠିତ ହୋଇଥିଲା । ୧୯୪୪ ମସିହାର ଶେଷ ଭାଗରୁ ଉତ୍କଳ ସାହିତ୍ୟ ସମାଜରୁ

ତହିଁର ଲାଇବ୍ରେରୀକୁ ଉଠାଇ ନେବାର ଉଦ୍ୟମ ହେବାରୁ ସେ ଉତ୍କଳ ସାହିତ୍ୟ ସମାଜରୁ ଇସ୍ତଫା ଦେଇ ଅଲଗା ହୋଇ ଗଲେ । ଭାଷାକୋଷ ଆଶ୍ରମରେ ସେ ସ୍ୱର୍ଗତ ପ୍ରହରାଜଙ୍କର ଡାହାଣ ହାତ ଥିଲେ । ପ୍ରହରାଜଙ୍କ ମୃତ୍ୟୁ ପର୍ଯ୍ୟନ୍ତ କବିଙ୍କର ତାଙ୍କ ସହିତ ଘନିଷ୍ଠତା ଥିଲା । କବି କହନ୍ତି ସ୍ୱର୍ଗତ ଅଧ୍ୟାପକ ଲକ୍ଷ୍ମୀକାନ୍ତ ଚୌଧୁରୀ, ସ୍ୱର୍ଗତ ରାୟ ବାହାଦୁର ଗୋପାଳ ଚନ୍ଦ୍ର ପ୍ରହରାଜ ଓ ରାୟ ବାହାଦୁର ଅର୍ତ୍ତ ବଲ୍ଲଭ ମହାନ୍ତିଙ୍କ ତୁଲ୍ୟ ସଂସାରରେ ତାଙ୍କର ଆପଦବନ୍ଧୁ କେହି ନାହାନ୍ତି । ସ୍ୱର୍ଗତ ପ୍ରହରାଜ କବିଙ୍କ ପ୍ରତିଭାରେ ଏତେ ମୁଗ୍ଧ ହୋଇଥିଲେ ଯେ ସେ କବିଙ୍କୁ ସାର୍ଟିଫିକେଟ ଦେଇ ତହିଁରେ ଲେଖିଥିଲେ " ବୈକୁଣ୍ଠ ଚରଣଙ୍କର ଓଡ଼ିଆ ଓ ଇଂରାଜ ଉଭୟ ଭାଷାରେ ଏତେ ଦଖଲ ଅଛି ଯେ ତାହା ଦେଖି ତାଙ୍କ ପ୍ରତି ମୋର ଈର୍ଷା ହୁଏ ।" ଏହା କେତେ ଅନ୍ତରଙ୍ଗ ଶ୍ରଦ୍ଧାର ପରିଚାୟକ ସହଜରେ ଅନୁମେୟ ।

ଗୁରୁଦେବଙ୍କ ମାତା ଓ ପିତା ଯଥାକ୍ରମେ ୧୯୩୪ ଓ ୧୯୩୬ ମସିହାରେ ପ୍ରାଣତ୍ୟାଗ କରିଥିଲେ ।

ଗୁରୁଦେବ ୧୯୩୮ ମସିହାରେ ଓଡ଼ିଶା ସେକ୍ରେଟେରିଏଟର ଭୂତପୂର୍ବ ରେଜିଷ୍ଟ୍ରାର ପୁରୀଜିଲ୍ଲା ଗୁଆଞ୍ଜିର ଗ୍ରାମ ନିବାସୀ ଶ୍ରୀଯୁକ୍ତ ଜଗତ ବଲ୍ଲଭ ଦାସ ବି, ଏ, ଙ୍କ କନିଷ୍ଠା ଭଗିନୀ ଶ୍ରୀମତୀ ନେହ-ମଣି ଦେବୀଙ୍କୁ ବିବାହ କରିଥିଲେ । ୧୯୪୧ ମସିହାରେ ସେ ବି, ଏଲ, ପାସ କରିଥିଲେ ଏବଂ ୧୯୪୧ ମସିହାରେ କଟକ ଜଜ୍‌କୋର୍ଟରେ ଓକାଲତି ଆରମ୍ଭ କରିଥିଲେ । ୧୯୪୨ ମସିହାରେ କବିଙ୍କର ପ୍ରଥମ ସନ୍ତାନ ରାଧା ଗୋବିନ୍ଦ ଜନ୍ମ ଗ୍ରହଣ କରିଥିଲେ । କିନ୍ତୁ ଏକ

ମାସ ବୟସରେ ଅକାଳରେ ତାଙ୍କର ମୃତ୍ୟୁ ହେଲା ( କବିତା କୁମୁଦର ୭୩ ନମ୍ବର କବିତା )। କବିଙ୍କର ବର୍ତ୍ତମାନ ଜୀବିତ ସନ୍ତାନ ଦୁଇ ଗୋଟି।

୧। ପୁତ୍ର ଶ୍ରୀମାନ ପୁରୁଷୋତ୍ତମ, ଜନ୍ମ ୧୯୪୩ ମସିହା।

୨। କନ୍ୟା ଶ୍ରୀମତୀ ରାଜଲକ୍ଷ୍ମୀ, ଜନ୍ମ ୧୯୪୭ ମସିହା।

୧୯୪୨ ମସିହାରେ କବି ଓଡ଼ିଶା ସରକାରଙ୍କର ଆଡ଼ିସନାଲ ଓଡ଼ିଆ ଟ୍ରାନ୍ସଲେଟର ରୂପେ ନିଯୁକ୍ତ ହୋଇଥିଲେ। ବର୍ତ୍ତମାନ ସେ ଓଡ଼ିଶା ସରକାରଙ୍କ ପ୍ରଚ୍ଛର ବିଭାଗର ଚିଫ୍ ଟ୍ରାନ୍ସଲେଟର । ୧୯୪୩ ମସିହାରେ କବି ଉତ୍କଳ 'ଯୁବ ସାହିତ୍ୟ ସମାଜ, ପ୍ରତିଷ୍ଠା କରିଥିଲେ ଏବଂ ଗତବର୍ଷ ୧୯୪୫ ମସିହାରେ କଳିଙ୍ଗ ଭାରତୀ ପ୍ରତିଷ୍ଠାନ ସ୍ଥାପନ କରି ଅଛନ୍ତି । କବିତା କୁମୁଦ କଳିଙ୍ଗ ଭାରତୀର ଆଦ୍ୟ ଅର୍ଘ୍ୟ ।

ଗୁରୁଦେବଙ୍କ ରଚନା ଶୈଳୀ ଅଦ୍ଭୁତ । ତହିଁରେ ଉପେନ୍ଦ୍ର ଭଞ୍ଜଙ୍କ ରସିକତା, ଦୀନକୃଷ୍ଣଙ୍କ ଲଳିତ୍ୟ, କବିସୂର୍ଯ୍ୟଙ୍କ ସଙ୍ଗୀତ ଓ ଜଗନ୍ନାଥ ଦାସଙ୍କ ସାରଲ୍ୟ ଏକାଧାରରେ ଲକ୍ଷିତ ହୁଏ। 'କବିତା କୁମୁଦ' ପରେ ଅନ୍ୟ ଯେଉଁ ସବୁ ଗ୍ରନ୍ଥ ପ୍ରକାଶିତ ହେବ ତାହା ଅମ୍ଭମାନଙ୍କ ଉକ୍ତିକୁ ପୂର୍ଣ୍ଣ ଭାବରେ ପ୍ରମାଣିତ କରିବ। ଅମ୍ଭେମାନେ ତାଙ୍କୁ ଗୁରୁଦେବ ରୂପେ ଲାଭ କରି ଧନ୍ୟ ଓ କୃତାର୍ଥ ହୋଇଅଛୁଁ । କଳିଙ୍ଗ ଜନନୀଙ୍କ ମୁଖ ସମୁଜ୍ଜ୍ୱଳ କରିବାକୁ ପ୍ରଭୁ ତାଙ୍କୁ ଶତାୟୁ ପ୍ରଦାନ କରନ୍ତୁ ଏହାହିଁ ପ୍ରତ୍ୟେକ କଳିଙ୍ଗ ବାସୀର ମିନତିମୟ ପ୍ରାର୍ଥନା।

ଜୟ ମା କଳିଙ୍ଗ ଭାରତୀ

# ମୁଖବନ୍ଧ

ଦେଶର ସହଜ ସାହିତ୍ୟର ପରମ୍ପରା ଅକ୍ଷୁଣ୍ଣ ରଖିବା ପ୍ରକୃତ ବୁଦ୍ଧିମାନ ସାହିତ୍ୟପ୍ରାଣଙ୍କର ଅବଶ୍ୟ କର୍ତ୍ତବ୍ୟ । ଦୈବ ବିଡ଼ମ୍ବନାରୁ ଶିକ୍ଷା ପଦ୍ଧତିରେ ଉତ୍କଳ ସାହିତ୍ୟ ଅନୁଶୀଳନର ଅଯଥା ପରିବର୍ତ୍ତନ ହେତୁ ଜାତୀୟ ଭାଷା ଓ ସାହିତ୍ୟର ସହଜ ଭାବ ବିଦୂରିତ ହେଲା । ମଧ୍ୟଯୁଗରେ କଳା-ବିଭବର ଆଧିକ୍ୟ ଦୂଷଣ, ଏହି ଭାବ ଯେଉଁମାନେ ପୋଷଣ ଓ ଘୋଷଣ କରନ୍ତି ଏହା ସେମାନଙ୍କର ଅବଶ୍ୟ ଜ୍ଞାତବ୍ୟ ଯେ ସେ ଯୁଗର କବିମାନ-ଙ୍କରେ ଭାଷାର ସହଜ ଭାବ ଉକ୍ତି ଚାତୁର୍ଯ୍ୟ ଓ ବୈଶିଷ୍ଟ୍ୟମୟ କଳା ବିଭବ ସହ ସମଭାବରେ ଅନ୍ତଃସଲିଳା ଫଲ୍‌ଗୁବତ୍ ଅବାଧରେ ଗତି କରୁଥିଲା । କିନ୍ତୁ ନୂତନ ପଦ୍ଧତିର ପ୍ରବର୍ତ୍ତନ ହେତୁ ସଂସ୍କୃତ ଭାଷାର କାରକ ପ୍ରକ୍ରିୟା ତଥା ଶବ୍ଦ ଯୋଜନା ଉତ୍କଳ ଭାଷାରେ ନିଜର ଆଧିପତ୍ୟ ବିସ୍ତାର କଲା । ମଧ୍ୟଯୁଗର କବିମାନେ ଉତ୍କଳ ସାହିତ୍ୟରେ କଳା ବିଦ୍ୟାର ପ୍ରୟୋଗ ପ୍ରକ୍ରିୟାରେ ନିଜର ଚାତୁର୍ଯ୍ୟ ଓ ନୈପୁଣ୍ୟ ଦର୍ଶାଇ ରସାନୁକୂଳ ଗୁଣର ଅନୁରୋଧରେ ବିଷୟର ଔଚିତ୍ୟାନୁଯାୟୀ ଉପଯୁକ୍ତ ରାଗରାଗିଣୀ ତଥା ବୃତ୍ତର ପ୍ରବର୍ତ୍ତନ ଦ୍ୱାରା କାବ୍ୟରଚନା କରୁଥିଲେ ଓ ସଂଗୀତର ମାଧୁର୍ଯ୍ୟ ଛନ୍ଦରେ ପରିସ୍ଫୁଟ କରାଇ ପାରୁଥିଲେ । ଉତ୍କଳର ପ୍ରାଚୀନ ପଦ୍ୟ ସାହିତ୍ୟ ଯେଉଁ ବିଦ୍ୱାନମଣ୍ଡଳୀ ସବିସ୍ତର ଅନୁଶୀଳନ କରନ୍ତି ସେହିମାନେ

ନ୍ତି ଏହି ଉକ୍ତିର ସାରବତ୍ତା ହୃଦୟରେ ଧାରଣା କରି ପାରିବେ ଏଥିରେ ସନ୍ଦେହର ସ୍ୱଳ୍ପମାତ୍ର ଅବକାଶ ନାହିଁ । ପାଶ୍ଚାତ୍ୟ ଶିକ୍ଷାର ଶୈଳୀ ଅନୁସାରେ ପାଠ୍ୟ ପୁସ୍ତକର ଅଭାବ ସଞ୍ଚାରଣ ହେତୁ ବା ଅକାରଣ ହେତୁ ଉପଲବ୍ଧି ହେଲା ଏବଂ ସେହି ଅଭାବ ପରିପୂରଣ ନିମିତ୍ତ ନୂତନ ରୀତିର ଗ୍ରନ୍ଥମାନ ଉତ୍କଳ ଭାଷାବିଦ୍‌ଙ୍କ ଦ୍ୱାରା ଲିଖିତ ହେଲା । ଇଂରାଜୀ ସାହିତ୍ୟର ପ୍ରକୃତ ଓ ରୀତିରେ ଅନୁପ୍ରାଣିତ ଉତ୍କଳର ତଦାନୀନ୍ତନ କୃତବିଦ୍ୟ ବ୍ୟକ୍ତିଗଣ ପାଶ୍ଚାତ୍ୟ ସାହିତ୍ୟକୁଶଳ ସମକାଳୀନ ବଙ୍ଗୀୟ ଲେଖକଗଣଙ୍କ ପଦାଙ୍କ ମଧ୍ୟ ଅନୁସରଣ କରି ସଂସ୍କୃତ ଭାଷାର ସ୍ୱରୂପକୁ ଉତ୍କଳ ଭାଷାରେ ଉପସ୍ଥାପିତ କଲେ ଏବଂ ତତ୍‌ସହ ଇଂରାଜୀ ରୀତି ମଧ୍ୟ ଅଜ୍ଞାତସାରରେ ହେଉ ଅବା ଜ୍ଞାତସାରରେ ହେଉ ଉତ୍କଳ ଭାଷାରାଜ୍ୟରେ ଆରୋପ କଲେ; ପାଶ୍ଚାତ୍ୟ ସାହିତ୍ୟ ତଥା ଭାଷାର ରୂପଶ୍ରୀ ତଥା ପ୍ରକୃତିର ଅପାର ମଣୀୟତାର ବ୍ୟାମୋହରେ ମୁଗ୍ଧ ହୋଇ ଉତ୍କଳଭାଷାର ବିଶିଷ୍ଟତା ପ୍ରତି ଅବହେଳା ପ୍ରଦର୍ଶନ କଲେ

ଏହି ଅବସ୍ଥା ସନ୍ଦର୍ଶନରେ ବ୍ୟଥିତ ହୋଇ ମୁଁ ଉତ୍କଳ ଭାଷା ତଥା ସାହିତ୍ୟର ସହଜ ଭାବ ଲୋକସାଧାରଣ ସମକ୍ଷରେ ଉପସ୍ଥାପିତ କରିବା ମାନସରେ ମନାସ କରି ଦୃଢ଼ ପରିକର ହୋଇ ପ୍ରାଚୀନ ସାହିତ୍ୟର ଅନୁଶୀଳନରେ ପ୍ରବୃତ୍ତ ହେଲି । ଯେଉଁ ଛାତ୍ରବର୍ଗ ଏ ସୁଦୁସ୍ତର କାର୍ଯ୍ୟରେ ମୋର ସହଭାଗୀ ହୋଇଥିଲେ ତନ୍ମଧ୍ୟରେ ଶ୍ରୀମାନ୍ ବିଚ୍ଛନ୍ଦଚରଣ ମୁଖ୍ୟତମ । ତାଙ୍କର ସ୍ୱଦେଶପ୍ରାଣତା ହେତୁ ସେ ଛାତ୍ରାବସ୍ଥାରୁ ପ୍ରାଚୀନ ସାହିତ୍ୟରେ ଅନୁରାଗୀ ହୋଇ ତାହାର ଉଦ୍ଧାର କଳ୍ପେ ବ୍ରତୀ ହେଲେ । ସେ ବିଶେଷ ବିଶେଷ ସ୍ଥଳରୁ ବିଷମ ପରିଶ୍ରମ ସହ ସୁଷମ ସୁମନସମୂହ

ସଂଚୟନ କରି ସୁରଭି ସୁମନାମାନର ସରସ ମାନସସରସରେ ସନ୍ନିବେଶିତ କରିଅଛନ୍ତି । ଶଶିରେଖା କାବ୍ୟ ଓ ଚଉତିଶା ମଧୁରଙ୍କ ପ୍ରକୃତ ସମୁଚିତ ଯୋଜନାରେ ସମ୍ପାଦନପୂର୍ବକ ସାର ସାହିତ୍ୟ ସାର ସରସ ରସିକଭାବ ଅନ୍ତଃସ୍ରବଣୀ ଆଶ୍ରୟ ପୁରଃସର ସାରଳ୍ୟସନ୍ଦର୍ଭରେ ସୁଷମା ସମ୍ଭାରର ସମନ୍ୱୟ କରି କ୍ଷିପ୍ତ ସୁଧୀସମୂହର ସାତିଶୟ ବିସ୍ମୟ ଉତ୍ପାଦନରେ ସମର୍ଥ ହୋଇ ଅଛନ୍ତି । ପ୍ରାଚୀ ସମିତି ପକ୍ଷରୁ ପ୍ରକାଶିତ "ପ୍ରାଚୀ" ପତ୍ରିକାର ସୁବୋଧ ପଦବୀରେ ପ୍ରାପ୍ତାଧିକାର ହୋଇ ସେ କଳାକୁଶଳ ଉତ୍କଳ ଗୌରବର ପରାକାଷ୍ଠା ପ୍ରଦର୍ଶନ ପୂର୍ବକ ନିଜର କର୍ମଦକ୍ଷତା ତଥା ପଣ୍ଡିତ ଦେଶପ୍ରାଣତାର ପ୍ରକୃଷ୍ଟ ପରିଚୟ ପ୍ରଦାନ କରିଅଛନ୍ତି । ସେ ଉତ୍କଳର କାବ୍ୟକୁଞ୍ଜରୁ କମନୀୟ କୁସୁମନିବହର ପ୍ରାଣତର୍ପଣକର ସୌରଭକୁ ଇଂରାଜୀ ଭାଷାରେ ବିକୀରଣ କରି କାବ୍ୟରସିକ ତଥା କାନ୍ତକବିକଳାପକଙ୍କର ଚମତ୍କାର ଉତ୍ପାଦନ କରି ପାରିଅଛନ୍ତି । ଉତ୍କର୍ଷ କଳାଧାର ଉତ୍କଳର କାବ୍ୟ କବିତାଚୟ ଶିଶୁର ଉଲ୍ଲାସକ ପଦକଦମ୍ବକବରଜ୍ଞିତ, ପୁନଶ୍ଚ ତନ୍ତୁଧମ୍ନିତ ସଂଗୀତ ଧାରା ଲାବଣ୍ୟ ମାଧୁର୍ଯ୍ୟମୟୀ ସୁଧାରସନିଷ୍ୟନ୍ଦିନୀ ମନ୍ଦାକିନୀ । ପ୍ରାଚୀନଯୁଗର ରସିକ ଜନପ୍ରିୟ କବିନିକରଙ୍କ ମଧୁର ଦିବ୍ୟକଣ୍ଠ ଦେଶରୁ ବିନିସୃତ ହୋଇ ସେହି ମନ୍ଦାକିନୀର ଅମନ୍ଦ ମନ୍ଦ୍ରଧାରା ବିବିଧ ସୁନ୍ଦର ଛନ୍ଦରେ ଅବିରାମ ଗତିରେ ଉତ୍କଳ ଧରଣୀ ମଣ୍ଡଳ ବକ୍ଷ ପ୍ଲାବିତ କରିଥିଲା । କିନ୍ତୁ ପରତାପର ବିଷୟ ସଂଗୀତର ସେହି ସହଜ ସ୍ୱଚ୍ଛନ୍ଦ ମଧୁର ଅବିରାମ ପ୍ରବାହ ନୂତନ ଅପ୍ରାକୃତ ଛନ୍ଦର ବନ୍ଧରେ ହତଶ୍ରୀ ହୋଇ ଅତି ମନ୍ଥରଗତି ପ୍ରାପ୍ତ ହେଲା । ଦେଶକାଳପାତ୍ର ଭେଦରେ ଅବସ୍ଥା ବିଶେଷଗତ ବିଷୟ ବସ୍ତୁ ଓ ତଦ୍‌ବର୍ଣ୍ଣିତ କ୍ରିୟାକଳାପ କୁ ଅବରେ କୁ ଭାଷାରେ ବା ଛନ୍ଦର ବନ୍ଧରେ ଉପସ୍ଥାପିତ କରିବାକୁ ହେବ

ଯୁଗ ଯୁଗର ପ୍ରେରଣା, ଅନୁଭୂତି ଫଳରେ ଏହାର ଯେ ସିଦ୍ଧାନ୍ତ ହୋଇଥିଲା ତାହାର ଉପଯୋଗିତା ତଥା ଅନୁପଯୋଗିତା ବିଚାର ନ କରି ତଦ୍‌ପ୍ରତି ଅବହେଳା ପ୍ରଦର୍ଶନ କରିବା ଘୋର ଅବିମୃଶ୍ୟ-କାରିତାର ବିଷୟ । ପୁରାତନ ବିଷୟ ସକଳ ଯେ ଶୁଦ୍ଧିପୂତ ଏପରି ଭାବ ପୋଷଣକାରୀ ବ୍ୟକ୍ତି ନିଶ୍ଚୟ ଅନୁଦାର ତଥା ସଂକୀର୍ଣ୍ଣଚେତା । ଜଗତ୍ ଉନ୍ନତିଶୀଳ । ମାନବ ତଥା ସମାଜ ନିତ୍ୟ ନିତ୍ୟ ଉନ୍ନତି ପଦବୀରେ ଆରୋହଣ କରୁଅଛି । କ୍ରମବିକାଶର ଧାରା ଅନୁଯାୟୀ ସମାଜ ସ୍ୱତଃ ଗଠିତ ହୁଏ ଏବଂ ହେବ ଏହା ଅବଶ୍ୟମ୍ଭାବୀ ଓ ଅନିବାର୍ଯ୍ୟ । ଏହାର ପ୍ରତିରୋଧ କରିବା ବା ରକ୍ଷଣଶୀଳତାର ମୋହରେ ପଡି ଏହାକୁ ବାଧା ଦେବା ଅସମୀକ୍ଷ୍ୟକାରିତାର ପରିଚାୟକ । ଲୋକେ ପ୍ରତିରୋଧ କରିବାରେ ବାଧା ଦେବାରେ ପ୍ରୟାସ କରନ୍ତି । କିନ୍ତୁ ତାହା ବିଫଳ ପ୍ରୟାସ । କାଳ—ନିୟତିର ଗତି ଅବାରିତ । ସେହି କାଳର ଚିନ୍ତାଶୀଳ ବିଶିଷ୍ଟ ବ୍ୟକ୍ତି ନିୟତିର ଗତି ଲକ୍ଷ୍ୟ କରି ଜାତିର ତଥା ଜନର କଲ୍ୟାଣ ଦୃଷ୍ଟିରେ ତାକୁ ଉପଯୁକ୍ତ ଭାବରେ ନିଜର ଜାତିର ତଥା ଦେଶର ପ୍ରକୃତି ଅନୁଯାୟୀ ସଂବିଧାନ ସହ ନିଯୋଜିତ କରନ୍ତି । ତଦନୁଯାୟୀ ଜୀବନକୁ ସବିସ୍ତର ପରିଚାଳନ କରନ୍ତି ଏବଂ ଜୀବନର ଉପଯୋଗୀ ବିଷୟମାନ ମଧ୍ୟ ସେହି ରୀତିରେ ଗଠିତ କରନ୍ତି । ଏତଦ୍‌ଦୃଷ୍ଟିରେ ନୂତନକୁ ଉପଯୋଗିତା ଅନୁସାରେ ଗ୍ରହଣ କରନ୍ତି; ଏତଦ୍ୱାରା ପ୍ରତିପନ୍ନ ହୁଏ ନାହିଁ ଯେ ସେ ପୁରାତନକୁ ଏକା-ବେଳେକେ ଉପେକ୍ଷା କରନ୍ତି । ପୁରାତନର ଯାହା ଉପଯୋଗୀ ତାକୁ ସଂରକ୍ଷଣ କରି ତତ୍‌ସହ ନୂତନର ମଧୁର ସମାବେଶ କରନ୍ତି ଏହା ଯୁଗ ପ୍ରବର୍ତ୍ତକଙ୍କର କାର୍ଯ୍ୟ । ଏତଦ୍ୱାରା ଜାତୀୟ ଜୀବନ ଦୃଢ଼ ଭାବରେ ସଂଗଠିତ ତଥା ସଂସ୍ଥାପିତ ହୁଏ । ଜାତୀୟ ଜୀବନ

ପରମ୍ପରାର ସମଷ୍ଟି । ଆଜି ଦେଶ ଦେଶାନ୍ତରର ସଭ୍ୟତା; ନୂତନ ଚିନ୍ତା, ଭାବନା, ଅବିଷ୍କାର, ଉଦ୍‌ଭାବନ ସେହି ସେହି ଦେଶରେ ସୀମାବଦ୍ଧ ନୁହେଁ, ଜଗତର ବିଶାଳ ପ୍ରାଙ୍ଗଣରେ ଉନ୍ମୁକ୍ତ ଭାବରେ ସର୍ବସାଧାରଣ ଧନ ରୂପେ ତାହା ଉପଗତ । ଯେଉଁମାନେ କେବଳ ନୂତନର ପକ୍ଷପାତୀ ସେମାନେ ଏକଦେଶଦର୍ଶୀ, ଅବିମୃଶ୍ୟକାରୀ ତଥା ଜାତୀୟ ଜୀବନର ବିଷମ ପରିପନ୍ଥୀ । ସେମାନଙ୍କର ଏହି ମୂଢ଼ତା-ହେତୁକ ଭ୍ରମ ସୁସ୍ପଷ୍ଟଭାବରେ ଦର୍ଶାଇବା ଛଳରେ ସ୍ୱଗର ସାଧୁ ପ୍ରବୃତ୍ତିକ ରୂପେ ଶ୍ରୀମାନ ବାଞ୍ଛନରଙ୍କ ପ୍ରାଚୀନ ଛନ୍ଦର ବନ୍ଧରେ କିପରି ଜଗତର ନୂତନ ଭାବ ସଙ୍ଗ ସୁକୋମଳ ଅଙ୍ଗରେ ପ୍ରତିଭାତ ହୁଏ ତାହା ସ୍ୱକବିତା କୁମୁଦରେ ଯଥାଯଥ ଦର୍ଶାଇ ଅଛନ୍ତି । ମୋର ଚିର ପୋଷିତ ଅଭିଳାଷିତ ସେ କାର୍ଯ୍ୟରେ ଦର୍ଶାଇ ପରିପୂରଣ କରି ଅଛନ୍ତି । ଏହା ମୋର ଚିତ୍ତରେ କି ଅପୂର୍ବ ଆନନ୍ଦ ପ୍ରଦାନ କରିଅଛି ତାହା ଭାଷାରେ ଅଭିବ୍ୟକ୍ତ ହୋଇ ପାରେ ନାହିଁ । ସେ ନିଜର ଆକ୍ଷେପ ଉଦ୍‌-ବିଷୟରେ "ସେ କାଳ ବିପଞ୍ଚୀ ଏକାଳ ଭାନେ" କବିତାରେ ସ୍ପଷ୍ଟ ଅଭିବ୍ୟକ୍ତ କରି କହି ଅଛନ୍ତି "ଛନ୍ଦ କଳ୍ପତରୁ ତଳେ" ରହି ଉତ୍କଳୀୟର ରସସୁଧା ମେଣ୍ଟୁ ନାହିଁ । ଏହି ଉକ୍ତିରେ କବିଙ୍କର କି ଆଭ୍ୟନ୍ତର ମର୍ମବେଦନା ତାହା ସ୍ପଷ୍ଟ ପ୍ରକାଶ ପାଉଅଛି । ତାଙ୍କର ଏହି ଦୁଃଖ ଅସହମାନ ହେବାରୁ ସେହି ଦୁଃଖ ମେଣ୍ଟାଇବାକୁ ପ୍ରୟାସୀ ହୋଇ ସେ ସ୍ୱକୃତିତ୍ୱ ବଳରେ ସଫଳକାମ ହୋଇ ଅଛନ୍ତି । ସେ ନିଜର କବିତା କୁମୁଦର ପ୍ରାରମ୍ଭରେ 'ମାଆ'ଙ୍କର ସଂବର୍ଦ୍ଧନା କରିଅଛନ୍ତି । ଏହି ମାତୃପୂଜା—ଦେବୀପୂଜା ପ୍ରକୃଷ୍ଟ ପୂଜା । ଏ ପୂଜାର ସମକକ୍ଷ ଆଉ କିଛି ନାହିଁ । ମାଆ ଶକ୍ତି-ସଂଚାରିଣୀ, ଅଭୟବର ଦାୟିନୀ ଏବଂ କବିତା କୁମୁଦର ଉଲ୍ଲାସ

ଦାୟିତ୍ୱ ଗ୍ରହଣ କରି ପ୍ରାରମ୍ଭ ଭାଷଣ କରି ଅଛନ୍ତି । ଏହି କବିତା-
କୁସୁମଦଳରେ ତାଙ୍କ ଚିତ୍ତ ପ୍ରତିଫଳିତ—ଏଣୁ ତାଙ୍କର ଚିତ୍ତକୁ
କବିତା କୁସୁମ କହିବାରେ ସମୀଚୀନ ଉକ୍ତି କରିଅଛନ୍ତି । ଏହା
ତାଙ୍କର ଭାବ ସମୃଦ୍ଧିର ପ୍ରକାଶକ । ବାଣୀ ଆରାଧନା ତାଙ୍କ ଧର୍ମ,
ସେହି ଧର୍ମର ଶୋଭନ ପରିପାଳନ ନିମିତ୍ତ ସେ ତାଙ୍କ ପୂର୍ବବର୍ତ୍ତୀ
ତଥା ସମକାଳୀନ ଗୁରୁରୂପୀ ମନୀଷୀମାନଙ୍କ ସଂବର୍ଦ୍ଧନା କରି
ନିଜର କର୍ତ୍ତବ୍ୟ ଯଥାଯଥ ପ୍ରାରମ୍ଭ କରି ସାଙ୍ଗ କରି ଅଛନ୍ତି ।
"ଦେବତା-ବନ୍ଦନଂ କୃତ୍ୱାର୍ ଗ୍ରନ୍ଥଂ ଉଦାହରଣ ପୂର୍ବକମ୍" । ସେ
ନିଜର ଗୁରୁରୂପେ ଉପେନ୍ଦ୍ରଭଞ୍ଜଙ୍କୁ ଅଭିବାଦନ କରି ମାଆଙ୍କଠାରୁ
ଶକ୍ତିଭିକ୍ଷା କରିଅଛନ୍ତି । ମହାମାନବ ମହାତ୍ମାଙ୍କଠାରୁ ଆରମ୍ଭ କରି
ପଠାଣିସାମନ୍ତ, ଗୌରୀଶଙ୍କର ତଥା ଉତ୍କଳର ନେତା ମଧୁସୂଦନ
ଓ ଗୋପବନ୍ଧୁ ପ୍ରମୁଖଙ୍କୁ ଅର୍ଘ୍ୟ ପ୍ରଦାନ, ସାହିତ୍ୟ ରସିକ ରବୀନ୍ଦ୍ର-
ନାଥ, ରାଧାନାଥ, ମଧୁସୂଦନ, ଗୋପାଳକୃଷ୍ଣ, ଗୋପାଳଚନ୍ଦ୍ର ଓ
ନନ୍ଦକିଶୋର ପ୍ରଭୃତିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ଏବଂ ସିଃ ଭିଃ ରମଣ ଓ
ଲକ୍ଷ୍ମୀକାନ୍ତଙ୍କଠାରୁ ନୃସିଂହଚରଣ ପ୍ରଭୃତିଙ୍କ ପର୍ଯ୍ୟନ୍ତ ନିଜର ସହୃଦୟ
ବୃନ୍ଦର ଅର୍ଚ୍ଚନାହାର ପ୍ରତିଭା ପୂଜାର ସରଣୀ ଦେଶବାସୀଙ୍କ
ସମ୍ମୁଖରେ ଉତ୍କୃଷ୍ଟ ଭାବରେ ଉପସ୍ଥାପିତ କରି ଅଛନ୍ତି । ଆଧ୍ୟାତ୍ମିକ-
ଭାବରେ ମାନବର ପ୍ରକୃତ ଚିତ୍ତ ବିକାଶ ପରିସ୍ଫୁଟ ହୁଏ—ସେ
ନିଜର ଶକ୍ତିର ସ୍ୱଳ୍ପତା ପ୍ରଦର୍ଶନ ପୂର୍ବକ ଜଗତ୍ ନିୟନ୍ତା ପରମ-
ଶକ୍ତି ସମକ୍ଷରେ ଆତ୍ମସମର୍ପଣ ପୂର୍ବକ ପ୍ରାର୍ଥନା କରେ ପାଇବାକୁ
ସେହି ପଦାର୍ଥ ଯାହାଦ୍ୱାରା ସେ ଜଗତର ମର୍ମ କଳନା କରି ଅମର
ଗୀତ ଗାଇ ନିଜହୃଦୟରେ ଶାନ୍ତି ଆଣିବ । ତାହା ସେହି ଶକ୍ତି
"ତୁମେ ଓ ମୁଁ" "ମା କରୁଣା ନାହିଁକି", "ବାଣୀ ସ୍ୱର୍ଣ୍ଣା",

"ମା ତୁ କ୍ଷମା-ବାରିଧି", "ଭାରତୀ ଆବାହନ ଗୀତ" ପ୍ରଭୃତି ଦ୍ୱାରା ଉପର କଥିତ ବିଷୟ ପରିସ୍ଫୁଟ ।

"ଶକୁନ୍ତଳାଙ୍କ ପତିଗୃହ ଯାତ୍ରା"ରେ କର୍ତ୍ତବ୍ୟ ଶିକ୍ଷା, 'ବନ୍ଦୀବଣ୍ଟ'ରେ ଜାତିଶିକ୍ଷା "ମୋ ସୁନାଗୁନ୍ଦ"ରେ ହୃଦୟର ଗଭୀର ବେଦନା ଜନିତ ସରଳ କରୁଣ ମଧୁର କବିତ୍ୱର ଦିବ୍ୟ ଉଚ୍ଛ୍ୱାସ, "ଜନ୍ମ"ରେ ସରଳ ପ୍ରାଣର ମୁଗ୍ଧବାଣୀ "ଅଜଟ ଜନ୍ତାର"ରେ ବାସ୍ତବ ଆଶ୍ୱାସନା, "ଖଣ୍ଡାମୃତ"ରେ ଜାଗର ବାଣୀ', "ଆଲେକଜାଣ୍ଡର ଦସ୍ୟୁ ସମାନ ଜୀବତ୍ସେ" ଏହାଦ୍ୱାରା ସମ୍ମତିତ ଯୁକ୍ତିର ପ୍ରସ୍ତାବନାରେ ଐହିକ ବିଭବ କାମନାର ବିଷମ ପରିଣତିର ପ୍ରତିପାଦନ, "ସମ ବିଲାଟ" ରେ ଦୁଃଖୀର ବାସ୍ତବ ଅନ୍ତଃ ପ୍ରକାଶ ପ୍ରଭୃତି ଯଥାଯଥ ଉପସ୍ଥାପିତ ହୋଇଅଛି । ଅନୁବାଦରେ ସୁନ୍ଦର ଭାବ ଓ ଭଙ୍ଗୀ ଅକ୍ଷୁଣ୍ଣ ରଖିବା ବଡ଼ କଠିନ ବ୍ୟାପାର । କିନ୍ତୁ ଶ୍ରୀମାନ୍ କୃଷ୍ଣଚରଣ ଭକ୍ତ କବିମାନଙ୍କ ଭାବରେ ଏପରି ଅନୁପ୍ରାଣିତ ହେଲେ ଯେ ସେ ନିଜେ ମୌଳିକ ଭାବାପନ୍ନ ବ୍ୟକ୍ତି ତୁଲ୍ୟ କବିତା ଲେଖିଲେ—ତାହା ମୌଳିକ କବିତା ରୂପେ ବିରାଜିତ; କାରଣ ସେ ପଦ୍ୟ ଗୁଡ଼ିକରେ ଭାବ ଓ ବାଣୀର ଏପରି ମଧୁର ସମନ୍ୱୟ ହୋଇଅଛି ଯେ ତାହା ଅପର ରଚିତର ଛାୟାରୂପେ ଆଦୌ ଜଣାଯାଏ ନାହିଁ । ତାଙ୍କ ପ୍ରୀତି-ଗୀତ "ଆଦ୍ୟ ଭେଟେ" ରେ ପୂର୍ବରାଗର ପ୍ରଥମ ପ୍ରସ୍ତାବନାରେ ପ୍ରେମମଦିରାର ପ୍ରଥମ ଅନୁଭବର ଉନ୍ମାଦନା ତରଳ ସରଳ ମଧୁର ଭାବରେ ଗଭୀର ସଙ୍ଗୀତର ସାର ଉଦ୍ଗିରଣ ପୂର୍ବକ ଦିବ୍ୟ କଣ୍ଠର ବାଜେଣି ବୀଣା ଗୀତ ଶୁଣାଇ ଅଛି । "ମଞ୍ଜୁଳା ମାଧବୀ"ର ମଧୁର ପ୍ରୀତି ଦୂଷଣ ଗୋପନ ବା ଜଣାଇ କାହିଁକି ବା ଡରିବ ସେ

ମଧୁ ଲୁଣ୍ଠିଛି ସେ ମଧୁର ଭଅଁଣ କାଟେଣ, ସେ କି ବାରଣ ମାନିବ ? ବାସ୍ତବ ଶାସ୍ତିକୁ କି ଭୟ କରିବ ! ସେ ତାକୁ ତୁଚ୍ଛ କରି ମଣେ, ଏହା ଯେ ଉତ୍ତମ ରୂପେ ଭଣେ ।

କ୍ରମେ ସେ ରସିକ ଭିଡ଼ ଥସନେ,

କବିରୂପେ ସାରା ଜଗତ ତାକୁ ମାନେ ।

“ଲଲସୀ ଏ ସାରା ପରାଣ” ରସିକ ଏହା ସଦା ପାଠ କରିବ, ସୁନିଶ୍ଚିତ; କାରଣ ପ୍ରେମିକ ହୃଦୟର ଭାଷାଣି ଯାହା କବି ପଦକରେ ବର୍ଣ୍ଣାଣି ଅଛନ୍ତି । “ରତ୍ନମାଳା ପାଖକୁ ମାଧବ” “କିଶୋର ପାଖକୁ କାମିନୀ” ଓ “କାମିନୀ ପାଖକୁ କିଶୋର” “ଗୋପ ପାଖକୁ ମିନତି” ଓ “ମେନତ ପାଖକୁ ଗୋପ” “ମାଳତୀ ପ୍ରତି ବସନ୍ତ” “ବ୍ରଜକିଶୋର ପାଖକୁ ସ୍ନେହଲତା” “ହେମଲତାର ଚିଠି” “ନିତ୍ୟାନନ୍ଦ ପାଖକୁ ନିରୁପମା” “ରାଜକିଶୋର ପାଖକୁ ମାଧୁରୀ” ପ୍ରଭୃତି ପ୍ରେମ ଚିଠାଭିର ଆଦାନ ପ୍ରଦାନରେ ପ୍ରେମର ଯେ ଉନ୍ମୁକ୍ତ ଭାବ ବିକଶିତ ସେଥିରେ ଜ କିଛି ଅପ୍ରାକୃତ ବିଷୟର ଅବତାରଣା ନାହିଁ ।

ସମର ସମରେ ପ୍ରୀତି, ସୁନ୍ଦରର ସୁନ୍ଦର ସହିତ ସମଅନୁଭୂକତା ଓ ସହଯୋଗିତା ସୁନିଶ୍ଚିତ । ପ୍ରକୃତିର ସମତାରେ ଶାନ୍ତି, ଅସମତାରେ ବିଗ୍ରହ, ବିପ୍ଳବ, ବିଶୃଙ୍ଖଳତା ଓ ଅଶାନ୍ତି, ପ୍ରୀତିର ମାଧୁରୀ ଶାନ୍ତିର ଅସ୍ଥାନରେ ବିଶ୍ରାନ୍ତି ଲାଭକରେ । “ସକଳ ବ୍ୟାଧିର ଭେଷଜ” ରୂପିଣୀ କବିତାରେ “ରୂପକାଙ୍ଗାଳ” “କରିଦ୍ୟା ମୁଁ ମାତର” “ଯା ଶୋଭାକାର ଅଶାସ୍ତି ମୋ ଜୀବ ସ୍ଫୁରକ” “ସମୁଦ୍ର ମନୋଜ୍ଞ ଦଶ୍ଚ ମୋରେ”, “ଭାସ୍ମା ତୁହ ସ୍ପା ମୁଁ ମାତର”, “ସିଡିଶିର ଅଲକା ମୋ ବାଳା” “ଅଲତା, ଉଦ୍ଭାକ

ମୋ ବାଞ୍ଛିତ", ପ୍ରଭୃତି ନାୟକର ପ୍ରାଣ ଢଳାଳ ଉକ୍ତିକୁ "ମୋର ଚିତ୍ତ ବଉଳର ଚେଉର" "ଅଖି ଲୁହେ ଅଖିର କଜଳ, ଟୋପାଇ ଲିଖୁଛି ଲିପିମାଳ" "ଲୁମାଇ ମୁଁ ରହିବି ଗୀତ, ଫୋଟୁଥିବ ଯାଏଁ ତୁମ୍ଭ ମୋ ନୟନୁ ନୀର" "ହୃଦ ଉପବନର ମୋର, ଚନ୍ଦ୍ର ହୋଇ କୁମୁଦକୁ ମଣ କାହିଁ ଦୂର" "ଲଳାଟ ପଟେ ମୋ ଗାର, ପ୍ରିୟ ମୋହର ହେ" "ଆସ ମୋ ରଙ୍ଗ ସଙ୍ଗାଳ ମୁଁ ତୁମ୍ଭ ବାଳୀ" "ଅଲଘ୍ୟ ମୋହର ମଣି ଖଡ଼" ନାୟିକାର ସରଳ ବିଶ୍ୱାସରେ ପ୍ରୀତି ସ୍ନିଗ୍ଧ ମସୃଣ ଦ୍ରୁତ ଚିତ୍ତରେ ଅଙ୍କ ସମର୍ପଣ ପୂର୍ବକ ଅଣାୟତ୍ତୀ ଭବ ସୂଚକ ଉଭୟର ଗୁଞ୍ଜନ ପ୍ରୀତି ଶ୍ରେବାଦ୍ୟାଙ୍କ ରସିକ ଚିତ୍ତରେ କି ରତି ସ୍ଫୂର୍ତ୍ତି କରିବ ତାହା ଅନୁଭବୀ ମାନେହିଁ ଅନୁଭବ କରି ପାରିବେ । "ବିରହ ବାରମାସୀ"ରେ ବିରହର କରୁଣ ମଧୁର ଝଙ୍କୃତ, "ବିଚ୍ଛେଦ ତରଙ୍ଗିଣୀ"ରେ କ୍ଷୁବ୍ଧ ଲଜ୍ଜିତ ହୃଦୟର ଦ୍ରୁତତା, "ପଲ୍ଲୀବଧୂ"ରେ ଗୌରବାବହ ଉଚ୍ଚଆଶୟର ଅନୁରୋଧରେ ସ୍ୱାବାନୁକୂଳ ଭାଷାର କାନ୍ତିମତ୍ତା, "ମୋ ଦେଶ"ରେ ଦେଶପ୍ରାଣତାର ଉଦାତ୍ତ ଉଚ୍ଛ୍ୱାସ, "ମୋ ସୁନା ଗ୍ରାମ"ରେ ସୁନ୍ଦରର ତିରୋଧାନରେ ଅନୁରାଗୀ ଆକୁଳ ହୃଦୟର କରୁଣ ସ୍ପନ୍ଦନ ଜନିତ କଳ୍ପନାର ବିଳସନ, "ଉତ୍କଳ ଶାନ୍ତାମଣି"ରେ ବହୁ ରସର ମଧୁର ସମନ୍ୱୟ ଓ ସ୍ୱାନୁଭୂତି ଜନିତ ସମବେଦନାରେ ସ୍ଥିର ସଙ୍କଳ୍ପ, 'ଜନ୍ମ'ରେ ସହଜ ସରଳ ଛବି, "ତୁ ଏବେଣ ହୋଇବୁ ନାହିଁ"ରେ କାନ୍ତକବି ବନମାଳୀଙ୍କ ସ୍ଫୁରଣ ମାଧୁର୍ଯ୍ୟର ଯୁଗପତ୍ ବିଳାସର ପ୍ରତିବିମ୍ବ । "କବି-ସଙ୍ଗୀତ"ରେ କବି-ସ୍ୱଧାତା-ସ୍ୱାଧୀନଚେତା, ସୌନ୍ଦର୍ଯ୍ୟ ଓ ପ୍ରୀତିର ବିଳାସୀ-ଚିଦାନନ୍ଦସ୍ୱରୂପରେ ସମ୍ରାଟ । ଶ୍ରୀମାନ୍ କବି ବିଜୁନନ୍ଦନଚରଣ କବି ସଙ୍ଗୀତର ବିଷୟ ନିଜ ଅନୁଭୂତିକୁ

ପ୍ରକାଶ କରିଥିବାରୁ ସେ ତାଙ୍କ ସ୍ୱରୂପକୁ ଗୌଣ ଭାବରେ ଅଭି-ବ୍ୟକ୍ତ କରି ଅଛନ୍ତି । ସେ ନିଜ କଥା ନିଜେ ଯଥାର୍ଥ ଭାବରେ କହିଅଛନ୍ତି । "ସ୍ୱଗୁଣାବିଷ୍କ୍ରିୟା ଦୋଷୋ ନାସ୍ତି ଭୂତାର୍ଥଶଂସିନଃ । ସତ୍ୟବାଦୀଙ୍କର ନିଜଗୁଣ ପ୍ରକାଶ କରିବା ଦୋଷ ନୁହେଁ । ଶ୍ରୀମାନ୍ ବିଚ୍ଛନ୍ଦ ତା ପ୍ରକାଶ କରି ନାହାନ୍ତି, କିନ୍ତୁ ତାହା ତାଙ୍କ ଉକ୍ତିରୁ ଜଣା ଯାଏ । ମୋର ଶେଷରେ ପଦେ ଆହୁରି କହିବାର ଅଛି—ଶ୍ରୀମାନ୍ ବିଚ୍ଛନ୍ଦଚରଣ ପ୍ରକୃତ ଦେଶପ୍ରାଣ, ଯେ ପ୍ରକୃତ ଦେଶପ୍ରାଣ ସେ ସର୍ବଗୁଣାକର ମୋର ଏହା ଦୃଢ଼ ବିଶ୍ୱାସ ।

ପ୍ରୀତି ସଚିତର ପ୍ରତିଷ୍ଠାତା

ରାୟବାହାଦୁର **ଶ୍ରୀ ଆର୍ତ୍ତବଲ୍ଲଭ ମହାନ୍ତି** ଏମ୍. ଏ.

ତା।୮।୭।୪୭

# ସୂଚୀପତ୍ର


| କ୍ରମିକ ସଂଖ୍ୟା | କବିତା | ପୃଷ୍ଠା |
|---|---|---|
| ୧ | ମାଆ | ୧ |
| ୨ | ଅଦ୍ୟଭେଟେ | ୩ |
| ୩ | ମଞ୍ଜୁଳା ମାଧବ | ୭ |
| ୪ | ଶକୁନ୍ତଳାଙ୍କ ପତି ଗୃହଯାତ୍ରା | ୧୧ |
| ୫ | ଲଳସୀ ଏ ଛାର ପରାଣ | ୧୬ |
| ୬ | ଗୋପାଳ ଚନ୍ଦ୍ର ପ୍ରହରାଜ | ୧୮ |
| ୭ | ବର୍ଷ ବିଦାୟ | ୨୦ |
| ୮ | ପୂଜା ଡାଲି | ୨୧ |
| ୯ | ବିଶ୍ୱକବି ରବୀନ୍ଦ୍ର ନାଥ | ୨୨ |
| ୧୦ | ରତ୍ନମାଳା ପାଖରୁ ମାଧବ | ୨୫ |
| ୧୧ | ତୁମ୍ଭେ ଓ ମୁଁ | ୩୦ |
| ୧୨ | ବିଶ୍ୱକବି ରବୀନ୍ଦ୍ରନାଥ | ୩୧ |
| ୧୩ | ମା ! କରୁଣା ନାହିଁ କି ? | ୩୩ |
| ୧୪ | ପ୍ରମଦା ଜୟନ୍ତ | ୩୫ |
| ୧୫ | ଉତ୍କଳ କେଶରୀ ମଧୁସୂଦନ | ୩୯ |

| କ୍ରମିକ ସଂଖ୍ୟା | କବିତା | ପୃଷ୍ଠା |
|---|---|---|
| ୧୬ | ଶସ୍ୟ ଶ୍ୟାମା | ୪୨ |
| ୧୭ | କବିବର ରାଧାନାଥ ରାୟ | ୪୪ |
| ୧୮ | ମନୋରମା | ୪୫ |
| ୧୯ | ସୈନିକର ବିଦାୟ | ୪୮ |
| ୨୦ | ଲକ୍ଷ୍ମୀକାନ୍ତ ଚୌଧୁରୀ | ୫୦ |
| ୨୧ | ଜିଜ୍ଞାସା | ୫୬ |
| ୨୨ | ମାଆଙ୍କ ବର ଓ ଅଭିଶାପ | ୫୮ |
| ୨୩ | କିଶୋର ପାଖକୁ କାମିନୀ | ୬୦ |
| ୨୪ | କାମିନୀ ପାଖକୁ କିଶୋର | ୬୮ |
| ୨୫ | ରତ୍ନ ରେଣୁ | ୭୫ |
| ୨୬ | ବିରହ ବାରବାସୀ | ୭୭ |
| ୨୭ | ଗୋପାଳ ଚନ୍ଦ୍ର ପ୍ରହରାଜ | ୮୩ |
| ୨୮ | ବିଚ୍ଛେଦ ଚଉତିଶା | ୮୪ |
| ୨୯ | କବିବର ରାଧାନାଥ ରାୟ | ୮୭ |
| ୩୦ | ପଲ୍ଲୀ ବଧୂ | ୯୦ |
| ୩୧ | ମାଳତୀ ପ୍ରତି ବସନ୍ତ | ୯୩ |
| ୩୨ | ମୋ ଦେଶ ! | ୧୦୧ |
| ୩୩ | ମୋ ସୁନାସ୍ବପ୍ନ | ୧୦୪ |
| ୩୪ | ପିଲଙ୍କ ଭାରତ ଜନନୀ | ୧୦୯ |
| ୩୫ | ଉତ୍କଳ ଚିନ୍ତାମଣି ଚଉତିଶା | ୧୧୦ |
| ୩୬ | ପ୍ରଭାତେ | ୧୨୨ |
| ୩୭ | ପଠାଣୀ ସାଆନ୍ତ | ୧୨୪ |

| କ୍ରମିକ ସଂଖ୍ୟା | କବିତା | ପୃଷ୍ଠା |
|---|---|---|
| ୩୮ | ଅଭ୍ରଙ୍କନର ନିମନ୍ତ୍ରଣ | ୧୨୭ |
| ୩୯ | କୁନ୍ତଳା କୁମାରୀ | ୧୨୮ |
| ୪୦ | କୁନ୍ତଳା କୁମାରୀ | ୧୨୯ |
| ୪୧ | ଗୋପ ପାଖକୁ ମିନତି | ୧୩୧ |
| ୪୨ | ଉତ୍କଳ ମଣି ଗୋପବନ୍ଧୁ | ୧୩୩ |
| ୪୩ | ପିଲାଙ୍କ ଉତ୍କଳ ମଣି | ୧୪୦ |
| ୪୪ | ମୋ ଦେଶର ମଙ୍ଗଳ | ୧୪୧ |
| ୪୫ | ଲୋକାଭିଷେକ | ୧୪୩ |
| ୪୬ | ଜନ୍ମ | ୧୪୯ |
| ୪୭ | ଅଜାତ ନିତାଇ | ୧୫୦ |
| ୪୮ | ମିନତି ପାଖକୁ ଗୋପ | ୧୫୧ |
| ୪୯ | ଖଣ୍ଡାମୃତ | ୧୫୮ |
| ୫୦ | ଅସ୍ପୃଶ୍ୟ ହାହାକାର | ୧୫୯ |
| ୫୧ | ଅଲେକ୍ଜାଣ୍ଡର ଦସ୍ୟୁ ସମାନ ଉଭୟେ ! | ୧୬୧ |
| ୫୨ | ଲକ୍ଷ୍ମଣ ଶକ୍ତି ଭେଦରେ ରାମଙ୍କ ବିଳାପ | ୧୬୬ |
| ୫୩ | ମୋ ସୁଖ ବସନ୍ତ | ୧୬୯ |
| ୫୪ | ଉତ୍କଳହଂସ ଗୋପାଳକୃଷ୍ଣ | ୧୭୦ |
| ୫୫ | ସ୍ମୃତିରକ୍ଷା | ୧୭୨ |
| ୫୬ | ଆଉ ଭ୍ରମନା ନୁହ | ୧୭୩ |
| ୫୭ | ଦେଶ ସଙ୍ଗାଲ ଭରସୁ ରେ ଦାନ | ୧୭୪ |
| ୫୮ | ଭକ୍ତ କବି ମଧୁସୂଦନ ରାଓ | ୧୭୬ |

| କ୍ରମିକ ସଂଖ୍ୟା | କବିତା | ପୃଷ୍ଠା |
|---|---|---|
| ୫୯ | ଭାରତୀ ବନ୍ଦନା | ୧୨୮ |
| ୬୦ | ପ୍ରିୟତମା କୋଇଲି | ୧୨୯ |

# ଦ୍ୱିତୀୟ ଭାଗ

| | | |
|---|---|---|
| ୬୧ | ସେ ତ ସ୍ୱଦେଶ ମୋହର | ୧୮୬ |
| ୬୨ | ବୃଦ୍ଧ କିଶୋର ପାଖକୁ ସ୍ନେହଲତା | ୧୮୯ |
| ୬୩ | ନନ୍ଦକିଶୋର ବଳ | ୧୯୫ |
| ୬୪ | ବାଣୀବିଣୀ | ୧୯୮ |
| ୬୫ | ହେମଲତାର ଶଠ | ୨୦୦ |
| ୬୬ | ମା ! ତୁ କ୍ଷମା ବାନ୍ଧି | ୨୦୪ |
| ୬୭ | ତୁ ଏ ଦେଶ ହୋଇବୁ ନାହିଁ | ୨୦୫ |
| ୬୮ | ଜଡ଼ତା ପାଶ ଗଲେ କାହିଁକି ହେ ? | ୨୦୬ |
| ୬୯ | ସୈନିକର ଅନୁଭୂତି | ୨୦୮ |
| ୬୯ | ବିଶ୍ୱନାଥ କର | ୨୧୦ |
| ୭୦ | ବିପିନ ବିହାରୀ ଚୌଧୁରୀ | ୨୧୨ |
| ୭୧ | ସଜଳ କରନୁ ନାହିଁ କଜଳ ନୟନ | ୨୧୪ |
| ୭୨ | ନିତ୍ୟାନନ୍ଦ ପାଖକୁ ନିରୁପମା | ୨୧୫ |
| ୭୩ | ସମର ଶବ୍ଦ | ୨୨୯ |
| ୭୪ | ସେ ଭାଳ ବିପଞ୍ଚୀ ଏ ଭାଳ ତାନ | ୨୩୨ |
| ୭୫ | ନୃସିଂହ ଚରଣ ମହାନ୍ତି | ୨୩୫ |
| ୭୬ | ବାରବାଟୀ | ୨୩୮ |

| କ୍ରମିକ ସଂଖ୍ୟା | କବିତା | ପୃଷ୍ଠା |
|---|---|---|
| ୭୭ | ବାଣୀ ଆବାହନ | ୧୪୦ |
| ୭୮ | ଭକ୍ତର ସଙ୍କଳ୍ପ | ୧୪୧ |
| ୭୯ | ଭାରତୀ ଆବାହନ ଗୀତି | ୧୪୩ |
| ୮୦ | ବଳଭଦ୍ର ଦେବ | ୧୪୪ |
| ୮୧ | ଅବନୀ ଶୋଭା | ୧୪୭ |
| ୮୨ | ଅଳସର ଦୁର୍ଦ୍ଦଶା | ୧୪୭ |
| ୮୩ | ଗୌରୀ ଶଙ୍କର ରାୟ | ୧୪୯ |
| ୮୪ | ଜୀବନର ଗୌରବ | ୧୫୧ |
| ୮୫ | ଗଣିବ ରାହା ତାହାଙ୍କୁ ତର ଅଣା ବାଡ଼ି.? | ୧୫୩ |
| ୮୬ | ଭାରତ ବୈଜ୍ଞାନିକ ସି. ଭି. ରମଣ | ୧୫୫ |
| ୮୭ | ପ୍ରିୟା ବିଚ୍ଛେଦ | ୧୫୭ |
| ୮୮ | ଶଶି ଭୂଷଣ ରାୟ | ୧୫୯ |
| ୮୯ | ମୋ ଚିର ସମାଧି ହେଉ ଭରସ ତୋର | ୧୬୧ |
| ୯୦ | ଭୁଲ ନ ମିଳିଲା ଆଜ | ୧୬୩ |
| ୯୧ | ଚନ୍ଦ୍ରାମଣି ମହାନ୍ତି | ୧୬୫ |
| ୯୨ | ଜଳାଜନ୍ମ ଉତ୍କଳ | ୧୬୬ |
| ୯୩ | ରାଜକିଶୋର ପାଖକୁ ମାଧୁରୀ | ୧୬୮ |
| ୯୪ | ଚେନ୍ଦ୍ରତ ଦରଦୀ ଜନ ଏକାକୀ ନାହିଁ | ୧୭୭ |
| ୯୫ | ଜଗଜ୍ଜନ ହର୍ଷଣୀୟା ମମ ଗଳା ମାଳା | ୧୭୮ |

| କ୍ରମିକ ସଂଖ୍ୟା | କବିତା | ପୃଷ୍ଠା |
|---|---|---|
| ୯୬ | ଲୁଦ ଶୋଷ୍ଟବନ୍ଧ ଅବା ତୋ ଶୋଷ୍ଟକୁ ଦେଖ | ୨୮୦ |
| ୯୭ | ମୋହନ ପାଖକୁ ହୀରାମଣି | ୨୮୨ |
| ୯୮ | ହୀରାମଣି ପାଖକୁ ମୋହନ | ୨୮୯ |
| ୯୯ | ପ୍ରିୟତମ ଭୋଇଲି | ୨୯୯ |
| ୧୦୦ | ମହାତ୍ମାଜୀ | ୩୦୪ |
| ୧୦୧ | ମିନତି | ୩୦୭ |

# କବିତା କୁସୁମ

—୧—

## ମାଆ *

ରାଗ ଧନାଶ୍ରୀ—ଆଠତାଳ

[ଗୋପାଳକୃଷ୍ଣଙ୍କ "ମୋହନ ଗୀତ ଶୁଣା ପଢ଼ିଲୁ ମା" ବୃତ୍ତରେ]

ସାର୍ଦ୍ଧକୋଟି-ସନ୍ତାନ-ପାଳିନୀ ମା
ସୁଜଳା ସୁଫଳା ମହୀ-ମୌଳି-ମାଳା
ବେଶ-ମଞ୍ଜୁଳା ଭୂତି-ଶାଳିନୀ ମା ।୧।
ତଟିନୀ-ମେଖଳା ପୋତ-ପୂତ-ବେଳା
ନଭସ୍ପୃଶୀ-ମନ୍ଦିର-ମାଳିନୀ ମା ।୨।

---

* ଉତ୍କଳ ସାହିତ୍ୟ ସମାଜର ସାହିତ୍ୟ ସପ୍ତାହ ଛତ୍ତିଶ ବର୍ଷ ଜାତୀୟ ଉତ୍ସବରେ ଏ ଗୀତ ଗାନ ହୋଇଅଛି ।

୧। ସାର୍ଦ୍ଧକୋଟି—ଦେଢ଼ କୋଟି; ମହୀମୌଳିମାଳା—ପୃଥିବୀ ମୁଣ୍ଡର ଅଳଙ୍କାର; ବେଶ ମଞ୍ଜୁଳା—ବେଶ ଯୋଗୁଁ ସୁନ୍ଦର ବା ସୁନ୍ଦର-ବେଶା; ଭୂତିଶାଳିନୀ—ବିଭବମୟୀ ।

୨। ତଟିନୀ—ମେଖଳା—ନଦୀମାନେ ଯାହାର ଅଣ୍ଟାସୂତା; ପୋତପୂତ ବେଳା—ଯାହା ଉପକୂଳରେ ଜାହାଜ ଭର୍ତ୍ତି ହୁଏ; ନଭସ୍ପୃଶୀ—ଅତିଉଚ୍ଚ ।

ମୁନି-ଜନ-ମନ— ଲୋଭ ବିମୋହନ
ମୋକ୍ଷ-ପାବଚ୍ଛ-ମାଳ-ଶୋଭିନୀ ମା ।୩।

ଶୁଭ୍ରଫେଣ-ଉଚ୍ଛ୍ୱଳା ଶୂର-ସିନ୍ଧୁ-ଦୋଳା
ବଳୟ-ବିଭ୍ରମୟୀ ହ୍ଲାଦିନୀ ମା ।୪।

କଳା-ପଦ୍ମାଳୟା— ଲଳିତ-ସୁଦେହା
ଦୁଗ୍ଧଅମଳା ବିଧୁହାସିନୀ ମା ।୫।

ବିଚ୍ଛନ୍ଦ-ମଉଳି— ଦନ୍ତ-ପଦଧୂଳି
ଚିତ୍ତ-କୁମୁଦାନନ୍ଦ-ସ୍ପନ୍ଦନୀ ମା ।୬।

୧୯୩୭

---

୩ । ବିମୋହନ—ସୁନ୍ଦର; ମୋକ୍ଷ—ମୁକ୍ତି; ପାବଚ୍ଛ—ପାହାଚ; ମୋକ୍ଷ ପାବଚ୍ଛମାଳଶୋଭିନୀ—ଯାହା ମୁକ୍ତିର ପାହାଚରେ ମଣ୍ଡିତା ଅଟେ ଅର୍ଥାତ୍ ତୀର୍ଥମାଳିନୀ ।

୪ । ବଳୟ-ବିଭ୍ରମୟୀ—ବଳୟ ଅଳଙ୍କାରରେ ଅଳଙ୍କୃତା; ହ୍ଲାଦିନୀ ଆନନ୍ଦଦାୟିନୀ ।

୫ । କଳା-ପଦ୍ମାଳୟା-ଲଳିତ-ସୁଦେହା—ଯାହାର ଦେହ କଳା ରୂପ ଲକ୍ଷ୍ମୀଙ୍କ ଆବାସ; ବିଧୁହାସିନୀ—ବିଧୁ ଅର୍ଥାତ୍ ଚନ୍ଦ୍ରପରି ଯାହାର ହାସ ସ୍ୱଚ୍ଛ ଅଟେ ।

୬ । ମଉଳି—ମୌଳି—ସ୍ୱର୍ଣ୍ଣ; ସ୍ପନ୍ଦନୀ—ଚନ୍ଦ୍ର କିରଣ ।

—୨—

# ଆଦ୍ୟ ଭେଟେ

[ ରାଗ—ଶଙ୍କରାଭରଣ ]

ଅଦ୍ୟେ ଯେଉଁ ଦିନ ସଖୀ ! ରାଜିଲୁ ପୁରତେ
ଆନନ୍ଦ-ପ୍ରତିମା ପରି ଆଭାସିଲୁ ମୋତେ ।
ମସ୍ତି ମଣ୍ଡିଲୁ ଶୋଭାରେ
ରସାଣିତ ଉଷା ସତି ହୋଇଣ ଆଭାରେ ।୧।

ତାମରସେ ଅଳି ପରି ଢଳଢଳ-ଉଜଳ
ତୋଲା ଦୁଇ ନୟନେ ତୋ କରୁଥିଲା ଖେଳ ।
କେଶ-କାଳିମା ତୋହର
ତମୋପୁଞ୍ଜ-ଗରିମାକୁ କରୁଥିଲା ଚୂର ।୨।

ଚନ୍ଦ୍ରରୁ ଚୁମ୍ବୁଡ଼ କାନ୍ତି, ବସନ୍ତୁ ସୁଷମା
ଅମର ବନ୍ଦାଣି ତୋରେ ଗଢିଥିଲା ରମା !
ସଂଗୀତରୁ ସାର ଘେନି
କମ୍ବୁ-କଣ୍ଠେ ଛଇଳି ! ତୋ ଭରିଥିଲା ବାଣୀ ।୩।

---

୧। ପୁରତେ—ଆଗରେ; ସମ୍ମୁଖରେ; ଆନନ୍ଦପ୍ରତିମା—ଆନନ୍ଦ ଉପାଦାନରେ ଗଢ଼ା ମୂର୍ତ୍ତି; ଆଭାସିଲୁ—ଜଣା ପଡ଼ିଲୁ; ରସାଣିତ—ଝଲରେ ମଣ୍ଡିତ; ଆଭା—ଆଲୋକ ।

୨। କେଶ-କାଳିମା—ମୁଣ୍ଡ ବାଳର କଳା ରଙ୍ଗ; ତମୋପୁଞ୍ଜଗରିମା—ଅନ୍ଧାରର ବଡ଼େଇ; ଚୂର କରୁଥିଲା—ଲୁଟି କରୁଥିଲା ।

୩। କାନ୍ତି—ଝଲ; ସୁଷମା—ଶୋଭା; ଅମରବନ୍ଦାଣି—ବିଧାତା; ସାର—ନିର୍ଯ୍ୟାସ ।

ନୟନ-ନଳୀରେ ତୋର ଦେଖିଲ ହୃଦୟ
ଗୋଷ୍ଠାପଣେ ମୋହ ପାଇଁ ପ୍ରେମ-ହେମମୟ ।
ରୂପ ଧରି ମୋ ସୁକୃତ,
ମଣିଲ ପୁରତେ ଅସି ହେଲା ଉପଗତ । ୪ ।
ବଚନୁଁ ବୁଝିଲ ପୁଣି ତୁହି ରେ ଲଳିତା !
ରୂପ ଅନୁରୂପ ଗୁଣଚୟେ ବିମଣ୍ଡିତା ।
କାମ-ବିମୋହନ-ଫାଶ,
ଦାମିନୀ ଥକିତ ମଝେ ହେଉଁ ପରକାଶ । ୫ ।
ଭାଳିଲି ଲତିକା ହେବୁ ମୋ ଉର-ତରୁରେ
ମନ୍ଦାକିନୀ-ଧାର ପୁଣ ମୋ ଚିତ୍ତ-ମରୁରେ ।
ପ୍ରୀତି-ରଚନାକୁ ବାଣୀ,
ପ୍ରେମ-ହେମ-ସିଂହାସନେ ମମ ହୃଦରାଣୀ । ୬ ।
ତୁହି ସୂଚିଲୁ ପୁଣି ଅଶେଷ ସଂକେତେ
ପୂର୍ଣ୍ଣ ସୁଧାକର ହେବୁ ମୋ ଚିତ୍ତ-ବିୟତେ ।
ସ୍ୱର୍ଣ୍ଣ-କମଳ ସମାନ,
ମୋ କୁଟୀର ସରସୀରେ ହେବୁ ଶୋଭମାନ । ୭ ।

---

୪ । ହେମ—ସୁବର୍ଣ୍ଣ; ସୁକୃତ—ପୁଣ୍ୟ; ଉପଗତ—ଉପସ୍ଥିତ ।

୫ । ଅନୁରୂପ—ସମାନ; କାମବିମୋହନଫାଶ—ଯୁବା ହୃଦୟ ପକ୍ଷୀକୁ ଧରିବା ନିମନ୍ତେ ମଦନ ହାତର ସୁନ୍ଦର ଫାଶ ବା ଫାନ୍ଦ; ଦାମିନୀ—ପରକାଶ-ମର୍ତ୍ତ୍ୟପୁରରେ ପହଞ୍ଚି ଦାମିନୀ ଅର୍ଥାତ୍ ବିଜୁଳି ଥକିତ ଅର୍ଥାତ୍ ଆଉ ଉପରକୁ ଯାଇ ନ ପାରି ସତେ ବନ୍ଧା ଯାଇଛି କି ?

୬ । ଲତିକା—ଲତା; ତରୁ—ଗଛ; ମନ୍ଦାକିନୀ—ଗଙ୍ଗା; ମରୁ—ଜଳଶୂନ୍ୟ ବାଲୁକାମୟ ସ୍ଥାନ; ବାଣୀ—ସରସ୍ୱତୀ ।

୭ । ସଙ୍କେତ—ଇସାରା, ସୁଧାକର—ଚନ୍ଦ୍ର; ବିୟତ—ଆକାଶ, ସରସୀ—ପୋଖରି; ହେବୁ ଶୋଭମାନ—ଶୋଭା ପାଉବୁ ।

ନିଃଶେଷି ତୋ ରୂପସୁଧା କରିବାକୁ ପାନ
ରୁମମୂଳ-ସାଜ ମୋର ହୋଇଥିଲେ ନୟନ !
ସହସ୍ର-ଶ୍ରୁତ ମୁଁ ହୋଇ,
ତୋ କଣ୍ଠ-ବାଜେଣୀ-ବୀଣା-ଗୀତ ଶୁଣିଲଇଁ । ୮ ।

ଭାବବାକ୍ୟ ଭଣ୍ଡାର ତୁ ଯେଣୁ ବାଗୀଶ୍ୱରୀ
ଭାବ-କାବ୍ୟ-ବିଦଗ୍ଧ କଲୁ ଚିତ୍ତ ମୋହ ।
ରଚି ମାନସ କୁଳାୟ,
ନିବସିଲେ ତହିଁ ଭକ୍ତ ବର୍ଣ୍ଣ ସମୁଦାୟ । ୯ ।

କଳପନା-ମହୀରୁହ ବାସ୍ତବ-ଅଶନି
କାଳଦେବ ବନ୍ଧୁଆ ରେ ! ଥିଲି ନାହିଁ ଜାଣି ।
ଶିର-ବିଚ୍ଛେଦ-ବଜ୍ରଦେ,
ଲଗି ଯାଇ ବାଟେ ଆଉ ନ ହୋଇବୁ ଉଦେ । ୧୦ ।

---

୮ । ନିଃଶେଷି—ଶେଷପାଏ ସୁଦ୍ଧା ବାକି ନ ରଖି; ରୂପସୁଧା—ରୂପ ରୂପ ଅମୃତ; ସହସ୍ରଶ୍ରୁତ—ହଜାର କାନ ଥିବା ବ୍ୟକ୍ତି; ବାଜେଣୀ ବୀଣା—ବାଜୁଥିବା ବୀଣା ।

୯ । ଭାବ—ପ୍ରେମ; ବାଗୀଶ୍ୱରୀ—ସରସ୍ୱତୀ; ଭାବକାବ୍ୟ—ପ୍ରେମରୂପକ କାବ୍ୟ; ବିଦଗ୍ଧ—ପଣ୍ଡିତ; ମୋହ—ମୋହର; ରଚି ମାନସ କୁଳାୟ—ମନେ ମନେ କୁଳାୟ ଅର୍ଥାତ୍ ନୀଡ଼ ବା ପକ୍ଷୀ ବସା ତିଆର କରି; ନିବସିଲେ—ତହିଁରେ ବାସ କଲେ ।

୧୦ । କଳ୍ପନାମହୀରୁହ—ଆମ ଦୁହିଁଙ୍କ କଳ୍ପନା ବା ମନର ଗଛ ରୂପକ ଗଛ; ବାସ୍ତବ-ଅଶନି—ପ୍ରକୃତରେ ଯାହା ଘଟିଲା ସେ ଘଟଣାରୂପକ ବଜ୍ର; ବନ୍ଧୁଆ—ପ୍ରିୟତମା; ଉଦେ—ଉଦୟ ।

ନୟନତାରା ରେ ! ମୋର ଶୋଭା-ଅଧିଦେବ !
କହ ସତେ ଉଠେ କରେ ଅଭ ମୁଁ ଭେଟିବ ।
କଣ୍ଠେ ବେଢ଼ାଇବ କର,
ବାସ-ବନଜ-ବଦନେ ହେବ ମଧୁକର । ୧୧ ।

୧୯୦୫

---

୧୧ । ନୟନତାରା—ଆଖିର ପୁଅ ପରି ଆଦରଣୀୟା; ଶୋଭା ଅଧିଦେବୀ—ସୌନ୍ଦର୍ଯ୍ୟର ଅଧିଷ୍ଠାତ୍ରୀ ଦେବତା; ବାସ—ସୁବାସିତ; ବନଜ—ପଦ୍ମ; ବଦନ—ମୁଖ; ମଧୁକର—ଭ୍ରମର ।

—ମ—

# ମଞ୍ଜୁଳା-ମାଧବ *

[ ସ୍ୱର—ଶଙ୍କରାଭରଣ ]

( ମାଧବ )

"ପ୍ରାଣପ୍ରିୟା ମଞ୍ଜୁଳା ଗୋ ! କହ ସତ କରି
ଦାସଜନ ପାଇଁ ହେବୁ କି ଦେଶାନ୍ତରୀ ।
ତେଜି ଏ କାଞ୍ଚୀ ନଗର,
ଶୁଣିନାହୁଁ ନାଗରୀ କି ସରଳ ସମର ? ୧ ।

"ପଣତ-କାନିରେ ତୋର ବନ୍ଧା ମୋ ପରାଣ
ରକ୍ତ ଦେହ ଘେନି କେମନ୍ତେ କରିବି ଗମନ ।
ରହିବଇଁ ବା କେସନେ ?
ଧରି ହେବା ସାର ହେବ ସଜନ ଗଣନେ" । ୨ ।

( ମଞ୍ଜୁଳା )

"ପ୍ରାଣଧବ ମାଧବ ହେ ! ସରସୀ-କୂଳନେ
ପ୍ରଥମ ଭେଟରେ ଯେବେ ସାକ୍ଷୀ କରି ଜନେ ।
ପ୍ରାଣ ସଁପିଲି ଶ୍ରୀକରେ
ଛଡ଼ାଛଡ଼ି ହେବା କଥା ଥିଲା କି ମନରେ ? ୩ ।

---

* ଘଟନା ପୁରୁଷୋତ୍ତମ ଦେବଙ୍କ କାଞ୍ଚୀ ଅଭିଯାନ ସମୟର ।

୧ । ଦେଶାନ୍ତରୀ—ଯେ ଦେଶ ଛାଡ଼େ; ନାଗରୀ—ତେଲୁଙ୍ଗୁରୀ ।

୨ । ରକ୍ତ—ଖାଲି ( ଅର୍ଥାତ୍ ହୃଦୟରୁ ତୋ ପାଖରେ ରଖି ଖାଲି ଦେହଟାକୁ ନେବ । )

୩ । ସରସୀକୂଳନେ—ପୋଖରୀ କୂଳରେ; ସଁପିଲି—ସମର୍ପଣ କଲି ।

“ଶିଶୁ କି ନ ଥିବ ଅଙ୍କ ପଲ୍ଲଟୁଛ ଯାହା
ଶ୍ୱାଶୁର ସ୍ଥଳିକା ଦେହ ପଲ୍ଲବିଲେ ତାହା
ହୁଅନ୍ତା ଯେବେ ଅଘଟଣ
ତା ତନୁଁ ଏ କଥା ତୁମ୍ଭ ମୁହଁରେ ଦୂଷଣ । ୪ ।

“ମାଣିକ ଅଣଙ୍କା ମୁହିଁ ତୈଲଙ୍ଗ ଅବଳା
ମୋହ ଲାଗି ଭାଙ୍ଗି ଦେବେକି ସମାଜ-ଅର୍ଗଳା
ହେବ ସୁଖୀ ମୋରେ ଭଜ
ମଞ୍ଜୁଳା ତୋହର ଜୀବଧବ-ଗଳଗ୍ରହ” । ୫ ।

( ମାଧବ )

“ଜାଣିନାହୁଁ ବାନ୍ଧବ ! କି ସଂସାର-ବନ୍ଧନ
ଗଲା ଦିନୁଁ ପିତାମାତା ହେଲଣି ଛେଦନ ।
ଖାଲି ମଞ୍ଜୁଳା ! ତୋ ଆଶ
ଏ ମୁକ୍ତ ଚରଣ ଯୁଗଳରେ ନୂଆ ଫାଶ । ୬ ।

ମଞ୍ଜୁଳା ସମାଜ ମୋର, ମଞ୍ଜୁଳା ମୋ ଜାତି,
ମଞ୍ଜୁଳା ବିହୁନେ ମୋର ନାହିଁ ଆନ ଜାତି
ମଞ୍ଜୁଳାକୁ ଛାଡ଼ି କରି
ମଞ୍ଜୁଳ ହୋଇ ଏ ବିଶ୍ୱ ନାହିଁ କିଛି ଧରି । ୭ ।

---

୪ । ଅଘଟଣ—ଅସୁନ୍ଦର; ଦୂଷଣ—ନିନ୍ଦାର ବିଷୟ ।

୫ । ଅର୍ଗଳା—ବନ୍ଧନ; ଭଟକଣା; ଜୀବଧବ ଗଳଗ୍ରହ—ପ୍ରାଣବନ୍ଧୁଙ୍କ ଉପରକୁ ବୋଝ ।

୬ । ମୁକ୍ତ—ବନ୍ଧନ ଶୂନ୍ୟ; ନୂଆ ଫାଶ—ନୂଆ ବନ୍ଧନ ।

୭ । ମଞ୍ଜୁଳ—ସୁନ୍ଦର ।

"ଗଛମୂଳେ ସାତ ଦିନ ରହିଲେ ଉପାସ
ମଞ୍ଜୁଳା ରେ ! ସ୍ମୃତି ତୋର ଦେବ ମୋତେ ଗ୍ରାସ ।
ତୋର କ୍ଷୁଧିତ ସମ୍ଭାଷ ;
କର୍ଣ୍ଣେ ବାଜିଲେ ପଶି ହେବ ତମା ଶଙ୍ଖ-ପୀୟୂଷ । ୮ ।

"ଦୂଷଣ ଶୋଷଣ ବାଜୁ ନାହିଁ ମୋର ଡର
ଡର କିସ ତାକୁ ଶଙ୍ଖ ନେଲଣି ଯା ସ୍ୱୈର ?
ଅରେ ମୋ ଚିତ୍ତ-ସ୍ୱୈରିଣୀ !
ସ୍ୱୈର-ଦଣ୍ଡ ଦେବ ନେଇ ଉତ୍କଳ-ଅବନୀ । ୯ ।

"ଗଜପତି-ଚିତ୍ତ ହେବ କେମା ପଦ୍ମାବତୀ
ପ୍ରେମ-ରାଟ-ଅଧିକରଣରେ ଯେଉଁ ଶାସ୍ତି
ଏବେ ଅଛନ୍ତି ମୂଳର;
ସେ ଶାସ୍ତି ହୋଇଛୁ ଥୁଅ ମଞ୍ଜୁଳା ! ତୋ ପାଇଁ ।୧୦।"

---

୮ । କ୍ଷୁଧିତ ସମ୍ଭାଷ—କ୍ଷୁଧା ବେଳର କଥା; ଶଙ୍ଖ-ପୀୟୂଷ—ହୃଦୟର ଅମୃତ; (ତୁଳନାକର) "କ୍ଷୁଧା କହିଲେ ବେଳେ ନାଶା ଫୁଲଇ । ଚକ୍ରବର୍ତ୍ତୀପଣରୁ ଗଣନ୍ତି ନାହିଁ ।"—ଉପେନ୍ଦ୍ର ଭଞ୍ଜ ।

୯ । ଦୂଷଣ ଶୋଷଣ ବାଜୁ—ଶଙ୍କା ବଢ଼ୁ ପଛକେ; (ତୁଳନାକର) "ବାଜୁ ଦୂଷଣ ଶୋଷଣ । ହେଲେ ହେଉ ପଛେ ନାନା କଷଣ ଗୋ । ମୁଁ ତ କଲିଣି ଶଙ୍କା ଭୂଷଣ; ସଜନ ଗୋ ।"—ଅଭିମନ୍ୟୁ ସାମନ୍ତ ସିଂହାର ।

୧୦ । ଗଜପତି—ପୁରୁଷୋତ୍ତମ ଦେବ ଓଡ଼ିଶାର ଗଜପତି ମହାରାଜା; ରାଟ—ରାଜା; ଅଧିକରଣ—ବିଚାରାଳୟ; ଶାସ୍ତି-ଦଣ୍ଡ ।

( ମଞ୍ଜୁଳା )

"ନିଜେ ସ୍ୱୈର ହୋଇ ପରେ ବୋଲୁଛ ସ୍ୱୈରଣୀ
ଧନ୍ୟ ରେ ଓଡ଼ିଆ ! ଧନ୍ୟ ତୁମ୍ଭର କରଣି
ଦେଲ ଜାଣି-ସ୍ୱାଧୀନତା
ଓଲଟି ଦଣ୍ଡିବ କାଞ୍ଚୀ-ନଗର-ବନିତା । ୧୧ ।

"ସାକ୍ଷୀ ଥାଅ ହେ ଚନ୍ଦ୍ରମା ! ପର୍ବ-ଶର୍ବରୀଶ
ଲାଜ-ସ୍ୱୈର-ଗଳେ ଲଗାଇଲି ବାହୁପାଶ
ଚିନ୍ତି ନ ଦେଲେ ପେଶଲ,
ଏହା' କର୍କଶତା ନ ଦେବଇଁ କୋହଳାଇଁ" ।୧୨।

ହସୁଥିଲା କାଞ୍ଚୀପୁରେ ସୁହାସିନୀ ରାକା
ହସିଲା ଗଗନେ ଇନ୍ଦୁ, ହସିଲେ ତାରକା
ଦେଖି ଏ ମଧୁର ଯୋଗ,
ଖୁଣି ପୁଣି ପ୍ରୀତ-କଇତବ-ଅଭିଯୋଗ ।୧୩।

୧୯୩୭

---

୧୧ । କରଣି—କାମ ।

୧୨ । ପର୍ବ—ପୂର୍ଣ୍ଣିମା; ଶର୍ବରୀଶ—ରାତ୍ରିର ଅଧିପତି ବା ରାଜା ଅର୍ଥାତ୍ ଚନ୍ଦ୍ର; କର୍କଶତା—ବାହୁପାଶର କଠିନତା ।

୧୩ । ରାକା—ପୂର୍ଣ୍ଣିମା; ଇନ୍ଦୁ—ଚନ୍ଦ୍ର; ମଧୁର ଯୋଗ—ମଧୁର ମିଳନ; କଇତବ—ମିଛମିଛିକା; ଅଭିଯୋଗ—ଦୋଷ-ଲଦେଇ ।

—୪—

# ଶକୁନ୍ତଳାଙ୍କ ପତିଗୃହ ଯାତ୍ରା

( ସ୍ୱର—ଦେଶାକ୍ଷ )

ପତିଗୃହେ ଶକୁନ୍ତଳା କରିବେ ଗମନ
ହେଲା କଣ୍ୱାଶ୍ରମ ଆଜି ବିଷାଦେ ମଗନ ।୧।
ପୁଷ୍ପଜାତ ଛଳେ ତରୁ ଲୋତକ ପକାଇ,
କାନ୍ଦନ୍ତି ସରଳା-ସଖୀ-ଗୁଣଗଣ ଧ୍ୟାଇ ।୨।
ଶୋକର ତାମସୀ ଛାୟା କାୟାକୁ ବିସ୍ତାରି
ଆଶ୍ରମର ଚଉଦିଗ ଅଛଇ ଆବୋରି ।୩।
ବୃଦ୍ଧା ଗଉତମୀ ପ୍ରିୟମ୍ବଦା ଅନସୂୟା
କରନ୍ତି ବିଳାପ ହୋଇ ଆକୁଳ ହୃଦୟା ।୪।
ନିର୍ବିକାର କଣ୍ୱ ମୁନି ବିକାରକୁ ଭଜି
ନୀରବେ କରନ୍ତି ଶୋକ ଲୋତକ ବରଜି ।୫।
ଗୃହୀ-ଜନ-ସୁଲଭ ଏ ଶୋକାବେଗ ପୁଣି
ଲକ୍ଷି ହେଉଛନ୍ତି ମୁନି ହୃଦ ମଧ୍ୟେ ଗୁଣି ।୬।
"ଶକୁନ୍ତଳା ପତିଗୃହେ କରିବ ଗମନ
ଜଡୀଭୂତ ନେତ୍ର ମୋର କଣ୍ଠ ବାକ୍ୟହୀନ ।୭।
ବନବାସୀ ତାପସ ମୁଁ; ମାୟା ମୋ ଏସନ
କନ୍ୟା ତେଜି ନୋହୁଥିବେ କିସ ଗୃହୀ ଜନ ।୮।"

---

୧। କଣ୍ୱାଶ୍ରମ—କଣ୍ୱ ମୁନି ଅର୍ଥାତ୍ ଶକୁନ୍ତଳାଙ୍କ ପାଳକ ପିତାଙ୍କ ଆଶ୍ରମ ।
୨। ଗୁଣଗଣ—ଗୁଣ ସମୂହ; ଧ୍ୟାଇ—ସ୍ମରି ।
୫। ନିର୍ବିକାର—ଦୁଃଖ ସୁଖରେ ଅବିଚଳିତ ।
୮। ତାପସ—ଋଷି ।

ଶୁଣୁଁ ଏହୁ ଉତ୍ତମ ମୁନି ନବୀନ ଦୁକୂଳେ
ମଣ୍ଡି ବପୁ ଶକୁନ୍ତଳା, ଚରଣର ତଳେ । ୯ ।

ପ୍ରଣମି ମାଗିଲେ ଧନୀ ବିଦାୟ କରୁଣ
ଶୋକ-ନଦୀ-ବନ୍ଧ ଭଗ୍ନ କରି ତତକ୍ଷଣ
ନେତ୍ରଜଳରେ କରି ସିକ୍ତ ଭାଷା ମୁନିବର
ବହିଲେ ଆଶିଷ "ବତ୍ସେ ! ଲଭ ଗୋ ସତ୍ୱର
ସୁତ ରାଜଚକ୍ରବର୍ତ୍ତି-ଲକ୍ଷଣ-ସଂଯୁତ,
ସଧବା ସିନ୍ଦୂର ଶିରେ ରହୁ ମା ! ଅକ୍ଷତ । ୧୨ ।

ତରୁଗଣେ ସମ୍ବୋଧିଣ କହନ୍ତି ତାପସ
"ତୁମ୍ଭଙ୍କୁ ନ ଦେଇ ଜଳ ଯେ ଜଳ ସ୍ପରଶ
କରନାହିଁ, ହୋଇ ଯେହୁ ଭୂଷଣ-ରଙ୍କିଣୀ
ପଲ୍ଲବ ତୁମ୍ଭର ଦନେ କରନାହିଁ ହାନି ।
କୁସୁମ ଉଦ୍‌ଗମେ ତୁମ୍ଭ, ହୃଦୟୁ ଯାହାର
ଆନନ୍ଦରେ ହେଉଥିଲା ଉଦ୍‌ବେଳ ଗୋ ତାର
ପତି-ଗୃହ-ଯାଏ ଆଜ, ଉଲ୍ଲସିତ ମନେ
ବିଦାୟ ଦିଅ ଆଶ୍ରମ ମହୀରୁହଗଣେ ! । ୧୩ ।

---

୯ । ଦୁକୂଳ—ବସ୍ତ୍ର; ବପୁ—ଦେହ ।

୧୧ । ୧୨ । ନେତ୍ରଜଳରେ କରି ସିକ୍ତ ଭାଷା—କୋହରେ କଣ୍ଠ ରୋଧକରି; ବହିଲେ ଆଶିଷ—ଆଶୀର୍ବାଦ କଲେ ।

୧୩ । ୧୩ । ସମ୍ବୋଧନ—ଡାକି; କୁସୁମ ଉଦ୍‌ଗମେ—ଫୁଲ ଫୁଟି ବାହାରିଲେ; ମହୀରୁହ—ବୃକ୍ଷ ।

ଏକାଳେ ଶ୍ରବନ୍ତେ ପିକ ତରୁ-ଡାଳେ ବସି
ଘଡନ୍ତେ ପୁଷ୍ପନିବହ ବାୟୁସ୍ରୋତେ ଖସି
ତରୁଗଣ ଏ ସବୁକୁ କରି ବ୍ୟପଦେଶ
ଦେଲେ ଅନୁମତି ବୋଲି ଜାଣିଲେ ମୁନୀଶ । ୧୮ ।

ପ୍ରିୟସଖୀ ପାଇଁ ଶୋକେ ହୋଇଣ ଗଦ୍‌ଗଦା
ଗଗନ ଫଟାଇ ବିଳପିଲା ପ୍ରିୟମ୍ବଦା
ଅସହ୍ୟ-ସଖୀ-ବିରହେ ଅନସୂୟା ପୁଣି
କଣ୍ଠେ ତା ମିଳାଇ କଣ୍ଠ କାନ୍ଦିଲା ଦୁଃଖିନୀ । ୨୦ ।

ଶକୁନ୍ତଳା-ବସନାନ୍ତ ଧରି ମୃଗଶାବ
ଟାଣନ୍ତେ ସୁସ୍ଥିର ମୁଖେ ବିଷାଦ ନୀରବ
ଭାଷିଲେ ତାପସ "ବତ୍ସେ ! କୁଶାଗ୍ରେ ଯା ମୁଖ
କ୍ଷତ ହୁଅନ୍ତେ ମନେ ତୁମ୍ଭେ ବହି ଗୁରୁ ଦୁଃଖ,
ଇଙ୍ଗୁଦୀ-ତଇଲ ଲେପି ଶୁଖାଇଲ ବ୍ରଣ
ନୀବାର ତଣ୍ଡୁଳେ ତୁମ୍ଭେ ପୁଷ୍ଟ ଯା ଜୀବନ;
ମାତୃହୀନ ସେହୁ ମୃଗଶାବ ତୁମ୍ଭ ଗତି
ବସନାନ୍ତ ଟାଣି ରୋଧେ, ବିଷାଦ ତ ଅତି । ୨୪ ।

ବାତ୍ସଲ୍ୟରେ ବିଗଳିତ ହୁଅନ୍ତେ ଅନ୍ତର
ସମ୍ଭାଷିଲେ ସ୍ନେହଶୀଳା ମୃଗଶାବେ ଚିର
"ପାଳିଥିଲି ତୋତେ ତୋର ମାଆ ଯାନ୍ତେ ମରି
ପଛେ ଗୋଡ଼ାଉ କି ବାପ ! ସେ କଥା ସୁମରି ?

---

୧୭ । ୧୮ । ନିବହ—ସମୂହ, ସବୁ; ବ୍ୟପଦେଶ—ଛଳ, ସଙ୍କେତ ।
୧୯ । ୨୦ । ଗଦ୍‌ଗଦା—ଆକୁଳା; ବିଳପିଲା—କାନ୍ଦିଲା ।
୨୧ । ୨୪ । ବସନାନ୍ତ—ଲୁଗାକାନି; ଶାବ—ଛୁଆ; ବ୍ରଣ—ଘାଆ ।

ଯାଉଛି ମୁଁ ପିତୃଦେବ ତୋତେ ଅଙ୍କଠାରୁ
ଲଭିଲେ ରେ ବାପ ! ତୁହି ରହ ଏଥୁଠାରୁ’ । ୨୭ ।
ଝରଇ ନୟନୁଁ ନୀର ହେଲା କଣ୍ଠରୋଧ
ନ ମାନିଲେ ସ୍ନେହଶୀଳା ତାହାଙ୍କ ପ୍ରବୋଧ । ୨୮ ।
ଶାର୍ଙ୍ଗରବେ ଚାହିଁ ମୁନି ଭାଷନ୍ତି ଏକାଳେ
“ଶକୁନ୍ତଳା ସହ ବତ୍ସ ! ଯିବ ନୃପ ଆଳେ । ୨୯ ।
ଭାଷିବ ତାହାଙ୍କୁ ଅମ୍ଭେ ବନବାସୀଜନ
ତପସ୍ୟା ବିହୁନେ ଅମ୍ଭ ନାହିଁ ଆନ ଧନ । ୩୦ ।
ସରଳା ଏ ଶକୁନ୍ତଳା, ପ୍ରଣୟ ପ୍ରବୃତ୍ତି
ସରଳ ବେଶରେ ପ୍ରକାଶିଛି ତାଙ୍କ ପ୍ରତି । ୩୧ ।
କଳତ୍ର-କାଙ୍କ୍ଷିତ ପତି ସୁହାଗ-ସମ୍ଭାର
ଲଭିଲେ ସେ, ହେବ ତୋଷ ଅନ୍ତର ଅମ୍ଭର । ୩୨ ।
ନ ମାଗୁଁ ଆନ କିଛି” । “ଶୁଣ ଶକୁନ୍ତଳେ !
ଆଚରିବ ଗୁରୁଜନସେବା ପତିଆଳେ । ୩୩ ।
ମଣିବ ସପତ୍ନୀଗଣେ ପ୍ରିୟସଖୀ ସମ
ନ ଧରିବ ପତିଦୋଷ ରୋଷେ ତୁଚ୍ଛ କରି । ୩୪ ।
ପତି ରୁଷ୍ଟ ହେଲେ ହୋଇ ବିରୁଦ୍ଧାଚରଣୀ
ନୋହିବ କଦାଚ ତାଙ୍କ ବିରାଗ-ଭାଗିନୀ । ୩୫ ।

---

୩୧ । ସରଳ ବେଶରେ...ଇତ୍ୟାଦି—ସ୍ପଷ୍ଟରେ ତାଙ୍କୁ ହୃଦୟ ଦାନ କରିଅଛି ।

୩୨ । କଳତ୍ର—ଭାର୍ଯ୍ୟା; କାଙ୍କ୍ଷିତ—ଇପ୍ସିତ, ଇଚ୍ଛା କରୁଥିବା; ସୁହାଗସମ୍ଭାର—ସ୍ନେହରୂପ ଧନ ।

୩୩ । ଆଳେ—ଘରେ ।

ବାଳାପେ ଅସଣ୍ଡ କେତେବେଁ ନୋହେ ଏବା ହଣ୍ଡିତ
ପରଜନେ ଅନୁକମ୍ପା ବାଢୁବ ମା ! ନିତ୍ୟ । ୩୬ ।
ଏହାରେ ଅନାଥା ଭଲେ ନିଜେ ଅପସର୍ଣ
ମନଃଶୂଳ ହୁଏ ବଧୂ ସବିଙ୍କ ଅବଶ୍ୟ । ୩୭ ।
ଦଅ ମା ! ମେଲାଣି ଏବେ ସଖୀଙ୍କି ତୋହର
ନ ଯିବେ ତୋ ସଙ୍ଗେ ସେ ତ ଅଛ ବେଶୀ ଦୂର ।୩୮।
ମୋତେ ମା ! ଆଦାଯୁ ଦଅ ଦେନ ଶୁଭାଶିଷ
ପୂରାନ୍ତୁ କାମନା ତୋର ପ୍ରଭୁ ଜଗଦୀଶ । ୩୯ ।
ପ୍ରାଚୀ ପ୍ରସବଇ ଯେତେ ସହସ୍ରାଂଶୁଧୃତ
ସୁପୁତ୍ର ଦେଇ ମନ ତୋତେ ଦେବୁ ଅତୁଳିତ ! । ୪୦ ।
ମୋ ବିଚ୍ଛେଦ-ବ୍ୟଥା ଭବ୍ୟ ହୁଅ ଗୋ ବିସ୍ମୃତ
ଗୃହସ୍ଥବ୍ୟାପାରେ ସଦା ନିବେଶ ମା ! ଚିତ୍ତ । ୪୧ ।
ଶୋକାତୁରା ଶକୁନ୍ତଳା ସଖୀଙ୍କି ଆଲିଙ୍ଗି
କହନ୍ତି "ମେଣ୍ଟ ଆମର ବାନ୍ଧୁ ଦେଲୁ ଭାଙ୍ଗି ।୪୨ ।
ସଖୀଏ ! ଏହୁ କି ମୋର ଶେଷ ଆଲିଙ୍ଗନ
ଏହୁ କି ଦେଲୁ ଏ ଅଶ୍ରମେ ଶେଷ ସମ୍ଭାଷଣ ? ୪୩ ।

---

୩୬ । ପରଜନ—ଗୃହର ଗୃହସ୍ୱାମୀ; ଅନୁକମ୍ପା—ଦୟା; ନିତ୍ୟ—ସବୁବେଳେ ।

୩୭ । ମନଃଶୂଳ—ଅପ୍ରୀତି ।

୪୦ । ପ୍ରାଚୀ—ପୂର୍ବଦିଗ; ସହସ୍ରାଂଶୁଧୃତ—ସୂର୍ଯ୍ୟ ।

୪୧ । ଭବ—ଶୀଘ୍ର; ଗୃହସ୍ଥ ବ୍ୟାପାରେ—ସଂସାର ଧନ୍ଦାରେ; ନିବେଶ ମା ! ଚିତ୍ତ—ଦେ ମା ! ମନ ଦିଅ ।

୪୨ । ମେଣ୍ଟ—ମେଳ । ୪୩ । ଶେଷଶେଷେ—ବୃଦ୍ଧ ବୟସ ହେଲେ ।

ପ୍ରିୟମ୍ବଦେ ! ଅନସୂୟେ ! କହ ସତ କର
ଦୁଃଖିନୀର ସ୍ମୃତି ହୃଦେ ଥିବ କିଛି ଧର । ୪୪ ।
କହ ପିତଃ କହ କେବେ ଆସି ଏ ରଙ୍କିଣୀ
ଏ ଆଶ୍ରମ ହେରେଖିବ ନେତ୍ରଯୁଗେ ପୁଣି" । ୪୫ ।
ଭାଷିଲେ ତାପସ 'ବତ୍ସେ ! ବିଶାଳ ଅବନୀ
ସପତ୍ନୀ ସମାନ ଲଭି, ହୋଇ ରାଜରାଣୀ । ୪୬ ।
ଜନ୍ମଗଲେ ରାଜ୍ୟଭାର ଦେବ ସୁତ କରେ
ଆସିବ ବାନପ୍ରସ୍ଥେ ଏହି ଆଶ୍ରମରେ । ୪୭ ।
ସେ ଶୁଭ ବହୁତ ଦିନ । ନୁହ ତୋ ଚିନ୍ତିତା
ପତିଗୃହେ ପତିସେବା କର ପତିବ୍ରତା ! ।୪୮ ।
ତପସ୍ୟାର ବେଳା ଏବେ ହେଲାଣି ଅଗତ
ଯାଏଁ ମାଆ ! ନିରାପଦ ହେଉ ତୁମ୍ଭ ପଥ ।୪୯ ।
ପ୍ରଣମିଣ ଶକୁନ୍ତଳା ଚଳିଲେ ପତିଗୃହ
ଶାର୍ଙ୍ଗରବ, ଶାରଦ୍ୱତ, ଗଉତମୀ ସହ ।୫୦ ।
ଚନ୍ଦ୍ରିକା ବିହୁନେ ଯଥା ଦିଶଇ ଯାମିନୀ
ଦାମିନୀ ପ୍ରୟାଣେ ଯଥା ଦିଶେ କାଦମ୍ବିନୀ । ୫୧ ।
ଶକୁନ୍ତଳା ଯାନ୍ତେ ଚଳି ତଥା ତପୋବନ
ଦିଶିଲା ସପଦ ହୃତଶିରୀ ଅଶୋଭନ । ୫୨ ।

---

୫୧ । ଯାମିନୀ—ରାତ୍ରି ; ଦାମିନୀ—ବିଜୁଳି; କାଦମ୍ବିନୀ—ମେଘ ।
୫୨ । ସପଦ—ଶାନ୍ତ ।

—୬—

# ଲାଳସୀ ଏ ସାର୍ ପରାଣ

( ଗୀତ ଶ୍ରେଣୀ )

ଲଭିବ ମନା ନ ମାନି                    ଅବାଧ ନୟନ ବେନି
ଅଳି ସମ ଅୟି ଧନି ! ମୁଖେ ତୋ ମଜେ,
ଅନ୍ତର ଭରଲା ଉଛୁଳି                    ଅଜାଣତେ ଯାଏ ବାହୁ
ବୁଝିବ ଆବର୍ତ୍ତି ହୋଇ ତୋ ପଦକଞ୍ଜେ,
ଲାଳସୀ ଏ ସାର୍ ପରାଣ,
କାଂକ୍ଷେ ତୋ ରୂପସୁଧା ଭରିବ ପାନ ।

୧୯୪୪



ଅବାଧ — ଅମାନିଆ; ଧନି — ପ୍ରିୟା; ଅନ୍ତର — ଚିତ୍ତ; ଆବର୍ତ୍ତି—ଭଉଁର; କଞ୍ଜ—ପଦ୍ମ; ଲାଳସୀ—ଅତୀବ ଆଗ୍ରହୀ; କାଂକ୍ଷେ—ଇଚ୍ଛା କଲେ ବହୁବା ନ ରସି; ରୂପସୁଧା—ରୂପ ରୂପକ ଅମୃତ ।]

—୨—

## ଗୋପାଳଚନ୍ଦ୍ର ପ୍ରହରାଜ *

( ୧ )

ରାଗ—ବସନ୍ତ

ଦିଗପାଳ ସମ ମନେ ହୁଏ ମମ ଉତ୍କଳ ସାହିତ୍ୟ କ୍ଷେତ୍ରେ ସେ
ରାଜୁଥିଲ ତୁମ୍ଭେ ହେ ଗୋପାଳଚନ୍ଦ୍ର ! ଦେଇ ମୋଦ କୋଟି କେତେ
ସାଧକ ! ସିଦ୍ଧ ତ ହେଲା ସାଧନା ହେ
ପ୍ରପଞ୍ଚ ମଞ୍ଚରେ ବେଶ କିପାଁ ଅଛି ରହସ୍ୟ ଟି ମହାମନା ହେ ?

ଜଳ ଫଳବନ୍ତ 'ଭାଷାକୋଷ'—ତରୁ ପାଣି ଫଟାଇ ଶୋଣିତ ହେ !
ଏବେ ଏଥିପାଇଁ ଚଉଥ-ଶତାବ୍ଦୀ ଜୀବନରୁ ଜଳ ଦେଇ ହେ
ସାଧକ ! ସାତ ଖଣ୍ଡ ଭାଷାକୋଷ ହେ
ସାଧନାର ସପ୍ତ ସାଗର ତୁମ୍ଭର, କାଳେ ରଚେ ଉପହାସ ହେ ।

ରସାଳ ଲେଖନୀ ଧର ଗୁଣମଣି ! 'ନନାଙ୍କ ବସ୍ତାନୀ ଅଦ ହେ'
ଅମୂଲ୍ୟ ଅତୁଳ ରତନ ପ୍ରତୁଳ ଯାଇଛ ଯାହା ସମ୍ବାଦ ହେ
ରସିକ ! ରବି ଶଶୀ ଥିବା ଯାକେ ହେ
କଳିଙ୍ଗ-ଭାରତୀ-ଭଣ୍ଡାରେ ତା ଅଭି ମଳିନ ନାହିଁ ଟିକେ ହେ ।

---

* କଟକ ଟାଉନ ହଲରେ ଅନୁଷ୍ଠିତ ପ୍ରଥମ ଶୋକସଭାରେ ଗାନ ହୋଇଥିଲା ।

୧ । ମୋଦ—ଆନନ୍ଦ; ପ୍ରପଞ୍ଚ—ଖଳ, ମଞ୍ଚ—ମର୍ତ୍ତ୍ୟପୁର ।

୨ । ଭାଷାକୋଷ — ସାତଖଣ୍ଡରେ ସମାପ୍ତ ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ; ଚଉଥ—ଚତୁର୍ଥ ।

୩ । "ନନାଙ୍କବସ୍ତାନୀ" ପ୍ରଭୃତି ପୁସ୍ତକ ପ୍ରହରାଜଙ୍କ ହାସ୍ୟୋଦ୍ଦୀପକ ସାହିତ୍ୟ ସୃଷ୍ଟିର ଚରମ—ଓଡ଼ିଆ ସାହିତ୍ୟ ରାଜ୍ୟରେ ଅତୁଳନୀୟ; ପ୍ରତୁଳ—ପ୍ରଚୁର ।

ସାହିତ୍ୟ ଜଗତେ ଥିଲ ଛତ୍ରପତି, ମାନବ କୁଳରେ ହୀର ହେ ।
ଦୀନ ହେଲା ଆଜି ଉତ୍କଳ ମହୀର ଦୟା-ସୌଜନ୍ୟ-ପସରା ହେ
ଦୟାଳୁ ! ସସ୍ମିତ ବଦନ ଧନ ହେ !
କୋଟି ତରୁଣଙ୍କ ପ୍ରିୟ 'ବାବା'-ଡାକ ଦେଇ ହେଲ ଅନ୍ତର୍ଦ୍ଧାନ ହେ

ଆଉ ସଭିଙ୍କର ଅଛୁ ପଟାନ୍ତର ପଟାନ୍ତର ତୁମ୍ଭ କାହିଁ ହେ
ଶିଖରୀ ହୋଇଣ ତୃଣକୁ ଶିଖର ପାରେ କେ ଅଙ୍ଗ ନୁଆଇଁ ହେ
ଗୋପାଳ ! ହୃଦ ତୁମ୍ଭ ସ୍ନେହ-କୂପ ହେ
ସ୍ୱାଧୀନ ବଚ୍ଛନ୍ଦ ପରଜା ତୁମ୍ଭର ତୁମ୍ଭେ ତା ଆରାଧ୍ୟ ଭୂପ ହେ ।

୧୯୪୫

---

୪ । ଛତ୍ରପତି — ରାଜା । ସସ୍ମିତ — ହସହସ, 'ବାବା' — ପ୍ରହରାଜ ମହୋଦୟ ସମସ୍ତଙ୍କୁ ବାବା ଡାକୁଥିଲେ । ଏ ଡାକ ତାଙ୍କ ଅପାର ବାତ୍ସଲ୍ୟର ସୂଚକ ଥିଲା ।

୫ । ପଟାନ୍ତର—ତୁଳନା; ଶିଖରୀ—ପର୍ବତ; ଶିଖର—ପର୍ବତର ଶିଖ; ତୃଣ—ଘାସ; ଭୂପ—ରାଜା; କବି ବ୍ୟକ୍ତିଗତ ଭାବରେ ପ୍ରହରାଜଙ୍କ ନିକଟରେ ବହୁ ଭାବରେ ଋଣୀ । ପ୍ରହରାଜେ କବିଙ୍କର ଉପଦେଷ୍ଟା ।

—୨—

# ବର୍ଷ-ବିଦାୟ

ସ୍ୱର—ଆଶାବରୀ

‘ଯାହା ଇଚ୍ଛା ତାହା ହେଉ ଗୋ ପ୍ରିୟସଖୀ ରେ’ ବୃତ୍ତରେ )

ମିଳନ ତ ଏବେ ଶେଷ ହେ ପ୍ରିୟଭାଳ !
ଅତୀତ ଗରଭେ ହଜାଇଲୁ ସଜ୍ଜା
ଅଜଠାରୁ ଏ ବରଷ ହେ । ଘୋଷା ।

କଳା-ଚିରଦାନୀ କଳିଙ୍ଗ ଅବନୀ
ନବ ସାରସ୍ୱତ ଭାଷା
ମାହେନ୍ଦ୍ର ସୁଯୋଗେ ଘେନ୍ ନବଯୁଗେ
କର ବାଣୀ-ପଦେ ଭିକ୍ଷା ହେ । ୧ ।

ସଂକୀର୍ଣ୍ଣ ବେଷ୍ଟନୀ ତେଜକ ମୁଦେ ଧନୀ
ବିଶ୍ୱାଙ୍ଗନେ ପରବେଶୁ
ଖେଳିଲ ନବେ ଆଜି ବିଶ୍ୱଭାବ ରାଜି
ତହିଁ ତା ଚାରୁ ବିଳସୁ । ୨ ।

କଳିଙ୍ଗ ଅତୀତ ଗଉରବଯୁତ
କଳିଙ୍ଗର ବର୍ତ୍ତମାନ
ଛିନ୍ନ ଜଟପାଶ ମଙ୍ଗଳ ଆଶିଷ—
ଅଯାବରରେ କରୁ ସ୍ନାନ । ୩ ।

କଳଙ୍କ ଖ୍ୟାତି ଭଣ୍ଡାର-ବହୁତ
ଯାହା ବଶେ କରୁ ଧନୀ
ଯାଙ୍କ ଚୋଟି କଣ୍ଠୁ ଏକସ୍ୱରେ ଉଠୁ
ଜୟ ମା ବୀର ଜନନୀ । ୪ । ✱

୧୯୩୭

---

## ପୂଜାଡାଲି ✱

( ଗୋପାଳ କୃଷ୍ଣଙ୍କ 'ଦୟା ନ କରନ୍ତୁ ମୁଁ ଦାସୀ ସିନା' ବୃତ୍ତରେ )

ଭରେ ଜଡ଼ାଇ ଧରିଥାନ୍ତି ସିନା ହେ । ଘୋଷା ।

ପଯୁ ଗଳିବା ପାଇଁ ଫାଙ୍କ ତ ଥାନ୍ତା ନାହିଁ
କଣ୍ଟ ଭକ୍ତ କାହିଁକି ଅଙ୍କଳୁଣା । ୧ ।

ନାଚଇ ଭରେ ମୋର ଡେଭେ ଡେଡେ ଯୁଗର
ବାସନା ତୃଷ୍ଣା ବିନା ଅପୂରଣୀ । ୨ ।

---

✱ ଏହା ଉତ୍କଳ ସାହିତ୍ୟ ସମାଜର ୧୯୩୭ ମସିହାର ବାର୍ଷିକୋତ୍ସବର ଶେଷ ସଙ୍ଗୀତରୂପେ ଓ ଅନ୍ୟାନ୍ୟ ବହୁ ସାରସ୍ୱତ ଉତ୍ସବର ଶେଷ ସଙ୍ଗୀତ ରୂପେ ଗାନ ହୋଇଅଛି ।

୦ । ଭର—ଭବ; ଜଡ଼ାଇ—ଜାବ । ୧ । ପସୁ—ପାଣି; ଅଙ୍କଳୁଣା କାହାର ଅଭାବ । ୨ । ଅପୂରଣା—ପାର୍ଥ ହୋଇ ନ ଥିବା ।

ପଦ୍ମିଣୀମାଳି ! ଦୂରେ ରହ, ଝୁରି ମୁଁ ମରେଁ;
ଯଥା ବାଉଆ ଏଣୀ ଗଣବଣା । ୩ ।
ଦଣ୍ଡେ ଦଣ୍ଡେ ଦଂଶୁଛ ପ୍ରାଣେ ତ ନ ଆସୁଛ
ପଦ୍ମା ନଳିନୀ ମଧୁଲିଟ ବନା । ୪ ।
ପୂଜାଡ଼ାଲି ମୋହର ହେଲା ଟି ନାଃରଖାର
ଲହୁ-ସୁଏ ଭାସିଲା ରଣ ଜନା । ୫ ।

୧୯୩୫

—୯—

# ବିଶ୍ୱକବି ରବୀନ୍ଦ୍ରନାଥ *

( ୧ )

( ଶ୍ରୀରାଧା ବାତୁଳ ପ୍ରେମବହ୍ନିଜ୍ୱଳ ବୃତ୍ତରେ )

ପ୍ରାଚୀ-ଭାଲ-ଟୀକା ତାରୁଣ୍ୟ-ସୁରେଖା
ଅଟହ ସାର୍ବଭୌମ କବିବର !
ଭାରତ-ଗୌରବ-ଶିଖର-ମଣ୍ଡଳ !
ଧନ୍ୟ ହେଲା ଧରା ଏ ଅମ୍ବର;
ତୁମ୍ଭ ପଦ ଛୁଇଁ
ତୁମ୍ଭର ମଳୟାମୋଦ ପାଇ
ଜଡ଼ତା-ଶିଶିର ହତ ହେଲା ତାର
ବରଦ ହେ ଟେକ ଟେର ଦେଲ ।

---

୩ । ବାଉଆ--ଅସ୍ଥିର ହୋଇ ଥିବା; ଏଣୀ--ହରିଣୀ; ଗଣବଣା--ଗୋଠରୁ ଖସି ଯାଇଥିବା । ୪ । ମଧୁଲିଟ--ଭ୍ରମର ।

* ଏହା ଉତ୍କଳ ସାହିତ୍ୟ ସମାଜ ଓ ବଙ୍ଗୀୟ ସାହିତ୍ୟ ପରିଷଦଙ୍କ ସମ୍ମିଳିତ ବାର୍ଷିକ ରବୀନ୍ଦ୍ର ସ୍ମାରକ ସଭାରେ ଜନ୍ମବାର ଗାନ ଶୁଣାଇଅଛୁ ।

ସୁରର-ମାଧ୍ୱୀ-ମାଧୁରୀ-ଜାହ୍ନବୀ
ଭଗୀରଥ ହୋଇ ଥିଲ ଆଣି,
ଚିର-ତରୁଣ ହେ ! ଆଦରଣ ତୁମ୍ଭ
ହେଲା ମୃତ-ଧରା-ସଞ୍ଜୀବନୀ,
ଭସ୍ମ ଅଙ୍କୁରିଲା,
ମରଣେ ଜୀବନ ଉରଗଲା,
ଶିଶିର-ହତ-ପଲ୍ଲବ ତରୁ-ଶାଖେ
ଶ୍ୟାମ-ଅଭିସ୍ଫୁଟେ ପୁଲକିଲା ।

ବିଶ୍ୱ-ଜନ-ହୃଦ-ମୟୂରୀ ନାଚିଲା
ତୁମ୍ଭ ରଚନାର ଶାଁଠଘାତେ
କୁଞ୍ଜ-ବନ କବିତାର ଫୁଟାଇଲା
ଭୁବନରେ କମ୍ର ବର୍ଣ୍ଣି ପାତେ,
ଅତେହ ପୂର୍ବସୂରି !
ଅବତର ଅଥ ସୁରପୁରୁ ।
ଭାରତ-ହ୍ରଦ-କୁମୁଦ-ପ୍ରକାଶକ !
ପଥ ଗୁହିଁ ଅଛୁଁ ପର ଦୁରୁଁ ।

---

ପ୍ରାଚୀ—ପ୍ରାଚ୍ୟ ଖଣ୍ଡ; ଭାଲ—କପାଳ; ଟୀକା—ଚିତା, ତାରୁଣ୍ୟ-ସୁଶୋଧା ଆମରଣ ଯୁବ-ମନୋହର ରକ୍ଷା କରିବାର ପକ୍ଷପାତୀ, ସାର୍ବଭୌମ କର—ବିଶ୍ୱବନ୍ଧୁ, ଶିଖରୀ—ପର୍ବତ ମଣ୍ଡଳ-ମୌଳି ଶିଖର, ମଲୟାମୋଦ—ମଲୟ ପବନର ସୁଗନ୍ଧ, ଜଡ଼ତା—ଶିଥିଳ—ନିଶ୍ଚେଷ୍ଟତା ରୂପକ ଶୀତକାଳ ।

କାଦମ୍ବିନୀ-ଶାଟୀ ବକାଳି-ମାଳିକା
ପ୍ରାବୃଟର ଏଣ୍ଡୁ ନବସାଜ
କର ପଲ୍ଲବଣ ଉଲ୍ଲସିତ ମନ
ଭଳିଲ ଅବନୀ ପରା ଅଙ୍କ
ତୁମ୍ଭ ଆଗମନେ
'ଯାତ୍ରୀଙ୍କ ସମାଜ ଅର୍ଘ୍ୟ ଦାନେ'
କୋଣାର୍କ-ପଥର-ଅବଳା-କନ୍ଦାଣେ
ବନାଏ ଏ ସ୍ମୃତି ପୂଜା ଧନେ ।

୧୯୩୬

—୧୦—

## ରତ୍ନମାଳା ପାଶକୁ ମାଧବ *

ରାଗ—ଅହାରୀ

('କୃଷ୍ଣର ଗମନ ଦେଖି ଛନ ଛନ ହୋଇ ସକଳ ଗୋପାଙ୍ଗନା', ବୃତ୍ତ)

ପାଇଣ୍ଡି ପଡର କି ଦେବି ଉତ୍ତର କରେଁ ଜୀବନ୍ତର ଭାବନା
ସଂଶୟ ସୁସ୍ଥିର ହେଲଣିକୁ ଯା ତୁଣ୍ଡ ଶ୍ରବଣେ ସରଶେ ତା ଯାତନା।
ରତନା ! କେଉଁଠୁ ଶିଖିଲୁ ଏ ଗୀତ
ଜାଣୁ ନାହୁଁ କି ତେର ଗାତ ପୀନତଙ୍କ ସଂଶୟ ଯେ ଅଟେ ଅଗାତ ।୧।

---

* ସୁନ୍ଦର – ଉରସ୍ଥାୟୀ, ମାଧବ —( ମଧୁ+ଅ )– ବାସନ୍ତୀ, ଜାହ୍ନବୀ – ଗଙ୍ଗା; ଉସ୍ତୁ – ଫାଲ୍ଗୁନ; ଶିଶିର-ହୃତ-ପଲ୍ଲବ – ଶୀତକାଳ ଯେଉଁ ପତ୍ରଝଡ଼ା ଦେଇଥିବା, ଶ୍ୟାମ-ଐଶ୍ୱର୍ଯ୍ୟ—ଘନ ହରିତରେ ।

୩ । ମରାଳୀ—ହଂସୀ, ବୀଚି—ତରଙ୍ଗ, କଞ୍ଜବନ—ପଦ୍ମବନ କମ୍ର—କମନୀୟ, ସ୍ୱସ୍ତି—ଶଙ୍କବର ।

୪ । କାଦମ୍ବିନୀ—ମେଘ, ଶାଟୀ—ଶାଢ଼ୀ, ବକାଳି—ବଗ ।

---

୧ । ସଂଶୟ—ସନ୍ଦେହ; ଯାତନା—କଷ୍ଟ; ଅଗାତ—ଗଣ୍ଡ ।

ରତ୍ନଚୀରାତଟରେ ବାଲି ଖେଳ ଖେଳୁଁ ତୋର ମୋର ପଶ୍ରି ପୀରତି,
ଭୁଲି ଗଲୁକି ରେ ! ବାଲିଘରେ ତୁହି କାନ୍ତା ସାଜୁ ମୁହିଁ ତୋ ପତି,
ରତନ ! ବାଲିରେ ବନାଉଁ ଅଶନ,
ଚମ୍ପା-ଅଙ୍ଗୁଳିରେ ପରଷି ତା ପୁଣି କରାଉ ଟି ମୋତେ ଭୋଜନ ।୨।

ବାଲିଭାତ ଯେବେ ମିଛେ ଖାଇ ପୋଛି ମିଛେ ମୁଁ ମାରନ୍ତେ ଗୁମୁଡ଼ା,
ଶଶିଖଣ୍ଡ-ଗଣ୍ଡେ ହୋଇଗଲା ଅଙ୍କି ମୋ ଅଙ୍ଗୁଳିର ନୋଳା ଯୋଡ଼ା,
ରତନ ! ତୁ କାନ୍ଦବାର ଅଶ୍ରୁ ମୋର
ଆଖିରୁ ଗଡ଼ନ୍ତେ ଲୁହଧାର ଦେଖି ଦୁହ କର ହେଲୁ ପଥର ।୩।

ବୋଉ ପଶୁରନ୍ତେ ଗାଲ କଣ ହେଲା ବୋଇଲୁ ପଡ଼ିଗଲି ମୁହିଁ,
ପଥରେ ଲାଗିଲା ଆଘାତ ମାଧବ ଧଇଲା ମୋତେ ଉଠାଇ
ବୋଉ ଲୋ ! ମାଧବ ନ ଯାଉ ତା ଘରେ
ଆମ ଘରେ ରହୁ, ଆମ ଘରେ ଖାଉ, ଶୋଉ ଆମ ଖଟ ଉପରେ ।୪।

ଧୂଳି ଖେଳ ବେଳ ସରିଗଲା ବେଗେ ହୋଇଲୁ ତୁହି ଏକାଦଶୀ,
ଗଲା ନୂଆ ଝଲ ଅଙ୍ଗରେ ତୋ ଖେଳ ଲାଜରେ ପୂରି ଗଲୁ ଲସି,
ଏଣିକି ! ଚାହିଁଲେ ନତ କରୁ ମଥା
ଗୋଡ଼ ବୁଢ଼ା ଅଙ୍ଗୁଠିରେ ମାଟି ଚିରୁ ଲାଜରେ କହୁଲୁ କଥା ।୫।

---

୨ । ରତ୍ନଚୀରା—ସାକ୍ଷୀଗୋପାଳ ପାଖର ନଦୀ, ଅଶନ—ଖାଦ୍ୟ ।
୩ । ଶଶିଖଣ୍ଡ—ଚନ୍ଦ୍ରର ଖଣ୍ଡକ ପରି ଉଜ୍ଜ୍ୱଳ; ନୋଳା—ଚିହ୍ନ ।
୫ । ଏକାଦଶୀ—ଏଗାରବର୍ଷର ବାଳିକା; ଝଲ—ଆଭା ।

ହଟନଙ୍କ ପିନ୍ଧୁଲ ଟୋଲଥିଲ ମୁହିଁ ଗଛମୂଳେ ଥିଲି ଅନାଇଁ
ଦମକା ପବନ ବାଦ ସାଧି ତୋର ଝୀନବାସ ଦେଲା ଉଡ଼ାଇ,
ରତନ ! ସୁନା ଖଣ୍ଡଭାର ସବୁ ରେ
ମଜୁଅଳ କର ମନକୁ ମୋହର ଦେଖିଲି ଶୋଭା-ବଲ୍ଲରୀ ରେ । ୬ ।

ଜାଣନ୍ତେ 'ରତନ !' ସମ୍ଭାଳ ବସନ କହିଲି ଦୁଷ୍ଟାମି ବାଧୁଁକି ?
ବୋଲୁ ତେଣେ ଅଛୁ ରମାଙ୍କୁ ଝାଙ୍କୁଛୁ ପାଟି ତୋର ଶୁଖୁ ନାହିଁ କି ?
ସେ ଦିନ; ଭାଳି ଧରି ମୋରେ ଟାଣିଲୁ
ବୋଲି ହାବୁଡ଼ରେ ପଡ଼ିଲି ମୋ ହୃଦ ଲାଜ କୁରୁହାଣ୍ଡରେ
ହାଣିଲୁ । ୭ ।

ବୁଢ଼ି ପାଇ ଗାଁ ଅ ଗୁଣ୍ଡି ଯେଉଁ ଦିନ ପୁରୀ ଗଲି ପଣ୍ଡା ପାଇଁ କି
ଗାଡ଼ିଅ କୂଳର ଏକାନ୍ତ ମିଳନେ ସେ କାଣ୍ଡ ତୋ ମନେ ନାହିଁ କି ?
ରତନ ! ପୋଥିଏ କଥା ତୁ ଲୁହରେ
କହିଗଲୁ ମୋର କଣ୍ଠ ନ ଫିଟିଲା ଜଡ଼ୀଭୂତ ହୋଇ କୋହରେ ।୮।

ଲୁହ, କୋହ, ସେତେ କଥା କହନ୍ତି ରେ ରସନା ନ ପାରେ ବଖାଣି
ଅନୁଭବରୁ ସେ ଦିନ୍ ଥାଇଁ ଜାଣି, ଅହା ରେ ମୋର ହୃଦମଣି !
ରତନ ! ଶଠିରେ ବନାଇଁ ଚୁନାଇଁ,
ସେତେ ଯା ଲେଖିଲେ ଲୁହ କୋହ ସବୁ କଥା କି ତହିଁରେ ଫିଟଇ ।୯

---

୭ । ବଲ୍ଲରୀ—ଲତା ।
୮ । ପୋଥିଏ କଥା—ଯେଉଁ ସବୁ କଥାକୁ ଲେଖିଲେ ବହିଟାଏ ହେବ ।
୯ । ରସନା—ଜିଭ ।

କୁଟିରେ ମୁଁ ଯାଏଁ ଯେବେ ଥରେ ଗାଁଆ ଜୀବନ ହୁଏ ମୋ ମଧୁର,
ତୋ ଦୁଇ ସଜଳ କଜଳ ଆଖିର ଭାବନା ମୋ ପ୍ରାଣ-ଆହାର,
ରତନ ! ଦିନ-ଚିନ୍ତା ରାତି-ସପନ
ତୋରେ କରି ପାଠେ ନିବେଶଇ ମନ ତୁ ମୋର
ନାସାରେ ପବନ । ୧୦ ।

ଦେଶ ବିଦେଶର ହାଟକ-ବରନା ଦେଖି ମୁଁ ଭିତରେ ଭାଳଇ
ନାହିଁ ଏକ ଜଣ ରତନ-ଚରଣ-ଘଷା-ପଥର ସମ ହୋଇ,
ମୋ ଧନ ! ପଲ୍ଲୀ-ସରସୀରେ ବିରଞ୍ଚି
କନକ-କମଳ ରୂପେ ଫୁଟାଇଣି ତୋତେ ମୋ ପାଇଁ ଅଛି ସଞ୍ଚି ।୧୧

ଫଗୁ ପଠାଇଲୁ ଦୋଳ ପୂର୍ଣ୍ଣିମୀରେ ରମା ହାତେ ମୋର କତିକି,
କ୍ଷଣକେ ଛାତିରେ ମୋ ଲଗାଇ ଦେଲୁ ତା ଅଶେଷ ଆନନ୍ଦବତୀକି
ରତନ ! ଭାଳିଲି ସତେ କି ମୋ କର
ଫଗୁରେ ତୋ ଅଙ୍ଗ ମଣ୍ଡିଣି କରିବା ଭାଗ୍ୟେ ଲଭିବ ଅଧିକାର ।୧୨

ସାକ୍ଷୀଗୋପାଳଙ୍କ ଦରଶନ ପାଇଁ ଯାଇଥିଲୁ ବୁଢ଼ୀ ସଙ୍ଗରେ,
ଲୁଣି ମୁହିଁ ତମ ପିନ୍ଧୁ ଧରିଥିଲି ଗଭା ତୁଇଁ ତୋର ଖଞ୍ଜିରେ,
ରତନ ! ଚମ୍ପାଫୁଲ କରୁଁ ଅନ୍ତର
ବଦନ-କମଳ ଫୁଲାଇ ହସିଲୁ ଲାଜରେ ହୋଇ ଜରଜର ।୧୩ ।

---

୧୦ । ଦିନଚିନ୍ତା ରାତିସପନ—ତୋ କଥା ମୁଁ ଦିନଯାକ ଚିନ୍ତାକରେ; ରାତିଯାକ ସପନ ଦେଖେ; ନିବେଶଇ ମନ—ମନ ଦିଏ; ନାସାରେ ପବନ—ପ୍ରାଣବାୟୁ ।
୧୧ । ହାଟକବରନା—ସୁନାବରଣା ସ୍ତ୍ରୀ; ବିରଞ୍ଚି—ବିଧାତା; କନକ କମଳ—ସୁନାର ପଦ୍ମ ।

ପ୍ରଭାତ ଭ୍ରମଣେ ଯାଇଁ ମୁଁ ଦେଖିଲି ଗାଡ଼ିଆ କର କଞ୍ଜବନ
ସମବୟସୀଙ୍କ ଗହଣେ ରୂପସି ! କରୁଥିଲୁ ତୁହି ସ୍ନାହାନ
ରତନ ! ଜଳରେ ତୁ ହସମୁକୁତା
ଭୁଣି ଦେଇ ମୋହ ମୁକ୍ତେ ଯା ଗୁନ୍ଥିଲି ଛିଣ୍ଡେ ଟିକେ ଆଜ ଛବି ତା ।

କଳାମେଘୀ ଶାଢ଼ୀ ପିନ୍ଧି ତୁ ରତନ ଗୀତ ଗାଉଥିଲୁ ବାଟରେ
ତୋହ ଶୋଭା ଦେଖି ଲୁଅଁର ପୁନଅଁ ଜହ୍ନ ଦେଲା ମନ ମାର ରେ
ଷୋଡ଼ଶି ! ଝଁରକା ମୁଁ ମେଲ କରୁ ରେ
ଗୋଡ଼ଟିଏ ଛାଡ଼ି ଦଅନ୍ତେ ତୁଟିଲି ମୁଁ ଦୁଃସାହସୀ ଶିକାରୀ ରେ ।୧୫।

ସଖୀଙ୍କୁ ଭୁଲାଇ ଝଁରକା ପଖାଇ ଆଣିବାକୁ ଆସି ନିକଟ
ଗଭାରୁ ଚମ୍ପକ-ଦାମ ଫିଙ୍ଗିଗଲୁ ମୁଁ ଧରି ନେଇଁ ତୋହ ହାର
ରତନ ! ସେ ଦାମର ଦାମ କେ ଦେବ ?
ସେ ଏକା ପାଇବ ମୋହ ପରି କେହୁ ଯେବେ ହୁଅବ ସଦାଶିବ ।୧୬

ତୋର ମୋର ସଖୀ ! ହୋଇଛି ମିଳନ ଦେବନାଏଁ ଆମେ ଦେବଙ୍କର
ମନର ମିଳନ ମିଳନରେ ଲେଖା ଦେହ-ମେଳ ବଶ ତନ୍ତୁଁର
ରତନ ! ବୋଲି ଭଟେ ତୁହି ରତନ,
ଯାହା ଘରେ ଥିବୁ ତା ଘର ମନ୍ଦିରୁ ତୋହ ସର କାଏ ଯତନ । ୧୭

୧୪ । କଞ୍ଜବନ—ପଦ୍ମବନ, ( ସମବୟସୀମାନଙ୍କ ମୁଖପଦ୍ମ ଦ୍ୱାରା )
୧୫ । କଳାମେଘୀଶାଢ଼ୀ—କଳାଶାଢ଼ୀ ।
୧୬ । ଦାମ—ମାଳା; ଦାମ—ମୂଲ୍ୟ ।
୧୭ । ଯତନ—ରୂପ ଗୁଣରେ ନିପୁଣ ।

ଶଙ୍କା ତୁ ନ କର ପାହାନ୍ତା ପହର ହେଲାଣି ବିଚ୍ଛେଦ-ଶର୍ବରୀ,
ମିଳନ-ପ୍ରଭାତ ହେବ ଉପଗତ ଶୁଖିଯିବ ଶୋକ-ଶିଶିର
ରତନ ! ତୋଷ-ତାମରସ ଫୁଟିବ
ହୋଇ ପ୍ରମୋଦିତା 'ରତନ'-ବଲ୍ଲରୀ 'ମାଧବ' ତରୁରେ ଲେଟିବ ।

ଚିନ୍ତା ଉପେକ୍ଷିବୁ ଚିତା ତୁ ଜାଳିବୁ ବିଚ୍ଛେଦ-ଶବକୁ ଦହିବା
ପ୍ରେମର ଅମରାବତୀରେ-ବାନ୍ଧବୀ ଶଚୀ ଶଚୀପତି ହୋଇବା
ରତନ ! ଗୋବିନ୍ଦା କହେ ଦୃଢ଼ କରି
ଅସନ୍ତା ତୋହଡ଼ଏ ଭାବିଲେ ପିନ୍ଧିବି ମୁହିଁ ସୀତ୍କାର-ଅଙ୍ଗୁରୀ ।୧୯

ଭାବଣା ଆରମ୍ଭ କରିଦେବୁ ବୋଲି ଜଣା ନ ହୋଇଛୁ ତୋହରେ
ରତନବଲ୍ଲରୀ ହାଁଜୁଲି ପଡ଼ିବା ଯିବ ପୁଣି କାହା ଦେହରେ ?
ରତନ ! ଏଣିକି ଭାବନା ମୁଞ୍ଚିବୁ
ମୋ ଗାଢ଼ ଚୁମ୍ବନ ଅଭିଷେକ ପାଇଁ ଅଙ୍ଗେ ସିଂହାସନ ରଚିବୁ ।୨୦

କିଏ ସେ କହୁଛି ତୋ ଆଗେ ରତନ ! ଅନେ ମୋହ ମନ ମଜ୍ଜିଛି ?
ରାଜରାଜେଶ୍ୱର ! ତୋଯୁରେ ତୋପୁଛୁ ଏ ପୁଣ କି କଥା ଛି ଛି ଛି !
ରତନ ! ତୁ ମୋହର ମୁହିଁ ତୋହର
ଶଶାଙ୍କର ପଛେ କୁମୁଦ ନୋହିବ ରତନ-ମାଳା ମାଧବର । ୨୧ ।

୧୯୪୫

---

୫ । ତାମରସ—ପଦ୍ମ ।

୧୯ । ଉତା-ଶବଦାହ କରିବାର ଅର୍ଥ ଅମରାବତୀ-ସ୍ୱର୍ଗ;ଶଚୀ-ଇନ୍ଦ୍ରଙ୍କ ପତ୍ନୀ;
ଦେବରାଣୀ; ଗୋବିନ୍ଦା—ରତ୍ନମାଳାଙ୍କ ଘରର ଭୃତ୍ୟ; ସୀତ୍କାର-
ଅଙ୍ଗୁରୀ-ବାଲ୍ୟରୁ ଅଶତ୍ରୁ ବନ୍ଧ୍ୟାପଣକୁ ସ୍ୱୀକାରର ସେଇଁ ମୁଦ୍ରା ଅଛି ।

୨୧ । ଶଶାଙ୍କ—ଚନ୍ଦ୍ର ।

—୧୯—

# ତୁମ୍ଭେ ଓ ମୁଁ

[ ରାଗ—ବଙ୍ଗଳାଶ୍ରୀ ]

ତୁମ୍ଭେ ମହାପ୍ରଭୁ ! ଅନନ୍ତ ଗଗନ
କ୍ଷୁଦ୍ର ତାରକା ମୁଁ ତହିଁ,
ତୁମ୍ଭେ ମହାପ୍ରଭୁ ! ସୀମାହୀନ ସିନ୍ଧୁ
ବିନ୍ଦୁ ମୁଁ ତହିଁ ବୋଲଇ । ୧ ।
ତୁମ୍ଭେ ବେଗବତୀ ଚିତ୍ରୋତ୍ପଳା ନାଥ !
ମୁଁ ତହିଁ ବୁଦ୍‌ବୁଦ ହୀନ
ତୁମ୍ଭେ ନାଥ ! ସ୍ୱଚ୍ଛ ଚିଲିକାର ଅମ୍ବୁ
ମୁଁ ତହିଁ ନଗଣ୍ୟ ମୀନ । ୨ ।
ତୁମ୍ଭେ ଶୋଭାମୟ ଋତୁରାଜ ପ୍ରଭୁ !
ମୁଁ ସାମାନ୍ୟ ଫୁଲକଳି,
ତୁମ୍ଭେ କ୍ଳାନ୍ତିହର ମଳୟ ସମୀର
ମୁଁ ପଥ ପରାଗ ଧୂଳି । ୩ ।
ଅଖିଳ ବ୍ରହ୍ମାଣ୍ଡ— ନାଥ ତୁମ୍ଭେ ନାଥ !
ମୁଁ ତୁମ୍ଭ ଦାସର ଦାସ,
ତୁମ୍ଭେ ଚତୁର୍ବର୍ଗ— ଦାତା ମୁଁ ଭିକାରୀ
ଜାଣନ୍ତି ସ୍ୱଜନଗଣ । ୪ ।

---

୨ । ଚିତ୍ରୋତ୍ପଳା—ମହାନଦୀ; ଅମ୍ବୁ—ଜଳ, ମୀନ—ମାଛ ।
୩ । ଋତୁରାଜ—ବସନ୍ତ ।
୪ । ଚତୁର୍ବର୍ଗଦାତା—ଧର୍ମ, ଅର୍ଥ, କାମ ଓ ମୋକ୍ଷ ଦାନକାରୀ ।

ପତିତପାବନ ତୁମ୍ଭେ ମହାପ୍ରଭୁ !
ପତିତ ଜନେ ମୁଁ ସାର,
ଦୀନ ଜନଙ୍କର ଚିନ୍ତାମଣି ତୁମ୍ଭେ
ଦୀନଜନେ ମୁହିଁ ବର । ୫ ।
ମୋ ହୃଦୟ ମରୁ ମନ୍ଦାକିନୀ ତୁମ୍ଭେ,
ଚିତ୍ତ-ଚକୋର-ଚନ୍ଦ୍ରମା,
ଜୀବନ ଗଗନେ ଉଇଁ ଆସ ମୋର
ବିନାଶି କଳୁଷ-ଅମା । ୬ ।
ଦଣ୍ଡେ ହାର ଭର ଜଗେ ମୁଁ ବନ୍ଧୁର
ନାଶିବ ବେଦନା ସବୁ
ପଦ ଧୂଳ ଦିଅ ନଇବା ଲହଣି
ତରିଯିବ ହେଲେ ବରୁ । ୭ ।

୧୯୩୯

---

—୧୨—

## ବିଶ୍ୱକବି ରବୀନ୍ଦ୍ରନାଥ *

ଅୟି ରବୀନ୍ଦ୍ର ! ଅଙ୍ଗ କ୍ଷିତିକି ହେ
ଉଲ୍ଲାସି ଉତ୍କଳ-ମଣ୍ଡଳୀ ହେ ! ଯୋଗୀ !
ଅପସାରି ଆତପ, ଢାଳିଦ ଚନ୍ଦ୍ରାତପ,
ଟାଣି ଧରିଛ ନୂଆ ସ୍ନେହ କି ହେ ।୧ ।

---

୫ । ବର--ଶ୍ରେଷ୍ଠ । ୬ । ମନ୍ଦାକିନୀ--ଗଙ୍ଗା; ଅମା--ଅମାବସ୍ୟା ।

* ଉତ୍କଳ ସାହିତ୍ୟ ସମାଜ ଓ ବଙ୍ଗୀୟ ସାହିତ୍ୟ ପରିଷଦଙ୍କ ସମ୍ମିଳିତ ରବୀନ୍ଦ୍ର ଶ୍ରାଦ୍ଧ ଉତ୍ସବରେ ଏ ଗୀତ ଗାନ ହୋଇଥିଲା ।

। କ୍ଷିତି—ପୃଥିବୀ, ଉଲ୍ଲାସି—ଆନନ୍ଦିତ କରି ।

ଯାଉନ୍ତୁ ବିମୋହନ, ଶ୍ୟାମ ଦୂବା ଆସନ,
ଖଞ୍ଜାଇ ଇନ୍ଦ୍ରଗୋପ-ପଲ୍ଲଙ୍କ ହେ । ୨ ।
ଫୁଟାଇ ନୀପସୁମ, ରଟାଇ କେକା ରମ,
ତା ଛଳେ ଭାଟକି ଅସ ଗଉଡ଼କି ହେ ।୩।
ହେ ସୁଷମା-ବିଳାସି ! ଶୋଭା ସମ୍ଭାରେ ବସି,
ଟେକାଇ ଛତ୍ରେ ଅଭ୍ର-ଛତ୍ରକି ହେ ।୪।
ନିର୍ମୋକ ଅନ୍ଧାତର, କର ଅଙ୍ଗରୁ ଦୂର,
ଧରେ ଜଗତ ନୂଆ ଦ୍ୟୁତିକି ହେ ।୫।
ସୁବୋଧା ନବୀନର, ପ୍ରାଚୀନ ନିଶା ଘୋର,
ଯବାନ୍ତୁଛି ଫୁଟାଇ ଜ୍ୟୋତିକି ହେ ।୬।
ବିଶ୍ୱ-ଭାରତୀ ବୀଣା— ବାଦନ-ହୃଷ୍ଟମନା
କର ରଞ୍ଜନ ବିଶ୍ୱ ଶ୍ରୁତିକି ହେ ।୭।
ତୁମ୍ଭର ପ୍ରଯୋଜନ— ଅଛଇ କବିରାଣ !
ଏ ବାସରେ ଜଣାଇଁ ଏତିକି ହେ ।୮।

(୧୯୪୨)

---

୧ । ଅପସାର—ଦୂରକର, ବନ୍ଧ୍ୟାତପ—ଗୁନ୍ଧୁଆ ।
୨ । ଇନ୍ଦ୍ରଗୋପ—ସାଧବଣର ବୋହୂ ପୋକ ।
୩ । ନୀପସୁମ—କଦମ୍ବଫୁଲ, କେକା—ମୟୂର ଡାକ, ରମ—ମନୋହର ।
୪ । ନିର୍ମୋକ—ଖୋଳ, ଛାଲ ।
୭ । କର ରଞ୍ଜନ—ମୁଗ୍ଧ କର, ଶ୍ରୁତି—କାନ ।
୮ । କବିରାଣ—କବିଶ୍ରେଷ୍ଠ, ବାସର—ଦିନ ।

—୧୭—

# ମା ! କରୁଣା ନାହିଁ କି ?

( ୰ ଗୋପାଳ କୃଷ୍ଣଙ୍କ "ସହୁ ! ଅଶ୍ରୁ କି ନାହୁଁ କି"—ସ୍ବରରେ )

ମା ! କରୁଣା ନାହିଁ କି ?
ତବ ପୂଜନ-ପୂତ ଭୁଇଁ କି ? । ଘୋଷା ।

କବି-କଞ୍ଜବନ ଭଞ୍ଜ-ଦେଶରେ ମା !
ମୂକ କାହିଁ କି ବଲ୍ଲକୀ ?
କୃପା-ସୁଧା-ଝିସ୍ତି ଭାଳ ଯୁଗେ ଯୁଗେ
ଚିଠା ସତେ ପାଇଲ କି ।୧।

ଭକତି-ପୀରତି— ସୁମନସ-ଦାମ
ଗଳା-ଭୂଷଣ ପାଇଁ କି
କବି-ମାଳାକର ଦେଲେ ଯା ଏ ଦେଶେ
କାସ ସମାନ ରହିଁ କି ? ।୨।

---

ଏହା ବହୁବାର ଉତ୍କଳ ସାହିତ୍ୟ ସମାଜର ସାରସ୍ୱତ ଉତ୍ସବ-ମାନଙ୍କରେ ଗାନ ହୋଇଅଛି ।

୦ । ତବ ପୂଜନ-ପୂତ—ତୁମ୍ଭ ପୂଜାଦ୍ୱାରା ପବିତ୍ର ।

୧ । କବି-କଞ୍ଜ-ବନ—କବିରୂପକ ପଦ୍ମର ବନ; ଭଞ୍ଜଦେଶ—ମହାକବି ଉପେନ୍ଦ୍ରଭଞ୍ଜଙ୍କ ଦେଶ; ବଲ୍ଲକୀ—ବୀଣା, କୃପା-ସୁଧା-ଝିସ୍ତି—ଦୟା-ରୂପକ ଅମୃତରେ ଭରିଥିବା ଗଣ୍ଡୁ, ଚିଠାପାଇଲ—ଢକ୍‌ଦାର ହେଲ ।

୨ । ସୁମନସ—ଫୁଲ, ଦାମ—ମାଳା, ମାଳାକର—ମାଳୀ, ଏ, ଦେଶର କବିମାନେ ଭକ୍ତି ଓ ପ୍ରୀତିମୂଳକ ଯେଉଁସବୁ କବିତା ଲେଖିଛନ୍ତି ତହିଁର ତୁଳନା ନାହିଁ ।

ବିଶ୍ୱେ ଉଠେ ରବ — ଓଡ଼ିଆ ବିଭବ—
ମ୍ଳାନ; କେ ପାରିବ ରୋକି ?
ପର ରସନାରେ; — ନ ଉଠିଲେ ତେତେ
ରତନ ତାର ଝଲକି ।୩।

ବିଶ୍ୱ-ହୃଦ-ତନ୍ତ୍ରୀ— ନବୀନ ସଙ୍ଗୀତ
ଗାଏନ ମା ! ଓଡ଼ିଶା ଝଙ୍କି
ନବଯୁଗ-ଗଙ୍ଗା — ଅଗମେ ତା କରେ
ନ ଦେଲ ମଞ୍ଜୁଳ ସାକ୍ଷୀ । ୪ ।

ଛନ୍ଦ-ରସ-ରାଜ୍ୟ — ଲୁଟିଛୁ ଅତୀତେ
ରଖି ନାହିଁ କିଛି ବାକି
ନବଯୁଗ-ସିନ୍ଧୁ— ମନ୍ଥନ-ଅମୃତ—
ଲାଳସୀ; ନାହିଁ ତା ଚାଖି ।୫।

---

୩। ରବ — ଚହଳ, ବିଭବ — ସମ୍ପଦ, ପର ରସନାରେ କେ ପାରିବ ରୋକି — ପର ପାଟିରେ କିଏ ବାଧା ଦେବ ? ନ ଉଠିଲେ···ଝଲକି ତା ପ୍ରାଚୀନ ସାହିତ୍ୟର ଗୌରବ ପ୍ରକଟିତ ନ ହେଲେ । ବିଶ୍ୱହୃଦ··· ଝଙ୍କି — ବିଶ୍ୱ ହୃଦୟକୁ ଝମାଇଲା ଭଳି ନୂଆ ସଂଗୀତ ଗାଇବାକୁ ଓଡ଼ିଶା ଅକ୍ଷମ, ନବଯୁଗ-ଗଙ୍ଗା — ନବଯୁଗ ରୂପକ ଗଙ୍ଗାସୁଷମା ଆସିଲା କିନ୍ତୁ ମା ଭଗବତୀ ! ତୁମ୍ଭେ ଓଡ଼ିଶା ହାତରେ ସୁନ୍ଦର ସାକ୍ଷୀ ଚିହ୍ନାଇ ଦେଲ ନାହିଁ; ଅର୍ଥାତ୍ ଓଡ଼ିଶା ଆଧୁନିକ ଯୁଗରେ ତା କବିତା ଦେଇ ଯଶସ୍ୱୀ ହୋଇପାରିଲା ନାହିଁ ।

୫। ଓଡ଼ିଶା ଅତୀତ ଯୁଗରେ ଅଗଣିତ ଛନ୍ଦରେ ବହୁତ ରସ କବିତା ଲେଖିଛି; ସେ ଦିଗରେ ତାର ଲେଖିବା ନିମନ୍ତେ ଆଉ କିଛି ବାକି ନାହିଁ । କିନ୍ତୁ ନବୀନ ଯୁଗରେ ଓଡ଼ିଶା ଉନ୍ନତ କବିତା ଲେଖି ନାହିଁ, ସେଥିପାଇଁ ଆଗ୍ରହୀ ଅଛି ।

ସଦ୍‌ଗୁଣ-ଭୂଷିତ    ଭଞ୍ଜ-ଗରବିତ—
ଦେଶ-ଅଜାତ-ଅଣିକ
ରଖିବ କି ଅବା    ଭାଇବ ମଉଡ଼େ
ନୟନୁ ଢାଳି ପାଣିକି ? ୭ ।

୧୯୪୫

—୧୪—

# ପ୍ରମଦା-ଜୟନ୍ତ

( ରାଗ ବଙ୍ଗଳାଶ୍ରୀ )

"ଉନ୍ନୁର ନ କର    ନାଉର ଭାଇରେ !
ନେଏ ତୁ ନେବାର ଯାହା
ଖଳ ଖଳ ଖଳ    ଗରଜେ ନଈ ରେ !
ବାହ ଆଣ ବେଗେ ନାହା" ।୧।

"କିଏ ଅବଧାନ    ଅଛ ହେ ଆପଣ !
ବଢ଼ୁଛି ଦେଖୁଛ ନଈ
ପଶ୍ଚିମ ଆକାଶ    କଳାଘୁମର ହେ
ଝଡ଼ ଆସେ ପଛ ବହୁ" ।୨।

୭ । ଭଞ୍ଜ-ଗରବିତ-ଦେଶ—ଉପେନ୍ଦ୍ରଭଞ୍ଜଙ୍କ ପ୍ରତିଭା ଯୋଗୁଁ ଗର୍ବ କରୁଥିବା ଓଡ଼ିଶା, ଅଣି—ଗୌରବ, ଟେକ ।

ଇଂରାଜ କବି ଟି, କ୍ୟାମ୍ବେଲ୍‌ଙ୍କ "ଲର୍ଡ଼ ଉଲିନ୍ସ ଡଟର" ନାମକ କବିତାର ଏହା ଓଡ଼ିଆ ସଂସ୍କରଣ ।

୨ । କଳାଘୁମର—କଳାହାଣ୍ଡିଆ ମେଘରେ ଢଙ୍କା ।

"ଖୋରଧାର ସାନ- ଦେଓ ମୁଁ ନାଉରି !
ଏ ଯେ ବାଣପୁର-ଜେମା
ପ୍ରାଣ ଘେନି ଦୁହେଁ ପଳାଇ ଲେଉଟୁଛୁଁ
ପ୍ରିୟତମ ପ୍ରିୟତମା । ୩ ।

ସଇନ ଗହଣେ ଘୋଡ଼ା ଟପାଇ
ନିଜେ ବାଣପୁର-ପତି
ଉନ୍ମାଦନ ହେଲା ଝଞ୍ଜ ଗୋଡ଼ାଇ
ଜଳି କୋପାନଳ-ମଝି । ୪ ।

ରକତ-ରଙ୍ଗା ମୋ ଘେନିବେ ପରା ସେ
ପଡ଼ିବା ହେବେ ମୁଁ ଧରା
ରେ ଭାଇ ନାଉରି ! ଉର ନା ତୁ ଡେରି
ଉର ନା ମହଉସରା । ୫ ।

ଘୋଡ଼ା ଟାପୁ ନାଦେ ମେଦନୀ କମ୍ପୁଛି
ଶିର ମୋ ଲୋଟିଲେ ମହୀ
ଲହୁଣୀ ପିତୁଳା ଏ ବାଳା କୋମଳା
ଧରି କି ପାରିବ ଦେହି" ।୬।

---

୩ । ସାନଦେଓ—ଯୁବରାଜଙ୍କ ତଳ ଭାଇ ।

୪ । କୋପାନଳ ଜଳି ମଝି—ରାଗରେ ଜଳି ।

୫ । ମହଉସରା—ଦେଙ୍ଗାଡ଼୍ ।

୬ । ମେଦନୀ କମ୍ପୁଛି—ମହୀ ଦୁଲୁକୁଛି; ଦେହି—ଦେହ; ଧରି···
ଦେହି—ବହି ପାରିବ କି ?

ଡର ନା ଡର ନା ଭ୍ରମର ମଣି ହେ !
ମୁକର ଲଭିବ ପାର
ଲେଡ଼ା ନାହିଁ ଧନ ଅକୁଳ ମୋ ମନ
ତୋମାଙ୍କ ବଳଲ ହେବ । ୭ ।
ଫେଣ ଫିଙ୍ଗି ନଈ ଲହଡ଼ା ମାରଇ
ତଥାପି ବାହୁବ ନାହା
ମନ ଦିଏ ମନ୍ଥି ନଙ୍ଗୁ ଶିଖ ଯାଏଁ
ଲମ୍ଭୁଛନ୍ତି ତୋମା ଯାହା । ୮ ।
କହୁଁ କହୁଁ ଝଡ଼ ଆସିଲା ଯେ ମାଡ଼
ଦିବସେ ଘୋଟିଲା ତମ
ଫେଣର ପଗଡ଼ି ପିନ୍ଧି ନଈପାଣି
ନାଚିଲା ପାଗଳ ସମ । ୯ ।
ମୁହିଁକୁ ମୁହିଁ ଯେ ନ ଦିଶିଲା ଆଉ
ପ୍ରବଳେ ବହିଲା ବାଆ
ଏତିକିବେଳକୁ ଘୋଡ଼ା ଝାପୁ ନାଦ
ଶୁଭିଲା ନିକଟେ ଅହା । ୧୦ ।
"ନାଉରି ଭାଇ ! ରେ" କହେ ତୋମାମଣି
"ତୁରିତେ ବାହା ତୁ ନାହା
ମିଠା କଟୁବାଣୀ ସହିବି ନାହିଁ ରେ
ଭଲ ଲହୁଁ ଝଡ଼ ବାଆ" । ୧୧ ।

---

୭ । ମୁକର—ନିଷ୍ଠୁର; ହେରି—ଦେଖି ।
୮ । ନଙ୍ଗୁ ଶିଖଯାଏଁ—ଗୋଡ଼ାସୁଦ୍ଧା; ତମ—ଅନ୍ଧାର ।
୧୦ । ନାଦ—ଶବ୍ଦ ।
୧୧ । ତୁରିତେ—ଶୀଘ୍ର ।

କୂଳ ଖୁଣ୍ଟି ନାହା ନଈଟରେ ପଡ଼ିଲା
ବଳୀୟାର ହେଲା ହିଁଡ଼
ବିଧାତା ଲେଖନ କେ କରିବ ଆନ
ବଢ଼ିଲା ପାଣିର ତୋଡ଼ । ୧୨ ।

ଅଟେଣ୍ଟେ ମାରି ଜାଉ ବାହୁଲେ କି ହେବ
ଭଅଁରେ ପଡ଼ିଲା ନାହା
କୂଳୁଁ ତା ଅନାଇଁ ବାଣପୁର ସାଇଁ
ଶୋକେ କଲେ ଆହା ଆହା । ୧୩ ।

ଝୁଟେଇକ ବେଢ଼ାଇ ପ୍ରେମିକ ଗଳାରେ
ଥିର ଭୁଜ ତୋଳି ବାଳା
ନୀରବ କାତର ଡାକେ ଡାକୁଥିଲା
ରଖ କିଏ ଅଛୁ ଭଲା । ୧୪ ।

"ଫେରି ଆ ଫେରି ଆ ପ୍ରମଦା କୁମାରି !
ବୁଢ଼ା ମୁଁ କୋପିଲି ଦୁଞ୍ଜି
ତୋ ଜୀବନ୍ତ ହାତେ ଅରପିବି ତୋତେ
ଦେଖିବ ତୋ ମାମା ବୁଢ଼ୀ । ୧୫ ।

---

୧୨ । ତୋଡ଼—ବେଗ ।

୧୩ । ଅଟେଣ୍ଟେ—ଜୋର୍ କରି, ଭଅଁର—ଜଳଭଉଁରୀ ।

୧୪ । ତୋଳି—ଟେକି ।

୧୫ । କୋପିଲି—ରାଗ ହେଲି; ଦୁଞ୍ଜି—ଭୁଲ୍ ବୁଝି । ମାମା—ମାଆ (ଉତ୍କଳର ଡାକ) ।

ଛପିଲେ ରାଜନ !                କିନ୍ତୁ ଅକାରଣ
ହେଲା ଏ ଅବେଳ-ବାଣୀ
ନାହା ଗଲ୍ଲ ଡୁବ                ଫେଣ-ହସ ହସି
ଗରଜିଲା ବଇ-ପାଣି ।୧୬।

୧୯୪୪

—୧୫—

# ଉତ୍କଳ-କେଶରୀ ମଧୁସୂଦନ

( ରାଗ-କଲସା )

ମାନବେନ୍ଦ୍ର ! ଏ ଉତ୍କଳ ବହୁ ପୁଣ୍ୟଫଳେ
ସୁତ ତୁମ୍ଭ ସମ ହିରା ଲଭିଥିଲା କୋଳେ
ଜାଗରଣ-ଭାଗୀରଥୀ ଭଗୀରଥ ହୋଇ
ଉତ୍କଳ-ମଶାଣିକୁ ତୁମ୍ଭେ ଆଣିଲ ବୁହାଇ ।୧।

---

୧୬ । ଅବେଳ-ବାଣୀ—ଅସମୟର ଡାକ; ଫେଣ ହସ—ପାଣିର ଫେଣକୁ କବି ନିର୍ଦ୍ଦୟ ନଙ୍କର ହସ ବୋଲି କୁହା ଯାଇଛି ।

୧ । ମାନବେନ୍ଦ୍ର—ମନୁଷ୍ୟଶ୍ରେଷ୍ଠ; ଜାଗରଣ—ଭାଗୀରଥୀ···ବୁହାଇ—ଭଗୀରଥ ଗଙ୍ଗାକୁ ପୃଥିବୀକୁ ଆଣିଲା ପରି ତୁମ୍ଭେ ଉତ୍କଳକୁ ଜାଗରଣ ଆଣିଥିଲ ।

ମୂକ ଓଡ଼ିଆର ମୁଖେ ଦେଲ ତୁମ୍ଭେ ଭାଷା
ମୁଖର କରିଲ ଏ ଜାତିର ମୂକ ଆଶା
ଯାଦୁକର ସବ ତୁମ୍ଭେ ମୁକତି ମନ୍ତ୍ରରେ
ହେ ପୁରୁଷ-ସିଂହ ! ଜଗାଇଲ ତା ଅନ୍ତରେ । ୨ ।

ତୁମ୍ଭ ଯୋଗୁଁ ଭୁବନରେ ଲଭି ସ୍ୱତନ୍ତ୍ରତା
ଧନ୍ୟ ବୋଲି ଏତେ ଦିନେ ହେଲା ସେ ଗଣିତା
ନ ଥିବାରୁ ତୁମ୍ଭେ ଆଜ ବିକ୍ରମ-କେଶରୀ !
ହୋଇ ଅଛୁଁ ଯୂଥପତିହୀନ ଯୂଥ ସରି । ୩ ।

ଅତୁଳ ତୁମ୍ଭର ମେଧା ଅତୁଳ ବାଗ୍‌ମିତା
ତୁମ୍ଭ ଅନ୍ତେ ଉତ୍କଳରେ ଦୁର୍ଲ୍ଲଭ ସିନା ତା
ତୁମ୍ଭ ସମ ମହାମାନବର ଜନ୍ମ ପାଇ
କିଏ ଜାଣେ କେତେ ଯୁଗ ଯିବ ଆଉ ବହି । ୪ ।

ରାଜ୍ୟ ଗୋଷ୍ଠୀଙ୍କର ତୁମ୍ଭେ ଅରଜି ବିଭବ
ଦେଶ ହିତ ପାଇଁ ତାହା ସାରିଲ ସରବ,
ଟଙ୍କା ଅଞ୍ଜୁଳାକୁ ତୁମ୍ଭେ ହେ ଜନନାୟକ !
ଧୂଳି ଅଞ୍ଜୁଳାକୁ ମଣି ନ ଥିଲ ଅଧିକ ।୫।

---

୨ । ମୁଖର···ଆଶା—ଏ ଜାତିର ଆଶାକୁ ତୁମ୍ଭେ ବଳିଷ୍ଠ ଭାଷାରେ ପ୍ରକାଶ କରିଥିଲ; ଯାଦୁକର—ମନ୍ତ୍ରବିଦ ।

୩ । ବିକ୍ରମକେଶରୀ—ସିଂହ ତୁଲ୍ୟ ପରାକ୍ରମୀ ।

୪ । ମେଧା—ପ୍ରତିଭା, ବୁଦ୍ଧି, ବାଗ୍ମିତା – ବାକ୍‌ଶକ୍ତି, ବାକ୍‌ପଟୁତା ।

ଏତେଡ଼ ବଡ଼ ହୃଦ ଏତେଡ଼ ମଧୁର ସଙ୍ଗୀତ
ଦୁର୍ଲଭ ଏ ଦେଶେ ପୁଣି ହୋଇବା ଏକତ୍ର,
ଉତ୍କଳ ବିଶାଳକୀର୍ତ୍ତି ଜାଣି ଏହା ବିଧି
କରିଥିଲା ତୁମ୍ଭଙ୍କୁ ତା ଯୋଗ୍ୟ ପ୍ରତିନିଧି । ୭ ।

ତୁମ୍ଭ ସ୍ମୃତି ଏ ଉତ୍କଳେ ଜାହ୍ନବୀର ବାରି,
ତୁମ୍ଭ ନାମ ପୂଜ୍ୟ ପୁଣି କ୍ଷେତ୍ର ଧୂଳି ସରି,
ରହିବେ ଯାବତ ନଭେ ଶଶୀ ଦିବାକର
ମଧୁନାମ୍ନ ଝରୁଥିବ ମଧୁ ନିରନ୍ତର । ୮ ।

୧୯୩୯

---

୭ । ବିଶାଳକୀର୍ତ୍ତି—ଯାହାର କୀର୍ତ୍ତି ସବୁ ବିସ୍ତୃତ, କରିଥିଲା…… …ପ୍ରତିନିଧି—ସେପରି ଦେଶର ପ୍ରତିନିଧି ହେବାକୁ ବିଧାତା ତୁମ୍ଭକୁହିଁ ପ୍ରତିନିଧି କରି ବାଛିଥିଲା କାରଣ ତୁମ୍ଭର ହୃଦୟ ବିସ୍ତୃତ ଓ ମହିଷ୍ଠ ବିସ୍ତୃତ ।

୮ । ଜାହ୍ନବୀର ବାରି—ଗଙ୍ଗାଜଳ ( ପରି ପବିତ୍ର ); କ୍ଷେତ୍ରଧୂଳି—ତୀର୍ଥ ସ୍ଥାନର ଧୂଳି [ ପରି ପୂଜ୍ୟ ]; ଝରୁଥିବ—ଝରିଥିବ ।

—୧୬—

# ଶସ୍ୟ ଶ୍ୟାମା

[ ଜହ୍ନ ଜାଏ ପଳାଇଲା ଶ୍ୟାମଳଟେ ଦେଗା ଲୁ ଲପଟେ—ବୃଢରେ ]

ଟେଜିଁ ତୁମି ଜହ୍ନ ଜଳ ଟୋହ ସମା
ଗୋ ଶସ୍ୟ ଶ୍ୟାମା ! [ ଘୋଷା ]

ଭକ୍ତିଭରେ ବଙ୍ଗ-ସାଗର-ତରଙ୍ଗ
ଧୁଅଇ ଜନନି ! ତୋହର ଅଧମାଙ୍ଗ
ତରଣୀ-ବିଶାଳା ତୁହି ମା କଳିଙ୍ଗ !
ଜଳା-ଲକ୍ଷ୍ମୀ-ମନୋରମା ଗୋ । ୧ ।

ତରଙ୍ଗେ ଶାସିଣ ତବ ଜେତା ସନ୍ତତି
ବସାଇଲେ ଉପନିବେଶ ପଙ୍କତି!
ବରୁଣ ବହିଲା ଆଜ୍ଞା ଶିର ପାତି
ନିଖିଳ-ବଣିଜ-ରମା ଗୋ । ୨ ।

---

ଉତ୍କଳ ସାହିତ୍ୟ ସମାଜର ବନ୍ଧୁ ସାରସ୍ୱତ ଉତ୍ସବରେ ଏ ଗୀତ ଗାନ ହୋଇଅଛି ।

୧ । ବଙ୍ଗସାଗର—ବଙ୍ଗୋପସାଗର; ଅଧମାଙ୍ଗ—ପାଦ, ତରଣୀବିଶାଳା—ଜାହାଜମାଳା ଯୋଗୁଁ ଅର୍ଥାତ ନୌ ବାଣିଜ୍ୟଯୋଗୁଁ ପ୍ରଧାନ; ଜଳାଲକ୍ଷ୍ମୀ ମନୋରମା—ଜଳରୂପ ଲକ୍ଷ୍ମୀଙ୍କ ପ୍ରିୟ ( ଭୂମି ) ।

୨ । ତରଙ୍ଗେ ଶାସିଣ—ସମୁଦ୍ରକୁ ଆୟତ୍ତ କରି, ଉପନିବେଶ ପଙ୍କତି—ବ୍ରହ୍ମଦେଶ ଓ ସମଗ୍ର ପୂର୍ବଭାରତୀୟ ଦ୍ୱୀପପୁଞ୍ଜ ( ସୁମାତ୍ରା, ଯାଭା, ବୋର୍ଣ୍ଣିଓ ଆଦି ) କଳିଙ୍ଗବାସୀମାନଙ୍କ ଉପନିବେଶ ଥିଲା—ଏସବୁକୁ ନେଇ କଳିଙ୍ଗର ବୃହତ୍ ଔପନିବେଶିକ ସାମ୍ରାଜ୍ୟ ଗଢ଼ାହୋଇ ଥିଲା । ବରୁଣ ଦେବତା କଳିଙ୍ଗର କିଙ୍କର ଥିଲେ । ନିଖିଳ ବଣିଜ-ରମା—ସବୁ ପ୍ରକାର ବଣିକ ସେହି କଳିଙ୍ଗ ରମା ଅର୍ଥାତ ଲକ୍ଷ୍ମୀଙ୍କ ପଦ ଥିଲା ।

ପାଣି ସୁଅ ସମ ସାଧବେ ଦେଶୁଁ ମା ! ଧନ
ଆଣିଲେ କେତେ ଶତାବ୍ଦୀ ଅକଳନ
ଧନ୍ୟ ଧନ୍ୟ ମା ! ତୋ ସାଧବ ସନ୍ତାନ
ଋଦ୍ଧିମନ୍ତ ବେଳା ରମ୍ୟା ଗୋ । ୩ ।

କ୍ଷମତାର ଧ୍ୱଜା ଧର୍ମର କେତନ
ଭୂମଣ୍ଡଳେ କାହିଁ ନୋହୁଲା ଉଡ୍ଡୀନ !!
ତୋ ନାମ ଉଠାଇ କେତେ ଜୟଗାନ
ଅଶେଷ କୀରତି ଧାମା ଗୋ । ୪ ।

ଶୂର ବୀର ବଂଶେ ବହୁ ଅଛୁ ବାରେ
କେଶରୀ-ଗନ୍ଧର ଭରୁ କେଶରରେ
ବିଚ୍ଛୁନ-ମଞ୍ଜିଳ ନତ ତାହାଠାରେ
ନୋହୁ ମା ! ତ୍ରିଦଶ-କାମ୍ୟା ଗୋ । ୫ ।

୧୯୩୪

୩ । ସାଧବ—ପୂର୍ବକାଳର ଓଡ଼ିଆ ବଣିକ, ଋଦ୍ଧିମନ୍ତ – ବୈଭବପୂର୍ଣ୍ଣ, ବେଳା – ଉପକୂଳରେ [ ବନ୍ଦର ଅଛି ଯେଣୁ ]; ରମ୍ୟା— ଶୋଭାବତୀ ।

୪ । କ୍ଷମତାର ଧ୍ୱଜା – କଳିଙ୍ଗର ପତାକା [ ପ୍ରାଚୀନ କଳିଙ୍ଗର ବିଶାଳ ସାମ୍ରାଜ୍ୟ ପ୍ରତି ଲକ୍ଷ୍ୟ କରାଯାଉଛି ]; କେତନ – ପତାକା ।

୫ । କେଶରୀ—ସିଂହ, ତ୍ରିଦଶ—ଦେବତା; କାମ୍ୟା—କାଙ୍କ୍ଷିତା; ତ୍ରିଦଶ କାମ୍ୟା—ଯହିଁରେ ଦେବତାମାନେ ବାସ କରିବାକୁ ଲାଳାୟିତ ।

—୧୭—

# କବିବର ରାଧାନାଥ ରାୟ

( ୧ )

( ରାଗ କଳହଂସ କେଦାର )

କବିବର ! ଚଇତ ପୂର୍ଣ୍ଣିମା ଦିନ
ଚଢ଼ି ଚନ୍ଦ୍ରିକା-ରଥେ କଲ ଗମନ
ସେ ଧାମେ ଯହୁଁ ପିନ୍ଧି ଅଭ୍ର-ଅମ୍ବର
କବିତା-ବଧୂ ବନ୍ଦିଥିବ ପୟର । ୧ ।

ରସ-ଆକର-ହ୍ରଦ ରସିକ କବି !
ଅଙ୍କିଛ ରସମୟ ବିବିଧ ଛବି;
ମଧୁ-କ୍ଷରଣ ସମ ଭ୍ରମର ଗୀତ
ବିଧୁଶିଳା ପାଠକ ଜନର ଚିତ୍ତ । ୨ ।

ଉତ୍କଳ ପ୍ରକୃତିର କାନ୍ତ ମାଧୁରୀ
କବିତା-ପଟ୍ଟେ ଦିଅ ତୂଳିକା ଧରି
ରଖିଛ ଚିତ୍ରକର ! ଯା ଅବିକଳକି
ହେଲେ ମେଣ୍ଟାନ୍ତି ଯଥା ସୁଷମା-ଭୋକ । ୩ ।

---

ଗତ ବନ୍ଧୁବର୍ଷ ୪ର୍ଥ ଉତ୍କଳ ସାହିତ୍ୟ ସମାଜର ରାଧାନାଥ ଶ୍ରାଦ୍ଧୋତ୍ସବରେ ଏହା ଗୀତରୂପେ ଗାନ ହୋଇଅଛି ।

୧ । ଚଇତ ପୂର୍ଣ୍ଣମୀ—ରାଧାନାଥଙ୍କ ମୃତ୍ୟୁଦିବସ ।

୨ । ବିଧୁଶିଳା—ଚନ୍ଦ୍ରକାନ୍ତ ମଣି—ଏହା ଯେପରି ଚନ୍ଦ୍ରକିରଣ ପଡ଼ିଲେ ତରଳିଯାଏ ରାଧାନାଥଙ୍କ କବିତାରେ ପାଠକଙ୍କ ହୃଦୟ [illegible] ସେହିପରି ଦ୍ରବୀଭୂତ ହୁଏ ।

୩ । କାନ୍ତ—କମନୀୟ ।

ନବୀନ କବିକୁଳ-ମହୁଡ଼-ମଣି !
ନମୁଛୁଁ ହେ ଲଳିତ-ପଦ-ବିନ୍ଧାଣି !
ଆନନ୍ଦ-ସରୋବର ଅଛ ସରଜି
ନୂହଇ ପ୍ରମୋଦିତ କେ ତହିଁ ମଜ୍ଜି ? । ୪ ।

୧୯୩୭

—୧୮—

## ମନୋରମା

"Hear thee, view thee, gaze over all thy charms,
And round thy phantom glue my clasping arms."

*T. Campbell.*

ବିଧାତା ଉଦ୍ୟାନେ ଚିର ପ୍ରସନ୍ନ ଗୋଲାପ !
ଅଙ୍ଗଘନେ ବହୁ ନାହିଁ କି ଶୋଭା-କଳାପ !!
ଯୁବାଜନେର-ହୃଦୟାକୁ ଶାଳ ଅଙ୍କ ସବ
କୁହେ ବସାଇଣ ବସୁ ଉଲ୍ଲ କୁଣ୍ଠଧାରୀ

---

୪ । ଆନନ୍ଦ ସରୋବର—ରାଧାନାଥଙ୍କ ଗ୍ରନ୍ଥାବଳୀ ଆନନ୍ଦର ଗୋଟିଏ ପୁଷ୍କରିଣୀ, ତହିଁରେ ଗାଧୋଇଲେ ଅର୍ଥାତ୍ ତାହା ପାଠକଲେ କିଏ ଆନନ୍ଦିତ ନ ହେବ ?

୧-୧୦ । ବିଧାତା ଉଦ୍ୟାନେ·····କଳାପ—ତୁମ୍ଭେ ବିଧାତାଙ୍କ ଉଦ୍ୟାନ—ବଗିଚାରେ ଚିର ପ୍ରସନ୍ନ—କେବେ ମଉଳୁ ନ ଥିବା ଗୋଲାପ ଫୁଲ ଅଟ । ଅଙ୍ଗଘନେ—ଦେହରେ; କଳାପ—ସମୂହ । ଯୁବାଜନେର···

ଗଢ଼ିଛନ୍ତି ସ୍ରଜନ   କାହିଁ ଅଛି ତେର୍ ଉପମା
ଦେବି ? ମୋହ ନେତ୍ରେ ତୁମ୍ଭେ ଶୋଭା-ସାର-ସୀମା ।
ଉର୍ବଶୀ-ଅତୁଳ-ଶୋଭା ତ୍ରିଦିବେ ଲୋଭିତ
ଏ ମର୍ତ୍ତ୍ୟ-ମୁକୁରେ ତୁମ୍ଭେ ତାର ବିମ୍ବିତ ।
ମରାଳ ମାନଇ ହାର ଗତିକି ଅନାଇଁ
ଦାମିନୀ ଝଟକେ ହାରି ମେଘେ ଲୁଚେ ଯାଇଁ । ୧୦ ।

ଦୃଷ୍ଟିରେ ହରିଣ ହାରି ହରିଣୀଙ୍କ ପଶେ
ଅଧରେ ଅରୁଣ ପଣ୍ଡି ସମ ନୁହେ ଲେଶେ;
ପଦ୍ମ ଉଲ୍ଲୁଟଇ ପଦ ଦେଲେ ବସୁଧାରେ
ଲଜ୍ଜା ରଙ୍କି ବାହୁଁ ଅଥି, ଲୁଚନ୍ତି ଖାଲ୍ଲାରେ ?
ଶତଦଳେ ଶୈବାଳ ସମାନ ଅଳକ
ସ୍ୱେଦବିନ୍ଦୁ ଯେନ ମଣ୍ଡି ଛନ୍ତି ଆହା ମୁଖ ।
ମନୋରମା ! ମୁଗ୍ଧ କବି ରୂପର କାଙ୍ଗାଳି
ରୂପ-ଅନ୍ନପୂର୍ଣ୍ଣା ରୂପେ ଧରି ରୂପଥାଳି
ଦେବି ଅଣା ଯଦି ତେବେ ଶଚୀ-ପତି-ଭୂତି
ପାଦେ ଲକ୍ଷ୍ମୀ କର ତାଙ୍କୁ, କବିଅ ପ୍ରାପତି । ୨୦ ।

---

ସ୍ରଷ୍ଟା—ସ୍ୱର୍ଗଲୋକଙ୍କ ଅଛିର୍ ସେବକୁ ତୁମ୍ଭେ ସବୁ ଗୃହୀଳର ଶ୍ରୀଭପଭ୍ ସେବକ; ସୃଷ୍ଟିଧାତ୍ରୀ—ବିଧାତା; ଶୋଭାସାରସୀମା—ସୌନ୍ଦର୍ଯ୍ୟସାରର ସାର, ତ୍ରିଦିବେ ଲୋଭିତ—ସ୍ୱର୍ଗରେ ଦେଖାଯାଏ; ଏ ମର୍ତ୍ତ୍ୟ···ବିମ୍ବିତ—ସଂସାରରୂପ ଦର୍ପଣରେ ତୁମ୍ଭେ ତାର ପ୍ରତିରୂପ ।

୧୧-୨୦ । ହରିଣାଙ୍କ—ଚନ୍ଦ୍ର; ଉଲ୍ଲୁଟଇ—ଫୁଟେ; ଲଜ୍ଜା—ଅଳତା; ଶତଦଳ—ପଦ୍ମ; ଶୈବାଳ—ଶିଉଳି; ଅଳକ—ଚୂର୍ଣ୍ଣକୁନ୍ତଳ ବାଳ ।

ଗାଲିଚ୍ଚ ନୋହିଲେ କବି ଶ୍ରୀଚରଣ ନାହିଁ
ମଦାଳସି ! ଗଞ୍ଜି ହଂସୀ ଚଳ ଚିର ଚହିଁ ।
ଶଳ୍ପ ନେଇ ଶକ୍ତଦେହୀ କରିବାରପାଇଁ
ପଲ୍ଲୁପତା ବଡ଼ ହୋଇ ନାହିଁ କରତେଲୁ !
ଅୟି ମନୋରମା ! ମମ ସର୍ବ ଶ୍ରୀ ମନ୍ଦର
ତୁଅ ବରଦାୟୀ ଶୁଣି ବନ୍ଦନା ବନ୍ଦୀର ।

୧୯୩୫

---

ତୁମ୍ଭ ସୁନ୍ଦର ପାଦରେ ଅଳତା ନ ଦେଖି ଓ ସୁନ୍ଦର ମୁହଁରେ ଝାଳବିନ୍ଦୁ ଦେଖି ମୁଁ ବ୍ୟଥିତ—ଏକଥା କାହାକୁ ଜଣାଇବି ? ଶଚୀପତିଭୂତ—ଇନ୍ଦ୍ରଭବନ; ପାଦେ ଇଷା କରି ତାକୁ—କନ୍ଧକୁ ତୁମ୍ଭ ପାଦର ଅଳତା କର ।

୨୧-୨୭ । ଗାଲିଚ୍ଚ ନୋହିଲେ କବି—ତା ନ ହେଲେ କବିକୁ ତୁମ୍ଭ ଗୋଡ଼ ପକାଇବାର ଗାଲିଚ୍ଚ କରି; ଗଞ୍ଜି ହଂସୀ—ହଂସକୁ ହଟେଇ ସୁନ୍ଦର ଗତି କରି, ଶକ୍ତ—ଶାଲ, ଶକ୍ତଦେହୀ କରିବା—ମନ ବେଗରେ ନେଇ ଶାଲ ଦେହରେ ଥିବା ଭାଗ୍ଯ କନେଇ ଦେବା; ପଲ୍ଲୁପତା—ଜର୍ଦ୍ଦ୍ୟୁପଣିଆ; ସର୍ବଶ୍ରୀ ମନ୍ଦର—ସବୁ ଶୋଭାର ଆବାସ; ବନ୍ଦନା—ସ୍ତୁତି ବନ୍ଦୀ—ବନ୍ଦନାକାରୀ, ଭାଟ ।

—୧୯—

# ସୈନିକର ବିଦାୟ

( ରୁଷିଅ କବିତାର ଛାୟା )

କିଛିଦିବସ ପରେ ହେବ ଅନ୍ତର,
ରହିବୁ ପଥ ଚାହିଁ ବାନ୍ଧବୀ ! ମୋର,
ହୃଦେ ବାନ୍ଧିବୁ ଆଶା
ଫେରିବି ପୁଣି ମୁଁ ତୋ ଉତ୍ତଳଦୃଶା ।।୧।

ଟପ ଟପ ବରଷା ଜଳ ସମାନ
ପଡ଼ି ନଥିଲେ ହୃଦ ନୋହିବୁ ଛିନ୍ନ,
ଝଡ଼ ବାଧା ସହିବୁ,
ନିଦାଘ-ତାପେ ସନ୍ତାପିତ ନୋହିବୁ ।୨।

ବରଷ ପରେ ଗଡ଼ିଯିବ ବରଷ,
ମୋ ଦେଶର ଜ୍ଞାତି-ଜନ ହେବେ ନିରାଶ;
ଖବର ମୋ ନ ପାଇ,
ଭୁଲିବେ ବୃଥା ଖାଲି ମୋ ପଥ ଚାହିଁ ।୩।

ମୋ ସମ ଦୂରଗତ ସୈନିକ ଜନ
ପ୍ରିୟା-ବିସ୍ମୃତି-କାଳେ ହେବେ ମଗନ,
ଜାଳି ଆଶା-ଜାଳର
ତଥାପି ପଥ ଚାହିଁ ଥିବୁ ତୁ ମୋର ।୪।

ଫେରିବି, ରହିଥିବୁ ମୋ ପଥ ଚାହିଁ,
ପାଇବୁ ନାହିଁ ଭେଟା ପାଇଲେ କେହି,
ଭେଟା ପାଇବା ଗୀତ
ଅପରଙ୍କର; ତୋର ନୁହେ ସୁମନ୍ତ ! ।୫।

ମୋ ଜନନୀ, ମୋ ସୁତ, କେତକ ତାଳି
କାନ୍ଦିବେ ଜାଣି ଆଉ ନାହିଁ ମୁଁ ବୋଲି
ମୋର ବନ୍ଧୁ ପଂକ୍ତି
ନିଭାଇ ଦେବେ ହୃଦୁଁ ଆଶାର ବତୀ ।୬।

ବସି ଏକାଠି ଯେବେ ମୋର ବାସ୍ତୁର
ପକାଇ ମୁଞ୍ଛିବେ ଟି ନୟନୁଁ ନୀର
ତୋତେ ଭଣି ମୋ ଧନ !
କେତକେ ନ ଧୋଇବୁ କେବେଁ ନୟନ ।୭।

ଲଗାଇ କାଳି ମରଣର ଲପନେ,
ରହିବୁ ପଥ ଚାହିଁ, ଅସିବ ଦିନେ
ଯେବେ ହୋଇ ଚକିତ
ଭାଷିବେ ସବେ "ଜୟ ! ଏ ଅଲୌକିକ !" ।୮।

ନ ପାରିଲେ ଯେ ଧନ ! ମୋ ପଥ ଚାହିଁ
ସେ-ବେଳ-ମୋଦେ ଭାଗୀ ହେବେ କିପାଇଁ
ତୋର ଆଶାର ଦୋଷ
ଅଛିବ ଯେବେ ମୋତେ କଳଙ୍କ ଦୋଷ ? ।୯।

* । ଭେଟା ପାଇବା—ଉଦ୍ଧାର ହେବା ।
୬ । ପଂକ୍ତି—ସମୂହ ।

ତେଣା ଅଣ୍ଟା-ଭବର ମୋ ପ୍ରାଣ ରଖିବା
ଅନ ସ୍ୱଜନଙ୍କେ କଥାଁ ବୁଝିବେ ଅବା ?
ଏକା ଅଶାସ୍ତ୍ରୀ ଜନ
ଅରଟେକ ଦେବଦ୍ୱାର ଅଶିଷ ଦାନ । ୧୦ ।
ସେ ଦାନେ ଗରବିଣୀ ଏକା ତୁ ହୋଇ
ଗତ ଦୁଃଖେ ପଛକୁ ଦେଲୁ ପକାଇ
ଯେହ୍ନୁ ଜାଗିଲେ ଜାଗର
ଫଳ ତା ଭୋଗ୍ୟ ଏକା ତୁଅଇ ତାର । ୧୧ ।

୧୯୪୪

—୨୦—

## ଲକ୍ଷ୍ମୀକାନ୍ତ ଚୌଧୁରୀ

( ବିୟୋଗେ )

ରାଗ—ଚନ୍ଦ୍ରାଦେଶାକ୍ଷ

( "ଅହୋ ଧନୁର୍ଦ୍ଧର ବୀରବର"—ବୃତ୍ତରେ )

(୧)

ଭାଷା ଲେଖଣୀମୁଖେ ମୋ ନାହିଁ
ଅଶ୍ରୁ ନେଇଁ ଯାଇଛି ଉଭାଇ
ଅଶନି ନିର୍ଘାତ[1] ସମ ଏ ପ୍ରୟାଣ
କାହିଁ ଅଛ ମୁହଁଛପି ଦେଇ,
ହେ ସୁହୃଦ !

---

ଉତ୍କଳ ସଙ୍ଗୀତ ସମାଜର ପ୍ରତିଷ୍ଠାତା ସ୍ୱନାମଧନ୍ୟ ଦେଶପ୍ରାଣ ଅଧ୍ୟାପକ ଓ କବିଙ୍କ ଅକୃତ୍ରିମ ହିତୈଷୀ ଓ ବିପଦ ବନ୍ଧୁ ।

୧ । ଅଶନି—ନିର୍ଘାତ—ବଜ୍ରପାତ, ମୁହଁଛପାଦେଇ—ମୁହଁ ଲୁଚାଇ ।

(୨)

ମଣ୍ଡିପୁର ସଂଗୀତ କି କର୍ଣ୍ଣେ
ଅଭ୍ କଲ୍ଲ ନାହିଁ ହେ ତୋଷଣ ?
ଗୀର୍ବାଣ-ସଂଗୀତ- ଲାଳସୀ ହୋଇଣ
ଭଲ ଗୀର୍ବାଣପୁରୀ ଗମନ
ହେ ସୁହୃଦ !

(୩)

ଏତେ ଅତର୍କିତେ ଯିବା ପାଇଁ
ମନ ବଳାଇ କେସନେ ଭାଇ !
ଗାନ୍ଧର୍ବ ସଂଗୀତ— ମୂର୍ଚ୍ଛନା କି କାନେ
ବାଜି ଦେଲା ସକଳ ଭୁଲାଇ
ହେ ସୁହୃଦ !

(୪)

କେଉଁ ତଥା ମୋଠାରୁ ଛପାଇ
ରଖିଥିବା ମୋତେ ଜଣା ନାହିଁ
ଛାଡ଼ିଯିବ ବୋଲି ଏ ନିଗୂଢ଼ ପାଇଁ
କେବୁଁ ସଂପାଦିଲ ମନେ ନେଇ
ହେ ସୁହୃଦ !

---

୨। ଗୀର୍ବାଣ—ଦେବତା, ଗୀର୍ବାଣପୁରୀ—ସ୍ୱର୍ଗଭୁବନ।
୩। ଗାନ୍ଧର୍ବ—ଗନ୍ଧର୍ବମାନଙ୍କର।
୪। ଛପାଇ—ଲୁଚାଇ, ନିଗୂଢ଼—ଗୁପ୍ତ, ପାଇଁ—ଭିତର, କେବୁଁ—କେଉଁଠାରୁ, ସମ୍ପାଦିଲ—ସାଇତିଲ।

(୫)

ଛୁଣ୍ଡି ପଡ଼ିଲା ମୋ ଦାସ କର
ଭାଜି ଲେଟିଲା ନିର୍ଭର-ଘର
ବିନଷ୍ଟ-କୁଳାୟ ବିହଙ୍ଗମ ସମ
ଅସହାୟ ଏବେ ଚିତ୍ତ ମୋର
ହେ ସୁହୃଦ !

(୬)

କାନ୍ତ-ସ୍ମିତ-ଶାଳୀ ତୁମ୍ଭ ମୁଖ
କାହା ମନେ ନ ଦେଇଛି ସୁଖ
ନିସର୍ଗ କୋମଳ ଯାହା ଏ ସଂସାରେ
ତୁମ୍ଭ ଭାଷା ତ ତାର ପ୍ରତୀକ
ହେ ସୁହୃଦ !

---

୫। ଦାସକର—ତାହାଙ୍କ ହାତ, ଭାଜିଲେଟିଲା·····ଘର—ତୁମ୍ଭ ଉପରେ ନିର୍ଭର ରଖିଥିଲି—ସେ ଆଶା ବର୍ତ୍ତିମାନ ତୁଟିଗଲା, ବିନଷ୍ଟକୁଳାୟ·····ମୋର—କୁଳାୟ ଅର୍ଥାତ୍ ପକ୍ଷୀର ବସା ଭାଙ୍ଗି ଗଲେ ବିହଙ୍ଗମ ଅର୍ଥାତ ପକ୍ଷୀ ଯେପରି ଅସହାୟ ହୋଇପଡ଼େ ମୋର ଚିତ୍ତ ଆଜି ସେହିପରି ହୋଇପଡ଼ିଲା, ବିଶ୍ୱାସ କଥା ଶୁଣିବାକୁ କେହି ରହିଲେ ନାହିଁ।

୬। କାନ୍ତସ୍ମିତଶାଳୀ—ମଧୁର ମନ୍ଦ ହସରେ ମଣ୍ଡିତ, ନିସର୍ଗକୋମଳ—ସ୍ୱଭାବତଃ ଯାହା କୋମଳ, ତୁମ୍ଭ·····ପ୍ରତୀକ—ତୁମ୍ଭ କଥା ତହିଁର ସୂଚକ ଅର୍ଥାତ୍ କୋମଳତାରେ ଅଗ୍ରଣୀ।

(୭)

କୁଟିଳତାର ଏ ସୀମାଠାରୁ
ବହୁଦୂରେ ଥିଲ ସଦା ଗୁରୁ !
ଶିକ୍ଷିତ-ସମାଜ ଗୌରବ ଆସ୍ପଦ
ଯେଣୁ ସତ୍ୟସନ୍ଧ ଧର୍ମଭୀରୁ
ହେ ସୁହୃଦ !

(୮)

ଉତ୍କଳୀୟ କଳା କୃଷ୍ଟି ପାଇଁ
ଅଜ୍ଞ କାଏ ସେ ଅଦ୍ଭୁତ ଦେଇ
ସ୍ୱାର୍ଥ ମେଧ ଯଜ୍ଞ ଅନଳ ଜ୍ୱାଳର
ତାହୁଁ ଅଧିକ ତ ଦେଖୁ ନାହୁଁ
ହେ ସୁହୃଦ !

---

୭। କୁଟିଳତା—ଛଳକପଟ; ଆସ୍ପଦ—ସ୍ଥାନ; ସତ୍ୟସନ୍ଧ—ସତ୍ୟବ୍ରତ; ଧର୍ମଭୀରୁ—ଧାର୍ମିକ ( କବି କଲେଜରେ ଅଧ୍ୟାପକ ମହାଶୟଙ୍କ ଗୁରୁ ଥିଲେ; ପରେ ପ୍ରାଚୀ ସମିତିରେ ସହକର୍ମୀ ଓ ବନ୍ଧୁ ହେଲେ । )

୮। ଉତ୍କଳୀୟ······ଦେଖୁନାହିଁ—ଉତ୍କଳର କଳା ଓ ସଂସ୍କୃତିକୁ ପ୍ରକାଶିତ କରିବା ନିମନ୍ତେ ଭକ୍ତିପୂର୍ଣ୍ଣ ନିଃସ୍ୱାର୍ଥପର ଭାବରେ ଧନ ଓ ବହୁମୂଲ୍ୟ ସମୟ ବ୍ୟୟ କରୁଥିଲେ । ଯେଉଁ ଯଜ୍ଞରେ ସ୍ୱାର୍ଥକୁ ବଳି ଦିଆଯାଏ ତାହା ସ୍ୱାର୍ଥମେଧ ଯଜ୍ଞ ।

( ୯ )

ଦୀନଜନଙ୍କ ବିପଦ ବନ୍ଧୁ !
ପୀଡ଼ାଗ୍ରସ୍ତଙ୍କ କରୁଣା ସିନ୍ଧୁ
ବାନ୍ଧବ ଜନଙ୍କ ଅଶ୍ରୟ ପାଦପ
ମମ ଶରଧା-କୁମୁଦ-ଇନ୍ଦୁ
ହେ ସୁହୃଦ !

(୧୦)

ସ୍ନେହମୟୀ ମାତା ଜୀବଧନ
ଦେଶ ମାତୃକା ଯୋଗ୍ୟ ନନ୍ଦନ
ପରୁଷ ନୁହେଁ କି ଜୀବନ ମଧ୍ୟାହ୍ନେ
ଶୂନ୍ୟ କରିଗଲ ନିଜ ସ୍ଥାନ
ହେ ସୁକୃତ !

(୧୧)

ଦେଶେ ଥିଲା ତୁମ୍ଭ ପ୍ରୟୋଜନ
କରି ଶ୍ରୀହୀନ ବାଣୀ ଭବନ
ଗୁଣ ମୁଗ୍‌ଧ ଗୋଷ୍ଠୀ ହୃଦେ ଶେଲ ବିନ୍ଧି
କଲ ଅକାଳେ ମହା ପ୍ରୟାଣ
ହେ ସାଧକ !

---

୯। ଅଶ୍ରୟ ପାଦପ—ଆଶ୍ରା କରିବାର ସ୍ଥାନ ଯେପରିକି ବୃକ୍ଷ ବିଶେଷ ଯହିଁରେ ବହୁତ ପକ୍ଷୀ ବସା ବାନ୍ଧି ରହିଥାନ୍ତି। ପାଦପ—ବୃକ୍ଷ; ଶରଧା-କୁମୁଦ-ଇନ୍ଦୁ—ଶ୍ରଦ୍ଧା ବା ସ୍ନେହର ଆକର୍ଷକ।

୧୦। ସ୍ନେହମୟୀ—ସ୍ନେହଶୀଳା; ମାତା—ଜନନୀ (ର ଜୀବନ ଧନ) ଅଥବା ସ୍ନେହମୟୀ—[ ତାଙ୍କ ଜ୍ୟେଷ୍ଠା କନ୍ୟା ] ର ମାତାର ଜୀବନ ଧନ; ଦେଶ ମାତୃକା—ଜନ୍ମଭୂମି; ପରୁଷ—କଠୋର।

୧୧। ଶ୍ରୀହୀନ—ହତଶ୍ରୀ; ବାଣୀଭବନ—ଭଗବତୀ ଭାରତୀଙ୍କ ପୂଜା ପୀଠ; ଶେଲ—ଅସ୍ତ୍ର ବିଶେଷ; ମହାପ୍ରୟାଣ—ସ୍ୱର୍ଗଯାତ୍ରା।

(୧୨)

ଦିବଂଗତ ସାଧବଙ୍କ ମେଳେ
ଖେଳୁଥିବ ତ କୁତୂହଳେ
ଅମୃତ ଦୃଷ୍ଟିରେ ସେ ଧାମରୁ ସଦା
ଚାହୁଁ ଥିବଟି ପ୍ରିୟ ଉତ୍କଳେ
ହେ ସୁକୃତି

(୧୩)

ମୃତ୍ୟୁ ପରଦା ସେ ପାଟେ ରହୁ
ଦୟା ବହ୍ନିଣି ଦିଅ ବଢାଇ
ତୁମ୍ଭ ଆଦରଣ ପ୍ରଦୀପର ଶିଖା
ସେଟିକେ ରଖିବୁଁ ସଦା ଜଳାଇ,
ହେ ସୁକୃତି !

(୧୪)

ଆଜି ଏ ଧାମେ କ୍ଷଣିକ ପାଇଁ
ଦିବ୍ୟ ତନୁରେ ଆସ ଓହ୍ଲାଇ
ଶରଧା ସୁମନେ ଅପନ ସାଜିଣି
ହୃଦ ପୀଠରେ ଅଛୁଁ ବସାଇ,
ହେ ଅମର !

---

୧୨। ଦିବଂଗତ—ସ୍ୱର୍ଗଗତ, ଖେଳୁଥିବ—କ୍ରୀଡ଼ା କରୁଥିବ; ସୁକୃତି—ପୁଣ୍ୟକର୍ମୀ ।

(୧୫)

ଆସି ସମ୍ମୁଖେ ତଳ୍ପଁରେ ବସ
ପରଶର ସ୍ନିଗ୍ଧତେ ତୁମ୍ଭ ହସ
ସେ ଧାମରେ ଭେଟ       ହେବାଯାଏଁ ଭଳି
ଶୋକ-ତାମସ ଏ ହୃଦୁଁ ନାଶ
ହେ ସୁହୃଦ !

୧୯୪୦

—୨୯—

## ଜିଜ୍ଞାସା

( ସ୍ୱର ଭୈରବ—ଅଠତାଳ )

ଖାରବେଳ ସୁହାଗିନୀ ତୁହି ମା ଟିକା । ଘୋଷା ।
ବିପୁଳ-ବାରଣ-ସେନା-       ପଦ-କମ୍ପ୍ର-ଅପଘନା !
ବୀର-ମେଦମୟୀ ତୋର ଏହି ମାଟି କି ? ୧ ।

---

୧୫ । ସେ ଧାମରେ—ପରଲୋକରେ; ଶୋକତାମସ—ଦୁଃଖରୂପ ଅନ୍ଧାର ।

୦ । ଖାରବେଳ—ପ୍ରାଚୀନ କଳିଙ୍ଗର ଭାରତ ବିଜୟୀ ସମ୍ରାଟ, ସୁହାଗିନୀ—( ଙ୍କ ପ୍ରତି ) ସ୍ନେହଶୀଳା ।

୧ । ବିପୁଳ—ବହୁଳ; ବାରଣ-ସେନା—ଗଜାରୋହୀ ସୈନ୍ୟ; ପଦକମ୍ପ୍ର-ଅପଘନା—ପାଦରେ କମ୍ପୁଥିବା ଅପଘନ—ଶରୀର ଯାହାର; ବୀରମେଦମୟୀ—ବୀରଙ୍କ ମେଦରେ ଗଢା ।

ଥିଲେ ମା ! ଦୁର୍ଗଶାଳିନୀ    ଥିଲେ ବୋଲଭ ମାଳିନୀ
ନବତଳ ଉଆସ ଏ ବାରବାଟୀ କି ? ୨ ।

ବିଦେଶେ ଉଦର ଅନ୍ନ    ଖୋଜନ୍ତି ଯାଙ୍କ ସନ୍ତାନ
ତୋ ଦେଉଳେ ତାଙ୍କ କଳା-ପରିପାଟୀ କି । ୩ ।

ବାବଦୂକ ଇତିହାସ    ଭାଟେ ଦିଏ କେତେ ଗ୍ରାସ
ଦେଖ ଉଦାସ ଗୁଣ୍ଠି ତୋ କ୍ଷୀଣ ନାଟୀ କି । ୪ ।

ବନ୍ୟାସମ ପଞ୍ଚକ୍ରୁଷ    ହେବ କେବେ ପରବେଶ
ଅତୀତ ଉଠିବ ଭଙ୍ଗି ତୋର ମାଟି କି । ୫ ।

ଝିଲ୍ଲିମ ଚଢ଼ାଇ ଲୁହ    ପଶ୍ଚିରେ ସମସ୍ତ-ମୁଖ
ମୁହେଁ କି ଦୁଃଖ ନିବହ ଥିବ ଅଟକି । ୬ ।

୧୯୩୮

---

୨ । ନବତଳ ଉଆସ ଏ ବାରବାଟୀ କି ?—ଏ ଯେଉଁ ବାରବାଟୀ ରହିଛି ଏଥିରେ ତୋ ସମ୍ରାଟଙ୍କ ନଅ ମହଲା ପଡ଼ିଆର ଉଆସ ଥିଲା କି ?

୩ । ଉଦର ଅନ୍ନ—ପେଟର ଦାନା ।

୪ । ବାବଦୂକ—ବହୁତ କଥା କହୁଥିବା, ଜଳ୍ପ; ଭାଟେ ଦିଏ କେତେ ଗ୍ରାସ—ଭାଟଙ୍କୁ ବହୁତ ଖାଦ୍ୟ ଦିଏ ଅର୍ଥାତ ବହୁତ କଥା ଶୁଣାଏ; ଉଦାସ—ନିରୁତ୍ସାହ, କ୍ଷୀଣ—ଦୁର୍ବଳ; ନାଟୀ—ନାଡ଼ି ।

୫ । ବନ୍ୟା—ନଈବଢ଼ି; ପଞ୍ଚକ୍ରୁଷ—ସୁଲୁପପାଣିଆ, ବିକ୍ରମ ।

୬ । ଦୁଃଖନିବହ—ଦୁଃଖ ସବୁ ।

# ଶିଶୁ ରଞ୍ଜନ

## ମାଅଙ୍କ ବର ଓ ଅଭିଶାପ

( ରାଗ—ବଙ୍ଗଳାଶ୍ରୀ )

ବୁଢ଼ୀ ତପସ୍ବିଏ    ଅଛଇ ଆକାଶେ
ବସିଲେ ନ ପାରେ ଉଠି,
ଚନ୍ଦ୍ର, ସୂର୍ଯ୍ୟ ଆଉ    ପବନ ଦେବତା
ଏମାନଙ୍କ ମାଆ ସେ ଟି ।
ସରଗରେ ଠାଏ    ଭୋଜି ହୋଇଥିଲା
ତିନି ପିଲା ଗଲେ ଖାଇ
ଚମ ଧୁଡ଼ୁ ଧୁଡ଼ୁ    ବାଡ଼ି ଠୁକୁ ଠୁକୁ
ବୁଢ଼ୀ ନ ପାରିଲା ଯାଇ ।
ଭୋଜିରେ ଦେଖିଣ    ଅପୂର୍ବ ପଦାର୍ଥ
ପବନ ଖାଇଲା ଲୋଭେ,
ସୁଆଦ ଭୋଳରେ    ମାଆ ବୁଢ଼ୀ କଥା
ନ ଭାଳିଲା ସେତୁ ଲବେ ।
ସୂର୍ଯ୍ୟ ତାହା ପରି    ପକାଇଲା ପେଟେ
ପଥରେ ପଡ଼ିଲା ଯାହା
ଖାଇବାରେ ମାତି    ଭାଳିଲା ନାହିଁ ସେ
ମାଆ ବୁଢ଼ୀ କଥା ଆହା ।
ଚନ୍ଦ୍ର ଟେଣ୍ଡୁ ଝିଅ    ମାଆ ପାଇଁ ତାର
ଘାଣ୍ଟି ହେଲା ଭାରି ମନ

ଖାଇଲୁ ପଥରୁ          ମାଅ ପାଇଁ କିଛୁ
ରଖିଲୁ ଭରି ଯତନ ।

× × × ×

ପବନ ଫେରିଲା          ଗଗନ ବୁଲାଇ
ମାଅ ପଚାରନ୍ତି "ବାବୁ !
ଖୋଜିଲୁ ମୋ ପାଇଁ          କିଛୁ ଅଣିନାହୁଁ
ଖାଇ ଦେଲୁ କି ରେ ସବୁ" ?
ପବନ କହିଲା          ରାଗରେ "ବୁଢୀ ! ତୁ
ଅପେ ନ ପାରିଲୁ ଯାଇ
ଚାକର ନୁହେଁ ମୁଁ          ଅପୂର୍ବ ଦରବ
ଆଣନ୍ତି ତୋ ପାଇଁ ବହୁ" ।

× × × ×

ଭେଳଙ୍କରେ ଝଟକା          ଲେଉଟିଲା ସୂର୍ଯ୍ୟ
ବୁଢୀ ପଚାରଇ "ବାବୁ !
ଖୋଜିଲୁ ମୋ ପାଇଁ          କିଛୁ ଅଣି ନାହୁଁ
ଖାଇ ଦେଲୁ କି ରେ ସବୁ" ?
ଆଖି ରଙ୍ଗାଇଣ          ଗରଜିଲା ସୂର୍ଯ୍ୟ
"ବଡ ଅଲାଜୁକୀ ତୁହ
ଅପୂର୍ବ ଦରବ          ଲୁହନ୍ତି ତୋ ପାଇଁ
ଚାକର କି ତୋର ମୁହିଁ" ?

× × × ×

ହସ ହସ ମୁହେଁ          ଫେରିଲା ଚନ୍ଦ୍ରମା
ମାଅ କହିବା ଆଗରୁ

ବାଡ଼ିଦେଲା ଅଣି                    କାଢ଼ି ରଖିଥିଲା
        ଯାହା ସେ ନିଜ ଭାଗରୁ ।
ପିଲାଙ୍କୁ ଡାକିଣି                    କହୁଛନ୍ତି ମାଏ
        "ଜଣ ଜଣ ହୋଇ ଶୁଣ
ସାମାନ୍ୟ କଥାରୁ                    ଜଣା ପଡ଼ିଗଲା
        ତୁମ୍ଭ ତାତଙ୍କର ଗୁଣ" ।
ଅପସ୍ୱାର୍ଥୀ ତୁ                    ଅଛୁ ରେ ପବନ
        ଘେନ ମୋର ଅଭିଶାପ,
ଲୁଭ ଲୁଭ ହୋଇ                    ଟର୍କି ମରୁଥିବ
        ତେବେ ନ ଖଣ୍ଡିବ ପାପ,
ଯାହାକୁ ଛୁଇଁବୁ                    ସେହୁ ଶୁଖିଯିବ
        ଲୋକେ ତୋତେ ଗଞ୍ଜିଦେବ
କିଳବେ କବାଟ                    ହୋଇ ଛଟପଟ
        ମୁଣ୍ଡ ତୁ ହେବୁ ବାଡ଼େଇ" ।

× × × ×

"ପବନ ସପାନ                    ଅପସ୍ୱାର୍ଥୀ ତୁ
        ସୂର୍ଯ୍ୟ ମୋହ କଥା ଶୁଣ
ଲଜ୍ଜ ପୋଡ଼ି ହୋଇ                    ମରିବୁ ତୁ ସଦା
        ଗାଳି ସଭିଙ୍କ ଶରଣ ।
ଚୋରା ମୁହଁ ଚୋର                    କେହୁ ନ ଶୁଣିବେ
        କହୁ ଯେଣୁ କଟୁ କଥା
ବୃଦ୍ଧ ବୟସରେ                    ମନରେ ମୋହର
        ଦେଲୁ ଏଡ଼େ ବଡ଼ ବ୍ୟଥା ।

× × × ×

“ଶୁଣି ଅଳେ ସୁନ୍ଦ !  ଶାଖା ଦୂଷଣେ ଫେଣୁ
ଭରଲାଲ୍ଷ ଟୋଷ୍ଣ ମନ
ରୂପେ ଗୁଣେ ଜଗତେ  ଏ ସାରା ଜଗତେ
ନୋହିବେ କେହୁ ସମାନ ।
ଜଗତ ଯାକର  ମନ ତୁ ମୋହୁ
ଅକାଳେ ଦେଖି ତୋ ଛବି
ମଞ୍ଚପୁର ଲୋକେ  ଗଣନା କରବେ
ବର୍ଷ ମାସ ଅଉ ତିଥି” ।

୧୯୩୯

—୨୩—

## କିଶୋର ପାଖକୁ କାମିନୀ

ରାଗ ଛାନ୍ଦା ଦେଶାକ୍ଷ
( ଅହୋ ଧନୁର୍ଦ୍ଧର ବାଣବର—ବୃତ୍ତରେ )

ମୋହ ଛାତିର ନାହିଁ ଭଉର
ଦରି ଅଶଙ୍କରେ ମୋ ଅନ୍ତର
ଫଟେ ଗଲେ ସ୍ଥିର ଯାଉଛି ମୋହର
ତୁମ୍ଭେ ହୋଇବା ଦନ୍ତୁ ଅନ୍ତର ହେ
କିଶୋର ! । ୧ ।

୧ । ଅନ୍ତର—ଦୂର

ତୁମ୍ଭେ କହୁଥାଅ ରେ ବାଳକ !
ମୁହିଁ କର ତୁ ଝିନା ମୋ ହସ୍ତ
ଛାଡ଼ି ଅଦର୍ଶନେ କରିବା ମୋ ପାଇଁ
ତୋର ବିରହ ତ ମୋତେର ଯବ ହେ
କିଶୋର ! । ୨ ।
ଦିନ ପନ୍ଦରକୁ ଗଲ କହି
ମାସ ଦୁଇ ଯେ ଗଲାଣି ବହି
ଦିନୁଁ ଦିନ ବଳୁ ହେଲା ଏ ବିରହ
ତେଜେଣ ଥବର ଭଲ ମୁଁ ଦେନ୍ତି ଟି
କିଶୋର ! । ୩ ।
କହୁଥିଲ "ଜାୟା ଯାୟା ସବ
ମୁହିଁ ତୋର କ୍ଷୁ ମୋର ସୁନ୍ଦର !"
ଚନ୍ଦ୍ର ହୋଇ ମୋତେ ଚନ୍ଦ୍ରିକା କରିବା
ସତେ ପାଶୋରିଲ କି ପାଶୋର ହେ
କିଶୋର ! । ୪ ।
କହ କହ ପ୍ରିୟ ମୋର ! ସତ
ହୋଇ ପଡ଼ିଛ ଅବା ପୀଡ଼ିତ
"ସକଳ ବ୍ୟାଧିର ଭେଷଜ ତୁ ମୋର"
ମୋତେ କହୁଛ ବାର ବହୁତ ହେ
କିଶୋର ! । ୫ ।

---

୨ । ଯବ—ବଜ୍ର
୩ । ତେଜ୍ଞ—ଚେତନ
୪ । ଚନ୍ଦ୍ରିକା—ଚନ୍ଦ୍ର କିରଣ
୫ । ଭେଷଜ—ଔଷଧ

ମୋତେ ଭଣିଆଇ ବନ୍ଧୁ ! ତୁମେ
ପୀଡ଼ା ଭୋଗୁଅଛ କି ଦେହରେ
ସଂଶୟ ଜାଗଇଁ ରେ କାହିଁ ଜାଣି ମୋର
ମୋତେ ଜଣାଇ ଦେଇ ଲୁହରେ ହେ
କିଶୋର ! । ୬ ।

ଯେବେ ହୋଇଥିବ ତୁମ୍ଭ ପୀଡ଼ା
ସତ ଭକ୍ତଙ୍କୁ ତେଜି ମୁଁ ବ୍ରୀଡ଼ା
ଚରଣ ସେବାକୁ ପଶିଯିବି ସତ
ଯହୁଁ ତହୁଁ ହୋଇବଇଁ ଛଡ଼ା ହେ
କିଶୋର ! । ୭ ।

ମୋରେ ପହିଲେ ଦେଖିଲ ଦିନ
କେତେକ ସହିତେ ଫିଙ୍ଗି ସୁମନ
ଶଶିଜିତ ମୁଖେ ସୁହାସ ଫୁଟାଇ
ଚତୁରପଣେ ଭୁଲାଇଲ ମନ ଓହ
କିଶୋର ! । ୮ ।

ମୋର ଥିଲା ନାହିଁ ବନ୍ଧୁ ! ଗୁଣ
ନେତ୍ର-ବାଗୁରରେ ଦେଲ ଧରା
ପ୍ରଭାତ-ଦୀପିତ ବଦନ ତୁମର
ମାନସକୁ ମୋ ହୋଇଲା କାରା ହେ
କିଶୋର ! । ୯ ।

---

୭ । ବ୍ରୀଡ଼ା—ଲଜ୍ଜା
୮ । ଶଶିଜିତ—ଶୋଭାରେ ଚନ୍ଦ୍ରକୁ ଜିଣିଥିବା; ଚତୁରପଣ—ଚାତୁରୀ
୯ । ଗୁଣ—ଶକ୍ତି; ବାଗୁର—ଜାଲ; ପ୍ରଭାତ ଦୀପିତ—ପ୍ରଭାତର ଆଲୁଅରେ ଉଜ୍ଜ୍ୱଳ; କାରା—କଏଦଖାନା

ଯତନ ବୃନ୍ଦଣ ହାଭରେ ମୁହିଁ
ହଜିଥିଲି ଟି ପଥ ହରାଇ
ତାତ ମାତ ମୋର ଅଥୟ ହୋଇଲେ
ଭଣି "ଭାମିନି ! ଗଲୁ ତୁ କାହିଁ" ହେ
କିଶୋର ! । ୧୦ ।

ତାଙ୍କୁ ଦେବତା ସମାନ ଆସି
ଜନ ଗହଳରେ ତୁମ୍ଭେ ପଶି
ଅପହରିତାଙ୍କ ମେଣ୍ଟୁଁ ଯୋଗେ ନେଇ
ଘୁଞ୍ଚାଇଲ ତାଙ୍କ ଶୋକ ନାଶି ହେ
କିଶୋର ! । ୧୧ ।

ସେହି ଦିନରୁ [illegible]ରେ ଅମର
ବଢ଼ି ଗଲାଟି ତମ ଆଦର,
କେହି ନ ଜାଣିଲେ ଅଗୁଁ ହୋଇଥିବା
ତୁମ୍ଭେ ଭାମିନୀ-ମାନସ-ତସ୍କର ହେ
କିଶୋର ! । ୧୨ ।

କେତେଥର ବାର ଜଳପାନ ନେଇ
ନିଜ କରେ ଦେଇଛୁ ଭୁଞ୍ଜାଇ
ସତରେ ଜାଣନ୍ତି ନିସ୍ପୃହା ଭାମିନୀ
ତାର ବଅସ କେ ହୋଇ ନାହିଁ ହେ
କିଶୋର ! । ୧୩ ।

---

୧୩ । ଜଳପାନ—ଜଳଖିଆ

ତୁମ୍ଭେ ଭଜବା ବେଳେ ଆମ୍ଭର
ଗୁରୁଜନେ ହୋଇ ଯାନ୍ତି କ୍ରୂର,
ସ୍ୱଜନେ ଭାଳନ୍ତି ଲକ୍ଷ୍ମୀଛଡ଼ା ଅତି,
ଏତା ଜାଣେ ମୁଁ ଶୁଣି ଅଘୋର ହେ
କିଶୋର ! । ୧୪ ।

ଅପ ଘର ଆଦରର ଧନ !
ଅଟ ହେ କାମିନୀ-ଜୀବ-ଜୀବନ !
ମାସ ଦୁଇ ହେଲା ରହିଲ ଜାଉର,
କେତେଙ୍କ ଡକୁ ନାହିଁ ତୁମ୍ଭ ମନ ହେ
କିଶୋର ? । ୧୫ ।

ମୋର ନୟନ କୋଟର-ଗତ
ଦେଖି ଶୋକାତୁର ତାତ ମାଈ;
ଡାକତର ଡାକି ପରଖାନ୍ତି ସ୍ଥିତ
ମୋର ବିକାର ତାଙ୍କୁ ଅଜ୍ଞାତ ହେ
କିଶୋର ! । ୧୬ ।

ତୁମ୍ଭ ଲାଗି ମୋ ସବୁ ବିକାର,
ଏହା ତୁମ୍ଭେ ଭିଷକ ତହିଁର;
ମୋ ରୂପର ପ୍ରେମ ଗଦେଶଣ ଟି ତୁମ୍ଭେ
ମୋର ରଞ୍ଜ-ଜଳଦ-ଦେଶ୍ୱର ହେ
କିଶୋର ! । ୧୭ ।

---

୧୫ । ଡକୁ ନାହିଁ—ଡରିଲୁ ନାହିଁ ।

୧୬ । କୋଟରଗତ—କୋରଡ଼ରେ ପଶିଥିବା ।

୧୭ । ଭିଷକ—ବୈଦ୍ୟ; ଗଦେଶଣ—ସୁରୁ; ଜୀବନଦାତା; ଜଳଦର—ଧନ ।

ଫୁଲ୍ ପିନ୍ଧି କିଣିଲ୍ ମୋ ମନ,
ଅଗେ ଧନ୍ୟ ପଛେ କଲ୍ ଦାନ;
ମନ-ପୋଡ଼ି ମୋର କିଏ ସେ ଜାଣିବ ?
ଦୂରେ ରହିଲ ଜାଣିବା ଜନ ହେ
କିଶୋର ! । ୧୮ ।

ରଙ୍ଗିଥିବ ସେ ଝର-କଲମ
ଯାହା ଛୁଇଁଥିଲା ଉର ମମ
କରେ ବ୍ଲାଉଜରୁ କାଢ଼ି ତା ନେଇଛ
ଲିପି ତାହା ମୋ ଦାନ ପରମ ହେ
କିଶୋର ! ୧୯ ।

ତହୁଁ ଝରିବ କବିତାଧାର;
ବିଶ୍ୱେ ମୋହିବା ପାଇଁ କି ପର,
ମୁଁ ପୁଣି କେଉଁଠି ରୂପିଣୀ କବିତା !!!
ଲେଖନୀ ମୋ ତା ଆଧାର ପର ହେ
କିଶୋର ! । ୨୦ ।

ମନେ ପଡ଼େ କି ବିଦାୟ ଦିନ ?
"କିଶୋରକୁ ଦେଇ ଆ ତୁ ପାନ"
ବୋଉ ଆଦେଶିଲା, ଗଲି ତୁମ୍ଭ କତି
ତୁମ୍ଭେ ଏକା ଥିଲ ଉପବନ ସ୍ଥେ
କିଶୋର ! । ୨୧ ।

---

୧୮ । ମନପୋଡ଼ି—ମୋ ମନ ଜଳି ପୋଡ଼ିଯିବା କଥା [ ଯଥା—ବନ ପୋଡ଼ିଗଲେ ସମସ୍ତେ ଜାଣନ୍ତି ମନ ପୋଡ଼ିଗଲେ କିଏ ସେ ଜାଣେ ?]

୨୦ । ଝରକଲମ—ଫାଉଣ୍ଟେନ୍ ପେନ୍; ଝର—ସ୍ରୋତ ।

ମୋଠରେ ଅଲିଙ୍ଗି ଶତେ ମୋ ଲୁହ
ଢାଳି ଦେଇ, ବନ୍ଧୁ କଣ୍ଠେ ଚୋହ,
ସତ୍ୟ କଥା ସଖା ! ଅଲୁହା ରଖିଲି
କେବେ ଫିଟାଇ କହିବ କହ ହେ
କିଶୋର ! । ୨୩ ।

ଯେତେ କଥା ଥିଲି ମନେ ରହି
ତେତେ ତରଙ୍ଗ ସିନ୍ଧୁରେ ନାହିଁ;
ଝଗାର ହୋଇଲି କଣ୍ଠେ କୋହ ମୋର
ଆଖି ଆଖି କି ଥିବ ବା କହ ହେ
ସୁନ୍ଦର ! । ୨୪ ।

ମୁହିଁ ଶ୍ରେବାଇ ଥିବାର ପାନ
କର ସହିତେ ମୁଠିଏ କ୍ଷେପଣି
ଆଖିପତା ମୋର ଲୋତକେ ଧୋଇଣି
ମୋର ପରାଣି କଲ ମନ୍ଥନ ହେ
ସୁନ୍ଦର ! । ୨୫ ।

କଲ ଖାଉଛ ମୋ ଚିତ୍ତ-ଧନ୍ୱ,
ଶର ବରଷି ତୋଷ-ଅସ୍ତ୍ର,
ବୋଲ କହୁଥିଲ ବାପାଙ୍କୁ "କାମିନୀ
ମୋତେ ଲାଗେ କିଶୋରର ଯନ୍ତ୍ର" ହେ.
ସୁନ୍ଦର ! । ୨୬ ।

---

୨୫ । କର କ୍ଷେପଣ—ପକାଇ ।

୨୬ । ଚିତ୍ତ-ଧନ୍ୱ--ହୃଦୟରୂପ ଧନୁ ।

ପ୍ରାଣ ଉପବନ ମାଳୀ ମୋର !
ଆଉ ନ କର ହେଳେ ଉତ୍ତର
ରୂପିଣୀ ଲତିକା କହୁଛି ଯାହାକୁ
ମାଧୁରୀ ତା ହେଲା ନାରଖାର ହେ
ସୁନ୍ଦର ! ୨୭ ।

୧୯୪୫

—୨୪—

## କାମିନୀ ପାଖକୁ କିଶୋର

ରାଗ—କଳହଂସ କେଦାର

( ଦ୍ୱିତୀୟା ଯାମିନୀରେ ମୋ ପ୍ରାଣ ସଖୀ—ବୃନ୍ଦରେ )

ମୋ ହୃଦ ଶରଦଚନ୍ଦ୍ର କାମିନୀ ବାଳା !
ଉର-କମଳ-ଲିପି ପାଇଲି କାଲି,
କରମ ରୂପେ ଦେଇ ନାହିଁ ଉତ୍ତର
ଭରମଦେବୀ ଅପରାଧୀ କୋଟୁର । ୧ ।

---

୨୭ । ରୂପିଣୀ—ରୂପଧାରିଣୀ; ମାଧୁରୀ—ଶୋଭା, ଲାବଣ୍ୟ, ମଧୁରତା ।

୧ । ଶରଚନ୍ଦ୍ର—ଶରତ୍କାଳର ନିର୍ମଳଚନ୍ଦ୍ର; ଲିପି—ଚିଠି; କରମ—ରୂପେ ବହୁତ କାମ ପଡ଼ିଥିବାରୁ; ଭ୍ରମରଦେବୀ—ଭ୍ରମଦେବୀ—ସୁନାଗୋସାଇଁ; କୋଟୁର—ସେବକ ।

ଫୁଟିଲା ପଦ୍ମ ସମ ନୟନ ତୋହର
ଚେଲଶିଙ୍କୁ ପରା ଭଜିଲଣି କୋଟର ।
ଅୟି ମୋ ଚିତ୍ତ-ସରସୀର ମରାଳ !
ଛାଡ଼ି ଯାଏ ମୋ ପାଖି ତୋ ଛବି ଭାଳ । ୨ ।

ଛୁଇଁଲା କଙ୍କଣ ତୁ ଦେଉଣି ଥୋଇ,
ଗାଉଥ ଥିବୁ ନାମ ବସିଲୁ ଠାଇଁ,
କଙ୍କତିକା ପରଶ ନ ଲଭି କେଶ
ପବନେ ଉଡୁଥିବ ହୋଇ ଉଦାସ । ୩ ।

ବାଜ ନ ଥିବୁ ବୀଣା ତୋଳି ଝଙ୍କାର,
ବେହେଲ ହୋଇବଣି ତୋ ନାରଶାର,
ବସିବା ବାତାୟନ ପାଶରେ ଆସି
ନୀରବେ ଚାହିଁ ଦେଉଣି ତୁ ସୁହାସି । ୪ ।

ବିରଳ ହୋଇଲଣି ସୀମନ୍ତେ ଝାଳ,
ଅଞ୍ଜନ ନେତ୍ରୁଁ ହୋଇବଣି ଅନ୍ତର,
ଗନ୍ଧେ ଜୃମ୍ଭିତ ଫୁଲ ଜାତି ଜାନକୁ
ଅନାଦରେ ତୁ ଫିଙ୍ଗି ଦେଉଣି ଉପ୍ଲୋକୁ । ୫ ।

---

୨ । ଭଜିଲଣି କୋଟର—କୋଟରରେ ପଶିଲଣି; ସରସୀ—ପୋଖରୀ; ମରାଳୀ—ହଂସୀ ।

୪ । କଙ୍କତିକା—ପାନିଆଁ; ଉଦାସ—ଅଳସୋଦାସୀନ ।

୫ । ବିରଳ—ଦେଖିବାକୁ ଦୁର୍ଲ୍ଲଭ; ସୀମନ୍ତ—ସୁନ୍ଥା; ଗନ୍ଧେ ଜୃମ୍ଭିତ—ସୁଗନ୍ଧୀ ଗନ୍ଧରେ ପ୍ରକମ୍ପିତ; ଉପ୍ଲୋକୁ—ଦରଜିଲେ ଭାଗ୍ୟ-ପର ଯାହାର ଜୀବନ, ଫୁଲଗଛ ।

ପାଣ୍ଡୁର ହୋଇବଣି ଅଧର-ବିମ୍ବ,
ଫିକା ହେବଣି ପାନ ସେବନ ଲମ୍ବ;
କମ୍ବୁ କଣ୍ଠରୁ ହାର କଢ଼ ବାହାର!
ଭାଙ୍ଗିଲା-ପିଲା କରିବୁଣି ତୁ ଦୂର । ୬ ।

କାଞ୍ଚୀ ଦାମ କଟୀରୁ ଦେଉଣି ଫେଇ,
ତାହାରୁ ନ ଥିବୁ ତୁ ଅଲଗା ହୋଇ;
କୁନ୍ଦ ସୁମନ ସମ ମୁରୁକି ହସ
ଓଠେ ତୋ ଫୁଟୁଥିବ ନାହିଁ ନାରୀଶ ! ୭ ।

ଉପତ ଶ୍ୱାସେ ନାସା ତିଳ ସୁମନ
ଝାଉଁଳି ହେଇବଣି କି ହତମାନ !!
ଅଙ୍ଗୁଳି ଚମ୍ପା ଯାଇଥିବ ମଉଳି,
କି ହୋଇଥିବ ଭୁଜ ସରୋଜ ଦଳ !!! ୮ ।

ତିଳ ଶାଢ଼ୀରୁ ତୁଟାଇଣ ଆଦର
ଅଯତ୍ନେ ଛାଡୁଥିବୁ ଅଙ୍ଗ ତୁ ତୋର,
ରୂପିଣୀ କହିବା ରେ ! ରୂପ କାଙ୍ଗାଳି
ତବ ଯାଉଛି ଜଳି ତୋ ଦଶା ଭାଳି । ୯ ।

---

୬ । ପାଣ୍ଡୁର—ଫିକା; ଅଧରବିମ୍ବ—ଅଧରରୂପ ପାଚିଲା କଇଁଚିକାକୁଡ଼ି; କମ୍ବୁ—ଶଙ୍ଖ ।

୭ । କାଞ୍ଚୀଦାମ—ଚନ୍ଦ୍ରହାର ( ଅଣ୍ଟାର ଅଳଙ୍କାର ); ନାରୀଶ—ଶ୍ରେଷ୍ଠ ନାରୀ ।

୮ । ତିଳସୁମନ—ରସିଫୁଲ ( ଏଥି ସହିତ ନାକର ତୁଳନା ହୁଏ ); ଭୁଜ—ହସ୍ତ; ସରୋଜଦଳ—ପଦ୍ମଦଣ୍ଡି ।

୯ । ଅଯତ୍ନେ—ଯତ୍ନ ନ କରି; ଛାଡୁଥିବୁ—ଶୋଷାଉଥିବୁ; ରୂପିଣୀ—ରୂପ ଧାରିଣୀ ।

ଧୂଳିରେ ଲୁଲି ଯାଉଥିବ ପଣତ,
କାହେ ବନ୍ଧୁବା ବଳ ହେବଣି ହତ ।
ମୁଖ ଶଶୀଙ୍କ ଢାଙ୍କିଥିବ ବଉଦ
ମଞ୍ଜୀରେ ପଡ଼ୁଥିବ ଅଥୟେ ପଦ । ୧୦

ଝଡ଼-ଜଳମୟ ଘୋର ଉଦରେ ଜଡ଼ାଇ
ଦୂର ବନର ପଥ ଯିବଇଁ ବାହୁ;
ତୋ ପରଶ ପଙ୍କଜେ ମୁହିଁ ତପନ
ଜାଣି ନ ଥିଲି ଆଉ ଅବଧି ଧନ୍ଦ । ୧୧ ।

ମୁଁ ଭାଳିଥିଲି ମୁହିଁ ସ୍ତୁତିର ସାର
କଣ୍ଠକୁ ମୋର ତୃଷ୍ଣା ବାରିଦ-ବାରି;
ଏବେ ବୁଝିଲି ଅନ ତତ୍ତ୍ୱ ଖଣ୍ଡରେ
କଣା ଯେସନ, ଶଙ୍ଖ କଣା ଶଙ୍ଖରେ । ୧୨ ।

ଲାଜ ମଞ୍ଜୁଷାରେ ଏ ପ୍ରୀତିରତନ
ଢାଙ୍କି ତୁ ରଖିଥିଲୁ; ନ ଜାଣି ଧନ !
ହୋଇଛି ଅପରାଧୀ କରୁଣା କର
ଚାଣିକ ଦୋଷ ଫିଙ୍ଗିଦିଅ ସୁନ୍ଦର । ୧୩ ।

---

୧୦ । ଲୁଲି ଯାଉଥିବ—ଲୁଣ୍ଠୁ ଥିବ ।

୧୧ । ଅବଧି—ପର୍ଯ୍ୟନ୍ତ ।

୧୨ । ବାରିଦବାରି—ମେଘର ଜଳ; ତତ୍ତ୍ୱ—ପଦାର୍ଥ ।

୧୩ । ମଞ୍ଜୁଷା—ପେଡ଼ି ।

ଗୋଷ୍ଠ ବିଳାସୀ ତୋର କିଶୋର କବି
ଭବ-ମୋହନ ! ତୋର ମନୋଜ୍ଞ ଛବି
ଚିରକାଳ ତା ଲେଖନୀର ଆହାର
ତୁହି ସୁମନାବର ସେ ମାଳାକର । ୧୪ ।

ଗ୍ରୀବାନାଡ଼ରେ ମୁକ୍ତାପଦ୍ମ ଭଳାଇ
ତୁ ହସୁଥିବୁ, କବି ସେ ଛବି କୁହୁଁ
କବିତା ଯିବ ଲେଖି ଲବିଲୁ ଆଶା
ହେଳାରେ ହଜାଇ ଜ୍ଞାନ ଦେବ ରସା । ୧୫ ।

କଳା-କୁନ୍ତଳେ ନାଇଥିଲେ ଅଳକା
ସରଗୁ ଥିବ ତହିଁ ତା ଅଳକା,
କପାଳ ଝଲକିଲେ ମୁକୁର ସରି
ମୁଖ ଦେଖିବ ତହିଁ କବିତାନାରୀ । ୧୬ ।

ଗୋଲାପି ଗଣ୍ଡ ତାହା ଲାବଣ୍ୟସାରରେ
ଭମର ସରଜିବ କବି ଅନ୍ତରେ,
ଚାନ୍ଦମୁଖୀ ତହିଁ କାନ୍ତି ଚୋରାଇ
କବିର ମୋହନାରେ ନେବ ଭସାଇ । ୧୭ ।

---

୧୫ । ଗ୍ରୀବାନାଡ଼—ବେକରୂପ ନାଡ଼୍ୟ ରସା—ପୃଥିବୀ ।

୧୬ । କୁନ୍ତଳ—କେଶ; ଅଳକା—ସୀମନ୍ତର ଅଳଙ୍କାର; ଅଳକା—ସ୍ୱର୍ଗପୁର ।

୧୭ । ସାର—ନିର୍ଯ୍ୟାସ ।

ଅରୁଣ ସର ରଙ୍ଗ ତୋ ରଙ୍ଗାଧର,
ମାଣବକ ଶମ୍ଭୁ ତୋ ଉରପୀଠର,
ଚାରିଅଙ୍କ-ମଧ୍ୟ ତୋ ମରାଳଗତି
ଜଗ କବିତା ଲଗି ଅତୁଳ ଭୂତି । ୧୮ ।

ହସିଲେ କଉମୁଦୀ ହୁଅଇ ବୃଷ୍ଟି,
ଭଷିଲେ ବାଜି ଉଠଇ ରେ ବିପଞ୍ଚୀ,
ଟେକିଲେ ମୁଖ ବରଷଇ ମୟୂଖ,
ଚାଲିଲେ ପାଦ ହଂସୀ ଲଭନ୍ତି ଦୁଃଖ । ୧୯ ।

ବସିଲେ ହୀରକୁଢ଼ ସର ରୁଚିର,
ଶୋଇଲେ ନିକଷରେ କନକ ଗାର,
ଛାଡ଼ିଲେ ଶ୍ୱାସ ଜାତ ମଳୟ ବାତ
ଫେଡ଼ିଲେ ପକ୍ଷ୍ମ କୁବଳୟ ସ୍ଫୁରିତ । ୨୦ ।

---

୧୮ । ମାଣବକ—ଶିଶୁ; ଶମ୍ଭୁ–ଶିବଲିଙ୍ଗ; ଚାରିଅଙ୍କ ମଧ୍ୟ–ଚାରିଅଙ୍କ (୪)ର ଅଣ୍ଟାପରି ସରୁ ଅଣ୍ଟା; ମରାଳ—ହଂସ ।

୧୯ । ତୁ ହସିଲେ କୌମୁଦୀ ଅର୍ଥାତ୍ ଚନ୍ଦ୍ର କିରଣ ବୃଷ୍ଟି ହୋଇଗଲା ପରି ଦିଶେ । ତୁ ଭଷିଲେ ଅର୍ଥାତ୍ କଥା କହିଲେ ବିପଞ୍ଚୀ ଅର୍ଥାତ୍ ବୀଣା ବାଜି ଉଠିଲା ପରି ଶୁଭେ । ତୁ ମୁହଁ ଟେକିଲେ କିରଣ ବର୍ଷା ହେଲା ପରି ଦିଶେ, ତୁ ପାଦ ଚାଲିଲେ ହଂସୀମାନେ ନିଜ ସୁନ୍ଦର ଚାଲିକି ତୁଚ୍ଛ ମନେ କରି ଦୁଃଖିତ ହୁଅନ୍ତି ।

୨୦ । ତୁ ବସିଲେ ହୀରାର ଗଦା ପରି ସୁନ୍ଦର ଦିଶୁ, ଶୋଇଲେ କଷଟି ପଥରରେ ସୁନାର ଗାରଟିଏ ପରି କ୍ଷୀଣ ଦିଶୁ । ତୁ ନିଃଶ୍ୱାସ ଛାଡ଼ିଲେ ମଳୟ ପବନ ପରି ସୁବାସ ପବନ ଜାତ ହୁଏ ଓ ତୁ ପକ୍ଷ୍ମ ଅର୍ଥାତ୍ ଆଖିପତା ଖୋଲିଲେ କୁବଳୟ ବା ପଦ୍ମ ସ୍ଫୁରିତ ଅର୍ଥାତ୍ ଫୁଟିଲା ପରି ଦିଶେ ।

ଏମନ କାଢ଼ି ତୁ ମୋ ଶୋକ-ଅସରୀ,
ତୋ ଲିପି ବରଷିଲ ଭାବ-ଅସରା;
ଭାବବତି ରେ ! ତୋଲି ଭାବ ତୁଳିର
ଧୋଇ ଦେବ ତୋ ପଦ କବିତା ଉପ୍ୟାର । ୨୧ ।

ମୁବର ପଦ୍ମଶ୍ରୀ ଫଅର ଦନ,
ଦନ ଦୁଇଟି ଟେକ୍ସେ କର ସ୍ଥାପନ ।
କଳା-କୁନ୍ତଳା ! ଶକୁନ୍ତଳା ତୁ ମୋର
ଦୋଷୀ ଦୁଷ୍ମନ୍ତ ଦୋଷ ପାଣିର ଗାର । ୨୨ ।

୧୯୪୫

---

୨୨ । କଳାକୁନ୍ତଳା—କୃଷ୍ଣକେଶୀ; ଶକୁନ୍ତଳା—କାଳିଦାସଙ୍କ ନାଟକର ନାୟିକା; ଦୋଷୀ ଦୁଷ୍ମନ୍ତ ଦୋଷ ପାଣିର ଗାର—ଶକୁନ୍ତଳା ତାଙ୍କ ପ୍ରେମିକ ଦୁଷ୍ମନ୍ତଙ୍କ ଅପରାଧ କ୍ଷମା କରିଥିବା ପରି ତୁ ମଧ୍ୟ ମୋ ଦୋଷ କ୍ଷମା କରିବୁ । ପାଣି ଉପରେ ଟଣା ଗାର ପରି ତାହା ଅସ୍ଥାୟୀ ହେବ ।

—୨୫—

# ରତ୍ନରେଣୁ

(୧)

ନଦୀ ନ ପିଏ ନିଜ ଜଳ,
ତରୁ ନ ଖାଏ ନିଜ ଫଳ,
ଶସ୍ୟ ବଢ଼ାଇ ଜଳଦାନେ
ମେଘ ତା ନ ଇଚ୍ଛେ ଆପଣେ ।
ଏ ଅଟେ ସାଧୁଙ୍କ ବେଭାର
ପରାର୍ଥେ ଜୀବନ ତାଙ୍କର ।

(୨)

ପାଣି ଫୋଟକାର ସମ ଅସାର ଜୀବନ,
ଅସାର ସକଳ ଭବେ, ଧର୍ମ ସନାତନ ।

(୩)

ରାହୁ-ଦନ୍ତେ ଘଟେ ରବି ଶଶୀଙ୍କ ପୀଡ଼ନ,
ଆଶୀବିଷ ମାତଙ୍ଗମ ଉଭୟଙ୍କ ବନ୍ଧନ ।
ପ୍ରଜ୍ଞାବନ୍ତଙ୍କୁ ଘୋଟି ରହେ ଦରିଦ୍ରତା
ଦେଖି ମୁଁ ଭାଳଇଁ ବଳିଆର ଏକା ଧାତା ।

(ଭର୍ତ୍ତୃହରି)

---

୩ । ଆଶୀବିଷ—ସାପ; ମାତଙ୍ଗମ—ହାତୀ ।

( ୪ )

ସତ୍ୟବାଦୀ ସମ କେହୁ ନାହିଁ ଉଚ୍ଚସ୍ଥାନ,
କାମନା-ବର୍ଜ୍ଜିତ ସମ ନାହିଁ କେ ସ୍ୱାଧୀନ ।
ଦାସତ୍ୱ ସମାନ ଆଉ ନାହିଁ ଯେ ନରକ
ହୀନାଦପି ହୀନ ଯିଏ ଅଟଇ ଯାଚକ ।
ଅଳସ ଜନର ପାଖେ ଧନବାଞ୍ଛା ନାହିଁ
ଦୀର୍ଘସୂତ୍ରିତାର ଭଲ ଅନ୍ତ ଅଛି କାହିଁ ?
ନିରପେକ୍ଷ ନୁହେ କେହୁ ନ୍ୟାୟର ସମାନ
ଲକ୍ଷ୍ମୀଙ୍କଠୁ ବଳି ନାହିଁ ଅଧୋଗତି ଜନ ।

( ୫ )

ଯେ କଣ୍ଠ ରୁଦ୍ଧ ହେଉ ଅନ୍ନର ପାଇଁ
ସେ କଣ୍ଠୁ ଜାତୀୟତା ଉଠଇ ନାହିଁ ।

( ୬ )

ମୃଣ୍ମୟବେଦିକେର ବସ୍ତ୍ର ପଡ଼ଇ ଯଥା
ଜାତି ଜୀବନବସ୍ତ୍ର ସାହିତ୍ୟେ ତଥା ।

( ୭ )

ଓଡ଼ିଆ ତରୁଣ ତରୁଣୀ
ଓଡ଼ିଶା-ଆଶା-ହେମ ଖଣି ।

୧।୧୮୩୯

---

୧ । ବସ୍ତ୍ର—ଲୁଗା । ୨ । ହେମ—ସୁନା ।

—୬—

# ବିରହ ବାରମାସି

( ରାଗ—ଶଙ୍କରାଭରଣ )

( ମଗୁଶିର )

ଧାନ-ଶୀଷା-ଶସ୍ୟ ଦେଖ ମାସ ମଗୁଶିର
ଅସିଲ ସଜନି ! ମୋର ରଜନୀ ବାସର
କିଏ ଯାଚିବ ରେ ଜହ୍ନ
ଜଳାଇ ତ ଦେଇଗଲ ବିରହର ଦାହ । ୧ ।

( ପୁଷ )

ଖଳାରେ ହସାଇ ଲକ୍ଷ୍ମୀ ଆସିଲା ତ ପୁଷ
ପ୍ରଚୁର ବିଭବ ତାର ହେଲା ମୋରେ ବିଷ
ଯାହା ସମ୍ପଦ ତୋ ସ୍ମିତ
ଲୁଣ୍ଠି କି ପାରଇ ତାକୁ କେବେ ଆନ ବିତ ? । ୨ ।

---

୧ । ଧାନ-ଶୀଷା-ଶସ୍ୟ—ଧାନ ଶୀଷା ରୂପକ ସମ୍ପଦ; ମଗୁଶିର ମାସରେ ଧାନ ଗଛ ଶୀଷା ପକାଏ; ବାସର—ଦିନ; ଦାହ—ନିଆଁ ।

୨ । ଖଳାରେ ହସାଇ ଲକ୍ଷ୍ମୀ—ଖଳାରେ ଧାନ ଅମଳ ହେବାରୁ ଲକ୍ଷ୍ମୀ କଳ୍ପ ଯାଇଅଛି; ବିଭବ—ସମ୍ପଦ; ସ୍ମିତ—ସୁନ୍ଦର ହସ; ଲୁଣ୍ଠି କି ପାରଇ—ଭଲ ଲାଗିପାରେ କି ?; ବିତ—ସମ୍ପଦ ।

( ମାଘ )

ଜାଡ଼ ଘେନି ବାଘ ସମ ଆସିଲା ତ ମାଘ
ମୋରେ ଅହା ଆହାର ସେ କରିବ ରେ ଅବ,
ଅଙ୍ଗଲତାରେ ଜଡ଼ାଇ
କହ ପ୍ରାଣବନ୍ଧୁ ! କିଏ ରଖିବ ଘୋଡ଼ାଇ ? । ୩ ।

( ଫଗୁଣ )

ଫଗୁଣ ଅସନ୍ତେ ଫଗୁ ଖେଳିଲେ ସଭିଲେ
ଚୂର୍ଣ୍ଣ ତୋ ସ୍ମର ଗାଧୋଇଲି ଅଶ୍ରୁଜଳେ,
କହ କିଏ ଅଛି କାହିଁ
ଫଗୁ ବୋଲି ଅଙ୍ଗ ଯାର ଦେବ ମୁଁ ରଙ୍ଗାଇ ? । ୪ ।

( ଚଇତ )

ଚଇତ ଆସିଲା ଘେନି ଚଇତାଳି ବାଆ
ମୋ ମନ ଉଲ୍ଲୁକ ହେଲେ କିଏ ହେବ ସାହା ?
ମୋର ଅନ୍ଧାର ରଜନୀ
ଦୀପ ଜାଳି ଆଲୋକିବ କିଏ ଟି ସଜନୀ ? । ୫ ।

---

୩ । ଅଙ୍ଗଲତା—ଶରୀର ରୂପକ ଲତା; ଜଡ଼ାଇ—ଲଗାଇ କରି ରଖି ।

୫ । ଚଇତାଳି ବାଆ—ଚଇତ ପବନ; ଉଲ୍ଲୁକ—ଉଚାଟ; ସାହା—ସହାୟ ।

( ବୈଶାଖ )

ବଇଶାଖେ ପଣା ପିଇ ନୋହୁଲ୍ଲ କେ ତୋଷ ?
ମୋହ ସମ ବକ୍ଷେ କାର ଜଳଇ ହୁତାଶ ?
ତାହା ଶେଷ ଅରେ ବନ୍ଧୁ !
ଓଦା ହେବ ନୟନରୁ ଝରି ବାରି-ବନ୍ଦୁ ? । ୬ ।

( ଜ୍ୟେଷ୍ଠ )

ଜଇଷ୍ଠ ମାସର ଝାଞ୍ଜି ହେଲେହେଁ ପ୍ରଖର
ମୋ ତପତ ଶ୍ୱାସେ ତାହା ମାନୁଛି ରେ ହାର,
ଅରେ ହୃଦୟ ଚନ୍ଦନ !
କଲ ପୋଡ଼ି ମରିବା ମୋ ଲଲାଟ-ଲିଖନ । ୭ ।

( ଅଷାଢ଼ )

ଅଷାଢ଼େ ମେଘର ତୁଲେ ଦାମିନୀ ପୀରତ
ଦରଶନେ ଛାତି ମୋର ହୁଅଇ କରତ,
କଣ୍ଠେ ବାହୁକୁ ବେଢ଼ାଇ
ଘଡ଼ଘଡ଼-ଭୀତ ସିନା ଥାଆନ୍ତୁ ଜଡ଼ାଇ । ୮ ।

---

୬ । ହୁତାଶ—ନିଆଁ; ବାରିବନ୍ଦୁ—ଲୁହ ଟୋପା ।

୭ । ଝାଞ୍ଜି—ଗରମ ପବନ; ପ୍ରଖର—ପ୍ରବଳ; ମୋ ତପତ……ହାର—ମୋ ନାକରୁ ବାହାରୁ ଥିବା ପବନ, ତା ଠାରୁ ମଧ୍ୟ ଅଧିକ ବେଗରେ ବହୁଛି; ଲଲାଟ-ଲିଖନ—କପାଳର ଲେଖା ।

୮ । ତୁଲେ—ସହିତ; ଦାମିନୀ—ବିଜୁଳି; ଭୀତ—ଭୟ ।

( ଶ୍ରାବଣ )

ଶ୍ରାବଣ ଆସିଲା ଯେଣୁ ବରଷାର ଥାଟ,
ସକେକିନୀ ପାଇଁକି ଓକେକା ଝରଣର ନାଚ,
ତୋଟେ ନ ଭୁଲିଲି ବୋଲି
ଗଣିଲି ବସି ମୁଁ ଶୋକ-ବାରିନିଧି-ବାଲି । ୯ ।

( ଭାଦୁଅ )

ଭାଦୁଅ ଆସିଲା ଯେଣୁ କେତେ ପୂଜା ବ୍ରତ ।
ମାନସ ଉମା ନ ରସିଲା କାହିଁରେ ତହିଁ ତ ।
ତୁ ତ ହେଲୁ ପରହାତ,
କାନ୍ତ ଭରେ ମୋ ପାଇଁ କେ ପିନ୍ଧିବ ବରତ ? । ୧୦ ।

---

୯ । ଥାଟ—ଫଉଜ, ବେଙ୍ଗ, ଡାହୁକ, ମୟୂର ଆଦି; କେକିନୀ—ମାଈ ମୟୂର; କେକା—ମୟୂର; ବାରିନିଧି—ସମୁଦ୍ର; ଗଣିଲି••ବାଲି—ଭୂମା ଶୋକ ଅସହ୍ୟ ହେଲା ।

୧୦ । ପୂଜାବ୍ରତ—ଭାଦୁଅ ମାସରେ ବହୁତ ଓଷା ଉପାସ ପଡ଼େ, ମାନସ—ମନ; ହେଲୁ ପରହାତ—ଅନ୍ୟର ଘରଣୀ ହେଲୁ; କାନ୍ତ—କମନୀୟ; ମନୋହର; ପିନ୍ଧିବ ବରତ—ସ୍ତ୍ରୀମାନେ ସ୍ୱାମୀର ମଙ୍ଗଳ ମନାସି ହାତରେ ବରତ ପିନ୍ଧନ୍ତି ।

( ଅଶିଣ )

ଆସିଲା ମାସ ଅଶିଣ କୁମାରୀଙ୍କ ପ୍ରିୟ
ଅଭ୍ ରେ କୁମାରୀ ଭଳି ଜୁହାଏ ଟି ଲୁହ
ମୋହ ପାଇଁ କେବେ ରଖି
ଶଶାଙ୍କେ ମାନବ କର ହୃଦୟର ସାକ୍ଷୀ ? । ୧୧ ।

( କାର୍ତ୍ତିକ )

କାର୍ତ୍ତିକ ଆସିଲା ଦେଖି ଦାମୋଦର ପୂଜା
ଗାଈ ରୂପେ ଦାମୋଦରେ ଭଜିଲେ ସିନ୍ଧୁଜା
ଇନ୍ଦୁ ହସିଲା ଗଗନେ
ଶୋଭ-ଫୁଲେ ମାଳୀ ଲଜ୍ଜା ରହିଲା ଗୋପନେ । ୧୨ ।

୧୯୩୫

---

୧୧ । କୁମାରୀ—ବାହା ହୋଇ ନ ଥିବା ଝିଅ; ଜୁହାଏ—ଝୋପାଏ; ଶଶାଙ୍କେ—ଚନ୍ଦ୍ରକୁ ।

୧୨ । ଦାମୋଦର ପୂଜା—କାର୍ତ୍ତିକମାସରେ ସ୍ତ୍ରୀଲୋକମାନେ ଏ ପୂଜା କରି ବ୍ରତ କରନ୍ତି; ଭଜିଲେ—ପ୍ରତି ଆସକ୍ତ ହେଲେ; ସିନ୍ଧୁଜା—ମହାଲକ୍ଷ୍ମୀ; ଇନ୍ଦୁ—ଚନ୍ଦ୍ର; ଶୋଭ-ଫୁଲେ···ଲଜ୍ଜା ଏକୁଟିଆଁରେ ବସି ଶୋକ କଲା ।

( ୨୭ )

# ଗୋପାଳଚନ୍ଦ୍ର ପ୍ରହରାଜ

(୧)

( ରାଗ କାମୋଦୀ )

ସାରସ୍ୱତ ସାଧନା ତୁଙ୍ଗ ସୌଧ ରଚନା
କର ଭକ୍ତଲେ ସୂରିବର !
ପ୍ରଭାମୟୀ କୀରତି ଥାପିଲ ହେ ସୁକୃତି !
ଭଙ୍ଗୁର ଦେହରେ ଅମର ହେ
ହେଲ ଆଜ
କାଳକୁ କରି ପରାଭୂତ
ହୋଇଲଣି ଦିବ୍ୟ ପ୍ରଭାପୂତ
ଉତ୍କଳୀ ହୃଦୟର— ତୁଙ୍ଗ ପୀଠ ଉପର
ବସିଲ ସାଧକ-ଦୈବତ ହେ
ସୂରିବର ।। ୧ ।
ଭାଷା-କୋଷ-ତରଣୀ ତରି ଭାଷା-ତଟିନୀ
ଅଖ୍ୟାତ-ସିନ୍ଧୁ ହୋଇ ପାରି
ବନ୍ଧୁ ମୋହନ ବେଶ ମୋହି ସର୍ବ ମାନସ
ମଣ୍ଡିଲ ବାଣୀ-ଦରବାର ହେ
ସୁଧୀବର !

---

୧ । ସାରସ୍ୱତ ସାଧନା—ସାହିତ୍ୟ ସାଧନା, ବାଣୀପୂଜା ; ତୁଙ୍ଗ—ଉଚ୍ଚ, ସୌଧ—ପ୍ରାସାଦ ଅର୍ଥାତ ବୃହତ୍ ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ, ସୂରି—ମହା ପଣ୍ଡିତ, ପ୍ରଭାମୟୀ—ଉଜ୍ଜ୍ୱଳ, ଦୈବତ—ଦେବତା ।

ଥିଲ ସନ୍ତାନ ସାର୍ଦ୍ଧ କୋଟି
ଜନନୀ ପାଇଁକି ଏହା କି ତ୍ରୁଟି
ଭଲ କେ ଅଛି ଜଣେ ପଡ଼େ ତ ନାହିଁ ମନେ
ତୁମ୍ଭେ ସୁବର୍ଣ୍ଣ, ଅମ୍ଭେ ମାଟି ହେ
ସୁଧୀବର ! ।୨।

ଭବ ତୁମ୍ଭ ପୂଜନ ହେଲ ସରବେ ଧନ୍ୟ
ସାଧନା-ସିଦ୍ଧ ଜ୍ଞାନବାନ !
ଅଳସ ଏ ଦେଶରେ ଦୟା ବନ୍ଧୁ ହୃଦରେ
ଶିଖାଅ ଆଦର୍ଶ ମହାନ ହେ
ଜ୍ଞାନବର !
ସୌହାର୍ଦ୍ଦ ସୁଧା ବିତରକ,
ସାଧକ, ରସିକ, ଗ୍ରାହକ !
ନଭ ବିଗ୍ରହ ଧାସ୍ତ ସରଣୀରେ ତୁମ୍ଭର
ଗମନ୍ତୁ ଈର୍ଷୀ ଅଗ୍ରାହକ ହେ
ସୁବିନୀତ ।୩।

୧୯୪୯

---

୨। ତରଣୀ—ନଉକା; ଅଖ୍ୟାତ—ଅଯଶ; ମୋହନ—ମନୋଜ୍ଞ, ମନୋହର; ସୁଧୀ—ଜ୍ଞାନୀ, ପଣ୍ଡିତ; ସାର୍ଦ୍ଧ କୋଟି—ଦେଢ଼ କୋଟି; ସୁବର୍ଣ୍ଣ—ସୁନା।

୩। ନଭ—ଜନଯୁ। ବିଗ୍ରହଧାସ୍ତ—ଦେହବନ୍ତ (ଅର୍ଥାତ୍ ଜନସୁର ପରିଭାବ) ସରଣୀ—ବାଟ, ଈର୍ଷୀ—ଈର୍ଷ୍ୟୁକ ଲୋକ, ଅଗ୍ରାହକ—ଯେଉଁମାନେ ଗୁଣଗ୍ରାହୀ ନୁହନ୍ତି।

—୨୮—

# ବିଚ୍ଛେଦ ଚଉତିଶା

ରାଗ—କଲହଂସ କେଦାର

( ଦ୍ୱିତୀୟା ଯାମିନୀରେ ମୋ ପ୍ରାଣବନ୍ଧୁ—ବୃତ୍ତରେ )

କଞ୍ଜଜାତ-ଆନନା ! ଗଲୁ କାହିଁ
ଖଞ୍ଜିବ ଫୁଲ କାହା ଗଭାରେ ନେଇ ?
ଗଳାରେ ହେମ-ଦାମ ଦେଇ କାହାର
ଘଟାଇବ ନୟନ-ଉତ୍ସବ ମୋର ? ।୪।

ଙଇଁଲ ତହୁଁ କପାଁ ଶୀତାଂଶୁ ସିର
ଚଟୁଳେକ୍ଷଣୀ ବାଳା ! ଚମ୍ପକ ଗୋର !
ଛଟେଇ କାଳ କଳା ବଉଦ କୋଳେ
ଜଳଜବାସି ! ଯେବେ ଲୁଚିଲୁ ହେଲେ ।୮।

---

୧-୪ । କଞ୍ଜଜାତଆନନା—ଯୋଉରେ କଞ୍ଜ ଅର୍ଥାତ୍ ପଦ୍ମକୁ ଯାହାର ମୁହଁ ଜିଣିଛି; ହେମ ଦାମ—ସୁନାର ହାର; ଘଟାଇବ···ମୋର—କେଉଁ ଗଳାରେ ହାର ପିନ୍ଧାଇ ସେ ଶୋଭା ଦେଖିବା ମୋ ଆଖିକୁ ମହୋତ୍ସବ ପରି ଆନନ୍ଦଦାୟକ ।

୫-୮ । ଶୀତାଂଶୁ—ଚନ୍ଦ୍ର; ଚଟୁଳ—ଈକ୍ଷଣୀ—ଚଞ୍ଚଳ ଚକ୍ଷୁ ବିଶିଷ୍ଟା; ଛଟେଇ—ଶୀଘ୍ର, ଜଳଜ—ପଦ୍ମ, ଜଳଜବାସୀ—ପଦ୍ମବନବାସୀ, ଲକ୍ଷ୍ମୀ ପଦ୍ମପଲା ।

ଝାଟେଢ଼ କପୋତ ହସ୍ତଭଣ ସଙ୍ଗିନୀ
ନୀଡ଼ ଭେଦିଦେଲେ ମ୍ଳାନ୍ତ ଯଥା ମଉନୀ,
ଚେଦ-ଦୁଃଖେ ଜୀବନ-ନୀଡ଼େ ତେମନ
ଠିକେ ପଡ଼ ମୁଁ ଜାଣେ ନଳବେ ଧନ ।। ୧୨ ।

ଡମ୍ବରୁ-ମର୍ଦ୍ଦୀ ! ଭୂପାସୁଧାଂଶୁଙ୍କ
ଭାଳ ଭ୍ରମିଛୁ ଯେବେ ଯେବେ ବାଣୀକ
ଅଣିମାଦ ବନ୍ଧୁତ ନରକାଂକ୍ଷିତ
ଭା ଯାକ ଯାସୋଭଲ ପରିଣମିତ ।। ୧୭ ।

ଥିର ଶମ୍ପା, ଜଙ୍ଗମ ହେମ-ଲଡ଼କା
ପୀନ-ପ୍ରେମିକ-ହୃଦ-କୁଟୀ-ବର୍ତ୍ତିକା
ଧୀର ରତନ, ଅସ୍ତମର ନାଅଲୀ
ଣରଣ ଭବଗଲ ସେବକ ଅଲି । ୨୦ ।

---

୯-୧୨ । ଝାଡ଼—ଜଙ୍ଗଲ; ମଉନୀ—ବାକ୍ୟହୀନ ମୂକ, ଚେଦ—ଗୁରୁତର; ଚେଦ…ଧନ—ମୁଁ ମଧ୍ୟ ଏହିପରି କପୋତ ପରି ସଂକୋଚ ଦଶା ଲାଭ କରିଛି; ନୀଡ଼—ପକ୍ଷୀର ବସା ।

୧୩-୧୭ । ଡମ୍ବରୁମର୍ଦ୍ଦୀ—ଡମ୍ବରୁ ମଧ୍ୟର ଅପଭ୍ରଂଶ, ଶିଣବଣ୍ଠୀ, ଝିଣ—ଗର୍ଭ, ଅଣିମାଦ ଶକ୍ତି—ଯୋଗଦ୍ୱାରା ଯୋଗୀମାନେ ଯେଉଁ ସବୁ ଅଧ୍ୟାତ୍ମ ଶକ୍ତି ଲାଭ କରନ୍ତି ।

୧୮-୨୦ । ଶମ୍ପା—ବିଜୁଳି; ବିଜୁଳି ସ୍ଥିର ହେଲେ ଯେପରି ସୁନ୍ଦର ହୁଅନ୍ତା ତୁ ସେହିପରି ସୁନ୍ଦର । ଜଙ୍ଗମ—ଚଳୁଥିବା; ହେମଲତିକା—ସୁନାର ଲତା; ତାହା ଯଦି ଚଳପ୍ରଚଳ ହୋଇ ପାରୁଥାନ୍ତା ତେବେ ତାହା କି ସୁନ୍ଦର ନ ହୁଅନ୍ତା !! କିନ୍ତୁ ଏହା ତାହିଁକି—ତୁ ସେ ଚଳପ୍ରଚଳ ହେଉଥିବା ସୁନା ଲତାଟିଏ; କୁଟୀ—କୁଟୀର, ବର୍ତ୍ତିକା—ଆଲୁଅ ଦୀପ; ଧୀର-ରତନ—ଧୀରଶ୍ରେଷ୍ଠ; ଅସ୍ତମ—ବଗିଚ୍ଛ ।

ପୀୟୂଷହ୍ରାସ ଝର ଯେ ବଚନ
ଫୁଲ୍ଲ-ପଙ୍କଜ-ଗନ୍ଧେ ଚିର ସେବନ—
ବର ଥାଆନ୍ତି କେତେ, ମୁଁ ତୁଚ୍ଛ ଭାବେ
ଉର୍ମିଳେ ! ଗଲି ଚଲି ଘର ଗୌରବରେ । ୨୬ ।

ମନ୍ତେ ମୋତେ ଭଦାଇବାର ପାଇଁ
ଯଉନେ ପ୍ରୀତିଲତା ଥିଲି ବଢ଼ାଇ ।
ରସାରେ ଥାଇଁ, ପାଣ୍ଟି ଥିଲେ ହିଁ ହୃଦର
ଲବଣୀସଞ୍ଚି ! ଧଣୀ ଥିଲି ତ ଭବେ । ୨୮ ।

ଶରଣ୍ଡ ଦାଗ ଦାଣ୍ଡେ ହୃଦ ଭଳାଇ
ଶୀତାଂଶୁମୁଖି ! ଶୋକତରୁ ଫଳାଇ
ଫଣୀଙ୍କ ଲିପାଇଲି ଭାଲ-ତଟିରେ
ସପନେ ତଥାପି ତ ଖୁଣ୍ଟିଲି ମୋତେ । ୩୨ ।

'ହେ ବନ୍ଧୁ ! ଅଙ୍କିବ ପ୍ରୀତିର ପର
ହୃଦ ସଂପୁଟେ ପ୍ରୀତି-ରତନ ଭରି ?'। ୩୩ ।
"ସୁଶ୍ରୀମାନସା ନୁହଁ" ଭଲି ଉତ୍ତର
"ଅଯତ୍ନଜାତ ଜଗତେ ମୋ ପ୍ରୀତି ଭାଗର" । ୩୪ ।

---

୨୯-୨୪ । ପୀୟୂଷହ୍ରାସ—ଅମୃତପରି ମଧୁର ହସ; ବଚନ—ମୂଲ; ଫୁଲ୍ଲ—ଫୁଟିଥିବା; ପଙ୍କଜ—ପଦ୍ମ; ଚିରସେବନ-ବର—ଚିରକାଳ ସେବା କରିବା ରୂପ ବରବ; ଉର୍ମି—ସୁନା; ଉର୍ମିଳୀ—ସୁନାବରଣୀ ।
୨୮-୨୮ । ରସା—ପୃଥିବୀ; ଉରେ—ହୃଦୟରେ ।
୨୯- ୨ । ଦାଉଦାଉ—ଜଳୁଥିବା ନିଆଁ; ଶୀତାଂଶୁମୁଖୀ—ଚନ୍ଦ୍ରମୁଖୀ; ଫଣୀ—ଫଣଫୁଲ ବର୍ଣ୍ଣ ଗୋଷ୍ଠ ।
୩୩-୩୪ । ସଂପୁଟ—ଡବ୍ବା, ଶୁଶ୍ରୀ ମାନସା—ସୁଶୀଳା, ଅଯତ୍ନଜାତ—ଅଯତ୍ନ, ଅବନାଶୀ ।

(୨୯)

## କବିବର ରାଧାନାଥ ରାୟ

( ୧ )

( ସ୍ୱର ବାଗେଶ୍ରୀ )

ଆଜି ତ ଅଛୁ ଆସି        ଶରତ ପୌର୍ଣ୍ଣମାସୀ
ଚନ୍ଦ୍ରିକା ରଥେ ଅବତରି
ଅସ୍ତ ଦେବଲୋକରୁ        ନବ ଉତ୍କଳ ସ୍ରଷ୍ଟ !
ଉପପଣ୍ଡିତ ଅଣସ୍ୱର୍ଗ ହେ
ରାଧାନାଥ !
କୌମୁଦୀ ସ୍ରୋତେ ଅବଗାହି
ଶୋଭା ମଞ୍ଜୁଷା ଘସି ଦେଇ
ଚଳଚା ମଧ୍ୟମଣି        ହାର ଗଳାରେ ଦେଲ
ଅଛ ଉଜ୍ଜଳ ପଥ ଖୁଜୁଁ ହେ
ରାଧାନାଥ ! ।୧।

---

୧। ଚନ୍ଦ୍ରିକା—ଚନ୍ଦ୍ରକିରଣ; ଅମରପୁରୀ—ଦେବଦେବୀଙ୍କ ଧାମ; ମଞ୍ଜୁଷା—ପେଡ଼ି; ମଧ୍ୟମଣି—ହାରର ପଦକ; ଚଳଚା ମଧ୍ୟମଣି ହାର—ଯେଉଁ ହାରରେ ଚଳଚା ପଦକ ଅଛି ।

ମୋହିତା ହୋଇ ଗୁଣେ ତବ ଲେଖନୀ-ମୁନେ
ସୁଧାର ଧାର ଢାଳେ ବାଣୀ
କଳ୍ପନା ସ୍ୱର୍ଗେ ରଞ୍ଜି ଅତୀତ-ଗାଥା-ରାଜି
ଥାପିଲ ଦେଶ ଆଗେ ଆଣି ହେ
ରାଧାନାଥ !
ଗଲ୍ପ ସେ ଏତେ ଶୀଳ ବନ୍ଧ
ତବ ସମୀପେ କଣ୍ଠ କାହିଁ ?
କାହିଁ ସ୍ୱର୍ଣ୍ଣ ପ୍ରତିଭା ପ୍ରଭାବ ଯାହା ପ୍ରଭା
ନନ୍ଦନ ଭଇବ ଏ ମର୍ତ୍ତ୍ୟ ହେ
ରାଧାନାଥ ! ।୨।
କଳ୍ପନା-ଲୀଳା-ଉତ୍ସବ ରସଗ୍ରାହୀ-ଉଲ୍ଲାସ
ଥିଲ ହି ଅଟହ ଜଗବନ୍ଧୁ !
ପ୍ରତ୍ୟାଶାବର୍ଦ୍ଧି ତବ ଭାଷା-ଆଦର୍ଶ ନବ
ତୁମାଠେଣେ ଉଇ ଏ ଦେଶର ହେ
ରାଧାନାଥ !
ହୋଇଛୁ ବୋଲି ନୁହେ ମନେ
ଯାବତା କଷ୍ଟ ବ୍ୟାଖ୍ୟାନେ
ଗ୍ରାସଇ ଛାଡି ପ୍ରାଣ ଭକ୍ତି ତୁମ୍ଭ ସମାନ
ଦେବାକୁ ଆଜ ନାହିଁ ଜଣେ ହେ
ରାଧାନାଥ ! ।୩।

---

୨। ବାଣୀ—ସରସ୍ୱତୀ ନନ୍ଦନ—ଅମରାବତୀ।
୩। ପ୍ରତ୍ୟାଶାବର୍ଦ୍ଧି—ଯିବା ବାଟରେ; ଅବସ୍ଥାମାନେ—ହରିଏ ହେଲେ ହେବା ସାନତା......ଛାଡିପ୍ରାଣ—ସାହିତ୍ୟ ଏଣକୁ ଛାଡି ଜନକ ହୋଇ ଯାଉଛୁ; ଭକ୍ତି—ସଂପଦ।

'ମହାଯାତ୍ରା', 'ଶଙ୍କା', 'ଦରବାର', 'ନନ୍ଦକା'
'ବିବେକୀ', 'ସଯାତି କେଶରୀ',
'ଋଷଣୀ,' 'ଉଷା', 'ମେଘ ଦୂତ' ସମ ନିକର
ଭାରତୀ ଗନ୍ତା-ଘରେ ଭର ହେ
ରାଧାନାଥ !

ଦେବାଙ୍କୁ ସମର୍ଥନା ଭବ
ଅନ୍ତରେ ଏ ଦେଶେ ଉଦ୍ଭବ
ତୁଅରୁ କରଣେଶ ! ଜର ଏ ଶ୍ରୁଦ୍ଧଶିପ
ଯାହୁଁ 'କେଦାରଗୌରୀ' ଭବ ହେ
ରାଧାନାଥ ! । ୪ ।

ଆଜ ଏ ମୂରତରେ ଏ ମାଧବ ରାତରେ
ସଅରୁ ପରାଣ ତୁମ୍ଭର
ଭାସ୍ୱର ଲଲାଟରୁ ଜ୍ଞାନ ଦିବସ ହିଁରୁ
ପ୍ରେରଣାଧାର ଅନିବାର
ହେ କବିଗୁରୁ !

---

୪ । ଯାହୁଁ—ଯାହୁ ; 'କେଦାରଗୌରୀ' ଭବ—କେଦାରଗୌରୀ ଗାଥାରେ ଯେ ଜନ୍ମ ହୋଇଅଛନ୍ତି ଅର୍ଥାତ୍ ରାଧାନାଥ ।

ଉତ୍କଳ ଜନନୀ ଦୁଲାଳ !
ଦେନ ଭକତ-ସୁମ-ମାଳ
ସୁଧା ଦୀଧିତି ସମ                    ମୟୂଖ ମନୋରମ
ମାନସ କୁଞ୍ଜେ ନିତ ଢାଳ
ହେ କବିବର ! । ୫ ।

୧୯୩୮ (୪୩)

—୩୦—

## ପଲ୍ଲୀ ବଧୂ

( ରାଗ—ଶଙ୍କରାଭରଣ )

ଉତ୍କଳର ପଲ୍ଲୀ ବଧୂ ! ଅୟି କାନ୍ତିମତି !
କୋଳେ ମା ! ଖେଳାଇ ବଢାଉଛ ଏହୁ ଜାତି
ମୂର୍ତ୍ତିମତୀ ସନ୍ତୁଷ୍ଟତା !
ସ୍ନିଗ୍ଧ ଶୋଭା ଅଙ୍ଗେ କେତେ ଦେଇଛୁ ବିଧାତା !! ।୧।
ଶ୍ରୀମୁଖ-ମଣ୍ଡଳ ଅହା ବାତ୍ସଲ୍ୟର ଧାମ
ନିର୍ଝରେ ସତତ ଉଛୁଁ ତରଳ ବିଶ୍ରାମ
ଲଜ୍ଜାରାଣୀ ମଧୁମୟୀ
ଯା ଦେଖି ଗୋ ସ୍ନିଗ୍ଧ ତୃପ୍ତ ଭୁବନବିଜୟୀ ।୨।

୫ । ଏ ମୂରତି — ଶ୍ରୀରାମଚନ୍ଦ୍ର ଭବନରେ ସ୍ଥାପିତ ମୂର୍ତ୍ତି; ମାଧବ ରାତି — ମଧୁ ଅର୍ଥାତ୍ ବସନ୍ତକାଳର ରାତି; ଭାସ୍ୱର — ଉଜ୍ଜ୍ୱଳ; ଦୁଲାଳ — ପ୍ରିୟ ସନ୍ତାନ; ସୁମ — ପୁଷ୍ପ; ସୁଧାଦୀଧିତି — ଚନ୍ଦ୍ର, ମୟୂଖ — କିରଣ ।
୨ । ଧାମ—ନିବାସ; ନିର୍ଝରେ—ନିଶ୍ଚିନ୍ତରେ; ସ୍ମିତ—ମୃଦୁ ହାସ ।

ଭଳାର ଅଶନ ସମ ବରଷେ ମଧି ବହ
ବଂଶ ତୁମ୍ଭ କବି-ଶିଳ୍ପି-ପ୍ରେରଣାର ଗେହ
କୋଣାରକେ ଆଦରଣ
'ଭଞ୍ଜ'-'କବିରବି'-ଗୀତ-ଜୀବନ-ସର୍ବସ୍ୱ । ୩ ।
ମସ୍ତକ-ବିଗଡ଼ଚନ୍ଦ୍ର, ସୀମନ୍ତ-ଅଳକା
ଚନ୍ଦ୍ରହ୍ରୂମ୍ନୀ ଘେନି ନେତ୍ରାନନ୍ଦ-ସିନ୍ଧୁ-ରାକା
ନୋଥ, ଦଣ୍ଡୀ ନାସିକାର
କଳାଜୀବି-ଚିଲ୍ଲୀଯୁ-ମାଦକ-ସମ୍ଭାର । ୪ ।
ଭୂଷଣର ଭୂଷା ତୁମ୍ଭେ ଅୟି ଶୋଭାବତି !
ବୀରଦେଶ-କୁଳ-କମଳିନୀ ସାଧ୍ୱୀ ସତୀ
ଦେଶ-ବୀରତ୍ୱ-ଐତିହ୍ୟ
ଅଙ୍ଗିଲର ପରି ବହେଁ ତୁମ୍ଭର ଶରୀର । ୫ ।

---

୩ । କଳାର ଅଶନ—କଳାର ଖାଦ୍ୟ; ବଂଶ ତୁମ୍ଭ.....ତୁମ୍ଭ ବଂଶରୁ କବି ଓ ଶିଳ୍ପୀମାନେ ପ୍ରେରଣା ପାଆନ୍ତି; ଗେହ—ଘର, କୋଣାରକେ ଆଦରଣ—କୋଣାର୍କ ଶିଳ୍ପରେ ତୁମ୍ଭ ବଂଶର ନକଲ କରି ଯାଇଛି; "ଭଞ୍ଜକବି ରବି".....ଉପେନ୍ଦ୍ର ଭଞ୍ଜ ଓ କବିସୂର୍ଯ୍ୟଙ୍କ କବିତା ଲେଖିବାକୁ ତୁମ୍ଭର ବଂଶରୁ ପ୍ରେରଣା ମିଳିଛି ।

୪ । ବିଗଡ଼ି ଚନ୍ଦ୍ର, ଅଳକା ଚନ୍ଦ୍ରହ୍ରୂମ୍ନୀ ଆଦି—ସୁପରିଚିତ ଅଳଙ୍କାର; ରାକା—ପୂର୍ଣ୍ଣିମା; ମାଦକ ସମ୍ଭାର—ଉନ୍ମାଦ କରୁଥିବା ଜିନିଷ ।

୫ । ଭୂଷଣର ଭୂଷା ତୁମ୍ଭେ—ତୁମ୍ଭର ଶୋଭା ଏପରି ଯେ ଭୂଷଣ ଅର୍ଥାତ ଅଳଙ୍କାରମାନେ ତୁମ୍ଭର ଶୋଭା ବଢ଼ାନ୍ତି କଅଣ ବରଂ ସେମାନଙ୍କର ତୁମ୍ଭେ ଭୂଷା ବା ଅଳଙ୍କାର ହୋଇ ଶୋଭା ବଢ଼ାଉଛ; କୁଳ-କମଳିନୀ—କୁଳ ଲକ୍ଷ୍ମୀ; ଐତିହ୍ୟ—ପରମ୍ପରା; ଅଙ୍ଗିଲ—ଶରୀର; ତୁମ୍ଭ ଶରୀରରେ ଏ ଦେଶ ବୀରତ୍ୱର ପରମ୍ପରା ବାସ କରି ରହିଅଛି । ଅର୍ଥାତ୍ ତୁମ୍ଭେ ବୀର ଓ ବୀରଜନନୀ ।

ନବୀନ ଉତ୍କଳେ କୋଳ-ଦୋଳରେ ଝୁଲାଇ
ପାଳିବାର ଭାର ତୁମ୍ଭ କରେ ଅଛୁ ବହି
ପୂଜା-ବ୍ରତ-ଗତ-ପ୍ରାଣା !
ପରତ୍ର-ଚିନ୍ତନେ ତୁମ୍ଭ କାହିଁ ଗୋ ତୁଳନା ? । ୬ ।

ସୁଦୀନ କୁଟୀରେ ତୁମ୍ଭେ ତାମସ ହାରିଣୀ
ପ୍ରାସାଦେ ବିଳାସ-ରଶ୍ମି, ସଂଯତ କାରିଣୀ
ସର୍ବଂସହା ସ୍ୱରୂପିଣୀ
ଅନୁରାଗି-କାନ୍ତ-ହୃଦ-କଉସ୍ତୁଭ-ମଣି । ୭ ।

୧୯୩୪

---

୬ । ପୂଜାବ୍ରତଗତ ପ୍ରାଣା—ପୂଜା ଓ ବ୍ରତ କରନ୍ତା; ପରତ୍ର ଚିନ୍ତନେ—ପରଲୋକ ବିଷୟରେ ସାବଧାନ ହେବାରେ ।

୭ । ତାମସ ହାରିଣୀ—ଅନ୍ଧାର ଅର୍ଥାତ୍ ଦୁଃଖ ଦୁଶ୍ଚିନ୍ତା ଦୂରକର; ରଶ୍ମି—ଲଗାମ; ସର୍ବଂ ସହାସ୍ୱରୂପିଣୀ—ସବୁ କଷ୍ଟ ସହୁଥିବା ମାଆ ବସୁଧା ତୁଲ୍ୟା; ଅନୁରାଗୀ—ପ୍ରେମି; କଉସ୍ତୁଭ ମଣି—ବିଷ୍ଣୁଙ୍କ ହୃଦ ଦେଶରେ ବିରାଜୁଥିବା ମଣି ବିଶେଷ, ଏଠାରେ ଶ୍ରେଷ୍ଠଭୂଷଣ ।

—୩୧—

# ମାଳତୀପ୍ରତି ବସନ୍ତ

ରାଗ—ଭାମୋଦୀ

( ଦେଖି ନବକାଳିକା ବକାଳିକା ମାଳିକା—ବୃତ୍ତରେ )

ମାଳତି ! ତୋ ପତର   ପାଇଅଛି ଉତ୍ତର
ଦେବାକୁ ଶୀତ ଝଣ୍ଟରର
କେଉଁ ଭାଷାରେ ତୋର   ବିଶ୍ୱାସ ହୃଦୟର
ବୁଝାଇବ ନ ଜାଣଇ ରେ
ସୁକୁମାରି !
ପୋଖରି କୂଳରେ ସେ ଦିନ
ସଞ୍ଜେ ମେ ଉଇଁଥିଲା ଜହ୍ନ
କାଖେ ଧରି କଳସୀ   ତୁ ଅଟେ ମଦାଳସୀ !
ତୁଠେ ରହିଲୁ ତା ସମାନରେ
ଶୋଭାବତି ! ।୧।

କାହାକୁ ମୁଁ ଭଜିବି    କାହାକୁ ବରଜିବି
ମୋତେ ତା ପଇଟିଲା ନାହିଁ
ଶେଷେ ମଞ୍ଜୁ-ଜଙ୍ଘରେ    ମଜ୍ଜିଲି ! ନୟନରେ
ଜମା ପିଛୁଡ଼ା ନ ପଡ଼ାଇ ରେ
ମଦାଳସି !
ପୋଖରୀ-ଭରା ଜଳ ସବୁ
କରୁଣା ଅନ୍ତରେ ତୋହର
ପାଲଟି ଗୃହିଣିରେ    ତୋ ହୃଦ-ବାହାଣୀରେ
ଗଲୁ ନୀରବେ କହୁ ଗୋରୁ ! ରେ
ଛୁଟବିନ୍ନ ! । ୨ ।

ଝୁଣ୍ଟିବାର କାରଣ    ନ ଥାଇ ତୁ ଝୁଣ୍ଟିଣ
ଭାଙ୍ଗିଲୁ ତୋ ପୂର୍ଣ୍ଣ କଳସୀ
ଦୂରେ ଥିଲା ଲଳିତା    ମୋ ମାତୁଳ ଦୁହିତା
ଦୁଷ୍ଟା ସେ କହିଦେଲା ହସିରେ
ରସିକନ !
"ଅଥରପୀ ତୁ ଯହୁଁ ପାଇଁ
ଲଳିତା କି ତା ନ ଜାଣଇଁ

---

୨ । କାହାକୁ......ବରଜିବି—କେଉଁ ଜନ୍ତୁଟିକୁ ଛାଡ଼ି କେଉଁ ଜନ୍ତୁଟି ପ୍ରତି ଅଗ୍ରହୀ ହେବି; ମଞ୍ଜୁ ଜଙ୍ଘ—ଅର୍ଥାତ୍ ତୋତେ; ଜମା—ଏକା-ବେଳକେ; ପାଲଟି—ମୋ ଗୃହିଣୀର ବଦଳରେ ତୁ ହେଉଥିବା ଗୃହିଣୀ ।

୩ । ଅଥରପୀ—ଅସ୍ଥିରପଦା (ଯେ ଭୂଇଁରେ ଥୟ କରି ଗୋଡ଼ ପକାଇ ପାରେ ନାହିଁ ।)

ମୁହିଁ ସଞ୍ଜବେଳରେ    ମାଳଧରି ଝାଲରେ
ଭଲ ପାଇବୁ ଚୋପଟରୀଣ୍ଡ ଲେ
ନିତମ୍ବିନି ।। ୩ ।

ତୁମ୍ଭ ଦୁହିଁଙ୍କ ହସ    ଦେଖି ହେଲି ହରଷ;
ଶତଦ୍ଧ-ଭଅଁର ଧନ
ପିଠାଥାଳୀ ତୁ ଧରି    "ଲଳିତା" ଡାକି କରି
ଛୁଟିଲେ ମଣ୍ଡିଲ୍ ଅଙ୍ଗନରେ
ଶମ୍ପା-ଗୋରି !
ପଡ଼ିଲି ହାବୁଡ଼େ ମୋହର
ସାହସ ବାନ୍ଧି ମୁଁ ଗ୍ଲତର
ଗୋଲାପ ଫୁଲ ତୋଲି  ଗଭିରେ ତୋ ଛଇଲି !
ମଣ୍ଡିଲି ମୁହୂର୍ତ୍ତ ଭିତର ରେ
ନତମୁଖି ।। ୪ ।

କେହି ନ ଥିଲେ ପାଶେ  ତୋହ ମୋହ ନିଃଶ୍ୱାସେ
ମିଶାଇ, ତୋ ଜବା-ଅଧରେ
ଖୋଜିଲି ଛଣା ସୁଧା    ଏ ନୀରସ ବସୁଧା
ହେଲା ଅମରାବତୀ ମୋତେ ରେ
ଥିବ ମନେ
ଲୁଚିଲ୍ ଅସ୍ଫୁଟ କଥନେ
"ତେମେ ଟି ଏତେ ଦୁଷ୍ଟ ଜଣେ"
କି କହିବି ମାଳତି !    ଜାଣି ନେଲ୍ ମୋ ଗ୍ଲତ
ହେଲେ ଏ ପଦାଙ୍କ ବରନେ ରେ
ରାଣୀ ମୋର ।। ୫ ।

---

୪ । ଅଙ୍ଗନ—ଅଗଣା; ଶମ୍ପାଗୋରି—ବିଦ୍ୟୁଦ୍‌ବର୍ଣ୍ଣା, ଯାହା ବର୍ଣ୍ଣ ବିଜୁଳି ରଙ୍ଗ ପରି ।

ଖୁଦୁରୁକୁଣୀ ଧନ    କୁସୁମ ତୁ ଚୟନ
କରି ବନାଇଥିଲୁ ହାର
କେହୁ ନ ଥିଲେ ତହିଁ    ପଛଅଡ଼ୁ ମୁଁ ଯାଇଁ
ମୁଦିଲି ନୟନ ତୋହର ରେ
ହରିଣାକ୍ଷି !
ଭାଙ୍ଗିଲୁ ଲଳିତାର ଭ୍ରମ ।
ଏଠାରୁ ଯାଅ ହେ ପଳାଇ
ଲଳିତା ଏହୁକ୍ଷଣି    ଆସିବ ଫୁଲ ଘେନି
କାହିଁ ରଖିବୁ ମୁହଁ ମୁହିଁ ହେ
ଦୁଷ୍ଟଜନ ! । ୨ ।

ମୁଁ କାଢ଼ିଲି ଏ ହାର   ଗଲେ ନ ଦେଲେ ମୋର
ନିଶ୍ଚେଁ ହୋଇବ ଲୋକହସା;
ଭାଙ୍ଗିଲୁ ମାଆଙ୍କର    ପାଇଁ ଗୁନ୍ଥା ଏ ହାର
ଏଥିରୁ କିପାଁ ଭଲ ଅଣା ହେ
ଦୁରୁଦଣ୍ଡ !
ବଳେ ତୋ ବାହୁ-ଚମ୍ପା-ହାର
ପିନ୍ଧିଲି ଗଳାରେ ମୋହର
ସ୍ମିତ କରି ଶୀତଳ    କାପିଲି ହୃଦସ୍ଥଳ
କେତେ କାବତେ ହେଉ କରରେ
ତୁଳା-ଅଙ୍ଗି ! । ୩ ।

କୁମାର ପୂର୍ଣ୍ଣମୀରେ ଫୁଲରାଣୀ ବେଶରେ
ଲଳିତା ସଙ୍ଗେ ଉପବନେ
ବୁଲୁଥିଲୁ ବାହାରେ, ମନ ଜାଣି ମୋହର
ସେ ଗଲା ଛଳେ ଅନ୍ତ କେଉଁଣେ ରେ
ଏକାକିନୀ !
ବୋଇଲି ଦେବ ମୁଁ ଅଳତା
ପଦ ଦେଖାଅ ରସଲତା !
ହୋଇଣି ହସହସ ବୋଇଲି କହୁ କହୁ
ଏ ବେଳେଁ ଅସାଂଗ କଥା ରେ
ସ୍ମିତହାସି ! । ୮ ।

ମୁଁ କରନ୍ତେ କହିଲି ପଡ଼ି ମୋ ପାଦତଳ
ଛାଡ଼ିଲି ଲାଜେ ଯିବ ମରି,
ଅସିଲେ ସେ ଲଳିତା ସବୁ ଯିବ ମୋ କଥା
ବୁଝି ସେ କହିଦେବ ତୁମ୍ଭ ହେ
ଯାଅ ବେଗେ,
ତୁମ୍ଭର ମୋହର ଏ ଭେଟ
ନ ହେଉ ଭଲ ପରଘଟ
ମୁଁ ଯେ ଗରବ ହିଁଅ ତେମେ ଧନକ ପୁଅ
ମୋ ପାଇଁ ବନ୍ଧୁ ! ଲଗ ବାଟ ହେ
ଶୋଭାକର ! । ୯ ।

---

୮ । ଛଳ—ଛଳନା କରି; ବାଆଁ ଦେଇ ହୋଇ; ଅସାଂଗ କଥା—ଅସୁଭସଙ୍ଗତ କଥା ।

୯ । ପ୍ରକଟ—ପ୍ରକାଶିତ; ଶୋଭାକର—ସୌନ୍ଦର୍ଯ୍ୟର ଖଣି ।

ଶୁଣି ତୋହ୍ନ ବଚନ        କହି ଲୁହ ମୋଚନ
ଶୋକେ ଅଧୀର ହୋଇ କହି
କପଟ ମୁଣି ତୋର        ଅଛୁ ମୋହ କପଟ !
ଭାଷିଲ୍ ଲୁହ ନେତ୍ରେ ଭରିରେ
ତେତେବେଳେ
ଭାସିଣ ତୁହ୍ନ ଅଶ୍ରୁଜଳେ
ବାହୁ ତୋ ଛନ୍ଦ ମୋହ ଗଳେ
ଭାଷିଲ୍ 'ନାଥମନ        ପାଠ ପଢ଼ି ନ ଜାଣି
ଅପାଠ ପାଠଗଛେ ଫଳେ କି
ତ୍ରିଯୁଗମ୍' !। ୧୦ ।

ଶାନ୍ତ ହୁଅନ୍ତେ ମୁହିଁ        ପଳାଇ ଯାଇ ତୁହି
ଲଲିତା ସନ୍ଧତେ ଅଳତା
ନାଇ କ୍ଷଣକ ପରେ        ଅସି ଉପବନରେ
ମିଳିଲୁ ଥିର ବିଦ୍ୟୁଲ୍ଲତା ରେ
ଲଜ୍ଜାକୁଳି !
ମୋ ଲୁହେ ସେ ଲୁହ ମିଶାଇ
କାନ୍ଦଛୁ ଗଣ୍ଡେ ଗଣ୍ଡ ଦେଇ
ସେ ମୋର ମୁହିଁ ଡାକୁ        ଭଳ କରିବା ନର
ମହୀମଣ୍ଡଳେ ନାହିଁ ରହି ରେ
ପ୍ରୀତିବନ୍ଧ !। ୧୧ ।

---

୧୧ । ଥିର ବିଦ୍ୟୁଲ୍ଲତା—ବିଜୁଳି ସ୍ଥିର ହୋଇ ରହିଲେ ଯେପରି ଦିଶନ୍ତା ସେପରି ଦିଶୁଥିବା ସ୍ତ୍ରୀ ।

ଏ ବରଷ ଉତ୍କଟରେ     ପୁଣି ଫୁଲ୍ ସଙ୍କଟରେ
ମଣ୍ଡଣୀ ହୋଇ ଶୋଭିବଣି !
ଲଳିତା ସଙ୍ଗେ ଫଟୋ     ଉଠାଇ ମୋ ନାକନ୍ତି
ସତେ ତୁ ପେଷିବୁ ସିହାଣିରେ !
ଶରଦ୍ଧୁଣି !
ଥିବା ସେ ମନ ଜାଣି ମୋର
ଶବ୍ଦସ୍ତୁ ଏହୁ ଉପକାର
ବସନ୍ତ ମାଳତୀର     ଯୋଗ ନୂତନ ଭଙ୍ଗୁର
ଭର ସଂଶୟ ମନୁ ଦୂରରେ
ପ୍ରାଣମଣି !। ୧୨ ।

ଏମ୍. ଏ. ପରୀକ୍ଷା ଦେଇ     ନାଚଟେ ଯିବ ମୁହିଁ
ତୋ ସ୍ୱନେ ଗ୍ରୀଷ୍ମ ଅବକାଶ
କଲେଜ ହଷ୍ଟେଲରେ     ସବୁ ସୁଖ ଭିତରେ
ଛଟେଇ ସରଗେ ସା ଦୁର୍ଭାଗ ରେ
ସଜବନ୍ନ
ଏଠାରେ ପୀରତି କବିତା
ବହାଇ ନାହିଁ ମଧୁରତା
ମହା-ମୁକୁର-ମୁଖି !     ଝୁରଇଁ ମୁଁ ସେ ମଧୁ.
ତୋ ପଦରଜେ ଯା ଭୂଷିତା ରେ
ଶୋଭାଯୀମା !। ୧୩ ।

---

୧୩। ମହାମୁକୁରମୁଖି —ସେଁସ୍ତ ହୋଇଥିବା ଦର୍ପଣ ପରି ଝଟକୁଥିବା ମୁହଁ ଯେଉଁ ରମଣୀର; ପଦରଜ—ପାଦଧୂଳି ।

ଲଫାଫାରେ ସେ ଧୂଳି    ଦେବୁ, ମୁଁ ଖୋଲି ବୋଲି
ମଜ୍ଜିବି ପରମ ସୁଖରେ,
ମୋ ଉପରେ ସଂଶୟ    ଭରି ଲେଖିଲେ ଖୋଜ
କଣ୍ଠ ରୋଧଇ କଷ୍ଟଭରେ ରେ
ସ୍ୱଦେଶକାମି !
ରଖିଛୁ ବ୍ଲାଉସ ତୋହର
ଅଭୟ-କବଚ ତା ମୋର
ଉପେନ୍ଦ୍ର, ଦୀନଦାସ-    କବିତା ଧୃତ ନାଶ
କଲେ ତା ବେଶଙ୍କ ଉରର ରେ
ଶୋଭାବ୍ରତି ! ।୧୪।

ପ୍ରୀତିରୁ ବଡ଼ ହୋଇ    ଜଗତେ କି ଅଛଇ
ଘାନା ପ୍ରେମିକା ପଦତଟେ
ମଣିମାଣିକ୍ୟ ଭରା    ନୃପ ମୁକୁଟ ପରା
ଧୂଳିଧୂସର ହୋଇ ଲୋଟେ ରେ
ଶୋଭାବ୍ରାଣି !
ତୁ ରାଜରାଜେଶ୍ୱରୀ ମୋର
କରଦ ପ୍ରଜା ମୁଁ ମାତର
ତୋ ଚରଣ ସ୍ମରଣ    ଚକ୍ରବର୍ତ୍ତିପଣ
ମୋତେ ଅରପି ରାମା'ବର ରେ
କୃପା'ବତୀ ! ।୧୫।

୧୯୪୫

୧୪ । କଷ୍ଟଭରେ—ଅକ୍ଷେଣରେ ।
୧୫ । ତୋ ଚରଣ ସ୍ମରଣ ଚକ୍ରବର୍ତ୍ତିପଣ—ତୋ ପାଦ ସ୍ମରଣ ଦେଇ ସମ୍ରାଟ ହେବାର ଭାଗ୍ୟ ।

—୩୨—

# ମୋ ଦେଶ !

ରାଗ, ଭୋଳ୍ପ ପଲ୍ଲବୀ ଅପଭ୍ରଂଶ

(‘ବଙ୍ଗଭୂ ମାଏ ହେଲ ହେ ଶ୍ୟାମ’ ବୃତ୍ତରେ)

ମୋ ଦେଶ ଦେଖା ସେହି ରୂପକୁ
କବି-ହୃଦାନନ୍ଦ-ରସ-କୂପକୁ । ଘୋଷା ।

ମଣ୍ଡିବାକୁ ଯାହା ସାଧବ-କୂଳ
ବୋଇତେ ଭରାଇ ଥିଲେ ଉପଳ ।୧।

ଖାରବେଳ ଯାହା ଦେଖି ନୟନେ
ଚଳିଲେ ମଗଧେ ସେନା ଗହନେ ।୨।

---

୦ । କବି-ହୃଦାନନ୍ଦ-ରସ-କୂପ—କବିମାନଙ୍କ ହୃଦୟକୁ ଆନନ୍ଦ ଦାୟକ ।

୧ । ସାଧବକୂଳ—ପ୍ରାଚୀନ କଳିଙ୍ଗର ସମୁଦ୍ରଗାମୀ ବଣିକମାନେ; ବୋଇତ—ଜାହାଜ; ଉପଳ—ପତାକା ।

୨ । ଖାରବେଳ—ପ୍ରାଚୀନ କଳିଙ୍ଗର ଚକ୍ରବର୍ତ୍ତୀ ସମ୍ରାଟ । କଳିଙ୍ଗର ଅପମାନ ଯୋଗୁଁ ସେ ମଗଧ ଉପରେ ପ୍ରତିଶୋଧ ନେଇଥିଲେ ଏବଂ ମଗଧ ସମ୍ରାଟ କଳିଙ୍ଗରୁ ନେଇ ଯାଇଥିବା ତୀର୍ଥଙ୍କର ମୂର୍ତ୍ତି କଳିଙ୍ଗକୁ ଫେରାଇ ଆଣିଥିଲେ । ସେନା ଗହନେ—ସଙ୍ଗରେ ସୈନ୍ୟ-ସାମନ୍ତ ନେଇ ।

କେଶରୀ-ଭୂପତି-କୀରତି-ଜାଳ
ମୟୂଖେ ହୋଇଲା ଯାହା ଧବଳ ।୩।

ଅନଙ୍ଗଭୀମ ଅବନୀ ନାୟକ
କଲେ ଯା ଗୌରବ ବିଶ୍ୱ ବ୍ୟାପକ ।୪।

ନରସିଂହ ଭୂପ-ମନ୍ଦିର-ବର
ହେଲା କଉସ୍ତୁଭ ଯାହା ହୃଦର ।୫।

କପିଳେନ୍ଦ୍ର ବଢ଼ାଇଲେ ଯା ଶିରୀ
ଅସିରେ ବଇରି ଉରସ ଚିରି ।୬।

କାଞ୍ଚୀ-କେମା-ହୃଦ-କୁମୁଦ-ଇନ୍ଦୁ
ଉଚ୍ଛୁଳାଇଲେ ଯା ସୁଯଶ-ସିନ୍ଧୁ ।୭।

---

୩। କେଶରୀ-ଭୂପତି—କେଶରୀ ବଂଶୀୟ ରାଜା । (ସେମାନଙ୍କର) କୀରତିର ଜାଳ ଅର୍ଥାତ୍ ସମୂହ (ର) ମୟୂଖ—କିରଣ; ଧବଳ—ଆଲୋକିତ ।

୪। ଅନଙ୍ଗଭୀମ—ପୁରୀ ଜଗନ୍ନାଥ ମନ୍ଦିର ନିର୍ମାତା ଉତ୍କଳ ସମ୍ରାଟ; ଅବନୀ-ନାୟକ—ପୃଥିବୀର ଅଧିପତି, ସମ୍ରାଟ; ବିଶ୍ୱବ୍ୟାପକ—ପୃଥିବୀବ୍ୟାପୀ ।

୫। ନରସିଂହ ଭୂପ—ଲାଙ୍ଗୁଲା ନରସିଂହ ଦେବ (ଙ୍କ) ମନ୍ଦିରବର—ଶ୍ରେଷ୍ଠ ଦେଉଳ ଅର୍ଥାତ୍ କୋଣାର୍କ ମନ୍ଦିର । କଉସ୍ତୁଭ—ବିଷ୍ଣୁଙ୍କ ହୃଦୟର ମଣି ଏଠାରେ ଶ୍ରେଷ୍ଠ ଅଳଙ୍କାର ।

୬। କପିଳେନ୍ଦ୍ର—କଳିଙ୍ଗର ଦିଗ୍ ବିଜୟୀ ସମ୍ରାଟ କପିଳେନ୍ଦ୍ର ଦେବ; ଶିରୀ—ଐଶ୍ୱର୍ଯ୍ୟ; ଅସି—ଖଣ୍ଡା; ବଇରି—ଶତ୍ରୁ; ଉରସ—ଛାତି ।

୭। କାଞ୍ଚୀ-କେମା—କାଞ୍ଚୀ ଦେଶର ରାଜାଙ୍କ ଝିଅ ପଦ୍ମାବତୀ (ଙ୍କ) ହୃଦ-କୁମୁଦ-ଇନ୍ଦୁ—ହୃଦୟ ରୂପ କଇଁ ଫୁଲର ଚନ୍ଦ୍ରମା ଅର୍ଥାତ ପ୍ରାଣ ବଲ୍ଲଭ; ସୁଯଶ-ସିନ୍ଧୁ—ଯଶରୂପ ସମୁଦ୍ର ।

ଭଞ୍ଜ-କବିବର-ଗୋପାଳକୃଷ୍ଣ
ପିଇଲେ ନେତ୍ରେ ଯା ହୋଇ ସନ୍ତୁଷ୍ଟ । ୮ ।

ରାଧାନାଥ-କବି-ଲେଖନୀ ମୁନ
ଯାହା ଅଙ୍କି ହେଲ ଭାରତେ ଧନ୍ୟ । ୯ ।

ମନୁଜ-କେଶରୀ ମଧୁସୂଦନ
ଦେଖି ଦେଖାଇଲେ ଯାହା ସପନ । ୧୦ ।

ସାର୍ଦ୍ଧ କୋଟି ଦେଶବାସି ନୟନ—
ଚକୋରେ ଦେବାକୁ ଚନ୍ଦ୍ରିକା-ପାନ

---

୮ । ଭଞ୍ଜ—କବିସମ୍ରାଟ୍ ଉପେନ୍ଦ୍ର ଭଞ୍ଜ; କବିବର—କବିସୂର୍ଯ୍ୟ ବଳଦେବ ରଥ; ଗୋପାଳ କୃଷ୍ଣ—ରସିକ ଭକ୍ତକବି ଗୋପାଳ କୃଷ୍ଣ ପଟ୍ଟନାୟକ; ଏମାନେ ଆଖିବାଟେ ଉତ୍କଳର ରୂପ ପାନ କରିଥିଲେ ।

୯ । ରାଧାନାଥ କବି—ଆଧୁନିକ ଯୁଗର ଶ୍ରେଷ୍ଠ କବି ରାଧାନାଥ ରାୟ; ତାଙ୍କ ଉତ୍କଳ ବର୍ଣ୍ଣନା ଅନୁପମ ( ଅଗ କବି ଭଞ୍ଜ କବିଙ୍କୁ ପ୍ରାଚୀନ କବି ସମାଜର ପ୍ରତିନିଧି ଓ ରାଧାନାଥଙ୍କୁ ଆଧୁନିକ କବି ସମାଜର ପ୍ରତିନିଧି ରୂପେ ଗ୍ରହଣ କରା ଯାଇଛି । )

୧୦ । ମନୁଜ-କେଶରୀ—ମନୁଷ୍ୟମାନଙ୍କ ମଧ୍ୟରେ ସିଂହ; ମଧୁସୂଦନ—ମଧୁସୂଦନ ଦାସ; ସି, ଆଇ, ଇ, ସ୍ୱତନ୍ତ୍ର ଉତ୍କଳର ସ୍ୱପ୍ନ ସେ ଆଗ ଦେଖିଥିଲେ । ନୟନ...ପାନ—ଚକ୍ଷୁକୁ ଆନନ୍ଦ ଦେବାକୁ, କୃଷ୍ଣ-ଚନ୍ଦ୍ର ଗଜପତି ଭୂପତି—ପାରଳାଧୀଶ୍ୱର କାପ୍ଟେନ ମହାରାଜା ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ । ସ୍ୱତନ୍ତ୍ରତା ଲକ୍ଷ୍ମୀ—ସ୍ୱତନ୍ତ୍ର ପ୍ରଦେଶ ହେବାର ସୌଭାଗ୍ୟ ।

କୃଷ୍ଣଚନ୍ଦ୍ର ଗଜପତି ଭୂପତି
ଦେଲେ ଯାକୁ ସ୍ୱତନ୍ତ୍ରତା-ବିଭୂତି । ୧୨ ।

ବିଚ୍ଛନ୍ଦ ଚରଣ ପଟ୍ଟନାୟକ
ଭକ୍ତ ଯା ଚରଣର ଭାଳ ଭାଳକ । ୧୩ ।

୧୯୩୮

## ଓମା ସୁଧାଂଶୁ

ଦୁଃଖି-ସଂସାର ତାପ ହର୍ତ୍ତା-ଚନ୍ଦନ !
ସରଗୁଁ ଖସିଥିଲୁ ମୋ ସୁଧାଂଶୁ !
ପୂର୍ଣ୍ଣ ଛଅଟି ମାସ
ନୋହୁଣୁଁ ଗଲୁ ଚାଲି କରି ନିରାଶ । ୧ ।

ଚୋବାଇ ଫୁଟିଲୁ ନାହିଁ ଏତେକ ମାଧୁରୀ
ତୋ ମୁଖେଁ କାହିଁକି ! ଥିଲା ଯା ପୂରି
ଚମ୍ପାକଳୀ ଫୁଲ
ନୋହେ ତ ସୁକୁମାର ତୋ ଅଙ୍ଗତୁଲ । ୨ ।

---

ଲେଖକଙ୍କର ସାଢ଼େ ଛଅ ମାସର ପ୍ରଥମ ସନ୍ତାନଙ୍କ ନାମ ସୁଧାଂଶୁଶେଖର ଜନ୍ମ ୧୯୪୧ ମେ ମାସ ମୃତ୍ୟୁ—ସେହି ବର୍ଷର ଅଗଷ୍ଟ ମାସ ।

୨ । ଚମ୍ପାକଳୀ—ଚମ୍ପାକଢ଼ି, ଶେଫାଳିକା; ସୁକୁମାର—କୋମଳ; ଅଙ୍ଗ—ଦେହ; ତୁଲ—ସମାନ ।

ଚତାଦର୍ପଣ ମୁଠହିଁ କଜଲ-ଅଖି
ପଦ୍ମେ ଭଅଁର ଥିଲା ପରାଏ ଲଖି
ଦିଶୁଥିଲା ଶୋଭନ
ଆଜ ତା ବାପ ! ପରି ସାଜ ସପନ । ୩ ।

ଦୁଃଖ-ଅନ୍ଧାରେ ଜହ୍ନ-ଆଲୁଅ ହୋଇ
ସେ ପୁରୁଁ ପରି ଆସିଥିଲୁ ଓହ୍ଲାଇ
ରଙ୍କ ରତନ ମୋର !
ଅକାଳେ ନେଇଗଲା କାଳ-ତସ୍କର । ୪ ।

ଟିକି ଗୋଡ଼ ଦୁଇଟି ରଙ୍ଗେ ହଲାଇ
ମୁଣ୍ଡ ଚଢ଼ାଇ ହସୁ ମୋ ମୁହଁ ଚାହିଁ,
ଅଉ ସେ ଶୋଭାମାନ
ମୋ ଆଖି କାହିଁ କରିବ କି ଲୋକନ ? । ୫ ।

ଗୋଡ଼ରେ ଠେଲି ଦେଇ ଦୁଆର ମୋର
ଖଟେ କାଳରୁ କାଳ ଦାଗ ତାହାର
ବାପ ! ଲିଭୁ ତ ନାହିଁ
ତୋ ପ୍ରାଣ-ଦୀପ ଧାତା ଦେଲା ଲିଭାଇ । ୬ ।

---

୩ । ଶୋଭନ—ସୁନ୍ଦର ।

୪ । ସେ ପୁରୁଁ—ସ୍ବର୍ଗରୁ; କାଳ—ଯମ; ତସ୍କର—ଡକାଏତ ।

୫ । ଲୋକନ କରିବ—ଦେଖିବ ।

୬ । ଧାତା—ବିଧାତା ।

ହେଲଣି କାଲିଠାରୁ ଶୂନ୍ୟ ମୋ ଘର
ତୋ ଚାନ୍ଦମୁହଁ ବିନୁ ଦିଶେ ଅନ୍ଧାର
　　ତୋହ ବୋଲୁ ଅଭାଗୀ
କାନ୍ଦୁଛି ମୁଣ୍ଡ କୋଡ଼ି ବାପ ! ତୋ ଲାଗି । ୭ ।

କୋମଳ ଶେଯେ ତୋତେ ଶୋଇଲେ ପୂରାଇ
ଶୁଏ ସେ ମଶାଣିରେ ତୋତେ ପୋତାଇ
　　କେମନ୍ତେ କାଟିବ ଦିନ ?
କଙ୍କାଳ-ପାଟୋଇ ମୋ ! ରଙ୍କୁଣୀ ଧନ ! । ୮ ।

"ବାପା କିଏ ରେ !" ବୋଲି "ମଞ୍ଜୁ" ମାଉସୀ
ପିଠି କାହାର ଅଉ ଦେବ ଅଉଁସି ?
　　କାହା ଶୋଭା ନିରେଖି
ତୃପତ କରିବ ତା ଲୋଲୁପ ଆଖି ? । ୯ ।

ଭୁଲି ଖାଇ ବରଷା ରଜନୀ ଦିବା ?
ଖଟିବ "ମାୟାଧର" କା ପାଇଁ ଅବା
　　ସେବା କରି କାହାର
ଭୁଲିବ ବାପଧନ ! ନିଦ୍ରା ଆହାର ? । ୧୦ ।

---

୭ । ମୁଣ୍ଡ କୋଡ଼ି—ମୁଣ୍ଡ ବାଡ଼େଇ ।

୮ । କେମନ୍ତେ—କିପରି; କଙ୍କାଳ-ପାଟୋଇ—ଦୁଃଖ-ପାଟୋଇ ।

୯ । ମଞ୍ଜୁ—କବିଙ୍କ ଶ୍ରୀ ମଲ୍ଲିକ୍ କୁମାରୀ ପଟ୍ଟନାୟକ୍, ଏମ୍. ଏ., ବି. ଏଡ୍. ଏଙ୍କ ଘରଣୀ; ତୃପତ କରିବ—ତୋଷ କରିବ; ଲୋଲୁପ—ଲୋଭାତୁରଙ୍କ ।

୧୦ । ରଜନୀ ଦିବା—ସବୁଦିନ; ମାୟାଧର—କବିଙ୍କ କୁଳସ୍ଥ ଅଗାରଣୀ ।

ମରଣ ସଙ୍ଗେ ଯୁଝି ଅଢ଼େଇ ମାସ
କୋମଳ ଅଙ୍ଗେ ନ ସହିଲୁ କି ତ୍ରାସ !
ମୃତ୍ୟୁ ବରଦ ହୋଇ
ଅପବର୍ଗ ଧାମେ ବାଟ ନେଲା କଢ଼ାଇ । ୧୧ ।

ମୁଖପଦ୍ମ ତୋ ତଳେ ନୋହିଲା ମ୍ଳାନ
ଓଠେ ଝଟିଲାରେ ହସ ଗଲୁ ଶ୍ମଶାନ
ହରିନାମ ଶୁଣିଲୁ
ପାଦୁକ ଜାଣି ଚିର ଆଖି ମୁଦିଲୁ । ୧୨ ।

ସ୍ୱର୍ଗେ ଅଛନ୍ତି ଯେତେ ମୋ ପ୍ରିୟ ଜନ
ପାଶେ ମୁକର ତାଙ୍କ ଯାଇଛୁ ଧନ
ତାଙ୍କୁ ଦେଲୁ ବାରତା
ମନେ ମୋ ଅଛି ତାଙ୍କ ସ୍ନେହ ମମତା । ୧୩ ।

ମୋ ପ୍ରିୟତମ ଓଷଣ ଅଟୁ ରେ ବୁଦ୍ଧ !
କାଳେ କୋଟିଲା ଫେନ୍ଟିବ ଅବଶ୍ୟ କେନ୍ଦ୍ର
ପ୍ରତିନିଧି ମୋ ହେବେ,
ପାରିଜାତ ହାତେ ତୋ ଗଳା ମଣ୍ଡିବେ । ୧୪ ।

ଦଣ୍ଡକୁ କୋଟି ଗୁଣେ ଅତି ସୁନ୍ଦର
ସୁନ୍ଦର ମେଳେ ଜଣକୁ ରେ ବାହାର
ଶୋଭିବୁରେ ତୋ ବାପ !
ତୋ ଶୋଭା ନ ଦେଖିବା ପାଇଛି ଶାପ । ୧୫ ।

---

୧୧ । ତ୍ରାସ—କଷ୍ଟ । ୧୪ । ପାରିଜାତ—ସ୍ୱର୍ଗୀୟ ଫୁଲ ।

୧୫ । ସୁନ୍ଦର ମେଳେ—ସ୍ୱର୍ଗରେ ସମସ୍ତେ ସୁନ୍ଦର, ସେମାନଙ୍କ ମେଳରେ ।

ମର ଦେହ ତୋହର ଘାସିବ ମାଟି
ଅମର ଦେହ ନେଲେ ଅମରେ ଲୁଟି
    ମନ୍ଥପୁର ପ୍ରବାସେ
ସୁଷମା-ଲୋଭେ ରହିଲରିଁ ଉପାସେ । ୧୭ ।

ବୋଉ ରହିଲା ତୋର ଠୁକି କପାଳ
ଗଲୁ ତୁ ସାରି ଦେଇ ସବୁ ଜଞ୍ଜାଳ
    ଲହେ ଉତ୍ତାଳ ମଣ୍ଡି
ଖୋ ଗୁଣି ନ ହୁଅନ୍ତୁଁ ବାଳୁତ ପୋଇ ।। ୧୭ ।

୧୯୪୧

---

୧୭ । ମରଦେହ—ମାଟିର ଶରୀର; ଅମର ଦେହ—ଦେବ ଶରୀର; ଅମରେ—ଅମର ଅର୍ଥାତ୍ ଦେବତାମାନେ; ସୁଷମା—ସୌନ୍ଦର୍ଯ୍ୟ; ସୁଷମାଲୋଭେ—ଶୋଭା ଦେଖିବାର ପ୍ରବଳ ଇଚ୍ଛା ହେତୁ ।

୧୭ । କପାଳ ଠୁକି—କର୍ମକୁ ଆଘାତ କରି; ଜଞ୍ଜାଳ—ଉଦ୍‌ବେଗ, ଚିନ୍ତା; ବାଳୁତ—ଶିଶୁ; ପୋଇ—ପୁଅ ।

# ପ୍ରିୟ ଭାରତ ଜନନୀ

ମୁକୁଟ ସମାନ ହିମାଳୟ ଯାର
 ମଥାରେ ଶୋଭେ
ପଦ ତଳି ସବୁ ଲଙ୍କା ଟାପୁ ଯାର
 ଚରଣେ ରହେ ।୧।
ଚାଳିଶ କୋଟି ଯେ ତନୟ ତନୟା
 ଖେଳାଏ କୋଳେ
ଗଙ୍ଗା-ବ୍ରହ୍ମପୁତ୍ର-ସିନ୍ଧୁ-ନଦୀ-ହାର
 ପିନ୍ଧେ ଯେ ଗଳେ ।୨।
ବାଲ୍ମୀକି, ବ୍ୟାସ, କାଳିଦାସ
 ଆଦି ଯାହାର କବି
ଜଗତବାସୀଙ୍କ ମନକୁ ମୋହନ୍ତି
 ଯାହାର ଛବି ।୩।
ଯା କୋଳେ ଜନ୍ମିଲେ ବୁଦ୍ଧ, ମହାବୀର
 ଆଉ ଗାନ୍ଧିଜୀ
ଗରବିଣୀ ସେହୁ ଭାରତ ଜନନୀ
 ଶ୍ରୀ ପଦେ ଆଜି ।୪।
ନମୁଁଛୁଁ ଅବୋଧ ବାଳକ ବାଳିକା
 ହେଉ ତା ଜୟ
ଭବିଷ୍ୟତ ତାର ଉଜ୍ଜ୍ୱଳ କରନ୍ତୁ
 ମଙ୍ଗଳମୟ ।୫।

୧୪୩୯

୧। ଟାପୁ—ଦ୍ୱୀପ; ୪। ନମୁଁ ଛୁଁ—ନମସ୍କାର କରୁଛୁଁ ।

# ଉତ୍କଳ ଚନ୍ଦ୍ରାମଣି ଚଉତିଶା

( ରାଗ—କଲହଂସ କେଦାର )

—୧—

କଳା-କମଳା-ଲୀଳାଭୂଇଁ ଉତ୍କଳ
କାହିଁ ମଣ୍ଡିନ୍ତୁ କେବେ କେଉଁଭଳ ମାଳ ?
କାହିଁ ଗଲା ମା ! ତୋର ସୁବର୍ଣ୍ଣ ବାହୁ
କାନ୍ଦ ମରୁଛୁ ରୂପ ବିରୂପ ସହୁଁ ॥

—୨—

ଖିଳ-ଭାରତମଣ୍ଡଳ-ମଣ୍ଡନ-ଭୂଷା !
ଖେଦ-ଅରତେ ମାତ ! ହେଲୁ ବିବଶା
ଖେଳିଲୁ ଖେଳ ବିଧି ଦାରୁଣ ଖେଳ
ଖୋଲି ନେଲା ସଂପଦ-ବିଟପୀ-ମୂଳ ॥

---

୧ । କଳା-କମଳା-ଲୀଳା-ଭୂଇଁ—କଳା ଓ କମଳା ଅର୍ଥାତ୍ ଲକ୍ଷ୍ମୀଙ୍କ କ୍ରୀଡ଼ା ଭୂଇଁ; ସୁବର୍ଣ୍ଣ ବାହୁ—ଭାରତର ସୁନାବାହ; ବିରୂପ—ବେଢଙ୍ଗ ।

୨ । ଖିଳ—ସମସ୍ତ; ମଣ୍ଡନଭୂଷା—ସୁନ୍ଦର ଅଳଙ୍କାର ( ଅର୍ଥାତ୍ ଭାରତର ସର୍ବଶ୍ରେଷ୍ଠ ଅଂଶ ) ଖେଦ—ଦୁଃଖ, ଶୋକ; ବିବଶା—ଅବଶୀଭୂତା; ପାଗଳା; ବିଟପୀ—ବୃକ୍ଷ ।

ଗଢିଲା ଯାହା ତୁମଟେ ଶତାବ୍ଦୀ ଭର
ଗହନ୍ତୁ ବାହୁ ବଳୀ ବହୁଳ ତା ଅର୍ଥ
ଗତ-ଗଉରବ୍ୟା ମୋ ଦୁଃଖିନୀ ମାତା !
ଗଲାଇ ଲହୁ କେତେ ନିଦ୍ରନୁ ଧାତା ?

—୪—

ଘନ-ଅନ୍ଧାର ଘର ଝିଙ୍କାଲ ଲହୁ
ଘର ତେଜନ୍ତି ମାଆ ! କେତେ ତୋ ପୁଅ !!
ଘଉଡ଼ି ଜାଏ ପେଟ ଦୂର ଦେଶକୁ
ଘରଣୀ ଏ ଭାଙ୍ଗନ୍ତି ପଥରେ ଭୂକୁ ।

—୫—

ଙ୍କୁଅ ନାଟେ ଅଉ ନାହିଁ ସନ୍ତାନ
ଙ୍କଡ଼୍ର ବନ୍ଦିମ କାର ନାହିଁ ସ୍ମରଣ,
ଙ୍କପ୍ତ ଶୋଣିତେ ଶୀତ ଭବ ଅଙ୍ଗର
"ଙ୍କଡ଼େ" * ଟେବାଲନ୍ତି ବଟେଙ୍ଗ କୁମରେ ତୋର ।

---

୩ । ଲହୁ—ରକ୍ତ, ଗତ-ଗଉରବା—ଯାହାର ଯଶ ଓ କୀର୍ତ୍ତି ବି ନାଶ ପାଇଛି, ଗଲାଇ—ଗଡ଼ାଇ ।

୪ । ଘନ-ଅନ୍ଧାର—ଦରିଦ୍ରତା, ଦୁଃଖ, ଝିଙ୍କାଲ ଲହୁ ( ମା ମାଉସ ଓ ପିଲାଙ୍କ ଆଖିରୁ ), ପେଟ—ପେଟର ଦାଉ; ଦୂରଦେଶ—ବର୍ମା ଓ ଆସାମ ଅଞ୍ଚଳ; ଭାଙ୍ଗନ୍ତି ପଥରେ ଭୂକୁ—ଭୂକୁ ପଥରରେ ଭାଙ୍ଗନ୍ତି ପର୍ଯ୍ୟନ୍ତ ସ୍ୱାମୀଙ୍କୁ ଘରେ ନାହିଁ କପାଳ ଠୁକି ରହନ୍ତି ।

୫ । ଙ୍କପ୍ତ—ଗରମ; ଶୋଣିତ—ରକ୍ତ; ଶୀତ—ଶୀତଳ ଙ୍କଡ଼େ—ନେଇନ ବାଲେ ହାୟୁ ଯମଦୂତ ଦ୍ୱାରେ, କୋଥାହତେ ଏଲ ସାଡ଼ା । ଏ ନିଲାଜ ଙ୍କଡ଼େ ସପ୍ତମ ସ୍ୱରେ ପାନ୍ଥତେ ଉଠିଲ ଗାଏ । ରବୀନ୍ଦ୍ରନାଥ ଠାକୁର—'ଦୁଇ ବିଘା ଜମି' ।

—୬—

ଚରଣାନ୍ତେ କମଳା-ଲୀଳା-ନିକେତ
ଚଞ୍ଚଳ ଉଡ଼ାଇଣ ତୋର ବୋଇତ
ଚିର ସାଗର ଉର ଅସନ୍ତ ବାହୁ
ଚଉ ଦୁନିଆ ଦାଉ ଥିଲ ମା କାହିଁ ?

—୭—

ଛବିଳ ଉର ତୋର ତଟିନୀ-ହାରେ
ଛନ୍ଦିଥିଲା ବିଧାତା ପଣ୍ଡି ଭ୍ରମରେ;
ଛଦ୍ମେ ଉରଗ-ଜାଳ ତଟିନୀ ହୋଇ
ଛକିଥିଲେ ଗରଳ ଢାଳିବା ପାଇଁ ।

—୮—

ଛଳ-ଗରଳ-ପ୍ରୁତେ ପ୍ଲାବି ତୋ ଦେହ
ଜାଳିଲେ ସବେ ସବେ ତୋ ସୁଖ ଗେହ
ଜରଠୀ ଅକାଳରେ ହେଲୁ ଜନନୀ !
ଜଡ଼ତା ଗଲା ଘୋଟି ତୋ ଅଙ୍ଗ ପୁଣି ।

---

୬। କମଳା-ଲୀଳା-ନିକେତ—କମଳା ଅର୍ଥାତ୍ ଲକ୍ଷ୍ମୀଙ୍କ କ୍ରୀଡ଼ା ଘର; ଚଞ୍ଚଳ—ପତାକା; ବୋଇତ—ଜାହାଜ; ସାଗରଉର—ସମୁଦ୍ର ବକ୍ଷ।

୭। ଛବିଳ—ମନୋହର; ଛବିଳ......ଭ୍ରମରେ—ବିଧାତା କୂଳରେ ତୋ କୂଳରେ ନଈ ରୂପ ହାରମାନ ଫିନ୍ଦାଇ ଦେଇଥିଲେ; ଛଦ୍ମେ—କପଟରେ, ଉରଗ ଜାଳ—ସାପ ସମୂହ; ଛକିଥିଲେ—ସୁବିଧା ଉଣ୍ଡୁଥିଲେ।

୮। ପ୍ରୁତେ—ସ୍ରୋତରେ; ସବେ ସବେ—ଅଳ୍ପ ଅଳ୍ପ କରି; ଗେହ—ଘର; ଜରଠୀ—ବୃଦ୍ଧୀ; ଜଡ଼ତା—ନିଶ୍ଚେଷ୍ଟତା।

—୯—

ଢଂକାର ପୂରେ ପଶି ଦୁର୍ବିଷ୍ଟ-ଦୁଃଶା
ଢଂଗହୁଁ ତୋ ତନୟା ମଳିନ ବେଶା
ଢିଙ୍କିଲ ବଣ୍ଣ-କୁନ୍ତୁସଙ୍ଗ ତଳକୁ
ଢିଙ୍ଗାସିଣ ବସନ ଉଡାଇବାକୁ ।

—୧୦—

ଣୀରବ କାନ୍ଥପାଶୁ ଲୋତକ ଧାର
ଣଗାଡ଼ କଟେରିଲୁ ଲୁହଁର ଡୋର
ଣୀଳ-ଶଇଳ-ନାଥ ହେଲେ ଦାରୁଣ
ଣରଙ୍କୁଶ ନମୃଢ ବଳ ପୀଡ଼ନ ।

—୧୧—

ତାଣ ପରଶୁଘାତେ ପୁଣ ଲମ୍ବତ
ତିଳ ତିଳ ତୋ ବପୁ ଦେଲୁ କରତ
ତେକ ଦୁଃଖ ତୋହର ହେବ ନୟନେ
ତାହୁ ତାପର କଲେ ପଡେ଼ାଶୀ ଜନେ ।

---

୯ । ଢଂକାର — ଅଳଙ୍କାର ଦମ୍ଭ; ଦୁର୍ବିଷ୍ଟ—ଦୁଃଶା — ଦୁର୍ବିଷ୍ଟ ରୂପ ଦୁଃଶା-ସନ; ଢଂଗ — ଧମକା ଧମକ ଢଙ୍ଗ; ବର୍ଣ୍ଣକୁନ୍ତୁସଙ୍ଗ — ସଂସାର ଗୁଣ ନୂତୁସଙ୍ଗ; ଦୁଃଶାସନ ଦ୍ରୌପଦୀଙ୍କୁ ବିବସନ କରିବା କଥା ଏଠାରେ ଲକ୍ଷିତ ହୋଇଛି । ଢିଙ୍ଗାସିଣ — ଗାଲି ଦେଇ ।

୧୦ । ଣୀଳଶଇଳନାଥ ଜଗନ୍ନାଥ; ଣରଙ୍କୁଶ — ଅଶାସନ ।

୧୧ । ବପୁ — ଦେହ; ତେକ — ଗୁରୁତର; ହେବ — ହେଲା ।

—୧୨—

ଠାବ ଦେଲ ଭୋ ତାଙ୍କ ଚରଣ ତଳେ
ଠକି ନେଲେ ଭୋ ଧନ କି କଉଶଳେ
ଠୁଳ ବରଷ-ଶହ ଗଲଣି ବହୁ
ଠିକେ ପର ଚରଣ ମଥାରେ ଜହ୍ନ ।

—୧୩—

ଝାଙ୍କି ଉତ୍କୃଷ୍ଟ ମାତ ! ଉଠ ଏଥର
ଡଙ୍ଗର ଭାଗ୍ୟଦର୍ପ କରିବା ଚୂର
ଡବା ଭଲଣି ବହୁ ଗଲ ନିସ୍ତୁତ
ଡର କାଳିବା ଦେହରେ କଳଙ୍କ-ବଢ଼ ?

—୧୪—

ତୋଳିବା ପାଇଁ ନାହିଁ ତୋଷଣି ଅନ୍ନ
ଢାଙ୍କିବା ପାଇଁ ଅଙ୍ଗେ ନାହିଁ ବସନ
ଢ଼ମେଣ ଢ଼ର ପର ମହିମା ଗାନ
ଢାଳେ ଅସ୍ପୃସ୍ମାନ ଅନତ ପଣ ।

---

୧୨ । ଠାବ—ସ୍ଥାନ; ଠୁଳ—ପୁଞ୍ଜି; ଜହ୍ନ—ରଶ୍ମି ।

୧୩ । ଡଙ୍ଗର—ଦୁର୍ବଳ; ଚୂର—ଚୂନା; ଡବା—ଅତ୍ୟାଗ୍ରହ; ନିସ୍ତୁତ—ଭାଗ୍ୟ ।

୧୪ । ଢମେଣ—ଫୁଲ ପଣିଆ ଦର; ଢାଳେ···ପଣ—ଅସ୍ପୃସମାନ, ସବୁ-ନେଲେ ପରଭୁଣ ଭାଇ ଗାଇବାକୁ ନଷ୍ଟ ହେଉଛି ।

—୧୫—

ନ ପୁଣି ଏହୁ ଦଶା ହୁଅଇ ତୋର
ନିୟତ ଶିରେ ନୃତ୍ୟ ରଚ ମା ! ଘୋର
ନିୟନ୍ତ୍ରୀ ନିୟତର ହୁଅ ଜନନି !
ନ ଦେଖିଲ୍ଲ ଯା ନେଇ ଖିଳ ଅବନୀ ।

—୧୬—

ତପସ୍ୟା ଅଛୁ ଅମ୍ଭ ବହୁ ଯୁଗରୁ
ତଅପୋଇ ଦେଶ କି ଧନର ମରୁ ?
ତରୁଣ ସପନର ଅମରାବତୀ !
ତୋୟଦା ଫଳଦା ମା ! ବୀରଧରିତ୍ରୀ !

—୧୭—

ଥେଣ୍ଟ କାଳ ଯେ ଧନ ହରିଛି ତୋର
ଥୋଇଛି ତ ଅତୀତ କୋଠ ଭଣ୍ଡାର
ଥୟ କରିବା ତାର କୁଞ୍ଚିକା ଗୁଚ୍ଛ
ଥିରେ ଲୁଣ୍ଠାଇ ନେବୁ ତମିର କାଳ !

---

୧୫ । ନପୁଣ—କାଳେ; ଶର—ସ୍ଥାୟୀ; ନିୟନ୍ତ୍ରୀ—ପରିଚାଳକ; ଖିଳ—ସମସ୍ତ ।

୧୬ । ତଅପୋଇ—କୁହୁକୁହୁଣୀ କଥାର ସାଧବ ଝିଅ; ତରୁଣ ସ୍ୱପନର ଅମରାବତୀ—ଯୁବକଗଣ ଯାହାକୁ ସ୍ୱର୍ଗ ବୋଲି କଳ୍ପନା କରେ; ତୋୟଦା—ଜଳଦାନକାରିଣୀ; ଫଳଦା—ଫଳଦାନକାରିଣୀ ( ସୁଜଳା ସୁଫଳା ); ବୀରଧରିତ୍ରୀ—ବୀର ଭୂମି ।

୧୭ । ଥେଣ୍ଟ—ଦୁର୍ବୃତ୍ତ; ଥୟ କରିବା—କେଉଁଠି ଅଛି ଖୋଜି ବାହାର କରିବା; କୁଞ୍ଚିକା—ଚାବି ।

—୧୮—

ଦକ୍ଷିଣ ସ୍ୱାଧୀନତା ହ୍ରାସ ମୋହନ
ହୀନତା-ଦୋଷ-ହୀନ ଚେତା ଅପଘନ
ଦକ୍ଷଅନ୍ତୀରେ ଅଗଣିତ ବୋଇତ
ଦୂର ଦେଲା ଅଗତ ସାଧବବ୍ରାତ ।

—୧୯—

ଧର୍ମମଣ୍ଡନା ଧନ କୁବେର-ବାଳୀ
ଧରି କମଳକରେ ସୁବର୍ଣ୍ଣ ଥାଳି
ଧୀରେ ଅଗତା ପଶ୍ୱ ନେବେ ବଢାଇ
ଧବ, ସୁତ, ମାତୁଳ, ଜନକ ଆଇ ।

—୨୦—

ନରେଶ ଖାରବେଳ ବାହିନୀ ବାହୁଁ
ନାଶେ କଳିଙ୍ଗ ଦର୍ପ କର ପକାଇ
'ନାଶ ମଗଧ କହ୍ନ' କରଇ ନୃତ୍ୟ
ନୃମୁଣ୍ଡମାଳୀ କାଳୀ ମାତାଙ୍କ ବତ ।

---

୧୮ । ଅପଘନ—ଶରୀର; ବ୍ରାତ—ସମୂହ ।

୧୯ । ଧନକୁବେର—ସାଧବ ।

୨୦ । କଳିଙ୍ଗ ଦର୍ପ—କଳିଙ୍ଗର ଗର୍ବର ବସ୍ତୁ, ନୃମୁଣ୍ଡମାଳୀ—ନରମୁଣ୍ଡ-ମାଳିନୀ ।

— ୬୧ —

ପତଙ୍ଗି-କଳକୂଜେ ମଧୁରତର
ପ୍ରାଚୀ ପୁଳିନେ ଉଠେ ବେଦଝଙ୍କାର
ପୁଳିନ-ଉତ୍ତାରଣୀ ତାପସମାଳା
ପୁଣ୍ୟ ଝଙ୍କେ ଝଙ୍କ ଦଶନ୍ତି ଭୋଳା ।

— ୬୨ —

ଫଳାଇବାକୁ ପ୍ରତଫଳ-ବ୍ରତତୀ
ଫଳକେ ଗଭପତ ମଣ୍ଡ ଭକତ
ଫୁତ୍କାର ଭାଙ୍ଗିଲ ଧ୍ୟାନେ ଗମନ
ଫଣ ଅନ୍ତ ଫଣୀ ଧାଏଁ ସେବନ ।

— ୬୩ —

ବାରଣ ଶିଳ୍ପୀ ଚନ୍ଦ୍ରଭାଗା-ସୈକତେ
ବଳ ହୋଇ ଧୂଅଁନ୍ତେ କଣ୍ଠ ବକତେ
ବାଣ୍ଟାଏ ବଣ୍ଟୁ ନାହିଁ ତନୁଜ ଭନୁ
ବାରଣ ଭାଇ ବଳ ତୁଣ୍ଡିଟି ସୂନୁ ।

---

୬୧ । ପତଙ୍ଗୀ—ପକ୍ଷୀ; କଳକୂଜ—କାକଳି; ପ୍ରାଚୀ—ପୂର୍ବ ଜଗ୍ଧର ନଦୀ, ଏ ନଦୀ କୂଳରେ ବହୁତ ଋଷି ଆଶ୍ରମ ଥିଲା; ପୁଳିନ—କୂଳ; ତାପସ—ଋଷି ।

୬୨ । ପ୍ରତଫଳ ବ୍ରତତୀ—ପ୍ରତଫଳ ରୂପକ ଲତା; ଫଳାଇବାକୁ...... ଭକତ—ଭକ୍ତମାନଙ୍କର ପ୍ରତଫଳ ଦେବା ପାଇଁ; ଗଭପତ—ପୁରୁଷୋତ୍ତମ ଦେବ; ଫୁତ୍କାର—ଫଣାରେ କ୍ରୋଧ ପ୍ରକଟିତ କରି; ଫଣଅନ୍ତ—ଫଣୀ-ଯେଉଁ ସାପର ଫଣାରେ ପାଦ୍ଭାବ ଜାତଛି ।

୬୩ । ସୈକତେ—ବାଲିରେ; ତନୁଜ—ପୁଅ; ବାରଣ ଭାଇ ବଳ...... ସୂନୁ—ବାରଣ ଭାଇରେ ଦାୟ ନା ପୁଅ ମୁଣ୍ଡରେ ଦାୟ ପ୍ରବଚନ; ତୁଣ୍ଡ—ଦେହ; ସୂନୁ—ପୁଅ; ବାହ—ଧାଡ଼ ( Flank )

—୨୪—

ଭୀମ କାନ୍ତ ନେବ ଯା ଦେଖିଲ ଅଜ୍ଞ
ଭାଗ୍ୟସିନ୍ଧୁ ତୋର ଥିଲେ ସରଜ୍ଞ
ଭାଙ୍ଗି ପଡ଼ିବ ତାହା ବାହୁଙ୍କ ବାନ୍ଧ
ଭାଗିଲେ ବରଷି-କର ଥିଲ ଟି ଲହ୍ଦ

—୨୫—

ମାଆ ଯେ ଶୋଣିତରେ ମୋ ପିତୃଜନେ
ମହାଚଣ୍ଡୀ ପିପାସା ତୋଷିଲେ ରଣେ
ମୋ ଶିରତନ୍ତୁରେ ତା ତୃପ୍ତି ଲୁଚାଇ
ମହା ପ୍ରବଳ ବେଗରେ ଅଛି ଧାମଇ ।

—୨୬—

ଜନମଦାତ୍ରୀ ଧାତ୍ରୀ ଜନମଭୂଇଁ
ଜଡ଼ତାପହାରିଣୀ ପଦ ତୋ ଛୁଇଁ
ଜଗତେ ସାକ୍ଷୀ ରଖି କଲି ଶପଥ
ଜୀବନ ସେବାରେ ତୋ ଯିବ ନିଯୁକ୍ତ

---

୨୫ । ଶୋଣିତ—ରକ୍ତ; ପିତୃଜନେ—ପୂର୍ବ ପୁରୁଷମାନେ; ମହାଚଣ୍ଡୀ—ପୃଥିବୀ ରୂପିଣୀ ଚଣ୍ଡୀ ଦେବୀ; ପିପାସା—ଶୋଷ; ଶିର ତନ୍ତୁରେ—ସୂକ୍ଷ୍ମ ସୂକ୍ଷ୍ମ ଶିରରେ, ଶିରା ପ୍ରଶିରାରେ; ତୃପ୍ତି—ଉଦ୍ଦାମ, ଧାମଇ—ଧାଉଁଛି ।

୨୬ । ଜନମଦାତ୍ରୀ—ଜନ୍ମଭୂମି; ଧାତ୍ରୀ—ପାଳନ କର୍ତ୍ତ୍ରୀ; ଜୀବତ—ଜୀବନ ।

—୨୭—

ଉଚ୍ଛନ୍ତା ଉଚ୍ଛଳ ମୋ ତୋ କଳେବର
ଝରନ୍ତି ତହୁଁ ଏବେ ଶତଧାପୂର
ଧରାରୁ ଧରାଭୂଷା ! ଦେଖି ଲସଇ
ସିଞ୍ଚଇ ଜଳଙ୍କ ସେ ତୋ ମୁଖ ଗ୍ଲାନି ।

—୨୮—

ସ୍ନେହ-ତଟିନୀ ମୁଁ ନେବି ବୁହାଇ
ଲୀଳାରେ ଦୁଃଖୀ ଲୋକୁ ଦେବି ଡୁବାଇ
ଲଳିତ-ଭେଳା-ଦୋଳା ଦୋଳିଁ ମା ! ତୋର
ଲକ୍ଷେ କମଳା ଅଛି ନୋହିବେ ଦୂର ॥

—୨୯—

ବିରାଟ-କଳ୍ପନାର ମରୁତ ପୁଣି
ବୁଲିବ ବିହାୟସେ ଖୀର-ମେଦିନୀ !
ବିରାଟ ସ୍ୱପ୍ନ ପୁଣି ବର୍ଣ୍ଣେ, ପଥରେ,
ବିରଚିବେ ତୋ ପୁତ୍ରେ କୁଶଳ କରେ ।

---

୨୭ । ଝର — ସ୍ରୋତ; ଧରା — ପୃଥିବୀ; ଧରାଭୂଷା — ପୃଥିବୀର ଅଳଙ୍କାର; ଲସଇ — ଶୋଭାଇ ।

୨୮ । ତଟିନୀ — ନଦୀ; ଲୀଳାରେ — ଖେଳାରେ, ବିନା ଆୟାସରେ; ଲଳିତ — ସୁକୁମାର ।

୨୯ । ମରୁତ — ପବନ; ବିହାୟସେ — ଆକାଶରେ; ବିରାଟ ସ୍ୱପ୍ନ ପୁଣି ବର୍ଣ୍ଣେ ପଥରେ — ଅକ୍ଷରରେ ଓ ପଥର ଦେହରେ ସ୍ୱପ୍ନ ଅର୍ଥାତ୍ କଳ୍ପନାକୁ ରୂପ ଦେବେ ଅର୍ଥାତ୍ କାବ୍ୟ ଓ ସ୍ଥାପତ୍ୟ ରଚନା କରିବେ; କୁଶଳ — ଦକ୍ଷ ।

—୩୦—

ଶ୍ୟାମଳ ଛାୟା ଲୁଣ୍ଠିବେ ତୋ କେଦାରେ
ଶ୍ୟାମଳ ବାସ ମଞ୍ଜୁ ପିନ୍ଧିବେ ଶରେ
ଶ୍ୟାମାଙ୍ଗୀମାନେ ତୋହର ହେର ମାଧୁରୀ
ଶୀର୍ଣ୍ଣ ହେବ ଉମା ଶୋକତପ୍ତିମାଣିର ।

—୩୧—

ଷୋଡ଼ଶ ଉପଷ୍ଟରେ କାମନା ପଦ
ଷଣ୍ଢାଙ୍କେ ପୂଜା ପାଇଁ ଥିବ ସମ୍ପଦ
ଷୋଡ଼ଶୀ ସୁତା ତୋହର କଣେହେଁ କେହୁ
ଶୀର୍ଣ୍ଣ ନ ଥିବେ ହାଇ ଭୁଭୁକ୍ଷା ଯନ୍ତ୍ର ।

—୩୨—

ସିଂହଳ ଦୋ ବେଳା ତୋ ପଥଘାଟେ
ସାଧବ ଡୋଲାହଲେ ସୈନ୍ୟକୁହାଟେ
ସପନ ସ୍ୱଚ୍ଛ ହେବ ହେବେ ମୁଖର,
ସୁଜଳା ସୁଫଳା ମା ! ସୁଦନ ତୋର

---

୩୦ । କେଦାର — କ୍ଷେତ୍ର; ମଞ୍ଜୁ — ମଞ୍ଜୁଳ; ବାସ — ବସନ; ଲୁଣ୍ଠ୍ୟ
ହେର — ଦେଖି ।

୩୧ । ଷୋଡ଼ଶୀ...ଯନ୍ତ୍ର — ଅର୍ଥାତ୍ ଏ ଦେଶରେ ଆଉ ଦୁର୍ଭିକ୍ଷର ତାଡ଼ନାରେ ଯୁବତୀମାନଙ୍କ ରୂପଶ୍ରୀ ନଷ୍ଟ ହେବ ନାହିଁ, ଷୋଡ଼ଶ.....ସମ୍ପଦ — ଧନୀବଣିକର ପୂଜା ଉପକରଣ ପାଇଁ ଏମାନଙ୍କ ଶରୀର ଉପଯୁକ୍ତ ପୁଷ୍ଟି ସଞ୍ଚିତ ହୋଇଥିବ ।

୩୨ । ସିଂହଳ — ବାଲି ଦ୍ୱୀପ; ବେଳା — ସମୁଦ୍ରକୂଳ; ସାଧବ — ବଣିକ ।

—୬୩—

ହବି, ପୟ, ତଣ୍ଡୁଳ, ସ୍ୱର୍ଣ୍ଣଚମ୍ପକ
ହେଳାରେ ବିତରଣ ସହଲ୍ଲୀଷକ
ହରିପ୍ରିୟା ଚରଣେ ଅସ୍ତୁ ଫେର
ହରଷେ ଭାଗ୍ୟବଧୂ ନେଉ ମା ! ବର ।

—୬୪—

କ୍ଷଉଣୀ-ମଥାମଣି ଜନନୀ ମୋର
କ୍ଷେମଦେ ! ବାଞ୍ଛନ୍ତେ ତୋ ଦାଅ ଏ ବର
କ୍ଷିତରେ ସନମାନ ଦେଖନ୍ତୁ ତୋର
କ୍ଷରୁଥିବ ନୟନୁଁ ଆନନ୍ଦ ନୀର ।

୧୯୩୦

---

୬୩ । ହବି — ଘିଅ, ପୟ — କ୍ଷୀର; ତଣ୍ଡୁଳ — ଚାଉଳ; ଚମ୍ପକ — କଦଳୀ; ହଲ୍ଲୀଷକ — ସ୍ତ୍ରୀ ପୁରୁଷଙ୍କର ମଣ୍ଡଳାକାର ନାଚ, ହରିପ୍ରିୟା — ଲକ୍ଷ୍ମୀ ଭାଗ୍ୟବଧୂ — ଭାଗ୍ୟ ରୂପ ବଧୂ, ସୌଭାଗ୍ୟ ।

୬୪ । କ୍ଷଉଣୀ — ପୃଥିବୀ; କ୍ଷେମ — ମଙ୍ଗଳ; କ୍ଷିତ — ପୃଥିବୀ; ଦେଖନ୍ତୁ — ଦେଖି; କ୍ଷରୁଥିବ — ଝରୁଥିବ, ନୀର — ପାଣି, ଲୁହ ।

—୬୨—

# ପ୍ରଭାତ

(ରାଗ—ଶଙ୍କରାଭରଣ)

କାହିଁ ଅଛୁ ପ୍ରାଣପ୍ରିୟା ତାହିଁ ଅଛୁ ମୁହିଁ ॥
ପ୍ରଭାତ ପବନ ! ଶୁଣି ଡାକ କହୁଲଇଁ
ମନ୍ଦେ ବହୁଥିବ ସେ ଦେଶେ
ଝୁଲାଇ ଗଣ୍ଡ ତାର କୋମଳ ପରଶେ ।୧।

ଅଯତ୍ନ ସୁନ୍ଦର ତାର ଅଳକ ଅବଳି
ମନ୍ଦେ ନାଚିବାର ବେଳେ ଦୋହଲି ଦୋହଲି
ମୋର ପ୍ରତିନିଧି ହେବ
ନୟନ ପୂରାଇ ସେଠୁ ଶୋଭା ନିରେଖିବ ।୨।

ଭରସା ଈର୍ଷିଲ ଭୃଙ୍ଗ ପକ୍ଷେ ରେ ବିହଙ୍ଗେ !
ଯଦଶ୍ଚିଁ ଦେଖେ ସେ ହେଲେ ପରି ଉଡ଼ିଯାଅ ରଙ୍ଗେ,
ବାଲି ଯିବ କରେ ଚଳି
କର୍ଣ୍ଣେ ଶୁଣାଇବ ତାର ପ୍ରଭାତୀ କାକଳି ? ।୩।

---

୧ । ମନ୍ଦେ — ଧୀରେ ଧୀରେ; ଗଣ୍ଡ — ଗାଲ ।

୨ । ଅଯତ୍ନ ସୁନ୍ଦର — କୌଣସି ପ୍ରକାର ଯତ୍ନ କଥା ନ ହୋଇ ସୁଦ୍ଧା ମନୋହର, ଅଳକ — ଚୂନ ଚୂନିଆ ବାଳ, ଅବଳି — ସମୂହ ।

୩ । ଈର୍ଷିଲ — ଭୃଙ୍ଗମାନଙ୍କ ଡେଣା ଦେଖି ସେମାନଙ୍କର ଈର୍ଷା ହୁଏ, ରଙ୍ଗେ — କୌତୁକରେ; ପ୍ରଭାତ — ସକାଳର, କାକଳି — (ପକ୍ଷୀମାନଙ୍କ) ରବ ।

ଯାମିନୀର ଶେଷ ଯାମେ ମୋରେ ସେ ସପନେ
ଦେଖି ଆହା ଅଶ୍ରୁ ଝରିଥିବ କେଉଁକୋଣେ !!
ତାହା ଶୁଖାନ୍ତେ ପବନ
କାକଳରେ ହେବ ଗାଢ଼ ସୁସୁପ୍ତି ଭଗନ । ୪ ।

ନାସାରୁ ପ୍ରସରିବ ତା ମଳୟ ସୁବାସ
ଗନ୍ଧବହ ! ଅଣିବ ତା ବନ୍ଧୁ ମୋହ ପାଶ
ତାହା କୁନ୍ତଳ-ନୀଳମା
ପକ୍ଷେ ବହି ଆଣିବ ଗୋ ବିହଙ୍ଗିନୀ ଶ୍ୟାମା ! । ୫ ।

ଭୁଲିତାର ଗାଢ଼ ମସୀ, ଲକ୍ଷା ଚରଣର
ଉରଜ-କନକ-କାନ୍ତି, ଭୀତ ନୟନର
ଆଣିବ ବିହଙ୍ଗବାର !
ଅସହନ୍ତ ଶୋଭିବଟି ଗଳାମାଳା ମୋର । ୬ ।

ତା ଶୋଭା-ବାର-ଅଣାଯୀ ମୋ ଜୀବ-ସ୍ମାରକ
ହେଲା କଲେ ହେବ ସବେ ମୋ ଜୀବଘାତକ
ବନ୍ଧୁପଣେ ମୋରେ କିଣି
କୃତଜ୍ଞତା-ଜୋଉତରେ ମୁଁ ଶୁଝିବଇଁ ଋଣ । ୭ ।

୧୯୩୨

୪ । ଯାମିନୀ – ରାତ୍ରି, ଯାମ – ପ୍ରହର, ସୁସୁପ୍ତି – ନିଦ ।

୫ । ନାସାରୁ······ସୁବାସ – ତା ନିଃଶ୍ୱାସ ପବନ ବସନ୍ତ ପବନ ପରି ସୁବାସିତ; ପ୍ରସରିବ – ବହିବ, ଗନ୍ଧବହ – ପବନ, କୁନ୍ତଳ – କେଶ, ନୀଳମା – ଘନ କୃଷ୍ଣବର୍ଣ୍ଣ, ବିହଙ୍ଗିନୀ – ପକ୍ଷିଣୀ, ଶ୍ୟାମା – କୃଷ୍ଣବର୍ଣ୍ଣ ।

୬ । ଗାଢ଼ମସୀ – ନିପଟ୍ଟ କଳାବର୍ଣ୍ଣ; ଲକ୍ଷା – ଅଳତା, କନକକାନ୍ତି – ସୁନାବର୍ଣ୍ଣ; ଭୀତ – ଡେରକ, ବିହଙ୍ଗମ – ପକ୍ଷୀ; ବାର – ସମୂହ ।

—୩୨—

# ପଠାଣି ସାମନ୍ତ

( ସ୍ୱର କଳହଂସ କେଦାର )

ପଠାଣି ସାମନ୍ତ ହେ ! ଶହେ ବରଷ
ଗଲଣି ବନ୍ଧୁ ଆଜ ଉତ୍କଳ ଦେଶ
ତୁମ୍ଭ ସମାନ ଜଣେ ପାଇ ପୁଅକୁ
ଗରବେ ଫୁଲଇଲା ନାହିଁ ତ ବୁକୁ । ୧ ।

ଗୌରବ-ଗିରି-ଚୂଡ଼ା ସବୁ ଉଦୟ
ହୋଇ ଅଳ୍ପେକ ଦେଶ ଭଜିଲ ଲୟ;
ଶ୍ମଶାନେ ଜନମିଲ ତୁଳସୀ ସବୁ
ପ୍ରତିଷ୍ଠା ସଉରଭେ ଧରଣୀ ଜବୁ । ୨ ।

ଯାବତ ଗୌରବର ସୂତିକାଗାର
ହୋଇ ଶ୍ମଶାନ ପୁଣି ହେବାକୁ ତାର
ଉତ୍କଳ ଭାଲ ପାଇଁ ପଶ୍ଚ ଦରଥି
ଦାରୁଣ ଭାଗ୍ୟଲିପି ଅଙ୍କଇ ବଢ଼ ! । ୩ ।

---

ପଠାଣି ସାମନ୍ତ—ସାମନ୍ତ ଚନ୍ଦ୍ରଶେଖରଙ୍କ ଡାକ ନାଆଁ ।

୨ । ଗିରି ଚୂଡ଼ା—ପର୍ବତ ଶିଖର; ଭଜିଲ ଲୟ—ଅନ୍ତର୍ଦ୍ଧାନ ହେଲ; ସଉରଭ—ସୌରଭ—ସୁଗନ୍ଧ ।

୩ । ସୂତିକାଗାର—ଏତୁଡ଼ିଶାଳ, ଜନ୍ମସ୍ଥାନ; ଭାଲ—କପାଳ—ଲଲାଟ; ଦରଥି—ବ୍ୟଥା; ଦାରୁଣ—କର୍କଶ; ଭାଗ୍ୟଲିପି—ଲଲାଟ ଲେଖନ ।

ମାଣିକ୍ୟ ଯାଏ ଯବ ତଣ୍ଡୁଳ ହାଣ୍ଡି
ପିଟନ୍ତି ତାକୁ ଗୋଟିହାଣ୍ଡୀ ନଠାଇ;
ତଥା ପ୍ରତିଭା ତୁମ୍ଭ ଭଳିଁ ଏ ଦେଶେ
ପଶିଲ ଗୁରୁ-ଅବହେଳା-ଗରସେ । ୪ ।

ପ୍ରତିଭା-ରବି ପ୍ରଭା ଶୋଭା ବର୍ଦ୍ଧଦ
ଅଭାବ ନ ସାଧିଲ ଅହା କି ବାଦ !
ବାଦୀ ନୋହିଲେ କେତେ ଶତ ଦୁର୍ଜନ
ତଥାପି ଗୁଣ ରହିଲ କି ଗୋପନ ? । ୫ ।

ଧୂମ ପଟଳ ତଳେ ଅନଳ ଶିଖା
ଲୁଚିବା ଚିରକାଳ ଅଛି କି ଦେଖା ?
ବାଦଲ ଆବରଣେ ଭାସ୍କର-କର
ଲୁପ୍ତ ହେଲଣି କେବେ ଅନ୍ଧାର ଥିର ? । ୬ ।

ମରୀଚିମାଳୀ ସମ ତୁମ୍ଭ ପ୍ରତିଭା
ଛିନ୍ନ ତମ ପଟଳ ସର୍ଜ୍ଜିଲ ଦିବା,
“ସିଦ୍ଧାନ୍ତ ଦରପଣେ” ମୁଖ ଉଜ୍ଜ୍ୱଳ
କରେଣି ଦରବାରୀ ହେଲ ଉତ୍କଳ । ୭ ।

---

୪ । ମାଣିକ୍ୟ...ନଠାଇ—“ହାଣ୍ଡି ଯାଇରେ ମାଣିକ ପଡ଼ିଲେ ଗୋଟି ହାଣ୍ଡି ଭେଳ ବାଡ଼ାନ୍ତି”—ପ୍ରବଚନ; ଗରସେ—ଗ୍ରାସେ—କବଳରେ ।

୬ । ଥିର—ଚିରସ୍ଥାୟୀ ।

୭ । ମରୀଚିମାଳୀ—ସୂର୍ଯ୍ୟ; ସର୍ଜ୍ଜିଲ ଦିବା—ଉତ୍କଳର ଅଜ୍ଞାନ ଅନ୍ଧକାରକୁ ଦୂର କରି ଉତ୍କଳକୁ ଜ୍ଞାନ ଆଲୋକ ପ୍ରଦାନ କଲ । ସିଦ୍ଧାନ୍ତ ଦର୍ପଣ—ସାମନ୍ତ ଚନ୍ଦ୍ରଶେଖରଙ୍କ ଅମର ଗ୍ରନ୍ଥ; “ସିଦ୍ଧାନ୍ତ ଦର୍ପଣ ହେବ ନାହିଁ ଲୟ । ନର ଦେହେ ଥିବ ଯାବତ ହୃଦୟ ।”
ରାଧାନାଥ ।

ଭାରତ-କଣ୍ଠିକା ନାମେ କେତନ
ଧରିରେ ଉଡ଼ାଇଲ ତୁମ୍ଭେ ନୂତନ,
ମନୀଷା-ଦରବାରେ ବସିବା ପାଇଁ
ଏ ଦେଶେ ଅଛି ତୁମ୍ଭ ସରସା କାହିଁ ? । ୮ ।

୧୯୩୬

—୩—

# ଅଭାଜନର ନିମନ୍ତ୍ରଣ

( ଗୋପୀଭାଷା ବୃତ୍ତରେ )

ପଦ ପକାଇ କୁଟୀରେ ମୋହର
ପଦ୍ମ ଫୁଟାଅ ତହିଁ ଶ୍ରମାବର । ୧ ।

ତୁମ୍ଭ ଅଙ୍ଗଲତା ହୋଇ ଦାମିନୀ
ଝଟକାଉ ମୋ ଅଙ୍ଗନ-ଅବନୀ । ୨ ।

କଣ୍ଠ ବାକେଣୀ ବୀଣାରେ ମୂର୍ଚ୍ଛନା
ଟେକି ସମ୍ଭାଷଣ କରୁ ରଚନା । ୩ ।

ଓଠେ ହାସ-ତାମରସ ଫୁଟାଇ
ଧନପତି ଭୂତ ଦିଅ ଲୁଟାଇ । ୪ ।

---

୮ । ଭାରତ କଣ୍ଠିକା — ଭାରତୀ ଗଳିକା (ଉତ୍କଳ ଭୂମି) ମନୀଷା ଦରବାରେ— ମନୀଷୀମାନଙ୍କ ସଭାରେ; ସରସା—ସମାନ ।

୨ । ଅଙ୍ଗଲତା—ଶରୀର; ଦାମିନୀ—ବିଜୁଳି; ଅଙ୍ଗନଅବନୀ— ଅଗଣାର ଭୂଇଁ ।

୩ । ସମ୍ଭାଷଣ — କଥାବାର୍ତ୍ତା;

୪ । ତାମରସ — ପଦ୍ମ; ଧନପତି ଭୂତ — କୁବେରର ସଂପତ୍ତି ।

ତୁମ୍ଭ ଦୋସ୍ତର ହେବା ଶଙ୍କରି
ଛତ୍ରପତି ହେବାରେ ନାହିଁ ଲବ । ୫ ।

ସିଂହାସନ ବିନିମୟେ ସଙ୍ଗତି
ତୁମ୍ଭ ଚରଣାନ୍ତେ ଅନେକ ଭୂପତି । ୬ ।

ଅନୁକମ୍ପା ସେଣୁ ଅଭାଜନରେ
ତେଣୁ ସାହସ ବାନ୍ଧି ମୁଁ ମନରେ । ୭ ।

ଜଗବାକୁ ମୋ କୁଟୀର ଆଲୋକେ
ଭୀତ ବରକ ପ୍ରୀତିବାଣୀ ଡାକେ । ୮ ।

୧୯୪୪

୫ । ଦୋସ୍ତର—ସ୍ୱବର; ଛତ୍ରପତି—ରାଜା ।
୬ । ବିନିମୟେ — ବଦଳରେ ।
୭ । ଅନୁକମ୍ପା — ଦୟା; ଅଭାଜନ — ଅଯୋଗ୍ୟ

# କୁନ୍ତଳା କୁମାରୀ

( ୧ )

ରାଗ—ଟଣାଭଭାଟମାଗଧୀ

( ଶ୍ରୀରାଧା ବାତୁଳୀ ପ୍ରେମରହୁ ତୁଳ କୁଞ୍ଜରେ )

“ଉତ୍କଳ ଭାରତୀ” ! ଶାରଦ ପ୍ରକୃତି ସାଜିଛି ସମ୍ଭାର ତୁମ୍ଭ ପାଇଁ
କାଶ ଫୁଲ ହାସେ ସୁସ୍ମିର ଉଲ୍ଲାସ ଭାବେ, ଅବନର ଦସ୍ୟୁବନ୍ଧୁ
ବୀଣା ଧରି କରେ
ବରଷି କବିତା ସୁଧାଧାରେ
ପ୍ରେରଣାର ବୀଜ ବୁଣି ଭଗ୍ନହୃଦରେ ଜଗାଇ ଉତ୍କଳ ବସୁଧାରେ ।୧।
ଗୀର୍ବାଣ ସଂଗୀତ ତାନ ଝଙ୍କରଣି ବିପଞ୍ଚୀ ତୁମ୍ଭର ବାଣୀସ୍ୱରେ !
ଅମରାବତୀର ବାରତା ଦେବାକୁ ଓହ୍ଲାଇ ଆସ ଗୋ ଏ ମରତେ
“ଅଞ୍ଜଳି” ରେ ଯାହା
ପାଇଁ ଖୋଜୁଥିଲୁ ନାଟକେ ରହି
ସନ୍ଧାନ ତାହାର ଦେଉଛୁଁ ସକଳେ ତୁଅ ଦସ୍ୟୁବନ୍ତ ! ଅମ୍ଭ ସାହା !

---

ଗୋଟିଏ ଶ୍ରାଦ୍ଧ ଉତ୍ସବର ପ୍ରାରମ୍ଭ ଗୀତିକା ।

୧ । “ଉତ୍କଳ ଭାରତୀ”—କୁନ୍ତଳାକୁମାରୀଙ୍କ ଉପାଧି; ଶାରଦ—ଶରତ୍‌କାଳର; କାଶ ଫୁଲ ହାସେ···ଉଲ୍ଲାସ—ଶରତକାଳରେ କାଶ ତଣ୍ଡୀ ଫୁଲ ଫୁଟେ ଯାହା ଅବା ତାହା ଶରତ୍ ପ୍ରକୃତିର ଆନନ୍ଦ ସୂଚକ ହାସ; ସୁଧାଧାର—ଅମୃତର ଧାର ।

୨ । ଗୀର୍ବାଣ—ଦେବତା; ବିପଞ୍ଚୀ—ବୀଣା, ଅମରାବତୀ—ସ୍ୱର୍ଗପୁର 'ଅଞ୍ଜଳି'—କବିଙ୍କର ବହୁଗୀତିକା ପୂର୍ଣ୍ଣ କବିତା ପୁସ୍ତକ; ଅଞ୍ଜଳିରେ··· ରହି”—ଅଞ୍ଜଳି ପୁସ୍ତିକାରେ କବି ତାଙ୍କ ଜନ୍ମବର୍ଷିକା ଉତ୍ସବର ରହି ବା ବାଟ ଅନ୍ୱେଷଣ କରିଥିଲେ ଏବେ ତାହା ପାଇଛନ୍ତି ଏହାହିଁ ଅର୍ଥ ।

"ପ୍ରେମ ଚିନ୍ତାମଣି"-ଲୀଳା ସ୍ଥଳୀ ଶୁଣି ନୟନ ଗୋଚରେ ଥିବ ହୋଇ
ମଣିଏ ଅପୂର୍ଣ୍ଣତା ପୂର୍ଣ୍ଣତମେ ଦେଖି ଉତ୍କଳୀଙ୍କର ଆଉ ଥିବ ନାହିଁ;
ସେହି ପୂର୍ଣ୍ଣତମ
ନବ ଆଦର୍ଶର ସୀ ଚରମ
ଉତ୍କଳ-ପବନେ ସ୍ଫୁରିତ ହୋଇବ ସେ ଗାନେ ଗାଅ ତା
ନମୋନମଃ । ୩ ।

୧୯୪୯

—୪୦—

## ଝୁଲଣା ଝୁମାରି

( ଧୀରେ ରାଧା କର ଧର ବୃକ୍ଷରେ )

ତ୍ରିଦିବରୁ ସତେ ଆଜି ଅବତରି ଥିଲ କି
କରେ ଧରି ପରିଚିତ ଉନ୍ମାଦିନୀ ବଲ୍ଲକୀ
ଦେବୀ ଗୋ !
ଉତ୍କଳ ଭୂଇଁ ନେତ୍ରେ ଦେଖି ଗଲ କି
ଶେଷ ଥର ଦେଖା ଦେଲୁ ଦଶା ତାର ଭଲ କି ? । ୧ ।

---

୩ । ପ୍ରେମ ଚିନ୍ତାମଣି ଲୀଳାସ୍ଥଳୀ...ହୋଇ—ପ୍ରେମ ଚିନ୍ତାମଣି କବିଙ୍କର ରାଧାକୃଷ୍ଣ ଲୀଳାମୂଳକ ଉତ୍କୃଷ୍ଟ ପୁସ୍ତକ । ଏଠାରେ ରାଧାକୃଷ୍ଣଙ୍କ ଲୀଳାସ୍ଥଳୀ କଣ ଦେଖିଥିବେ ବୋଲି ବର୍ଣ୍ଣନା କରି ଯାଉଛନ୍ତି; ପୂର୍ଣ୍ଣତମ—ପୂର୍ଣ୍ଣବ୍ରହ୍ମ ଶ୍ରୀକୃଷ୍ଣ; ଚରମ—ଶେଷ ସୀମା ।

୧ । ତ୍ରିଦିବ—ସ୍ୱର୍ଗ; ବଲ୍ଲକୀ ବୀଣା ।

ଉର୍ବରତାରେ ଯେଉଁ ବୀଜ କରିଥିଲ ବପନ
ଅଙ୍କୁରିଛି କି ତା ନାହିଁ କରିଥିବ ଲୋକନ
ଦେବି ଗୋ !
ଉତ୍ପ୍ରୋଧେ କିଛି ନ କରଣି ଗୋପନ
କହୁଥାଅ ସତ ସତେ ହେବ ତୁମ୍ଭ ସପନ ? । ୨ ।

ନଇରାଶ୍ୟ ଘୋଟିଅଛି ଦେଖୁଥିବ ନୟନେ
ବାଧାର କଣ୍ଟକ ପୁଣି ଜଳତର ଅୟନେ
ଦେବି ଗୋ !
ଉପାସ୍ତ ସ୍ୱାଧୀନତା-ଫଳ-ଚୟନେ
ଦିଶୁଥିଲେ ଉଠନ୍ତା କି କାଳ ବୃଥା ଶୟନେ ? । ୩ ।

ପ୍ରୋଜ୍ଜ୍ୱଳ ହୋଇବ ଦୃଷ୍ଟି ଦେଇ ପାଅ ଅଞ୍ଜନ
ସ୍ଫୁଲିଙ୍ଗ ଖଞ୍ଜାଇ ଯାଅ ହୋଇ ବୈରି ଗଞ୍ଜନ
ଦେବି ଗୋ !
କଳଙ୍କ-ଗିରି-ଚୂଡ଼ା ଅଗ୍ନେ ଭଞ୍ଜିତ
ଚରଣ କରିବୁଁ ମାତୃଭୂମି ମନୋରଞ୍ଜନ । ୪ ।

୧୯୪୧

---

୨ । କରିଥିଲ ବପନ—ବୁଣିଥିଲ; କରିଥିବ ଲୋକନ—ଦେଖିଥିବ ।
୩ । ଅୟନ—ବାଟ
୪ । ପ୍ରୋଜ୍ଜ୍ୱଳ—ଅତି ପରିଷ୍କାର; ସ୍ଫୁଲିଙ୍ଗ—ନିଆଁ ଝୁଲ; ଚୂଡ଼ା—ଶିଖର; ବୈରିଗଞ୍ଜନ—ଶତ୍ରୁମର୍ଦ୍ଦନ ।

—୪୧—

# ଗୋପ ପାଶେରୁ ମିନତି

ରାଗିଣୀ—ବସ୍ତ୍ରସିଂହ ଚଉତିଶା ବାଣୀ

( 'ମଥୁରା ମଙ୍ଗଳ'ର, ଗୋପିକା ବଚନ ଶୁଣି
ଉଦ୍ଧବ କହନ୍ତି ବାଣୀ—ବୃତ୍ତରେ )

ଶରଦ-ଗଙ୍ଗଶିଭଳୀ—    ସୁକୁମାରୀ ମୁହିଁ ବୋଲି
କହୁଅଛ କହୁବାର ସଖୀ !
ବିଚ୍ଛେଦ-ତପନ-କର    ହୋଇଲା ଅତି ପ୍ରଖର
ସପନେ ନ ଦିଅ ଏବେ ଦେଖା ହେ
ପ୍ରିୟତମ !
ଦିନ ରାତି ହେଉଛି ଅସର
ଖାଏ ଜଳ ଅନ୍ତର ଟି ମୋର ହେ । ୧ ।

ଘଟିଥିଲା ଦୁର୍ଘଟନ,    ବଞ୍ଚାଇଥିଲ ଜୀବନ
ସରସୀର ବାହରୁ ଉଧାର
ଭାଷିଥିଲେ ବାପା ବୋଉ    ମିଳୀ ଏ ଗୋପର ହେଉ
ଗୋପ ବାନ୍ଧି ଯାଇଥାନ୍ତା ସବୁ ହେ
ପ୍ରିୟତମ !
ସେହୁ ଦିନୁଁ ହେଲି ଗଳାହାର
ଫୋଲଅଣୀ ହେଲି ମୁଁ ତୁମ୍ଭର ହେ । ୨ ।

---

୧ । ତପନକର—ସୂର୍ଯ୍ୟ କିରଣ; ପ୍ରଖର—ତୀକ୍ଷ୍ଣ; ଅସର — ଅସରନ୍ତି ।

କରୁଥିଲି ମୁହିଁ ମନା ବାରବି ମୋତେ ଯାଅ ନା
ଏଠି କଣ ଯାଉ ହେବ ନାହିଁ ?
ଯାଠ ନା ହେବାରୁ ହେଲ ତୁମ୍ଭ ମୋହ ଯୋଗ ଥାଇ
ତଥା ମୋର ଢଳକୁ ପଢ଼ାଇ ହେ
ପ୍ରିୟତମ !
ଦୂରେ ଯାଇଁ ରହିଲ ଜାବାସ୍ତ
ମିଳାନ୍ତେ ଢଳାଇ ହୁତାଶ ହେ ।୩।

ଅହା ମୋ କପାଳ ବାମ ଶୁଣୁଛୁ ଯୁବତୀଙ୍କ ନାମ
ଲେଖାଇଛ ହିଁବ ଭୁର ଦେଶ,
ପାରେଁ କି ବନ୍ଧୁ ମୁଁ ଜାଣି ଥାଉଁ ଥାଉଁ ତୁମ୍ଭ ମିଳା
ଛାଡ଼ି କାହିଁ ଭଜିଲ ଜାବଣ ? ହେ
ପ୍ରିୟତମ !
ମିଳା-କଥା ଥିଲ ତୁମ୍ଭ ବେଦ
ମେଳରେ କେ ସବଙ୍କ ଭେଦ ହେ ।୪।

ଜଲେ ମୁଁ ବୀଣା ବାଦନ ହୋଇଣ ତନ୍ମୟ ମନ
ଚାଏପିତୁଲାର ସବ ରଙ୍କ
ଗୀତ ମୋ ଶୁଣିବା ପାଇଁ ତୁଅ ଯେ ତେତେ ବନୋଇ
କହୁଣି ଗୀତେ ମୋ ତାଳ ଲକ୍ଷ ହେ
ପ୍ରିୟତମ !
ଲହୁଣୀ ଭଅଁଳ ସ୍ଫୁଟ ବନ୍ଧୁ
ନାଶି-ଖେଦ ପାରିବ କି ସନ୍ଧ୍ୟା ହେ ? ।୫।

---

୩ । ହୁତାଶ—ବହ୍ନି ।
୪ । ବେଦ—ବେଦପର ଅଲଂଘ୍ୟ ।
୫ । ବନୋଇ ତୁଅ—ବନ୍ଧୁ ହୋଇ ଜଣ୍ଣ; ଖେଦ—ଦୁଃଖ ।

ତୋଷଙ୍କୁ ଡମ୍ଫା ଲଣ୍ଠା ବାଜିଲେ ଖାଁ ରଙ୍ଗ୍ ! ତୁମ୍ଭମାନେ ଭୋଗିଲ
ଅନ୍ତରେ କୁମ୍ଭର ଭାଣେ ମୁନ୍ଧି
କାନ୍ତ୍ରବଗା ଭଲୁ ସବୁ ରହିବ ଅବଗା ମାଙ୍କ
କଏ ବୁଝି ଦେଇଛି ବତାଇ ? ହେ
ପ୍ରିୟତମ !
ମିନା-ହ୍ରଦ-କୁମୁଦକୁ ଦଳି
ଦୂର ପଥେ ଯିବ ସତେ ଭଲି ହେ !! । ୬ ।

ନିଜ ସୁଦ ଭଙ୍ଗ ଦେଇ ମୋ ଜନମ ଦନ ପ ରି
ଅଣିଥିଲ ତିକଟଣ ଉପହାର !!
କଣିଆ ପୁଅଙ୍କୁ କହୁ ବୁଲୁଚରେ ଥିଲ ଲୋକଙ୍କୁ
"ମିନାରାଣୀ ପାଇଁ ଏ ଅମର ହେ
ପ୍ରିୟତମ !
ପଞ୍ଜାବୀଟିର ତା ଦେଲ ଲଗାଇ
ଭଣ୍ଡି "ଟୋଡ ମିନାରାଣୀ ପାଇଁ" ହେ । ୭ ।

ହେଲ ଦନ ବନସ୍ତୁ ଭର କହିଲ "ମିନା ସୁନ୍ଦର !
ଗଜଷ୍ଟି ହାତିରଙ୍କ ଗୁନ୍ଥି ହାତେ
ଅଣିଚ ଲଗୁଇ ଭର ନ ଦେଖେ ଏକଷ୍ଟ ସେଯାଣ
ଗଳାରେ ଦେନ ତା ଖୁଟିମ୍ଭି ଦେ !" ହେ
ପ୍ରିୟତମ !
ଏକାନ୍ତେ ଡିକାଇ ଦେଇଁ ହାର
ଗଟଣ୍ଟ ଗଣ୍ଡ ଚୁମିଲ ଝି ମୋର । ୮ ।

---

୬ । ମୋ ଜନମ ଦନ ଭାଙ୍ଗିଲେ—ଟମ୍ଫାଟେଦ ହିଜଏ ମାଷ ଆଞ୍ଜ ଲଗିଲେ, ବନ୍ତ୍ର ବଗା – ବନ୍ଦର ପଡିଥିବା ।
୮ । ଶୁଭସିଦ୍ଧା—ଝଙ୍କ ହାସିକା ।

ନେହୁଁ ଟାଇଫଏଡ଼ ଜର          ହୋଇ ତୁମ୍ଭେ ହତାଶର
ସେବିଲୁ କୋଡ଼ିଏ ରାତି ମୋତେ
ହାଇଁ ଲାଂଖୁମ୍ପଦା ସବୁ          ଢାଳିଛ କୋଟିକ ତୁମ୍ଭେ
ସମ୍ଭାଳିଛ ଆହା କି ଆଦରେ ହେ
ପ୍ରିୟତମ
ଶେଷ ପାଖେ କିଏ ରାତି ଜାଗି
କହଣେ ତୁଅନ୍ତା ମୋର ଭାଗୀ ହେ ? । ୯ ।

ସେ ଘନ ଝଡ଼ ତୋଫାନ          ବାଟେ ଭାଙ୍ଗିଗଲା ଯାନ
ସଙ୍କଟେ ପଡ଼ିଲି ଭୀତ ଭଜା
ଦେବତା ଅଶିଷ ସବୁ          କାହୁଁ ଫଳୁଁ ଅସି ଜବୁ
ସକଳ ଆଶଙ୍କା ଦେଲ ଭାଙ୍ଗି ହେ
ପ୍ରିୟତମ !
ହୋଇ ମିତ୍ରା-ଅଭୟ-କବଚ
ମିତ୍ରା ମନେ ଭୀତ କମ୍ପା ରଚ ହେ ? । ୧୦ ।

ମୋ ମୁକୁଳା ବେଣୀ ଦେଖି          ମନେ ସଖା ! ହୁଅ ସୁଖୀ
କହ "ବାଦଲରେ ଚାନ୍ଦ ସବୁ
ଢାଙ୍କି ଦେ ତୁ ମୁଖ ତୋର          ଅଟେ ଏଥି ମିତ୍ରା ମୋର !
ଶୋଭା ଜଳେ ବୁଡ଼ୁ ମୋର ଆଖି" ହେ
ପ୍ରିୟତମ !
ମୁକୁଳାଇ ବେଣୀ କାହା ପାଇଁ
ଯିବ ବାତାୟନ ପାଖେ ଧାଇଁ ହେ ? । ୧୧ ।

---

୧୦ । ଅଭୟ କବଚ—ଅଭୟ ଦେବା ପାଇଁ ସାଞ୍ଜୁ, ଭୀତ ଭଜ—ଭୟ ଜାତ କର ।
୧୧ । ବାତାୟନ—ଝରକା ।

ଯାଦଟେ ନାହିଁ ଅନ୍ଧତା          କହ କେତେ ସୁନ୍ଦର ତା !!
ଲଟେ ତନ୍ଦ୍ରା ନା ଲଗାଏ ମୁହିଁ
ପ୍ରଶଂସ ଅଞ୍ଜନ-ଗାର          ଲଜ୍ଜେ ନେବୁଁ ଛଡ଼େ ଦୂର
ଭାଷ ପୁଣ ଭୂଷଣ ନ ନାଇ ରେ
ପ୍ରିୟତମା !
ସବୁଠୁ ମନୋଜ୍ଞ ଦିଶୁ ତୋରେ ।[୨]
ଲାଜ-ସବତେ ମୁଁ ହାସି ମରେଁ ହେ । ୧୨ ।

ସାଜିବାକୁ ଫୁଲରାଣୀ          କେତେ ହେ ବନଯୁବାଣୀ
ପଦ୍ମତଳେ ଦିଅ ତୋର ତାଲ
କହ ହେ କେତେ ବନୋଇ          ଅଟେ ଠିଅ ହେବା ପାଇଁ
କହ ବନ୍ଧୁ ! କେତେ ଏବା ଭଲ ହେ
ପ୍ରିୟତମ !
ଲୋଡ଼କ ରହିବ କେବେ ମୋର ?
ଘୁଞ୍ଚ କେବେ କରିବ ପଥର ହେ । ୧୩ ।

ପାରଇ ମୁଁ ନାହିଁ କଲ          କେସନେ ଅଛ ସମ୍ଭାଳି
ତୁମ୍ଭର ଉଜ୍ଜ୍ୱଳ ଶ୍ରୀତସିନ୍ଧୁ
ଅନା ଭ୍ରାନ୍ତ ସମାସ୍ର          ବାଜୁଛି କାନେ ମୋହର
ସତ କି ତା କହ ପ୍ରାଣବନ୍ଧୁ ! ହେ
ପ୍ରିୟତମ !
ମିଳାଇ ଭୂଷଣେ ଫିଙ୍ଗି ଦେଇ
ଦୂର ପଥେ ଯିବ ସତେ ବାହ୍ମ ହେ । ୧୪ ।

---

୫୨ । ମନୋଜ୍ଞ—ସୁନ୍ଦର ।

ଉପନାପଡ଼ ହେବ ଯହିଁ ସଲଜ୍ଜତା ସାଜି ତହିଁ
ମିନା କି ପାରିବ ନାହିଁ ରହି ?
ତା ଲାଲ୍ ଓଠ ଛାରେଖି ହେବ ସବୁମନ୍ତ୍ରେ ସୁଖୀ
ବାହୁକୁ ଦେବ ସେ ବଳ ତହିଁ ହେ
ପ୍ରିୟତମ !
ନାସି ନୁହେ ବିଳାସ ସମ୍ଭାର
ସିଂଥ ତାର କନକ ହାରର । ୧୫ ।

ସାହସ ମୋର ଦେଖିଛ ମୋତେ କିପାଁ ମୁରୁଛୁଛ
ଏତା କିପାଁ ଯିବ ହେ ବାହାର ?
ଘନେ ଯଥା ସୌଦାମିନୀ "ଗୋପେ" ତଥା ହେବ "ମିନା"
ଅନୁଭବ ଶକତ ତାହାର ରହ
ପ୍ରିୟତମ !
ଅରଜୁନ ଭଦ୍ରା ସବ ବେଶ
ଅଟେଲ୍ଲିବା କଳଙ୍କ ଅବଶ । ୧୬ ।

ଗଭାରୁ ଦେଲୁ ସୁମନ ତୁମ୍ଭଙ୍କୁ ମୋହିବ ସଣ,
ଅସିବ ବାହାର ଛିଟି ପାଇ
ଅଲଂଘ୍ୟ ମିନାର ସ୍ରଣ ଏ ଭରସା ରଖି ମନ,
ଲେଖିଲି ପତର ତୁମ୍ଭ ଠାଇଁ ହେ
ପ୍ରିୟତମ !
ନ ପାରଇ ବିଚ୍ଛେଦ ମୁଁ ସହି
ଶଙ୍କା ନୀତେ ଅନ୍ତର ମଣ୍ଟାଇ । ୧୭ ।

---

୧୫ । ବିଳାସ ସମ୍ଭାର—ମଉଜ ମଜଲିସର ସାମଗ୍ରୀ; ସିଁଥି—ମୁକୁଟ ଭୂଷ ।
୧୬ । ଭଦ୍ରା—ସୁଭଦ୍ରା ।

କହୁଥିଲ ହନେ ମୋତେ          "ବରଜକୁ ଯାଉଁ ତୋରେ"
କି ଦୋଷେ ବରଜ ଗଲ ଦୂରେ ?
କି ଦୋଷେ ଯାଅ ସମରେ          ନ ପଡ଼େ ଟିକି ମନରେ
ଲୁହ ସବୁତେ ସେ ଢୁବି ମରେ ହେ
ପ୍ରିୟତମ !
ଆଖି ଲୁହେ ଆଖିର କଜଳ
ଗୋଳାଇ ଲିହୁଛୁ ଲିପିମାଳ । ୧୮ ।

୧୯୪୫

—୪୨—

# ଉତ୍କଳମଣି ଗୋପବନ୍ଧୁ

( ରାଗ—ଶଙ୍କରାଭରଣ )

ଉତ୍କଳର ପୁରପଲ୍ଲୀ ପ୍ଲାବି କ୍ରନ୍ଦନରେ
ଦୀନବନ୍ଧୁ ଗୋପବନ୍ଧୁ ! ଅମର ଧାମରେ
ଅହା ରହିଲ କିପରି କେ
ଉତ୍କଳର ଭାଗ୍ୟ ଡୋର ଦେଇ କାହା ହସ୍ତେ ? ।୧।

---

୮ । ଲିପିମାଳ—ଅକ୍ଷର ସମୂହ ।

୧ । ପୁରପଲ୍ଲୀ—ସହର ଓ ଗାଁ ।ଆ ଗଣ୍ଡା; ପ୍ଲାବି—ଭସେଇ ବୁଡ଼େଇ;
ଅମର ଧାମରେ—ସ୍ୱର୍ଗରେ ।

ଆସିଲେ ବରଷା କାଳଭୁଜଙ୍ଗୀ ସମାନ
ଫେଣ ଫଣା ଟେକି ଗରଜିବେ ନଦୀମାନ
ବନ୍ୟା-ଗରଳ ଉଦ୍‌ଗାରି,
ଜନମାର ସୁଖ ଘରୁଁ ଗୁରୁଁ ଦେବେ ସାରି ।୨।

ସର୍ବହରାଗଣ ଯେବେ ଆଜି ହାହାକାରେ
ମରଣ କବଳେ ପଡ଼ି ଡାକିବେ କାତରେ
ବିଦାରଣ ଅନମ୍ବର
ପାଣି ପାଟି ହେବ ଲୁହ ଅନ୍ତର କାହାର ? ।୩।

ତୁମ୍ଭେ ତ ଅନ୍ତର ହେଲ ବୁଭୁକ୍ଷୁର ମୁଖ
କାହା ହାତୁଁ ଆଶା ଆଜ କରବ ଟି ଟୋକ ?
ଢୋକ ପାଣି କିଏ ଦେଇ
ସର୍ବହରା ଉତ୍କଳୀଙ୍କୁ ରଖିବ ବଞ୍ଚାଇ ? ।୪।

ଉତ୍କଳର ଦୁଃଖ ବ୍ୟାଧି ନାଶକ ଭିଷକ
ଉତ୍କଳେ ସ୍ୱରାଜ-ମନ୍ତ୍ର ଆଦ୍ୟ ଉଚ୍ଚାରକ
ଅହେ ଉତ୍କଳରାକେନ୍ଦୁ !
ପ୍ରୟୋଜନ ଅଛି ତୁମ୍ଭ ଆସ ଗୋପବନ୍ଧୁ ! ।୫।

---

୨ । ଭୁଜଙ୍ଗୀ—ସର୍ପିଣୀ ।
୩ । ମରଣ କବଳେ—ମରଣ ମୁଁହରେ; ଅନମ୍ବର—ଆକାଶ ।
୪ । ବୁଭୁକ୍ଷୁ—ଭୋକିଲା ଲୋକ
୫ । ବ୍ୟାଧି—ରୋଗ; ଭିଷକ—ବୈଦ୍ୟ; ରାକେନ୍ଦୁ—( ରାକା + ଇନ୍ଦୁ ) ପୂର୍ଣ୍ଣିମାର ପୂର୍ଣ୍ଣଚନ୍ଦ୍ର ।

ଭେଦେ ସଡ଼ି ମରୁଅଛୁଁ ଅନ୍ଧ ହୋଇ ସ୍ୱାର୍ଥେ
ଶିଖିଅଛୁଁ ଅର୍ଥ ପୂଜା ଭୁଲି ପରମାର୍ଥେ
ପଶୁଁ ନୀଚତା ଗହ୍ୱରେ
ସତ ମାର୍ଗ ତେଜି ଭ୍ରମୁଁ ଅସତ ରାହାରେ । ୬ ।

ଜୀବନସ୍ରୋତ ଏ ଦେଶେ ହୋଇଛି ପଙ୍କିଳ
ଦୁର୍ଲ୍ଲଭ ହେଲାଣି ସଚ୍ଛନ୍ଦ ଅନାବିଳ
ନତ ହେଲାଣି ଆଦର୍ଶ
ସମାଜେ ସଂଚରିବାରୁ ଭୌତିକତା ବିଷ । ୭ ।

ଜନମନନାୟକ ହେ ! ଆସ ଅବତରି
ଆଉ ଥରେ ଭର ଭରି ଏହୁ ବସୁନ୍ଧରୀ
ତୁମ୍ଭ ଆଦର୍ଶର ସ୍ତରେ
ତୁମ୍ଭ ପ୍ରିୟତମ ଦେଶେ ଠେକ ଆଉ ବାଟର । ୮ ।

ପାଞ୍ଚଜନ୍ୟ ଶଙ୍ଖ ସମ ଘୋଟୁ ତୁମ୍ଭ ବାଣୀ
ଉଛୁଳେ ଜୀବନ-ସ୍ରୋତ ବହୁ ହେ ଉଜାଣି
ତୁମ୍ଭ ହାତଗଢ଼ା ଭୂଇଁ
ଧନ୍ୟ ହେଉ ଆଉ ବାଟେ ପଦ ତୁମ୍ଭ ଛୁଇଁ । ୯ ।

୧୯୩୬

୬ । ଭେଦ—ଦଳାଦଳି, ରାହା—ବାଟ ।

୭ । ଅନାବିଳ—ନିର୍ମଳ; ଭୌତିକତା—ଜଡ଼ବାଦ ।

—୪୩—

# ପିଲଙ୍କ ଉତ୍କଳମଣି

ତୁମ୍ଭ ପରି ପୁଅ ପାଇ ଏ ଓଡ଼ିଆ ଦେଶ
ଧନ୍ୟ ହେଲା ଜାଣୁଁ ଅମ୍ଭେ ଗୋପବନ୍ଧୁ ଦାଶ ! ।୧ ।

ଏ ଦେଶର ଦୁଃଖ ଦେଖି ଢାଳୁଥିଲ ଲୁହ
ଭୋକୀ ଭୋକେ ହୃଦେ ତୁମ୍ଭ ଉଠୁଥିଲା କୋହ । ୨ ।

ଦୁର୍ଭିକ୍ଷ ପଡ଼ିଲେ ତୁମ୍ଭେ ମାଅବାପ ସରି
ଅନ୍ନ ବାଣ୍ଟି ଦେଇଯାଇ ଆସୁଥିଲ ଘୁରି । ୩ ।

ବୁଢ଼ା ଗୁଜୁଳକୁ ଧରି ହେଲେ ହିଁଡ଼ି ବଢ଼ି
ଖାଲି ଗୋଟିଏ ଅମଡ଼ା ତ ଯାଉଥିଲ ମାଡ଼ି । ୪ ।

ଦୁଃଖୀରଙ୍କୀଙ୍କର ଯେଣୁ ଥିଲ ତୁମ୍ଭେ ବଳ
ଝୁରନ୍ତି ତୁମ୍ଭଙ୍କୁ ଭରି ଆଖି ଛଳ ଛଳ । ୫ ।

ଏ ଦେଶ ଲୋକଙ୍କ ମନୁ ଛଡ଼ାଇଲ ଭୟ
କହୁଥିଲ ଧରିଲେ ଦମ୍ଭ ହୁଏ ନିଶ୍ଚେ ଜୟ ! ।୬ ।

ଦେଢ଼କୋଟି ଓଡ଼ିଆଙ୍କ ଦୁଃଖର ସଙ୍ଗାତି !
ଝେଡ଼େ ବେଗେ ଦେହ ଛାଡ଼ି ଗଲ ଆହା ଭୁଲି । ୭ ।

ଧନ୍ୟ ସେ ସୁଆଣ୍ଡ ଗାଁ ଯାହା ମାଟି ଧୂଳି
ଖେଳି ଖେଳି ପିଲାଦିନେ ହୋଇଥିଲ ବୋଲି । ୮ ।

୮ । ସୁଆଣ୍ଡ—ପୁରୀ ଜିଲ୍ଲାର ସୁଆଣ୍ଡ ଶାସନ, ଗୋପବନ୍ଧୁଙ୍କ ଜନ୍ମସ୍ଥାନ ।

ଧନ୍ୟ ସତ୍ୟବାଦୀର ସେ କୁହଅଣା ବନ
ଭସ୍ମି ସ୍ୱର୍ଣ୍ଣ ରତ୍ନ ଯହିଁ ଯାପିଲ ଜୀବନ । ୯ ।

ଯାହା କଥା ଭବିଥିଲ ସତତ ଜୀବିକା
ଅମ୍ଭେମାନେ ସେହି ଦେଶ ବାଳକବାଳିକା । ୧୦ ।

ପ୍ରଣତି ଅମ୍ଭର ଯେତେ ନମ୍ଭୁଁ ତୁ ପଦ୍ମରେ
ସୁକଲ୍ୟାଣ କରୁଥାଅ ଥାଇ ସ୍ୱର୍ଗପୁରେ । ୧୧ ।

୧୯୩୯

## ମୋ ଟେକ ମଉଳି

ରାଗ ଅନନ୍ଦ ଭୈରବୀ—ଏକତାଳି

( ମୋତେ ଲଗାନା ରେ ବ୍ରଜ ବଧୂ ଲଟ୍ଟ—ବୃନ୍ଦରେ )

ନଇଁ ପଡ଼ନା ରେ ମୋ ଟେକ ମଉଳି !
ପରପଲ୍ଲି-ମୁଣ୍ଡୁଁ ଶୁଣି ମା-ନନ୍ଦା-ଅବଳି । ଘୋଷା ।
କମଳା-ଲୀଳା-ଅଙ୍ଗନ ଶସ୍ୟ-ଶ୍ୟାମ ଅପଘନ
ଯାହାର ତା ସନ୍ତତ କି ବନ୍ଧୁ ଭଷା ଥାଳି । ୧ ।

---

୯ । ଯାପିଲ—କାଟିଲ ।
୧୦ । ଜୀବିକା—ଜୀବନର ଭରସା ।
୧୧ । ପ୍ରଣତି—ନମସ୍କାର; ପଦ୍ମରେ—ପାଦତଳେ ।

୦ । ଟେକ—ଉଚ୍ଚ; ମଉଳି—ମଥା, ପରପଲ୍ଲୀ—ଶତ୍ରୁ; ଅବଳି—ସମୂହ ।
୧ । କମଳା—ଲକ୍ଷ୍ମୀ; ଲୀଳାଅଙ୍ଗନ—କ୍ରୀଡ଼ା କରିବାର ପ୍ରାଙ୍ଗଣ, ଶସ୍ୟ ଶ୍ୟାମ—କ୍ଷେତରେ ଶାଗୁଆ; ଅପଘନ—ଦେହ ।

ସାଧବେ ଯେଣୁ ବୋଇତ ଲଙ୍ଘିଣ ସିନ୍ଧୁ ସପତ
ଚଢ଼ିଲେ ଯାଉ ଅତୀତ ତା ପାଇଁ କି ଭଲ ? । ୨ ।
ସୁତେଇ ଯାହାର ରଜସ୍ୱୀ ସୁତାଏ ମହାମାନସ୍ୱୀ
ସୁନା ରେଣୁ ନୋହୁବ କି ତା ଭୂଇଁର ବାଲି । ୩ ।
ସତୁଷ୍ଟ ତା ଦୁଃଖ ମାଘ ନାହିଁ ମଳାଗତ ଅଘ
ବରଷ ସୁଖ-ମାଧବ-ମାସ ଅଗି ଜାଳି । ୪ ।
ପ୍ରାଚୀ-କକୁଭ-ରଞ୍ଜନ ନବଯୁଗ-ଉଷାରୁଣ
ଉଦିତ ପରି ପାଟଳ ବଇଭବ ଢାଳି । ୫ ।
ଧ୍ୟାନ ବିଭୂନ ଭୂଷିତ ପାଣି ମୋ କୋରକୀକୃତ
ବହୁ କର ମାଆ-ପଦ୍ମପାଦେ ନଉଛଳି । ୬ ।

୧୯୩୪

---

୨ । ବୋଇତ—ଜାହାଜ; ସିନ୍ଧୁ ସପତ—ସାତ ସମୁଦ୍ର ।

୩ । ରଜସ୍ୱୀ—ତେଜ ଭରିଥିବାଲୋକ; ମହାମାନସ୍ୱୀ—ଶକ୍ତିମନ୍ତ; ସୁନାରେଣୁ—ସୁନା ଗୁଣ୍ଡି ।

୪ । ଦୁଃଖ ମାଘ—ଦୁଃଖରୂପ ମାଘମାସ; ମଳାଗତ—ହାଡ଼ ମାଉଁସରେ ମିଶିଥିବା; ଅଘ—ପାପ [ ଯଥା :—ଆଳସ୍ୟ, ଭେଦଭାବ ଓ ପରଶ୍ରୀକାତରତା ଆଦି ] ସୁଖ-ମାଧବ-ମାସ—ସୁଖ ରୂପ ମାଧବ ଅର୍ଥାତ (ମଧୁ+ଅ)—ବସନ୍ତ କାଳ; ଅଗି ଜାଳି—ମାଘ ପୂର୍ଣ୍ଣିମା-ଦିନ ଅଗି ଜଳା ଯାଏ ଓ ବସନ୍ତର ଆବାହନ କରାଯାଏ ।

୫ । ପ୍ରାଚୀ—ପୂର୍ବ; କକୁଭ—ଦିଗ; ରଞ୍ଜନ—ମଣ୍ଡୁଥିବା; ନବଯୁଗ ଉଷାରୁଣ—ନୂଆ ଯୁଗ ରୂପ ପ୍ରାତଃକାଳର ସୂର୍ଯ୍ୟ; ପାଟଳ ବଇଭବ—ରକ୍ତବର୍ଣ୍ଣ ବା ଲାଲିମା ରୂପ ସମ୍ପଦ ।

୬ । ପାଣି—ହାତ, କୋରକୀକୃତ—କୋରକ ଅର୍ଥାତ ଫୁଲ କଢ଼ ପରି କରି ହୋଇଥିବା ଅର୍ଥାତ ପ୍ରଣାମ କରିବା ପାଇଁ ଯୋଡ଼ ହୋଇଥିବା; ବହୁ—(କପାଳରେ) ଲଗାଇ; ନଉଛଳି—ବନ୍ଦନା ।

—୪୫—

# ପ୍ରେତକାଭିଷେକ

( ରାଗ—ଚେଙ୍ଗି )

ଜନମି ମର ସଂସାରେ     ଯୌବନ ରୂପ ସମ୍ଭାରେ
ମଣ୍ଡନ୍ତି ଏ ଚାରୁ ଧରା ଯେତେକ ରୂପସୀ
ତା ଭିତରୁଁ ନ ଥିଲା କେହି     କୋମଳାଙ୍ଗୀ ଅୟି ଧନ୍ୟା !
ଦୁର୍ଲ୍ଲଭ ତୋ ଶୋଭା ଗଲା ମାଟିରେ ମିଶି
ଆହା କେତେ ବେଗେ ମୋ ଧନ !
ମୋ ଦେଖନ୍ତେ ଝଡ଼ିଲା ତୋ ଜୀବନ-ସୁମ । ୧ ।
ଭସ୍ମମଧ୍ୟ ଶୋଭା ତୋର     ବଡ଼ ବିଜନତା ଘୋର
ଶମଶାନ-ମାଟି ସହ ହେଲେ ସଙ୍ଗତ
ଜନତା ଗଲେ ସେ ପଥେ     ପାଦରେ ଅତରକିତେ
ଦଳିବ ମୋଦରେ ହସି ସେ ମୋ ସମ୍ପତ୍ତି
ବନ୍ଧୁଆ ରେ ! ଜଣେକ ଆଖି,
ଏ ନାରଖାର କେବଳ ନ ପାରେ ଦେଖି । ୨ ।

---

ଇଂରାଜ କବି ଲର୍ଡ଼ ବାଇରନଙ୍କ "ଏଲେଜି ଅନ୍ ଥାର୍ଯ୍ଯା" Elegy on thyrza କବିତାର ଓଡ଼ିଆ ସଂସ୍କରଣ ।

୧ । ସମ୍ଭାର—ସମ୍ପଦ; ଚାରୁ—ସୁନ୍ଦର; ରୂପସୀ—ସୁନ୍ଦରୀ; ଧନ୍ୟା—ପ୍ରଶଂସନୀୟା; ମୋ ଦେଖନ୍ତେ—ମୁଁ ଦେଖୁଥାଉଁ; ମୋ ଆଗରେ ସୁମ—ଫୁଲ ।

୨ । ଭସ୍ମମଧ୍ୟ—ପାଉଁଶରେ ପରିଣତ ହୋଇ ଯାଇଥିବା; ବିଜନତା—ନିର୍ଜନତା; ଜନତା—ଲୋକେ; ଅତରକିତେ—ଅତର୍କିତେ—ଅଜାଣତରେ; ମୋଦରେ—ଆନନ୍ଦରେ; ସେ ମୋ ସମ୍ପତ୍ତି—ତୋ ମର ଦେହର ପାଉଁଶ; ବନ୍ଧୁଆ—ପ୍ରେମିକାର ମଧୁର ସମ୍ବୋଧନ ।

ତୋ ରୂପ-ବଲ୍ଲରୀ ଯହିଁ ବିଜୁଳି ସମ ମିଳାଇ
ଗଲା, ଧନ ! ନ ଖୁଜିଁବି ସେ ଶମଶାନ
ଯହିଁରେ ଫୁଟୁ ଗୋଲାପ ଉଠୁ ବା ଘାସ ଅମାପ
ମୋ କାମ୍ୟ ନ ଦେଖିବ ତା ଏ ମୋ ନୟନ
ଜାଣିଲି ମୁଁ ପ୍ରୀତରେ ଭୁଲି
ପ୍ରୀତବତୀ-ପରିଣତି ଧରାର ଧୂଳି । ୩ ।

କି ହେବ ସ୍ମୃତି ଫଳକ ଜଣାଇବ ତା ଏତେକ
ଧୂଆଁ ମୁଠାଇବା ସମ ପ୍ରୀତି ବେଭାର
ଶେଷ ଯାଏଁ କେଣ ଜନ କଲାଇଁ ପ୍ରୀତି ପାଳନ
ମରଣ ଦାରୁଣୀ କଲା ଏ ଉପକାର
ପ୍ରୀତକୁ ଯା କରେ ଭଙ୍ଗୁର
ତା ଠାରୁଁ ରକ୍ଷିଲା ତୋତେ କରିଣ ଦୂର । ୪ ।

---

୩ । ବଲ୍ଲରୀ—ଲତା; ଅମାପ—ଅପରିମିତ; କାମ୍ୟ—ଇଚ୍ଛା, କାମନା; ଭୁଲି—ଠକ ହୋଇ; ପ୍ରୀତ···ଧୂଳି—ପ୍ରେମିକାର ଶରୀର ମାଟିର ଧୂଳି ହୁଏ ।

୪ । ସ୍ମୃତି ଫଳକ—ସ୍ମରଣର ଚିହ୍ନ; ଭଙ୍ଗୁର—ଭାଙ୍ଗିଯିବାର; ତା ଠାରୁଁ—ତା'ଠାରୁ ।

ନାହିଁ ଜାତିଶଙ୍କା ଆଉ    ନାହିଁ ପ୍ରତିଦ୍ୱନ୍ଦ-ଦାଉ
ନାହିଁ ଦୋଷ ଦେଖି ପର କହିବା ଡର,
ଶଙ୍କାରୁ ଦେଇ ମୁକତି    ଚଳିଲୁ ଶମନ କତି
ଥାଉଁ ଥାଉଁ ଷୋଳଅଣା ହୋଇ ମୋହର
"ତୁ ମୋହର ମୁହିଁ ତୋହର"
ଅନ୍ତକ ଅଙ୍କିଲା ଏ ଚୂଡ଼ାନ୍ତ 'ମୋହର' ! ୫ ।

ଜୀବନର ମଞ୍ଜୁଛବି    କାଳିଁ ଏକବି ଭୋଗ
ରିକ୍ତ ପାଦ ଏକା ଏବେ ବସିଲି ଖେଳ
ସୁଖ-ସୁଧାକର-କର    ଦୁଃଖ-ଅମାବସ୍ୟା-ଅନ୍ଧାର
ପରଶିବେ ନାହିଁ ତୋରେ ଆଉ ଏ ବେଳ
ସ୍ୱପ୍ନହୀନ ସେ ତୋ ଶୟନେ
ଖୋଲନ୍ତେ ନ ଆସେ ଲୁହ ପଶି ନୟନେ ! । ୬ ।

---

୫ । ପ୍ରେମିକାର ଜାତି, ପ୍ରତିଦ୍ୱନ୍ଦ୍ୱୀଙ୍କ ଚକ୍ରାନ୍ତ ଓ ପ୍ରେମିକା ନିକଟରେ ଦୋଷୀ ହେବା, ଏ ସବୁ ପ୍ରୀତିକୁ ଭଙ୍ଗୁର କରେ ବା ଭାଙ୍ଗି ଦିଏ । କିନ୍ତୁ ଏ ସବୁରୁ କୌଣସିଟି ଘଟିବା ଆଗରୁ ପ୍ରେମିକାର ମୃତ୍ୟୁ ହୋଇଛି—ଏଣୁ କବିଙ୍କ ସନ୍ତୋଷ । ଶମନ—ଯମ; ଅନ୍ତକ—ଯମ; ଅଙ୍କିଲା ଏ ଚୂଡ଼ାନ୍ତ ମୋହର—ଏହା ମୋହରରେ ଲେଖି ଛାପ ମାରିଦେଲା ଏବଂ ଏ ଛାପ ବଦଳି ପାରିବ ନାହିଁ ।

୬ । ରିକ୍ତ—ଖାଲି; ସୁଧାକର—ଚନ୍ଦ୍ର; କର—କିରଣ; ସ୍ୱପ୍ନହୀନ ସେ ତୋ ଶୟନେ—ତୋର ମୃତ୍ୟୁରେ; ମୃତ୍ୟୁ ମହାନିଦ୍ରା ତହିଁରେ ସ୍ୱପ୍ନ ନାହିଁ ବୋଲି ପାଶ୍ଚାତ୍ୟ କବିଙ୍କ ବିଶ୍ୱାସ ।

ଢାଳନ୍ତି ଲୁହ କପାଁଳି ? ପାରି ତ ନ ଥାନ୍ତି ସହି
ଧନ୍ୟ ଦିନ ଢଳ ଢଳ ତୋ କାନ୍ତିଚୟ
ଯିବାର ମୁକର ଯଦି ଯିବାର ଭଲ ସପଦି
ରେ ଅକ୍ଷତକାନ୍ତିମତି ! ତୋହ ପରିଚୟ;
ସୁଷମାରେ ଯେହ୍ନୁ ଅତୁଳ
ଅଗ ଶିନା ଧୂଳ ଶେଷ ବରେ ସେ ଫୁଲ । ୭ ।

ପରୁଷ କର କାହାର ନ ଲାଗୁଁ ଅଙ୍ଗେ ତାହାର
ଖସେ ବୃନ୍ତୁଁ, କାନ୍ଦଇ ତା ପାଇଁ ଦରଦୀ;
ଅସମ୍ଭାଳ ହୁଅନ୍ତି ଶୋକ ବୃନ୍ତେ କାଠୁଁ କାଠୁଁ ଫୋକ
ଦଳ ପରେ ଦଳ ହାରି ଝଡ଼ନ୍ତି ଯଦି !!
ସୁଷମାର କେଉଁ ସେନେହୀ
ପଳ ପଳ କ୍ଷୟ ତାର ପାରଇ ସହି ? । ୮ ।

---

୭ । ଢଳଢଳ·······ଚୟ—ଟିକିଏ ଟିକିଏ ହୋଇ ତୋର ରୂପ କ୍ଷୟ ହୋଇଥିଲେ ତା ମୋର ସୁଦ୍ଧା ଯାଇ ନ ଥାନ୍ତା; ମୁକର—ନିଶ୍ଚିତ, ସ୍ଥିର; ସପଦି—ଶୀଘ୍ର; ଗର ବଦାୟ ନେବା ଯଦି ସ୍ଥିର ତାହାହେଲେ ହଠାତ୍ ଚାଲିଗିବା ଭଲ । ଅକ୍ଷତକାନ୍ତିମତୀ—ଯାହାର ରୂପ କାନ୍ତି ଆଦୌ ହ୍ରାସ ହୋଇନାହିଁ; ସୁଷମା—ସୌନ୍ଦର୍ଯ୍ୟ ।

୮ । ପରୁଷ—ନିର୍ଦ୍ଦୟ; ବୃନ୍ତ—ଡେମ୍ଫ; ଦରଦୀ—ସ୍ନେହୀ, ପ୍ରେମିକ; ଦଳ—ପାଖୁଡ଼ା; ପଳପଳ କ୍ଷୟ—କ୍ରମିକ ବିନାଶ ।

ତୋ ରୂପ ଶଶୀ ପାଣ୍ଡୁର         ହେବା ଏ ନୟନ ମୋର
ପାଉଥାନ୍ତା ଦେଖି କି ରେ ପ୍ରାଣଦୋସର ?
ଅନ୍ତିମ ଦିନର ଛବି         ଗାଢ଼ତର ଅଙ୍ଗମସୀ
କରି ଦଉଥିଲା ପରା ନେଇଁ ଆସାର,
ତୋ ଜୀବନ-ବହ୍ନାମ୍ବରେ
କଳା ବଉଦ ତ ଥିଲା ନାହିଁ ଲେଶରେ । ୯ ।

ରୂପର ମଶାଲ ଧରି         ମରଣ ସାଏଁ ରେ ଚୋରି !
ଜଳିଥିଲୁ ତୋହ୍ମ କ୍ଷୀଣ ତଳ ମାଝାରେ,
କାଳ ହୋଇ ପ୍ରଭଞ୍ଜନ         ନିର୍ବାପ କଲା ବହ୍ନନ
ହିଁଚିନେଲୁ ଦୁଇ ଗୁଣ ଶେଷ ସାଝାରେ,
ନଥିଁ ଖସି ତାରା-ସୁନ୍ଦରୀ
ଚରମ ଅଭ୍ରଦରେ ତମେ ହାଁସିଲି ସରି । ୧୦ ।

ନୟନୁ କ୍ଷେତକ ଡାକି         ଅନାଦେ କାନ୍ଦଲୁ ଭଲ
ଧନ ରେ ! ଶକତ ଯଦି ଥାନ୍ତା ମୋହର
ତୋ ଅନ୍ତିମ ଶେଯ ଠାଇଁ         ଉଜାଗରେ ବସି ନାହିଁ
ଢାଳିଲେ ଆସନ୍ତା ହିଁର ଅଶ୍ରୁ-ଆସାର;
ନ ଦେଖିଲି ନୟନ ଭରି
ତୋ ଲପନ-ଟୋଲ୍ଲପର ଶେଷ-ମାଧୁରୀ । ୧୧ ।

---

୯ । ଶଶୀ—ଚନ୍ଦ୍ର; ପାଣ୍ଡୁର—ଧଳାଇଁଆ; ପ୍ରାଣଦୋସର—ଜୀବନବନ୍ଧୁ; ମସୀ—କଳାବର୍ଣ୍ଣ; ଆସାର-ବରଷାର ଅସରା; ବହ୍ନାମ୍ବର—ଆକାଶ ।

୧୦ । ତଳମାଝାରେ—ଟିକିଏ ଢେଲେ; ପ୍ରଭଞ୍ଜନ—ପବନ; ନିର୍ବାପ କଲା—ନିଭେଇ ଦେଲା; ଶେଷସାଝା—ସଂସାରକୁ ଖେଷ ବଦାୟ ନେବାବେଳେ; ଅଭ୍ର—ସାଫ୍ରି; ତମ—ଅନ୍ଧାର ।

୧୧ । ଉଜାଗରେ—ଚଅଁ ଇକରି; ଅଶ୍ରୁଆସାର—ଲୁହର ଅସରା; ନୟନଭରି—ଆଖି ପୁରାଇ ।

କୋମଳ ଆଶ୍ଳେଷେ ପୁଣି ହା ହା ରେ ମୋ ହୃଦମଣି !
କୁସୁମିତ ଅଙ୍ଗଲତା ଭରେ ଜଡ଼ାଇ
ଭାଙ୍ଗି ପଡ଼ିବାର ବେଳ ନ ଅଛିଲ୍ ଦେଇ ଠେଲ
ହେଉ ଥିଲ ଥିଲ ମୋର ପ୍ରୀତିବଢ଼ାଇ ।
ବ୍ୟର୍ଥ କରୁ କରୁ ଅନ୍ତକ
ସାର୍ଥ କରିଥାନ୍ତେ ପ୍ରୀତିଷଣ ଅନେକ । ୧୨ ।
ଏ ବିଶ୍ୱ-ଶୋଭା-ଭଣ୍ଡାର ବହଇ ସୁଷମା ସାର
ଭୋଗ ମୋତେ କରି ଯାଇ ନାହୁଁ ବାରଣ
ତୋ ରୂପକୁ ଜପାମାଳ ଗୁଣକୁ ତୋର ସଙ୍ଗୀତ
କଲ ସରି କାମ୍ୟ କର୍ତ୍ତ କ ଦେଖେ ଧନ !
ଶମଶାନ-କବଳ ପାଇଁ
ଭଷ୍ୟ ନୋହେ ଯାହା ତୋର, ଧନ୍ୟ ମୁଁ ତହୁଁ । ୧୩ ।
କ୍ଷୟକର କାଳ-କର ଅକ୍ଷମ ପରଶେ ତାର
ତୋ ରୂପଶ୍ରୀ ଗତ, ଅଲମ୍ବନ ତା ହତ,
ହୋଇ ଏବେ ଶନ୍ତାଟତ ଅଣିବ ତେଣୁ ଜାଗୃତ
ସ୍ମୃତି-ସୁରଭିତ ମୋର ଛାତି କାଭୁତ;
ତୋ ଶ୍ରୀଅଙ୍ଗ-ତପଙ୍କେ ସିନା
ଜୀବନ୍ତ ଅମିୟ ତା ଥିଲା ରେ ନବୀନା ! । ୧୪ ।

୧୯୪୪

୧୨ । ଅଶ୍ଳେଷ—ଆଲିଙ୍ଗନ; ଜଡ଼ାଇ—ଗନ୍ଧ ।

୧୩ । ସାର—ଶ୍ରେଷ୍ଠ; ବାରଣ—ମନା; କାମ୍ୟ—ସ୍ପୃହଣୀୟ; ଭକ୍ଷ୍ୟ ନୁହେଁ ଯାହା ଅର୍ଥାତ ତୋ ଗୁଣ ।

୧୪ । କ୍ଷୟକର—ନାଶକାରୀ; କର—ହାତ; ଅଲମ୍ବନ—ଅଶ୍ରୟ; ହୋଇ ଏବେ......କାଭୁତ—ତୋ ଗୁଣସବୁ ମୋ ହୃଦୟରେ ସ୍ମୃତି ହୋଇ ରହିବେ; ତପଙ୍କ—ଶାନପାନ, ଅମିୟ-ଅମୃତ—ତୋ ଗୁଣ ।

—୬୭—

## ଜହ୍ନ

ଏ ଗୋଟି ଜଅଁଳା ପୁଅଟି ବୋଉ !
ଏକା ଅକାଶେ,
ବସିଛି କାହିଁକି ? ତା ବୋଉ ଭଲ
ନାହିଁ ତା ପାଖେ !

ବଉଦ ଯଦି ତା ବୋଉ କ୍ଷେ ତାକୁ
କହ ତୁ ଡାକି
ଜଅଁଳା ପୁଅକୁ ଛାଡ଼ି ସେ ଜଡ଼ି
ବୁଲେ କାହିଁକି ?

ଡାକି ଆଣ ତାକୁ ମୋ ପାଖେ ହେବ
ସାଥୀ ସେ ମୋର
ଏତେ ଉଚ୍ଚେ ଏକା ବସିଣ
ତାକୁ ମାଡ଼ୁଛି ଡର ।

ଆମ ଘରେ ସେହୁ ରହିବ
ଏକା ଥାଳିରେ ଖାଇ
ଏକା ବିଛଣାରେ ତୋ କୋଡ଼େ
ଦୁହେଁ ପଶିବୁଁ ଶୋଇ ।

୧୯୩୯

—୪୭—

# ଅକଟ ନିଡାର

ଟପ ଟପ ଟପ ଟପ ବରଷୁଛି ପାଣି
ସୁଉ ସୁଉ ବହୁଛି ପବନ
ପୁଷି, ଟିପୁ, ରେକ୍ସ ବାନ୍ଧି ପଡ଼ିଲେଣି ଶୋଇ
ତୁନି ହୁଅ, ଶୁଅ ବାପଧନ !!

ଚନ୍ଦ୍ରା ଲୁଅଛି ଖାଲି ବୁଲି ଏଣେ ତେଣେ
ଝିଇଁ ଝିଇଁ ଦେଉଛି ବୋବାଳି
ଯେ ଯୁଅଟେ ଶୋଇଲେଣି ଆଖିକି ତୋ କାଇଁ
ନ ଆସଇ ନିଦ ରେ ନାତାଇ ?!

ଶୋଇପଡ଼ ବାପ ତୋର ଆସି ସପନରେ
ଟେଲ କରି ଚୁମା ଦେବେ ମୁହେଁ ।
ସକାଳେ ସ୍ୱିବଲେ କାଉ, କୋଇଲି, କୁକୁଡ଼ା
ଶେଯ ଛାଡ଼ି ଉଠିବା ରେ ବୁହେଁ !

୧୯୩୯

—୪—

# ମିଳନ ପାଖକୁ ଟୋପ

ରାଗିଣୀ—ବସ୍ତସିଂହା ଚଢ଼ତଶା ବାଣୀ

(ମଥୁରା ମଙ୍ଗଳର "ଗୋପିକାବଚନ ଶୁଣି ଉଦ୍ଧବ କହନ୍ତି ବାଣୀ"-ବୃତ୍ତରେ)

ମିନା ରେ ! ପଡର ଡୋର          ଦ୍ରୁଅଇ ମନ୍ତି ଅନ୍ତର
ହୋଇଗଲୁ କଟେ ବାଉଅଣୀ ?
ଟୋପ ଯିବ ଦୂର ଦେଶ          ମିନା ନ ଛାଣିବ ଲେଖ
ତୁ ଆହା ଛାଲଲୁ ଏହା ସୁଣି ରେ
ପ୍ରାଣମଣି !
ପରବାସ ପୀରତ-ଅଭର
ପୀରତ-ଭାନୁକୁ ଜଣା ସବୁ । ୧ ।

ତୋରେ ଧ୍ରୁବ ତାରା କରି          ବାଚେ ମୁଁ ଜୀବନ ଭରି
ଦୂରେ ଥିବା ମୁହିଁ ନ ଗଣଇଁ,
ଏ ବ୍ରହ୍ମାଣ୍ଡ ସମ୍ପ୍ରଦାୟ          ଟୋପକୁ "ଚିନଛି"* ମୟ
ମିଳନ ସ୍ନା ଏହା ନ ବୁଝଇ ରେ
ପ୍ରାଣମଣି !
ସଂଶୟରେ ହୁଅଇ ଅତୁର
ଟୋପେ ତାର ମଣାଇ ଇତର । ୨ ।

ଯିବା ପାଇଁ କି ସମୟରେ          ଥିଲି ମୁଁ ଭୁଲି ମନରେ
ନାମ ଲେଖାଇ ମୁଁ ନାହୁଁ ତହୁଁ
ସପନ ଦେଖିଲି ସବୁ          ପରତେ ଛାର ସୁନ୍ଦର !
କଳ୍ପନା ଟାଣି ନେଉ କାହୁଁରେ
ପ୍ରିୟତମା !
ଟାଢ଼ ଯେତେ ପୀରତ ଟାହାର
ତା ଆଶଙ୍କା ତେତେ ବଳିଆର । ୩ ।

* । ଇତର—ପର ।

କାଣେଁ ଅଟେ ଶୋଭାବନ୍ତ ! ତୋ ଅନ୍ତରର ଶବଡ,
ରଣ୍ଡୀ ସାଙ୍ଗ ଫାଲୁ ଭୁଡୁ ଓହ୍ଲେଲେ;
ତେଜ ସ୍ମୃତି ଜ୍ଞାନରୂପ ମୋତେ କଣ୍ଟପାଳୁ ଭୁପ
ଶରଣ ଅରପି ପଦତଳେ ହେ
ପ୍ରିୟତମା !
ଯାହା ଯାହା ଲେଖିଛୁ ବସ୍ତ୍ରାର
ଯାଉଛୁ କି ସବୁ ଭର୍ତ୍ତି ସର ? । ୪ ।

ତୋର ମୋର ଯେତେ ଭାବ ଲେଖିଲେ କି ତା ସରିବ ?
ମନେ ଥିବ ତୋର ଜୀବଧନ !
ଯେବେ ମୁଁ କଲି ବଡ଼ାଳ ଅଳକାରେ ମଣ୍ଡିବାଳ
ମଣ୍ଡି ହୁଅ ନୟନ ନନ୍ଦନ ରେ
ଜୀବଧନ !
କହିଲୁ ତୁ "ଭୂଷଣର ଭୂଷା,
କହ ମୋତେ, ଏବେ କାହିଁ ଆଶା ?" । ୫ ।

[୭]ଅଳକା ଅମୂଲ୍ୟ ଭୂଷା ମଥାରେ ତୋ କଉ ଯୋଷା[୭]
ଭାବିଲି ମୁଁ ଦଶିବ ସୁନ୍ଦର,
ତୋହରେ ମଣ୍ଡିବାର ପାଇଁ ଶକତି ତାହାର କାହିଁ ?
ମଞ୍ଜୁଷାରେ ହୁଏ ନାରଖାର ରେ
ପ୍ରିୟତମା !
କପାଳରୁ ଅଶ୍ରୁ ତୋର ଧାର
ମନୋଜ୍ଞ ତା ଦଶିବ ସୁନ୍ଦର ! । ୬ ।

---

୭ । ଅଳକା—ସୀମନ୍ତର ଅଳଙ୍କାର, ଭୂଷଣର ଭୂଷା—ଅଳଙ୍କାରର ଅଳଙ୍କାର ।

୬ । ମଞ୍ଜୁଷା—ପେଡ଼ି; ଧାର—ଧାର ଦେଇ ।

ନିସର୍ଗ ଲାବଣ୍ୟମୟି ! ଦିନେ ଦିନେ ଦୟା ବହି
ଯକ୍ଷିଣୀ ବେଶରେ ହୋଇ ସଜ,
ଲତା-କେଶେ ଖୋସା ପାରି କଟୀରେ ମେଖଳା ଭିଡ଼ି
ଗଳାରେ ଥାଉ ତୁ ମଣ୍ଡି ସ୍ରଜ ରେ
ନିତମ୍ବିନି !
ଧରାପଡ଼ି ଲାଜେ ସଢ଼ି ଯାଇ
ମୋ ପୁରତୁ ଯାଉ ରେ ପଳାଇ ।୭।

ଅନ୍ତରେ ହୋଇ ଅଥୟ ବାଞ୍ଛି ଦୃଷ୍ଟି-କୁବଳୟ
ବାତାୟନେ ଥାଉ ପଥ ଚାହିଁ
ଆଶାୟୀ ଯୁବକ ସରି ମଣି ମୋରେ ଧନ ଲାଭ
ଯେଉଁ ଦିନ ନ ପାରଇ ଯାଇ ରେ
ପ୍ରାଣବନ୍ଧୁ !
ମୋ ଦଶାକୁ ଦଶା ତୋର ବଳେ
ଭାସେଁ ବୁହେଁ ଲୋତକ ସଲିଳେ ରେ ।୮।

ହେଲେ ପରେ ଦରଶନ ମାତେନ ତୁ ବଳାଉ ମନ
ନାସିକା ଫୁଲାଇ କଥା କହୁ;
କଇତବ ଅନାଦରେ କଣି ତୁ ନେଉ ମନରେ
ମାନିନୀ ରୂପରେ ମୋରେ ମୋହୁ ରେ
ପ୍ରାଣମଣି !
କାୟା ତୁହି ଛାୟା ମୁଁ ମାତର
କଉମୁଦୀ ମୁଁ, ତୁ ନିଶାକର ରେ ।୯।

---

୭। ନିସର୍ଗ-ଲାବଣ୍ୟମୟୀ—ସ୍ୱାଭାବିକ ସୌନ୍ଦର୍ଯ୍ୟମୟୀ; ସ୍ରଜ—ମାଳ ।
୮। କୁବଳୟ—ପଦ୍ମ ।
୯। କଇତବ—ମିଛମିଛିକା ।

କରି ବିଶ୍ୱ ଶୂନ୍ୟମୟ ଗଲୁ ତୁ ମାତୁଳାଳୟ,
କଷ୍ଟରେ ମୁଁ ରହିଲି ଏକାକୀ,
ସେ ବେଳର ଚିଠି ମୋର ପଢ଼ିଛୁ; ଥିଲା ଅବର
ବୁଝିବାକୁ କେଉଁ କଥା ବାକୀ ? ରେ
ପ୍ରିୟତମା !
ଲେଖିଲୁ ମୁଁ ତୋରେ ଫିଙ୍ଗି ଦେଇ
ଯିବୁ ପୁଣି ଦୂର ପଥେ ବାନ୍ଧୁ !! ।୧୦।

ମୋ ସେବା କଥା ଜଣାଇ ଲେଖିଲୁ ରେ ଶୋଭାମୟି !
ଖେଳରେ ଯାଅନ୍ତେ ଫାଟି ଶିର
ବାପା ତୁମ୍ଭ ନେଇ ମୋରେ ରଖାଇ ଥିଲେ ଟି ଘରେ
କିଏ ଧାଈ ହେଲା ଟି ମୋହର ? ରେ
ପ୍ରିୟତମା !
କାହା ଆଖି ହେଲା ନାହିଁ କଷା
କିଏ ଶୋକେ ହୋଇଲା ବିବଶା ? ୧୧ ।

କେ କାହାର ଦେହ ଚିରି ରକତ ନେଇ ମୋହର
ଦେହରେ ତାଙ୍କର ବେଗେ ଭର;
କେ କହିଲା ଦାସୀ ଅଟେ ଚେତା ସେ ନୋହିଲେ ବେଗେ
ନିଯୁତ ମୁଁ ଭକ୍ଷିବ ଜହର ରେ
ପ୍ରିୟତମା !
ଶୋଭାରେ ଏକା ମୁଁ ନୁହେ ବଶ
ଗୁଣେ କିଣି ବନାଇଛୁ ଦାସ ରେ ।୧୨।

ଦୂରେର ଅଛୁ ବୋଲି ମୁହିଁ            ମନ ମାର ଦେଉନୁ ନାହିଁ
ପୀରତିରେ ଥାଇଁ ଦୂରଦୂର
ହୃଦମ୍ବର ମେଳ ଯହିଁ            ଗଉଣ ଶରୀର ତହିଁ
ମୁହିଁ କେକୀ ତୁହି ଜଳଧରରେ
ପ୍ରାଣମଣି !
ନିଦାନ ତୁ ଉଲ୍ଲାସର ମୋର
କୁମୁଦ ମୁଁ ତୁ ତ ଶଶଧର । ୧୩ ।

ଏତିକି ଲୋଡ଼ରେ ମାଗଇଁ            ଥାଉଁ ମୁଁ ଜୀବନେ ରହି
ଚିନ୍ତା-ପୋକ ନ କାଟୁ ତୋ ଉର
କୁଶପାଣି-ଆରାମର            ତୁହି ରେ ସୁମନା ବର
ଅଟୁ ସାର ସୁଷମାର ପୂର ରେ
ଶୋଭାରାଣି !
'ଗୋପ'ର ତୁ ଜୀବନ ଦ୍ୱିତୀୟ
ତୋ ଯେମା ତା କଣ୍ଠ ଶୋଭାମୟ । ୧୪ ।

କଳ୍ପନାରେ ଧରି ପାଣି            କହୁଛୁ ସୁନ୍ଦରୀରାଣି !
ଏ ବିଚ୍ଛେଦ ନିଶା ଯିବ ପାହି
ନୋହିବ ମୁହିଁ ତୋହର            ଏ ଚିନ୍ତା ପୂରାଇ ଉର
ବାଇଅଣୀ ସରି ହେଲୁ ନାହିଁ ରେ
ପ୍ରିୟତମା !
ଗୋପ ତା ପରାଣେ ଭରି ଫୁଲ
ପୂଜଇ ତୋ ଚରଣ ଅତୁଳ । ୧୫ ।

---

୧୩ । ଗଉଣ—ଅନ୍ତର୍ଧାନ; କେକୀ—ମୟୂର; ଜଳଦ—ମେଘ ।
୧୪ । କୁଶପାଣି-ବିଧାତା; ଆରାମ-ବଗିଚା; ସୁମନାବର-ଶ୍ରେଷ୍ଠ କୁସୁମ, ଫୁଲ ।

ଅସିଛୁ ଘରୁ ପଡର    ସେ ଦିନ ନିକଟତର
ଯେବେ 'ଭଦ୍ରା ଅରଜୁନ' ସବ୍
ହଲ ସକଳ ସଂକଟ    ହୋଇବା ଅତି ନିକଟ
ବେଦୀରେ ବେନିଏଁ ବେନିଙ୍କରି ରେ
ପ୍ରିୟତମା !
ତେଣିକି ହୋଇଲେ ଅନୁମତ
ଦାସ ସିନା କରବ ରେ ଇତ । ୧୬ ।

ଦାମିନୀ ବିନୁଁ ନୀରଦ    ଶୋଣ ବିନୁଁ କୋକନଦ
ନ ରଞ୍ଜନ୍ତି ନୟନ କାହାର
ମିନତ ବିନୁଁ ଗୋପାଳ    ଜୀବନ ସିନା ନିଷ୍ଫଳ
ଏକ ଶ୍ୱାସ ନାସାନ୍ତି ଅପର ରେ
ପ୍ରିୟତମା !
ଗୋପ ଏବେ ହେବ ମାଳାକର
ଅଶ୍ରୁଁ କରବ ଫୁଲ ଭୁର ରେ । ୧୭ ।

ଆହା ରେ ବର ସୁମନା !    ବରଷି କରୁଣା ଅନା
ମାଜ ରଖ ମାନସ ମୁକୁର
ସଂଶୟ ଖେଦ ଶୀକର    ଭରିଛୁ ତା କର ଭର
ନ ବହଇ ବିମ୍ବ ତା ଗୋପର ରେ
ପ୍ରିୟତମା !
ଗୋପ ପ୍ରେମ ହେମ ସିଂହାସନ
ମାଏ କଣେ କରଇ ମଣ୍ଡନ ରେ ।୧୮।

---

୧୬ । ଦାମିନୀ—ବିଜୁଳି; ଶୋଣ—ଲାଲବର୍ଣ୍ଣ; କୋକନଦ—ଲାଲକଇଁ; ମାଳାକର—ମାଳୀ ।

ନୟନ ଭମରୁଁ ମୋର ମାନସ ମୋ କର ଦୂର
କଣ୍ଟକରେ ଉଇଁବ ନିକଟେ
ଲେଖିଛନ୍ତି ପିତା ମୋର ହେବ ଶୀଘ୍ର ବାହାଘର
ସେ କୋଠାରେ ମହାନଦୀ ତଟେ ରେ
ପ୍ରିୟତମା !
ପ୍ରଭାତବ ବରଷର ନିଶା
ଉଜ୍ଜ୍ୱଳ ହସିବ ମେଳ-ଉଷା । ୧୯ ।

ସାଜ ବଦ୍ରା, ଅରଜୁନ ମିଳବ ମୋର ବନ୍ଧନ,
ଉଲ୍ଲାସେ ହସିବେ ଦାଗବାଲୀ
ଉଇଁବ ଦୋଷ ତପନ ବରଷା ହେବ ସୁମଳ
ଖୁଲିବ ସାନନ୍ଦ ହୁଲହୁଲରେ
ପ୍ରିୟତମା !
ଭୁଟିବ ମୋ ଅଶୁଭ-ସପନ
ଅମୋଦବ ଶୁଭ ଶଙ୍ଖସ୍ୱନ । ୨୦ ।

୧୯୪୫

୧୯ । ମେଳ—ମିଳନ ।

—୪୯—

# ଖଣ୍ଡାୟତ

( ରାଗ—ଶଙ୍କରାଭରଣ )

ଅୟି ଅୟି ଉତ୍କଳର ଅସିଜୀବୀକୁଳ !
ମାତୃ ପୂଜା ପୀଠେ ଆଜି ହୋଇ ସର୍ବେ ଠୁଳ
ଭେଦାଭେଦ ଭାବ ଭୁଲି
ପୂଜିବା ଜନନୀ-ରଙ୍ଗ-ରାଜୀବ-ପଯୁଗ । ୧ ।

ବପୁରୁ ଶୋଣିତ ଢାଳି ତୋଷି ରଣଚଣ୍ଡୀ
ଜନନୀ-ମଙ୍ଗଳ ଆହା ଥିଲେ ଯେହୁ ମଣ୍ଡି
ସ୍ୱାଧୀନତା ବାସ୍ତେରେ
ତାଙ୍କର ଦାୟାଦ ତୁମ୍ଭେ ହେଉନାହଁ ଅରେ ।୨।

ଶିଖ, ଗୁର୍ଖା, ରାଜପୁତ ମାନେଗଲେ ହାରି
ସ୍ୱାଧୀନତା-ଦୀପ ନିଭିଗଲା ଭାରତର
ଉତ୍କଳର ଖଣ୍ଡାୟତ !
ତଥାପି ତ ଶିର କଲ ନାହିଁ ଅବନତ । ୩ ।

ସେ ଓଜ ଥାଆନ୍ତା ଛଟେକ ହୋଇ କରେ ଭୁଲି
ବିଦେଶେ ଯାଆନ୍ତ ଛାଡ଼ି ନାଜ ଗୁଳ ଭୁଲି ?
ଦେଖିଣ ବସନ୍ତ ଆଳସେ
ପିତୃ-ପିତାମହ ଗାଥା ଯାଉଛି ଜାତହାତେ ? ।୪।

ଇଂରାଜ ରାଜତ୍ୱେ ଆଜ ପଡ଼ୋଶି ଜାତିଏ
ଶୁଭଭାର ଗରବରୁ ନ ଦେଉଛି କାଏ ?
ହୋଇ ତାହାର ସନ୍ତାନ
ଅବନତ-ଶିରା ଲଭ ଲଲାଟ-ଭୂଷଣ ।। । ୫ ।

ସେ ଟୀକା ଚକାଅ ପୋଛି ହଠ ଖଣ୍ଡ୍ରାସିତ
ସ୍ୱାତନ୍ତ୍ର୍ୟଲକ୍ଷ୍ମୀ ଜାଣି ସଦା ଜୀବର ଅସ୍ଥିର
ଦେଶ ମେରୁଦଣ୍ଡ ହୋଇ
ଶୁଅ ସେବେ ଉଠିବ କି ଏ ଉତ୍କଳ-ମଣି ? ।

୧୯୩୭

—୫୦—

# ଆଚାର୍ଯ୍ୟ ହରିହର

ଏ ଉତ୍କଳ ଧାମେ ତୁମ୍ଭ ଚରିତ ପାବନ
ହେ ଆଚାର୍ଯ୍ୟ ! ତୁମ୍ଭେ ସେବାଧର୍ମ ମୂର୍ତ୍ତିମାନ ।
ଚରିତ୍ର ପ୍ରଭାରେ ତୁମ୍ଭ ଉଜ୍ଜ୍ୱଳ ଏ ଦେଶ
ଚନ୍ଦ୍ରେ ଅଛି ମସୀ ନାହିଁ ତୁମ୍ଭଠାରେ ଲେଶ । ୪ ।

ଗୁରୁ ବୋଲି ଡାକିବାର ପୁଣ୍ୟ ଅଧିକାର
ଥିବାରୁ ଗରବେ ଆଜି ଭରେ ମୋ ଅନ୍ତର ।
ଗୁରୁଦେବ 'ସତ୍ୟବାଦୀ' ଶିକ୍ଷା-ଅନୁଷ୍ଠାନେ
ଆଚାର୍ଯ୍ୟ ବିଗ୍ରହ ତୁମ୍ଭ ସେ ଦିନ ନୟନେ । ୮ ।

---

ଆଚାର୍ଯ୍ୟ ହରିହର—ସତ୍ୟବାଦୀ ସ୍କୁଲରେ କବିଙ୍କର ଗୁରୁଦେବ; ବର୍ତ୍ତମାନ ଉତ୍କଳର ସୁନାମ ଧନ୍ୟ ସେବକ ।

୨ । ଶିକ୍ଷାନୁଷ୍ଠାନ—ସ୍କୁଲ ।

ସାଧନ-କୁଟୀର ମଧ୍ୟେ ଦେଖିଲି ପ୍ରଥମେ
ଭାବିଲି ଆସିଲି ଭାଗ୍ୟ ସତେ ସେ ଆଶ୍ରମେ !!
ଯହିଁ ଉଠି ବେଦଧ୍ୱନି, ଜଳି ହୋମାନଳ
ଦହୁଥିଲା ଭୂଭାରତ କଳୁଷ ପଟଳ । ୧୨ ।

କ୍ଷୀଣ ଦେହ ତୁମ୍ଭ ପୁଣ୍ୟ ପୁଞ୍ଜର ନିଳୟ;
ଦେବାୟତନ ସମାନ ସିନା ବନ୍ଦନୀୟ ।
ଚର୍ମସାର ସୁଖସ୍ୱପ୍ନ ହେଲେ ପଦେ ଦଳି
ସାଧକ ! ସାଧନ ମାର୍ଗେ ଯାଅ ତୁମ୍ଭେ ଚଳି । ୧୬ ।

ଅଭାଜନ ଗୋଷ୍ଠୀ ମଧ୍ୟେ ପଥ ପାର୍ଶ୍ୱେ ରହି
ମାଗୁଛି ଚରଣରଜ ଯାଅ ଗୁରୁ ! ଦେଇ । ୧୮ ।

୧୯୩୯

---

୧୦ । ସେ ଆଶ୍ରମେ—ଅତୀତ ଯୁଗର ଋଷି ଆଶ୍ରମକୁ ।

୧୨ । କଳୁଷ ପଟଳ—ପାପ ସମୂହ ।

୧୫ । ଚର୍ମସାର—ଯାହା ଚମର ଅପେକ୍ଷା ରଖେ ଅର୍ଥାତ ଇନ୍ଦ୍ରିୟ ଭୋଗ ।

୧୭ । ଅଭାଜନ—ଅଯୋଗ୍ୟ, ଅନୁପଯୁକ୍ତ ।

୮ । ରଜ—ଧୂଳି ।

—୫୧—

# ଆଲେକ୍‌ଜାଣ୍ଡର ଦସ୍ୟୁ ସମାନ ଉଭୟେ !!

( ମୂଳ ଇଂରାଜୀରୁ ଅନୂଦିତ )

[ ଏକଦା ଦିଗ୍‌ବିଜୟୀ ମାସିଡୋନିଅ ଅଧୀଶ୍ୱର ମହାବୀର ଆଲେକ୍‌ଜାଣ୍ଡରଙ୍କ ନିକଟକୁ ଥ୍ରେସ୍‌ରାଜ୍ୟବାସୀ ଜଣେ ଦସ୍ୟୁ ଧରା ହୋଇ ଆସିଲା । ଏ ଦସ୍ୟୁର ଅତ୍ୟାଚାରରେ ଥ୍ରେସ୍ ଓ ଥ୍ରେସ୍ ନିକଟବର୍ତ୍ତୀ ଅନ୍ୟାନ୍ୟ ରାଜ୍ୟ ସର୍ବଦା ଭୟରେ କମ୍ପୁଥିଲା । ଅଥଚ ବହୁ ଚେଷ୍ଟା କରି ମଧ୍ୟ ଆଲେକ୍‌ଜାଣ୍ଡର ଏ ଦସ୍ୟୁକୁ ଦମନ କରି ପାରୁ ନ ଥିଲେ । ଦସ୍ୟୁକୁ ଶୃଙ୍ଖଳାବଦ୍ଧ ଦେଖି ଆଲେକଜାଣ୍ଡର ଅବଜ୍ଞା ଦୃଷ୍ଟି ହୋଇ ପ୍ରଶ୍ନ କଲେ । ],

ଆଲେକ୍‌ଜାଣ୍ଡର—ତୁମ୍ଭ କି ସେ ଥ୍ରେସ୍‌ବାସୀ ଦସ୍ୟୁ ଦୁରାଚାର
ଅତ୍ୟାଚାର ଗାଥା ଯାର ଶୁଣି ମୁଁ ନିରତେ
ବଧିର ହେଲାଣି ମୋର ଶ୍ରବଣ ଯୁଗଳ ? । ୩ ।

ଦସ୍ୟୁ— ବନ୍ଦୀ ତୁମ୍ଭ ଦସ୍ୟୁ ନୁହେଁ, ଥ୍ରେସ୍ ରାଜ୍ୟବାସୀ
ଯୋଦ୍ଧା ସେହୁ, ସସମ୍ମାନ କରେ ସମ୍ବୋଧନ ।୪।

ଆଲେକ୍‌ଜାଣ୍ଡର—ପ୍ରଜା-ପ୍ରାଣ-ଧନହାରୀ ଅରେ ନରାଧମ !
ରାଜଶକତର ମୋର କରି ଅପମାନ
କି ସାହସେ ଯୋଦ୍ଧା ବୋଲି ଦେଉ ପରିଚୟ ?
ଦସ୍ୟୁ, ଅତତାୟୀ ତୁମ୍ଭ ଦେଶର କଣ୍ଟକ । ୯ ।

---

୧ । ଦୁରାଚାର—ଦୁର୍ବୃତ୍ତ; ନିରତେ—ସର୍ବଦା; ଶ୍ରବଣ—କାନ; ଯୁଗଳ—ଦୁଇ ।

ଦସ୍ୟୁ— ଆଜ ମୁଁ ଅପୂର୍ବେ ତୁମ୍ଭ, ତରବାର ବାଣୀ
ଭାଷି ପାର, ଦଣ୍ଡ ପାର ଶାସ୍ତି ମନୋମତ,
ଶଙ୍କିତ ବ୍ୟଥିତ ହେଲେ ନୁହେଁ ମୁଁ ତା ପାଇଁ !
କିନ୍ତୁ ହେ ନରେଶ ! ସନ୍ଧି ଦିଅ ଅନୁମତି
ତୁମ୍ଭ ତରବାରର ମୁଁ କରି ପ୍ରତିବାଦ
କରିବି ପ୍ରମାଣ ମୁହିଁ ଯୋଦ୍ଧା, ନୁହେଁ ଦସ୍ୟୁ ।୧୫

ଅଲେକ୍‌ଜାଣ୍ଡର— ସ୍ୱଚ୍ଛନ୍ଦରେ ଭାଷ ଯାହା ଅଛି ଭାଷିବାର
ଅଭିଯୁକ୍ତ ବ୍ୟକ୍ତି କେବେଁ ନୁହଇ ଦଣ୍ଡିତ
କରିବା ଆଗରୁ ଆତ୍ମପକ୍ଷ ସମର୍ଥନ । ୧୮ ।

ଦସ୍ୟୁ— ପ୍ରଶ୍ନେକ ପଚ୍ଛୁରେଁ ତେବେ ତୁମ୍ଭେ ହେ ନରେଶ !
କି କାର୍ଯ୍ୟେ ବ୍ୟାପୃତ ରହି ଯାପୁଛ ଜୀବନ ? ।୨୦।

ଅଲେକ୍‌ଜାଣ୍ଡାର— ଜୀବନ ଯାପଇଁ ମୁହିଁ ବୀରର ସମାନ
ଦଶଦିଶ ଘୋଷେ ମୋର କୀରତି ବିମଳ
ମୋହ ତୁଲ ଦିଗ୍‌ବିଜୟୀ ବିକ୍ରମୀ ସମ୍ରାଟ
ଧରାପୃଷ୍ଠେ କହ କାହିଁ ଅଛି କି ଦ୍ୱିତୀୟ ? ।୨୪।

---

୬। ବିତ୍ତ—ସମ୍ପଦ ।

୧୬। ସ୍ୱଚ୍ଛନ୍ଦରେ—ବିନାଭୟରେ

୨୦। ବ୍ୟାପୃତ—ନିଯୁକ୍ତ ।

ଦସ୍ୟୁ— ଆପଣା ପ୍ରଶଂସା ଆପେ କରିବା ବାସନା
ନାହିଁ ମୋର, ହେ ନରେଶ ! ନୁହେଁ, ତା ଉଚିତ ।
କିନ୍ତୁ ତାହା ଆବଶ୍ୟକ ଆଜ, ଭାବେଁ ଶୁଣ ।
ମୋ ଯଶ, କୀରତି ମଧ୍ୟ ମୋ ଦେଶ ବାହାରେ
ପରିବ୍ୟାପ୍ତ ! ସେନାପତି ଦ୍ୱିତୀୟ ମୋ ତୁଲ
ନ ଥିଲେ ଥ୍ରେସ୍ ଅବନୀ; ଜାଣିଛ ଆପଣେ
କି ଆୟାସ ହେଲା ଲୋଡ଼ା, କେତେ ପ୍ରାଣପାତ
କରିବା ପାଇଁକି ମୋରେ ଧୃତ, ବଶୀଭୂତ !! ।୩୭।

ଅଲେକ୍‌ଜାଣ୍ଡର—ଯେତେ ଯାହା କହ ପଛେ ନିଜକୁ ପ୍ରଶଂସି
ଆତତାୟୀ ଛଡ଼ା ଆନ କିସ ତୁ ପାମର ? ।୩୮।

ଦସ୍ୟୁ— କରିବାକୁ ପ୍ରଶ୍ନ ଅଛି ହେଉ ହେ ନରେଶ !
ଦିଗ୍‌ବିଜୟୀ ତେବେ କିସ ? ଦିଗ୍‌ବିଜୟ ଆଶେ
କଣି କି ନାହିଁ ହେ ତୁମ୍ଭେ ତୁଚ୍ଛ ଆଧିପତ୍ୟ
ଉତ୍କଟ ଅନସ୍ତ୍ରାଗ୍ନିରେ ବଧି ଲକ୍ଷ ଲକ୍ଷ
ମହାପ୍ରାଣୀ ? ନିର୍ବିଘ୍ନରେ ଲୁଣ୍ଠି କେତେ ରାଜ୍ୟ !!
ଶତ ଅନୁଚର ଯେଣୁ ଏକଇ ପ୍ରଦେଶେ
କରିଅଛି ମୁହିଁ ଯାହା, ଲକ୍ଷ ସୈନ୍ୟ ଯେଣୁ
ଶତ ଶତ ପ୍ରଦେଶେ ତା କରିଅଛ ସ୍ୱୟଂ ।
ସର୍ବନାଶ ସାଧିଛି ମୁଁ ସାମାନ୍ୟ ପ୍ରଜାଙ୍କ;

---

୨୮ । ବାସନା—ଇଚ୍ଛା ।
୨୯ । ପରିବ୍ୟାପ୍ତ—ବ୍ୟାପିଥିବା; ତୁଲ—ସମାନ ।
୩୦ । ଆୟାସ—ପରିଶ୍ରମ; ପ୍ରାଣପାତ—ଜୀବନ ନାଶ ।

ଅତ୍ୟାଗ୍ନିରେ ତୁମ୍ଭ କାନ୍ତି ସହସ୍ର ଲୁଟିତ
ମୁକୁଟ ହରାଇ ଆଜି ପଥର ଭିକାରୀ ।
କତିପୟ ଗୃହର ମୁଁ ସାଧିଛି ଉଚ୍ଛେଦ,
କତିପୟ ଗ୍ରାମମାନେ କରିଛି ଲୁଣ୍ଠନ ।୪୬।
କିନ୍ତୁ ହେ ନରେଶ ! ତୁମ୍ଭେ ରାଜ୍ୟ ଅଗଣନ
କରିଅଛ ଛାରଖାର ଭୂଲୁଣ୍ଠିତ କରି
ଶତ ଲକ୍ଷ ନଗରୀର ସୌଧ ଚୂଡ଼ାବଳି ।
ତୁମ୍ଭ ମୋହ ମଧ୍ୟେ ତେବେ କାହିଁ ବା
ପ୍ରଭେଦ ?
ନୀଚ କୁଳେ ଜନ୍ମ ମୋର ପରିଚୟ ପୁଣି
"ଥ୍ରେସବାସୀ ଦସ୍ୟୁ" । ତୁମ୍ଭେ ଜାତ ରାଜକୁଳେ
ଦିଗ୍‌ଜୟୀ ସମ୍ରାଟ ବୋଲି ବ୍ୟାପେ ତୁମ୍ଭ ଖ୍ୟାତି ।
କିନ୍ତୁ କହ, ଭେଦ କାହିଁ ଅଛି ଲୁକ୍‌କାୟିତ
ତୁମ୍ଭ ମୋହ ବୃତ୍ତି ମଧ୍ୟେ ବୀର ଚୂଡ଼ାମଣି !।୫୫।

---

୪୫ । କତିପୟ—କେତେକ; ଉଚ୍ଛେଦ—ବିନାଶ ।

୪୬ । ଲୁଣ୍ଠନ—ଲୁଟି ।

୪୭ । ନରେଶ—ସମ୍ରାଟ ।

୪୮ । ଭୂଲୁଣ୍ଠିତ—ଭୂଇଁରେ ମିଶାଇ ଦେଇ ।

୪୯ । ସୌଧ ଚୂଡ଼ାବଳି—ଉଆସର ଶିଖର ।

୫୪ । ଅଛି ଲୁକ୍‌କାୟିତ । ଲୁଚିଅଛି

୫୫ । ବୀରଚୂଡ଼ାମଣି—ବୀରଶ୍ରେଷ୍ଠ ।

୫୬ । ଅସି—ଖଣ୍ଡା ।

ଆଲେକ୍‌ଜାଣ୍ଡର—ଅନେକ ସମର ମୁହିଁ କରିଛି ଲୁଣ୍ଠନ
ସତ୍ୟ, ମୋ ବିଜୟୀ କର ତେଜ ପୁଣ ଅସି
ହରିଅଛି ଅଜାତରେ ଲୁଣ୍ଠିତ ସମ୍ପତ୍ତି
ଦରିଦ୍ର ଗୋଷ୍ଠୀରେ । ମୁହିଁ ଭାଙ୍ଗିଛି ଯେସନେ,
ଗଢ଼ିଛି ତେସନେ କେତେ ମାନବ ବସତି ।
ଯେତେ ରାଜ୍ୟ ହୋଇଅଛି ବିଜୟେ ମୋ ଲୁପ୍ତ,
ତେତେ ଅବା ତତୋଽଧିକ ସୃଜିଛି ମୁଁ ରାଜ୍ୟ ।
ମୋ ଉତ୍ସାହେ ମୋହ ଯତ୍ନେ ହୋଇଛି ଉନ୍ନତ
ମାନବ ଜାତିର ଶିଳ୍ପ ବାଣିଜ୍ୟ ଦର୍ଶନ । ୭୭

ଦସ୍ୟୁ— ମୁଁ ଯଦି ହରିଛି ଧନ ଧନୀଙ୍କ ଅଗାରୁଁ
ନିଃସ୍ୱ ଜନ ଗୋଷ୍ଠୀ ମଧ୍ୟେ ବାଣ୍ଟିଛି ତାହା ।
ଦହିଛି ଯେସନେ ଗୃହ ଧନୀଙ୍କ ଜନଙ୍କ
ତେସନେ ନିର୍ମାଣି ଅଛି କରି ଧନବ୍ୟୟ
ଅନେକ ଅନାଥ ଜନ ବସତି ମୋ ଦେଶେ ।୭୮
ଏକପକ୍ଷେ କରିଅଛି ଅତ୍ୟାଚାର ଯେତେ,
ଅନ୍ୟପକ୍ଷେ ରକ୍ଷିଛି ଦୁସ୍ତର ବିପଦୁଁ
ଅନେକ ବିପନ୍ନ ଜନେ । ଦର୍ଶନ ଶାସ୍ତ୍ରର
ନ ଜାଣେଁ ବିନ୍ଦୁ ବିସର୍ଗ; ମୁଁ ଅଜ୍ଞ ନିପଟ

---

୭୭ । ଅଗାରୁଁ—ଘରରୁ ।

୭୮ । ନିଃସ୍ୱ—ଦରିଦ୍ର; ବାଣ୍ଟିଛି—ବାଣ୍ଟି ଅଛି ।

୭୯ । ଦୁସ୍ତର—ଯହିଁରୁ ପାର ହେବା କଠିନ ।

କିନ୍ତୁ ଜାଣେଁ ଧ୍ରୁବ କର ତୁମ୍ଭେ ଅବା ମୁହିଁ
ଜଗତର କର ଆଜିଁ ଯେତେକ ଅନାସ୍ଥା
କୋଟି ଅଂଶେ ତନ୍ମଣତ ଯନ୍ତର ପୂରଣୀ
ଏ ଜନ୍ମେ ପାରିବା ନାହିଁ କରି ବାରମଣି ! ।୭୯।

ଅଲେକ୍‌ଜାଣ୍ଡର—( ଚିନ୍ତିତ ହୋଇ )
ରେ ପ୍ରହରି ! ଅସ୍ତ୍ର ତ୍ୱରା ଫିଟାଅ ବନ୍ଧନ
ଶୃଙ୍ଖଳ ଏ ବନ୍ଦୀ ପଦୁଁ ।
[ ବନ୍ଦୀ ମୁକ୍ତ ହୋଇ ବିଦାୟ ନେଲା ପରେ । ]

( ସ୍ୱଗତ )

ଦେଖିବେ କି ବିଶ୍ୱ ବିଜୟୀ
ଅଲେକ୍‌ଜାଣ୍ଡର ଦସ୍ୟୁ ସମାନ ଭବନ୍ତେ ? ।୮୨।

---

୮୦ । ତ୍ୱରା—ଶୀଘ୍ର ।

୮୧ । ଶୃଙ୍ଖଳ—ଶିକୁଳି ।

—୫୨—

# ଲକ୍ଷ୍ମଣ ଶକ୍ତିଭେଦରେ ରାମ ବିଳାପ

( ରାଗ—କଳହଂସ କେଦାର )

ରାମ-ଦକ୍ଷିଣକର ବାବୁ ଲକ୍ଷ୍ମଣ !
ଭୂତଳେ ଶୋଇ କାହିଁ ହୋଇ ମଗନ ?
ଡେର୍‌ଥାଉ ଶ୍ରବଣ ଡାକକୁ ମୋର
ଉଭା ପକାଇ କାନ୍ଦେ ନ କହୁ ଗିର ।

ଦେହ ସଙ୍ଗତେ ଯେହ୍ନେ ଥାଏ ରେ ଛାଇ
ତେହ୍ନେ ଗହଣେ ମୋର ଥାଉ ତୁ ଭାଇ !
ସାରି ମୋ ସୁଖ ମୋତେରେ ଏକାକୀ କରି ।
କହ ତୁ କେଉଁ ଦେଶେ ଗଲୁ ବାହାରି ।

ସାକେତ-ରାଜପୁରୀ ସୁଖ ହେଲାରେ
ବରଜି ବସିଲୁ ତୁ ଦୁଃଖବେଳାରେ
ଦୁଃଖୀ ରାମ ପାଇଁ ତୁ ବରିଲୁ ଦୁଃଖ
ଲୋତକେ ଧୋଇ ତୋହୁ ଉର୍ମିଳା ମୁଖ

---

୧ । ଶ୍ରବଣ—କାନ ।

୩ । ସାକେତ—ଅଯୋଧ୍ୟା; ଉର୍ମିଳା—ଲକ୍ଷ୍ମଣଙ୍କ ଭାର୍ଯ୍ୟା ।

ବଇଦେହୀ ରେ ଅଉ କି ପ୍ରୟୋଜନ
କି ହେବ ଅଉ ଜାଣିଲେ ବା ସବଣ ?
ଦୁଃଖୀ ତାପେ ତାପିତ ଯାହାର ଉର
କି ଶୋଭା ଲଭିବ ତହିଁ ସୁମନହାର ?

ମିଳନ୍ତି ପୁଂସେ ଦେଶେ ଦେଶେ ବନିତା
ମିଳନ୍ତି ବନ୍ଧୁ, ମିଳେ ନାହିଁ ତ ଭ୍ରାତା ।
ଭ୍ରାତା ପଦ ଦୁର୍ଲ୍ଲଭ ମର ସଂସାରେ
ତୋ ସମ ଭ୍ରାତା ପୁଣି ଶହ ଲକ୍ଷରେ ।

ଗଲେ ଅଯୋଧ୍ୟା ସଙ୍ଗେ ଘେନି ମୁଁ ସୀତା
କି ବୋଲି ବୋଧିବିଟି ସୁମିତ୍ରା ମାତା ?
ସେ ପୁଣି କି ବୋଲିଣ ବୋଧିବେ ବୋହୂ
ଶୋକ ପାବକ ଯେବେ ଜଳିବ ହୃଦୁ ?

ମୁଁ ଗଲେ ଆଗେ, ପଛେ ଯିବା ତୋ ରୀତି
ଆଜି ସେ ରୀତି ଲଙ୍ଘି କିପାଁ ସୌମିତ୍ରି
ଗଲୁ ଶମନପୁରେ ନ ମଲି ମୁହିଁ
ଆଗେ ମୋ ଯିବା ରୀତି ରହିଲା କାହିଁ ?

ଝରିଲେ ନୟନୁଁ ମୋ ଲୋତକଧାର
ପୋଛିବ ଆହା ତାହା ଅଉ କା କର
ମରୁ ସମ ନୀରସ ଜୀବନ ଘେନି
ବହି କାଟିବି କେତେକ ଦିନ ଯାମିନୀ ।

---

୪ । ପୁଂସ—ପୁରୁଷ ।

୬ । ବୋଧିବ—ସାନ୍ତ୍ୱନା ଦେବ; ପାବକ—ନିଆଁ ।

ଜାଳି ତୋ ଛାତି ଝାସିବ ହେ ଅନଳେ
ଅଭିଳାଷରାଜି ମୋ ମିଶୁ ଭୂତଳେ,
ନରକ ସହନୀୟ ଥିଲେ ତୁ ପାଶେ
ନ ଲୁଚିବ ସରଗ ତୋ ବିନୁ ଲେଶେ ।

୧୯୩୯

—୨୫—

## ମୋ ସୁଖ ବସନ୍ତ

ହେ ସୁନ୍ଦରୀ ! ସେତେଦିନ ଅଧର ତୁମ୍ଭର
ଅଭାଜନ ପାଇଁ ଥିବ ସ୍ମିତ, ସୁଧା ଧରି,
ପ୍ରଫୁଲ୍ଲ ଗୋଲାପ ସମ ଗଣ୍ଡ ଅନୁପମ
ହେଉଥିବ ପୁଲକିତ ଭାଷା ଶୁଣି ମମ,
ଅଭଡ଼ା ଖସିଲା ସବ ଚିକୁର ଭିତରୁ
ଶାନ୍ତନେ ମୋ ଝରୁଥିବ ବୋଧ ଅଶ୍ରୁ ଧାରୁ ।

୨ । ଶମନ ପୁର—ଯମପୁର ।

ଅଭାଜନ—ଅଯୋଗ୍ୟ, ପ୍ରଫୁଲ୍ଲ—ଫୁଟନ୍ତା, ଗଣ୍ଡ—ଗାଲ, ପୁଲକିତ—ରୋମାଞ୍ଚିତ, ଶାନ୍ତନେ ମୋ—ମୋ କଥା ଶୁଣି, ଲପନ ସୁନ୍ଦର-

ଲଗନ ମୁହୂର୍ତ୍ତରେ ବାନ୍ଧି ଥିବ ନବ ନାଳ
ଘଟାଉଣ ଥିବ ମୋର ନେତ ମହୋତ୍ସବ,
ସଉଭାଗ୍ୟ କରି ମୋତେ ଅଧିକାରୀ ପୁଣି
ବଜାଇ ବାଜେଣୀ ବୀଣା ଭାଷୁଥିବ ବାଣୀ,
ତେବେତେ ଦିନ ଭାଙ୍ଗୁଥିବ ମୋ ସୁଖ ବସନ୍ତ
ହୋଉ ନାହିଁ ହୋଇ ନାହିଁ ହୋଇ ନାହିଁ ଅନ୍ତ !

୧୯୪୪

—୫୪—

## କବି କଳହଂସ ଗୋପାଳକୃଷ୍ଣ

( ତାଙ୍କର "ଶ୍ୟାମ ଅପବାଦ ମୋତେ ଲଗିଥାଉ"—ବୃତ୍ତରେ )

ଜରଜର ! ଅହେ ତୁମ୍ଭ ପଦାବଳି
ସୁକୁମାର ସଙ୍ଗ ଶେଫାଳୀରୁ ବଳି । ଘୋଷା ।
ଭାଗ୍ୟ ଅଛି ବଡ ଉତ୍କଳର ପୂଜିତ ଦେବତା ଅନ୍ତରର
ରାଜିଛ ବାହାରେ ବନ୍ଧଣ ସୁଦାମ୍ନା ।
ପଦ୍ମରେ କରୁଛୁଁ ନିଉଛାଳି । ୧ ।

---

ମୁହଁ ରୂପ ଦର୍ପଣ, ବନ୍ଧି—ପ୍ରତିଫଳିତ କରି, ବଜାଇ ବାଜେଣୀ ବୀଣା—ବାଜୁଥିବା ବୀଣା ସମାନେ, ଅନ୍ତ—ଶେଷ ।

ଶ୍ରୀ ରାମଚନ୍ଦ୍ର ଭବନରେ ଗୋପାଳକୃଷ୍ଣଙ୍କ ମୂର୍ତ୍ତି ସଂସ୍ଥାପିତ ହେବା ଉପଲକ୍ଷେ ରଚିତ

୦ । ଶେଫାଳୀ—ଗଙ୍ଗ ଶିଉଳୀ ଫୁଲ ।
୧ । ନିଉଛାଳି—ବନ୍ଦନା ।

'କି ନାମ ବୋଲିଲୁ' ଅଦ୍ଧ ଭଣି ପ୍ରଶ୍ନ ପୁଚ୍ଛୁବାରେ ଶ୍ରୀକଣୋଣି
ଲଳିତା ଉତ୍ତର ଦେବାରେ କୁଟିଛୁ
ଯେ ରସ କି ଅଛୁ ତାହା ଭଲ ? । ୨ ।

'ବାଟ ଛାଡ଼ ଦେ ରେ' କରି ଅଳି ରାଧା ସମ୍ବୋଧିବା ବନମାଳୀ
ଗୀତେ ଫୁଟିଛୁ ଯେ ରସ-ଅରବିନ୍ଦ
କା ମାନସ ତହିଁ ନୁହେ ଅଳି ? । ୩ ।

ଗୋଷ୍ଠଚନ୍ଦ୍ରମାଙ୍କୁ ଅନୁଧ୍ୟାୟି ରାଧା ଭାବେ ଶତ୍ୟ ଅବଗାହି
"ଦୟା ନକରନ୍ତୁ ଦାସୀ ସିନା" ବୋଲି
ଛଣା ପୀୟୂଷ ତ ଅଛି ଢାଲି । ୪ ।

ଥିବେ ଯେତେ କାଳ ରବି ଶଶୀ ଛଡ଼ାଇବା ପାଇଁ ପାପମଷୀ
ଗୀତାବଳି ତୁମ୍ଭ ଗୋପାଳ କୃଷ୍ଣ ହେ !
ଭରିବେ ଉତ୍କଳୀ ଗଳାମାଳ । ୫ ।

୧୯୪୨

---

୨ । "କି ନାମ ବୋଲିଲୁ" ଗୋପାଳକୃଷ୍ଣଙ୍କ ବିଖ୍ୟାତ ଗୀତ ।

୩ । "ବାଟ ଛାଡ଼ ଦେ ମୁଁ ଯିବି ଫୁଲ ତୋଳି"—ଏହା ମଧ୍ୟ ତାଙ୍କର ଅନ୍ୟତମ ବିଖ୍ୟାତ ଗୀତ ।

୪ । ଗୋଷ୍ଠ ଚନ୍ଦ୍ରମା—ଶ୍ରୀକୃଷ୍ଣ; ଏ ପଦଟି ଗୋପାଳକୃଷ୍ଣଙ୍କର ଅତୀବପ୍ରିୟ; ଅନୁଧ୍ୟାୟି—ଚିନ୍ତା କରି ।

# ଶୁଭଚକ୍ଷୁ

ଯୁବା ଯୁବତୀ ମତ ମିଶିବା ପାଇଁ
ଶୁଭଚକ୍ଷୁ ମଦନ ଅଛି ଦିଅଇ ।

ଅତର୍କେ ଘଟୁଁ ନେତ୍ରେ ନେତ୍ର ମିଳନ
ଘଟଇ ଘ୍ରାଣେ ପ୍ରାଣ-ଅବଗାହନ ।

ତହୁଁ ହୁଏ ମାଦକ ସୁଖ ସଞ୍ଜାତ
ଲାଗି ଯହିଁରେ ଭୋଗୀ ଯୁଗଳ ଚିତ୍ତ ।

ବିଚ୍ଛେଦ-ଦୁଃଖ-ଫଳ ସେ ସୁଖତରୁ
କରୁଣା କର ଧାତଃ ! କେବେଁ ନ ଧରୁ ।

୧୯୩୦

ଶୁଭଚକ୍ଷୁ—ସ୍ତ୍ରୀ ଓ ପୁରୁଷଙ୍କ ଚତୁରକ୍ଷ ବା ନେତ୍ର ମିଳନ; ମଦନ—ପ୍ରୀତି ଦେବତା; ଅତର୍କେ—ଅତର୍କିତ ଭାବରେ; ଘଟଇ—ଅବଗାହନ—ଜଣକ ପ୍ରାଣ ଆଉ ଜଣକ ପ୍ରାଣରେ ଗାଧୁଏ; ମାଦକ—ଉନ୍ମାଦକ—ମନକୁ ମତୁଆଳ କରୁଥିବା; ଭୋଗୀ—ଅନୁଭବୀ ।

—୪୨—

# ଆଉ ବିମନା ନୁହ

ରାଗ—ଚନ୍ଦ କେଦାର; ତାଳ—ଝୁଲ୍ଲା ।

( ସଙ୍ଗିନୀରେ ! ମୋତେ ହେଲାଣି ଜଣା—ବୃତ୍ତରେ )

ଭାରତୀ ଗୋ ! ଆଉ ବିମନା ନୁହ
ଫୁଟାଅ ଏ ମହୀରେ ସଂଗୀତ ସୁଅ । ଘୋଷା ।
ଭାରତ-ଭୂଷା, ଶୋକେ ବିବଶା,
ଶୋକ କାଳିମା ତାର ଚିତ୍ତରୁ ଧୁଅ । ୧ ।
କରୁଣା ଉଣା, ଆଉ କରନା,
ଢାଳରୁ ଅଭାଗିନୀ ଅମାପ ଲୁହ । ୨ ।
ହଂସ ବାହନା, ମା ବାଣୀ ରାଣୀ,
ନୂଆଣି ଜାଣିଥିବା ବେଶେ ସୁହାଅ । ୩ ।
ବାଇ ବିପଞ୍ଚୀ, ମୂର୍ଚ୍ଛନା ରଚି,
ଖସିଥିବା ମୁକୁଟ ମୁଣ୍ଡେ ତା ଥୁଅ । ୪ ।
କୋଟି ମାନସ-ତୃଷା ମା ! ତୋଷ
ଫେଇ ଦେଇ କରୁଣା ରସର ଜୁଅ । ୫ ।

୧୯୩୨

---

* । ବିମନା—ବିମୁଖ ।
୧ । ଭାରତ ଭୂଷା—ଭାରତ ସାହାର ଭୂଷା ବା ଅଳଙ୍କାର; ବିବଶା—ଜଡ଼ୀଭୂତା ।
୨ । ଅମାପ—ଅକଳନ୍ତି ପରିମାଣର ।
୩ । ଜାଣିଥିବା—ସ୍ୱଚ୍ଛ ।

—୫୨—

# ନେତ୍ର ସଙ୍ଗାଳି ! କରିଛରେ ଦାନ

( ଗୋପୀଭାଷା ବୃତ୍ତରେ )

ସଂ—ସ୍ପୃଷ୍ଟକ ଜଡ଼ିତା ଶଶିହାସୀ ।
ପ—ଦ୍ମଆନନା ଲହୁଲି ବୟସୀ ! । ୧ ।
ଦେ—ବତାର ବରେ ଅରେ ବାନ୍ଧବ !
କ—ମ୍ବାଧରେ ତୋ ମୋ ପ୍ରଭୁ ପଦବୀ । ୨ ।
ପ—ଦ୍ରେ ଅଳତା ନାହିଲେ ଶୋଭାଙ୍ଗି !
ଦେ—ଭ୍ କଣ୍ଠରେ ଦମ୍ଭ ତୁ ମୋ ଭାଙ୍ଗି । ୩ ।
ଅ—ତି ମନୋଜ୍ଞ ତୋ ଘନ-କବରୀ ।
ବା—ନ୍ଧି ରଖୁ ତୁ ଭଦ୍ରଁ ଚିତ୍ତ ମୋର । ୪ ।
ବ—ଚାଇଣି ତୁ ତେରଛ ଚାହାଣି
ଛେ—ଦୁ ଅରଣୀ ଭଦ୍ର ରମାମଣି ! । ୫ ।
ଦେ—ଖ ଉପମା ତୋ ସାଥେ କାହାରେ
ମ—ଣ୍ଡ ମୋହନା ! ନ ପାଇବ ମୋତେ । ୬ ।

---

୧ । ସମ୍ପୁଟକ—ଫଳୁଆ; ଲହୁଲି ବୟସୀ—ନବ ଯୌବନା ।
୨ । କମ୍ବାଧର—ଶଙ୍ଖ ଭଳି କାନ୍ତି ଥିବା ଗଳ ଓଠ; ପ୍ରଭୁ ପଦବୀ—ଅଧିକାର ।
୩ । ଶୋଭାଙ୍ଗୀ—ସୁନ୍ଦରୀ ।
୪ । ମନୋଜ୍ଞ—ସୁନ୍ଦର; ଘନ—ଗହଳିଆ; କବରୀ—ସଜ୍ଜିତ ମୁଣ୍ଡବାଳ ।
୫ । କଣାଇଣି—କଣରେ ଚାହିଁ; ତେରଛ—ବାଙ୍କ ।

ର—ସବନ୍ତ ରେ ! ଶୋଭୁ ଅଛୁ ବହି
ଛନ—ନ ଈନ୍ଦୁ ଯା ନ ପାଉଛି ସନ୍ଧି । ୭ ।
ତୁ—ସେ ଧନ ମୁଁ ବାନ୍ଧବ ! ସୁଭଗ
ମୋ—ହ ସରଜିବାକୁ ତୁ ମାଦକ । ୮ ।
ହ—ସ-ଅମିୟ ଓଠକୁମ୍ଭେ ବହୁ !
ର—ସ ବରଷି ମନ ମୋର ମୋହୁ । ୯ ।
ମୁଁ—ତୋ ପୀରତି-ଭିକକୁ ଭିକାରି
ଛୋ—ହ ଚିତ୍ତ-କୁରଙ୍ଗକୁ ଶିକାରି । ୧୦ ।
ହ—ସି ଦେଲେ ତୁ ଛଟକେ ଅନାଇଁ
ର—ହି ପାରଇ ନାହିଁ ଧୃତି, ମୁହିଁ । ୧୧ ।
ର—ସାଣିରେ ତୁ ଅଳକା ସୁନ୍ଦର !
ଖି—ଶ୍ରୀ ଉଦର ! ରେ ରମା-ଗହ୍ୱର ! ୧୨ ।
ଥି—ର ବକୁଳ ସମାନ ହୋଇବୁ
ଲୁ—ଲ୍ଲଣି ମୁଖ ମନ ମୋହିବୁ । ୧୩ ।
ମ—ନବୋଧ କରି ବାରେ ଲୋଚନ
ନେ—ହ ସଞ୍ଚାଳି ! ଭରିବୁ ରେ ଦାନ । ୧୪ ।

୧୯୪୫

---

୭ । ଈନ୍ଦୁ—ଚନ୍ଦ୍ର ।
୮ । ମାଦକ—ନିଶା ଜିନିଷ ।
୯ । ଅମିୟ—ଅମୃତ ।
୧୧ । ଧୃତି—ଧୈର୍ଯ୍ୟ ।
୧୨ । ରସା—ପୃଥିବୀ; ଅଳକା—ମୁଣ୍ଡ ଅଳଙ୍କାର ।
୧୪ । ଲୋଚନ—ଦୃଷ୍ଟି ।

—୪—

# ଭକ୍ତକବି ମଧୁସୂଦନ ରାଓ

( ରାଗ—ରସ କୁଲ୍ୟା )

ଉତ୍କଳ-ଭାରତୀ-ପୂଜା-ବିଳାସୀ
ଭକ୍ତ ବ୍ରହ୍ମନିଷ୍ଠ ଗୃହସ୍ଥ ଋଷି
ଯାଇଅଛ ତେଜି ଉତ୍କଳ ଧରା
"କୋଟିଏ ସନ୍ତାନ" ଯେଉଁ ସେ ପରା
"ଗୋଟିଏ ମନୁଷ୍ୟ" ବିନା ସେ
ଅନ୍ତଃଶୂନ୍ୟ ବିଭବେ ମୋହାଇ ଗରବିଣୀ
ମୃତ୍ୟ ମୃତ୍ୟ ଅଛି ଦୀନା ସେ ।୧।
ଜୀବନ ସ୍ରୋତରେ ସ୍ୱଚ୍ଛ ସଲିଳ
ନ ବହନ୍ତେ ତାହା କେଡ଼େ ପଂକିଳ !!
ଆଜି ଏ ଉତ୍କଳେ; କିଏବେ ରହି
ଦେଖୁଥିବ ନେଇଁ ଅଶ୍ରୁ ଗଡ଼ାଇ
ଆଉ କେ ତୁମ୍ଭ ସମାନ ହେ
କୁମ୍ଭ-ସୁତୋପମ ପଙ୍କିଳତା ହର
ହେବ ଟି ମଧୁସୂଦନ ଓହେ ? ।୨।

୧ । ଉତ୍କଳ ଭାରତୀ ପୂଜା ବିଳାସୀ—ଉତ୍କଳ ସାହିତ୍ୟର ପୂଜକ; "କୋଟିଏ ସନ୍ତାନ"—"କୋଟିଏ ସନ୍ତାନ ମା ଗୋ ! ଧରିଅଛୁ କୋଳେ ; ଗୋଟିଏ ମନୁଷ୍ୟ କିନ୍ତୁ ନ ଦେଖିଲି ତୋଳେ"—ମଧୁସୂଦନଙ୍କ ଏ ଉକ୍ତିର ଭାବ ଏଠାରେ ଗୃହୀତ ହୋଇଛି ଏବଂ ମଧୁସୂଦନଙ୍କୁହିଁ ସେହି "ଗୋଟିଏ ମନୁଷ୍ୟ" ରୂପେ ଜ୍ଞାନ କରାଯାଉଛି

୨ । କୁମ୍ଭସୁତ—ଅଗସ୍ତ୍ୟ; ଶରତ୍କାଳରେ ଅଗସ୍ତ୍ୟ ଉଇଁଲେ ନଦୀ ଆଦିର ପଙ୍କିଳତା ଦୂର ହୁଏ ।

ପରଶ ସଙ୍ଗସ୍ପ ଆଉ କିଏ ସେ
ତୁମ୍ଭ ପରି ଜନମିଣ ଏ ଦେଶେ
ଅବୀଭୂତ ନୟନେ ଦେଇ ଅଞ୍ଜନ
"ମରଣକୁ ଅମୃତର ସୋପାନ"
ବୋଲି କରିବ ଘୋଷଣା ହେ ?
କା ବ୍ରହ୍ମ ସଂଗୀତ ଓଁକାର ଝଙ୍କାର
ଅଣିଦେବ ଉନ୍ମାଦନା ହେ ? ।୩।

ଗତ ତୁମ୍ଭେ କିନ୍ତୁ ବାଣୀ ତୁମ୍ଭର
ଯିବାର ତ ନୁହେ ଅଟେ ଅମର !
ମଳୟ ସମାନ ଶାନ୍ତି ଦାୟିନୀ
ମନ୍ଦାକିନୀ ସମ ପାପହାରିଣୀ
ତୁମ୍ଭର ଭବାଭାବଲୀ ହେ
ସନ୍ତମ୍ବର ଅନ୍ତେ ଦାନ ଉଷାୟନ
ଅଶ୍ରୁ ଅର୍ଘ୍ୟ ଦେଉଁ କାଳ ହେ ! ।୪।

୧୯୩୬

୩। ପରଶ—ପରଲୋକ ।

୪। ଅମର—ଭକ ।

ଉତ୍କଳ ସାହିତ୍ୟ ସମାଜ ଦ୍ୱାରା ଅନୁଷ୍ଠିତ କବିଙ୍କ ବାର୍ଷିକ ଶ୍ରାଦ୍ଧ ଉତ୍ସବମାନଙ୍କରେ ବହୁବାରଗାନ ହୋଇଛି ।

# ଭାରତୀ ବନ୍ଦନା

( ଟମ୍ପ ଫ ଗୀତ ବୃତ୍ତରେ )

ଆଜ ଅଭିନବ ମାଧବ ବିଭବ ତବ ଆଗମନ ପାଇଁ
ପୂଜା ରତ୍ନଥାଳ ବରଣର ମାଳ ଧରି ଏ ଉତ୍କଳ ଭୂଇଁ
ମା ଭାରତି !
କରୁଅଛି ଆବାହନ
ବୀଣାପାଣି ! ଧାଇଁ ଆସ ଧରଣୀ-ଜଡ଼ତାହାରିଣି ଆସ ବିହଙ୍ଗ ବାହନ !
ଭକ୍ତ ଦରିଦ୍ର ଦରିଦ୍ରନିକେତନ ମଞ୍ଜୁଳା ଉତ୍କଳ ମଧ୍ୟ
ତୁମ୍ଭର କରୁଣା ହେବାରୁ ଟିକେ ଊଣା ଗଲୁ ବଣୀ ହୃଦେ ବନ୍ଧ
ମା ଭାରତି !
ସ୍ମରି ଅତୀତର ଆଣି
ବିଷାଦରେ ଦୁଃଖୀ ହୋଇ ନତମୁଖୀ ଗଡ଼ାଏ ନୟନୁଁ ପାଣି ।
ଦୀନା ଉତ୍କଳୀ ନୟନର ପାଣି ଶୁଖାଅ ବଣିକା ଦେଇ
ସ୍ପନ୍ଦନ ନବୀନ ଲଭୁ ତା ଜୀବନ ଯାଉ ମନ୍ଦାକିନୀ ବହି
ମା ଭାରତି !
ହୃଦୟ ମନ୍ଦିରେ ତାର ।
ବଙ୍ଗ-ସାରସ୍ୱତ-ସମାଜରେ ଧନ୍ୟ ପିନ୍ଧୁ ସମ୍ମାନର ହାର ।
ଶାସ୍ତ୍ରୀ 'ନୂତନ' ମୁରଲୀ ମୋହନ ବାଜୁ କୁଞ୍ଜେ ଉତ୍କଳର
ମନ୍ତ୍ର 'ସ୍ୱରାଜ' ମନ୍ତ୍ର ତା ବଦନ ଦେଇ ତା ବଢ଼ି ସମ୍ଭାର
ମା ଭାରତି !
ନବଯୁଗ ଶଙ୍ଖ ବାଜୁ
୧୯୩୮ ନବ ସାରସ୍ୱତ ଗଉରବ ଟୀକା କଳିଙ୍ଗ ଲଲାଟେ ସାଜୁ ।

---

୧ । ମାଧବ—[ ମଧୁ+ଅ ] ବସନ୍ତଋତୁ ସମ୍ବନ୍ଧୀୟ; ଆଣି—ଟେକ ।
୩ । ବଲ୍ଲକୀ—ବୀଣା; ରଦ୍ଧି—ସମ୍ପଦ ।

—୬୦—

# ପ୍ରିୟତମା କୋଇଲି

( କେଶବ କୋଇଲି ବୃତ୍ତ )

କୋଇଲି ! କହିବୁ ପ୍ରିୟତମାକୁ ମୋର ।
କେତକୀ-ଶୋଭା ତା ଗନ୍ଧ ମନ୍ଥର ମୋ ଉର ଲୋ କୋଇଲି ! ।୧।
କୋଇଲି ! ଶିଶୁ ଥାଇ ମଧୁ ତା ଅଧରୁ ।
ଖିଆଁ ସେ ପଳାଏ ମୁଁ ତା ହାତ ଧରୁ ଧରୁ ଲୋ କୋଇଲି ! ।୨।
କୋଇଲି ! ଗରୁ ମାତଙ୍ଗକୁ ସରୁ କଟି ।
ଗମନ ଅଳସ ଯୌବନ ଯାଏ ସେହୁ ହଟି ଲୋ କୋଇଲି ! ।୩।
କୋଇଲି ! ଘନ କେଶେ ବଳେ ଖଞ୍ଜେଁ ଫୁଲ ।
ଘଟଣ ଭରେ ତା ଚିଦି ଅଙ୍କେ ମୁଁ ଅତୁଳ ଲୋ କୋଇଲି ! ।୪।
କୋଇଲି ! ଉର୍ବଶୀ ଲୁଟେ ତା ହାରକୁ ।
ଉରେ ଅଳଙ୍କାର ତା ମୁଁ ଘୃତ ଲାବେଖର ଲୋ କୋଇଲି ! ।୫।
କୋଇଲି ! ଚନ୍ଦ୍ରରୁ ଚତୁର କାନ୍ତି ବଢ଼ ।
ରୁଚିରୁ ଅଙ୍ଗୀ ଅଙ୍ଗେ ରଙ୍ଗେ ଅଷ୍ଟ ପଦ୍ମ ନାନ୍ଦୁ ଲୋ କୋଇଲି ! ।୬।

---

୧ । କେତକୀ ଶୋଭା—କେତକୀ ଫୁଲରେ ସୁନ୍ଦର ଦିଶୁଥିବା; ଉର—ସ୍ତନ ।
୩ । ଯୌବନ—ଯୋଗୁଁ; ଯାଏ ସେହୁ ହଟି—ଦେଖ ହାରିଯାଏ ।
୪ । ଘଟଣ—ସୁନ୍ଦର ।
୫ । ଉର୍ବଶୀ—ସ୍ୱର୍ଗ ଅପ୍ସରା ଉର୍ବଶୀ ।
୬ । ରୁଚିରଅଙ୍ଗୀ—ସୁନ୍ଦରଦେହା; ଅଷ୍ଟ ନାଦ—ଭଗ ନଦ ।

କୋଇଲି ! ଛବିଳ ମୂରତି ତାର ଦେଖି ।
ଛାଡ଼ିବାକୁ ମଙ୍ଗିବ କି କହ କାହା ଆଖି ଲୋ କୋଇଲି ! । ୭ ।

କୋଇଲି ! ଜଳୁଥିଲେ ବଉଳର ବଣି ।
ଜବାଧରୀ-କାନ୍ତି ଦେଖି ମଉଳେ ତା ଶୋଭା ଲୋ କୋଇଲି ! ।୮।

କୋଇଲି ! ଝୁମୁକା ତା କାନେ ଦୋହଲାଇ ।
ଝଟକ ଗାଲରେ ପରି ଛବି ଉକୁଟଇ ଲୋ କୋଇଲି । ୯ ।

କୋଇଲି ! ନତମୁଖୀ ଚିବୁକ-ମୁକୁରେ ।
ନୟନେ ଦଶର ମୁଖ ଚୁମ୍ବିଲା କାଳରେ ଲୋ କୋଇଲି ! ।୧୦।

କୋଇଲି ! ଝୁଣ୍ଟି ଫୁଲ ସବୁ ଖୋସା ଉଚି ।
ଝୁହ ଝୁହ ରଙ୍ଗାଧରୀ ଖେଳଇ ମୋ ପ୍ରତି ଲୋ କୋଇଲି ! ।୧୧।

କୋଇଲି ! ଠାଟିକ ସୁନ୍ଦର ମୁହଁ ତାର ।
ଠିକେ ଭବଜନ-ମନ-ଅତୁଳ-ଆହାର ଲୋ କୋଇଲି ! ।୧୨।

କୋଇଲି ! ତୋଳେ ତାର ମୂରତି ଦେଖିଲେ ।
ଉଚାଟିତ ବନନ୍ତ ଇନ୍ଦ୍ରିୟେ ପରି ହେଲେ ଲୋ କୋଇଲି ! ।୧୩।

---

୭ । ଛବିଳ—ସୁନ୍ଦର ।
୯ । ଝଟକ—ଉଜ୍ଜ୍ୱଳ; ଉକୁଟଇ—ଫୁଟି ଉଠେ ।
୧୦ । ମୁକୁର—ଦର୍ପଣ ।
୧୧ । ଝୁହଝୁହ ରଙ୍ଗାଧରୀ—ଯାହାର ଅଧର ଖୁବ୍ ଲାଲ ।
୧୨ । ଠାଟିକ—ନିଖୁଣ; ଭବଜନମନ ଅତୁଳ ଆହାର—ଭବ ତା ମୁହଁକୁ ଗୁହିଁଲେ ଭବର ପେଟ ପୁରିଯାଏ ।
୧୩ । ଉଚାଟିତ...ହେଲେ—ତା ରୂପ ଦେଖିଲେ ଆଖି ପ୍ରଭୃତି ଇନ୍ଦ୍ରିୟ ମାନେ ଉଚାଟିତ ହୋଇ ତା ଭୁର୍ କରିବାକୁ [illegible] ।

କୋଇଲି ! ଡାଳ ନେଇ ଗୁନ୍ଥିଲେ ସୁନ୍ଦରୀ ।
ଝଲସାଏ ଇଷିତରେ ଖୋଷି ଝୁମ୍ପା ବାନ୍ଧି ଲୋ କୋଇଲି ! ।୧୪।

କୋଇଲି ! ନୂଆ ଶିଖା ତା ପୀରତି ପାଠ ।
ନୁହଇ ପ୍ରବୀଣା, ଗୁଲି ନ ଜାଣଇ ବାଟ ଲୋ କୋଇଲି ! ।୧୫।

କୋଇଲି ! ତରୁମୂଳେ ବନେ ଉପବନେ ।
ଭରବେ ଭୁଲିଲି ଅଖି ତାର ମୁଁ ଗୋପନେ ଲୋ କୋଇଲି ! ।୧୬।

କୋଇଲି ! ଅଗ୍ନି କନକ-ଅଙ୍ଗ ଢାଳି ।
ଅଙ୍ଗାର ଭାଷିଲା "କେଉଁ ନୁହେଁ; ବନମାଳୀ" ଲୋ କୋଇଲି ! ।୧୭।

କୋଇଲି ! ଦଣ୍ଡ ଭଙ୍ଗ ସେ ଧନୁ ତା ଭିଣ୍ଡ ।
ମୀନ ଉଦାସୀ ଲଭିଲା ସ୍ୱଇଁଷ୍ଟାର ଶଣ୍ଡ ଲୋ କୋଇଲି ! ।୧୮।

କୋଇଲି ! ଧୀରମଣି ସେ ଧନୁଁ ସଂକେତେ ।
ଧୂଳିରେ ସଂସ୍କୃତ ପ୍ରାଣ ଅର୍ପିଣ ରୂପତେ ଲୋ କୋଇଲି ! ।୧୯।

କୋଇଲି ! ନତ ଭରି ମୁଖ-ତାମରସ ।
ନୂତନା ହୁଅଇ ରୁଚିରା ହୋଇ ହସ ହସ ଲୋ କୋଇଲି ! ।୨୦।

---

୧୪ । ଡାଳ—ବଙ୍କେଇ; ଇଷିତରେ—ଅଳକରେ; ଝୁମ୍ପା—ଗଭା ।

୧୫ । ନୂଆ ଶିଖା ତା ପୀରତି ପାଠ—ସେ ନୂଆ କରି ପ୍ରୀତି ବାଟରେ ଗୋଡ଼ ଦେଇଅଛି; ପ୍ରବୀଣା—ଅଭିଜ୍ଞ ।

୧୭ । କନକ ଅଙ୍ଗ—ସୁନାବର୍ଣ୍ଣ ଦେହ ।

୧୯ । ଧୂଳିରେ ସଞ୍ଚାରି ପ୍ରାଣ—ସେ ଏଡ଼େ ସୁନ୍ଦର ଯେ ଧୂଳିରେ ତା ପାଦ ପଡ଼ିଲେ ଧୂଳି ଜୀବନ୍ୟାସ ପାଇଯାଏ ।

୨୦ । ତାମରସ—ପଦ୍ମ; ନୂତନା—ନୂଆ ବୟସୀ ।

କୋଇଲି ! ପଲକେ ମୁଁ କରେ ଅଙ୍ଗୀକାର ।
ପିପାସୀ ସମାନେ ଓଠୁଁ ଦୁଏ ରସଗ୍ରାହୀ ଲୋ କୋଇଲି ! । ୨୧ ।
କୋଇଲି ! ଫୁଲ୍ଲ ବିମଣ୍ଡିତ ତା ତବସ୍ତ୍ର ।
ଫଳାଏ ତପସ୍ୟା-ତନ୍ତୁ ନାସିକାର ମୋର ଲୋ କୋଇଲି ! । ୨୨ ।
କୋଇଲି ! ବନୋଇ ଦୁଅଇ ବାତ ତନ୍ତୁଁ ।
ବକୁଳ-ଗନ୍ଧ-ବିଭବେ ଭାଗୀ ହେବା ପାଇଁ ଲୋ କୋଇଲି ! । ୨୩ ।
କୋଇଲି ! ଉରମାଙ୍ଗୀ ନତଦେହା ମୋର ।
ଭୀତ ବରଜ ମୋ କଣ୍ଠେ ଲତାଏ ତା ଭର ଲୋ କୋଇଲି ! । ୨୪ ।
କୋଇଲି ! ମଧୁର ଏ ମହୋତ୍ସବ ଦୁହୁଁ ।
ମୁଗ୍ଧେ ଦେଖନ୍ତି ତାରକା ଫେଇ ନେତ୍ର ସ୍ତବ୍ଧ ଲୋ କୋଇଲି ! । ୨୫ ।
କୋଇଲି ! ଯୂଥିକାର ଗନ୍ଧେ ଉପବନ ।
ଯୋଗାଉଣି ଥାଏ ମଧୁ ତା ଅଭିବାଦନ ଲୋ କୋଇଲି ! । ୨୬ ।

---

୨୧ । ପଲକେ—ସ୍ୱହ୍ମଁ ଗୃହ୍ମଁ; ପିପାସୀ—ଶୋଷୀ ଲୋକ; ଓଠୁଁ ଦୁଏ ରସଗ୍ରାହୀ—ଚୁମ୍ବନ ଦେଇ ଅମୃତ ପିଏ ।

୨୨ । ତବସ୍ତ୍ରୀ—ଗର୍ଭ; ଫଳାଏ ତପସ୍ୟା ତନ୍ତୁ···ମୋର—ମୋ ନାକର ତପସ୍ୟାକୁ ସାର୍ଥ କରେ ଅର୍ଥାତ ସୁବାସ ଦ୍ୱାରା ମୋ ନାକକୁ ମୋହିତ କରେ ।

୨୩ । ବନୋଇ ଦୁଅଇ—ନଇଁ କରି ଅନୁରୋଧ କରେ; ବକୁଳ ଗନ୍ଧ ବିଭବେ ଭାଗୀ ହେବା ପାଇଁ—ଅର୍ଥାତ ତା ଗଛରୁ ବାହାରୁଥିବା ସୁଗନ୍ଧିରୁ ଭାଗ ନେବାକୁ ।

୨୪ । ଉରମାଙ୍ଗୀ—ଉର୍ମି ଅର୍ଥାତ୍ ସ୍ତନାପର ଭୋଗ୍ୟ ଦେହ ଯାହାର; ଲତାଏ—ଲତାପରି ଜଡ଼ାଏ ।

୨୫ । ମୁଗ୍ଧ—ମୋହିତ ହୋଇ; ଫେଇ—ମେଲି କରି ।

୨୬ । ଯୂଥିକା—ଯୂଇ ଫୁଲ ।

ବୋଇଲି ! ରୁଚିରକୁ ବହୁରୁ ବୁଝାଇ ।
ରୁଚିର ତା ବର୍ନ୍ନ ବର୍ଣ୍ଣ ନାହିଁ କହୁ ବହୁ ଲେ ବୋଇଲି !। ୨୭ ।
ବୋଇଲି ! ଖେଳାରେ ତା ଗ୍ରୀବା ଢାଳିବାର ।
ଲଳିତେ ଦେଖିବା ଓଠେ ମୋ ଚୁମ୍ବନବାର ଲେ ବୋଇଲି !।୨୮।
ବୋଇଲି ! ବକୁଳ ପାଦପତଳେ ବସି ।
ବିବନ୍ଧ ଦୋହାଇଣ ଅନ୍ୟୋନ୍ୟରେ ଥିବା ରସି ଲେ ବୋଇଲି !।୨୯।
ବୋଇଲି ! ଶମ୍ପା ଅଙ୍ଗେ ତମ କରି ଦୂର ।
ଶିଥିଳତା-ହୀନ ବାହୁବନ୍ଧେ ସଜିବାର ଲେ ବୋଇଲି !। ୩୦ ।
ବୋଇଲି ! ପଣଅଙ୍ଗୀ ପିଠାଇଣ ଗନ୍ଧ ।
ଷୋଡଶୀ ଭାବ ଗୁମ୍ଫିତ ନବେ ପରଶିବା ଲେ ବୋଇଲି !। ୩୧ ।
ବୋଇଲି ! ସଜଳ କଜ୍ଜଳ ଆଖି ଟେକି ।
ସରସିଜମୁଖୀ ଲୁଚେ ପଳାଇବାର ଭଳି ଲେ ବୋଇଲି !। ୩୨ ।

---

୨୭ । ରୁଚିର — ସୁନ୍ଦର ।
୨୮ । ଖେଳାରେ — ଖେଳରେ; ଗ୍ରୀବା — ବେକ; ଢାଳିବାର — ବଙ୍କେଇବା; ଲଳିତେ — ମଧୁର ଓ ଧୀର ଭାବରେ; ଚୁମ୍ବନବାର — ଚୁମ୍ବନ ସବୁ ।
୨୯ । ବକୁଳ ପାଦପ — ବଉଳ ଗଛ; ବିବନ୍ଧ ଦୋହାଇ — ବାଧା ହୀନ ଭାବରେ ।
୩୦ । ଶମ୍ପା ଅଙ୍ଗେ — ବିଜୁଳି ପରି ଝଟକ ଝରକ ଦେହରେ, ଶିଥିଳତା ହୀନ ବାହୁବନ୍ଧ — ଦୃଢ଼ ଆଲିଙ୍ଗନ ।
୩୧ । ପଣ ଅଙ୍ଗୀ — ପଣ ଫୁଲପରି ଗୋରା ଦେହ ଥିବା ସ୍ତ୍ରୀ; ଭାବଗୁମ୍ଫିତ ନବେ ପରଶିବା — ତା ଗନ୍ଧରେ ଫୁଲ ମଣ୍ଡଣି ହୋଇଥାଏ । ସେ ତାହାଦ୍ୱାରା ଭାବ ମଣ୍ଡଣି ହୋଇଥିବା ଆକାଶକୁ ପରଶିତ କରେ, ଅର୍ଥାତ ତାହାଙ୍କୁ ତା ଗନ୍ଧ ଅତ୍ୟନ୍ତ ସୁନ୍ଦର ଲାଗେ ।
୩୨ । ସଜଳ — ଲୁହଭରା; ସରସିଜ ମୁଖୀ — ପଦ୍ମମୁଖୀ ।

କୋଇଲି ! ହୋଇଅଛୁ ଜପାମାଳି ମୋର ।
ହରପ୍ରିୟା ମନାଇଁ ମୁଁ ଲଭିବି ତା ବର କୋ କୋଇଲି ! ।୩୩।
କୋଇଲି ! କ୍ଷିତି-ଶିର-ଅଳକା ମୋ ବାଳା ।
ଖେଦ ନାଶେ ବନ୍ଧୁ ଭଲେ ତା ଚୁମ୍ବନମାଳା କୋ କୋଇଲି ! ।୩୪।

୧୯୪୫

---

୩୩ । ଜପାମାଳି — ସବୁବେଳେ ସ୍ମରଣ କରିବାର ଜିନିଷ; ହରପ୍ରିୟା — ପାର୍ବତୀ; ମନାଇଁ — ତୋଷ କରି, ଲଭିବ ତା ବର — ତାଙ୍କ ବର ନେବି ।

୩୪ । କ୍ଷିତିଶିରେ — ପୃଥିବୀର ମୁଣ୍ଡରେ; ଅଳକା — ମୁଣ୍ଡର ଅଳଙ୍କାର ବିଶେଷ, ଖେଦ — ଦୁଃଖ; ଭଲେ — ଭଲରେ ( ଏଠାରେ ସ୍ଫୁଟରେ )

# ଦ୍ୱିତୀୟ ଭାଗ

# ସେ ତ ସ୍ୱଦେଶ ମୋହର

( ରାଗ ଶଙ୍କରାଭରଣ )

ପ୍ରକୃତିର ଶୋଭା ଯାର ଜଗତେ ଅତୁଳ
ସ୍ୱର୍ଗସୁଖୁଁ ବଳି ସୁଖ ଦିଏ ଯାହା କୋଳ
ସେ ତ ସ୍ୱଦେଶ ମୋହର
ଧରଣୀର ମଥାମଣି ଗୌରବର ଘର ।୧।

ରତ୍ନାକର ପଦ ଯାର ଧୁଏ ଅବିରତ
ହିମାଳୟ ମୁକୁଟେ ଯା ଶିର ସୁଶୋଭିତ
ସେ ତ ସ୍ୱଦେଶ ମୋହର
ଧରଣୀର ମଥାମଣି ଗୌରବର ଘର ।୨।

କ୍ଷୀର ସମ ନୀର ବହି ନଦୀରେ ଯେ ଭୂଇଁ
ଜନନୀ ସମାନ ସୁତ ସୁତାଙ୍କୁ ପାଳଇ
ସେ ତ ସ୍ୱଦେଶ ମୋହର
ଧରଣୀର ମଥାମଣି ଗୌରବର ଘର ।୩।

---

୧। ଅତୁଳ—ଉପମାହୀନ ।
୨। ରତ୍ନାକର—ସମୁଦ୍ର; ଅବିରତ—ନିରନ୍ତର; ସର୍ବଦା ।

ସୁମଧୁର ଫଳ ଧରି ଯାର ତରୁଗଣ
ପୋଷୁଛନ୍ତି ଚରାଚର ଜୀବ ଅଗଣନ
ସେ ତ ସ୍ୱଦେଶ ମୋହର
ଧରଣୀର ମଥାମଣି ଗୌରବର ଘର । ୪ ।

ସୁରଭି ସୁମନ ଯାରେ ଫୁଟି ଥାଆନ୍ତି
ଭୂତଳରେ ତାରାମାଳ ପରାଏ ଶୋହନ୍ତି
ସେ ତ ସ୍ୱଦେଶ ମୋହର
ଧରଣୀର ମଥାମଣି ଗୌରବର ଘର । ୫ ।

ଜଳ, ବନ, ଗିରି ଯାର ଶ୍ୟାମଳ ସୁନ୍ଦର
ମଧୁ ପିଇ ଫୁଲେ ଯାର ଘୂରାଏ ଭ୍ରମର
ସେ ତ ସ୍ୱଦେଶ ମୋହର
ଧରଣୀର ମଥାମଣି ଗୌରବର ଘର । ୬ ।

ବସୁଧାର ଗନ୍ତାଘର ଯାହା ଥିଲେ ଧନୀ
ଧର୍ମର ଆଲୁଅ ଦେଲେ ଜଗତେ ଯା ଜ୍ଞାନୀ
ସେ ତ ସ୍ୱଦେଶ ମୋହର
ଧରଣୀର ମଥାମଣି ଗୌରବର ଘର । ୭ ।

---

୪ । ଅଗଣନ—ଅସୁମାର ।
୫ । ସୁମନ—ଫୁଲ ।
୬ । ଶ୍ୟାମଳ—ଶାଗୁଆ ।
୭ । ଗନ୍ତାଘର—ଭଣ୍ଡାର; ଜ୍ଞାନୀ—ବେଦଉପନିଷଦ୍‌ର ଋଷି ପ୍ରଭୃତି ।

କଳଙ୍କେଣ୍ଟ ଧରି ଯାର କେତେ ଯୁଦ୍ଧସୁନ୍ଦରୀ
ଚଣ୍ଡୀ ବଳଶର କହୁଥିଲୁ ସାକ୍ଷାତ ଦେବତା
ସେ ତ ସ୍ୱଦେଶ ମୋହର
ଧରଣୀର ମଥାମଣି ଗୌରବର ଘର । ୮ ।

ତହିଁରେ ଜନମ ଲଭି ଧନ୍ୟ ମୋ ଜୀବନ
ସ୍ୱଦେଶର ମାଟି ମୋତେ ପୂଜାର ଚନ୍ଦନ
ଶଙ୍ଖ ବିଭୂତି ତା ଧୂଳି
ମଣ୍ଡୁଆଇ ଚିରକାଳ ଥାଉ ମୋ ମଉଳି । ୯ ।

୧୯୩୯

—୬୨—

## ବ୍ରଜକିଶୋର ପାଶକୁ ସ୍ନେହଲତା

ରାଗ ଓ ରୁଚି )

କେତେଁ ଆଶାରେ ଆଶାୟୀ ହୋଇ ଦିନ ଯାପିବଇଁ
ତୁମ୍ଭେ ତ ଆସିଲ ନାହିଁ ବ୍ରଜକିଶୋର !
ନୀରସ, ସୁଷମାହୀନ ହେଲା ମୋ ରଜନୀ ଦିନ
ଯୁଗ ସବୁ ହେଲା ଷଣ କାଳ ଅସର
କହ ସତେ ଆସିବ ନାହିଁ
ଅଭାଗିନୀ ସ୍ନେହଲତା-କୁଞ୍ଜ-ଭଣ୍ଡାରେଁ ? ।୧।

୨ । ମଉଳି—ମୁଣ୍ଡ ।

୧ । ସୁଷମାହୀନ—ଅସୁନ୍ଦର; କୁଞ୍ଜ-ଭଣ୍ଡାରେଁ—ସ୍ନେହିତ ।

ଜନକ ବିଭବ ବିଷ                ନ ହୁଏ ତା ମୋତେର ତୋଷ
ଚିତେଇ କଲେ ହାହୁତାଶ ପ୍ରାଣ-ଦୋସର !
ଚୁଞ୍ଚ ଶୂନ୍ୟ ମହାଶୂନ୍ୟ                ଦିଶନ୍ତି ଏ ଦିଶମାନ
ଅଙ୍ଗ ରଙ୍ଗିବାକୁ ଥାନ ନାହିଁ ସେ ମୋର !
ଅଙ୍ଗିର ଯା ସମ୍ପତ୍ତି ସାର
ଲଳିତ ମୂରତି ତୁମ୍ଭ ଭନ୍ଦିଁର ଘର । ୨ ।

ଜନକ କରନ୍ତି ଚିନ୍ତା                ମୁଁ ହୋଇବି ପରଣୀତା !
ତୁମ୍ଭେ ଜାଳି ଦେଲ ଚିତା ଅଗ ଅନ୍ତରେ;
ଏ ପୋଡ଼ା ହୃଦୟ ନେଇ                କାହାକୁ ମୁଁ ସଁପିବଇଁ
ପାରିବି ବା ପଞ୍ଚବାଇ କେଉଁ ମନ୍ତରେ ?
ମନୁବିଆ ! ହୋଇଲ ଦୂର
ଚିଞ୍ଚୋଣ୍ଟୁ ମଧୁ ମୋର ଜୀବନ ଲୁଟ । ୩ ।

ଗୋପାଳଙ୍କ ମନ୍ଦିରରେ                ସନ୍ଧ୍ୟା ଆଳତି କାଳରେ
ମିଳାଇ ନେଜି ନେଏରେ ହଜିଲି ମନ,
ଯୁବା ଜନଙ୍କୁ ଗୋଚର                ମହିମା ଚଉସ୍ତର
ଅନ୍ତରେ ଯୋଡ଼େ ଅନ୍ତର ତା ତତକ୍ଷଣି
ପରିଚିତ ଅପରିଚିତେ
ପରେ ଆପଣାର କରନ୍ତି ତା ଜାଣିତେ । ୪ ।

---

୨ । ଜନକବିଭବ—ବାପଙ୍କ ସମ୍ପତ୍ତି; ହାହୁତାଶ—ହାହାକାରରୂପ ନିଆଁ; ପ୍ରାଣଦୋସର—ଜୀବନବନ୍ଧୁ; ଦିଶମାନ—ଦିଶମାନ; ଲଳିତ—ସୁନ୍ଦର ।

୩ । ପରଣୀତା—ବିବାହିତା; ଲୁଟ—ଲୁଟି ।

୪ । ଚଉସ୍ତ—ଚୂଡ଼ାନ୍ତର ମିଳନ ।

ହୋଇ ତୁମ୍ଭେ ସାଥି ପର          ହେଲ ଅନ୍ଧ ଅପଣାର
ହୋଇଲ ଦେବ ମନ୍ଦର ଭେଳର ଭୁଇଁ,
ଅଭିନିମ୍ନୀ ହେବେ ମନ୍ତ୍ରି          ରୂପ ଗରବ ବରଜି
ମନେ ତା ଦମ୍ଭ ସରଜି ପଡ଼ିଲ ନଇଁ
ନଇଁ ବାଟେ ଜଣିଲ ଚିତ୍ତ
ହେଉ ତା ହୋଇ କଲ ଜୁର ଚିତ୍ତର ବାଞ୍ଛ । ୫ ।

ଲୋଚତେ ସୁମନ ଧୋଇ          ମାଲା ସୁଁ ଗାନ୍ଥି ରୁଚିଲି
ଏବେ ଦେବ ଅରଚଇ ତୁମ୍ଭଙ୍କୁ ଆନେ
ତୁମ୍ଭର ଦନ୍ତ ସୁମନ          କୁନ୍ତଳେ ଝରେଁ ମଣ୍ଡନ
ଯା ଦେଖି ହୁଅ ମଗନ ମୋର ଧିଆନେ
ଗରବେ ମୋ ଭର ଅନ୍ତର
ତୋମଲେ ଶୁଣାଅ 'ତୁ ମୋହର ମୁଁ ତୋର' । ୬ ।

ଜନଙ୍କ ପରଚିତ          ହୋଇଣି ହେଲ ଅଗ୍ଧଳ
ଆହେ ମୋ ଚିତ୍ତ ବ୍ୟୁତ ସଂପୂର୍ଣ୍ଣ ଶଶୀ !
ଅପରିଚିତର ସର          ପାଶେ ମୋ ଥାଅ ହାତରୁ
ନ ପାରନ୍ତି କେହ୍ନ ଧରି ନେଇ ବଡ଼ଶୀ
ପକାଇ ଯା କ୍ଷଣକୁ କ୍ଷଣ
ଜଳଗଲେ ଧରୁ ଥାଅ ମୋ ଚିତ୍ତ ମୀନ । ୭ ।

---

୬ । କୁନ୍ତଳ—କେଶ ।
୭ । ବ୍ୟୁତ—ଆକାଶ; ସମ୍ପୂର୍ଣ୍ଣଶଶୀ—ପୂର୍ଣ୍ଣଚନ୍ଦ୍ରମା; ବଡ଼ଶୀ—ଜଳକଣ୍ଟିକା; ମୀନ—ମାଛ ।

ଶିତ୍ତନମାଳୁ ଯେଉଁ ଦିନ          କରଇ ମୁହିଁ ଗମନ
ଜାଣିଲ୍ପର ପ୍ରିୟ ମନ ହୁଅ ଅଚଳ
ଲଭିଲେ ଅପନ ଘାଟେ          କାନ୍ଦନ୍ତି ଯାଅ ହଜ୍ଜାଟେ
କଉଶଟଲ ଢଥା ଭଟେ ରହୁଁ କାତର
ଭାଗ୍ୟରେ ମୋ ଦଅ ସୁମନ
ଲୁଟେଣ୍ଟ ଦୋଷ ଦଅ କରି ମୋର ଏ ମନ ।୮।

ସଙ୍ଗେ ଦେଖିନ ପରିବାର          ବାପା ଯାନ୍ତେ ବାଲେଶ୍ୱର
ତୁମ୍ଭେ ହେ ଛିରଲବର ! ଖାଲି ଛଳରେ
ପ୍ରଣୟ ତାହାଙ୍କୁ ଦିନ୍ତୁ          ମୋ ନେବେ ନେଇ ମିଳାଇ
ପ୍ରେମ ଚକୀ ଲୁପ ବନ୍ଧୁ ବସି ରେଲରେ
କରିଥିଲ ସଙ୍ଗେ ଗମନ
ହୃଦ ହାଣି ହୁଏ କର ତା ସୁମରଣ । ୯ ।

ପଥେ ମୋର ଶୁସ୍ରୂଷିକା,          ଜନନୀ ପାରିଲେ ଡାକା
ତୁମ୍ଭେ ସମ୍ଭାଳିଲ ଏକା ଏକ୍ଷେ ଶପଥ
ମରଣ ସାଗରେ ବୁଡ଼ି          ଯାଉଥାନ୍ତି କାହୁଁ ଲାଭ
ଭଲାଇ ରଖିଲ ଲୁହ ଜୀବନ-ବତ
ଜନନୀଙ୍କ ସେନେହ ମୋର
ହୋଇ ଅସୁଥିଲା ଗାହୁଁ ସେ ଗାଢ଼ତର ।୧୦।

---

୯ । ଛଳରେ—ବାହାନାରେ; ପ୍ରେମଚକ୍ରୀ—ସ୍ନେହମୟ ।
୧୦ । ଲୁହ—ସଂସାରରେ ।

ବିଦାୟ ନେବାର ଦିନ          ନାହିଁ କି ବନ୍ଧୁ ! ସ୍ମରଣ
ଗଲେ ଗଳା ଆବେଷ୍ଟିଣି କହିଲ ମୋତେ
"ସ୍ନେହ ରେ ! ତୋହର ମୁହିଁ          ଆନର କେବେଁ ନୁହଇ
ତୋ ଗୁଣ ମୁଁ ଥିବ ଧ୍ୟାଇ ଭୂଟରେ ଅଭୂଟରେ
ଅନ୍ତରେ ତୋ ଠାବ ମୋ ପାଇଁ
ରଖିଥିବୁ ମାଗୁଛି ରେ ଚନ୍ଦ୍ରମାମୁହିଁ !" ।୧୧।

ଭଣିଲି ମୁଁ "ସେବେ ଯାଅ          ଶଙ୍ଖ ମୋ ଫେରାଇ ଦିଅ
ନତୁବା ଭାଙ୍ଗି ନ ଯାଅ ଚିତ୍ତ ମୋ ନେଇ
ବନ୍ଧୁ ହେ ! ଯାଅ ପରତେ          ବିଚ୍ଛେଦ ଦାବ ଭରତେ
ଭରତ ହେବ କାରଣେ ଭାବ ଚିଟୋଇ;
ଫୁଲ ହାର ଅନଳେ ପିଙ୍ଗ
ପାଷାଣେ ଭଗ୍ନ କାଚ ପ୍ରତିମା ଭାଙ୍ଗ "।୧୨।

ଭଣିଲ "ସୁମନାବର !          ନୋହିବ ବେଶୀ ଉତ୍ତର
ଯିବାକୁ ଅଳପ ଦୂର ଅଥୟ ନୁହଁ,
ନ ପାରଇ କହି କଥା          ଘୂରି ଯାଉଛି ମୋ ମଥା
ଅସହ ବିଦାୟ ବ୍ୟଥା, କଣ୍ଠରେ କୋହ
ଲଭି ଯାଉଅଛି ମୋ ଧନ !
ନେଉଛି ଦେହ ମାତର, ରଖ ତୁ ମନ"।୧୩।

---

୨। ଛଟୋଇ—ଛବ ଛବ।

ମୋଦିତେ ବାସିତ ବନ୍ଧୁ ସନ୍ନତେ ନାମ ଲେଖାଇ
ଅହା ଭୁଲି ନ ପାରିବ ହେଲା ଟି କିସ !!
କଷଣେ ହୋଇଲି ଭାନୁ ତାହାଙ୍କୁ ତୋଷିବି ବାହୁଁ
କରମେ ଜଳ ମୋ ଜାହ୍ନି ଜୀବଜୀବେଶ !
ଭୁମାଲି ମୁଁ ବହୁବ ସାର !
ଫୋଲିଲ ସାଏଁ ଭୁମେ ମୋ ନୟନୁଁ ସାର । ୧୪ ।

ହୁଅନ୍ତି ମୁଁ ଜଳଧର ଗଗନେ ଜରି ସଂଗ୍ରର
ଯାଆନ୍ତି ସେ ଦେଶ ଦୁର, ରହୁଛ ସହିଁ !
ବିହଙ୍ଗ ହେଲେ ହୁଅନ୍ତି ବିଯୁକ୍ତ ଲଙ୍ଘି ଗମନ୍ତି
ଅନ୍ତର ଦାହ ଶମନ୍ତି ମୁଁ ଦେଖ ଅନାଇଁ ।
ହୁଅନ୍ତି ମୁଁ ହେଲେ ଅନିଳ
ଆଲିଙ୍ଗି ଅସନ୍ତି ଚୁମ୍ବି ଅଙ୍ଗ ଅତୁଳ !! । ୧୫ ।

ସ୍ୱପନଦେବୀ ସଦୟ ହେଲେ ହୋଇ ମୁଁ ଉଦୟ
ଗଢ଼ ଗଢ଼ ମାନମୟୀ ଭାଷା ବଖାଣି
ବଲ୍ଲଭୀ ଅମୂଲ୍ୟ ଧନ ବଲ୍ଲଭ ଶୁଣି ବଚନ
ହେଉଛି ଜରି ଅରଜନ ଧରନ୍ତି ପାଣି
ଏତେକ ଭାଗ୍ୟ ମୋର କି କାହିଁ ?
ଭାଗ୍ୟହୀଣୀ ଶ୍ରୀକରଣୀ ଭୋଗ ବାଞ୍ଛିର । ୧୬ ।

---

୧୪ । ଡାହୁହେବ—ସିହରିବ ।

୧୫ । ଜଳଧର—ମେଘ; ଅନ୍ତରଦାହ—ମନକୋଡ଼; ଶମନ୍ତି—ଶୀତଳ କରନ୍ତି ।

୧୬ । ବଲ୍ଲଭ—ପ୍ରେମିକ; ବଲ୍ଲଭୀ—ପ୍ରେମିକା ।

ଢଳାଇ ପ୍ରେମ-ଜାଗର          ରଖିବାଇଁ ଉଜାଗର
ଲଭିବ ଫଳ ଯାଗର ତୁମ୍ଭଙ୍କୁ ଦେଖି
ଆଶା ମୋ ଜବର ହୋଇ          ଭକ୍ତ ରକ୍ଷା ତୁମ୍ଭ ଦେହୁ
ଶାନ୍ତ ବେଶଗ ହେଉ ମନ୍ତ୍ର, ସୁଖେ ଜପେଷି
ଆସ ଦେଶ ବାନ୍ଧୁ ବନ୍ଧନେ
ନ ଟୋଳୁଁ ସେନେହ-ଲତା ଶୋଭନନ୍ଦନେ । ୧୭ ।
୧୯୪୫

—ଶ୍ରୀ—

# ନନ୍ଦକିଶୋର ବଳ

( ସ୍ୱଗ ରସକୁଲ୍ୟା )

ହେ ତ୍ରିଦିବଗତ ନନ୍ଦକିଶୋର !
ନିପୁଣ ତୂଳିକା ଧରି କରର
ଉତ୍କଳର ଜନପଦ ଆଲେଖ୍ୟ
ଆଙ୍କି ଗଲ ଯାହା କାସ ତା ଲକ୍ଷ୍ୟ ହେ
ତୁମ୍ଭ ଲେଖନୀ ପ୍ରସାଦେ ହେ
ସାରସ୍ୱତ ଧାମେ          ଚିରାବହେଳିତା
ପଲ୍ଲୀ ଅଛି ରାଜେ ମୋଦେ ହେ । ୧ ।

---

୧୭ । ଯାଗର—ଯଜ୍ଞଗୋଷ୍ଠାକର; ଇନ୍ଧନ—ଜାଳେଣୀ କାଠ ।

୧ । ତ୍ରିଦିବଗତ—ସ୍ୱର୍ଗତ; ଜନପଦ—ପଲ୍ଲୀ, ଆଲେଖ୍ୟ—ଚିତ୍ର; ପ୍ରସାଦେ—ଅନୁଗ୍ରହରୁ; ସାରସ୍ୱତଧାମେ—ସାହିତ୍ୟକ୍ଷେତ୍ରରେ ।

ନାଗର ସଭ୍ୟତା ଉପକରଣ
ଘେରିଅଛି ଆଜ ସଭ୍ୟଜୀବନ
ପଲ୍ଲୀ ପ୍ରକୃତିର ନିସର୍ଗ ଶୋଭା
ନୋହୁଛି ଶିକ୍ଷିତ ମାନସଲୋଭା
ତୁମ୍ଭେ କିନ୍ତୁ ବର କବି ହେ
ଶିକ୍ଷିତ ନୟନ                ବିଭାବ ନାଶିଲ
ଟାଣି ଅନବଦ୍ୟ ଛବି ହେ । ୨ ।
ଓଢ଼ଣା ଉଢ଼ାଇଲେ ଦିବ୍ୟ ମାଧୁରୀ
ଶାନ୍ତ ବସିଥିବା ଲକ୍ଷ୍ମୀର କରି
ଭାଇପୋଇ ଡାକ କାନ୍ତବାରତା
ପଲ୍ଲୀବଧୂରେ ଯେ ପୀରତିକଥା
ତାହା ଆଜ ତୁମ୍ଭ ପର ହେ
ଭିଏ ଦେଖି ପୁଣି                ଦେଖାଇ ଯାଇଛ
ଧନ୍ୟ ଦିବ୍ୟ ନେତ୍ରଧାରୀ ହେ ।। ୩ ।
ଶିଶୁ ଖେଳ ମେଳ, ଜନନୀ ପ୍ରାଣ,
ସଖିଙ୍କ ଅବଳା-ବଧୂ ଜୀବନ
ବେପାରିର ଗୋଳ ଶିଳ୍ପଦରେଟି
ଲେଖନୀରେ ତୁମ୍ଭ କି ଯୋଗେ ଫୁଟି
ଥିଲା ଟି ନନ୍ଦକିଶୋର ହେ,
ପଢ଼ିଲେ କବିତା                ପଲ୍ଲୀ ମନୋରମା
ବାଜଇ ଅସ୍ମି ଆଗର ହେ । ୪ ।

---

୨ । ନାଗର—ସହରରେ ଗଠିତ; ଉପକରଣ—ସରଞ୍ଜାମ; ନିସର୍ଗ—ସ୍ୱାଭାବିକ; ଅନବଦ୍ୟ—ନିଖୁଣ ।
୪ । ସଖିଙ୍କ—ସାଥି; ମନୋରମା—ଶୋଭାମୟୀ, ମନୋହାରିଣୀ ।

ଧନ୍ୟ ସାବୁକର ! ନିଦାଘେ ବର୍ଷି
ଭବ୍ୟଭାବେ ତୃଷ୍ଣମନ ନଚବଶି,
ଗାଇଲେ ଜଗତ ସତେ ବରଷା,
ଅସିଲଣି ମାଡ଼ି ବୁଡ଼ାଇ ରସା ହେ
ଧାଇଁଲଣି ପୁଣି ଜଳ ହେ
ଝାଞ୍ଜି ଆଉ ନାହିଁ ଶୁଭିଲଣି ଏବେ
ମେଘ ଝପର ଝପର ହେ । ୫ ।

କି ଦେଇ ପୂଜିବୁଁ ତୁମ୍ଭ ପ୍ରତିଭା
କି ଟୀକା ଦେଇଣ ଲଗାଉ ଆଭା
ମନ୍ତ୍ରିବୁଁ ହେ କବି ! ଦଣ୍ଡ ବଢାଇ,
ପଲ୍ଲୀ ଉପବନେ ସୁମନ ପାଇଁ
ଯାଇ ନାହୁଁ ଅଭାଜନେ ହେ
ତେବେ ଯାହା ଅଛୁ ଦୀନ ଉପାୟନ
ଆଜି ସାରସ୍ୱତ ଧାମେ ହେ । ୬ ।

୧୯୩୨

---

୫ । ସାବୁକର—ଐନ୍ଦ୍ରଜାଲିକ; ନିଦାଘେ—ଗ୍ରୀଷ୍ମକାଳରେ; ରସା—ପୃଥିବୀ ।

୬ । ଅଭାଜନେ—ଅଯୋଗ୍ୟ ବ୍ୟକ୍ତିମାନେ; ଉପାୟନ—ଭେଟି; ସାରସ୍ୱତଧାମେ—ଉତ୍କଳ ସାହିତ୍ୟ ସମାଜ ଘର ଶ୍ରୀରାମଚନ୍ଦ୍ର ଭବନରେ । କବୁ ବାନ ତଳେ କବିଙ୍କ ପ୍ରତିକୃତି ଉନ୍ମୋଚନ ଉପଲକ୍ଷେ ଏ ଗୀତ ରଚିତ ହୋଇଥିଲା ।

—୨୪—

# ବାଣୀ ସ୍ତୁତି

[ ବନ୍ଧୁ ପୀୟୂଷ ଘୋଷ ମୁଁ ଦେଇ ସ୍ତୁତି—ଛନ୍ଦରେ ]

ବାଜ ଉଠିବ ବିପଞ୍ଚୀ ସଙ୍ଗେ ପୁଣି
ଅଙ୍କରା । ବାଣୀଗୁଣି ! । ଘୋଷା ।

ଜଳା-ନୀଳା-ଦୋଳା ଏଷୁ ମନ୍ଥି
କାଳ-ନାଭ-ଜଳଧି ସନ୍ଧୁ ସନ୍ଧୁ
ଯନ୍ତ୍ରଣା ନୀରବ ଅନ୍ତର ଉଦାସ
ସଙ୍ଗୀତେ ମାନସ ଅଛି ନାହିଁ । ୧ ।

ଥିଲା ସେଦିବେ ପ୍ରାଣ-ପ୍ରବହୃତା
କଣ୍ଠେ ନ ଫୁଟିଲା କି ଗୀତ ତା
ଜୀବନ-ସରସୀ ଅମ୍ବୁ-ରାଶି ନାଶି
ଦୁଃଖରତ କଲା କି ଅସ୍ତନ୍ତା । ୨ ।

---

୦ । ବିପଞ୍ଚୀ—ବୀଣା ।

୧ । ଜଳଧି—ସମୁଦ୍ର, ସନ୍ଧୁ; ମାନସ—ମନ ।

୨ । ପ୍ରାଣପ୍ରବହୃତା—ଉତ୍ସାହ, ତେଜ ଓ ବାସ୍ତବ ଗ୍ରନ୍ଥର ପ୍ରାଣ ସହସ୍ରରୁ ଗୁଣର ଅଧିକ୍ୟ; ସରସୀ—ପୋଖରୀ; ଅମ୍ବୁ—ପାଣି ରାଶି—ସମୂହ ।

ଭଞ୍ଜ-କବି ରବି-ବନମାଳୀ
ଗୋପାଳକୃଷ୍ଣ ସଂଗୀତାବଳୀ
ଯେ ଦେଶ ସଂପଦ          ଦେଶ ତା ବିପଦ
ସେ ପୁଣି ବହାଇ ଭିକ୍ଷାଥାଳ । ୩ ।

ଛିଃ କି ଜାତିର ଏ ଅପମାନ
ଢାଙ୍କିବ ଉତ୍କଳୀ ଘରଧନ
ବିଶ୍ୱ ସାରସ୍ୱତ          ସଙ୍ଗୀତ ବିଭବୁ
କରିବ ଯେ ସାର ଆହରଣ । ୪ ।

ଏହି ମାନସିକେ କରୁଁ ପୂଜା
ବନ୍ଦନା ଘେନ ବଲ୍ଲକୀଭୁଜା ।
କଳାପୂଜା-ପୀଠ          ପୂଜକ ଓଡ଼ିଆ,
ସଙ୍ଗୀତେ ପ୍ରାଣ ତା ହେଉ ତାଜା । ୫ ।

୧-୯-୩୬

---

୩ । ଭଞ୍ଜ—ଉପେନ୍ଦ୍ର ଭଞ୍ଜ; କବିରବି—କବିସୂର୍ଯ୍ୟ ବଳଦେବ, ବନମାଳୀ—ସଙ୍ଗୀତକାର ବନମାଳୀ ପଟ୍ଟନାୟକ; ଗୋପାଳକୃଷ୍ଣ—କବିକଲହଂସ ଗୋପାଳକୃଷ୍ଣ ପଟ୍ଟନାୟକ ।

୫ । ମାନସିକେ—ଏହି କାମନା କରି; ବଲ୍ଲକୀଭୁଜା—ବୀଣାପାଣି; ତାଜା—ପ୍ରଫୁଲ୍ଲ ।

—❀—

# ହେମଲତାର ଚିଠି

( ରାଗ—ଶଙ୍କରାଭରଣ )

ବିନୋଦ ବାବୁ ହେ !
ତୁମ୍ଭ ପାଇଛୁ ପତର
ବିଳମ୍ବ ହୋଇଛୁ ଦେବା ପାଇଁ କି ଉତ୍ତର
ବୋଲି ଅଛଇ ପୀଡ଼ିତ
ଫୁରୁସତ ନାହିଁ ଭଲେ କହୁଛୁ ମୁଁ ସତ । ୧ ।

ବଡ଼ଲୋକ ଝିଅ ଉଚ୍ଚ ଶିକ୍ଷିତା ଅବର'
ତମ ଭାମେ ହେବା ପାଇଁ ସହାସ୍ୟ ତମର
ନୋହୁବଇଁ ମୁଁ ଭାଜନ
ଜାଣୁଛୁ ଏହାହିଁ ତୁମ୍ଭ ଚିଠିର ମରମ । ୨ ।

ଭୁଲାଇ ଲେଖିଛ ତୁମ୍ଭେ ଗହବର ପୁଅ
ଭାସି ଯାଅ ଟାଣେ ଯେତେଣେ ଘଟଣାର ସୁଅ
ମୁହିଁ ଗଗନର ଶଶୀ
ଧରିବାକୁ ଆଶା ମୋରେ ନ ପାର ଭରସି । ୩ ।

ମାମୁଁ ଘରେ ଥିଲ ଆସି ପ୍ରସ୍ତର-ଗ୍ରାମରେ
ବଡ଼ କଷ୍ଟିନ୍ତରେ ଅଣ୍ଟୁ ଥିଲ ମୁହିଁ ଘରେ
ଖୁଦା ପାଇଁ ତୁମେ ଆସି
ବୋଲିଲୁ ମୋ ଭଲ ବନ୍ଧୁ ! ଲେଖାରେ ମାଉସୀ । ୪

---

୨ । ଭାଜନ—ଯୋଗ୍ୟ ।
୪ । ଲେଖାରେ—ଦୂରସମ୍ପର୍କୀୟା ଭାବରେ ।

ମୁଁ ଥିଲି ଅପରିଚିତା; ବୋଲି କହିବାରେ
ଶତେହି ଝଙ୍କା ଚୁମ୍ବା ଗଣିଦେଲି ତୁମ୍ଭ କରେ
    ତୁମ୍ଭ ସେ ବେଳ ଗୁହାଣୀ
ଜଣାଇଲ ହେଲେ ତୁମ୍ଭ ଅନ୍ତର କାହାଣୀ । ୫ ।

ଅନେକ ଖୁଦୁରୁକୁଣୀ ଥିବ ତୁମ୍ଭ ମନେ
ମୁଁ ଥିଲି ନରତା ନାନା କୁସୁମ ଚୟନେ
    ନ ମିଳନ୍ତେ କଇଁ ଫୁଲ,
ବୋଉ ଆଗେ କରୁଥିଲି ଆଖି ଛଳ ଛଳ । ୬ ।

ଶେଷର ପର ( ଷମିବ ଏ ବିଶେଷଣ ) ସଖା !
ଲୁଚି ଦେଖୁଥିଲ ଦୃଶ୍ୟ; ଦେଲ ଆସି ଦେଖା
    ଭାଷି "କଇଁ ଫୁଲ ଗ୍ଲାର
ମିଳିବ ନାହିଁ କି ଏତେ ଭାବନା ହେମର" ।୭।

ଭାଷିଲା ବୋଉ "ବିନୋଦ ! ସେ ଦଳ-ପୋଖରୀ
ମଣିପଣିଆ କମ୍ଭୀରେ ଅଛଇ ରେ ପୂରି
    କେହୁ ନ ପଶନ୍ତି ତହିଁ
ନୋହିଲେ କି ପୂଜା ପାଇଁ ନ ମିଳନ୍ତା କଇଁ ?" ।୮।
କିନ୍ତୁ ନ ଭାଷିଣ ତୁମ୍ଭେ ହୋଇଲ ବାହାର
ଆଣିଲ ଘଣ୍ଟାକ ପରେ କଇଁ ଫୁଲ ଭାର
    ନିଜ କାନ୍ଧରେ ବୁହାଇ
ବିପଦ ଗଣିଲ ନାହିଁ କହ କାହା ପାଇଁ ? ।୯।

---

୫ । ଅନ୍ତର କାହାଣୀ—ହୃଦୟର କଥା ଅର୍ଥାତ୍ ପ୍ରେମ ଅଭିଳାଷ ।
୬ । ନରତା—ନିୟୁକ୍ତା, ଚୟନେ—ତୋଳିବାରେ ।
୯ । ବିପଦ ଗଣିଲ ନାହିଁ—ପ୍ରାଣଭୟକୁ ଖାତିର କଲ ନାହିଁ ।

କୁମାର ପୂର୍ଣ୍ଣିମା ଦିନ ସୁଚି ଖେଳ ସାରି
ଫେରୁଥିଲି ହେଲ ବେଣ୍ଟ ସଙ୍ଗତେ ତୁମ୍ଭର
ମୋର ଝାଳ-ଭିଜା ଦେହ
ଦେଖି ଭାଷିଅଛ ଯାହା ମନରେ ପକାଅ । ୧୦ ।

ପକେଟରେ ଚମ୍ପା ଫୁଲ ଥିଲି ଲୁଚାଇଣ
ଗଭାରେ ତା ଖୁଞ୍ଜି ଦେଇ କଲି ଯେଉଁ ଗୁଣ
ଆହେ "ଗମ୍ବାବର ପୁଅ" !
ସେ ବେଳ ସାହସ ଏବେ ଗଲା କାହିଁ କହ ।୧୧।

ମନେ ନାହିଁ ଧୋବା ଘରୁ ବ୍ଲାଉସ ମୋହର
ଷ୍ଟେସିର ପିନ୍ଧିଲି ନାକେ କାମିଜ ଉପର
ମୋତେ ଭାଷିଲି ଦେଖାଇ
ମଳୟେ, ଚନ୍ଦ୍ରେ, ଚନ୍ଦନେ ଏତେ ସୁଖ ନାହିଁ ।୧୨।

ହେଲ ମୋ ଠି ଆମରଣ ଲାଜେ ଗଲି ଜଳି
ନ କହନ୍ତେ ଭାଷା, ତେବେ ହେଲି ମୋତେ ଚଳି ।
ଆହେ "ଗମ୍ବାବର ପୁଅ" !
ଲେଖନ୍ତେ ଜଠୁଁ ରି ବୋହ ଝରୁଅଛି ଲୁହ ।୧୩।

ହୃଦ-ଧନ ହରେ ହେଲେ ପ୍ରେମ ତସ୍କର
ନୁହଇ ଅବସ୍ଥା ତାରେ ଅଲଙ୍ଘ୍ୟ ପ୍ରାଚୀର
ହୃଦ-ତସ୍କର ମୋର !
ଚନ୍ଦ୍ର ହୋଇ କୁମୁଦକୁ ମଣ କାହିଁ ଦୂର ? ।୧୪।

---

୧୨ । ବ୍ଲାଉସ—କାଞ୍ଚୁଲି ।
୪ । ଅଲଂଘ୍ୟପ୍ରାଚୀର—ଯେଉଁ ପାଚେରି ଡେଇଁସିବା ଅସମ୍ଭବ ।

ଦେଉଛନ୍ତି ଶୁଭ ସମ୍ବାଦ ତା ପାଇଁ ବଧେଇ
ଭେଟ ହେଲା ଧନ ପୁଣ, ମାଗି ମୁଁ ନେବଇଁ
 ବୋଉ ବାପାଙ୍କୁ କହଇ
"ହେମକୁ ବିନୋଦେ ଦେଲେ ଭଲ ହୁଅନ୍ତା ନାହିଁ ?"।
ବାପା କହୁଛନ୍ତି "ତମ ଦେହ ଭଲ ହେଉ
ହେଲେ ତା ହୋଇବ ଚାହିଁଥିଲେ ମହାପ୍ରଭୁ
 ବିନୋଦଟି ଅଚ୍ଛ ପିଲା
ସବୁମନ୍ତେ ଯୋଗା, ହେଲେ ଗରିବ କି ହେଲା ? "।୧୬
ଚିନ୍ତାକର ଯହିଁ ପାଇଁ ହେଉଛି ତା ଦୂର
ଲେଖିବ ଏଣିକି ଚିଠି ଆନ ପରକାର,
 ଆଉ ଅବସ୍ଥାର କଥା
ପଢେ ଲିହୁ ମନେ ମୋର ଦେବ ନାହିଁ ବ୍ୟଥା ।୧୭।
ମଲ୍ଲୀ ଫୁଲ ଗୋଟିଏ ମୁଁ ଦେଲି ଏଥି ସହ
ନ କରିବ ସଂଶୟେ ମୋ ଆଉ ଦୁର୍ବିସହ
 ହେମଲତାର ପ୍ରଣତି
ହେମଲତା-ବନ୍ଧୁ ! ଯେନା କରିବ ହୋଇ ତ ।୧୮

୧୪୪୫

୧୫। ବଧେଇ—ଶୁଭ ଖବର ଦେଲେ ସମ୍ବାଦଦାତା ଯେଉଁ ପୁରସ୍କାର ପାଏ ।
୧୬। ଯୋଗା—ଯୋଗ୍ୟ ।
୧୭। ଲିହୁ—ଲେଖି ।
୧୮। ମଲ୍ଲୀଫୁଲ……ଏଥି ସହ—ମଲ୍ଲୀଫୁଲ ଦେଇ "ମୁଁ ତୁମ୍ଭ କରୁଣା ବିନା ମଲି" ଏହା ପ୍ରେମ ସାହିତ୍ୟରେ ସୂଚନା ଦିଆଯାଏ ।
ଦୁର୍ବିସହ—ଅତି ଅସହ୍ୟ ।

—୭୭—

# ମା ! ତୁ କ୍ଷମାବାରିଧି

ରାଗ ମାଳବ ଗୌଡ଼ା—ଆଠତାଳି

( ଶ୍ୟାମ କମନୀୟକୁ ସମ ନାହିଁ ଆଉ—ବୃତ୍ତରେ )

ହେ ଜନନି ! ଶୟନ ତ ଭାଙ୍ଗୁ ନାହିଁ
କାଳ-ସରିତ ପରି ଯାଉଛୁ ବହି । ଘୋଷା ।
ଖାରବେଳ କୀରତି ଭୁଲିଲେଣି ସନ୍ତତି
ଅଧୋଗତ-ପାଦୁକା ଶିରେ ବହି । ୧ ।
କପିଳେନ୍ଦ୍ର ଅନଙ୍ଗ— ଭୀମ ଶ୍ରୀ ନରସିଂହ
ନାମ ଦେଲେଣି କାଳ ପାସୋରି । ୨ ।
ସ୍ୱାଧୀନତା-ବିଭୂତି କେତେ ମା ଗୋ ! ସନ୍ତତି—
ସମ ଖେଳାଇଥିଲେ ଗଲେ କାହିଁକି ? । ୩ ।
ଆସିଲେ କାହୁଁ ଦୁଃଖ ସୁଖ-ଶୀତମୟୂଖ
ଲୁଚିଲେ ତମେ ଅପଘନ ଘୋର । ୪ ।
ହେଲେ କାହୁଁ ଜନମ କୁଳ ପାଂଶୁଳାଧମ
ସୁତେ ପରପଦ-ଲେହନ-ସ୍ନେହୀ । ୫ ।

---

୦ । ସରିତ—ନଦୀ ।
୧ । ଅଧୋଗତ ପାଦୁକା—ଅବନତ ରୂପ ଜୋତା ।
୩ । ବିଭୂତି—ସମ୍ପଦ ।
୪ । ଶୀତମୟୂଖ—ଚନ୍ଦ୍ର ; ତମ—ଅନ୍ଧାର; ଅପଘନ—ଦେହ;
୫ । କୁଳପାଂଶୁଳା—କୁଳାଙ୍ଗାର; ଲେହନ ସ୍ନେହୀ—ଚାଟିବା ପାଇଁ ଲାଳସୀ ।

ସଞ୍ଚିତ ପୁଣ୍ୟ ସୁଧା— ପାବନାଙ୍ଗୀ ବସୁଧା
ଶସ୍ୟ-ଶ୍ୟାମଳା ଧନ୍ୟହିରଣ୍ମୟୀ ।୬।
ଅବଳେ ଦିଅ ବଳ ପ୍ରାଣ-ମନ୍ଦିର ଖୋଲ
ସନ୍ତାନର ଦେବତା-ବାସ ପାଇଁ । ୭ ।
ସନ୍ତାନ ଅପରାଧୀ ମା ! ତୁ କ୍ଷମା ବାରାଧି
ସ୍ୱଚ୍ଛନ୍ଦ ମାଗେ ପଦେ ମଥା ନ୍ୟସ୍ତି । ୮ ।
୧୯୩୪

—୨୨—

## ତୁ ଏ ବେଶ ହୋଇବୁ ନାହିଁ

ରାଗ—ଲଳିତ କାମୋଦୀ; ଅଠତାଳ
( ବନମାଳୀଙ୍କ "ଶ୍ୟାମନାଗର ହେ ଏ ବେଶ
ହୋଇବ ନାହିଁ"—ବୃତ୍ତରେ )
ପ୍ରାଣ-ବାନ୍ଧବ ରେ ! ତୁ ଏ ବେଶ ହୋଇବୁ ନାହିଁ
ଏ ବେଶ ଦେଖିଲେ ପାଷାଣ ତରଳେ
ମୋ ଧୃତ ରହିବ କାହିଁ ? । ଘୋଷା ।
ସୁକ୍ଷୀନ ବସନ କରି ପରିଧାନ
ଥିବୁ ଯେବେ ଭସ୍ମ ହୋଇ
ମୋ ପ୍ରାଣ ସଙ୍ଗାତ ! ଅଳସ ଭଞ୍ଜନେ
ଭୁଜ ଟେକି ଦେବୁ ନାହିଁ । ୧ ।

---

୭ । ଅବଳ—ବଳହୀନ ।
୮ । ବାରାଧି—ସମୁଦ୍ର; ନ୍ୟସ୍ତି—ନ୍ୟସ୍ତ କରି ।

---

୦ । ଧୃତ—ଧୈର୍ଯ୍ୟ ।

ତୋ ସ୍ମିତ-ମାଧୁରୀ ମୋ ଦମ୍ଭ-କସ୍ତୁରୀ
ମନ୍ଦେ ହସି ଦେବୁ ନାହିଁ
ହସିବାର ହେଲେ ଛଇଳାବର ରେ !
ଡେରଣ୍ଟେ ନ ଦେବୁ ଗ୍ହାଁ । ୨ ।

ଫୁଲମ୍ବଦୁଳାରେ ! ଫୁଲ ଶୁ ଗଭାରେ
ସହଜେ ମଣ୍ଡିବୁ ନାହିଁ
ମଣ୍ଡିଥିବୁ ଯେବେ ଢାଙ୍କିଲ୍ ବସନ
ମୁଣ୍ଡୁଁ ନ ଦେବୁ ଖସାଇ । ୩ ।

ଅଳକ-ଅବଳି ଖେଳାଉ କପାଳେ
ସିନ୍ଦୁର ଦେଖାଇବୁ ନାହିଁ
ଝୁଲୁଥିବୁ ଯେବେ ପୁରତେ ମୋ ବନ୍ଧୁ !
ଅଲକ୍ତ ନ ଥିବୁ ନାଇ । ୪ ।

ଯେତେ ବେଶ ତୋତେ ମନା କଲି ବନ୍ଧୁ !
ତେତେ ବେଶ ହେଲୁ ତୁହି
ହସି ମନ୍ଦେ ମନ୍ଦେ ହୁଗ୍ଡୁଇ ବାଛୁନ୍ଦେ
ବେଶ ତୋ ସବୁ ତା ପାଇଁ । ୫ ।

୧୯୩୭

---

୧ । ପଦ୍ମରଣ ଭଳି—ପିନ୍ଧି ।
୨ । ସ୍ମିତ—ମୃଦୁକ ହସ; ଛଇଳାବର—ଚତୁରୀ ଶ୍ରେଷ୍ଠା; ଡେରଣ୍ଟେ—ବଙ୍କେଇ କରି ।
୩ । ଫୁଲମ୍ବଦୁଳା—ଫୁଲ ପରି କୋମଳ ଦେହା ।
୪ । ଅଳକ—ଚୁନ୍ଚୁନିଆ କେଶ; ପୁରତେ—ଆଗରେ; ଅଲକ୍ତ-ଅଳତା;
୫ । ହୁଗ୍ଡୁଇ—ସଂକେତ କରି ।

# ଜାତୀୟତା ପ୍ରାଣ ଗଲେ କାହିଁକି ହେ ?

ରାଗ—ମାୟାମାଳବ ଗୌଡ଼—ତାଳ ଝୁଲା
( ଉଠିଲୁ ଏତେ ବେଗେ କାହିଁକିରେ ଦୁଃଶୋଧନ—ବୃକ୍ଷରେ )

ଜାତୀୟତା-ପ୍ରାଣ ଗଲେ   କାହିଁକି ହେ ଦେଶବାସୀ !
ରକତେ ଉଷ୍ମ ଆଉ ନାହିଁ କି ହେ । ଘୋଷା ।

ଭୁଲିଗଲ ମାନସ   ଅତୀତ ଇତିହାସ
ଦୂର ଉପନିବେଶ ଭୁଲିଁ କି ହେ । ୧ ।

ବଣିଜ ଲକ୍ଷ୍ମୀ ଯାଇଁ   ପର ହାତେ ସମ୍ଭାଇ
ସେ ଭୂତ ବିନା ଜାତି ଜୀଇ କି ହେ । ୨ ।

ଉତ୍କଳ—ତରୀମାଳ—   ଛୁଇଁଲ ସିନ୍ଧୁ-ଜଳ
ହୃଦେ ପାତକ ନାହିଁ ଥାଇ କି ହେ । ୩ ।

ସାଧବ-ଦେଶେ ଜାତ   ହେବା ହୋଇ ବିସ୍ମୃତ
ହୀନତା-ଶେଷେ ମାର ହାଇ କି ହେ । ୪ ।

ବୀର-ଦେଶେ ଜନମ   ଭୀରୁତା-ପଦେ ନମ
ଚମକ ରହିଁ ନାଇ ଥାଇ କି ହେ । ୫ ।

ଅବଳାର ପଣତେ   ଅଶ୍ରୁ ଲୋତଡ଼ ଉପତେ
କଳଙ୍କ-ପଡ଼ୁଷ ଏହୁ କି ହେ । ୬ ।

ବିଚ୍ଛିନ୍ନ କାନ୍ଦ କହେ   ଶୋକ ଅନଳ-ଦାହେ
ବୁକୁ ପୋଡ଼େ ରହିଁ ଏ ମନ୍ତ୍ରିକି ହେ । ୭ ।

୧୯୩୪

---

୦ । ଉଷ୍ମ—ଉଷ୍ମମ ।
୧ । ଉପନିବେଶ—ଓଡ଼ିଶାର ଦରିଆପାରି ସାମ୍ରାଜ୍ୟ ।
୨ । ସମ୍ଭାଇ—ବଳାଇ; ଭୂତ—ସମ୍ପତ୍ତି,
୩ । ଉତ୍କଳ—ସୁନ୍ଦର ।

—୬୯—

# ସୈନିକର ଅନୁଚିନ୍ତା

( ରୁଷିଆ କବିତାର ଛାୟା )

ରାଗ—ଚୋଖି

ରେ କୋକିଳ ! ଯାଅ ଉଡ଼ି          ଯହିଁ ଚିନ୍ତା-ଲତେ ରୁଡ଼ି
ମୁହିଁ ଉପାଧାନେ ମାଣ୍ଡି ଚାଲି ଲୋତକ
ରୂପସୀ ପ୍ରେୟସୀ ମୋର          ହୃଦେ ଉଠ ହାହାକାର
ବିରହେ ମୋ ଅନିବାର କରଇ ଶୋକ;
ପ୍ରବାସେ ମୋ ହୃଦେ ହୁତାଶ
ଜଳେ ସୁମରି ତା ଗୁଣ ନିଶି ଦିବସ । ୧ ।

କନ୍ଦୁକୁ ତାକୁ କୋମଳେ          ପ୍ରାନ୍ତରେ ଘାସକୁ ଜାଳେ
ଖର ସୁରକରଜାଳେ ଯଥା ନିଦାଘ
ମୋତେ ଜାଳିବାକୁ ପାଇଁ          ପଞ୍ଚଶ-କେଳକ ସାଇଁ
ଓମା ତନୁ ତା ଶରେ ଯୁଡ଼ି କରେ ସେ ଦାଗ—
ମିଳନର ବରଷାଜଳ
ପାଇଁ ମୋ ପ୍ରାଣଚାତକ ସଦା ବିକଳ । ୨ ।

---

୧ । ଉପାଧାନେ—ତକିଆରେ; ଅନିବାର—ବନ୍ଦ ନ ହେଉଥିବା; ହୁତାଶ—ନିଆଁ ।

୨ । ଖର—ପ୍ରଚଣ୍ଡ; ସୁରକର—ସୂର୍ଯ୍ୟ କିରଣ; ଜାଳ—ସମୂହ; ପଞ୍ଚଶ—କନ୍ଦର୍ପ, କେଳକସାଇଁ—ମଦନ; ଯୁଡ଼ି—(ଏଠାରେ) ବେଦ୍ଧିଯାକ ରଜି ।

ନ ଥିବାରୁ ସେ ମୋ ପାଶ      ରଜନୀରେ ତାରା-ଈଶ
ସ୍ୱଚ୍ଛ କଉମୁଦୀ-ହାସ ନ ରୁଚେ ମୋରେ
ଦିବସରେ ଦିବାକର-      କର ନ ଦିଶେ ରୁଚିର
ଶୋଭା ଅଧିଦେବୀ ମୋର ସେଣୁ ଟି ଦୂରେ
ତା ମଧୁର ସମ୍ଭାଷସୁଧା
ବିହୁନେ ନୀରସ ମୋତେ ସାରା ବସୁଧା । ୩ ।
ଯାହା ଭରେ ନମ୍ର ଶିର      ଟେକିଗି ସଙ୍ଗ୍ରାମ ମଧୁର
କବିତ ରେ ରସଭର ଏ ମୋର ଗୀତ
ଯାହା ବୀଣା-ଜଣା ଭାଷା      କରିବ ସୁଧା ବରଷା
ଯାହାକୁ କରି ଭରସା ସ୍ମୃତିର ଗୀତ
ଫୁଟିବ ଏ କଣ୍ଠେ ମୋହର
ତେଜ ତାଳିବ ତୋଳି ସଙ୍ଗୀତର ଝଙ୍କାର । ୪ ।
ଯାଅ ତୁ କୋକିଳ ଉଡ଼ି      ଯହିଁ ଚନ୍ଦ୍ରାଙ୍କଲେ ବୁଡ଼ି
ଗବାକ୍ଷ କବାଟ ଫେଡ଼ି ଡାକ ଲେଉଟ
ରୂପସୀ ମୋ ହୃଦରାଣୀ      ମୋ ଚିନ୍ତା ମାନସେ ଆଣି
ଗଣ୍ଡେ ତା ନିବେଶି ପାଣି କରଇ ଶୋକ
କୁହୁତାନ ମୋ କାନେ ଢାଳି
ହୃଦ ମୋ ଗାମ୍ଭୀରବର ! ନ ଦଅ ଜାଳି । ୫ ।

୧୯୪୪

---

୩ । ତାରେଶ—ଚନ୍ଦ୍ର; ସ୍ୱଚ୍ଛ—ଧବଳ, କୌମୁଦୀ—ଚନ୍ଦ୍ରିକା, ଶୋଭା ଅଧିଦେବୀ—ସୌନ୍ଦର୍ଯ୍ୟର ଅଧିଷ୍ଠାତ୍ରୀ ଦେବୀ, ସମ୍ଭାଷସୁଧା—ଆଳାପ ରୂପ ଅମୃତ ।
୪ । ସ୍ମୃତିର ଗୀତ—ସ୍ମୃତିକ ହୃଦ ରୂପ ଆଲୁଅ ।
୫ । ଗବାକ୍ଷ—ଝରକା ।

—୨୯—

# ବିଶ୍ୱନାଥ କର

( ରାଗ ରସକୁଲ୍ୟା )

ସାହିତ୍ୟପୁରୋଧା ହେ ବିଶ୍ୱନାଥ !
ଆଜ ଏ ଉତ୍କଳେ ପୁଣି କା ହାତ
ସାହିତ୍ୟଲତାକୁ ଭଞ୍ଜା ଯୋଗାଇ
ସମାଜରେ ଆହା ଦେବ ମଡାଇ ହେ
ଗଲ ତିନି ଦଶହରା ହେ
ମୁହିଁ ଲକ୍ଷ୍ମୀ ଦେଇ ରହିଲ ସରଗେ
ହରାଇ ଅଶ୍ରୁ ଅସରା ହେ । ୧ ।

ବିଶ୍ୱାସର ପୀଠେ ହେବାକୁ ବଳି
ଅଗ୍ନିସାର ତୁମ୍ଭ ଭଳି କେ ବଳି
ଥିଲା କି ଉତ୍କଳେ ? ହେ କର୍ମିବର !
ଦନୁଁ ଦନ ଦାନୁଁ ସେ ଦାନଭର
ବ୍ୟକ୍ତିତ୍ୱର ଖମ୍ବମାନ ହେ
ତୁମ୍ଭ ତୁଲ୍ୟ ନରୋ- ତ୍ତମଙ୍କ ପ୍ରୟାଣେ
ଭଙ୍ଗଇ ଯେଣୁ ପତନ ହେ । ୨ ।

---

୧ । ସାହିତ୍ୟ ପୁରୋଧା—ସାହିତ୍ୟ କ୍ଷେତ୍ରର ପୁରୋହିତ ।

୨ । ନରୋତ୍ତମ—ଶ୍ରେଷ୍ଠ ମନୁଷ୍ୟ ।

ରସନାର ଭୂଷା, ଲେଖନୀ ବାଣୀ
ସଙ୍ଗତେ ସେ ଧାମୁଁ ଥିଲ କି ଆଣି
ବଜ୍ରସାର ଯାହା ଧାରଣା ତାର
ଦେବାକୁ ଏ ଦେଶେ ହେ ସୁଧୀବର ?
ତୁମ୍ଭେ ଗଲ ଯେଉଁ ଦିନୁଁ ହେ
କେଶରୀ ଗର୍ଜ୍ଜନ କ୍ଷୁଦ୍ରାଶୟ ଫେରବ
ଶୁଭଇ ସାହିତ୍ୟ ବନୁଁ ହେ ।୩।

ଋଷିରୂପଧର ଋଷିଜୀବନ
ଯାପିବାକୁ ଗୁହେ ଦ୍ୱିତୀୟ ଜନ
ଆଉ କିଏ ଅଛି କହ ଏ ଦେଶେ
ନାହିଁ ଯଦି ଭଲ କହ କି ଦୋଷେ
ଛାଡ଼ିଗଲ ବିଶ୍ୱନାଥ ହେ ?
ତପୋଧାମେ ତୁମ୍ଭ କହୁଛି ମୁଁ ସତ
'ସାହିତ୍ୟ' ହେଲା ଅନାଥ ହେ ।୪।

୧୯୩୭



୩ । ରସନାର ଭୂଷା··· ···ବାଣୀ—ବିଶ୍ୱନାଥ ଶକ୍ତିଶାଳୀ ବକ୍ତା ଓ ଲେଖକ ଥିଲେ; ବଜ୍ରସାର—ବଜ୍ରପରି ଟାଣ; ସୁଧୀବର—ପଣ୍ଡିତ ଶ୍ରେଷ୍ଠ ।

—୨୦—

# ବିପିନବିହାରୀ ଚଉଧୁରୀ

( ଶ୍ରୀରାଧାବାତୁଲୀ ପ୍ରେମ ରତ୍ନ ତୁଲ—ବୃତ୍ତରେ )

ସର୍ଜନକୁଶଳା ପ୍ରକୃତି ହାରିଲା
ହେ ବନ୍ଧୁ ଯାହାର କଳାପାଶେ
ମାହେନ୍ଦ୍ର ଯୋଗରେ ଭଲା ଜନମିଲ
କୋଣାରକ-ଧନ୍ୟ ସେହୁ ଦେଶେ
ଜନନୀର ପାଇଁ
ଦୁଃଖରେ ତା ସମ-ଦୁଃଖୀ ହୋଇ
ଲାଞ୍ଛନା-ତାମସ-ହରଣ-ମିହିର
କର ଦେଲ ବାହୁ ପଠିଆଇ । ୧ ।

---

୧ । ସର୍ଜନ କୁଶଳା—ସୃଷ୍ଟି କରିବାରେ ପାରଙ୍ଗମା; ଯାହାର—ଅର୍ଥାତ ଉତ୍କଳର କଳାଶିଳ୍ପୀମାନେ ଏତେ ବିବିଧ ଓ ଏତେ କମନୀୟ ସୃଷ୍ଟି କରିଛନ୍ତି ଯେ ତାଙ୍କ ସୃଷ୍ଟି ତୁଳନାରେ ନିଜେ ପ୍ରକୃତି ସୁଦ୍ଧା ପଛରେ ପଡି ଯାଇଛି; ଲାଞ୍ଛନା—ଅପମାନ; ତାମସ—ଅନ୍ଧାର, ହରଣ—ଦୂର କରୁଥିବା, ମିହିର—ସୂର୍ଯ୍ୟ, ଅର୍ଥାତ ଜନନୀ ଉତ୍କଳର ଅଧୁନାତନ ଯୁଗର ଅପମାନ ଦୂର କରିବା ପାଇଁ ବିଧାତା ତୁମ୍ଭଙ୍କୁ ପଠାଇ ଦେଲ ।

ଦେଖିଛି ଅଧୋଗତ ଜନଗଣେ ପଢ଼ି
ଉତ୍କଳର ଅସ୍ଥା ନାହିଁ ମଣ୍ଡି
ବଙ୍ଗକଳାପୀଠେ ପ୍ରମାଣ ତା ଦେଲ
ହେ ବରେଣ୍ୟ ସୁଧୀ ! ଭୁଲିଯିବ !
ତୁମ୍ଭ ଗଉରବେ
ତୁମ୍ଭର ଶଉର୍ଯ୍ୟ-ଶ୍ରୀବୈଭବେ
ଜନନୀ-କପାଳେ ଦୀପ୍ତି ଦେଇ ଦେଲ
ଦେଖିପାରିଲ ନାହିଁ ଅନେକ ସବେ । ୨ ।

କୋଣାରକ-ମୂକ-ଅବଳା-ମୂରତି
ମୁଖେ ଫୁଟାଇଲ ଫୁଲଫୁଲ
ପଥର ଅବଳା ପ୍ରାଣବନ୍ତ ହୋଇ
ଧରିଛନ୍ତି ବନ୍ଦାପନା ଥାଳି
ସାରସ୍ଵତଧାମେ
କଳା-କୀର୍ତ୍ତିଜୀ ଧରା ନାମେ
ସାର୍ଦ୍ଧକୋଟି ଉତ୍କଳୀୟ ଶ୍ରଦ୍ଧାଞ୍ଜଳି
ନେଇନ ଦେଇ ଯାହା ଦେଉ ଅଛୁ । ୩ ।

୧୯୩୬

୨ । ଅସ୍ଥା—ଅନ୍ତରସ୍ଥା, ଦୀପ୍ତି—ଆଭା,
୩ । ତୁମ୍ଭ ଗୌରବରେ ଉତ୍ଫୁଲ୍ଲ ହୋଇ କୋଣାର୍କର ପଥର ଅବଳା ମୂର୍ତ୍ତିମାନେ ତୁମ୍ଭଙ୍କୁ ଅଭ୍ୟର୍ଥନା କରିବା ପାଇଁ ବନ୍ଦାପନା ଥାଳି ଧରି ଫୁଲ ଫୁଲ ପକାଉ ଅଛନ୍ତି । କଳାକୀର୍ତ୍ତିଜୀ ଧରା—ଉତ୍କଳ ।

—୨୧—

# ସଜଳ କରିବୁ ନାହିଁ କଜଳ ନୟନ

( ରାଗ—ଶଙ୍କରାଭରଣ )

ସଜଳ କରବୁ ନାହିଁ କଜଳ ନୟନ
ବୋଲି କେତେ ବାର ତୋତେ ଦେଇ ନାହିଁ ରାଣ !
ଥିଲେ ଆଶା ମୋହଠାଇଁ
ତୋ ଗଣ୍ଡ-ଗୋଲାପେ ଲୁହ ଧୁଅନ୍ତା କିପାଇଁ ।୧।
ଯୋଗୀ ମୁଁ ମୋ ଥାଉ ବିନା ସ୍ମିତ ତୋର ସହୁ !
ଶୋକ-ମେଘେ ସେ କୌମୁଦୀ ଯିବାଇଲେ ଛାଇ
ମୋତେ ଏ ସାରା ସଂସାର
ଅମା ରଜନୀର ସମ ଦିଶବ ଅନ୍ଧାର ।୨।
ଯାବତ କଙ୍କାଳଭାର ବାହେ ମୋର ଦେହ
ପର ବୋଲି ନୁହଁ ମନୁଁ ପୋଛୁ ଗୋ ପକାଅ
ପର ହେଲି କେଉଁ ପରି
ଜୀବନ-ମୂଲ୍ୟରେ ଆଗୁଁ କିଣା ହୋଇ ସାରି ।୩।
ସଂସାର ଉଦ୍ୟାନେ ଫୁଲ୍ଲ ଗୋଲାପ ସୁମନ
ଦେଖିବାରେ ଖାଲି ତୋତେ ଝୁରି ଉଠେ ମନ
ଉପଭୋଗୀ ଭାଗ୍ୟବାନ
ସମ୍ଭବ କେସନେ ଚିନ୍ତା-କୀଟର ଦଂଶନ ? ।୪।

୧। ସଜଳ—ଲୁହରେ ଛଳଛଳ; କଜଳ—କଳା; ଗଣ୍ଡଗୋଲାପ—ଗାଲ ରୂପ ଗୋଲାପ ଫୁଲ ।
୨। ସ୍ମିତ—ମନ୍ଦହାସ, ମୃଦୁଳ ହସ; ଅମା—ଅମାବାସ୍ୟା ।
୪। ଫୁଲ୍ଲ—ପ୍ରସ୍ଫୁଟିତ ।

ମୋ ଉପରେ ବନ୍ଧୁ ଝଞ୍ଜା, ଭୁଞ୍ଜି ତୁ ମଳୟ୍,
ମାନସହାରଣୀ ମମ ଶୋଭାର ନିଳୟ୍,
ଶୋଭାବିଳାସୀ ମୁଁ କବି
ଫୁଲର ଭାର* ଯା ତୋତେ ମୋତେ ସେହୁ ପବି । ୫ ।

୯।୧୯୩୭

—୨୨—

# ନିତ୍ୟାନନ୍ଦ ପାଣଙ୍କୁ ନିରୁପମା

ବାଟ—ଚୋଡ଼

( ଶିଂଶପା ବୃକ୍ଷର ଡାଳେ ହନୁ ମନେ ମନେ ଭାଳେ—ବୃତ୍ତରେ )

ଶୂନ୍ୟ ଦିଶଇ ସଂସାର
ନାହିଁ ଭୃଷା ଲେଖିବାର
ଦଇବ ଦଉଡ଼ ନେବ କି ହେ ଉଡ଼ି
ମୋତେ ଅତଳ ଗହ୍ୱର
ଚିନ୍ତ୍ୟ ମୋହର ହେ ! ।୧ ।

---

* । ଫୁଲର ଭାର—ଅର୍ଥାତ ତୋ ଉପରକୁ ଫୁଲ ସମାନ ଭାର ଆସିଲେ ମୋତେ ତାହା ପବି ଅର୍ଥାତ ବଜ୍ରମାତ୍ର ପରି ବୋଧହୁଏ ।

---

୧ । ଲେଖିବାର—ଲେଖିବା ନିମନ୍ତେ; ଦଇବଦଉଡ଼ି—ଭାଗ୍ୟ
( ଦଇବ ଦଉଡ଼ି ମଣିଷ ଯାଇ, ଯେଣିକି ଟାଣିଲେ ତେଣିକି ଯାଇ )

ବାପ ମୋର କଦାବୁଣି
ଦେଖିଲେଣି ଏବେ ବତନ
ମୁଁ ହେବି କାଞ୍ଚନପୁର-ଜମିଦାର—
ତନୟ କୋଳ-ମଣ୍ଡନ ।
ନାହିଁ ମରଣ ହେ ! ।୨।

ବୋଉର ମୋ ସୁଖ ନାହିଁ ।
କାନ୍ଦୁଛି ଲୁହ ଗଡ଼ାଇ
ଜମିଦାର ଘର ପେଷୁଛନ୍ତି ଗୁଡ଼
ନାନା ଉପହାର ଦେଇ
ନୁହଇ କହି ହେ ! ।୩।

ଟଙ୍କା ପାଞ୍ଚଟି ହଜାର
ଆଣୁଛନ୍ତି ବାପ ମୋର
ଶାଗ ମାଛ ସବୁ ହେବଇଁ ବିକର
ଲଗଟ ଫଟେ ମୋ ଗାର
ପ୍ରିୟ ମୋହର ହେ ! ।୪।

---

୨ । କଦାବୁଣ—ନିର୍ବ୍ୟୁ; କୋଳମଣ୍ଡନ—ଭାର୍ଯ୍ୟା ।
୪ । ଲଗଟ ଫଟେ ମୋ ଗାର — ମୋ କପାଳରେ ଲେଖା !

ମଦ ମାଂସର ସଙ୍ଗିନୀ
ହେବ ନିରୁପମା ପୁଣି
ହେଉଛୁ ଅସହ ଶୁଣି ଅହରହ
ବନ୍ଧୁ ତୁମ୍ଭ ନିନ୍ଦାବାଣୀ
ପିତା କରଣୀ ହେ । ୫ ।

ହୋଇ ଲକ୍ଷଣୀ ପିତୁଳାଁ
ବୋଲାଇ ପୁଣି ଅବଳା
ପାଟି ନ ଫିଟାଇ ସହିବୁଁ କେତେ ଏ
ଦୁରନ୍ତ ସମାଜ ଜ୍ୱାଳା
ନାସ୍ତି ଅବଳା ହେ । ୬ ।

କନ୍ୟାକୁ ମଣି କନକ
ବିକନ୍ତି ଲୋଭୀ ଜନକ
ତଂସେଇ ବେପାର ଠକା କାରବାର
ମଣେ ମୁଁ ଘୋର ନରକ
ନାହିଁ ମୋ ଦକ ହେ । ୭ ।

---

୫। ମଦ ମାଂସର ସଙ୍ଗିନୀ—ଜମିଦାର ପୁଅ ମଦ, ମାଂସ ଖାଏ—ତା ସଙ୍ଗକୁ ମୋତେ ଭୋଗ ସାମଗ୍ରୀ କରାଇବ । ପିତା କରଣୀ—ବାପଙ୍କ କାର୍ଯ୍ୟ ।

୬। ଦୁରନ୍ତ – ଅତ୍ୟାଗ୍ରସ୍ତ; ନିଷ୍ଠୁର

୭। କନକ – ସୁନା ।

୨୮

ପଗ୍ରାଣ କରିଛୁ ପଣି
ଲଙ୍ଘିବ ପିତୃବଚନ
ଲୋକ ଅପବାଦ ରହିଲେ ରହିବ
ନୋହିବ ସତ୍ୟ ଭଗନ
ଜୀବଜୀବନ ହେ ।୮।
ମୋ ନାଇ କର ଲିପିରେ
ଜଣାଇବି ଜମିଦାରେ
ତନ ମନ ମୋର ଦିଆ ଜାତ୍ୟାନନ୍ଦେ
ନ ଦେବି କେବେଁ ଆନରେ
ରଖ ମନ ରେ ।୯।
ବାନ୍ଧିଛୁ ଏଡ଼େ ସାହସ
ଆସ ବନ୍ଧୁ ମୋର ଆସ
"ନାରୁ" ଡାକ ମୋତେ ବୋଲେ ଅଭଙ୍ଗାଅ
ଛାଡ଼େ ମୋ କର ଅଶ୍ୱାସ
ଜୀବଜୀବେଶ ହେ ।୧୦।
କଲଙ୍କୀ ମେଲଣ ଠାରେ
କିଣିଥିଲ ପରି ମୋତେ
କେତେ ଜଣ ଆଣି ଦେବାକୁ କହିଲ
ଲତାଇ ତୁମ୍ଭ ଉରେ
ଅଛି ନିର୍ଭରେ ହେ ।୧୧।

---

୮ । ପଗଣ କରିଛୁ ପଣ—ମୁଣ୍ଡରେ ପାଣି ଛିଡ଼ାଇ ଦେଇଛି ।
୯ । କରଲିପି—ହାତର ଚିଠି; ତନ—ଦେହ ।
୧୦ । ଅଶ୍ୱାସ—ଦମ୍ଭ ।
୧୧ । ଲତାଇ—ଲତା ଭଳି ଆଉଜି ।

ଘରେ ଅମ୍ଭ ପଇଁଚାତ
ଥିଲେ ତୁମ୍ଭ ତାତମାତ
ଗୋକୁଳ ଭିମା ଦେଖଇଙ୍କ ସୁତ ବୋଲି
ଆଦର ହେଲ ପ୍ରାପତ
ଲକ୍ଷ ତ୍ୟଜତ ହେ ।୧୨।

ମେଲନ୍ତୁ ବଦାଯୁ ବେଳେ
ଲଖି ବହୁ ତୁମ୍ଭ କୋଳେ
ମୁଁ କହିଲି ମୁଁ ଏହାଙ୍କୁ ନ ଛାଡ଼ିବି
ରହିବି ଏହାଙ୍କ ମେଳେ
ସେନେହ ଭୋଳେ ହେ ।୧୩।

ବରଷ ନଅ ମାତର
ନାହିଁ ଛଟକ ସ୍ମତର
ତଥାପି ବାଳକା ବସ୍ସୁଁ ହୋଇଲି
ସାରଣୀ ପ୍ରୀତ ହାତର
ଗ୍ରହ୍ମ ମାତର ହେ ।୧୪।

ନେବାକୁ ତୁମ୍ଭଙ୍କୁ ଘରେ
ଅଡ଼ ବସିଲି ଯାତରେ
କଦ ଦେଖି ମୋର ହେଲ ଅସିବାର
ତୁମ୍ଭଙ୍କୁ ମୋ ବହୁତରେ
ମୋର ହାତରେ ହେ ।୧୫।

---

୧୪। ସାରଣୀ—ଖେଳର ନଟୁ ।

୧୫। ଅଡ଼ ବସିଲି—କଦ୍ ଧରିଲି ।

ଥାଏ ତୋର ଫରମାସ
ଛୁଟି ହେଲେ ତୁମ୍ଭେ ଆସ
କେତେ ନୂଆ କଥା ଆଣ ମୋହ ପାଇଁ
ମୋ ମନ କର ଉଲ୍ଲାସ
ଜୀବଜୀବେଶ ହେ ।୧୬।

ପୋଷାଗାଙ୍କୁ ସଙ୍ଗେ ନିଅ
ହାତରେ ଗାଧୋଇ ଦିଅ
ମୁଁ କେବଳ ମୁଖେ ଦେଖଇ ଆନନ୍ଦ
କି ଆନନ୍ଦ ମୋଠୁଁ ପାଅ,
ହେ ପରପୁଅ ହେ ।୧୭।

ବହୁତ ବହୁ ଫିଟାଇ
କାହାଣୀ ଯାଅ ହେ କହି
ଶକୁନ୍ତଳା ଜୁଲିଏଟଙ୍କ ଚରିତ
କେବେଁ ମୋ ଭୁଲି ନ ଯାଇ
ନଟେଇ ଭାବି ହେ ।୧୮।

ହେଲି ଚଉଦ ବରଷ
ଜୀବନେ ମୋ ମଧୁମାସ
ତୁମ୍ଭ ହାତେ ମୋତେ ଦେବା ପାଇଁ ବାପା
କଲେ ଧନେ ପରକାଶ
ତୋର ହରଷ ଦେଇ ।୧୯।

---

୧୬ । ଫରମାସ—ବରାଦ ।

୧୮ । ଶକୁନ୍ତଳା—କାଳିଦାସଙ୍କ ପ୍ରଣୀତ ନାୟିକା; ଜୁଲିଏଟ—ସେକ୍ସପିଅରଙ୍କ ପ୍ରଣୀତ ନାୟିକା ।

୧୯ । ମଧୁମାସ—ବସନ୍ତକାଳ ।

ତୁମ୍ଭେ ଇନ୍ଦୁ ସିନ୍ଧୁ ମୁହିଁ
ହରଷ ମୋ ନୁହେ ବନ୍ଧୁ
ଛୁଟିରେ ନ ଆସି ପାର ଯଦି କେବେ
ବିରହେ ହୁଏ ଯା ତାହୁ
କୁହା ନ ଯାଇ ହେ ।୨୦।

ଉଭଟେ ମନେ ହୃଦୟ
ମନ ମୋ ହୁଏ ଅଥୟ
ବିହଙ୍ଗର ପକ୍ଷ ଦେବା ପାଇଁ ମୋରେ
ଧାତାରେ କରେଁ ବିନୟ
ମୁଁ ଅନୁନୟ ହେ ।୨୧।

ଆସ ନିକଟେ ଯେବେ ସଖା
ନ ଦିଏ ପୁରା ମୁଁ ଦେଖା
ମନ ଥାଏ ଅଙ୍ଗେ ଅଙ୍ଗ ଯୋଡିବାକୁ
ଆବରଣି ଲୋକଦେଖା
ପରାଣ ସଖା ହେ ।୨୨।

---

୨୦ । ତାହୁ ହେବା—ନିଆଁ ଧାସରେ ସିଝିବା ।

୨୧ । ବିହଙ୍ଗ—ପକ୍ଷୀ ; ଚଢ଼େଇ ।

୨୨ । ଲୋକ ଦେଖା—ଲୋକଙ୍କୁ ଦେଖାଇ ହେବାକୁ ଲଜ୍ଜା ।

ପାଣିଆଁ ତଟରେ ମୁଁ ଘେନି
ସଜାଡୁଥିଲି ମୋ ବେଣୀ
ତୁମ୍ଭେ ପହଞ୍ଚିଲ କେହୁ ଥିଲେ ନାହିଁ
ଦଇବେ ମୁଁ ଏକାକିନୀ
ବେଣ ମୋହିନୀ ହେ ।୨୩।

ଅଙ୍କାଇ ମୋତେ ଭଟରେ
ପରଶି ଗଣ୍ଡ ଗଣ୍ଡରେ
ଲେଖିଲ 'କାନ୍ତ'ରେ ଆହା ମୋ ଭାଲୁରେ
ଏତେ ଲଜ୍ଜା ପୁଣି ମୋତେ
ଦୁଃଖେ ମୁଁ ମରେ ହେ ।୨୪।

ଲଲାଟେ ଚନ୍ଦନ ବିନ୍ଦୁ
ଉରସେ ତୁ ମୋର ଇନ୍ଦୁ
ପ୍ରେମରଚନାକୁ ବାଣୀ ତୁ ରେ ମୋର
ରୂପରେ ଶଶୀକୁ ନିନ୍ଦୁ
ପରାଣ ବନ୍ଧୁ ହେ ! ।୨୫।

ତୁ ପରା ମୋରେ ଛଇଳା
ଭୁଲିଏଟ ଶଙ୍କୁଳା
ବର ଦଅ ମୋତେ ହେବୁ ତୁ ମୋ ଗଳେ
ପ୍ରେମ ବୈଜୟନ୍ତୀ ମାଳା
ପୀରତିଶୀଳା ହେ ।୨୬।

---

୨୫ । ଲଲାଟେ—କପାଳରେ; ଉରସେ—ଛାତିରେ; ଇନ୍ଦୁ—ଚନ୍ଦ୍ର;
ପ୍ରେମରଚନାକୁ ବାଣୀ—ମୋତେ ପ୍ରୀତବିଦ୍ୟା ଦେବାକୁ ସରସ୍ୱତୀ ।
୨୬ । ବୈଜୟନ୍ତୀ ମାଳା—ବିଜୟର ହାର ।

ତୁ ମୋର ମୁହଁ ଚୋହର
କର ଅଜ ଅଙ୍ଗୀକାର
ରାଜହଂସ ଗତି ଲାଜ ତୁ ବରଜ
ମୁଁ ପରା ତୋ ପରସ୍ତୁର
ସୁମନାବର ରେ ।୨୭।

ଉଟରେ ମୁଁ ତୁମ୍ଭ ଲତାର
ଭେଟେଭ କସ ଗଲ୍ ବନ୍ଧ
ସତୁର ମରମ୍ୟ— ଚରଣ ତଳର
ଦାସୀ ପଟଣେ ମୁଁ ଯୋଗାଇ
ଶରଣ ଦେନ୍ତୁ ହେ ।୨୮।

ବାହୁ ବନ୍ଧନକୁ ଫେଇ
ଲପଟେ ମୋର ଅନାଇ
ହସିଲ୍ ନର ଲୁଗର ଭେଟେ ମାତର
ଦେବତା ହୋଇବେ ବାଇ
ତୋରେ ଅନାଇଁ ରେ ।୨୯।

ଚନ୍ଦନପୋଖରୀ ଜଳେ
ପଡ଼ୁଁ କୁମ୍ଭୀର କବଳେ
ସନ୍ତରଣ ତୁମ୍ଭେ ବଞ୍ଚାଇଲ୍ ମୋରେ
ଅଘାତ ସନ୍ତୁ କପାଟେ
ମୋ ପାଇଁ ହେଲେ ହେ । ୩୦ ।

---

୨୭ । ପରିସ୍ଥିର—ସେବକ ।
୨୮ ଭେଣ୍ଟ—(ହସ୍ତ ଓ) ଗୋଡ଼ ।

ଜୀବନ ଦେଇଛୁ ଢାଳି
ରଖ ହେ ପରସ୍ପରାଳି
ହେ ଜୀବଜୀବନ          ରାଜସିଂହାସନ
ତୁମ୍ଭ ଚନ୍ ଧିଳି ଧିଳି
ମୁଁ ସେ ସେବକୀ ହେ । ୩୧ ।
ପିଅରଙ୍କୁ ପୁଣି          କହୁଛୁ ଜନନୀ
ତୁମେ ମୋ ହୃଦୟ ରାଣି
ସେ ସେ ପାଷାଣ ହେ । ୩୨ ।
ହେ ମୋ ଗର୍ଭ ମଲ୍ଲିଫୁର ।
ଦ୍ୱିତୀୟ ଜୀବନ ମୋର
ଆସୁଛି ସଂକଟ          ଆସ ମୋ ନିକଟ
ବତାଇଣ ଦିଅ ଭର
ପରମେଶ୍ୱର ହେ । ୩୩ ।
ହୋଇବା ଜନକଦ୍ରୋହୀ
ଦୋଷରୁଣୀ ହେବା ନାହିଁ
ଆସ ପ୍ରିୟତମ,          ହର ଶନ୍ତାମମ,
ଦୁଃଖିନୀ, ମୋ ସମ ନାହିଁ
କି କହିବଇଁ ହେ । ୩୪ ।
ଜମିଦାର ଘର ଦାସୀ
ବିଲେଇ ମୋ ଶୋଭାରାଶି
ଜମିଦାର ସୁତ,          ଭାଗ୍ୟବନ୍ତ ଭାବି
ହରଷେ ଯାଅନ୍ତି ଭାସି
ନବବୟସୀ ହେ । ୩୫ ।

---

୩୨ । ହୃଦୟରାଣି—ମନର ରାଜା ।

ହରଷେ ଯାଅନ୍ତୁ ଭାସି
ନବବୟସୀ ହେ ! । ୩୫ ।

ଜମିଦାରେ ଲେଖିବଇଁ
ପିଅରେ ବୋଲ ଜଣାଇଁ
ତୋମ ଢିଅ ନୁହେ କୁକୁର ଅହାର
କୁକୁର କାହିଁକି ବାଇ ?
ହା ମୋ ଜାତାଇ ହେ ! । ୩୬ ।

ଦୁଃଖବାଟେ ପଦ ସ୍ଖଳି
ସୁଖେ ଦେଲ ଜଳାଞ୍ଜଳି
ଜୀବନତୋଷର ନିତ୍ୟାନନ୍ଦ ମୋର !
ଅସ ମୋ ରଙ୍କ ସଙ୍ଗୀଳ !
ମୁଁ ତୁମ୍ଭ ବାଳୀ ହେ ! । ୩୭ ।

ଭାଷିଥିଲ ଦିନେ ମୋରେ
ଜନମ ତୁମ୍ଭ ମହୀରେ
ମୋହର ଅଙ୍ଗର କବଚ ହେବାକୁ,
ଥିବ ତା ତୁମ୍ଭ ମନରେ
ଝୁରି ତା ମରେଁ ହେ ! । ୩୮ ।

---

୩୮ । କବଚ—ସାଞ୍ଜୁ ।

ଦୂଷଣ ଶୋଷଣ ବାଙ୍କୁ
ଲଭ ବନ୍ଧ ପଛେ ଭାଙ୍କୁ
ନିରୁପମା ନାରୀ ନୋହିବ ବୋହିସ୍ତ
ପିତା ତା ପଛେ ଗରଜୁ
ବାଧା ସରଜୁ ହେ ! । ୩୯ ।

ତଟିନୀ ଭେଦିବ ଗିରି
ସିନ୍ଧୁକୁ ଯିବ ବାହାରି,
ଚିରି ତରଙ୍ଗ ସିନା ଅକାରଣ
ରୋଧି ହୁଏ କି ତା ବାରି ?
ନାରୀ ତା ସରି ହେ ! । ୪୦ ।

ପାଳିବ ପତିବ୍ରତ
ବୁଝିବେ ମୋ ଲୋଭୀ ତାତ,
ଏ ଦେହ ତାହାର ଯାହାକୁ ଅନ୍ତର
ହୋଇଛି ଇଚ୍ଛାରେ ଦତ୍ତ
ଜାଣି ନିଶ୍ଚିତ ହେ ! । ୪୧ ।

---

୩୯ । ଦୂଷଣ ଶୋଷଣ—ନିନ୍ଦା ।

୪୦ । ତଟିନୀ—ନଦୀ; ଗିରି—ପର୍ବତ; ସିନ୍ଧୁ—ସମୁଦ୍ର ।

ମୋ ଜୀବନର ଆନନ୍ଦ!
ଅୟି ମୋର କଲ୍ୟାଣର!
ମୋ ପଞ୍ଚବରଣ     ପୃଥ୍ୱୀରାଜବତ
ରଖି ଦେଖ୍ ଜୟଚାନ୍ଦ
ଦୁର୍ଜନ ମନ୍ଦ ହେ ! । ୪୨ ।

ହୋଇଛି ବୟସ ମୋର
ଆଉନକୁ ନାହିଁ ଡର
ପ୍ରେମ ଯୋଗୀ ପ୍ରେମ—     ଯୋଗୀଅଣୀ ସାଜି
ସମାଜେ ଦେବା ଉତ୍ତର
ସଂକଳ୍ପ ମୋର ହେ ! । ୪୩ ।

ମୁକୁଳା ଆକାଶ ତଳେ
ଅବା ମହୀରୁହ ମୂଳେ
ଉଭେ ତୁମ୍ଭ ମୁଁ     ଅଭଙ୍ଗ ଠିଆ ହେଲେ
ଶଚୀଭୁକ୍ତ ପାଦତଳେ
ଜାଣେ ମୁଁ ଭଲେ ହେ ! । ୪୪ ।

---

୪୨। ପୃଥ୍ୱୀରାଜ—ଜୟଚାନ୍ଦ—ଜୟ ଚାନ୍ଦଙ୍କ ଝିଅ ସଂଯୁକ୍ତା ମନେ ମନେ ପୃଥ୍ୱୀରାଜଙ୍କୁ ବରଣ କରିଥିଲେ କିନ୍ତୁ ଜୟଚାନ୍ଦ ପୃଥ୍ୱୀରାଜଙ୍କୁ ସଂଯୁକ୍ତାଙ୍କ ସ୍ୱୟମ୍ବରକୁ ନିମନ୍ତ୍ରଣ ନ କରି ତାଙ୍କୁ ଅପମାନ ଦେବା-ପାଇଁ ତାଙ୍କ ମୂର୍ତ୍ତିକୁ ଦ୍ୱାରପାଳ ରୂପେ ଥାପି ଦେଇଥିଲେ । ପୃଥ୍ୱୀରାଜଙ୍କ ମୂର୍ତ୍ତି ବେକରେ ସଂଯୁକ୍ତା ମାଳ ଦେଲେ ଏବଂ ପୃଥ୍ୱୀରାଜ ଲୁଚିରହି-ଥିବା ସ୍ଥାନରୁ ଆସି ସଂଯୁକ୍ତାଙ୍କୁ ଘୋଡ଼ାରେ ବସାଇ ନେଇ ଯାଇ ଥିଲେ ।

୪୪ । ଶଚୀଭୁକ୍ତ—ଇନ୍ଦ୍ରାଣୀଙ୍କ ସମ୍ପଦ ।

ଶଙ୍କ ଥରେ ନେଲେ ସ୍ନେର
ସଂସାରେ ଥାଏ କି ଡର ?
ସଂଯୁକ୍ତା ସମାନ ମୁହିଁ ସ୍ୱୀତସ୍ନାନ
ପୃଥ୍ୱୀରାଜ ତୁଅ ମୋର
ହୃଦଭସ୍କର ହେ ।। ୪୫ ।

ପଥ ଗୁହିଁ ଅଛୁ ବସି
ଆସ ମୋ ମାନସ ଶଶୀ ।
ଜାଅଣା ସହିତେ ଧରଣୀ ବୁଡ଼ନ୍ତୁ
ଜାହ୍ନୁପମା ଯାଏ ଭାସି
ହୃଦର ଅସି ହେ ।। ୪୬ ।

୧୯୪୫

—୨୩—

ସମର-ଶଙ୍ଖ

## ସଚ୍ଚିଦାନନ୍ଦ ଭୂୟାଁ

( ରାଗ—କାମୋଦୀ )

ଭୁଲିଲେ ନିଦ୍ରାନନ୍ଦ କବି ସଚ୍ଚିଦାନନ୍ଦ !
ନିଦବେ ଯାଇଛ ବାହାରି
ହେଲ ବ୍ୟୋମବିହାରୀ ମହାବ୍ୟୋମରେ ଧାଇଁ
କବି ରହିଛ ବ୍ୟୋମଗୃହୀ
ହେ ଶୂରମଣି !
ହରାଇ ତୁମ୍ଭଙ୍କୁ ଉତ୍କଳ
ନୟନୁ ନିଗାଡ଼ଇ ଜଳ,
ସ୍ମୃତିପୂଜା ବାସରେ ପ୍ରସନ୍ନ ମାନସରେ
କ୍ଷଣକ ଲାଗି ଅବତର
ହେ ବ୍ୟୋମଗୃହୀ !

---

ଦୁର୍ଘଟଣାରେ ମୃତ ଉତ୍କଳର ପ୍ରଥମ ଉଡ଼ାଜାହାଜ ଚାଳକ କୁମାର ସଚ୍ଚିଦା ନନ୍ଦ ଭୂୟାଁଙ୍କ ସଟାଟଉର ଶ୍ମଶାନ ସମାଧି ସ୍ଥାପନ ଉପଲକ୍ଷେ ରଚିତ ।

୧ । ମହାବ୍ୟୋମ—ସ୍ୱର୍ଗ, ବ୍ୟୋମଗୃହୀ—ଆକାଶ ବିହାରୀ; ଅବତର—ସ୍ୱର୍ଗରୁ ଓହ୍ଲାଇ ଆସ ।

ଏ ଜାତି ନାହିଁ ମରି          ସୁପ୍ତ କେଶରୀ ସରି
ଅଛୁ ନିବେଦ ଭାବ ଭରି
କଲ ଏହା ପ୍ରମାଣ          ଦେଇ ମହାପ୍ରସ୍ଥାଣ
ଶୂରକାନ୍ତିତ ଭୂତ ଅର୍ଜି
ହେ ଧୀରମଣି !
ସହୀଦ ମଧ୍ୟେ ଗଣ୍ୟ ହୋଇ
ଉତ୍କଳ ସମ୍ମାନ ବଢ଼ାଇ
ଅକାଳରେ ଶ୍ମଶାନ          କଲ ଯାହା ବରଣ
ଦହେ କେବଳ ହୃଦ ତାହି
ହେ ଧୀରମଣି !

ଦରିଦ୍ର ଦୁଃଖ ଦେଖି          ଆର୍ଦ୍ର କରିବା ଆଖି
ଅକୁଣ୍ଠ ଚିତ୍ତେ ଦେବା ଦାନ
ଦୁର୍ଲ୍ଲଭ ଗୁଣାବଳି          ଥିଲା ତୁମ୍ଭର ବୋଲି
ଜୀବନ ତୁମ୍ଭର ମହାନ
ହେ ବୀରୋତ୍ତମ !

---

୧ । ନିବେଦ ଭାବ—କୋମଳ ଭାବ, ସହୀଦ—( ଯାବନିକ ଶବ୍ଦ )—ମହତ କାର୍ଯ୍ୟରେ ପ୍ରାଣ ଦେଇଥିବା ବ୍ୟକ୍ତି । ଆର୍ଦ୍ର—ଓଦା;

ତୁମ୍ଭ ସ୍ମରଣ ମୁଗ୍ଧ ଦେଶ
ପ୍ରୟାଣେ ତୁମ୍ଭ ହା-ହୁତାଶ
ଢାଳି ନୟନସାର ଜାତିର ଅଜ ପର !
ଦେନ ଶରଧା ସୁମନସ
ହେ ବୀରୋତ୍ତମ !

ଜଗତେ ସବୁ ନଶ୍ୱର କୀରତି ଅନଶ୍ୱର
କୀରତି ଦେହେ ଅଭ୍ୟୁତ୍ଥାନ
ହୋଇ ରହିବ ବୀର ଚନ୍ଦ୍ରମା ଦିବାକର
ମଣ୍ଡିବେ ଯାବତ ଗଗନ
ହେ ଶୂରବର !

ଶଉର୍ଯ୍ୟ ବୀର୍ଯ୍ୟ ପରମ୍ପରା
ରଖି ଅକ୍ଷୁଣ୍ଣ ବୀରଧରା
ତୋହର ପୂତପର ଜନ୍ମ ଭୂମି ଅମ୍ଭର
ବରଷ ଏ ସଦିଚ୍ଛା ଧାରା
୧୯୪୩ ହେ ଦିବବାସି !

୩ । ସୁମନସ — ଫୁଲ, ନଶ୍ୱର — ଅସ୍ଥାୟୀ ।

—୨୪—

# ସେ କାଳ ବିପଞ୍ଚୀ ଏ କାଳ ତାନ

[ ରାଗ—ରସକୁଲ୍ୟା ]

ପ୍ରାଣ-ପ୍ରଚୁରତା ଏ ଦେଶେ ଆଉ
ନାହିଁଟି ନିଯୁତ ସାଧୁଛି ଦାଉ,
ଜଡ଼ତା-ଅଜ୍ଞାନ-ଘନ-ଅନ୍ଧାର
ଘୋଟିଛି ଏ ଦେଶେ ଚଉଦିଗର ଯେ
ପ୍ରାଣେ କାହିଁ ପ୍ରଫୁଲ୍ଲତା ଯେ ?
କଣ୍ଠରୁ ଛୁଟିବ          ସଙ୍ଗୀତର ଉତ୍ସ
ଦେଇ ଆନନ୍ଦର ବାର୍ତ୍ତା ଯେ । ୧ ।

ଗଡ଼ ବାରବାଟୀ ଉନ୍ନତ ଶିର
ଲୁଣ୍ଠନେ ଆଜ କି ନାରଖାର !!
କାପୁରୁଷ ପଦ ବୀର ମାଟିରେ
କର କଳୁଷିତ କୀର୍ତ୍ତି ସ୍ମୃତିରେ ଯେ
ମାରଦଏ ହୃତ୍‌କଳୀର ଯେ
ଶୌର୍ଯ୍ୟ-ମୟୂଖ          ଯାଇଛି ଉଭେଇ
ଥିଲା ଯା ଜଳସ୍ଥଳର ଯେ । ୨ ।

---

୧ । ପ୍ରାଣ ପ୍ରଚୁରତା — ଉତ୍ସାହ, ଉନ୍ମାଦନାଦ ଜୀବନ ପରିଚୟସୂଚକ ଗୁଣର ଯଥେଷ୍ଟତା; ଦାଉ ସାଧୁଛି — ଅକସ ସାଧୁଛି ।
୨ । ଲୁଣ୍ଠନେ  ଭୂଇଁରେ ଲୋଟିବାରୁ, ଶୌର୍ଯ୍ୟମୟୂଖ — ବୀରତ୍ୱର ଆଭା ।

ଭଞ୍ଜ ଦୀନକୃଷ୍ଣ କର ପରଶେ
ବାଣୀବୀଣା ସର୍ଜି ଥିଲା ଯେ ରସେ
ଜଡ଼ବତ୍ ଅନ୍ଧ ସେ ରସପୂରେ
ଭସାଇଲେ କ୍ଲୀ ସୌଧପୁରେ ଯେ
ତା ସମାନ ରସ କାହିଁ ହେ ?
ନବଯୁଗ କର୍ଣ୍ଣ— ରସାୟନ ହେବ
ଶୁଣିବେ ଓଡ଼ିଶୀ ଭାଇ ସେ ? ।୩।

ଗାଉଛନ୍ତି ଜଙ୍ଗଲ ପରସଙ୍ଗୀତ
ନ ଜାଣୁଛନ୍ତି ନିଜେ ନିଜର ବାଣୀ,
ସେ କାଳ ବାପଣୀ ଏ କାଳ ତାନ
ଯୋଗ ବିନା ଧନୀ ହାରୁଛନ୍ତି ମାନ
ଛନ୍ଦ କଳ୍ପତରୁ ତଳେ ସେ
ରହି ରସସୁଧା ନ ମେଣ୍ଟୁଛନ୍ତି ତାର
ଭାଗ୍ୟେ ବଳିବ କେ କଳେ ସେ ? ।୪।

---

୩। ଭଞ୍ଜ ଉପେନ୍ଦ୍ର ଭଞ୍ଜ, ଦୀନକୃଷ୍ଣ — ଦୀନକୃଷ୍ଣ ଦାସ; ପୂର — ସ୍ରୋତ କ୍ଲୀ — କ୍ଲୀବ; ସୌଧ — ପକ୍କା, କର୍ଣ୍ଣରସାୟନ — କାନର ପ୍ରିୟ ।

୪। ସେ କାଳ ବାପଣୀ ଏକାଳ ତାନ — ଏଠାରେ ଅର୍ଥ ପ୍ରାଚୀନ ସହିତ ନବୀନର ସମାବେଶ; ଛନ୍ଦକଳ୍ପତରୁ — ଓଡ଼ିଶାର ପ୍ରାଚୀନ ସାହିତ୍ୟରେ ଅଗଣିତ ଛନ୍ଦ ରହିଛି; ତେଣୁ ତାର ଏ ନାମ ।

ଗାଅ ବାଣୀସୁତେ ! ବୀରସଙ୍ଗୀତ
ବୀର ମେଦନୀ ଏ ହେଉ ସ୍ପନ୍ଦିତ;
ପ୍ରାଚୀନ ଛନ୍ଦରେ ବିଶ୍ୱଭାବନା
ଢାଳି ଗାଅ କବି ଉତ୍ଫୁଲ୍ଲ ମନା ! ସେ
ମଧୁଧାରା ଭବିଷ୍ୟେ ସିଞ୍ଚି ହେ
ଅନାଗତ ବଂଶଧରଙ୍କ ପାଇଁ କି
ଗୁରୁ ଗଉରବ ସଞ୍ଚି ହେ । * ।

୧୯୩୫

---

* । ଅନାଗତ — ଜନ୍ମ ହୋଇ ନ ଥିବା ।

—୨୫—

# ନୃସିଂହ ଚରଣ ମହାନ୍ତି

( ସ୍ୱର—ରସକୁଲ୍ୟା )

ଦୁଃଖିନୀ ଓଡ଼ିଶା ଦୁଃଖ ସଙ୍ଖାଳି !
ସାହିତ୍ୟ ଆରାମ ନବୀନ ମାଳି !
ନବୋଦିତ ଯୁବକୁଳ ଚନ୍ଦ୍ରମା !
କାହିଁ ଗଲ ସଜି ଅକାଳେ ଅମା
ବନ୍ଧୁ ନୃସିଂହ ଚରଣ ହେ !
କେଉଁ ରାଇଜରେ ଛପାଇଲ ମୁହଁ
ଦେଇ ଏ ସ୍ମୃତି କଷଣ ହେ ? ।୧।

ପାଷାଣେ ପିହିତ ଜନନୀ ହିଆ
ବୋଲି ସିନା ହାଦେ ସହିଲା ଏହା,
କେତେ ଆଶା କେନ୍ଦ୍ର କରି ତୁମ୍ଭଙ୍କୁ
ପୋଷିଥିଲା ଭାଙ୍ଗି ଦେଇ ତା ବୁକୁ
କଲ ଅକାଳ ପ୍ରୟାଣ ହେ
ଉତ୍କଳ ଗୌରବ— ମନ୍ଦିରରେ ତୁଚ୍ଛ
କରି ନିଜ ଉଚ୍ଚ ସ୍ଥାନ ହେ । ୨ ।

---

କବିଙ୍କର ସୁନାମଧନ୍ୟ ଯୁବକ ବନ୍ଧୁ, କବିଙ୍କ ସହିତ ମିଶି Greater Utkal League (ବୃହତ୍ତର ଉତ୍କଳ ସଂଘ) ଗଢ଼ି ତହିଁର ସମ୍ପାଦକ ହୋଇଥିଲେ । ୧ । ଆରାମ — ବଗିଚା ।

୨ । ତୁଚ୍ଛ — ଶୂନ୍ୟ ।

ସ୍ୱାର୍ଥରୁ ଫେରି ତ୍ୟାଗର ପଥ
ଗମିବାକୁ କରି ବସିଲ ବ୍ରତ
କରି ନିରନ୍ତର ଜନନୀ ସେବା
ଦେଖାଇଲ ଦେଶେ ଯା କରେ ଯୁବା
ଜାତିର ମୁକତି ପାଇଁ ହେ
ସୁଖେ ଜଳାଞ୍ଜଳି          ଭୋଗେ ଜଳାଞ୍ଜଳି
ଧନ-ଗରିମା ହଜାଇ ହେ ।୩।

ଆଡ଼ମ୍ବର ଜାଣି ନ ଥିଲ ଲବେ
ଗରବ ତ ରଖି ନ ଥିଲ ସବେ
କାନ୍ତମୂର୍ତ୍ତିରେ ସଦା ଆଲୋକ ମୁଖ
ଖୋଜି ଗିରି ଦେଇ ନାହୁଁ କି ସୁଖ ?।
ଯେ ଜାଣିଥିଲା ତୁମ୍ଭଙ୍କୁ ହେ
ଅକାଳରେ ଚଳି          ଯାଇ ବନ୍ଧୁବର !
ଶେଳେ ବାନ୍ଧିଲ ତା ବୁକୁ ।୪।

ନବୀନା ଅବଳା ମୁଣ୍ଡୁଁ ସିନ୍ଦୁର
ପିତା-ତାକ ରସନାରୁ ଶିଶୁର
ଦେଇ ଯିବା ବନ୍ଧୁ ! କେଡ଼େ ପରୁଷ
ଶ୍ୱଶୁର-ଦମ୍ପତୀ କଲେ କି ଦୋଷ ହେ
କି ଦୋଷେ ଦୋଷୀ ଏ ଦେଶ ହେ ?
ସେ ଦେଶକୁ ଗଲ          ନ ଫେରନ୍ତି ଯହୁଁ
କାଳେ କାଳେ ତ ସନ୍ଦେଶ ହେ । ୫ ।

---

୪ । କାନ୍ତ — ମନୋହର ।

୫ । ନବୀନାଅବଳା — ଯୁବତୀ ଭାର୍ଯ୍ୟା; ରସନା — ଜିଭ; ଘାଟି, ପରୁଷ — କଠୋର-ନିର୍ଦ୍ଦୟ; ଶ୍ୱଶୁର — ଦେଓ୍ୱାନ ବାହାଦୁର ଲକ୍ଷ୍ମୀଧର ମହାନ୍ତି, ସନ୍ଦେଶ—ଖବର ।

ଯହିଁ ତହିଁ ଥାଅ ହେ ଗୁଣିବର !
ହଁ ଶୁଣୁଥିବୁ ସିନା ଗୁଣ ତୁମ୍ଭର !!
ଦୀର୍ଘେ ଜୀବନ ନୁହଇ ମଥା
ମାପକାଠି ସିନା ତା ଗଭୀରତା
ତହିଁ ହୋଇ ପରମିତ ଯେ
ଯାହା ବୋଲ ତୁମ୍ଭ ଜୀବନ ଆଭାସେ
ତାହେର ବକ୍ଷ ଅମ୍ଭ ସ୍ଫୀତ ଯେ । ୬ ।

ମରଣ ପରଦା ଏ ପଟେ ରହୁ
ଶରଧା ଅଞ୍ଜଳି ଟେକୁଛୁ ଭାଇ !
ଭକ୍ତଗଣ ପରି ଦକ୍ଷିଣୀ କର
ହୁଏ ପରତୀଏ କଟ୍ୟୋଗେ ତୋର ରେ
ଜୀବନ ସଉଦା ମୋର ରେ
ସହଗଲ୍ଲ ଯାଏଁ ଭାଇ ନୃସିଂହ ରେ !
ସ୍ମୃତ ହୃଦେ ଭଣ୍ଡାଗାର ରେ । ୭ ।

୧୯୩୫

୭ । ସ୍ଫୀତ — ଫୁଲିଥିବା ।

—୨୨—

# ବାରବାଟୀ

ଢୁଲ୍‌ଇଛୁ ଗାଢ଼ ନିଦେ ଏଥି ସ୍ୱାଧୀନତା
ମୂକ ଏଥି ଅହା କେତେ ଗଉରବ ଗାଥା !
ଏଠୁ ପଥେ ହେ ଉତ୍କଳ ! ଯାଅ ସେଠୁ ଚଳି
ଜାଣି ଦଳୁଅଛ ପଦତଳେ କେଉଁ ଧୂଳି ? । ୧ ।

ସ୍ୱାଧୀନ ଓଡ଼ିଆ ଜାତି ଧମନୀ ଶୋଣିତ—
ଅସାରେ ଏ ଧୂଳି ଭରି ! ହୋଇଛୁ ଧଉତ;
ଉତ୍କଳର ଗଉରବ ମଶାଲ୍ ଅଲିଅ
କଳାପାହାଡ଼ର ହାତେ ଭଜି ଅଛୁ ଲୟ । ୨ ।

ସ୍ୱାଧୀନତାଦେବୀଙ୍କର ରମ୍ୟ ନିକେତନ
ନବତଲ ଦୁର୍ଗ ଆଜି ନିଶାର ସପନ;
ଗତ ବିଭବର ମୂକ ସାକ୍ଷୀ ଅସହାୟ
ଠିଆ ଭଙ୍ଗା ଗଡ଼ଦ୍ୱାର ପ୍ରହରୀ ପରାୟ । ୩ ।

ଯେଉଁ ପରିଖାର ଜଳ ପ୍ରାଚୀର ଅବେଷ୍ଟି
ସୈନ୍ୟଙ୍କର ପ୍ରତିବିମ୍ବ ଥିଲା ଦିନେ ବହି
କ୍ଷେତ ହୋଇ ସହେ ସେଠୁ ଲଙ୍ଗଳର ଗାର
ବେଦନା ଦେଖାଏ ଅବା ଶିରିଜଣ ଉର !! । ୪ ।

---

୨ । ଅସାର—ଅସତ୍ତ୍ୱ, କଳା ପାହାଡ଼—ବଙ୍ଗଳା ନବାବଙ୍କ ଜ୍ୱାଇଁ ଓ ସେନାପତି—ଓଡ଼ିଶାର ସ୍ୱାଧୀନତା ତାହାର ହାତ୍ ଲୁପ୍ତ ହୋଇଥିଲା ।

୩ । ନବତଲ ଦୁର୍ଗ—ବାରବାଟୀ ଦୁର୍ଗ ନଅ ମହଲା କୋଠା ଥିଲା ।

୪ । ପରିଖା—ଗଡ଼ଖାଇ; ପ୍ରତିବିମ୍ବ—ଛାଇ; କ୍ଷେତ ହୋଇ—ବାରବାଟୀର ଗଡ଼ଖାଇରେ ଏବେ ଧାନକ୍ଷେତ ହୋଇଅଛି ।

ଉତ୍କଳ ନରେଶଙ୍କର ଇଚ୍ଛି ପରସାଦ
ଆଣି ଉପଢଉକନ ମଣ୍ଡି ଏ ପ୍ରାସାଦ
କେତେ ଯେ ବିଦେଶୀ ରାଜଦୂତେ ସ୍ୱଦେଶର
ଧ୍ୱଜା କଲେ ଅବନତ ତା ତ ଅସୁମାର । ୫ ।

ଦୁର୍ଗେଶ ବିଜୟବାଦ୍ୟେ ଏ ଦୁର୍ଗ ପ୍ରାଚୀର
କେତେ କେତେ ବାର ଦେଇନାହିଁ ପ୍ରତିଗିର !!
ରାଜକୁଳଲକ୍ଷ୍ମୀଙ୍କର ହୁଳହୁଳି ନାଦ
ଶୁଭୁଇ ନାହିଁ ବା କେତେ ବିଜୟର ମୋଦ !! । ୬ ।

ହୁତ ବହୁଦିନୁଁ ସବୁ କାଳର ପ୍ରଭାବେ,
ଅତୀତର ଗାଥା ଝିଲ୍ଲୀ ଭଣଇ ଆରାବେ,
ବାରବାଟୀ କୋଠଭଟରେ କୋଠକ ମିଳାଇ
କାନ୍ଦନାହିଁ ସନ୍ଧ ବାରେ କାନ୍ଦ ଅଜି ଭାଇ ! । ୭ ।

୧୯୩୯

---

୫ । ପ୍ରସାଦ—ଅନୁଗ୍ରହ; ଉପଢୌକନ—ଭେଟି; ଅସୁମାର—ଅଗଣିତ ଯାହାର ସୁମାର ନାହିଁ ।

୬ । ଦୁର୍ଗେଶ—ବାରବାଟୀ ଦୁର୍ଗର ଅଧିପତି ଓଡ଼ିଆ ସମ୍ରାଟ; ଏ ଦୁର୍ଗ ପ୍ରାଚୀର............ସମ୍ରାଟ ବିଜୟ କରି ଫେରିଲା ବେଳକୁ ତାଙ୍କ ବିଜୟୀ ଥାଟର ବାଦ୍ୟ ସଙ୍ଗକୁ ବାରବାଟୀ ଦୁର୍ଗର ପାଚିରି ଉପରୁ ନହବତ୍ ବାଜି ଉଠୁଥିଲା; ରାଜକୁଳ ଲକ୍ଷ୍ମୀ........ରାଣୀହଂସ-ମାନଙ୍କର ।

୭ । କାଳର ପ୍ରଭାବେ—ସମୟର ଗତିରୁ; ଝିଲ୍ଲୀ—ଝିଙ୍କାରି ପୋକ । ଭଣଇ—କହେ; ଆରାବ—ରବ, ଶବ୍ଦ ।

—୨୨—

## ବାଣୀ ଆବାହନ

( ଚମ୍ପୂ ଙ ଗୀତ ବୃତ୍ତରେ )

ବିରଞ୍ଚିଙ୍କ ପରେ ତାଙ୍କୁହିଁ ସନ୍ତାନେ ଆସ ଆସ ଅବତରି
ଅଶେଷ ବିଭବ ପୂଜା ପାଇଁ ତବ ସାଜିଅଛୁ ଧରି ନାରି
        ମା ଭାରତି ! କରୁଣା ନ କର କ୍ଷଣି
ଭଞ୍ଜ-ରାଧାନାଥ-ଦେଶେ ଆଉ ବାଜେ ବାଅ ଉନ୍ମାଦିନୀ ବୀଣା ।୧।

ବିଶ୍ୱ-ଭାବାଗ୍ନି-ତରଙ୍ଗ ଯେ ଆଜି ଖେଳି ବୁଲୁଛି ଅମ୍ବରେ
ସାରସ୍ୱତ ବନେ କାମ ପାଲଟୁଛି ଚନ୍ଦନ ଯେ ମଳୟରେ
        ମା ଭାରତି ! ତବ ଅନୁକମ୍ପା ବିନା
କବି-କଞ୍ଜବନ ଏ କଳିଙ୍ଗ ଧରି ହୋଇ ଋଦ୍ଧିମତୀ ଦୀନା । ୨ ।

ହୀନାନୁକରଣ ଯାଉ ଅପସରି ପ୍ରାଚୀନୁଁ ଆହରି ସାର
ମିଶାଇ ନବୀନ ତୁମ୍ଭରି ପୂଜନ ପାଇଁ ସଜାଡ଼ୁ ସମ୍ଭାର
        ମା ଭାରତି ! ଧନ୍ୟ ହେଉ ଏହୁ ଦେଶ
ଦୁର୍ଭେ ଶିଶିର କାଳ ଅନ୍ତେ ଫେରୁ ଉଲ୍ଲସି-ମାଧବ-ମାସ ।
କଳାର ରୂପସୀ ଧନ୍ୟ ହେଉ ତାର ସାହିତ୍ୟ ହେଉ ଅତୁଳ
ହେ ବାଣୀ ବରଦେ ! ହେ ମାତଃ ସାରଦେ ! ସବୁରି ତ ତୁମ୍ଭେ ମୂଳ
        ମା ଭାରତି ! ହୋଇ କଳାକଣ୍ଠିନୀ
ବିଶ୍ୱ ସମାଜରେ ନୁଆଇଁବ ମଥା କେବେ ତ କଳିଙ୍ଗ ଜନନୀ ?

୧୯୩୬

---

୨ । କଞ୍ଜବନ—ପଦ୍ମବନ; ଋଦ୍ଧିମତୀ—ବିଭବଶାଳିନୀ ।
୩ । ପ୍ରାଚୀନୁଁ—ପ୍ରାଚୀନ ସାହିତ୍ୟରୁ, ନବୀନ—ନୂଆ ଭାବଧାରା; ମାଧବ ( ମଧୁ+ଅ ) ବସନ୍ତ ।

—୬—

# କବିର ସଂଖାଳି

( ରାଗ—କାମୋଦୀ )

A cup of wine, a book of verse and tho
Singing beside me in the wilderness
And the wilderness is Paradise enou'
Omar Khyyam

( ୧ )

ସୁମନା ଶୋଭାଧାମ ସୁମନସ ଆରାମ
ଭବର ସଂଖାଳ ଏ ଦୁଇ,
ଦିନ-ମଣି-ବିହୀନ ମହୀ ସମାନ ହୀନ
କବି-ଜୀବନ ଯା ନ ଥାଇ ସେ
ମନୋରମା—
କଣ୍ଠ ବାଜେଣୀ ବୀଣା ସହି
ଯେ ସ୍ବରେ ନ ଡୋଳେ ଲହରୀ
ସେ ସୁରର ଆରାମ ନୋହେ ସୁମନ ଧାମ
ତା କବି-କବରର ସହି ସେ
ନୋହେ ମିଛ ।

୧ । ସୁମନା—ରମଣୀ; ଶୋଭାଧାମ—ଶୋଭାମୟୀ; ସୁମନସ—ଫୁଲ; ଆରାମ—ବଗିଚ୍ଛ; ଦିନମଣି—ସୂର୍ଯ୍ୟ; ବାଜେଣୀ—ବାଜୁଥିବା, କବର—ସମାଧି ।

( ୨ )

କମଳା ନନ୍ଦନଙ୍କ ଭାଗ୍ୟର ନୋହେ ରଙ୍କ
କବି; ତା କୁଟୀରେ ପ୍ରାପତ
ହୁଏ ସକଳ ଶିରୀ ଏ ଦୁଇ ଧେନୁ କରି
ନ ଲଭେ ଧନପତି ବାଞ୍ଛି ସେ
ଗନ୍ଧେଶ୍ୱର,
ସାଟେଷ ବସ୍ତ୍ର, ଅଗ୍ରବାସ,
ଅସ୍ପୃଷ୍ଟ ମାନ ତା ପ୍ରୟାସ
କୃପା କଲେ ବିଧାତା କାହିଁ କବିର ଚିନ୍ତା ?
ନୃପେ ରଚଇ ଉପହାସ ସେ
ବାଣୀସୁତ ।

( ୩ )

ଦେଲେ ଆନ ଅଙ୍ଗିପ କବି ମଣଇ ବୃଥ
ସେ ମାନ ଶୋଭାର ଉକାଶ
ସୁମନ, ସୁମନାରେ ଯେ ଶୋଭା ଅଛି ଭାରେ
ଏ ମରଧାମେ କାସ ସରି ସେ ?
ଅନୁଭୂତ
ବାଣ୍ଟିଲେ ହୋଇବ ଅନନ୍ଦ ?
ଭରେ ପାଇଛି ସେ ତା ସ୍ୱାଦ

---

୨ । କମଳାନନ୍ଦନ—ଲକ୍ଷ୍ମୀଙ୍କ ବରପୁତ୍ର; ଧନପତି—କୁବେର; ଗନ୍ଧେଶ୍ୱର—ସର୍ବୋତ୍ତ ଫୁଲ୍ଲ; ବସ୍ତୁ—ଦେହ; ପ୍ରୟାସ—ଅଭିଳାଷ ।

ଜାଣଇ ସେ ଶୋଭାର    ସରଣୀ ଗମିବାର
ଫଳ ପ୍ରାପତ ଭୂମାନନ୍ଦ ସେ
ଶୋଭାଜୀବୀ ।

୧୯୪୪

—୨୯—

# ଭାରତୀ ଆବାହନ ଗୀତ

ରାଗ—ଦକ୍ଷିଣ କାମୋଦୀ, ତାଳ ଆଠତାଳ
( ଶ୍ୟାମ ନାଗର ହେ ! ଏ ବେଶ ହୋଇବ ନାହିଁ—ବୃତ୍ତରେ )

ମାତଃ ! ଭାରତ ଗୋ ! ଏ ଦେଶେ କରୁଣା କର
ବଲ୍ଲକୀ କରେ ମା ! ତ୍ରିଦିବ ଧାମରୁ ମଧୁମାସେ ଅବତର । ଘୋଷା
ତୁମ୍ଭର କରୁଣା    ହେବାରୁ ମା ! ଊଣା
ଉନ୍ନତ ମଙ୍ଗଳ ତାର
ଅବନତ ଅଙ୍ଗ    ଯାଉଛି ଟି ଭାଙ୍ଗ
ହେମ-କିରୀଟ ଶିରର । ୧ ।
ସ୍ଫୁରୁ କଣ୍ଠେ ତାର    ଉପମା ଯାହାର
ନାହିଁ ସେ ଗୀତ ସମ୍ଭାର
ଜଗତେ ଅତୁଳା    କୋଣାରକ-କଳା
ମଣ୍ଡୁ ଗୀତ କଳେବର । ୨ ।

୩ । ଭୂତି—ସଂପଦ; ସରଣୀ—ବାଟ; ଭୂମାନନ୍ଦ—ପ୍ରଚୁର ଶ୍ରେଷ୍ଠ ଆନନ୍ଦ ।

୧ । ହେମ—ସୁନା; ଚିତ୍ରୋତ୍ପଳା—ମହାନଦୀ (କଳୌ ଚିତ୍ରୋତ୍ପଳା ଗଙ୍ଗା)

ମୃତକୁ ଡାକୁଛ — ଉଦ୍ଧାର ବଳ
ବହେ ତପସ୍ୱୀର ଡାକ
ମୃତ ସଞ୍ଜୀବନୀ — ଉତ୍କଳ ଅବନୀ
ଜାଗେ ଶୁଣିଅ ସତ୍ୱର । ୩ ।
ନବୀନ ଯୁଗରେ — ବିଶ୍ୱ ଦରବାରେ
ଗର୍ବରେ ଟେକୁ ସେ ଶିର
ନବୀନ ତରଙ୍ଗେ — ତୋଳ ନବରଙ୍ଗେ
ନାଚୁ ଚିତ୍ରୋତ୍ପଳା-ନୀର । ୪ ।

୧୯୩୭

## ବଳଭଦ୍ର ଦେବ

( ରାଗ ରସକୁଲ୍ୟା )

ବଳଭଦ୍ରଦେବ ବଡ଼ କୁମର !
ଶୋଭାଙ୍ଗୀ-ବଲ୍ଲଭ ହେ କବିବର !
ଅନେକ ଉତ୍କଳ-କବିତାକାଶ
ହୋଇଥିଲ ବାମଣ୍ଡାରେ ପ୍ରକାଶ
କାହିଁକି ଉତ୍କଳ ଭୁଲିଛି ହେ !
ଅତୀତରେ ଆହା — ଗଲ୍ ବାଣୀସୁତେ
ଯାଇଥିଲେ ଅଗ୍ରୁଁ ସନ୍ଧିଁ ହେ । ୧ ।

୧ । ବଡ଼ କୁମାର—ବାମଣ୍ଡା ମଣ୍ଡନ ସାର୍ ସୁଢ଼ଳ ଦେବଙ୍କ ଦ୍ୱିତୀୟ ପୁତ୍ର ।

ଯାନା ମାତୃଭାଷା ମନକୁ ଜାଣି
ସାରଦା ଅସ୍ୟରୁଁ ଅଙ୍କ ତେଜ ପୁଣି
ଦିବ୍ୟ ସୁମନସ ତୋଳି ସାଦର
ନିପୁଣ ମାଳୀର ସମାନ ହାର
ଗୁନ୍ଥିବ ରଞ୍ଜନକର ହେ !
ଶ୍ଳାଘ୍ୟ ଜଳପ                    ତୁଚ୍ଛ ମଣି ଦେବୁ
ପୂଜିବ ବାଣୀ ଚରଣ କେହି ? । ୨ ।

ତୁମ୍ଭ ସାରସ୍ୱତ କୁଞ୍ଜରେ ଲାଗି
କାଳକୀଟ ଦନ୍ତ ଯିବଟି ଭାଗି
ତୁମ୍ଭ କୃତି ରାଜମୁକୁଟ ମୂଳେ
ଜଣି ଧନ୍ୟ ନୃପେ ହୁଅନ୍ତେ ହେଲେ;
ଯଶୋ ଦେହରେ ବସିଲ ହେ
ଶରଧା ସୁମନ                    ଅଞ୍ଜଳି ଦେଉଅଛି
ପୂଜଇଁ ଓଡ୍ରର ଅଳି ହେ । ୩ ।

---

୨ । ସାରଦା—ସରସ୍ୱତୀ; ଆସ୍ୟ—ବଦନ; ସୁମନସ—ଫୁଲ; ଜଳପ—ରକ୍ଷଣା ।

୩ । ସାରସ୍ୱତକୁଞ୍ଜ—କାବ୍ୟ କବିତା; କୃତି—ଗ୍ରନ୍ଥାବଳୀ, କବିଙ୍କ ଗ୍ରନ୍ଥାବଳୀ ଗୋଟିଏ ବିଶାଳ ଗ୍ରନ୍ଥ (ନାମ—ବଳଭଦ୍ର ଗ୍ରନ୍ଥାବଳୀ) ।

—୮—

## ଅବନୀ ଶୋଭା

ରାଗ—କଳହଂସ କେଦାର

ଅଦ୍ଭୁତ ମଧୁଶ୍ରୀ ତଳେ ଲୋଟାଇ
ଅବନୀ-ଶୋଭା ଧନୀ ମଣ୍ଡିଛି ମହୀ,
ଅଟେ କମଳ ଦ୍ୱନ୍ଦ ରଙ୍ଗାଚରଣ
ସୁକୃତୀ ଯୁବା ମୌଳି ଯୋଗ୍ୟ ମଣ୍ଡନ ।୧।
ଯୁବା ହୃଦୟ ବ୍ୟାଧି ଉପଶମନେ
ଅଭିଳାଷୀ ବିଧାତା ସଦୟ ମନେ
ମଞ୍ଜୁଳ ବାରବାଣୀ ମଞ୍ଜୁଷା କରି
ଗଢ଼ିଛି ଉର ତାର ଭେଷଜେ ଭରି ।୨।

---

ଅବନୀଶୋଭା—ଯେ ପୃଥିବୀର ସୌନ୍ଦର୍ଯ୍ୟ ସ୍ୱରୂପିଣୀ (ତୁଳନାକର—"କୁସୁମବତୀ ହୋଇ ଅବନୀ ଶୋଭା, ଜଳଦ ତେଜି ତଳେ ହୋଇଛି ଉଭା—ଭଞ୍ଜ" )।

୧। ଅଦ୍ଭୁତ ମଧୁଶ୍ରୀ—ଅପୂର୍ବ ବସନ୍ତର ସମ୍ମିଳିତ ଶୋଭା ସମ୍ଭାରକୁ ନିଜର ଗୋଡ଼ତଳେ ଗଡ଼ାଇ ଦେଇ ଅର୍ଥାତ ତାକୁ ପରାଜିତ କରି; କମଳଦ୍ୱନ୍ଦ—ପଦ୍ମଯୁଗଳ ( ତା ପଦ ଯୋଡ଼ିକ ଥଳ ଉପରେ ଦୁଇଟି ପଦ୍ମ ଉଙ୍କିଲା ପରି ଦିଶୁଛି) ରଙ୍ଗା ଚରଣ—ନାଲ ପଦ୍ମ ସମାନ ପାଦ, ଏ ଦୁଇଟି ଚରଣ ସୁକୃତୀ ଅର୍ଥାତ୍ ପୁଣ୍ୟବନ୍ତ ଯୁବାର ମୌଳି ଅର୍ଥାତ ମୁଣ୍ଡରେ ଲଗା ହେବାର ଯୋଗ୍ୟ ମଣ୍ଡନ ବା ଅଳଙ୍କାର ଅଟେ ।

୨। ଯୁବା ହୃଦୟର କାମନା ଜନିତ ବ୍ୟାଧି ବା ରୋଗର ଉପଶମନ ଅର୍ଥାତ ଆରୋଗ୍ୟ କରାଇବାକୁ ଅଭିଳାଷୀ—ଇଚ୍ଛୁକ ବିଧାତା ଦୟା ପୂର୍ଣ୍ଣ ଚିତ୍ତରେ ତା ଉର ଅର୍ଥାତ୍ ଛାତିକୁ ଭେଷଜ—ଔଷଧରେ ଭରି—ପୂର୍ଣ୍ଣକରି ମଞ୍ଜୁଳ—ସୁନ୍ଦର ବାରବାଣୀ—ସୁନା ମଞ୍ଜୁଷା—ପେଡ଼ି କରି ଗଢ଼ିଛି ।

ଲମ୍ବଇ ଯହିଁ ହେମ-ରତନ-ହାର
ହେମ ଘନେ କି ଥିର ତଡ଼ିତ ଧାର
ସେ ମଧୁ ବଡ଼ଶୀରେ ଦେବ ଜୀବନ
ମନାସି ହେଲେ ମୀନ ହୁଏ ନୟନ ।୩।

୧୯୩୦

—୮—

## ଅଳସର ଦୁର୍ଦ୍ଦଶା

ରାଗ—ଶଙ୍କରାଭରଣ

ଖେଳିଲା ପାଗଣ୍ଠା ହୋଇ ଅଳସ ଝିଣ୍ଟିକା
ଗୀତ ଗାଇ ବୁଲିବାକୁ କଲା ତା ଜୀବିକା
ଏବେ ଆସିଲା ବରଷା
ସଞ୍ଚି ନାହିଁ ଅଗୁଁ କିଛି ତୁଚ୍ଛା ତାହା ବସା ।
କି କରି କି କଲି ? ଅହା ବରଷା କାଳରେ
ନ ଖାଇ ମରଣ ଲେଖା ଥିଲା କପାଳରେ !
ଖୁଦ କଣିକାଏ ନାହିଁ
ଚଉଅଡ଼ ଜଳମଗ୍ନ ଯିବ ଅବା କାହିଁ ?
ବନ୍ଧୁ ପିମ୍ପୁଡ଼ି କଥା ପଡ଼ିଲା ତା ମନେ
ଆଶା ବାନ୍ଧି ପାଶେ ତାର ଚଳିଲା ତକ୍ଷଣେ
ମୁଣ୍ଡ ନୁଆଇଁ ପ୍ରଣାମ
କରି କହେ "ବନ୍ଧୁବର ! ଅଛି ବଡ଼ କାମ ।"

୩ । ଲମ୍ବଇ—ଲମ୍ବି ରହୁଛି, ହେମଘନ—ସୁନା ମେଘ; ତଡ଼ିତ—ବିଜୁଳି; ମଧୁ—ମଧୁର, ବଡ଼ଶୀ—ବନଶି କଣ୍ଟା, ମନାସି—ଇଚ୍ଛାକରି ।

ଦେଖୁଅଛ ହେଉଅଛି କି ଘୋର ବରଷା !
ତା ସଙ୍ଗକୁ ଏକାବେଳେ ତୁଚ୍ଛା ମୋହ ବସା,
ତୁମ୍ଭେ ଖଞ୍ଜିଛ ବାହୁଡ଼ି
ଖାଦ୍ୟ କିଛି ଦିଅ ଧାର; ସୁଧର ସହିତ
ବରଷାକାଳର ଅନ୍ତେ ସୁଝିଦେବି ମୁହିଁ,
ଦେଖୁଛ ଦୁର୍ଦ୍ଦଶା ଦୟା ବହ ମୋହଠାଇଁ
ନ ବୁଝିବ ତୁମ୍ଭେ ଧନୀ
ଶରତ୍କାଳ ସୁମରିବି ତୁମ୍ଭ ବନ୍ଧୁପଣ ।
ମୁଣ୍ଡକୁ ହଲାଇ କହେ ପିମ୍ପୁଡ଼ି ହେ ଭାଇ !
'ଋଣୀ ଅବା ଋଣଦାତା କେବେଁ ହେବନାହିଁ'
ଏହା ମୋ ଗୁରୁବଚନ
ପ୍ରାଣ ଗଲେ କରି ନ ପାରଇଁ ମୁଁ ଲଙ୍ଘନ ।
ଗ୍ରୀଷ୍ମ ପାଗରେ ତୁମ୍ଭେ କରୁଥିଲ କିସ ?
ଖାଦ୍ୟ ବୋହି ବୋହି ହେଲି ମୋ ଦେହ ପସର;
କରେ ଝିଣ୍ଟିକା ଉତ୍ତର
"କି କହିବି ଭାଗ୍ୟଦୋଷ ବନ୍ଧୁ ! ସେ ମୋହର !
ଫୁଲଣା ମନରେ ଖାଲି ଗାଇଲଇଁ ଗୀତ
ଭାଳି ମୁଁ ନ ଥିଲି ହେବି ବୋଲି ଶୂନ୍ୟହାତ,"
କହେ ପିମ୍ପୁଡ଼ି "ଗାଅତ !
ଦୁର୍ଦ୍ଦିନରେ ନାଚ ଏବେ ଥେଇ ଥେଇ ଆଜ ।"

୧୯୩୯

—ମ—

# ଗୌରୀଶଙ୍କର ସ୍ମୃ

କୁଟିଳ ପଡ଼ୋଶି ଯେବେ କୂଟଜାଲ ପାତ
ଓଡ଼ିଶା ଭାଷା ବିଲୋପେ ବଳାଇଲେ ମତ
ଲେଖନୀ-ଅସିରେ ବୀର ! କାଟି ସେ ବାଗୁରି
ବଞ୍ଚାଇଲ ଓଡ଼ିଶାର ବିକଳ୍ପ ତେଙ୍ଗୁରି ।୧।

ନୋହିଲା ରସନା ଛେଦ ଓଡ଼ିଆ ଜାତିର,
ଦାୟାଦ ସକଳେ ଅଟୁ ତୁମ୍ଭ ସୁକୃତର !
ଯେ ପୀଠେ ମୁଖର ଆଜି ଜାତୀୟ ଜୀବନ
ଏ ଦେଶକୁ ମହାମନା ! ତାହା ତୁମ୍ଭ ଦାନ ।୨।

---

୧ । କୁଟିଳ ପଡ଼ୋଶି—କେତେକ ପଦସ୍ଥ ବଙ୍ଗୀୟ ଓଡ଼ିଆ ଭାଷା ସ୍ୱତନ୍ତ୍ର ଭାଷା ନୁହେଁ, ବଙ୍ଗ ଭାଷାର ଉପଭାଷା ବୋଲି ରାଜଦରବାରରେ ଦର୍ଶାଇ ଓଡ଼ିଆ ଭାଷାକୁ ଲୋପ କରିଦେବାକୁ ଚେଷ୍ଟା କରୁଥିଲେ; ବାଗୁରି—ଜାଲ ।

୨ । ନୋହିଲା ରସନା ଛେଦ—ଭାଷା ଲୋପ ହୋଇ ପାରିଲା ନାହିଁ; ଦାୟାଦ—ଉତ୍ତରାଧିକାରୀ, ସୁକୃତ—ତୁମ୍ଭର ଏ ମହାକୀର୍ତ୍ତିର; ଯେ ପୀଠେ—କଟକର ଟାଉନ୍‌ହଲ୍—ଏହା ଓଡ଼ିଶାକୁ ମହାମନା ଗୌରୀଶଙ୍କରଙ୍କ ଦାନ, ନିଜ ହାତରୁ ଟଙ୍କା ଦେଇ ସେ ଏହା ଗଢ଼ିଥିଲେ ।

ଅସ୍ତ ଅଭିବାଟରେ "ଭଞ୍ଜ"-କବିତାବିଳାସି ।
ନବଯୁଗ-ଉଷା-ପ୍ରଭା "ଦୀପିକା" ପ୍ରକାଶି ।
ଯାଉ ଅପସରି ଦେଶୁଁ ଧ୍ୱାନାନୁକରଣ
ହେଉ ସମୁଦିତ ଅସ୍ମ-ସନ୍ତାନ-ତପନ ।୩

୧୯୩୭

୩ । ଭଞ୍ଜ କବିତା ବିଳାସୀ—"ଇନ୍ଦ୍ରଧନୁ" "ବିଜୁଳି" ଯୁଦ୍ଧରେ ସେ ଉପେନ୍ଦ୍ର ଭଞ୍ଜଙ୍କ ପକ୍ଷ ସମର୍ଥନ କରିଥିଲେ; "ଦୀପିକା"—ବିଖ୍ୟାତ "ଉତ୍କଳ ଦୀପିକା" କାଗଜର ସେ ପ୍ରତିଷ୍ଠାତା ଓ ଆମରଣ ସମ୍ପାଦକ ଥିଲେ ।

—୮—

# ଜୀବନର ଗୌରବ

(ଇଂରାଜ କବି ଲର୍ଡ ବାଇରନ୍‌ଙ୍କ "ଅଲ୍ ଫର୍ ଲଭ୍"
କବିତାର ଛାୟା)

ଯଉବନ ଗଉରବ ସମବୃନ୍ତ
ସୁମନ ଅଟନ୍ତି ଦୁଇ
ଯଉବନ ଅନ୍ତେ ଟେକାଇଲେ ଛତ୍ର
ଗଉରବ ତହୁଁ କାହୁଁ ? ।

ପଲିତ କେଶର ଅଭିଷେକୁଁ ବଳି
ଦଲିତର ଯଉବନ,
କେ ନୁହେ ସଂସାରେ ନରପତି ? ଯେଣୁ
ଯଉବନ-ସିଂହାସନ ? ।

ଯେଉଁ ଲଲାଟରେ ଅଙ୍କି ସାରିଲଣି
ଜଇବ ରେଖା ତା ଜନ୍ମ
ଚୁମ୍ବନ-ମଣ୍ଡିତ ବି-ରସ ସୁମ ତା,
କଣ୍ଟେ ହେଲେହେଁ ଚୋର ।

---

୧। ସମବୃନ୍ତ ସୁମନ—ଏକା ଡେମ୍ଫରେ ଫୁଟିଥିବା ଦୁଇଫୁଲ [ଅର୍ଥାତ୍ ଯୌବନ ନ ଥିଲେ ପ୍ରକୃତ ଗୌରବ ନ ଥାଏ ।]

୨। ପଳିତ କେଶ—ବାଳ ପାଚି ଯାଇଥିବା ବୁଢ଼ା; ଯେଣୁ—ଯୋଗୁଁ ।

୩। ଜୈବରେଖା—ଜନ୍ମ ସୂଚକ ରେଖା; ବିରସ—ଶୁଖିଲା, ସୁମ—ଫୁଲ ।

କଣ୍ଠରେ ଢାଙ୍କି ସିତ-କେଶ-ରାଜି
ଫୁଲବାଇ ଗଉରବି
ଲଲାଟ ପଟେ ମୋ ନ ଲେଖ ବିଧାତା !
ନ ଲୁଚେଁ ତାହା ମୁଁ ଲଭେ ।

ଖ୍ୟାତି ଯୋଗ୍ୟ ଯେବେ ଅରଜି ପାଇଲି
ଶୋଭାଙ୍ଗୀ-କରୁଣା-ଦୃଷ୍ଟି
ସାର୍ଥ ହେଲା ମୋର ପୁରୁଷାର୍ଥ ପୁଞ୍ଜି
ସାର୍ଥ ମୋ ପ୍ରଖ୍ୟାତ ସୃଷ୍ଟି ।

କରୁଣା-ଦୀପିତ ଶୋଭାଙ୍ଗୀର ନେତ୍ର
ମୋ ଗଉରବର ବାସ,
ବୟସ-ଟୀକା ମୋ କରୁଣାରେ ଦଗ୍ଧ
ତା ମନ୍ଦ ମଧୁର ହାସ ।

ଯଉବନର ଏ ବୟସ ବିଭୂତି,
ଜୀବନର ଗଉରବ,
ସିତ-କେଶ ନୃପ ମହାର୍ଘ ମୁକୁଟ
ସମାନ ନୋହେ ଯା ଲବ ।

୧୯୦୪

୪ । ସିତ—ଧଳା; ପାଚିଲା ।

୫ । ଶୋଭାଙ୍ଗୀ—ସୁନ୍ଦରୀ, ପ୍ରଖ୍ୟାତ ସୃଷ୍ଟି—ଯଶ ସମୂହ ;
ମହାର୍ଘ—ମୂଲ୍ୟବାନ ।

# ଗମିବି ଯହା କାହାକୁ କରି ଆଶାବାଡ଼ି ?

( ସ୍ୱର—ଶଙ୍କରାଭରଣ )

ପବିତ୍ରର ସୁହାସନ ଅନେକ ବଦନ
ମମ ଏ ନୟନ ଏବେ ନ କରେଁ ଲୋକନ,
  ନଭସ୍ଥଳର 'ଦୀପ ସବୁ
ଅପସାରିଲଣି କାଳ ଗୋଟି ଗୋଟି କରି । ୧ ।

ହସରେ ଉଜଳ ପୁଣି କାନ୍ଦରେ ସଜଳ
ସରଳତା ଭରୁଥିବା ନୟନ-ଯୁଗଳ
  କେଉଁଠି ଲଭିଲଣି ଲୟ !
ସୁମରି ଯା ଅନୁରାଗ ଖେଦେ ମୋ ଅଥୟ । ୨ ।

ଶରଧା ଦୀପିତ କେଉଁଠି ନୟନର ଭାତି
ତମ ନାଶି ହୃଦେ ଯା ମୋ ଜାଳୁଥିଲା ବତି
  ଏବେ ହେଲଣି ସପନ
ଆସାର ପତନେ ଅନ୍ତେ ବୁଦ୍‌ବୁଦ ଯେସନ । ୩ ।

---

୧ । ନ କରେ ଲୋକନ — ଦେଖୁନାହିଁ ; ଅପସାରିଲଣି — ଦୂର କଲଣି ।
୨ । ଖେଦ — ଦୁଃଖ ।
୩ । ଦୀପିତ — ଆଲୋକିତ ; ଭାତି — ଆଲୋକ ; ଆସାର — ବର୍ଷା, ବୁଦ୍‌ବୁଦ — ପାଣିଫୋଟକା ।

ଶିଶିରେ ଝଡ଼ିଲା ସବୁ ତରୁର ପଲ୍ଲବ
ଆହା କରି ସାହା ହେବା ବାନ୍ଧବ ସରବ
ଛାଡ଼ି ଗଲେଣି ବାହାରି ।
କାଳର ଅଦେଶେ ସେହୁ ବୃକ୍ଷ ଅନୁସରି ।୪।

ମେଳଣର ଶେଷେ ଯଥା ମେଳଣି ପଡ଼ିଆ
ଜୀବନ ଲାଗଇ ଆଜି ତଥା ନିଛାଟିଆ
ସଞ୍ଜ ଆସୁଅଛି ମାଡ଼ି
ଚଳିବି ସହା କାହାକୁ କରି ଆଶା ବାଡ଼ି ? ।୫।

ଅଛ ମୋର ନୟନମଣି ହେ ପୁରୁଷୋତ୍ତମ
ମାୟାଧର ହୃଦାନନ୍ଦ କି କରିବ ତମ ?
ମାୟା ପଟଳକୁ ଫେଡ଼ି
ଆଲୋକ ଧାମକୁ ବାଟ ଦେବ ହେ ଦେଖାଇ ।୬।

୧୯୮୪

୪ । ଶିଶିର — ଶୀତକାଳ; ସହା — ବାଟ ।

— ୮ —

# ବିଶ୍ୱବୈଜ୍ଞାନିକ ସି. ଭି. ରମଣ

( ଶ୍ୟାମ ନାଗର ହେ—ବୃନ୍ଦେ )

ବିଶ୍ୱ ପୂଜିତ ହେ ଏ ପୂଜା ରହିବ ମନେ
ହଜି ନ ଯିବ ଯେସନେ ସ୍ମୃତି ସ୍ତୂପ (ତବ)
ପୁଲିନ ସ୍ମୃତି ଗହନେ । ଘୋଷା ।

ଅଘରେ ପଥରେ ବିଳାଶୀ ଏ ଜାତି
ଲଳିତ-କଳା-ରସିକ
କୋଟି ଶାପର୍ଣ୍ଣିଏ ଭକତାଙ୍କୁ ଲକ୍ଷ୍ୟ
ରହିଛି ମଙ୍ଗଳ ଟେକ । ୧ ।

ବୋଇତ ବଣିଜ ସାମୁଦ୍ର ସାମ୍ରାଜ୍ୟ
କାହାଣୀରେ ଅଛି ଆଜ,
ମେଳୁ ହାଡ଼ ବଳୁ ଅଛି ଯଥାପୂର୍ବ
ଯାଇ ନାହିଁ ମାଡ଼େ ଲାଜ । ୨ ।

ହେ ବିଜ୍ଞାନ ! ଘେନ ସ୍ପର୍ଶିତ ଅମ୍ବର,
ଦାରୁଣେ ବିଦାୟ ବ୍ୟଥା;
ହୋଇବ ଝଂକୃତ କାଳେ କାଳେ କାନେ
ସୁଧା ମଖା ତୁମ୍ଭ କଥା । ୩ ।

ବିଜ୍ଞାନ ଦର୍ଶନ ସମନ୍ୱୟେ ଯେବେ
ଜଗତ ଚିହ୍ନାଇବ ନୂଆ
ଅହେ ସୁରବର ! କର ଶୁଭାଶିଷ
ବଡ଼ ହୋଇବ ଓଡ଼ିଆ । ୪ ।

୧୯୪୩

୦ । ଗହନ—ବନ ।
୨ । ସାମୁଦ୍ର ସାମ୍ରାଜ୍ୟ—ଓଡ଼ିଶାର ଦରିଆପାରି ଔପନିବେଶିକ ବସତି ।

—୨—

# ପ୍ରିୟାବିଚ୍ଛେଦ

( ଇଂରାଜ କବି ଏଚ୍, ଏଫ୍, ଲିଟ୍ଲଙ୍କ ଏ ଲଷ୍ଟ୍ ଲଭ୍
କବିତାର ଅନୁବାଦ )

ତନ୍ଦ୍ରାବେଗେ ମନୋରମ କାନ୍ତ ଶଶି-କଳା ସମ
ନୟନ ସୁରତେ ମମ ମୁଚ୍ଛି ତୋ ଦଶେ,
ବେପଥୁ ଚନ୍ଦ୍ରେ ସରଜ ବୀଣା-କଣା ବାଣୀରାଜ
ହୃଦୟର ରାଣି ! ଆଜ କାନେ ମୋ ପଶେ
ତୋ ସଙ୍ଗତ-ଜାତ ସମ୍ପଦ
ଅତୀତ ଅଛଇ ଭରି ଅବଶେଷ ତ ନ ରହି
ସ୍ମରଣ ସଙ୍ଗତେ ସଖି ! ସାଧୁଛି ବାଦ ।
ନୟନୁଁ ଲୋତକ ଝରେ, ନାସାରୁ ଶ୍ୱାସ ପ୍ରସରେ,
ନାହୁଁ ତୁ ଆଜ ପାଶରେ ମୋ ଦୁଃଖ ସାଥି !
ଦେଖିଣ ମୋର ବିକଳ ହୋଇବ କେ ଶୋକାକୁଳ ?
ମୋ ଖେଦ ସିନ୍ଧୁ ଅଥଳ ଅସର ରାତ ?
ଭାବେ ତୋର ରହିଛି ମଜ୍ଜି
ତହୁଁ ବଡ଼ ସୁଖ ନାହିଁ ପରମ ଆଶ୍ୱାସ ତହିଁ
ମୋ ଧ୍ରୁବତାରା ମଣଇଁ ତୋତେ ମୁଁ ଆଜ ।

---

୧ । ତନ୍ଦ୍ରାବେଗେ ମନୋରମ — ମୁଖ ଉପରେ ତନ୍ଦ୍ରାର ଛାୟା ପଡ଼ି ତାହା ସୁନ୍ଦର ଦିଶୁଥିଲା, କାନ୍ତ — ମନୋହର; ବେପଥୁ — କମ୍ପ, ସ୍ପନ୍ଦନ; ସଙ୍ଗତ — ସଙ୍ଗ, ଅବଶେଷ — ବାହୁଡ଼ା, ସ୍ମରଣ — ସ୍ମୃତି ।

୨ । ପ୍ରସରେ — ବାହାରେ ।

ବାଜିଣି ଶୋକ ଭଦୁର ନୋହିବାର ଚୂରମାର
ହୃଦୟ ଅଛୁ ସଂସାର ଭିତରେ ରହି,
ସେ କସମର ମୁଦ୍ଗର ମଣେଇଁ ମୁଁ ଶିଶୁ ମୋର
ବହନ ବିରହ ତୋର ସହିଲି ସେହି,
ଜଳୁଛି ମୋ ପରାଣଦୀପ
ଉଇଳ ସମ ତୁ ଯାଉ ଥିଲୁ ଅରେ ସ୍ୱମାବର !
ନ ଲଭି ବିନ୍ଦୁ ତୋହର ଅଶ୍ରୁ ନିର୍ବାପ ।

ଅସିବ ଦିନ ରମ୍ଭୋରୁ ! ସୁଖଦୁଃଖ ଅତୀତରୁ
ହୋଇବ ଅନ୍ତର ଗଲୁ ନ ଥିଲି ଜାଣି.
ସ୍ଥାୟୀ ମୋର ଅହର୍ନିଶ ତୁ ପୁଣି ନ ଥିବୁ ପାଶ
ଛିନ୍ନ ହେବ ଆଶା ପାଶ । ସେ କୁଶପାଣି
ବାହିବ ବାଟିବ ଭିଆଣି
ମୁଁ ରହିବ ଭବପୁରେ, ଭବ ଯବନିକା ପାରେ
ତୁ ରହିବୁ ଆହା ଅରେ ଜୀବ ଜୀବନ !

---

୩ । ଭଦୁର — ବଜ୍ର; ଅଶ୍ରୁ—ଦୂରନ୍ତ; ନିର୍ବାପ — ଲିଭିଯିବା ।

୪ । ରମ୍ଭୋରୁ—କଦଳୀଗଛର ଗଡ଼ଣପରି ଜଙ୍ଘାର ଗଢ଼ଣ ଯାହାର; କୁଶପାଣି — ବିଧାତା ।

ଆମ୍ଭ ହୃଦୟର ମେଳ ଛେଦିବା ପାଇଁ କେବଳ
ମରଣର କରବାଳ ଜାଣ ମୋ ଧନ !
ଏକା ବସି ତୋତେ ଶୋଚି କାନ୍ଦିବା ଲେଖିତ ମୁହିଁ
ନୁହଇ ତ ଯେତେ ଶୁଚି, ଯେତେ ଶୟନ
ଭସ୍ମ ଅସ୍ତରଣେ ତୋ ପାଶେ;
ସହିଁ ତୁ ଶୋଭାବଲ୍ଲରୀ ! ସକଳ ଶୋଭା ସଂହରି
ମଉନବ୍ରତ ଆଚରି ଅଛୁ ରଭସେ ।

ତୁ ମୋର ଯେତେ ଦୋସର ତାକୁ ଇଚ୍ଛା କରିବାର
ଶକତ ମରଣ ଛାର ନାହିଁରେ ବନ୍ଧୁ
ସ୍ମରଣ ଥାଉଁ ସୃଜନ କିଏ ସେ ଏତେ ଭାଜନ
ତୋରେ ମୋରେ ଭିନ୍ନାଭିନ୍ନ କରିବ ସିନ୍ଧୁ !
ଝାଉଁଳା ମୋ ହୃଦ ବଲ୍ଲରୀ
ତୋ ସ୍ମୃତିକି ରକ୍ଷା କରି ଅଛଇ ନିୟତ ଘେରି,
ଭେଟ ଯାଏଁ ସାଥେ ତୋର ଥିବ ସେପରି !

୧୯୩୭

* । ଶୁଚି—ଶୁଚିକର; ଭସ୍ମଆସ୍ତରଣ—ପାଉଁଶ ଶେଯ, ସହରି—ଅପସାରିତ କରି; ରଭସେ—କୌତୁକରେ ।

୨ । ଦୋସର—ଦ୍ୱିତୀୟ, ଆପଣାର; ସ୍ମରଣ—ସ୍ମୃତି, ସୃଜନ—ଯୋଗ୍ୟ ।

—::—

# ଶଶିଭୂଷଣ ରାୟ

( ରାଗ କଳହଂସ କେଦାର )

ଘେନ ଶ୍ରଦ୍ଧା ଭକତ କୁସୁମାଞ୍ଜଳି
ପୂଜ୍ୟ ପୂଜା ଉତ୍ସବେ ଆଜ ଉଛୁଳି !
ଶଶିଭୂଷଣ ରାଧାନାଥ-ତନୁଜ
କାତର ପୂଜା ଅର୍ଘ୍ୟ ଘେନନ୍ତେ ଆଜ । ୧ ।

ଏ ସମାଜ-ଭବନ-ଗଠନ ପାଇଁ
ଖଟିଲେ ଯେ ରକତ ପାଣି ଫଟାଇ
ରକ୍ତ ମାଂସେ ଯାହାଙ୍କ ସାହିତ୍ୟ ସେବା
ମିଶିଛି ଧଟାନ୍ତର କେ ତାଙ୍କ ଅବା ? । ୨ ।

କମଳା-ଦଣ୍ଡ-ସୌଧୁଁ ଚିତ୍ତ ସଂହରି
ନିଭୃତ ନିଳୟେ ଯେ ସଦା ବିହାରୀ,
ଭରି ପାରିଲ କାହିଁ କରି ଶିଥିଳ
ଲୋକେଙ୍କ ଯାହାଙ୍କର ସେ ତାଙ୍କ ତୁଲ । ୩ ।

---

ଶ୍ରୀରାମଚନ୍ଦ୍ର ଭବନରେ ଶ୍ରୀଶଶିଭୂଷଣ ରାୟଙ୍କ ପ୍ରତିକୃତି ଉନ୍ମୋଚନ ଉପଲକ୍ଷେ ରଚିତ ।

୧ । ରାଧାନାଥ—କବିବର ରାଧାନାଥ; ତନୁଜ—ପୁତ୍ର; ଏ ସମାଜ—ଉତ୍କଳ ସାହିତ୍ୟ ସମାଜ ।

୩ । କମଳା—ଦଣ୍ଡ—ସୌଧୁଁ—ମାଆ ଲକ୍ଷ୍ମୀଙ୍କ ପ୍ରସାଦକୁ ପାଇଥିବା ପୈତୃକ ପକ୍କାଘର; ଚିତ୍ତସଂହରି—ମନ କାଢ଼ିନେଇ; ମୋହ ଛୁଟାଇ; ନିଭୃତ ନିଳୟ—ଆଠଗଡ଼ ଧବଳେଶ୍ୱରଙ୍କ ନିକଟରେ ସାଧକଙ୍କର ସାଧନା ମନ୍ଦିର ।

ସ୍ତୂପୀକୃତ ଯାହାଙ୍କ ସାହିତ୍ୟ ଶ୍ରମ
ଉତ୍କଳ ତମସକୁ ଆଲୋକ ଧାମ,
ହୃଦୟବନ୍ଧୀ ତଥା ପିତୃଭକତ
ସୁକର ଏ ଦେଶର ଆଦର୍ଶ ଭୂତ । ୪ ।

ସାର୍ଦ୍ଧକୋଟି ଉତ୍କଳୀ ହୃଦ-ମନ୍ଦର
ଶଶିଭୂଷଣ ମୂର୍ତ୍ତି ବହେ ରୁଚିର
ସେ ଦୀପ୍ତ ମୂରତିର ପ୍ରତୀକ ସର
ରାଜୁ ଏଥି ଏ ପ୍ରତିକୃତି ତାଙ୍କର । ୫ ।

୧୯୩୯



---

୪ । ସ୍ତୂପୀକୃତ ତାହାଙ୍କ ସାହିତ୍ୟ ଶ୍ରମ—ଶଶିଭୂଷଣ ବହୁତ ଗଦ୍ୟଗ୍ରନ୍ଥ ଲେଖି ଅଛନ୍ତି; ଅଧିକାଂଶ ଅପ୍ରକାଶିତ, ସୁକର—ନଷ୍ଟସ୍ତୁ ଭୂତ-ସମ୍ପଦ, ରୁଚିର—ସୁନ୍ଦର; ପ୍ରତୀକ—ସନ୍ତକ, ପ୍ରତିକୃତି—ଫଟୋ ।

—୮୯—

# ମୋ ଚିରସମାଧି ହେଉ ଉରସ ତୋର

[ ଇଂରାଜ କବି ଶେଲିଙ୍କ "ଇଣ୍ଡିଅନ ସିରନେଡ୍"
କବିତାର ଅନୁବାଦ ]

ସ୍ୱପ୍ନେ ତୋ ରୂପ ବଲ୍ଲରୀ— କମନ ନୟନେ ହେରି
ଅସିନ୍ଧୁ ସୁସୁପ୍ତି ହାରି, ନିଶୀଥ ଘୋର;
ବହଇ ମନ୍ଦେ ମରୁତ ବିୟତେ ତାରକାବ୍ରାତ
ଜଳନ୍ତ ପ୍ରଦୀପବତ କାନ୍ତି-ଭାସ୍ୱର,
ତୋ କକ୍ଷର ଗବାକ୍ଷ ତଳେ
ଦେଖ ମୁଁ ସେ ଉପଗତ ଅଳ୍ପ ଗୁଳତର ବତ
ସଖି ! ତୋ ଶୋଭା-ଜନ୍ମ ଭାବନା ବଳେ !

ନଭେ ଭ୍ରମୁଁ ଗୀତତାନ ହୋଇଣି ହତ ଚେତନ
ତଟିନୀ-ତମସାଚ୍ଛନ୍ନ ଉରସେ ଢଳେ
ସପନେ ଚିନ୍ତା ମଧୁର ମିଳାଇଲା ପରକାର
ସୁରଭି ହୁଏ ଚମ୍ପାର କ୍ଷୀଣ ଅନିଳେ,
ବିରହିଣୀ ବିହଗୀ ଖେଦ
ହୃତ ଯେପରି ଚିତ୍ତେ ତାର ଉରେ ତୋର ତେମନ୍ତେ ଶୋଷ !
ଲୀନ ହେବା ଇଚ୍ଛା ମୋର ନ ରଖି ଭେଦ !

---

୧। ବଲ୍ଲରୀ—ଲତା, ସୁସୁପ୍ତି—ନିଦ; ବିୟତ—ଆକାଶ; ବ୍ରାତ—ସମୂହ;
ଭାସ୍ୱର—ଉଜ୍ଜ୍ୱଳ।

୨। ତଟିନୀ—ନଈ; ତମସାଚ୍ଛନ୍ନ—ଅନ୍ଧାର; ଉରସ—ଛାତି; ଚମ୍ପା—
ଚମ୍ପାଫୁଲ, ହେମରଞ୍ଜି—ସୁନା ବରନା।

ତୋ ବକ୍ଷ କବାଟ ଫେଇ ଭୁଇଁରୁ ମୋରେ ଗୋଟାଇ
ଚେତନା ମୋର ଜଗାଇ, ହେଲ୍କି ଅବଶ;
ନୟନ ପତରେ, ଅଧରେ, ବନ୍ଧୁ ରେ ! ପ୍ରୀତି ସୁଧାରେ
ଚୁମ୍ବନ-ଆସାର-ଧାରେ ବେଗେ ବରଷ,
ହୃଦେ ଧର ଅଭିନ୍ନ କର
ଗ୍ଳାନିରୁ ବେପଥୁ ଯାଉ ଗଣ୍ଡୁଁ କାଳିମା ଲିଭାଉ
ମୋ ଚିର ସମାଧି ହେଉ ଉରସ ତୋର।

୧୯୪୬

---

୩। ଆସାର—ଅସରା; ବେପଥୁ—କମ୍ପ।

—୯୦—

# ଭିକ ନ ମିଳିଲା ଆଜ

( ସ୍ୱର—ଶଙ୍କରାଭରଣ )

ବନାକୁ ଥାଆନ୍ତି ପୋଷି ଭିକ ମାଗି ମାଗି
ବୋଉ ତାକୁ ଦେଲା ବଳ ଅଠଣୀଟା ଲାଗି,
        କିଣିନେଲା ମାଛୁଆଳ
କକର୍ଥନା ହୋଇ ବୃଥା ପାଇଲା ବୋବାଳ ।୧।

ସହିଛି ଅଠଣୀ, ବୋଉ ପଡ଼ିଅଛି ଜରେ
ବାଳବାଳବୁଛି "ବନା ! ଆ ଆ ବାପ ଥରେ"
        ହାତ ଉପରକୁ ଟେକେ
କହେ "ଭରବଣି ଭୋକ ଖାଅ ଦୁଧ ଟୋକେ" ।୨।

ଟେଳମୂଳେ ଛନ୍ତି ଯେଉଁ ପଡ଼ୋଶି ଉଜାର
କହୁଛନ୍ତି "ବୋଉ ତୋର ଯିବ ଲେ ବାହାର ।"
        କଣ୍ଠେ ନ ଗଳଇ ପାଣି
ଉଲପା ଶ୍ୱବାଳ ଥଣ୍ଡା ହୋଇ ଆସିଲାଣି ।୩।

ଲଟେଡ଼ିଇରେ ମଲା ବାପ ବେଙ୍ଗାମ ସହରେ
ଟଙ୍କ କଣ ଦାଢ଼ ଖୁଡ଼ୀ ଦନ ଦ୍ୱ ପହରେ
        ଗାଆଁ ଲୋକଙ୍କୁ ମିଳାଇ
ଅମ୍ଭ ଭଣାଭଣେ ଦେଲେ ଘରୁ ଘଉଡ଼ାଇ ।୪।

ଚାଲିଗଲାଁ ଯେତେ ଦିନ ମିଳୁଥିଲା ଭିକ
ବୋଉ ଅନ ଖାଏ ବନା ନ ଜାଣଇ ବୋଉ
        ଭିକ ନ ମିଳିଲା ଆଜ
ଶୁଝିଲା ବୋଉର ଅନ, ବନା କାଉ କାଉ ।୫।

ଅଠଦାନ ବୋଉ ଦେଖି ନ ଥିଲା ଯେ ଦାନା
ଘରବଦାନ ଉପାସରେ ଟାଙ୍କି ଲଗା ବନା
ମୁହିଁ ତୁଚ୍ଛା ପାଣି ପିଇ
ଫେରୁଥିଲି ଖାଲି ହାତେ ଭିକ ମାଗି ଯାଇ ।୬।

ବନା ଗଲା, ବୋଉ ଯିବ, ଯାଇଥିଲା ବାପ
ମୁଁ ଅଭାଗୀ ଥିବି ଜୀଇ ପାଇଛି କା ଶାପ
ଯାଚୁଅଛ ପେଟେ ଭାତ
ଟେକିବାକୁ ଘୁଣ୍ଡା କାହୁଁ ଚଳିବ ମୋ ହାତ ? ।୬।

ସଞ୍ଜି ପାତେ ବୋଉ ଦେବୁଁ ବହୁଅଛି ପାଣି
ସେଇବାକୁ ନାହିଁ ଜାଳ; ଶୁଣିଲି କାହାଣୀ
କାଠ ଖଡ଼ା ହିଏ ଦିଅ
ନଈବାଲି ସେତେ ତେତେ ଦାନ ଜୀଇଥାଅ ।୮।

ଏହୁ ଚୂନପିଣ୍ଡା ଯାଙ୍କ, ଘରକର ଲଗାଇ
ଦୁଆର ମୁହଁରୁ ମୋତେ ଦେଲେ ଘଉଡ଼ାଇ
ଭଡ଼ୁ ନାନା କଟୁବାଣୀ
ଖାଇଯିବ ପିଲା, ମୁହଁ କୁଅଡ଼େ ଡାହାଣୀ ! ।୯।

ଚୂନ ପିଣ୍ଡା ଥିଲା ଆମ, ଥିଲି ଅଲିଅଳ
ଅପବାଦ ଶୁଣାଉଛି ମୋ ପୋଡ଼ା କପାଳ,
ଦେଲ କାଠ । ଯାଏଁ ମୁହିଁ
ପହଞ୍ଚିଲା ବେଳକୁ ମୋ ବୋଉ ଥାଉ ଜୀଇ ।୧୦।

୧୯୪୩

—୯୧—

# ଚନ୍ଦ୍ରାମଣି ମହାନ୍ତି

( ଧୀରେ ରାଧା କର ଧର ବୃକ୍ଷରେ )

ଚନ୍ଦ୍ରାମଣି ! ସାଧନାର ପିରାମିଡ଼ ରଚିଛ
ଅପଘନେ ଭାରତୀଙ୍କ ରତ୍ନରାଜି ଖଚିଛ
ସୁଧୀ ହେ !
ଅମର-ଭୂମି ଅନୁପାଇଁ ସଂଚିଛ
ମରନାହିଁ ମରନାହିଁ ହୃଦେ ଅମୃ ବାଂଛିଛ ।୧।
ବ୍ୟାଧି ତୃଷାନଳେ ଜଳି ସୁବାସ ବିତରିଛ
ତପସ୍ୟାର ଧନ ଦେଇ ମାଆ ଦୈନ୍ୟ ହରିଛ
ସୁଧୀ ହେ !
ଭାସ୍ୱର ଅଭ୍ର ମାଆ ଭାଲେ ଭରିଛ
ବାଣୀ-ଅରଚନେ ପଳ ପଳ ହୋଇ ସରିଛ ।୨।

୧୯୪୩

---

୧। ପିରାମିଡ଼—ମିଶର ଦେଶର ରାଜାମାନଙ୍କର ସମାଧି ଉପରେ ଗଠିତ ବୃହତ୍ ସ୍ତୂପ—ବୃହତ୍ତା ନିମନ୍ତେ ଏ ସବୁ ପ୍ରସିଦ୍ଧ; ଅପଘନ—ଶରୀର ଭୂମି—ସମ୍ପଦ ।

୨। ଭାସ୍ୱର—ସମୁଜ୍ଜ୍ୱଳ; ଭାଲ—କପାଳ; ପଳ ପଳ ହୋଇ—ଟିକି ଟିକି ହୋଇ । ସରିଛ—ନିଜକୁ ଶେଷ କରିଛ ।

—୧୨—

# କଳାକମ୍ର ଉତ୍କଳ

ରାଗ—କାମୋଦୀ

( ଭଞ୍ଜବୀରଙ୍କ "ଦେଖି ନବ ବାଳିକା" ବୃତ୍ତରେ )

କଳା-କମ୍ର ଉତ୍କଳ ମାନସ-ଶତଦଳ-
ଆସନ ପାତ୍ ମା ଭାରତି !
କରଇ ଆବାହନ ଅବତର ବହନ
ଚରଚ ତହିଁ ମା ବସନ୍ତ ହେ
ବୀଣାପାଣି !
ମୂର୍ଚ୍ଛନା ତୋଳ ଆଜି ବାଟେ
ବାଅ ବିପଞ୍ଚୀ ଧାଡକାରେ
ମଞ୍ଜୁଳ ବିମୋହନ କବିତା କଞ୍ଜବନ
ଫୁଟୁ ଭୃସଳ-ମାଳକାରେ ହେ
ବୀଣାପାଣି !
ବଟାଳୀରେ ପଥରେ ଲେଖନୀରେ ଅକ୍ଷରେ
ବିଶିଷ୍ଟ କଳାର ମନ୍ଦିର
ଗଢ଼ିଲା ଏତୁ ଜାତି ତେଣୁ ଆଜି ଅଖ୍ୟାତ
ହୋଇଛୁ ଶେଳ ହୃଦେ ତାର ହେ
ବାଗୀଶ୍ୱରି !

---

୧ । କଳାକମ୍ର—କଳାଦ୍ୱାରା କମ୍ର ବା କମନୀୟ, ଧାଡକାରେ—ଶୀଘ୍ର
ମଞ୍ଜୁଳ—ମନୋଜ୍ଞ; କଞ୍ଜବନ—ପଦ୍ମବନ, ଭୃସଳ—ଭ୍ରମର ।
୨ । ଶେଳ—ତୀକ୍ଷ୍ଣ ଅସ୍ତ୍ର, ବରଛା; ବାଗୀଶ୍ୱରୀ—ସରସ୍ୱତୀ ।

ସମ୍ଭୃତ ତା କଳା କ୍ଷପଣୀ
ହୋଇ ପ୍ରସନ୍ନା ବର ପୁଣି
ବୀଣା, ତୂଳୀ, ବଟାଳୀ, ଲେଖନୀ ଶକ୍ତିଶାଳୀ
କରେ ମୋଦରେ ଧରୁ ଧନୀ ହେ।
ବାଗୀଶ୍ୱରୀ !

କୀର୍ତ୍ତି-ମୟୂଖ ରାଶି ଦଶଦିଗ ଉଦ୍‌ଭାସି
ଉତ୍କଳ ନାମ କରୁ ସାର୍ଥ
ସତ୍ୟ, ଶିବ, ସୁନ୍ଦର କଳାଶିଳ୍ପି ବୃନ୍ଦର
ହେଉ ଏକୈକ ପରମାର୍ଥ ହେ
ମା ଭାରତ ![୩]
ଶୋଭନ-ଜୀବନ-ସହିତ
ହେଉ ଏ ଦେଶେ ପ୍ରବାହିତ
ରଙ୍ଗ ରାଜୀବ ସର କରୁଣା ମା ! ତୁମ୍ଭର
ଫୁଟୁ ତହିଁରେ ଅବିରତ ହେ
ମା ଭାରତ !

୧୯୪୩

୩। ମୟୂଖ—କିରଣ; ଉଦ୍ଭାସ—ଅଲୋକିତ କର; ଶୋଭନ—ମନୋଜ୍ଞ।

—୯୩—

# ରାଜକିଶୋର ପ୍ରାଣରୁ ମାଧୁରୀ

( କୃଷ୍ଣ ନାମ ଅଜଠାରୁ ମୋ ଶ୍ରବଣେ
ନ ଶୁଣାଇବଟି କେହୁ—ବୃନ୍ଦରେ )

ଲବଣୀ ପ୍ରତିମା ଅଟେ ଶୋଭାସୀମା
ବୋଲି ଥାଅ ବନ୍ଧୁ ! ଡାକ ହେ
ଅନଳ ଜଳାଇ ଫିଙ୍ଗ ମୋତେ ତହିଁ
କି ଅପରାଧ ପାଇଁ କହ ହେ
ଅଟେ 'ମାଧୁରୀ'—ଜୀବନ
ପିଣ୍ଡେ ରହେ କି ଗଲେ ପରାଣ ହେ ? । ୧ ।

ପ୍ରେମ ବଇରାଗୀ ହେବ ଯାହା ଲାଗି
ଦେବ ତାହାକୁ କାହାକୁ
ସେ ପରା ତୁମ୍ଭର ଦାସୀ ଚରଣର
ଅଣା ତା ତୁମ୍ଭ ବାହାକୁ ହେ
ବେଢ ତା ପରାଣ ବଲ୍ଲରୀ
ସମ୍ଭାଳିବ ମହୀରୁହ ସବୁ ହେ ? । ୨ ।

---

୧ । ଲବଣୀ ପ୍ରତିମା—ଲବଣୀ ପରି କୋମଳା; ଶୋଭାସୀମା—ସୌନ୍ଦର୍ଯ୍ୟର ଶେଷସୀମା ।

୨ । ବଲ୍ଲରୀ—ଲତା, ମହୀରୁହ—ବୃକ୍ଷ ।

ବିବାହରେ ଯୋଗ     ନୋହିଲେ କି ହେବ ?
ମାଧୁରୀ ହୋଇବ ସୁଖୀ ହେ
ଧନେଶ ଭିତର     ଅନେକ ମାଝର
ବଦନ ଚୁମ୍ବ କରେଣି ହେ
ଆଜନମ ସେ ଦୁଃଖିନୀ
ତୁମ୍ଭେ ତାର କୋହିନୁର ମଣି ହେ । ୩ ।

ଜନନୀ ତୁମ୍ଭର     ହେଲେ ଦେହାନ୍ତର
ସେହି ଦିନୁଁ ମିଳନର ହେ
ଆଶାକୁ ବରଜି     ନିରାଶାକୁ ଭଜି
ଉଶ୍ୱାସ ସ୍ୱର ଭରି ଅନ୍ତର ହେ
ଦାସୀ ପଦ ଅଛୁ ଧରି
କାହିଁ ହେବ ତେ ଉଦ୍ଧୁଁ ଉଗାର ହେ ? ।୪।

ରସଲେଖା ଯେଣୁ     ପୁହାଅ ରଜନୀ
ବେଦୀର ସେ ହେଉ ସଖୀ ହେ
ଜନକବଚନ     କର ନାହିଁ ଆନ
ହେଲେ ମୁଁ ହୁଏ ଜାମାଖୀ ହେ
ଭାବସୂତାର ହାର
ବନ୍ଧୁ ! ହେଉ କନ୍ୟାସଜ ମୋର ହେ ।୫।

---

୩ । କୋହିନୂର ମଣି—ପୃଥିବୀର ସବୁଠୁ ବଡ଼ ଓ ମୂଲ୍ୟବାନ୍ ହୀରାର ନାମ କୋହିନୂର ।

୪ । ଦେହାନ୍ତର—ମୃତ୍ୟୁ; ଉଶ୍ୱାସ—ହାଲିକା; ଅନ୍ତର—ହୃଦୟ; ସ୍ୱର—ଗୀତ; କନ୍ୟାସଜ—ବିଭା ହେବାକୁ ଯାଉଥିବା କନ୍ୟାର ଅଳଙ୍କାର ଆଦି ଭୂଷଣ ।

ସାପ ଝାମ୍ପୁଡ଼ିଲା            ପରାଣ ନ ଗଲା
ଗାରଡ଼ିଆ ତୁମ୍ଭେ ହୋଇ ହେ
କାନ ମୋ ଫୁଙ୍କିଲ            ପ୍ରାଣ ବଞ୍ଚାଇଲ
ପରଶ ଭୁଲି ନ ଯାଇ ହେ
ବୋଉ ଭାଙ୍ଗିଲା ମୋହର
ମାଧୁରୀକି ମୁଁ ଦେବି ଖଜର ହେ । ୧ ।

ଗଣ୍ଡ ମୋ ସୁରଙ୍ଗ            ପଡ଼ିଥିଲା ରଙ୍ଗ
ଅଜନମୁଁ ମୁଁ ଅନ୍ତରେ
ଫୁଲ ଚନ୍ଦନରେ            ପୂଜିଲି ଆଦରେ
ଯାହାଙ୍କୁ ସେ ମୋ ଭାବରେ ହେ
ମୋତେ ଦେଲେ ଆସି ବର
ଛଣି ନେଇ ଜନମ ଅନ୍ତର ହେ ।୨।

ସେ ଦିନୁ ଗଲେ ମୁଁ            ସିରସୀ କୂଳକୁ
ଅଗ୍ଲୁଁ ଯାଇଥାଏ ତହିଁ
ଗଜର ହାରେଇ            କୂଠରେ ପକାଇ
ବସ କୂଳେ ପଥ ଚାହିଁ ହେ
ମୁହଁ ଫେରେଇଁ ପାଣି ନେଇ
ଫୁଲ ହାରକୁ ଚାହିଁ ନ ଚାହିଁ ହେ ।୩।

---

୧ । ଗାରଡ଼ିଆ—ସାପମନ୍ତ୍ର ଜାଣିଥିବା ଲୋକ; ପରଶ ଭୁଲି ନ ଯାଇ—ଚେତେବେଳେ ତୁମ୍ଭ ମୁହଁ ମୋ ମୁହଁକୁ ଛୁଆଁଇବା କଥା ।

୨ । ଗଣ୍ଡ—ଗାଲ; ସୁରଙ୍ଗ—ଉତ୍କୃଷ୍ଟ ବର୍ଣ୍ଣ ବିଶିଷ୍ଟ; ରଙ୍ଗ—ଲାଲ ।

ଲୁଟେ ଯେ ଯାଆନ୍ତି    ଚେହ୍ନୁ ନ ଜାଣନ୍ତି
ବାଗୁରି ଯାଉ ତା ପାଇଁ ହେ
ମାଧୁରୀ ଭୁଲଇ    ହୋଇ ଅନ୍ଧ ବାଇ
ଧରା କି ସେ ଦେଇ ନାହିଁ ହେ
ମନ ଉତ୍କଳ ତାହାର
କହୁଁ ପିନ୍ଧିବାକୁ ପଦ୍ମ ହାର ହେ ।।୯।

ଏକୋଇଶ ହାର    ହେଲା ନାବଖାର
ଦିନ ଏକୋଇଶ ଗତ ହେ
ଖଣ୍ଡ ବଳା ଜୁଡ଼େ    କଣ୍ଠ ଦେଲି ସୁଡ଼େ
ପୂରିଲା ସନ୍ଧ୍ୟା ! ବରତରେ
ରହୁ ଲବଣୀ ପିତୁଳା !
ଅନ୍ତଃହାରେ ମଣ୍ଡି ଦିଏଁ ଗଲା ରେ ।୧୦।

ଲଜ୍ଜି ମୋ କହିଲି    "ଲୁବଟେ ତୁ ପଲା"
ପୀରତି ଛନ୍ଦର ପଦ
ଲଜ୍ଜା ଭଲି ମନା    "ପାଚି ଭୁ ଫିଟାନା"
ପୀରତି ଭଲି ଗଦ୍‌ଗଦ ହେ
"ପ୍ରାଣ ହୁଅ" କହୁଁ ଲାଜ
ପ୍ରୀତି କହେ "ସେ ପର୍ ତୋ ରାଜ ହେ" ।୧୧।

---

୯ । ବାଗୁରି—ଜାଲ; ଉତ୍କଳ—ଉତ୍ସୁକ; ଆଗ୍ରହୀ ।

୧୦ । ଲଜ୍ଜି ମୋ କହିଲି—ଏ ପଦରେ ମନରେ ଲଜ୍ଜା ଓ ପ୍ରୀତିର ଝଗା-ଝଗି ବର୍ଣ୍ଣନା କରା ଯାଇଛି । ବରତ—ତୋଟେ ଲୁହ ବନ୍ଧା ପାଇଁ ବନ୍ଧ ଯାଉଥିବା ସୁତ ।

ପିନ୍ଧାଇଣ ମାଳ ଅଖି ଛଳ ଛଳ
ଭର କହିଲ "ସୁନ୍ଦର ରେ !
ଏଭୋଇଣ ମାଳ ଭଲ ତୁ ଚପଳ
କେଉଁ ଅପରାଧୁଁ ତୋର ! ରେ"
ମୁଁ ଭାଷିଲି "ବରଭର
ଝାଣ ପରଖୁ ଥିଲି ମାଧବ ହେ" ।୧୨।

କହିଲ "ଅଜଠୁଁ ଭଲାଭଲ ନାହିଁ
ତୁ ମୋହର ମୁଁ ତୋହର ରେ
ଏ କୁସୁମ ସାଙ୍କ ଅଟଇ ଶାୟକ
ମନାସି ତାଙ୍କୁ ମନର ରେ
ତୋରେ କହିଲି ରୂପସି !
ତୁ ମୋ ମାନସ ଆକାଶ ଶଶୀ ରେ ।୧୩।

ହେଲା ଘରପୋଡ଼ ନାଅଁ ଗଲା ବେଡ଼ି
ପାରିଲି ନାହିଁ ବାହାର ହେ
ହାଇ ମୋ ଶଙ୍କିଲେ ଟିକେ ନ ଚକିଲେ
ଅନଳ-ପରଦା ଛାର ହେ
ମୋର ବଞ୍ଚାଇ ପରାଣ
କଲ ନିବାଡ଼ ପରଶ ଦାନ ହେ ।୧୪।

---

୧୩ । ଭଲାଭଲ-ଛଡ଼ା ଛଡ଼ି; ଏ କୁସୁମ ସାଙ୍କ……ଅର୍ଥାତ ଫୁଲ ସାହା-
ଙ୍କର ଶାୟକ ବା ଧନୁ ଅଟେ ପ୍ରୀତ ଦେବତା ସେହି ମଦନ ।
୧୪ । ନିବାଡ଼—ଘନିଷ୍ଠ ।

କରର ଅଙ୍ଗୁରି ହୋଇଲା ଶିଥିଳ
ଘର ଆମ ହେଲା ଢୋଲା ହେ
ମୁଁ ଛାର ଅଭାଗୀ ମୋହ ସୁଖ ଲାଗି
ଅଙ୍ଗୁଳି ହେଲା ମୁକୁଳା ହେ
ଅହେ ଦୟାର ବାରିଧି !
ତୁମ୍ଭେ ମାଧୁରୀ ବାଳାର ନିଧି ହେ ।୧୫।

ସବୁ କଥା ଏଥି ଲେଖିଗଲେ ପୋଥି
ହୋଇବୁଁ ଏଥୁ ପଣ୍ଡିତ ହେ
ଧନ ଧନକର ଭାବ ବଖାଣିଲେ
ସମାନ ହେବ ବେଦର ହେ
ସେହୁ ଭାବ ମୋ ଭୂଷଣ
ହେତୁଁ ଉହୁଡ଼ି ଆସିଛି ମନ ହେ ।୧୬।

ନର କଳପନା ନୋହୁ ଥିଲେ ତୁନା
ଏ ଧରା ଅମରାବତୀ ହେ
ନିମିଷେ ହୁଅନ୍ତା କେ କାମ ସହନ୍ତା
କଷଣ-ଜର-ଉଦତ ହେ ?
ବାସ୍ତବକୁ ଆସ ଫେରି
ଋଣ ଦେଉଛି ତୁମ୍ଭ ମାଧୁରୀ ହେ । ୧୭ ।

---

୧୫ । ମୁକୁଳା—ଖାଲି; ବାରିଧି—ସମୁଦ୍ର; ନିଧି—ମୂଲ୍ୟବାନ୍ ଜିନିଷ ।

୧୬ । ଭାବ—ମନର ପ୍ରୀତି ଯହିଁରେ ଦେହର ସମ୍ପର୍କ ନାହିଁ, ଉହୁଡ଼ି ଆସିଛି—ଖସି ଆସିଛି ।

୧୭ । କଳନା—ପାଖ, ଅମରାବତୀ—ସ୍ୱର୍ଗ; ଉଦତ—ଜରଥିଲା ବେଳେ ଦେହରେ ଥିବା ତାପ; ବାସ୍ତବକୁ—ସଂସାରର ପ୍ରକୃତ ସ୍ଥିତିକୁ ।

ଚୂର୍ଣ୍ଣି ତୁମ୍ଭ ଚୂର୍ଣ୍ଣ ମାଧୁର୍ଯ୍ୟ ଜୀବନ
ଦୁଃଖେ ସୁଖେ ଯାଉ କଟି ହେ
ନେଇ ରସଲେଖା ତୁମ୍ଭଙ୍କୁ ମୋ ଭିକ୍ଷା !
ମୋରେ ଦିଅ ଛବିପଟି ହେ
ପୂଜାରେ ତା ରଖି ଲକ୍ଷ୍ୟ
ଜୀବନ କରିବି ମଧୁମୟ ହେ ।୧୮।

ଗଗନେ ଭାସ୍କର ପୂର୍ଣ୍ଣ ନିଶାକର
ପଙ୍କଜିନୀ; କୁମୁଦିନୀ ହେ
କୋଟିଏ ଯୋଜନ ଦୂରେ ରହି ଯେହ୍ନେ
ବିଲୋକି ତାଙ୍କୁ ସୁଖିନୀ ହେ
ତେହ୍ନେ ହେ ରାଜକିଶୋର !
ସୁଖିନୀ ହେବ "ମାଧୁର୍ଯ୍ୟ" ତୁମ୍ଭର ହେ ।୧୯।

ତୁମ୍ଭ ମୁଖ ଦେଖି ଫୁଟିବ ତା ଆଖି
ଦେଖୁ ସେ ଦୋଳମୁକୁଟ ହେ
ଦେଖିବାର ପାଇଁ ନ ଥିବ ସେ ଜୀଇ
ମୁଦ୍ରେ ତୁମ୍ଭ କଟାକ୍ଷ ହେ
ତୁମ୍ଭ ଛବିକୁ ନିରେଖି
ଇଚ୍ଛେ ଜୀଇବ ତୁମ୍ଭ ସେବକା ହେ । ୨୦ ।

---

୧୮ । ଛବିପଟ—ତୁମ୍ଭର ଅଙ୍କା ହୋଇଥିବା ମୂର୍ତ୍ତି ବା ଫଟୋ; ଲକ୍ଷ୍ୟ—ମନୋଯୋଗ ।

୧୯ । ଭାସ୍କର—ସୂର୍ଯ୍ୟ; ନିଶାକର—ଚନ୍ଦ୍ର; ପଙ୍କଜିନୀ—ପଦ୍ମ; କୁମୁଦିନୀ—କଇଁ; ମାଧୁ—ମାଧୁର୍ଯ୍ୟର ଅଦ୍ଭୁତ ଭାବ ।

୨୦ । ଦୋଳ ମୁକୁଟ—ରସ୍ୱବର ।

ଯାଅ ନାହିଁ ସଖା ! ବାରେ ମାତ୍ର ଦେଖା
ଜନଗରେ ଦିଅ ମୋତେ ହେ
କଥା ଭୁଷା ପାଇଁ ନୁହଇ ଅଶାୟୀ
ଦେଖିଲେ ଥରେ ପଥରେ ହେ
ଲଭିବଇଁ କୋଟିନିଧି
କେବଣେ ଯାଅ ନା କରି ଅବଧି ହେ ।୨୧।

ତୁମ୍ଭ ଗଳା ବାଟୁଁ ଧୂଳି ମୁଁ ଗୋଟାଇ
ଖୈସାଡିର ରଖିବ ନେଇ ହେ
ଏ ପୋଡ଼ା ପରାଣି ହୋଇବ କାରଣ
ନିର୍ମାଲ୍ୟ କରି ତା ପାଇ ହେ ;
ମଲେ ଆର ଜନମରେ
କଳାଭାଇ ହେବି ଶ୍ରୀଅଙ୍ଗରେ ହେ ।୨୨।

ମାଆ ମଙ୍ଗଳାଙ୍କୁ ମାଗଣା କରାଇ
ମାଗିଛି ମୁଁ ଏହି ବର ହେ
ରସରେଖା ଘେନ ମୋ ଜୀବନମଣି
ସୁଖେ ଭରନ୍ତୁ ସଂସାର ହେ
ଦୂରେ—ଅତିଦୂରର ରତ୍ନ
ସୁଖୀ ହୁଏଁ ଶାଳି ତାଙ୍କୁ ଦେଖି ହେ ।୨୩।

୧୯୪୫

---

୨୧ । ଅବଧି—ଅନ୍ୟାୟ ।

୨୨ । ଖିସା—ଶ୍ରେଷ୍ଠ ମୁଖା ସହିଁରେ କ ନିର୍ମାଲ୍ୟ ଓ ପାଦୁକ ପ୍ରଭୃତ ରଖାଯାଏ ।

—୯୪—

# କେହି ତ ଦରଦୀଜନ ଏକାକୀ ନାହିଁ

"ଲଭ୍ସ୍ ଫିଲସଫି"

( ଇଂରାଜ କବି ଶେଲୀଙ୍କ କବିତାର ଛାୟାରେ )

ରାଗ ଶ୍ରେଣି

ଝରଣା ସରିତ ଭେଟିଲେ          ତଳର ପାରିଶ ଭେଟିଲେ
ସରିତ ସାଗରେ ମିଳେ ନିଛିଡ଼େ ପାଇଁ ,
ପବନେ ମେଳନ୍ତି ପବନ          ପ୍ରେମେ ଦିଏ ଆଲିଙ୍ଗନ
କେହି ତ ଦରଦୀ ଜନ ଏକାକୀ ନାହିଁ;
ଏକ ସାଥେ ମିଳେ ଅପର
ତୋହ ମୋହ ମେଳ ନୁହେଁ କି ଦୋଷ ମୋର ?

ପ୍ରେମମଦେ ହୋଇ ଘାରି          ଅମ୍ବର ଚୁମ୍ବଇ ଶୈଳ
ଢେଉ ଉପରେ ଦେଖ ଢେଉ ! ତଳଇ ଢେଉ
ଶୋଭାବତୀ ଫୁଲବାଲୀ          ଲେଉଟାଇ ଦେଲେ ଅଳି
ତା ଉପରେ ନୋହେ ଚଳ କହନ୍ତି କେହୁ ?
ଧରଣୀକଣ୍ଠେ ଦେଖ ତପନ
ଦେବାଇ କେମନ କର, ଚୁମ୍ବେ ଲପନ ।

---

୧ । ଦରଦୀ—ପ୍ରେମୀ ।

୨ । ଅମ୍ବର—ଆକାଶ; ଅଳି—ଭ୍ରମର; ଚଳ ହେବା—ଚଞ୍ଚଳ ହେବା; ରାଗ ହେବା; ଲପନ—ମୁଖ ।

ସାଗର ଉରସେ ଶଶୀ ଚୁମ୍ବଇ ଦେଖ ସୁହାସି !
ହେବ ଏ ଚୁମ୍ବନ ସ୍ୱର୍ଣ୍ଣ କି ସ୍ମୃତି ତୁମାର ?
ତୋ ଚୁମ୍ବନ-ସୁଧା ପାଇ ହୋଇଛି ନିରନ୍ତର ବାଇ
ରହିଛି ଉପବାସୀ ହୋଇ ଏ ମୋ ଅଧର;
ଦଣ୍ଡଦଶ ପୀରତମସ୍ତୁ
ହେବ ନ ଟଳଇ ଗଲେ ମୋହ ହୃଦୟ !

୧୯୪୫

---

୩ । ଉରସ — ବକ୍ଷ ।

—୧୫—

# ଜଗଜ୍ଜନ ଈର୍ଷଣୀୟା ମମ ଗଳାମାଳା

( ଇଂରାଜ କବି ଏଚ, ଏଫ, ଲିଟଙ୍କ ଅଣା କବିତାର ଅନୁବାଦ )

( ରାଗ ଶଙ୍କରାଭରଣ )

( ଶୈଶବେ )

ଶଇଶବେ ଅଭ୍ରମୟୀ କାନ୍ତିଲତା ରମା
ବାସନ୍ତୀ-ଉଷା-ନୀହାର-ଶୁଭ୍ର, ଅନୁପମା
ଉଷା-କାନ୍ତି-ରସାଣିତା
ସୁମ-ସୁକୁମାରୀ ସୁମ-ଲାବଣ୍ୟ-ମଣ୍ଡିତା ।

( ଯୌବନେ )

ଯଉବନେ ସ୍ୱର୍ଣ୍ଣାଭାଷୀ ରୂପସୀ ଷୋଡ଼ଶୀ
କାନ୍ତି-ଅଧିଦେବୀ ଶୋଭା-ପ୍ରପୂର୍ଣ୍ଣ ସରସୀ
ସୁଧା-ମୟୂଖ-ମଞ୍ଜୁଳା
ଜଗଜ୍ଜନ-ଈର୍ଷଣୀୟା ମମ ଗଳାମାଳା ।

---

୧ । ଆଭ୍ରମୟୀ—ଉଜ୍ଜ୍ୱଳତାମୟୀ; ରମା—ସୁନ୍ଦରୀ; ବାସନ୍ତ—ବସନ୍ତ କାଳର; ନୀହାର—ଶୁଭ୍ର—କାକର ବିନ୍ଦୁପରି ଧବଳା; କାନ୍ତି—ଦୀପ୍ତି; ରସାଣିତା—ମଣ୍ଡିତା; ସୁମ—ଫୁଲ; ସୁମସୁକୁମାରୀ—ଫୁଲପରି ମୃଦୁଳା ।

୨ । କାନ୍ତି-ଅଧି ଦେବୀ—କାନ୍ତିର ଅଧିଷ୍ଠାତ୍ରୀ ଦେବୀ; ସରସୀ-ପୁଷ୍କରିଣୀ; ସୁଧା ମୟୂଖ ମଞ୍ଜୁଳା—ଚନ୍ଦ୍ର ତୁଲ୍ୟ ଶୋଭାବତୀ; ଜଗଜ୍ଜନ ଈର୍ଷଣୀୟା—ଯାହାର ରୂପ ଦେଖି ଜଗତ ଯାକର ଲୋକ ହିଂସାରେ ଜଳି ଯାନ୍ତି ।

( ବିବାହେ )

ବୟୋଧର୍ମେ ପଲ୍ଲବାନ୍ତ ସ୍ମିତବର୍ଣ୍ଣ ମାଧ୍ୱୀ
ଫଳଭରେ ଅବା ହେମ-ବଲ୍ଲରୀ ନମିତା
ପ୍ରିୟେ ! ଜନନୀ-ରୂପିଣୀ
କୁଟୀର-କମଳାଳୟେ ! ବିଶ୍ୱ-ବିମୋହିନୀ !

( ମରଣେ )

ଅନ୍ତିମ ଶୟନେ ଯେବେ ମୁଦ୍ରିତଲୋଚନା
ପରମେଷ୍ଠି-ପଦ୍ମପାଣୀ-ପରମ-ରଚନା
ଭବ ଭବାର ଖଣ୍ଡିତା
ଦିବ ଲୋକ ଭୂତି ଲୋଭ ଆଶା ବିମଣ୍ଡିତା !

୧୯୪୦

---

୧ । ବୟୋଧର୍ମେ — ବୟସର ପ୍ରଭାବରୁ; ହେମ ବଲ୍ଲରୀ — ସୁନାର ଲତା; କମଳାଳୟା — ଲକ୍ଷ୍ମୀ ।

୪ । ପରମେଷ୍ଠି — ବିଧାତା, ପଦ୍ମପାଣି — ନିର୍ମାଣ କୌଶଳ, ଭବଭବାର ଖଣ୍ଡିତା — ସଂସାରର ପାପ ତାପରୁ ଅବ୍ୟାହତା; ଦିବଲୋକ — ସ୍ୱର୍ଗ ଭୂତି — ସମ୍ପଦ ।

—୧୭—

# ସ୍ୱନ ଶୋଭାବନ୍ତ ଅବା ତୋ ଶୋଭାକୁ ଦେଖି

( ଗୁପ୍ତ ଶବ୍ଦାବରଣ )

ବି—ମ୍ବାଧରୀ ଶଶିକଳହାସୀ ଗଳାମାଳ
ଛଂ—ଦବିନୋଦନୀ ରଙ୍ଗପସରୀ ସଙ୍ଗୀଳ ।
ଦ—ରପଣ ମୁଖୀ । ମନେ
ତ—ରଣୀ ଯୌବନ ସେ ଦେବଶେ କି ପଡ଼େ ଧନେ ?
ର—ସାଭୂଷା ଅଣାପାଣେ ଛନ୍ଦଣ ନୋପୁରେ
ନ—ଖଡ଼ା ତ୍ରିବୀଭଙ୍ଗ ମର୍ଜ୍ଜି-ଦରଅଟେ
ପ—ଙ୍କେରୁହନେତ୍ରୀ ଧନ !
ଝ—ଡ଼ଫାଳ ଖୋସାର ତୋ ମୁଁ ଲଭି-ସ୍ୱପନ ।୨।
ନା—ଟୁଆ-ଖଞ୍ଜନ-ଜଣା ମଞ୍ଜୁ ତୋଲାଙ୍ଖିଲା
ଏ—କଲଦେ ଖରେଙ୍ଗିବା ସେନ୍ତୁ ବେଦ୍ଧଗଲା
କ—ମ୍ବୁକଣ୍ଠି । ସେ ଶରଣି
ବି—ରହ-ଦହନ ଥିଲା ଅମ୍ବୁ ପାଇଁ ସହି ।୩।

---

୧ । ବିମ୍ବାଧରୀ—ପାଚିଲା କଇଁଆ କାକୁଡ଼ି ପରି ଯାହାର ଅଧର ଲାଲ୍; ଶଶିକଳ ହାସୀ—ଯାହା ହସର ସ୍ୱଚ୍ଛତା ଚନ୍ଦ୍ରକୁ ପଛରେ ପକାଇ-ଦେଉଛି; ଛନ୍ଦ ବିନୋଦନୀ-କୌତୁକ ପ୍ରିୟା; ଦର୍ପଣ ମୁଖୀ—ଯାହା ମୁହଁ ଦର୍ପଣ ପରି ସମୁଜ୍ଜ୍ୱଳ; ସେ ଦେଶେ—ସ୍ୱର୍ଗ ପୁରରେ ।

୨ । ରସାଭୂଷା—ରସା ଅର୍ଥାତ ପୃଥିବୀର ଅଲଙ୍କାର, ନୋପୁର—ନୂପୁର; ପଙ୍କେରୁହ—ପଦ୍ମ; ଝଡ଼ଫାଳ ଖୋସା—(ତୁଳନା କର) ଝଡ଼ଫାଳ ପରି ଖୋସା । ଖୋସିଛି ଯୋଷା—ଉପେନ୍ଦ୍ର ଭଞ୍ଜ; ଲଭି—ଲଭା ହୋଇ ଥିବା ।

୩ । ଖଞ୍ଜନ—କଜଳପାଟି ଚଢ଼େଇ, ମଞ୍ଜୁ—ସୁନ୍ଦର ତୋଲାଙ୍ଖିଲା—ଆଖିର ଭଙ୍ଗୀ; କମ୍ବୁ—ଶଙ୍ଖ; ଶରଣି—ବିଧାତା; ଦହନ—ଅଗ୍ନି ।

ଏ—ବେ କୋଟି ପାରାବାର ହୃଦେ ବ୍ୟବଧାନ
ପୋ—ହଲା-ଅଧର ତୋର ସପନେ ସପନ
 ଅ—ୟି ତ୍ରିଦିବବାସିନି !
ସ୍ମୃ—ଦ ଶୋଭାବନ୍ତ ଅବା ତୋ ଦଶାଭାକୁ ବୋଲି ।୪।

ଦ—ରଦ କରନ୍ତୁ ବନ୍ଧୁ ! ବୁକୁର ସମ୍ବଳ
ମା—ରଧାର ପାଇଁ ପଥ ନଯୁନ ଶୁଗଳ
 ଚ—ତୋରର ଆଶା ବନ୍ଧୁ
ଜ—ଦତ-ସୁଧାଂଶୁ-ସୁଧା ନ ପାରନ୍ତି ପିଇ । ୫ ।

କ—ହ କଳକଣ୍ଠି ! ଭଲ ମରଣ ସେ ପାରେ
କ—ମ୍ବୁ-କଣ୍ଠେ କାଶୀ ଦାସେ ଉଡ଼ାଇଣ ଥରେ
 ଟ—ହଟହ ରଙ୍ଗାଧରୁ
କ—ଷଣ-ପାସୋରା ତୋଳ ଦେବୁଟି କି ଭୀରୁ ! ।୬।



୪ । ପାରାବାର—ସମୁଦ୍ର ; ତ୍ରିଦିବ—ସ୍ୱର୍ଗ ।

୫ । ଦରଦ—ଦରଜ ( ତୋ ବିଚ୍ଛେଦ ଜନିତ ); ବୁକୁ—ହୃଦୟ; ସମ୍ବଳ—ସମ୍ପଦ; ପାରଧାର ପାଇଁ-ଲଙ୍ଘ ଗଣିବା ପାଇଁ; ସୁଧାଂଶୁ—ଚନ୍ଦ୍ର ( ତୁଳନା କର—ତୁ ତ ହେଲୁ ପରହାତ, କମ୍ଭ କରେ ମୋ ପାଇଁ କେ ପିନ୍ଧିବ ବରତ ) ।

୬ । କଳକଣ୍ଠୀ—ମଧୁର ଭାଷିଣୀ; ମରଣ ସେ ପାରେ—ମୁଁ ସଂସାରରୁ ବିଦାୟ ନେବା ପରେ, କମ୍ବୁକଣ୍ଠ—ଶଙ୍ଖ ତୁଲ୍ୟ ତୋ ମନୋହର କଣ୍ଠରେ; ଟହ ଟହ—ଲାଲ ରଙ୍ଗ ଥୋପିପଡୁଥିବା; ରଙ୍ଗାଧର—ଲାଲ ଓଠ; କଷଣ ପାସୋରା—ଯାହା ବିଚ୍ଛେଦଜନିତ ସବୁ ଦୁଃଖ ମୋତେ ଭୁଲେଇ ଦେବ ।

—୧୨—

# ମୋହନ ପାଶକୁ ହାର୍‌ମଣି

ରାଗ—ଧନାଶ୍ରୀ

( ରଣ ବକ୍ରେ ବାଣୀ )

ପରାଣ-ଦୋସର ! ଭାଷା ନାହିଁ ମୋର ଯବକାଣ୍ଡିବାକୁ ଭାବ
ବିନ୍ଦୁକୁ ତୁମ୍ଭେ ଯେ ସିନ୍ଧୁ ବନାଇଛ ମେରୁ ବନାଇଛ ଯବ
ହେ ସଖା ! ଭଲ ତୁମ୍ଭ ମୋହ ଅଦ୍ୟ-ଦେଖା । ହେ ସଖା !
ଚକ୍ଷୁରାଗରେ ଅନ୍ତର ଚଖା । ହେ ସଖା !
ପ୍ରୀତି-ଭରିଲେ ପରାଣ ସଖା । ହେ ସଖା ! । ୧ ।

ନ ଥିଲା ଗୋଟିଏ ଅନ୍ତରେ ମୋହର ବିନ୍ଦୁଏ ଥିଲା ଗୋପନ
ଯାହା ଥିଲା ତାହା ବିନ୍ଦୁଏ ମାତର ବୋଲି ଭାବୁଥିଲା ମନ
ହେ ଧନ ! ଭଲ ହୋଇଲା ପୁଣଅଁ କାହ୍ନ । ହେ ଧନ !
ଏବେ ଯୁଆର ନୁହେ କଳନ । ହେ ଧନ !
ବେଳା ଲଙ୍ଘିବାକୁ ଇଚ୍ଛେ ମନ । ହେ ଧନ ! । ୨ ।

---

୧ । ପରାଣ ଦୋସର — ପ୍ରାଣ ସଖା; ଯବ — ଶ୍ରେଷ୍ଠ ଶସ୍ୟ ବିଶେଷ; ମେରୁ —ମେରୁ ପର୍ବତ ( ଅର୍ଥାତ୍ ମୋ ହୃଦୟର ପ୍ରୀତିକୁ ଅଗାଧ କରିଅଛ ); ଚକ୍ଷୁରାଗ—ଦୃଷ୍ଟିବନ୍ଧ ହେବା, ଅନ୍ତର — ଚିତ୍ତ; ହୃଦୟ; ଚଖା—ଚାଖି ହେବା ।

୨ । ନ ଥିଲା … … ମନ—ମୁଁ ଭାବୁଥିଲି ମୋ ହୃଦୟରେ ଖୁବ୍ କମ୍ ପ୍ରେମ ଥିଲା କିନ୍ତୁ ବର୍ତ୍ତମାନ ବୁଝିଲି ତାହା ସମୁଦ୍ର ପରି ଅପାର; ନୁହେ କଳନ—ଗଣି ହୁଏ ନାହିଁ; ବେଳା—କୂଳ ।

୩ । ପରଶୀତା—ବିବାହିତା; ମଞ୍ଜୁଳା—କୋମଳ; ଓଠି ନ ଦେଇ ତୁଣ୍ଡ ।

ମାଧୁରୀ-ଭୂଷିତା ହେଲା ପରଶୀତା ମୁହିଁ ହସିଲି ରଙ୍ଗ
ମୋହନ ଅମ୍ବର ! ଭୂର କର ଦୂର ହେଲା ମୋର ଏଡ଼େ ଢଙ୍ଗ
ହେ ତୂଣି ! ଗଲା ପାଶୋର କି ହାରମଣି ? ହେ ତୂଣି !
କମ୍ପା ବହୁଛି ଚୋରି ମହକା । ହେ ସୁଣି !
"ହାସ୍ୟ" ପ୍ରେମ-ବଇଭବ-ଖଣି ! ହେ ସୁଣି !। ୩ ।

ଏକାନ୍ତ ଦେଖିଲେ ବକୁଳମାଳରେ ମୁଣ୍ଡି ଦେଇ ମୋର ଗଳା
ଗଣ୍ଡେ ଗଣ୍ଡ ଦେଇ ଭଣିଲି 'ସୁମୁଖି !' ହେଲି ଅଧରୁ ମଧୁରା
ରେ ଧନ ! ତୋହ ଲପନେ ଶଶୀ ଲାଞ୍ଛନ । ରେ ଧନ !
କାନ୍ତି-ବସନ୍ତ ସୁଷମାମାନ । ରେ ଧନ !
ପଦ-ନଖେ ତୋ ନୁହେଁ ସମାନ । ରେ ଧନ ! ।୪।

କରେ କର ଧରି ଭଣିଲି "ସୁନ୍ଦର ! ଦହ ଭଲି ଚାଖ ଦାଣ୍ଡ"
ତୋଳା ମୁଁ ଟେକିଲି ନୀରବେ ଭଣିଲି ଦେବାକୁ ବାକି ନାହିଁ ଭ
ହେ ମାଳି ! ନେଇ ସାରିଲଣି ଫୁଲ ତୋଳି । ଓହେ ମାଳି !
ଛଳେ ଲତାରେ କରୁଛ ଅଳି । ହେ ମାଳି !
ହଟ କାହିଁକି ଏହାଠୁଁ ବଳି ? ହେ ମାଳି !" । ୫ ।

ଭଣିଲି ମୁଁ ଧନେ "ଛଡ଼ାଇ ଅଶନେ ନାହିଁ ଭଲ ଅକ ମନ?"
"ପୋଷ୍ଟପୁର ବର ଦେଖିଛି ସୁନ୍ଦର ! ତୋ ସୁଧାମୟ ଲପନ
ତା ଲାଗି । ଭୋଗ ସାରିଛି ବାଦାମ ମାଗି ।" ତା ଲାଗି ।
ଶୁଣି ଲଟକେ ମୁଁ ପଡ଼ିଲି ଭାଗି ।" ତା ଲାଗି ।
ହାଲି କେତେ ତୁମ୍ଭେ ଅନୁରାଗୀ । ତା ଲାଗି । ୬ ।

---

୪ । ମଧୁରା—ଇନ୍ଦ୍ର; ଲାଞ୍ଛନ—ଲକ୍ଷ୍ମା; ସୁଷମା—ଶୋଭା ।

୫ । ଛଳେ—ନକଲ କରି; ହଟ—ହଇରାଣ ।

୬ । ଅଶନେ—ଭୋଜନରେ; ଲପନ-ମୁଖ; ଅନୁରାଗୀ-ଦରଦୀ; ସ୍ନେହୀ ।

ମାଇଁଙ୍କ ପାଖରେ ବସି ମୁଁ କେଶରେ ଯେବେ ଖଞ୍ଜୁଥିଲି ଫୁଲ
ସାକ୍ଷୀଗୋପାଳଙ୍କ ଅଙ୍ଗ-ଲାଗି ଧଣ୍ଡା ଶୋଭାରେ ଯାହା ଅତୁଳ
ଭା ଅଣି । ଥୋଇ ଦେଲି ମନ ମୋର ଜାଣି । ତା ଅଣି ।
ମାଇଁ କଲେ ମୋ ଗଳା-ମଣ୍ଡଣି । ଭା ଅଣି ।
ଫିଟିଗଲା ତୁମ୍ଭ ମୋଦ-ଖଣି । ଭା ଅଣି । ୭ ।

ବାହୁଡରେ ମୁହିଁ ଏକାକୀ ଥିଲିଇଁ ତହିଁ ହେଲି ପରବେଶ
ଝାପିଲି ତଇଲେ ସାମଳ ମୋ ମାତେ ସାଜିକୁ ଯେଣୁ ତୁ ବେଶ
ରେ ସଖି ! ବରଣମାଳା ଅଛୁ ମୋ ରଖି । ରେ ସଖି !
ସାକ୍ଷୀଗୋପାଳ ଏଥିକୁ ସାକ୍ଷୀ । ରେ ସଖି !
ଲାଜେ ନ କର ନତ ତୁ ଆଖି । ରେ ସଖି ! । ୮ ।

ତୋହଠାରୁ ଦୂରେ ରହୁ କେଉଁ ପୁରେ କେସନେ କାଟିବି ଦିନ
ତୋ ଶୋଭା ନିରେଖି ନ ପାରି ମୋ ଆଖି ହେବ ଉପବାସେ ଦୀନ
ରେ "ହାରି" ! ବାହୁରେ ତୁ ସାଜିଦିଅ କାରି । ରେ ହାରି !
ତହିଁ ସାନନ୍ଦେ ଦେବଇଁ ଧରି । ରେ ହାରି !
ତହୁଁ ନାହିଁ ମୋହନ ବାଗୁରି । ରେ ହାରି ! । ୯ ।

---

୭ । ଅଙ୍ଗ-ଲାଗି—ପିନ୍ଧିଥିବା, ଧଣ୍ଡା—ମାଳ; ମୋଦ—ଆନନ୍ଦ ।
୮ । ସାମଳ—ସାଉଁଳି; ନକର ନତ—ନୁଆଁଅନାହିଁ—ତଳକୁ କୁଣ୍ଠିକର ନାହିଁ ।
୯ । ଦୀନ—କ୍ଷୁବ୍ଧ, ଦରିଦ୍ର; କାରି—ଦେଏଦଖାନା; ମୋହନ—ସୁନ୍ଦର; ବାଗୁରି—ଜାଲ ।
୧୦ । ଶୀତ ପ୍ରଭାତର—ଶୀତ ଦିନ ସକାଳର; ନିଦାଘ—ଖରାଦିନ; ମନ୍ଦ—ସୁଲୁସୁଲିଆ, ଧୀର; ବାତ—ପବନ; ତରୁ—ଗଛ; ସୁଶୋଭନ—ଅତିସୁନ୍ଦର; ଭୂରି ଭୋଜନ—ପୂର୍ଣ୍ଣଗ୍ରାସ ।

ଶୀତ-ସକାଳର କଅଁଳ ଖରା ତୁ ନିଦାଘ ଶୀତଳ ବାତ
ଜୀବନ ପିଠାକୁ ମିଠା ତୁ ଶୋଭାଣି ! ବରଷାପାତକୁ ଛାତ
ରେ ଧନ ! ତୁ ମୋ ନାସା-ଶ୍ୱାସ-ପବନ । ରେ ଧନ !
ଅଶାତରୁ ଫଳ ସୁଶୋଭନ । ରେ ଧନ !
ପ୍ରାଣକ୍ଷୁଧାକୁ ଶୁଭ ଭୋଜନ । ରେ ଧନ ! । ୧୦ ।

ତୁମ୍ଭ ନୟନର ନାଟରେଣି ମୁଁ ନାଚ ପୁଚ୍ଛିଲି ଲାଜ ବରଜି
“ନୟନ କମଳ କାହିଁକି ସଜଳ ଅପୂର୍ବ ଏ ତ ଅଙ୍କ
ହେ ବନ୍ଧୁ ! କମା ଭୁଲୁଲାଅ ଶୋଭସିନ୍ଧୁ । ହେ ବନ୍ଧୁ !
ଢାଙ୍କ ବଇଦେଇ ମୋ ମୁଦ-ଇନ୍ଦୁ । ହେ ବନ୍ଧୁ !
ମୁକୁଳାଅ ସଂଶୟର ଛନ୍ଦୁ ।” ହେ ବନ୍ଧୁ ! । ୧୧ ।

“ଆସିଅଛି ତାର ଯିବା ପାଇଁ ଘର, ରହିଲଣି ବହୁଦିନ
ଏମ୍, ଏ, ପରୀକ୍ଷା ମୋ ନିକଟ ହୋଇଲାଣି କଥନ କେତେଣେ ଉଚ୍ଛଳ
ରେ ଧନ ! ଅଙ୍ଗୁଳିଏ ଛାଡ଼ ମୋ ଜୀବନ ।” ରେ ଧନ !
ସ୍ନେହ-ଲୋତକ କଲ ମୋଚନ ! ହେ ଧନ !
ଅହକାଇ ମୋ କାନେ ଲପନ ! ହେ ଧନ ! । ୧୨ ।

---

୧୧ । ମୁଦ—ଆନନ୍ଦ; ମୁକୁଳାଅ—ଖୋଲସ କରିଦିଅ, ସଂଶୟର ଛନ୍ଦୁ—ସନ୍ଦେହବନ୍ଧ ।

୧୨ । ତାର—ଟେଲିଗ୍ରାମ, ଉଚ୍ଛଳ—ଅଥୟ ।

ଗରବେ ମୋ ଛାତି ହୋଇଲା ଭରତି ଭବେ ପାଇଲି ମୁଁ ସ୍ୱର୍ଗ
ବଢ଼ି ପାଣି ସଞ୍ଚ ଲେଖକ ତୁମ୍ଭର ଭାଙ୍ଗିଲା ଧୈର୍ଯ୍ୟ-ବନ୍ଧ
ମୁଁ ପରା । ଛୁଏଁ ବାହୁବନ୍ଧେ ଦେଲ ଧରା । ମୁଁ ପରା ।
ଅବିରାମ ଲେଖକ-ଅସରା । ମୁଁ ପରା ।
ଭଙ୍ଗି ନ ଦେଲ ତଳେ ମୋ ସ୍ୱରା । ମୁଁ ପରା । ୧୩ ।

ନୀରସ ବସୁଧା ସରସ ହୋଇଲା ଓହ୍ଲାଇ ଅମରାବତୀ
ତୁମ୍ଭଙ୍କୁ ମୋହକୁ ଦେଖି ପ୍ରାଣବନ୍ଧୁ ମର୍ତ୍ତ୍ୟପୁରେ କଲା ସ୍ଥିତି ।
ମୁଁ ଭାବେ । ବେଳା ଅବେଳ ମାତର ଅଭେ । ମୁଁ ଭାବେ ।
ଉର ଯୁଗଳକୁ ଯା ରହିବେ । ମୁଁ ଭାବେ ।
ହାଁଲି ଏକ କରେ ପ୍ରୀତି-ରହସେ । ମୁଁ ଭାବେ । ୧୪ ।

ସଂସାର ଭବଲ ତାମସରେ ମୋର ନୟନ କଲ ମୋ ଅନ୍ଧ
ଏ ଭବାଟ ରସା ମୋରେ ଅମାନିଶା ତୁମ୍ଭେ ମୋ ଗଗନ ଚନ୍ଦ୍ର
ମୁଁ ବସି ! ଶୋଭ ମାଳା ରଚେଁ ଦେବାଙ୍ଗଣି । ମୁଁ ବସି ।
ରାକା ସରଜ ସମ୍ପୂର୍ଣ୍ଣ ଶଶୀ । ମୁଁ ବସି ।
ଦୁଃଖଗିରି ଯାଉ ତଳେ ଲସି । ମୁଁ ବସି । ୧୫ ।

---

୧୩ । ଛୁଏଁ—ଖାଲି ଇଚ୍ଛାରୁ, ଅବିରାମ—ବନ୍ଦ ନ ହେଉଥିବା, ସ୍ୱରା—ମଦିରା

୧୪ । ବସୁଧା—ପୃଥିବୀ; ଅମରାବତୀ—ସ୍ୱର୍ଗପୁର; ମର୍ତ୍ତ୍ୟପୁରେ କଲା ସ୍ଥିତି—ପୃଥିବୀରେ ରହିଗଲା; ଉର ଯୁଗଳକୁ—ଦୁଇଟି ଛାତିକୁ [ପ୍ରେମିକ ଓ ପ୍ରେମିକା ଏ ଦୁହିଁଙ୍କ ଛାତି ବା ହୃଦୟକୁ]; ରହସେ—ଏକାନ୍ତରେ, ହାଁଲି ଏକ କରିବେ—ଖଣ୍ଡ ଖଣ୍ଡ ସୁନା ରୁପା ଟଙ୍କା ହୋଇ ଏକ ହେଲା ପରି ମିଶାଇ ଦେବେ ।

୧୫ । ତାମସ—ଅନ୍ଧାର; ରସା—ପୃଥିବୀ; ଅମାନିଶା—ଅମାବସ୍ୟା ରାତି; ରାକା—ପୂର୍ଣ୍ଣିମା; ସମ୍ପୂର୍ଣ୍ଣ ଶଶୀ—ପୂର୍ଣ୍ଣଚନ୍ଦ୍ର; ଦୁଃଖଗିରି ଲସି—ଢଳକୁ ଦବାଇ ।

ଫୁଲ ମୋତେ ନାଥଁ ଫୁଲ ହୋଇଛନ୍ତି ଅଙ୍ଗସ୍ପର୍ଶ ଭୁଜଙ୍ଗମ
ତୁଳୀତଳପ ଯେ କଣ୍ଟକ କାନନ ଯୁଗ ହୋଇଛନ୍ତି ଯାମ
ମୋ ବାସ ! ଅଙ୍ଗ-ବିହଙ୍ଗ ପ୍ରାଣକୁ ଯାଣ । ମୋ ବାସ !
ଓଠ ସୁବର୍ଣ୍ଣ ମୋର ପାଉଁଶ । ମୋ ବାସ !
ଦେହଗୋଟା ଜଳନ୍ତା ହୁତାଶ । ମୋ ବାସ । ୧୬ ।

ବିରହ ସହିଲି ଜୀବ ମୁଁ ରହିଲି କହ କେଉଁ ଅଧିକାରେ
ଛାଡ ଯେବାଇଣ ହୃଦରେ ଆସନ ଲଭି ପ୍ରୀତି ଦରବାରେ
ହେ ସଖା ! ବଲ୍ଲଭୀ ପଦଟିର ହେଲା ଲେଖା । ହେ ସଖା !
ତହିଁ ମରଣ ମାତର ଏକା । ହେ ସଖା !
ଦରଦୀ ନାମେ ଥିଲେ ପଞ୍ଚା । ହେ ସଖା । ୧୭ ।

ତୁମ୍ଭ ଚରଣର ଭାଜନ ନୂପୁର ହେବାକୁ ଆଶାୟୀ ଦାସୀ
ଚରଣ ଆସାରେ ଭରିକାଇ ଦେଲ ବନ୍ଧୁ ! ତା ପ୍ରାଣସରସୀ
ତା ପାଇଁ । ସାରା ବସୁଧାରେ ଠାବ ନାହିଁ । ତା ପାଇଁ !
ସେ ଯେ ତୁମ୍ଭର ଶ୍ରୀଅଙ୍ଗ-ସ୍ମୃତି । ତା ପାଇଁ ।
ଦାସୀ ପଣକୁ ଏଡ଼ା ଭୋଗାଇ । ତା ପାଇଁ ।୧୮

---

୧୬ । ଅଙ୍ଗସ୍ପର୍ଶ—ସ୍ପର୍ଶ ପାଉଥିବାର ଇତ୍ୟାଦି, ଭୁଜଙ୍ଗମ—ସାପ; ତୁଳୀତଳପ —ତୁଳି ଶେଯ; କାନନ—ବନ; ଯାମ—କ୍ଷଣ; ହୁତାଶ—ନିଆଁ ।

୧୭ । ବଲ୍ଲଭୀ—ପ୍ରେମିକା; ଦରଦୀ—ପ୍ରେମିକ ବା ପ୍ରେମିକା ।

୧୮ । ଭାଜନ—ଯୋଗ୍ୟ; ନୂପୁର—ଝୁଣ୍ଟିଆ; ଆସାର—ଆସକ୍ତି; ସରସୀ—ପୋଖରୀ, ଭୋଗାଇ—ଭୋଗ୍ୟ ଅଟେ ।

ଅସୁଅନ୍ତୁ ମେଘ ଅସନ୍ତୁ ବିହଙ୍ଗ କରିବ ତାହାଙ୍କୁ ଦୂତ
ସପନରେ ସଖା ! ଦେବ ଅସି ଦେଖା ହାରାମଣି-ହୃଦ-ହାର !
ସେ ପୁଣି ! ତୁମ୍ଭ ଅଙ୍ଗ ଛୁଇଁଥିବ ଜାଣି ! ସେ ପୁଣି !
ଅତି ଅଧୀରେ ତା ଭୁଜ ବେଣି । ସେ ପୁଣି !
ଝେକି ଦୃଏ ବାତେ ଚୁମ୍ବିଦାନ୍ତି । ସେ ପୁଣି ।୧୯।

ତୁମ୍ଭ ନାମାଙ୍କିତ ରୁମାଲକୁ ସେ ତ ହରେ ତା ଭରେ ଚନ୍ଦନ
ତୁମ୍ଭ ବକୁଳର ମାଳ କରି ହାର ରଚେ ତା ନନ୍ଦନବନ
ହେ ଧନ ! ପାଠୁଁ ଧାଡ଼ି କତିପୟ ଥରେ । ହେ ଧନ !
ନିଚେଷ୍ଟେ କରିବ ଲିପି-ରଚନା । ହେ ଧନ !
ଅଲଂଘ୍ୟ ସେ "ହାରାମଣି" ରଣ । ହେ ଧନ ! ।୨୦।

୧୯୪୨

---

୧୯ । ବିହଙ୍ଗ—ପକ୍ଷୀ, ଦୂତ—ଦୂତ; ଦୃଏ ବାତେ ଚୁମ୍ବିଦାନ୍ତି—ବାୟୁରୁ ଚୁମ୍ବେ ।

୨୦ । ନାମାଙ୍କିତ—ନାଆଁ ଲେଖାଥିବା, ଧାଡ଼ି—ଧାରକରି; କତିପୟ କେତେକ, ଲିପି—ଚିଠି, ଅଲଙ୍ଘ୍ୟ—ଲଙ୍ଘି ହେଉ ନ ଥିବା ।

—୯୮—

# ହୀରାମଣି ପାଶକୁ ମୋହନ

ରାଗ ଭାଟିଆରି—ତାଳ ଏକତାଳି

[ ଗୋପାଳ କୃଷ୍ଣଙ୍କ "ପଥ ଛାଡ଼ ହେ ମୁଁ ଯିବି ଫୁଲ ତୋଳି, ଅରେ ବନମାଳି !" ବୃତ୍ତେ ]

ଯେତା ହେଉ ମୋ ଲପି-ଲଗିତ ବାଣୀ
ଅଟରେ ଶୋଭାରାଣି !
ପ୍ରୀତରଚନାକୁ ପରା ତୁ ମୋ ବାଣୀ । ଘୋଷା ।

ତୁମ ମୂଳ ଯାଇ ସହୁ ! ମୋର — ନୟନ ନ ଭଲା ବେଦବର
ପଲକ ବରଜ ବର ଶୋଭା ହଜ
ବଲୋକୁଥାନ୍ତ ମୁଁ ନିରନ୍ତର । ୧ ।

ଓଠରେ ଓଠ ମିଳାଇ ଧନ ! — ଜଳାଉଲୁ ତହୁଁ ହୁତାଶନ
ଅଳପ ବୟସୁଁ ଏ କହୁ ମଦର
ଭଲ କେତେହେଁ ତଥି ଅଧିଷ୍ଠାନ ? । ୨ ।

ଭୁଜ ବେଳ ମୋର ଅକୁଳାନ — କୋଟି ଭୁଜେ ବଳାଏ ମୁଁ ମନ
ମନବୋଧ କର ରେ ଶୋଭା ବଲ୍ଲଭ !
ନ ପାରଇଁ ଭର ଆଲିଙ୍ଗନ । ୩ ।

---

୦ । ଲପି—ଓଠ; ଭାଣୀ—କଥା; ବାଣୀ—ସରସ୍ୱତୀ ।

୧ । ବେଦବର—ସୃଷ୍ଟିକର୍ତ୍ତା, ବ୍ରହ୍ମା; ପଲକ ବରଜ—ଆଖି ପିଛୁଳା ନ ପଡାଇ; ବର—ଶ୍ରେଷ୍ଠ; ବଲୋକୁ ଥାନ୍ତ—ଦେଖୁ ଥାନ୍ତ ।

୨ । ହୁତାଶନ—ନିଆଁ; ମଦର—ମାଦକତା; ଅଧିଷ୍ଠାନ କଲ—ରହିଲ ।

ଅଳପ ଧନର ପରିଚୟ ଲାଜ ଛଡ଼ିଲେ ଭଜ ନାହିଁ ଯାଏ
ଭର-ଅଞ୍ଜଳିରୁ ଠେଲସଏଁ ଭୀରୁ !
ପ୍ରଣୟ ତୋ ଲେଢ଼େ ସୁରାମୟ । ୪ ।

ଜାଣେଇଁ ନାହିଁ ମୁଁ ଗୁରୁଜନ କି ବାଧା କରିବେ ସଜନ
ବାଧା ସବୁ ସିଧା ଠିଆ ହେବା ବିନା
ପୀରତି-ପରମ-ଅରଜନ । ୫ ।

ହେନା କର ମୋର ନିମନ୍ତ୍ରଣ ମୋ କୁମାର ଛାଞ୍ଜ ସିଂହାସନ
ମଣ୍ଡିଛୁ କୁମାର ! ମାଧବ-ମାଧୁରୀ
ପୂରିତ କର ମୋ ପ୍ରାଣବନ । ୬ ।

ଚୁମ୍ବନେ ଶିଥିଳ କବରୀର କେଶ ଚୁମ୍ବିବାର ଉର ତୋର
ହିମ ଅଚଳକୁ ତମ ଘୋଟିବାର
ସୁଷମା ତା ଆଗେ କିବା ଛାର ? । ୭।

କେତକୀ-କଳି ଯା ଥାଉ ଖୋସି ଅସମ୍ଭାଳେ ତାହା ପଡୁ ଖସି
ମଦର ଜଉଳ ରଜନୀ-ତମକୁ
ସରଜୁ ପୁଲକ ଦଶଦିଶି । ୮ ।

---

୪ । ସୁରାମୟ—ମାଦକତାରେ ଭରା ।
୫ । ପରମ—ଶ୍ରେଷ୍ଠ ।
୬ । ମାଧବ—ବସନ୍ତ କାଳୀନ ।
୭ । ଶିଥିଳ—ଢ଼ିଲା ହୋଇ ଯିବା, ଫିଟିଯିବା; କବରୀ—ଖୋସା; ଉର—ସ୍ତନ; ହିମ ଅଚଳ—ହିମାଳୟ ବା ବରଫରେ ଢାଙ୍କି ହୋଇଥିବା ପର୍ବତ; ତମ—ଅନ୍ଧାର; ସୁଷମା—ସୌନ୍ଦର୍ଯ୍ୟ ।
୮ । ମଦର ଜଉଳ—ମାଦକତାରେ ଭରିଦିଏ; ଦଶଦିଶି—ଚାରିଆଡ଼େ ।

ଅଳତା ରଞ୍ଜିତ ପୟରରେ          ପରଶ ସଂସ୍ପୃକ୍ତ ଧୂଳି-ଉରେ
ତୋ ପୟର ତଳେ ଘାସ ହେବା ବାଞ୍ଛା
ବିଧୂପିତ କରେ ମୋ ଅନ୍ତରେ । ୯ ।

ଅଳକା ନାଇବା ପାଇଁ ମୁହିଁ          କରଇଁ ବାରଣ ଚନ୍ଦ୍ରମୁହିଁ !
ଚୂର୍ଣ୍ଣକ ତ ଶୋହା ନ ହୁଅଇ ସୁହା
କୋଟି ଗୁଣିତ କି ସୁହା ଯାଇ ? । ୧୦ ।

ପଦ୍ମନାଭ ହେମ ସରସୀର          ସମାନ ସଖି ! ରେ କର ତୋର
କଣ୍ଠେ ହେଲେ ହାର ତାହାଙ୍କ ଅମର
ନର ହୋଇବେ କି ସୁନାଶୀର । ୧୧ ।

ରାଜରାଜେଶ୍ୱର ପଣେ ମୁହିଁ          ତୋହ ସେନି ବଡ଼ ନ ମଣଇଁ
ଠହ ଠହ ରଙ୍ଗ ଅଧରୁ ତୋ ତୋକେ
ମଧୁ, ଅମିୟକୁ କରେ ଠାହ । ୧୨ ।

---

୯ । ପରଶ ସଂସ୍ପୃକ୍ତ ଧୂଳି ଉରେ—ତୋ ଅଳତା ଲଗା ପଦର ପରଶ ପାଇ ନିର୍ଜୀବ ଧୂଳି ଜୀବନ ପାଏ, ବାଞ୍ଛା—କାମନା; ବିଧୂପିତ କରେ ମୋ ଅନ୍ତରେ—ମୋ ହୃଦୟକୁ ସୁଗନ୍ଧରେ ଭରିଦିଏ ।

୧୦ । ଅଳକା—ମୁଣ୍ଡର ମନୋହର ଅଳଙ୍କାର ବିଶେଷ; ଶୋହା—ଶୋଭା; ନ ହୁଅଇ ସୁହା—ସହ୍ୟ ହୁଏ ନାହିଁ ।

୧୧ । ପଦ୍ମନାଭ ହେମ ସରସୀର—ତୋ ଦେହ ସୁନାର ଗୋଟିଏ ପୁଷ୍କରିଣୀ ଓ ତୋ ହାତ ତହିଁର ପଦ୍ମନାଭ ପଦ୍ମ; ଅମର—ଦେବତା; ସୁନାଶୀର—ଇନ୍ଦ୍ର ।

୧୨ । ସେନି—ଯୋଗୁଁ; ଅମିୟକୁ କରେ ଠାହ—ଅମୃତକୁ ତୁଚ୍ଛ କରେ ।

ବଧୂ ହୋଇ ମଧୁ ଦେବୁ ମୋତେ   ବଧୂ ହେବୁ ଶରତ-ବିୟୁତରେ
ସୀଧୁରେ ଉଚ୍ଛଳ ହେବ ଉରସ୍ଥଳ
ସପନ ଦେଖେଁ ମୁଁ ଆରନ୍ତରେ । ୧୩ ।
ବନସ୍ଥଳୀ କର ସୁରଭିତ   ଫୁଟିଉ କେତକୀ ଅଗଣିତ
ଦରଦୀ ସାଙ୍ଗକୁ ପ୍ରେୟସୀ—କୁନ୍ତଳ
ସେ ଦିନ କି ମନେ ଅଛି ମିତ ? । ୧୪ ।
ବଳେ ଧର ତୋତେ ଶୁଚିସ୍ମିତା ! ଗଣ୍ଡେ ତୋ କୁଙ୍କୁମେ ରଚି ଶତା
ଉରେ ଅଙ୍କିବାକୁ ହୁଅନ୍ତେ ଲାଳସୀ
ବ୍ୟାଜରେ ହେଲୁ ତୁ କି କୁପିତା ! । ୧୫
ଭିଡ଼ିଲୁ ତହୁଁକି ବେଳ ଅଛି   ବାହୁ ଶିଥିଳାଅ ଛି ଛି ଛି ଛି
କେବେଣି ମୋ କେତକୀ ଦିଅ ହେ ଏତକି
ପାଇଁ ବନ୍ଧୁ ! ଅନୁମତି ଅଛି । ୧୬ ।
ସବନ୍ଧ ବାସନା ପ୍ରାଣ ସହୁ !   ବିବନ୍ଧ ହେବାକୁ ମନାସଇ
ଚୁମ୍ବନ ସରତେ ଶୋଭି—ଅଙ୍ଗ ଯେତେ
ଡୁବାଇବି କେବେ ଦିଅ କାନ୍ତ । ୧୭ ।

---

୧୩ । ବଧୂ—କାନ୍ତା; ବିୟୁତ—ଆକାଶ; ସୀଧୁ—ମଦ୍ୟ ( ଏଠାରେ ମାଦକତା )ହେବ; ଉଚ୍ଛଳ—ଉଚ୍ଛୁଳିବ ।

୧୪ । ସୁରଭିତ—ସୁବାସିତ; ଅଗଣିତ—ବହୁ ସଂଖ୍ୟକ; ଦରଦୀ—ପ୍ରେମିକ; କୁନ୍ତଳ—କେଶ ।

୧୫ । ଶୁଚି ସ୍ମିତା—ମଧୁର ହାସୀ; ବ୍ୟାଜରେ—ମିଛ ମିଛିକା ।

୧୬ । ବାହୁ ଶିଥିଳାଅ—ଆଲିଙ୍ଗନକୁ କୋହଳ କରିଦିଅ ।

୧୭ । ସବନ୍ଧ—କଟିବଣା ଥିବା; ବିବନ୍ଧ ହେବାକୁ ମନାସଇ—କଟିବଣୀକୁ ଫୋପାଡ଼ି ଦେବାକୁ ଚାହୁଁଛି; ଶୋଭି-ଅଙ୍ଗ—ତୋର ସୁନ୍ଦର ଦେହାଂଶମାନଙ୍କୁ ।

ପ୍ରତି ଚୁମ୍ବ ମୂଳେ ସଖୀ ! ମୋର     ଉନ୍ମାଦ-ବାରୁଦ ଭରେ ଘର
ତହିଁକି ତୋ ଚିନ୍ତା ହେଉଛି ଅନଳ
ଅଧର-ଅମୃତରେ ଶାନ୍ତ କର । ୧୮ ।

ଚନ୍ଦ୍ର ଦମକାଇ ଦରଦୀର     ଫୁଟିଲାଣି ସଖୀ ! କରବୀର
ଗର୍ଭ-ଶୋଭା ତୋର ପଡ଼ୁଛି ରେ ମନେ !
ଉଚ୍ଛୁଳଇ ମୋର ଦମ୍ଭ-କ୍ଷୀର ! ୧୯ ।

କଳା-କେଶେ ହୀରା-ଚୂନା ସର     ଫୁଲ ମଣ୍ଡିଥାଉ ଶମା-ଗୋର !
ରଜନୀ-ତାମସ ମୁହାଁସ ଭଜଇ
ଢାଙ୍କି ନ ପାରୁ ତୋ କାନ୍ତି-ଶିଖା ।୨୦।

ସେବାରେ ମନାଇଁ ଉମା-ଈଶ     ସଖୀ ରେ ! କରନ୍ତି ଜଳ-ବାସ
ଶୀକରେ ତୋ ଲୀଳା-କମଳ ହୁଅନ୍ତି
ଜନମେ ଜନମେ ତା ମୋ ଆଶ । ୨୧ ।

ଖଣିରେ ଅପାର କାଳ ରହି     କନକ ହୋଇ ମୁଁ ଗୃଦ-ମୁହିଁ !
ସୀମନ୍ତେ ତୋହର ଅଳକା ହେବାକୁ
ଅନଳରେ ହେଲେ ହୃନ୍ତ ଦାହି । ୨୨ ।

---

୧୮ । ଉନ୍ମାଦ—ତୋ ପାଇଁ ପାଗଲ ହେବା ପ୍ରବୃତ୍ତି ।

୧୯ । ଦମକାଇ—କମ୍ପାଇ; ଦରଦୀ—ପ୍ରେମିକ; କରବୀର—ଲାଲ କନିଅର ଫୁଲ; ଦମ୍ଭକ୍ଷୀର—ଧୈର୍ଯ୍ୟ ରୂପ ଦୁଗ୍ଧ ।

୨୦ । ରଜନୀ ତାମସ ମୁହାଁସ······କାନ୍ତିଶିଖା—ରାତିର ଅନ୍ଧାର ତୋ ଦେହର କାନ୍ତିକୁ ଘୋଡାଇ ନ ପାରିବାରୁ ତା ବଦଳେ ଭାଙ୍ଗି ଯାଏ ।

୨୧ । ଉମା-ଈଶ—ମହାଦେବ; କରନ୍ତି ଜଳବାସ—ପାଣିରେ ବାସ କରି ରହନ୍ତି ।

୨୨ । କନକ—ସୁନା; ସୀମନ୍ତ—ସୁନ୍ଥା; ହୃନ୍ତଦାହି—ପୋଡ଼ି ହୁଅନ୍ତି ।

ଗୋଷ୍ଠି ପୋକ ଲୁଚେ ଅବଭର ଦୂତୀ କୁଣେନ୍ତି ରେ ଶମ୍ପା-ଗୋରୀ !
ତୋ ଅଙ୍ଗରେ ପୀତାମ୍ବର ଶୋଭି ଅଟେ
ଖୋସା ଭିତରେ ମୁଁ ଯାନ୍ତି ମର । ୨୩ ।

କପାଫଳ ଅବା ହୋଇ ଯାନ୍ତି    ପିଞ୍ଜା, ଭଣା, ଧୁଣା ମୁଁ ସହନ୍ତି
ହୋଇ ହୀନ ବାସ କରନ୍ତି ପରଶ
ସାର ଧାର ତୋର ଅଙ୍ଗପନ୍ତି । ୨୪ ।

ବାଳାରୁଣ ଅଧ ବିଧୁ କୋଳେ    ସିନ୍ଦୂର ବିନ୍ଦୁ ତୋ ହେବି ଭାଲେ
ବର ଆନନରେ ! ବର ଅଶରେ ମୁଁ
ଭସ୍ମ ହୋଇବଇଁ ଶମ୍ଭୁ ଅଳେ । ୨୫ ।

ଅନଳ ଗରଭେ ରହି କରି    ଅଞ୍ଜନ ହୋଇ ମୁଁ ସୁକୁମାରି !
ଖଞ୍ଜନ-ଗଞ୍ଜନ ମାନସ-ରଞ୍ଜନ
ଶଫରୀ-ନେତ୍ର ରଞ୍ଜିବି ତୋର ।୨୬।

---

୨୩ । ଶମ୍ପାଗୋରୀ—ବିଜୁଳିବରଣା ।

୨୪ । ସାର ଧାର—ବସ୍ତ ବସ୍ତ ।

୨୫ । ବାଳାରୁଣ—ଉଇଁ ଆସୁଥିବା ସୂର୍ଯ୍ୟ, ଅଧବିଧ—ଅର୍ଦ୍ଧଚନ୍ଦ୍ର (ଅର୍ଥାତ ତୋ କପାଳ ଅର୍ଦ୍ଧଚନ୍ଦ୍ର ପରି, ସିନ୍ଦୂର ବିନ୍ଦୁ ତା ଉପରେ ଉଇଁ ଆସୁଥିବା ସୂର୍ଯ୍ୟପରି ଲାଲ ଓ ସୁନ୍ଦର ) ବର-ଆନନା—ସୁନ୍ଦର ମୁଖୀ; ବର ଅଶରେ···ଶମ୍ଭୁ ଅଳେ—ଏ ସୌଭାଗ୍ୟ ଅର୍ଜିବାକୁ ମୁଁ ଶମ୍ଭୁ ଅର୍ଥାତ ମହା ଦେବଙ୍କ ଅଳ ବା ମନ୍ଦିରରେ ଭସ୍ମ ବା ଶଙ୍ଖ ହୋଇ ତପସ୍ୟା କରିବି; ଅଞ୍ଜନ—କଜ୍ଜ୍ୱଳ ।

ନେତ୍ର-ବାଣ-କ୍ଷତ ଯୁବା-ଗଣ— କ୍ଷରିତ ପାଟଳ ସେ ରକତ
ତହିଁରେ ତୋ ପଦେ ଚିହ୍ନା ଅଙ୍କିବାକୁ
ଅଳତା ହୋଇବା ମୋ ବାଞ୍ଛିତ । ୨୭ ।

ଅଳତା ରଞ୍ଜିତ ପଦୁଁ ତୋର ସୁଧା ଶୋଷିବାକୁ କାତର
ସ୍ୱର୍ଣ୍ଣକାର ଭଲ୍ଲୁଁ ପାହାର ସହିତ
ପାଉଞ୍ଜି ହେବାକୁ ପସ୍ତୁରଣ । ୨୮ ।

ପଡ଼ିଣ ବାଞ୍ଛିର କାଚ ହେବ ମୁକୁର-ଭୂତି ମୁଁ ଅବଶବ
ଦୁର୍ଲଭ ଦର୍ଶନ ତୋ ସ୍ୱଚ୍ଛ ଲପନ
ପେଟ ପୂରାଇ ମୁଁ ନିରେଖିବି । ୨୯ ।

ତୋ ମୁଖେ ନ ପାରେଁ ସ୍ୱେଦ ସହି ବ୍ୟଞ୍ଜନ ସଜାଣି ! ହୋଇବଇଁ
ସୁଖେ ଶୀତ ଗଲେ ଭରେ ଠାବ ପାଇ
ଅମର ଭୂତିରେ ହେବି ମୋହି । ୩୦ ।

---

୨୭ । କ୍ଷରିତ—ବହୁଥିବା; ପାଟଳ—ଲାଲ; ଚିହ୍ନା—ଚିହ୍ନ; ବାଞ୍ଛିତ-ବାଞ୍ଛା—କାମନା ।

୨୮ । ସ୍ୱର୍ଣ୍ଣକାର—ବଣିଆ, ପାଉଞ୍ଜି—ପାଦର ମନୋହର ଅଳଙ୍କାର ବିଶେଷ ।

୨୯ । ମୁକୁର-ଭୂତି—ଦର୍ପଣର ଭାଗ୍ୟ, ଦୁର୍ଲଭ ଦର୍ଶନ—ଦେଖିବାକୁ ମିଳୁ ନ ଥିବା ।

୩୦ । ସ୍ୱେଦ—ଝାଳ, ବ୍ୟଞ୍ଜନ—ବିଞ୍ଚଣା; ଠାବ—ସ୍ଥାନ; ଭୂତି—ସମ୍ପଦ ।

ସୁମନେ ମନାଇଁ ଗିରିସୁତା        ବନ୍ଧୁଅ ! ହେବ ତୋ ଅଷ୍ଟାସୁତା
ଦେବତା ହିଂସିବେ ସଉଭାଗ୍ୟ ମୋର
କେ ପଟ୍ଟରେ ଛୁର ନର କଥା ? । ୩୧ ।

କୁଙ୍କୁମରେ ହେବ ଜର ଜର   ଲକୁଚ-କୁଚେ ତୋ ହୋଇ ହାର
ଗଉର ଅଚଳେ ଗଙ୍ଗା ଧାର ହେବା
ବର ସଙ୍ଗେ ଦେବେ ଗଙ୍ଗା-ଧର !! । ୩୨ ।

ତପସ୍ୟାର ଲଭିବଇଁ ସିଦ୍ଧି        ଚମ୍ପା ଅଙ୍ଗୁଳରେ ହେବ ମୁଦ୍ଧ
ହେଲେ ସବୁ ଅଙ୍ଗ ପରଶ ଲଭିବ
ବିଶେଷେ ଯାହା ଅମୂଲ୍ୟ ନିଧି । ୩୩ ।

ଶଙ୍କର ଶଙ୍କରୀ ମନାଇବ        ଗାଧୁଅ ତୁଠେ ତୋ ଶିଳା ହେବ
ଅଳତା-ରଞ୍ଜିତ ପଦଘସା ଲଭି
ହେଲେ ଜୀବନ୍ୟାସ ଅରଜିବ । ୩୪ ।

ଶଦାଙ୍ଗି ରେ ! ତୋର ଅଙ୍ଗ ଧୋଇ  ଶତୋତ୍ପଳାନୀର ଅଟେ ବହୁ
ଅତ ନିବିଡ଼େ ମୁଁ ଆଲିଙ୍ଗଇ ତାରେ
ଅଧୀରେ ସହସ୍ରାର୍ଜ୍ଜୁନ ହୋଇ । ୩୫ ।

---

୩୧ । ଗିରିସୁତା — ପାର୍ବତୀ; ହିଂସିବେ — ଈର୍ଷା କରିବେ ।

୩୨ । ଲକୁଚ — ଜେଉଟ ଫଳ ଏହା ସହିତ କୁଚର ତୁଳନା ହୁଏ; ଗଉର-ଅଚଳ — ଧବଳ ପର୍ବତ; ଗଙ୍ଗାଧର — ମହାଦେବ ।

୩୩ । ଅମୂଲ୍ୟନିଧି — ଅତି ଅମୂଲ୍ୟ ସମ୍ପଦ ।

୩୪ । ଜୀବନ୍ୟାସ ଅରଜିବ — ମୁଁ ପଥର ହୋଇ ସୁଦ୍ଧା ପ୍ରାଣ ପାଇଯିବି ।

୩୫ । ଶଦାଙ୍ଗୀ — ସୁନାବରନା; ଶତୋତ୍ପଳା — ମହାନଦୀ; ସହସ୍ରାର୍ଜ୍ଜୁନ ହୋଇ — ସୁବର୍ଣ୍ଣ କଣ୍ଟିତ ସହସ୍ରାର୍ଜ୍ଜୁନ ପରି ହଜାରେ ବାହୁରେ ।

ନିସର୍ଗ ଲାବଣ୍ୟମୟି !		କେନେ କେନେ ଦୟା ବହି
ଦକ୍ଷିଣୀ ବେଶରେ ହୋଇ ସଜ,
କାଳ-କେଶେ ଖୋସା ପାରି		କଟୀରେ ମେଖଳା ଭରି
ଗଳାରେ ଥାଇ ତୁ ମଣ୍ଡି ସ୍ରଜ ରେ
ନିତମ୍ବିନି !
ଧରାପଡ଼ି ଲାଜେ ସଢ଼ି ଯାଇ
ମୋ ପୁରତୁଁ ଯାଉ ରେ ପଳାଇ । ୭ ।

ଅନ୍ତରେ ହୋଇ ଅଥୟ		ବାନ୍ଧି ଦୃଷ୍ଟି-କୁବଳୟ
ବାତାୟନେ ଥାଇ ପଥ ଚାହିଁ
ଅଶାନ୍ତି ଚିତକ ସର		ମଣି ମୋତରେ ଘନ ବାର
ଯେଉଁ ଦାନ ନ ପାରଇ ଯାଇ ରେ
ପ୍ରାଣବନ୍ଧୁ !
ମୋ ଦଶାକୁ ଦଶା ତୋର ବଳେ
ଭାସେଁ ଦୁହେଁ ଲୋତକ ସଲିଳେ ରେ । ୮ ।

ହେଲେ ପଛେ ଦରଶନ		ମାନେ ତୁ ବଳାଉ ମନ
ନାସିକା ଫୁଲାଇ କଥା କହୁ;
ଛଳତକ ଅନାଦରେ		କାଣି ତୁ ନେଉ ମନରେ
ମାନିନୀ ରୂପରେ ମୋରେ ମୋହୁ ରେ
ପ୍ରାଣମଣି !
କାୟା ତୁହି ଛାୟା ମୁଁ ମାତର
କୁମୁଦୀ ମୁଁ, ତୁ ନିଶାକର ରେ । ୯ ।

---

୭ । ନିସର୍ଗ-ଲାବଣ୍ୟମୟୀ—ସ୍ୱାଭାବିକ ସୌନ୍ଦର୍ଯ୍ୟମୟୀ; ସ୍ରକ—ମାଳ ।
୮ । କୁବଳୟ—ପଦ୍ମ ।
୯ । ଛଳତକ—ମିଛିମିଛିକା ।

କହ ବାଣ୍ଟ ଶୂନ୍ୟମୟ ଗଲୁ ତୁ ମାତୁଳାଳୟ,
କଷ୍ଟରେ ମୁଁ ରହିଲି ଏକାକୀ,
ସେ ବେଳର ଚିଠି ମୋର ପଢ଼ିଛୁ; ଥିଲା ଅବର
ବୁଝିବାକୁ କେଉଁ କଥା ବାକୀ ? ରେ
ପ୍ରିୟତମା !
ଲେଖିଲି ମୁଁ ତୋରେ ଫିଙ୍ଗି ଦେଇ
ଯିବୁ ପୁଣି ଦୂର ପଥେ ବାହି !! । ୧୦ ।

ମୋ ସେବା କଥା କପାଁଇ ଲେଖିଛୁ ରେ ଶୋଭାମୟି !
ଖେଳରେ ଯାଅନ୍ତେ ଫାଟି ଛିର
ବାପା ତୁମ୍ଭ ନେଇ ମୋତେ ରଖାଇ ଥିଲେ ଟି ଘରେ
କିଏ ଧାଏଁ ହେଲା ଟି ମୋହର ? ରେ
ପ୍ରିୟତମା !
କାହା ଆଖି ହେଲା ନାହିଁ ଭଷା
କିଏ ଶୋକେ ହୋଇଲା ବିବଶା ? ୧୧ ।

କେ କହିଲା ଦେହ ଚିରି ରକତ ନେଇ ମୋହରି
ଦେହରେ ତାଙ୍କର ବେଗେ ଭର;
କେ ଭାଷିଲା ଦାସୀ ଆଗେ ତେଡା ସେ ନୋହିଲେ ବେଗେ
ନାଯୁଭ ମୁଁ ଭକ୍ଷିବି ଜହର ରେ
ପ୍ରିୟତମା !
ଶୋଭାରେ ଏକା ମୁଁ ନୁହେ ବଶ
ଗୁଣେ କିଣି ବନାଇଛୁ ଦାସ ରେ । ୧୨ ।

ଫୁଟିଛି ଅଳ୍ପ ବୋଲି ମୁହିଁ    ମନ ମାଡ଼ି ଦେବୁ ନାହିଁ
ପୀରତିରେ ଡାକୁଁ କୁହୁକୁହୁ
କ୍ଷୁଦ୍ରଯୁବ ମେଳ ସଙ୍ଗୁଁ    ଗଉଣ ଶସ୍ୟର ଭଙ୍ଗୁଁ
ମୁହୁଁ କେକୀ ତୁହି ଜଳଧରରେ
ପ୍ରାଣମଣି !
ନିଦାଘ ତୁ ଉଲ୍ଲାସର ମୋର
କୁମୁଦ ମୁଁ ତୁ ତ ଶଶଧର । ୧୩ ।

ଏତିକି ତୋଠାରେ ମାଗଇଁ    ଥାଉଁ ମୁଁ ଜୀବନେ ରହି
ଚିନ୍ତା-ଚୋପ ନ ଛାଡ଼ୁ ତୋ ଉର
କୁଶପାଣି-ଅଶ୍ରମର    ତୁହି ରେ ସୁମନା ବର
ଅଛୁ ସାର ସୁଷମାର ପୁର ରେ
ଶୋଭାରାଣି !
'ଗୋପ'ର ତୁ ଜୀବନ ଦ୍ୱିତୀୟ
ତୋ ଘେନି ତା ବିଶ୍ୱ ଶୋଭାମୟ । ୧୪ ।

କଳ୍ପନାରେ ଧରି ପାଣି    କହୁଛି ସୁନ୍ଦରୀରାଣି !
ଏ ବିଚ୍ଛେଦ ନିଶା ଯିବ ପାହି
ନୋହିବ ମୁହିଁ ତୋହର    ଏ ଚିନ୍ତା ପୂରାଇ ଉର
ବାଇଆଣୀ ସବୁ ହେଉ ନାହିଁ ରେ
ପ୍ରିୟତମା !
ଗୋପ ତା ପରାଣେ କରି ଫୁଲ
ପୂଜଇ ତୋ ଚରଣ ଅତୁଳ । ୧୫ ।

---

୧୩ । ଗଉଣ—ଅପ୍ରଧାନ; କେକୀ—ମୟୂର; ଜଳଦ—ମେଘ ।
୧୪ । କୁଶପାଣି-ବିଧାତା; ଅଶ୍ରମ-ବଗିଚା; ସୁମନାବର-ଶ୍ରେଷ୍ଠ କୁସୁମ, ଫୁଲ ।

ଅସିଛୁ ଘରୁ ପଢ଼ର ସେ ଦିନ କଟକର
ଯେବେ 'ଭଦ୍ରା ଅରକ୍ଷୁନ' ସବ
ଭଲ ସବଳ ସଂଘଟ ହୋଇବା ଅଭ ଝଟ
ବେଦୀରେ ବେନିଏଁ ବେଣୀକଭି ରେ
ପ୍ରିୟତମା !
ଟେଉଣିଙ୍କୁ ହୋଇଲେ ଅନୁମତ
ଦାସ ସିନା କରିବ ରେ ଗତ । ୧୨ ।

ଦାମିନୀ ବିନୁଁ ନୀରଦ ଶୋଣ ବିନୁଁ କୋକନଦ
ନ ରଞ୍ଜନ୍ତି ନୟନ କାହାର
ମିନତ ବିନୁଁ ଗୋପାଳ ଜୀବନ ସିନା ନିଷ୍ଫଳ
ଏକ ଶ୍ୱାସ ନାସାଛି ଅପର ରେ
ପ୍ରିୟତମା !
ଗୋପ ଏବେ ହେବ ମାଳାଧର
ଅଶ୍ରୁଁ କରିବ ଫୁଲ ଜୁର ରେ । ୧୩ ।

ଆହା ରେ ବର ସୁମନା ! ବରଷି କରୁଣା ଘନା
ମାଜ ରଖ ମାନସ ମୁକୁର
ସଂଶୟ ଖେଦ ଶୀକର କରନ୍ତୁ ତା ଜର ଜର
ନ ବହିଲ ବନ୍ଧ ତା ଗୋଚର ରେ
ପ୍ରିୟତମା !
ଗୋପ ପ୍ରେମ ହେମ ସିଂହାସନ
ମାଧି ଛଣେ ଭରଇ ମଣ୍ଡନ ରେ ।୧୪

୧୩ । ଦାମିନୀ—ବିଜୁଳି; ଶୋଣ—ଲାଲବର୍ଣ୍ଣ; କୋକନଦ—ଲାଲପଦ୍ମ;
ମାଳାଧର—ମାଳୀ ।

ନୟନ କମଳୁଁ ନୀର          ମାର୍ଜିବ ତୋ କର ଦୂର
କଣ୍ଟକରେ ଲଇଁବ ନିକଟେ
ଲେଖିଛନ୍ତି ପିତା ତୋର          ହେବ ଶୀଘ୍ର ବଗ୍ଧର
ସେ ତୋଠାରେ ମହାନଦୀ ତଟେ ରେ,
ପ୍ରିୟତମା !
ପ୍ରଭାତିବ ବିରହର ନିଶା
ଉଜ୍ଜ୍ୱଳ ହସିବ ମେଳ-ଉଷା । ୧୯ ।

ସାଜ ଭଦ୍ରା, ଅରଜୁନ          ମିଳିବ ତୋର ବହନ୍ତ
ଉଲ୍ଲାସେ ହସିବେ ଦିଗବାଳୀ
ଲଇଁବ ତୋଷ ତପନ          ବରଷା ହେବ ସୁମନ
ଶୁଭିବ ସାନନ୍ଦ ହୁଳହୁଳିରେ
ପ୍ରିୟତମା !
ତୁଟିବ ତୋ ଅଶୁଭ-ସପନ
ଅମୋଦବ ଶୁଭ ଶଙ୍ଖସ୍ୱନ । ୨୦ ।

୧୯୪୮

୧୯ । ମେଳ—ମିଳନ ।

—୪୯—

# ଖଣ୍ଡାୟତ

( ରାଗ—ଶଙ୍କରାଭରଣ )

ଅୟି ଅୟି ଉତ୍କଳର ଅସିଜୀବୀକୁଳ !
ମାତୃ ପୂଜା ପୀଠେ ଅଗ୍ର ହୋଇ ସର୍ବେ ଠୁଳ
        ଭେଦାଭେଦ କର ଦୂର
ପୂଜିବା ଜନନୀ-ରଙ୍ଗ-ରାଜୀବ-ପଦୁର । ୧ ।

ବକ୍ଷରୁ ଶୋଣିତ ଢାଳି ତୋଷି ରଣଚଣ୍ଡୀ
ଜନନୀ-ମଙ୍ଗଳ ଆହା ଥିଲେ ଯେଉଁ ମଣ୍ଡି
        ସ୍ୱାଧୀନତା କଣ୍ଠେରେ
ତାଙ୍କର ଦାୟାଦ ତୁମ୍ଭେ ହେଜୁନାହଁ ଥରେ ।୨।

ଶିଖ, ଗୁର୍ଖା, ରାଜପୁତ ମାନେ ଗଲେ ହାର
ସ୍ୱାଧୀନତା-ଦୀପ ନିଭିଗଲା ଭାରତର
        ଉତ୍କଳର ଖଣ୍ଡାୟତ !
ତଥାପି ତ ଶିର କଲ ନାହିଁ ଅବନତ । ୩ ।

ସେ ଓଜ ଥାଅନ୍ତା କେବେ ହୋଇ କରେ ଲୁଣ୍ଠି
ବିଦେଶେ ଯାଆନ୍ତା ରାଜ୍ୟ ଲାଭ ଗୋଲ ଭୁଲି ?
        ଦେଶେଣି ବସନ୍ତ ଆଉସେ
ପିତୃ-ପିତାମହ ଗାଥା ଶୁଣି ଇତିହାସେ ? ।୪।

ଇଂରାଜ ରାଜତ୍ୱେ ବୀର ପଡ଼ୋଶି ଜାତିଏ
ଶୂରଭାବ ପରିଚୟ କା ଦେଉଛନ୍ତି କିଏ ?
        ହୋଇ ତାହାର ସନ୍ତାନ
ଅବନତ-ଶିରା କଲ କଳଙ୍କ-ଭୂଷଣ !! । ୫ ।

ସେ ଟୀକା ପଢାଅ ପୋଛି ଜଠ ଶଣ୍ଡାସ୍ତୁତ !
ଭାଗ୍ୟଲକ୍ଷ୍ମୀ ଜାଣ ସଦା ଜାତର ଅଯୁତ;
ଦେଶ ମେରୁଦଣ୍ଡ ହୋଇ
ସୁଅ ସେତେବେ ଉଠିବ କି ଏ ଉତ୍କଳ-ମସ୍ତ ? ।

୧ (ଭୋଗ)

## ଆଚାର୍ଯ୍ୟ ହରିହର

ଏ ଉତ୍କଳ ଧାମେ ତୁମ୍ଭ ଚରିତ ପାବନ
ହେ ଆଚାର୍ଯ୍ୟ ! ତୁମ୍ଭେ ସେବାଧର୍ମ ମୂର୍ତ୍ତିମାନ !
ଚରଣ ପ୍ରଭାବେ ତୁମ୍ଭ ଉଜ୍ଜ୍ୱଳ ଏ ଦେଶ
ଚନ୍ଦ୍ରେ ଅଛି ମସୀ ନାହିଁ ତୁମ୍ଭଠାରେ ଲେଶ । ୪ ।

ତୁମ୍ଭ ବୋଲି ଡାକିବାର ପୁଣ୍ୟ ଅଧିକାର
ଥିବାରୁ ଗରବର ଅଛି ଭରେ ମୋ ଅନ୍ତର ।
ଗୁରୁଦେବ 'ସତ୍ୟବାଦୀ' ଶିକ୍ଷା-ଅମୃତରେ
ଆଚାର୍ଯ୍ୟ ବରାହ ତୁମ୍ଭ ସେ ଦାନ ନୟନେ । ୮ ।

---

ଆଚାର୍ଯ୍ୟ ହରିହର—ସତ୍ୟବାଦୀ ସ୍କୁଲର ଜନକଙ୍କର ସହକର୍ମୀ, ବର୍ତ୍ତମାନ ଉତ୍କଳର ସୁନାମ ଧନ୍ୟ ସେବକ ।

୨ । ଶିକ୍ଷାୟତନ—ସ୍କୁଲ ।

ସାଧନ-କୁଟୀର ମଧ୍ୟେ ଦେଖିଲ ପ୍ରଥମେ
ଭାଳିଲ ଆଣିଲ ଭାଗ୍ୟ ସତେ ସେ ଆଶ୍ରମେ ।।
ଯହିଁ ଉଠି ବେଦଧ୍ୱନି, ଜଳି ହୋମାନଳ
ଦହୁଥିଲା ଭୂଭାରତ କଳୁଷ ପଟଳ । ୧୨ ।

କ୍ଷୀଣ ଦେହ ତୁମ୍ଭ ପୁଣ୍ୟ ପୁଞ୍ଜର ନିଳୟ;
ଦେବାୟତନ ସମାନ ସିନା ବନ୍ଦନୀୟ ।
ଚର୍ମସାର ସ୍ୱଶରୀର ହେଲେ ପତଦ ଦଳ
ସାଧକ ! ସାଧନ ମାର୍ଗେ ଯାଅ ତୁମ୍ଭେ ଚଳି । ୧୬ ।

ଅଭାଜନ ଗୋଷ୍ଠୀ ମଧ୍ୟେ ପଥ ପାର୍ଶ୍ୱେ ରହି
ମାଗୁଛୁ ଚରଣରଜ ଯାଅ ଗୁରୋ ! ଦେଇ । ୧୮ ।

୧୯୩୯

---

୧୦ । ସେ ଆଶ୍ରମେ—ଅତୀତ ଯୁଗର ଋଷି ଆଶ୍ରମରୁ ।

୧୨ । କଳୁଷ ପଟଳ—ପାପ ସମୂହ ।

୧୬ । ଚର୍ମସାର—ଯାହା ଚମର ଅପେକ୍ଷା ଉଣେ ଅର୍ଥାତ ଇନ୍ଦ୍ରିୟ ଭୋଗ ।

୧୭ । ଅଭାଜନ—ଅଯୋଗ୍ୟ, ଅନୁପଯୁକ୍ତ ।

୧୮ । ରଜ—ଧୂଳି ।

—୬୧—

# ଆଲେକ୍‌ଜାଣ୍ଡରଙ୍କ ଦସ୍ୟୁ ସମ୍ମାନ ଉତ୍ତର !!

( ମୂଳ ଇଂରାଜୀରୁ ଅନୁଦିତ )

[ ଏକଦା ଦିଗ୍‌ବିଜୟୀ ମାସିଡୋନିଆ ଅଧୀଶ୍ୱର ମହାବୀର ଆଲେକ୍‌ଜାଣ୍ଡରଙ୍କ ନିକଟକୁ ଥ୍ରେସ୍‌ରାଜ୍ୟବାସୀ ଜଣେ ଦସ୍ୟୁ ଧରା ହୋଇ ଆସିଲା । ଏ ଦସ୍ୟୁର ଅତ୍ୟାଚାରରେ ଥ୍ରେସ୍ ଓ ଥ୍ରେସ୍ ନିକଟବର୍ତ୍ତୀ ଅନ୍ୟାନ୍ୟ ରାଜ୍ୟ ସର୍ବଦା ଭୟରେ କମ୍ପୁଥିଲା । ଅଥଚ ବହୁ ଚେଷ୍ଟା କରି ସୁଦ୍ଧା ଆଲେକ୍‌ଜାଣ୍ଡର ଏ ଦସ୍ୟୁକୁ ଦମନ କରି ପାରୁ ନ ଥିଲେ । ଦସ୍ୟୁକୁ ଶୃଙ୍ଖଳାବଦ୍ଧ ଦେଖି ଆଲେକଜାଣ୍ଡର ଅବଜ୍ଞା ଚକ୍ଷୁ ହୋଇ ପ୍ରଶ୍ନ କଲେ । ].

ଆଲେକ୍‌ଜାଣ୍ଡର—ତୁମ୍ଭ କି ସେ ଥ୍ରେସ୍‌ବାସୀ ଦସ୍ୟୁ ଦୁରାଚାର
ଅତ୍ୟାଚାର ଗାଥା ଯାର ଶୁଣି ମୁଁ ନିରତେ
ବଧିର ହେଲିଣି ମୋର ଶ୍ରବଣ ଯୁଗଳ ? । ୩ ।

ଦସ୍ୟୁ— ବନ୍ଦୀ ତୁମ୍ଭ ଦସ୍ୟୁ ନୁହେଁ, ଥ୍ରେସ୍ ରାଜ୍ୟବାସୀ
ଯୋଦ୍ଧା ସେହୁ, ସସମ୍ମାନ କରେ ସମ୍ବୋଧନ ।୪।

ଆଲେକ୍‌ଜାଣ୍ଡର—ପ୍ରଜା-ପ୍ରାଣ-ବିତ୍ତହାରୀ ଅରେ ନରାଧମ !
ରାଜଶକତର ମୋର କରି ଅପମାନ
କି ସାହସେ ଯୋଦ୍ଧା ବୋଲି ଦେଉ ପରିଚୟ ?
ଦସ୍ୟୁ, ଆତତାୟୀ ତୁମ୍ଭ ଦେଶର କଣ୍ଟକ । ୯ ।

---

୧ । ଦୁରାଚାର—ଦୁର୍ବୃତ୍ତ; ନିରତେ—ସର୍ବଦା; ଶ୍ରବଣ—କାନ; ଯୁଗଳ—ଦ୍ୱୟ ।

ଦସ୍ୟୁ— ଅଜ୍ଞ ମୁଁ ଅସ୍ତ୍ରରେ ତୁମ୍ଭ, ତରବାରି ବାଣୀ
ଭାଷି ଯାଉ, ବିତ୍ତ ପାଉ ଶାସ୍ତି ମନୋମତ,
ଶଙ୍କିତ ବ୍ୟଥିତ ହେଲେ ନୁହେଁ ମୁଁ ତା ପାଇଁ ।
କିନ୍ତୁ ହେ ନରେଶ ! ଯଦି ଦିଅ ଅନୁମତି
ତୁମ୍ଭ ତରବାରିର ମୁଁ କରି ପ୍ରତିବାଦ
କରିବି ପ୍ରମାଣ ମୁହିଁ ଯୋଦ୍ଧା, ନୁହେଁ ଦସ୍ୟୁ ।୧୭

ଅଲେକ୍‌ଜାଣ୍ଡର— ସ୍ୱଚ୍ଛନ୍ଦରେ ଭାଷ ଯାହା ଅଛି ଭାଷିବାର
ଅଭିଯୁକ୍ତ ବ୍ୟକ୍ତି କେବେଁ ନୁହଇ ଦଣ୍ଡିତ
କରିବା ଅଗରୁ ଆତ୍ମପକ୍ଷ ସମର୍ଥନ । ୧୮ ।

ଦସ୍ୟୁ— ପ୍ରଶ୍ନର ପଶ୍ଚାତରେଁ ତେବେ ତୁମ୍ଭେ ହେ ନରେଶ !
କି କାର୍ଯ୍ୟେ ବ୍ୟାପୃତ ରହି ଯାପୁଛ ଜୀବନ ? ।୨୦।

ଅଲେକ୍‌ଜାଣ୍ଡାର— ଜୀବନ ଯାପଇଁ ମୁହିଁ ବୀରର ସମାନ
ଦଶଦିଗ ଘୋଷେ ମୋର କୀରତି ଅମଳ
ମୋହର ତୁଲ୍ୟ ଦିଗ୍‌ବିଜୟୀ ବିକ୍ରମୀ ସମ୍ରାଟ
ଧରାପୃଷ୍ଠେ କହ କାହିଁ ଅଛି କି ଦ୍ୱିତୀୟ ? ।୨୧।

---

୯ । ବିତ୍ତ—ସମ୍ପଦ ।

୧୯ । ସ୍ୱଚ୍ଛନ୍ଦରେ—ଅନାୟାସରେ

୨୦ । ବ୍ୟାପୃତ—ନିଯୁକ୍ତ ।

ଦସ୍ୟୁ— ଆପଣା ପ୍ରଶଂସା ଆପେ କରିବା ବାସନା
ନାହିଁ ମୋର, ହେ ନରେଶ ! ନୁହେଁ, ତା ଉଚିତ !
କିନ୍ତୁ ତାହା ଅବଶ୍ୟକ ଆଜ, ଯତେଁ ଶୁଣ ।
ମୋ ଯଶ, କୀରତି ମଧ୍ୟ ମୋ ଦେଶ ବାହାରେ
ପରିବ୍ୟାପ୍ତ ! ସେନାପତି ଦ୍ୱିତୀୟ ମୋ ତୁଲ୍
ନ ବହେ ଗ୍ରୀସ୍ ଅବନୀ; ଜାଣିଛ ଆପଣେ
କି ଆୟାସ ହେଲା ଲୋଡ଼ା, କେତେ ପ୍ରାଣପାତ
କରିବା ଯାଇଁକି ତଥାରେ ଧୃତ, ବଶୀଭୂତ !! ।୩୨।

ଅଲେକ୍‌ଜାଣ୍ଡର—ସେପରି ଯାହା କହୁ ପଛେ ନିଜକୁ ପ୍ରଶଂସି
ଆତତାୟୀ ଛଡ଼ା ଆନ କିସ ତୁ ପାମର ? ।୩୪।

ଦସ୍ୟୁ— କରିବାକୁ ପ୍ରଶ୍ନ ଆଜ୍ଞା ହେଉ ହେ ନରେଶ !
ଦିଗ୍‌ବିଜୟୀ ତେବେ କିସ ? ଦିଗ୍‌ବିଜୟ ଆଶେ
କିଣି କି ନାହିଁ ହେ ତୁମ୍ଭେ ତୁଚ୍ଛ ଆଧିପତ୍ୟ
ଉତ୍କଟ ଅଣାସ୍ତ୍ରରେ ବଧି ଲକ୍ଷ ଲକ୍ଷ
ମହାପ୍ରାଣୀ ? ନିର୍ବିଘ୍ନରେ ଲୁଣ୍ଠି କେତେ ରାଜ୍ୟ !!
ଶତ ଅନୁଚର ଘେନି ଏକଇ ପ୍ରଦେଶେ
କରିଅଛୁ ମୁହିଁ ଯାହା, ଲକ୍ଷ ସୈନ୍ୟ ଘେନି
ଶତ ଶତ ପ୍ରଦେଶେ ତା କରିଅଛ ସ୍ୱୟଂ ।
ସର୍ବନାଶ ସାଧୁଛୁ ମୁଁ ସାମାନ୍ୟ ପ୍ରଜାଙ୍କ;

---

୨୮ । ବାସନା—ଇଚ୍ଛା ।
୨୯ । ପରିବ୍ୟାପ୍ତ—ବ୍ୟାପିଥିବା; ତୁଲ୍ୟ—ସମାନ ।
୩୧ । ଆୟାସ—ପରିଶ୍ରମ; ପ୍ରାଣପାତ—ଜୀବନ ନାଶ ।

ଅତ୍ୟାସ୍ତ୍ରରେ ତୁମ୍ଭ କିନ୍ତୁ ସହସ୍ର ଭୂପତି
ମୁକୁଟ ହରିଲ ଆଜି ପଥର ଭଡାଗି ।
କତିପୟ ଗୃହର ମୁଁ ସାଧିଛି ଉଚ୍ଛେଦ,
କତିପୟ ଗ୍ରାମମାଝି କରିଛି ଲୁଣ୍ଠନ ।୪୬।
କିନ୍ତୁ ହେ ନରେଶ ! ତୁମ୍ଭେ ରାଜ୍ୟ ଅଗଣନ
କରିଅଛ ଛାରଖାର ଭୂଲୁଣ୍ଠିତ କରି
ଶତ ଲକ୍ଷ ନଗରୀର ସୌଧ ଚୂଡ଼ାବଳି ।
ତୁମ୍ଭ ମୋହର ମଧ୍ୟେ ତେବେ କାହିଁ ବା
ପ୍ରଭେଦ ?
ନୀଚ କୁଳେ ଜନ୍ମ ମୋରଃ ପରିଚୟ ପୁଣି
"ଥ୍ରେସବାସୀ ଦସ୍ୟୁ" । ତୁମ୍ଭେ ଜାତ ରାଜକୁଳେ
ଦିଗ୍‌ଜୟୀ ସମ୍ରାଟ ବୋଲି ବ୍ୟାପେ ତୁମ୍ଭ ଖ୍ୟାତି ।
କିନ୍ତୁ କହ, ଭେଦ କାହିଁ ଅଛି ଲୁକ୍‌କାୟିତ
ତୁମ୍ଭ ମୋହ ବୃତ୍ତି ମଧ୍ୟେ ବୀର ଚୂଡ଼ାମଣି ! ।୫୧।

---

୪୫ । କତିପୟ—କେତେକ; ଉଚ୍ଛେଦ—ବିନାଶ ।
୪୬ । ଲୁଣ୍ଠନ—ଲୁଟ ।
୪୭ । ନରେଶ—ସମ୍ରାଟ ।
୪୮ । ଭୂଲୁଣ୍ଠିତ—ଭୂଇଁରେ ମିଶାଇ ଦେଇ ।
୪୯ । ସୌଧ ଚୂଡ଼ାବଳି—ଉଆସର ଶିଖର ।
୫୪ । ଅଛି ଲୁକ୍‌କାୟିତ । ଲୁଚିଅଛି
୫୫ । ବୀରଚୂଡ଼ାମଣି—ବୀରଶ୍ରେଷ୍ଠ ।
୫୬ । ଅସି—ଖଣ୍ଡା ।

ଅଟ୍ଟାଳିକା-ଶ୍ରେଣୀର—ଅନେକ ସମୟ ମୁହିଁ କରିଛି ଲୁଣ୍ଠନ
ସ୍ୱତ୍ୱ, ମୋ ବକ୍ଷସ୍ଥ ଘର ଦେଖ ପୁଣି ଏଥି
ଶତବର୍ଷ ଅକାତରେ ଲକ୍ଷ୍ମୀ ଓ ସମ୍ପଦ
ଦରିଦ୍ର ଗୋଷ୍ଠୀରେ । ମୁହିଁ ଭାଙ୍ଗିଛି ଯେସନେ,
ଗଢ଼ିଛି ତେସନେ କେତେ ମାନବ ବସତି ।
ଯେତେ ରାଜ୍ୟ ହୋଇଅଛି ବକ୍ଷେ ମୋ ଲୁପ୍ତ,
ତେତେ ଅବା ତତୋଽଧିକ ସୃଜିଛି ମୁଁ ରାଜ୍ୟ ।
ମୋ କାୟାରେ ମୋହ ଯତ୍ନେ ଦିଶାଇଛି ଜଗତ
ମାନବ ଜାତିର ଶିଳ୍ପ ବାଣିଜ୍ୟ ଦର୍ଶନ । ୨୭

ଦସ୍ୟୁ— ମୁଁ ସର୍ବ ହରିଛି ଧନ ଧନୀଙ୍କ ଅଗାରୁଁ
ନିଃସ୍ୱ ଜନ ଗୋଷ୍ଠୀ ମଧ୍ୟେ ବାଣିଛି ତାହା ।
ଦହିଛି ଯେସନେ ଗୃହ ଧନିକ ଜନଙ୍କ
ତେସନେ ନିର୍ମାଣି ଅଛି ଘର ଧନବ୍ୟୟେ
ଅନେକ ଅନାଥ ଜନ ବସତି ଦିମା ଦେଶେ ।୨୮
ଏତଦନ୍ତେ ଲିଖିଛି ଅଭ୍ୟାଗତ ଓସନ୍ଧ୍ୟା,
ଅନାଥଙ୍କେ ରକ୍ଷିଛି ଦୁସ୍ତର ବିପଦୁଁ
ଅନେକ ଦୁର୍ବଳ ଜନେ । ଦର୍ଶନ ଶାସ୍ତ୍ରର
ନ ଜାଣେ ବାଦ ବିସର୍ଗ; ମୁଁ ଅଜ୍ଞ ନିପଟ

---

୨୭ । ଅଗାରୁଁ—ଘରରୁ ।

୨୮ । ନିଃସ୍ୱ—ଦରିଦ୍ର; ବାଣିଛି—ବାଣ୍ଟି ଅଛି ।

୨୯ । ଦୁସ୍ତର—ଯହିଁରୁ ପାର ହେବା କଠିନ ।

କିନ୍ତୁ ଜାଣେଁ ଧ୍ରୁବ ଭବ ତୁମ୍ଭେ ଅବା ମୁହିଁ
ଜଗତର ଭର ଥାଇଁ ଯେତେକ ଅଜସ୍ର
କୋଟି ଅଂଶେ ଉତ୍କଳତ ଯତର ପୂରଣ
ଏ ଜନ୍ମେ ପାରିବା ନାହିଁ କରି ସାରମଣି ! ।୭୧।

ଅଲେକ୍ଜାଣ୍ଡର—( ଚିନ୍ତିତ ହୋଇ )
ରେ ପ୍ରହରି ! ଆସ ତୂର୍ଣ୍ଣ ଫିଟାଅ ବନ୍ଧନ
ଶୃଙ୍ଖଳ ଏ ବନ୍ଦୀ ପଦୁଁ ।
[ ବନ୍ଦୀ ମୁକ୍ତ ହୋଇ ବିଦାୟ ନେଲା ପରେ । ]

( ସ୍ୱଗତ )

ତେବେ କି ଦସ୍ୟୁ ବିଜୟୀ
ଅଲେକ୍ଜାଣ୍ଡର ଦସ୍ୟୁ ସମାନ ଭବନ୍ତେ ? ।୮୨।

୮୦ । ତୂର୍ଣ୍ଣ—ଶୀଘ୍ର ।

୮୧ । ଶୃଙ୍ଖଳ—ଶିକୁଳି ।

—୫୨—

# ଲକ୍ଷ୍ମଣ ଶକ୍ତି ଭେଦରେ ରାମ ବିଳାପ

( ରାଗ—କଳହଂସ କେଦାର )

ରାମ-ଦକ୍ଷିଣକର ବାହୁ ଲକ୍ଷ୍ମଣ !
ଭୂତଳେ ଶୋଇ କିପାଁ ହୋଇଲ ମଉନ ?
ଶୁଣିଥାଉ ଶ୍ରବଣ ଭାଇଙ୍କୁ ତମାକୁ
ଉଠା ପଡ଼ାଉ ଛାଡ଼େ ନ ଚକ୍ଷୁ ନୀର ।

ଦେହ ସଙ୍ଗତେ ଯେସନେ ଥାଏ ଦେହ ଛାଇ
ତେସନେ ଗହଣେ ମୋର ଥାଉ ତୁ ଭାଇ !
ଆଜି ତମେ ସ୍ୱର୍ଗେ ମୋତେ ଏକାକୀ କରି ।
କହ ତୁ କେଉଁ ଦେଶେ ଗଲୁ ବାହାରି ।

ସାକେତ-ରାଜସୁଖ ସୁଖ ଦୋହଲାରେ
ବରଜି ବସିଲୁ ତୁ ଦୁଃଖଭେଳାରେ,
ଦୁଃଖୀ ରାମ ପାଇଁ ତୁ ବହିଲୁ ଦୁଃଖ
ଚିନ୍ତତେ ଧୋଇ ଉବାହୁ ଊର୍ମିଳା ମୁଖ

---

୧ । ଶ୍ରବଣ—କାନ ।

୨ । ସାକେତ—ଅଯୋଧ୍ୟା; ଊର୍ମିଳା—ଲକ୍ଷ୍ମଣଙ୍କ ସ୍ତ୍ରୀ ।

ବଇଦେହୀ ରେ ଆଜି କି ପ୍ରତ୍ୟୁତ୍ତର
କି ହେବ ଆଜି ଭଣିଲେ ବା ରାବଣ ?
ଦୁଃଖ ତାପେ ତାପିତ ଯାହାର ଉର
କି ଶୋଭା ଲଭି ତହିଁ ସୁମନହାର ?

ମିଳନ୍ତି ପୁଂସେ ଦେଶେ ଦେଶେ ବନିତା
ମିଳନ୍ତି ବନ୍ଧୁ, ମିଳଇ ନାହିଁ ତ ଭ୍ରାତା ।
ଭ୍ରାତା ପଦ ଦୁର୍ଲ୍ଲଭ ମର୍ତ୍ତ୍ୟ ସଂସାରେ
ତୋ ସମ ଭ୍ରାତା ପୁଣି ଶହ ଲକ୍ଷରେ ।

ଗଲେ ଅଯୋଧ୍ୟା ସଙ୍ଗେ ଘେନି ମୁଁ ସୀତା
କି ବୋଲି ବୋଧିବି ଟି ସୁମିତ୍ରା ମାତା ?
କେସ ପୁଣି କି ବୋଲିଣ ବୋଧିବେ ମୋହୁ
ଶୋକ ପାବକ ସେତେବେ ଜଳିବ ହୃଦୁ ?

ମୁଁ ଗଲେ ଆଗେ, ଗଲେ ଯିବା ତୋ ସାଥ
ଆଜି ଏସ ସ୍ନେହ ଲଙ୍ଘି କାହିଁ ସୌମିତ୍ରି
ଗଲୁ ଶମନପୁରେ ନ ମେଲି ମୁହିଁ
ଆଗେ ମୋ ଯିବା ସ୍ନେହ ରହିଲା କାହିଁ ?

ହଁ ଛଲେ ନାହୁଁ ତମୋ ତଙ୍କତଧାର
ପୋଛିବ ଆହା ତାହା ଆଜି କା କର
ମଲୁ ସମ ଶୀରସ ଜୀବନ ଘେନି
ଜହ୍ନୁ କାଟିବ କେତେକ ଦିନ ଯାମିନୀ ।

---

୪ । ପୁଂସ—ପୁରୁଷ ।

୬ । ବୋଧିବ—ସାନ୍ତ୍ୱନା ଦେବ, ପାବକ—ନିଆଁ ।

ଖାଲି ତଳା ଛଡ଼ା ଝାଁସିବ ସେ ଅନଳ
ଅଭିଳାଷରାଜି ମୋ ମିଶି ଭୂତଳେ,
ନବୀନ ସହକାରୁ ଥିଲେ ତୁ ପାଶେ
ନ ଛୁଇବ ସରଗ ତୋ ବନ୍ଧୁଁ ଲେଶେ ।

୧୯୩୯

—୪୩—

## ମୋ ସୁଖ ବସନ୍ତ

ହେ ସୁନ୍ଦର ! ଯେତେଦିନ ଅଧର ତୁମ୍ଭର
ଅଭାଜନ ପାଇଁ ଥିବ ସ୍ମିତ, ସୁଧା ଧରି,
ପ୍ରଫୁଲ୍ଲ ଗୋଲାପ ସମ ଗଣ୍ଡ ଅନୁପମ
ହେଉଥିବ ପୁଲକିତ ସ୍ପର୍ଶ ଲଭି ମମ,
ଅବଜ୍ଞା ଖସିବ ସବୁ ଚିତ୍ତର ଭିତରୁ
ଭାବନେ ମୋ ଗରୁଥିବ ବୋଧ ଅନ୍ୟ ଭାରୁ !

---

୨ । ଶମନ ପୁର—ଯମପୁର ।

ଅଭାଜନ—ଅଯୋଗ୍ୟ, ପ୍ରଫୁଲ୍ଲ—ଫୁଟା
ପୁଲକିତ—ରୋମାଞ୍ଚିତ, ଭାବନେ ମୋ—ମୋ କଥା ଭାବି, ଲଭନ୍ତ ପୁରୁଷ—

ଲପନ ମୁକୁରେ ଭସ୍ମି ଭାବ ନବ ନବ
ଘଟାଉଣ ଥିବ ମୋର ନେତ୍ର ମହୋତ୍ସବ,
ସଉଭାଗ୍ୟେ ଭରି ମୋତେ ଅର୍ଦ୍ଧଭାଗ୍ୟ ପୁଣି
ବଜାଇ ବାଜେଣୀ ବୀଣା ଭପୁଥିବ ବାଣୀ,
ତେବେ ଦିନ ଭାଙ୍ଗୁଥିବ ମୋ ସୁଖ ବସନ୍ତ
ହୋଇ ନାହିଁ ହୋଇ ନାହିଁ ହୋଇ ନାହିଁ ଅନ୍ତ ! !

୧୯୪୪

—୫୪—

# କବି କଳହଂସ ଗୋପାଳକୃଷ୍ଣ

( ତାଙ୍କର "ଶ୍ୟାମ ଅପବାଦେ ମୋତେ ଲଗିଥାଉ"—ବୃତ୍ତରେ )

ବରଭବ ! ଅହେ ତୁମ୍ଭ ପଦାବଳି
ସୁକୁମାର ସଜ ଶେଫାଳୀକୁ ବଳି । ଘୋଷା ।
ଭାଗ୍ୟ ଅଜି ବଡ ଉତ୍କଳର      ପୂଜିତ ଦେବତା ଅନ୍ତରର
ରାଜିଛ ବାହାରେ ବହ୍ନିଣି ସୁଦସ୍ତି ।
ପଯୁରେ ଭରୁଛି ନିଭଞ୍ଜଳି । ୧ ।

---

ମୁହଁ ରୂପ ଦର୍ପଣ, ଭସ୍ମି—ପ୍ରତିଫଳିତ ହୋଇ, ବଜାଇ ବାଜେଣୀ ବୀଣା—ବାଜୁଥିବା ବୀଣା ସମାନେ, ଅନ୍ତ—ଶେଷ ।

ଶ୍ରୀ ରାମଚନ୍ଦ୍ର ଭବନରେ ଗୋପାଳକୃଷ୍ଣଙ୍କ ମୂର୍ତ୍ତି ସ୍ଥାପିତ ହେବା ଉପଲକ୍ଷେ ରଚିତ

୧ । ଶେଫାଳୀ—ଗଙ୍ଗ ଶିଉଳୀ ଫୁଲ ।
୨ । ନିର୍ଜ୍ଜଳ—କଳନା ।

'କି ନାମ ବୋଇଲୁ' ଅଧ କଥା    ପ୍ରଶ୍ନ ପୁଚ୍ଛିବାରେ ଶ୍ରୀଭଗୋପୀ
ଲଳିତା ଉତ୍ତର ଦେବାରେ ଲୁଟିଛି
ସେ ରସ କି ଅଛି ତାହା ଭଲ ? । ୨ ।

'କାହିଁ ଗଲୁ ଦେ ଦେଖେ' କରି ଖାଲି    ରାଧା ସମ୍ବୋଧିବା ବନମାଳୀ
ଗୀତେ ଫୁଟିଛି ସେ ଭାବ-ଅରବିନ୍ଦ
ତା ମାନସ କହିଁ ନୁହେ ଅଳି ? । ୩ ।

ଗୋଷ୍ଠଚନ୍ଦ୍ରମାଙ୍କୁ ଅନୁଧ୍ୟାୟୀ    ରାଧା ଭାବେ ଜାତ୍ୟ ଅବଗାହି
"ଦୟା ନକରନ୍ତୁ ଦାସୀ ଯିନା" ବୋଲି
ଛଣା ପୀୟୂଷ ତ ଅଛି ଢାଳି । ୪ ।

ଥିବେ ଯେତେ ଭାଲ ରତ୍ନଶଣୀ    ଛଡ଼ାଇବା ପାଇଁ ପାପମସୀ
ଗୀତାବଳି ତୁମ୍ଭ ଗୋପାଳ ଭକ୍ତ ହେ ।
କଣ୍ଠେ ଭଜଳୀ ଗଳାମାଳି । ୫ ।

୧୯୪୨

---

୨ । "କି ନାମ ବୋଇଲୁ" ଗୋପାଳକୃଷ୍ଣଙ୍କ ବିଖ୍ୟାତ ଗୀତ ।

୩ । "କାହିଁ ଗଲୁ ଦେଖମୁଁ ଗିରି କୁଳ ରୋଳି"—ଏହା ମଧ୍ୟ ତାଙ୍କର ଅନ୍ୟତମ ବିଖ୍ୟାତ ଗୀତ ।

୪ । ଗୋଷ୍ଠ ଚନ୍ଦ୍ରମା—ଶ୍ରୀକୃଷ୍ଣ; ଏ ଶବ୍ଦଟି ଗୋପାଳକୃଷ୍ଣଙ୍କର ଅତିପ୍ରିୟ; ଅନୁଧ୍ୟାୟୀ—ଚିନ୍ତା କର ।

# ଶୁଭଚକ୍ଷୁ

ଯୁବା ଯୁବତୀ ମନ ମିଶିବା ପାଇଁ
ଶୁଭଚକ୍ଷୁ ମଦନ ଅସ୍ତ୍ର ଭିଆଇ ।

ଅତର୍କେ ଘଟୁଁ ନେତ୍ରେ ନେତ୍ର ମିଳନ
ଘଟଇ ପ୍ରାଣେ ପ୍ରାଣ-ଅବଗାହନ ।

ତହୁଁ ହୁଏ ମାଦକ ସୁଖ ସଞ୍ଜାତ
ଭାଗୀ ଯହିଁରେ ଭୋଗୀ ଯୁଗଳ ଚିତ୍ତ ।

ବିଚ୍ଛେଦ-ଦୁଃଖ-ଫଳ ସେ ସୁଖତରୁ
ତରୁଣୀ ତର ଧାତଃ ! ତେବେଁ ନ ଧରୁ !

୧୯୩୦

---

ଶୁଭଚକ୍ଷୁ—ସ୍ତ୍ରୀ ଓ ପୁରୁଷଙ୍କ ଚକ୍ଷୁରାଗ ବା ନେତ୍ର ମିଳନ; ମଦନ—ପ୍ରୀତି ଦେବତା; ଅତର୍କେ—ଅତର୍କିତ ଭାବରେ; ଘଟଇ—ଅବଗାହନ—ଜଣକ ପ୍ରାଣ ଆଉ ଜଣକ ପ୍ରାଣରେ ଗାଧୁଏ; ମାଦକ—ଉନ୍ମାଦକ—ମନକୁ ମତୁଆଳ କରୁଥିବା; ଭୋଗୀ—ଅନୁଭବୀ ।

—୫୨—

# ଆଉ ବିମନା ନୁହ

ରାଗ—ରକ୍ତ କେଦାର; ତାଳ—ଝୁଲା ।

( ସଙ୍ଗିନରେ ! ମୋତେ ହେଲାଣି ଜଣା—ବୃଷଭେ )

ଭାରତ ଗୋ ! ଆଉ ବିମନା ନୁହ
କୁହାଅ ଏ ମର୍ତ୍ତ୍ୟରେ ସଂଗୀତ ସୁଧା । ଘୋଷା ।
ଭାରତୀ-ଭୂଷା, ଶୋଭେ ବୀଣା,
ଶୋକ ଜାଲମା ତାର ଚିତ୍ତରୁ ଧୂଅ । ୧ ।
କରୁଣା ଭୀଣା, ଅଶ୍ରୁ ଭରନା,
ତାଳନ୍ତୁ ଅଭାଗିନୀ ଅମାପ ଲୁହ । ୨ ।
ହଂସ ବାହନା, ମା ବାଣୀ ରାଣୀ,
ନାଥଣୀ ନାଶିଥିବା ବେଦଙ୍କେ ପୁହାଅ । ୩ ।
ବାଣ ବପଣୀ, ମୂର୍ଚ୍ଛିନା ରଚି,
ଖସିଥିବା ମୁକୁଟ ମୁଣ୍ଡେ ଥୁଅ । ୪ ।
ଭୋଟି ମାନସ-ଭୂଷା ମା ! ଭୋଟ
ଘେନ ଦେଇ କରୁଣା ରସର ଢୁଅ । ୫ ।

୧୯୩୬

---

୦ । ବିମନା—ବିମୁଖ ।
୧ । ଭାରତୀ ଭୂଷା—ଭାରତୀଙ୍କ ଯାହାର ଭୂଷା ବା ଅଳଙ୍କାର; ଜାଲମା—ଜର୍ଜରିତା ।
୨ । ଅମାପ—ଅପରିମିତ ପରିମାଣର ।
୩ । ନାଥଣୀ—ସ୍ୱର ।

—୪୨—

## କେବେ ସଙ୍ଗାଳି ! କରିଛୁଟେ ଦାନ

( ଗୋପୀଭାଷା ବୃତ୍ତରେ )

ସଂ—ପ୍ରୁଟିତ କଇଁଆ ଶଶିହାସୀ ।
ପ—ଦ୍ମଅନନା ଇନ୍ଦୁକଳା ବତ୍ସୁଷି ! । ୧ ।
ଦେ—ବତାର ବରେ ଅଟେ ବାନ୍ଧବ !
ବି—ମ୍ବାଧରେ ତୋ ମୋ ଲୁବ୍ଧ ପଦ୍ମବ । ୨ ।
ପ—ଦେ ଅଳତା ନାଲିଲେ ଶୋଭିଣି !
ଦେ—ଖି ଚକ୍ଷୁରେ ଦମ୍ଭ ତୁ ମୋ ଭ୍ରାନ୍ତି । ୩ ।
ଅ—ତି ମନୋଜ୍ଞ ତୋ ଘନ-କବରୀ ।
ବା—ନ୍ଧ କଣ୍ଢୁ ତୁ ଭନ୍ଦୁଁ ଚିତ୍ତ ମୋର । ୪ ।
ବି—ଷାଭଣି ତୁ ଚେତରଞ୍ଜ ଗୁହାଣି
ଚ୍ଛେ—ଦୁ ଧଇର୍ଯ୍ୟ ତତ୍ତ୍ୱ ରମାମଣି ! । ୫ ।
ଦେ—କ୍ଷ ଉପମା ତୋ ସାଥେ କାହାରେ
ମ—ତ ମୋହନା ! ନ ପଇଟେ ଶ୍ରୀମାରେ । ୬ ।

---

୧ । ସମ୍ପୁଟିତ—ଅଧୁଆ; ଇନ୍ଦୁକଳା ବତ୍ସୁଷୀ—ନବ ପ୍ରତିପଦ ।
୨ । ବିମ୍ବାଧର—ପାଚିଲା କଇଁଥି କାକୁଡ଼ି ପରି ଲାଲ ଓଠ; ଲୁବ୍ଧ-ପଦ୍ମବ—ଅଧିକାର ।
୩ । ଶୋଭିଣୀ—ସୁନ୍ଦର ।
୪ । ମନୋଜ୍ଞ—ସୁନ୍ଦର; ଘନ—ଘଞ୍ଚଳଥି; କବରୀ—ଗୁନ୍ଥିଲା ମୁଣ୍ଡବାଳ ।
୫ । ଭଷାଇଣ—ସ୍ତନରେ ଶୋଭେ; ଚେତରଞ୍ଜ—ଚିତ୍ତ ।

ର—ସବନ୍ତ ତର ! ଓଗୋଭି ଅଳୁ ବହୁ
ନେ—ଏ ଫୁଲ ଯା ଛୁ ପାରେଷ ଖଣ୍ଡୁ । ୭ ।
ଭୁ—ସେ ଘନ ମୁଁ ବାନ୍ଧବ ! ସୁଭଗ
ମୋ—ହ ସରଜବାଲୁ ତୁ ମାଦକ । ୮ ।
ହ—ଇ-ଅମିୟ ଓଠକୁମ୍ଭେ ବନ୍ଧୁ
ର—ସ ବରଷି ମନ ମୋର ମୋହୁ । ୯ ।
ମୁଁ—ତୋ ପୀରତ-ଭୂମିକୁ ଭିକାରୀ
ରିଭା—ହ ଚିଭ୍-ଭୂରଙ୍ଗକୁ ଶିକାରୀ । ୧୦ ।
ହ—ସି ଦେଲେ ତୁ ଛଟକେ ଅନାଇଁ
ର—ଶି ଧାଭଇ ନାହିଁ ଧୃତି, ମୁହିଁ । ୧୧ ।
ର—ସା ଶିରେ ତୁ ଅଳକା ସୁନ୍ଦର !
ଖି—ଣୀ ଭୁଦର ! ରେ ଚମ୍ପା-ଗହର । ୧୨ ।
ଥି—ର ଉତ୍କଳ ସମାନ ହୋଇକୁ
ରୁ—ଲଇଣି ମୁଖ ମନ ମୋହୁକୁ । ୧୩ ।
ମ—ନବୋଧ କର ବାରେ ଜୀବନ
ନେ—ଏ ସଞ୍ଜାଲ ! କବରୁ ରେ ଦାନ । ୧୪ ।

୧୯୪୫

---

୭ । ଫୁଲ—ଦେଖ ।
୮ । ମାଦକ—ନିଶା ଜନକ ।
୯ । ଅମିୟ—ଅମୃତ ।
୧୧ । ଧୃତି—ଧୈର୍ଯ୍ୟ ।
୧୨ । ରସା—ପୃଥିବୀ; ଅଳକା—ସ୍ବର୍ଣ୍ଣ ଅଳଙ୍କାର ।
୧୪ । ଜୀବନ—ବୃଷ୍ଟି ।

—୩—

# ଭକ୍ତକବି ମଧୁସୂଦନ ରାଓ

(ରାଗ—ରସ କୁଲ୍ୟା)

ଉତ୍କଳ-ଭାରତୀ-ପୂଜା-ବିଳାସୀ
ଭକ୍ତ ବ୍ରହ୍ମଜ୍ଞ ସୁହୃଦ ଋଷି
ଯାଇଅଛ ତ୍ୟଜି ଉତ୍କଳ ଧରା
"ଗୋଟିଏ ସନ୍ତାନ" ଖୋଜେ ସେ ପରା
"ଗୋଟିଏ ମନୁଷ୍ୟ" ବିନା ସେ
ଅଶେଷ ବିଭବ ହୋଇ ଗରବିଣୀ
ସତ୍ୟ ସତ୍ୟ ଆଜ ଦୀନା ସେ ।୧।

ଜୀବନ ସ୍ରୋତରେ ସ୍ୱଚ୍ଛ ସଲିଳ
ନ ବହନ୍ତେ ତାହା ହେବଟି ପଙ୍କିଳ ॥
ଆଜ ଏ ଉତ୍କଳେ; କିଏ ଦେବେ ରତ୍ନ
ଦେଖୁଥିବ କେହୁଁ ଅଶ୍ରୁ ଗଡ଼ାଇ
ଆଜ କେ ତୁମ୍ଭ ସମାନ କେହି
କୁମ୍ଭ-ସୁତୋପମ ପଙ୍କିଳତା ହର
ହେବ କି ମଧୁସୂଦନ-କେହି ? ।୨।

---

୧। ଉତ୍କଳ ଭାରତୀ ପୂଜା ବିଳାସୀ—ଉତ୍କଳ ସାହିତ୍ୟର ପୂଜକ; "ଗୋଟିଏ ସନ୍ତାନ"—"ଗୋଟିଏ ସନ୍ତାନ ମା ଗୋ ! ଧରିଅଛୁ କୋଳେ । ଗୋଟିଏ ମନୁଷ୍ୟ କିନ୍ତୁ ନ ଦେଖିଲୁ କୋଳେ"—ମଧୁସୂଦନଙ୍କ ଏ କବିତାର ଭାବ ଏଠାରେ ଗୃହୀତ ହୋଇଛି ଏବଂ ମଧୁସୂଦନଙ୍କୁହିଁ ସେହି "ଗୋଟିଏ ମନୁଷ୍ୟ" ରୂପେ ଗ୍ରହଣ କରାଯାଇଛି

୨। କୁମ୍ଭସୁତ—ଅଗସ୍ତ୍ୟ; ଶରତ୍କାଳରେ ଅଗସ୍ତ୍ୟ ଉଇଁଲେ ନଦୀ ଜଳର ପଙ୍କିଳତା ଦୂର ହୁଏ ।

ଯବେ ତୋ ଅନାଇଁ ଗ୍ରାମାବର ! ମୁଖ ଚୁମ୍ବିବାକୁ ଅଶଭର
ହେଉଁ ନୟନ ଲୋଭରେ ହୁଏ ଅନ୍ଧ
ଓଠ ପରଶଇ ବିଭୁଭର । ୩୬ ।

ସପନେ ଶମ୍ପାଙ୍ଗି ! କରୁ ହଟ ପଳାଇ ଗଲେ ମୁଁ ତୋ ନିକଟ
ଶମ୍ପା ଧରିବାର ବାତୁଲ ପ୍ରକାର
ହୁଏଁ ସ୍ୱଭସାଶ୍ର ଛଟପଟ । ୩୭ ।

ଧନେ ଧନେ ସଭ୍ରୁ ! ନିଶୀଥରେ ହିଙ୍କାଶ୍ୱିଙ୍କାର ଶୁଣି ଥରେଁ
ମଞ୍ଜିର-ନିକ୍ୱଣ ଅନୁକରି ତୋର
ଛନକା ହବେ ତା ମୋ ଛାତିରେ । ୩୮ ।

ତୋ ଗଭ୍ର ସେବତୀ ପାଖୁଡ଼ାର ଗନ୍ଧ ଧନେ ଧନେ ଶ୍ରାମାବର !
ନାସାକୁ ଆସଇ ତାହୁଁ ନ ଜାଣଇଁ
କ୍ଷୁଦ୍ଧିତ ପବନ ତାର ଚୋର । ୩୯ ।

ଏକ ହୋଇ ବହୁ ଅଭ୍ରସୁଛୁ ସେତେ ଶ୍ୱହେଁ ତେତେ ତୁ ଦଶୁଛୁ
ମଥିବା ପାଇଁକି ପରାଣେ ମୋହର
ପ୍ରତି ରୁମ ମୂଳେ ପ୍ରବେଶୁଛୁ । ୪୦ ।

---

୩୬ । ଭଙ୍ଗି – ଢାଞ୍ଚୁ ।
୩୭ । ଶମ୍ପାଙ୍ଗୀ – ବିଜୁଳି କନ୍ୟା ।
୩୮ । ନିଶୀଥ – ରାତ୍ରିଅଧ; ଥରେ – କମ୍ପେ; ମଞ୍ଜୀର ନିକ୍ୱଣ – ତୋ
ଗୋଡ଼ ଅଳଙ୍କାରର ଝୁମ ଝୁମ ଶବ୍ଦ; ଅନୁକରି – ଅନୁକରଣ କରି ।
୩୯ । କ୍ଷୁଧିତ – ଭୋକିଲା ।
୪୦ । ବହୁ ଅଭ୍ରସୁଛୁ – ବହୁତ ପରି ଜଣା ପଡ଼ୁଛୁ ।

ହର ଯନ୍ତ୍ର ! ଅହଙ୍କାର ଭରେ    ପ୍ରାଣ ହରାଇ ତୁ ପ୍ରାଣ ପୂରେ
ସ୍ମିତେ ରଖିଦେଲେ ସୂକ୍ଷ୍ମ ଚନ୍ଦ୍ରାତପ
ତାପ ପଳାଇବ ହେଲେ ଦୂରେ । ୪୧ ।

ମଞ୍ଜୀର କଙ୍କଣ ନାଦ ରତ    ଭସ୍ମ ହେବ ଯେବେ ମଞ୍ଚଶଚୀ
ଧୂପିତ ଗନ୍ଧର ସୂକ୍ଷ୍ମ ସ୍ୱଚ୍ଛ ଗନ୍ଧି—
ଭାରେ ବାନ୍ଧି ନ ପାରିବ କଣ୍ଠ । ୪୨ ।

ବନଜ-ବଦନ-ମଧୁକର    ଭର-କୋଷର ତୋ ଧନଚୋର
ସଙ୍ଗତ-ଲୋଲୁପ ମୋହନ-ନୟନ
ଉଲ୍ଲାସେ ହୋଇବ ଲହି-ଭର । ୪୩ ।

ଯେ ନୀରେ କଜଳ ନୟନର    ଧୋଇ ହେବ ତୋର ନୀରଧାର
ନିବଡ଼ ବାହୁଭିଡ଼ାରେ ଜୀବଧନ !
ବିରହ କରିବ ହାହାକାର । ୪୪ ।

୧୯୪୫

---

୪୧ । ସ୍ମିତ — ମୁରୁକ ହସ; ଚନ୍ଦ୍ରାତପ — ଜହ୍ନୁଆ ।
୪୨ । ନାଦ — ଶବ୍ଦ; ମଞ୍ଚଶଚୀ — ମଞ୍ଚରେ ସ୍ୱର୍ଗରାଜ ଇନ୍ଦ୍ରଙ୍କ ଭାର୍ଯ୍ୟା ପରି ସୁନ୍ଦରୀ; ଧୂପିତ ଗନ୍ଧ — ଧୂପଦ୍ୱାରା ସୁବାସିତ ହୋଇଥିବା; ବାନ୍ଧି ନ ପାରିବ କଣ୍ଠ — ସୁଗନ୍ଧର ଭାର କହି ନ ପାରି ଅଣନିଶ୍ୱାସୀ ହୋଇଯିବ ।
୪୩ । ବନଜ — ପଦ୍ମ; କୋଷ — ଭଣ୍ଡାର; ସଙ୍ଗତ ଲୋଲୁପ — ସଙ୍ଗଲାଭ ଲାଳସୀ ।
୪୪ । ନିବଡ଼ — ଗାଢ଼; ବାହୁଭିଡ଼ା — ଆଲିଙ୍ଗନ; ବିରହ କରିବ ହାହାକାର — ବିରହ ମଲି ମଲି ବୋଲି ଡାକ ଛାଡ଼ିବ ।

—୯୯—

# ପ୍ରିୟତମ କୋଇଲି

[ କାନ୍ତ କୋଇଲି—ବୃତ୍ତ ]

କୋଇଲି ! କହ ଯାଇଁ ପ୍ରିୟତମେ ମୋର ।
କମଳେ ମଣ୍ଡିବା ଗନ୍ଧ ଲୋଭେ କି ପାସୋରି ଲୋ କୋଇଲି ।୧।
କୋଇଲି ! ଖଣ୍ଡିତ କପୋଳକ ସୁଖ ମୋର ।
ଗଲ ବାହୁ ଭଅଇଲ ଏ ତାରକ ଘୋର ଲୋ କୋଇଲି ।୨।
କୋଇଲି ! ଗଗନରେ ଦେଖି ସେ ମୁଦିର ।
ଗେଲ୍ଲି କହନ୍ତି ଏଥି ଜଳ ତୋ ଚିକୁର ଲୋ କୋଇଲି ।୩।
କୋଇଲି ! ଘଟିଥିଲା ମେଘେ ପରିଚୟ ।
ଘଡ଼ିକେ ଘଞ୍ଚ ସୁମନ୍ଦ ମନେ ତା ହୃଦୟ ଲୋ କୋଇଲି ।୪।
କୋଇଲି ! ଅଳଭାରେ ରଞ୍ଜି ମୁଁ ପୟର ।
ଓବାବାସେ ନଣ ତୁହି ଫେରୁଥିଲୁ ଘର ଓକ ଲୋ କୋଇଲି ।୫।
କୋଇଲି ! ଚଟୁଳ ନୟନ ମୋ ଅଳକ ।
ସୁନ୍ଦ ଉଦ୍ୟାନରେ ତାଙ୍କ ହେଉଁ ନିପତିତ ଲୋ କୋଇଲି ।୬।
କୋଇଲି ! ଛଳ କରି ଭାଷିଲେ "କଲେକ ।
ଛୁଟି କହୁଥାର ଅଛରି କି ନାହିଁ ଅଳ ?" ଲୋ କୋଇଲି ।୭।

---

୧ । କମଳେ—ପଦ୍ମଫୁଲରେ ।
୨ । ଖଣ୍ଡିତ କପୋଳ—ଭଗ୍ନଗଣ୍ଡ ।
୩ । ମୁଦିର—ମେଘ; ଗେଲେ—ସ୍ନେହରେ; ଚିକୁର—କେଶ ।
୬ । ଚଟୁଳ—ଚଞ୍ଚଳ; ହେଉଁ ନିପତିତ—ପଡୁଁ ପଡୁଁ ।
୭ । ଛଳ କରି—ବାଆଁ ହେଇ ହୋଇ ।

କୋଇଲି ! ଜନ୍ମ ହେଲା ଜାଣିଲି ଦୃଷ୍ଟିର ।
ଜଣାଇଲି "ଅସ୍ତୁ" "ଦେଖନ୍ତୁ ମୋ ନମସ୍କାର"ଲୋ କୋଇଲି ।୮।
କୋଇଲି ! ଇଂରାଜଣି ବଚନ ଅମୃତ ।
ହସିତ ଭାଷିଲେ "ଧନ୍ୟବାଦ ମୋ ବନ୍ଧୁତ" ଲୋ କୋଇଲି ।୯।
କୋଇଲି ! ନୂଆ ଏତୁ ବାକ୍ୟ ବିନିମୟ ।
ନିବାଡ଼ ହୋଇଲା ଆମ୍ଭ ଯୁଗଳ ହୃଦୟ ଲୋ କୋଇଲି ।୧୦।
କୋଇଲି ! ଟିକାଏଭ ଅଡ଼ଗୃହଁ । ପୁଣି ।
ଟାଳି ଦଅଇ ଏସନ ଯୁବା ନୂଆ ମନ ଲୋ କୋଇଲି ।୧୧।
କୋଇଲି ! ଠିକେ ମୁଁ ଭକ୍ତଙ୍କୁ ଶୋଭା ମୂଲେ ।
ଠଣି-ମିଯା ନୂଆ-ଭର କାଣି ଥାନ୍ତି ହେଲେ ଲୋ କୋଇଲି ।୧୨।
କୋଇଲି ! ଭର ତାଙ୍କୁ ନ ରହିଲା ଆଉ ।
ଭକାଇର ହେଉଁ ଶବ୍ଦେ ହେଲେ ସେନ୍ତୁ ପ୍ରଭୁ ଲୋ କୋଇଲି ।।
କୋଇଲି ! ଡକ୍କା-ବଜା ହୋଇଲା ପୀରତି ।
ତମ କନ୍ଦୁନାହିଁ ଡଙ୍କା ଟାଣ କଲା ଘୃଣ ଲୋ କୋଇଲି ।୧୪।

---

୧୦। ବାକ୍ୟ ବିନିମୟ—କଥାବାର୍ତ୍ତା; ନିବାଡ଼—ଟାଣ କରି ।

୧୧। ଅଡ଼ଗୃହଁ—ବାଙ୍କ ଗୃହାଣି; ଟାଳି ଦଅଇ—ଅଥୟ କରିଦିଏ; ଯୁବାନୂଆମନ—ନୂଆ ପ୍ରେମରେ ଭର୍ତ୍ତି ହୋଇ ଆସୁଥିବା ଯୁବକ ମାନଙ୍କର ମନ ।

୧୨। ଠିକେ—ଠିକ କରି; ଶୋଭାମୂଲେ—ନିଜର ସୌନ୍ଦର୍ଯ୍ୟ ବଳରେ; ଠଣମିଁଯା—ସୁନ୍ଦର କଟିଥିବା ଯୁବତୀ; ନୂଆ-ଭର—ନୂଆ ପ୍ରେମରେ ଭର୍ତ୍ତି ହୋଇ ଆସୁଥିବା ଯୁବକଙ୍କ ଚିତ୍ତ ।

୧୩। ଭର—ସଂକୋଚ; ପ୍ରଭୁ—ପ୍ରଭୁ; ମାଲିକ ।

୧୪। ଡକ୍କା ବଜା—ଗୁରୁଆରେ ପ୍ରକଟିତ, ତମ କନ୍ଦୁନାହିଁ—ବଡ଼େଇ କରି କହୁ ନାହିଁ; ଡକ୍କା—ଢେଙ୍ଗୁରା ( ଏଠାରେ ଆମ୍ଭ ଦୁହିଁଙ୍କ ପ୍ରୀତିର ଜନ ମୁଖରେ ପ୍ରଚୁର ) ।

କୋଇଲି ! କାହ୍ନୁ ମୁଁ କଲି ତୋ ସୁରତେ ।
ନାହିଁ ତାଙ୍କ ସମ ଦେଖୁ ମୋର ଏ ମରତେ ଲୋ କୋଇଲି ।୧୫।
କୋଇଲି ! ତପସ୍ୟାର ଫଳ ସେ ମୋହର ।
ତପତ କନକ ଅଙ୍ଗ ମୁଲତ ତାଙ୍କର ଲୋ କୋଇଲି ।୧୬।
କୋଇଲି ! ଥିର ଶମ୍ପା କରି ବାହୁବନ୍ଧେ ।
ଥାଇ ମୁଖେ ମୁହିଁ ହସିବାର ବେଳେ ମନ୍ଦେ ଲୋ କୋଇଲି ।୧୭।
କୋଇଲି ! ଦରସୀ ଉର ବସ ତାଙ୍କ ଫେଡ଼ି ।
ଦାସ ସେ ମୋ ବୋଲି କେତେ କରନ୍ତି ବଢ଼ାଇ ଲୋ କୋଇଲି ।୧୮।
କୋଇଲି ! ଧୀରେ ପୁଣି ଧରି ମୋ ଚିବୁକ ।
ଧୃତିହର ଚାହିଁ ତାଙ୍କ ଦେଖନ୍ତି ଶ୍ରୀମୁଖ ଲୋ କୋଇଲି ।୧୯।
କୋଇଲି ! ନିବିଡ଼ରେ କରି ଆଲିଙ୍ଗନ ।
ନିମିଷେ ଅମରାବତୀ କରି ସରଜନ ଲୋ କୋଇଲି ।୨୦।
କୋଇଲି ! ପାନ ସେ କରନ୍ତି ଲବାଧର ।
ଶୁଷ୍କ ଚୁମ୍ବନରେ ହେଲେ ଦୁଏ ଜର ଜର ଲୋ କୋଇଲି ।୨୧।

---

୧୫ । ସୁରତେ—ଆଗରେ; ମରତେ—ପୃଥିବୀରେ ।
୧୬ । ତପତ-କନକ-ଅଙ୍ଗ—ନିଆଁରେ ତାତି ହୋଇଥିବା ସୁନା ପରି ରଙ୍ଗ ବିଶିଷ୍ଟ ମୋ ଦେହ ।
୧୭ । ଥିରଶମ୍ପା—ମଞ୍ଜୁରବେ ସ୍ଥିରତ ହୋଇ ରହୁଥିବା ବିଜୁଳି; ବାହୁବନ୍ଧେ—ଆଲିଙ୍ଗନରେ, ମନ୍ଦେ—ଅଳପ କରି ।
୧୮ । ଦରସୀ—ପ୍ରେମମୟୀ; ଉର—ବକ୍ଷ; ଫେଡ଼ି—ଫିଟାଇ; କରନ୍ତି ବଢ଼ାଇ—ଗର୍ବ କରନ୍ତି ।
୨୦ । ଧୃତିହର—ମୋ ଧୈର୍ଯ୍ୟକୁ ଯେ ନାଶ କରନ୍ତି ।
୨୧ । ନିବିଡ଼ରେ—ଗାଢ଼ଭାବରେ; ଅମରାବତୀ—ସ୍ୱର୍ଗ ।

କୋଇଲି ! ପାଣେ ଧଗ୍ ଭୁଜଙ୍ଗୀ ସମାନ ।
ପାଦେ ପଡ଼ ବାହୁ ବନ୍ଧେ ହୃଦଏ ମୁଁ ଛାନ ଲେ କୋଇଲି ।୨୧।

କୋଇଲି ! ବନ୍ଧୁ ଗଲାଣି ତ ମାସ ବୁଇ ।
ବନ୍ଧୁ ଭରଗଲେ ଭଣ୍ଡ ହସ୍ତା ଭୁଇ ପାଇଁ ଲୋ କୋଇଲି । ୨୩ ।

କୋଇଲି ! ଭ୍ରବର ଭଡ଼ ମୋ ଜଠର ଦ୍ୱୋଇ ।
ଭାସିଯାଏ ଧୈର୍ଯ୍ୟବନ୍ଧ ତାକୁ ଚାହୁବଇଁ ଲୋ କୋଇଲି । ୨୪ ।

କୋଇଲି ! ମଣ୍ଡି ଅଳଙ୍କର ତାଙ୍କ ରୂପ ।
ମନ ସିଇଜର ସେ ମୋ ଏକଛନ୍ଦ ସ୍ତୂପ ଲେ କୋଇଲି । ୨୫ ।

କୋଇଲି ! ଯତନ ଯେ ବଣିଙ୍କ ସୁତ୍ରୁଣ ।
ଯୁବା ଦେ ଛବିଛୁ ନ ଜାଣେଁ ମୁଁ ତାଙ୍କ ସବ ଲୋ କୋଇଲି ।୨୬।

କୋଇଲି ! ରୁଚିର ସେ ରୁଚିରତମରୁ ।
ରୂପେ ମନୋହର ସ୍ତ୍ରୀ ରୂପ-ଦେବତାରୁ ଲୋ କୋଇଲି । ୨୭ ।

କୋଇଲି ! ଲାବଣ୍ୟର ସେ ଅଧିଦେବତା ।
ଲକ୍ଷ୍ମୀବିଜୟସୀ ନେହ ପଙ୍କଜେ ସରତା ଲୋ କୋଇଲି । ୨୮ ।

---

୨୨ । ପକ୍ଷ—ଅଗ୍ନିପତ୍ର ।
୨୪ । ଭ୍ରବର ଭଡ଼—ପ୍ରେମଭାବନାର ବାହୁଲ୍ୟ ।
୨୫ । ମଣ୍ଡି ଅଳଙ୍କର—ସୁଅପାର ଭୂଷଣ; ଏକଛନ୍ଦ ରୂପ—ସର୍ବୋତ୍ତମା; ଏକାଙ୍ଗ ଚକ୍ରବର୍ତ୍ତୀ ।
୨୬ । ଯତନ—ସୁନ୍ଦର; ଯୁବା ଦେ ଛବିଛୁ···ତାଙ୍କପରି ସୁନ୍ଦର ଲୋକ ମାନେ ସୁବା କଲନା କର ନାହାନ୍ତି ।
୨୭ । ରୁଚିର- ସୁନ୍ଦର; ରୁଚିରତମରୁ—ସବୁଠାରୁ ସୁନ୍ଦର ।
୨୮ । ରୂପଦେବ—ମଦନ ବା କାର୍ତ୍ତିକେଶ୍ୱର ।

କୋଇଲି ! ବସନ୍ତ ସେ ବାମା-ହୃଦ-ବନେ ।
ବ୍ରହ୍ମ ଅସ୍ତ୍ର ଶୋଭାଙ୍ଗୀଙ୍କ ଦମ୍ଭ ବିନାଶନେ ଲୋ କୋଇଲି । ୨୯।
କୋଇଲି ! ଶୀତାଂଶୁ ସୁନ୍ଦର ସୁକ୍ଷ୍ମମଣି ।
ଶୋଭାଦେବୀ ମଣିମୟ ହାର ମଧ୍ୟମଣି ଲୋ କୋଇଲି । ୩୦ ।
କୋଇଲି ! ଷଟ୍‌ପଦ ବଦନ-କଞ୍ଜର ।
ଷୋଡ଼ଶୀ ମାରଣ ଅସ୍ତ୍ର ବାହୁ ବିଅଣର ଲୋ କୋଇଲି । ୩୧ ।
କୋଇଲି ! ସରସିଜ-ବଦନ ତାଙ୍କର ।
ସୁମନା-କୁମାରୀ-ବ୍ରତ ଭଞ୍ଜନ ଭିଦୁର ଲୋ କୋଇଲି । ୩୨ ।
କୋଇଲି ! ହେବି ଲତା ଉର ମହୀରୁହେ ।
ହଂସୀ ହେବ ତାଙ୍କ ଶୋଭା ସରିତ ପ୍ରବାହେ ଲୋ କୋଇଲି ।୩୩।
କୋଇଲି ! କ୍ଷୀଣାଙ୍ଗ ମୋ ଅଙ୍ଗେ ତାଙ୍କ ତାଳି ।
ଧନ୍ୟ ସ୍ଥାନ ମିଳନରେ ଯିବଇଁ ମୁଁ ମିଳି ଲୋ କୋଇଲି । ୩୪ ।

୧୯୪୫

---

୨୯ । ଅଧିଦେବତା — ଅଧିଷ୍ଠାତ୍ରୀ ଦେବତା; ନବୀନଲସୀ — ନୂଆ ବୟସୀ ଅଳ୍ପବୟସୀ; ପଙ୍କଜ — ପଦ୍ମ; ସବିତା — ସୂର୍ଯ୍ୟ ।
୩୦ । ଶୀତାଂଶୁ ସୁନ୍ଦର — ଚନ୍ଦ୍ର ପରି କମନୀୟ, ମଧ୍ୟମଣି — ପଦକ ।
୩୧ । ଷଟ୍‌ପଦ — ଭ୍ରମର; ବଦନକଞ୍ଜ — ମୁଖପଦ୍ମ; ବାହୁବିଅଣର — ବିଧାତା ସୃଷ୍ଟିରେ ।
୩୨ । ସୁମନା — ରମଣୀ; କୁମାରୀ ବ୍ରତ — ଅବିବାହିତା ରହିବା ରୂପ ସଂକଳ୍ପ; ଭଞ୍ଜନ — ଭାଙ୍ଗିବାକୁ, ଭିଦୁର — ବଜ୍ର ।
୩୩ । ଉର ମହୀରୁହେ — ସ୍ତନରୂପ ଗଛରେ; ସରିତ — ନଦୀ ।
୩୪ । ଅଙ୍ଗେ ତାଙ୍କ ତାଳି — ତାଙ୍କ ଉପରକୁ ଅଧିକ ।

—୧୦୦—

# ମହାତ୍ମାଜୀ

( ରାଗ—ଭାମୋଦୀ )

( ୧ )

ଅଧୋଗତ ଏ ଦେଶ                ତବ ପଦ-ପରଶ
ଲଭି ହୋଇଲା ସଂଜୀବିତ

ମାନସ-ପକ୍ଷାଘାତ                ହେଲେ ତା ହେଲା ହତ
ନିଗଡ଼ ପଯ୍ୟନ୍ତୁ ସ୍ଖଳିତ

ହେ ମହାତ୍ମାଜୀ !
ଭଲ ହୋଇଲ ଯାଦୁକର
ଉଚାରି ଅହିଂସା ମନ୍ତ୍ରର,

ବଶ କଲ ବେଣସା;                ହେବାକୁ ତୁମ୍ଭ ସର
ନ ବହେ ମେଦନୀ ଅପର ।
ହେ ମହାତ୍ମାଜୀ !

---

୧ । ଅଧୋଗତ—ଅବନତ; ହୋଇଲା ସଞ୍ଜୀବିତ—ନବଜୀବନ ଲାଭ କଲା; ମାନସ ପକ୍ଷାଘାତ—ମନର ନିର୍ଜୀବତା ( mental paralysis ); ନିଗଡ—ବେଡ଼ି; ସ୍ଖଳିତ—ଖସିଗଲା; ଯାଦୁକର—ମନ୍ତ୍ରୁରିଆ; ବେଣସା—ବ୍ରିଟିଶ ସିଂହ; ଅପର—ଅନ୍ୟ ଜଣେ ।

( ୨ )

କଫଣି କଣ୍ଠରେ  ମୁକୁଟ ବହୁ ଶିର
ତଅଗ-ଛଦ ପରିଧାନ
ଲକ୍ଷଣ-କୋଟି ଜନ—  ଅନ୍ତର ସିଂହାସନ
ଈଶ୍ୱର ହୋଇଲ ରଞ୍ଜନ !
ହେ ମହାତ୍ମା !
ପ୍ରାଣର ଆଲୋକେ ତୁମ୍ଭର
ଧନ୍ୟ ଏ ହୋଇଲା ଭାସ୍ୱର,
ଗୀତା, ବେଦ, ବେଦାନ୍ତ  ହେଲେ ବସ୍ତୁବନ୍ତ
ଅଣିସ୍ଥି ଜୀବନେ ତୁମ୍ଭର
ହେ ମହାତ୍ମା !

( ୩ )

ଦଳିତର ମୁକତି—  ତ୍ରୁଟେ ନାହିଁଲ ମତ
ଭରିଲ ମୂକ-ମୁଖେ ଭାଷା

---

୨ । କଫଣି କଣ୍ଠରେ ମୁକୁଟ……ଭାରତର ମୁକ୍ତି ପାଇଁ ବହୁ କଷ୍ଟ ଓ ବହୁ ଲାଞ୍ଛନା ତୁମ୍ଭେ କରି ନେଇଛ, ତଅଗ—ତ୍ୟାଗ; ଛଦ—ପୋଷାକ; ଈଶ୍ୱର—ଅଧିପତି; ଭାସ୍ୱର—ଉଜ୍ଜ୍ୱଳ; ଗୀତା, ବେଦ… —ଏ ସବୁର ନୀତିକୁ ତୁମ୍ଭେ ଜୀବନରେ ସଫଳ କଲ ।

୩ । ଦଳିତ—ଅତ୍ୟାଚାରିତ;

ଅଗଣିତ ଶତାବ୍ଦୀ ପାଇଁ କି ଅହେ ସୁଧୀ !
ଗଲ୍ ସବୁଜ ଭେଟେ ଆଶା
ହେ ମହାତ୍ମାଜୀ !
ଦଳିତ-ଗଉରବ-ଦାତା
ମୁକତ-ଭାରତ-ବିଧାତା,
ଅସହାୟ ଅବଳ ଜାତି ଆଶା କମଳ
ପ୍ରକାଶ କାରକ ସବିତା
ହେ ମହାତ୍ମାଜୀ !

୨୨-୬-୧୯୪୬ ।

---

ତୁମ୍ଭେ ସମ୍ମାନ ଦେଉ ଅଛୁ; ମୁକତ ଭାରତ ବିଧାତା—ସ୍ୱାଧୀନ ଭାରତର ଜନକ; ସବିତା—ସୂର୍ଯ୍ୟ । ଦଳିତ-ଗଉରବ-ଦାତା—ଦଳିତମାନଙ୍କୁ ।

—୧୦୧—

# ମିନତି

( ରାଗ—ଚୋଖି )

ପାଠକ-ପାଠିକା ମୋର ! ମୁଁ ଅପଟୁ ମାଳାକର !
ଏ ସଂସାର ଆରାମର; ଦୋଷ ମୋ କ୍ଷମ;
ଅତୁଳ ମାଧୁରୀମୟ ମନୋଜ୍ଞ ସୁମନଚୟ
ତୋଳିବା ପାଇଁ କି ହାୟ ! ନୁହେଁ ମୁଁ କ୍ଷମ;
ଗୁନ୍ଥି ଅଳ୍ପ ସୁମ ଅଧମ
ଭେଟଣା ହେବା ପାଇଁ ତୁମ୍ଭ ରଚିଛି ଦାମ ।୧।

ମନୋଜ୍ଞ ଦିବ୍ୟ ସୁମନ ନ ଜାଣ ଯାହା ଚୟନ
ଗଲଇଁ ଭରି ଜୀବନ ମୋ ଅକାରଣ
ଅଦୃଷ୍ଟିତ ସ୍ୱର୍ଗ ପାଇଁ ନ ପାରେଁ ମୁଁ ପଠି ଆଇ
ଗୁନ୍ଥନ୍ତି ମୋର ଭୂମିର ବର ସୁମନ
ଏ-ମନୋଜ୍ଞ-ସ୍ୱର୍ଗ-ସୂତ୍ରର
କାହିଁ ଭାଗ୍ୟ ? ହେବ କଣ୍ଠ କବିତା ମୋର ? ୨ ।

ହେ ଭବିଷ୍ୟ ନାଗରିକ ! ଯଦେବକ ସୁଷମା ସାର
ନ ପାରେଁ ପେଷି ରସାର, ଲେଖନୀ ପୋତେ

୧ । ଅପଟୁ—ଅପାରଗ; ମାଳାକର—ମାଳୀ; ଆରାମ—ବଗିଚା; ମନୋଜ୍ଞ—ସୁନ୍ଦର; ସୁମ—ଫୁଲ; ଅଧମ—ନିକୃଷ୍ଟ; ଦାମ—ହାର

୨ । ବର—ଶ୍ରେଷ୍ଠ ।

୩ । ଯଦେବକ—ଯଦିଏ ହେଲେ, ସୁଷମାସାର—ଶ୍ରେଷ୍ଠ ଶୋଭା; ରସା—ପୃଥିବୀ; ଲେଖନୀ ପୋତ—ମୋ କଲମ ରୂପ ଜାହାଜରେ;

ଲଙ୍ଘି ଭାଗ୍ୟ-ପାହାଡ଼ ଭଗ୍ନପୋତ ବଣିକାର
ବାଳପଣୁଁ ଅନିବାର ବେଳା ସୈକତେ
ଫେଷଣୁଁ ଯା ଭେଳାରେ ଥୋଇ
ଚହିଁଥିବ ପାଟଣେ ତୁମ୍ଭ ଆଶା ମୋ ନାହିଁ । ୩ ।

ଭାଇ ଦକ୍ଷ ମାଳାକର ! ରଚିଛ ଯେ ଅବା ହାର
କାଅ ରେ ଚଳାଇ ମୋର ରଚନା ଯାନ
ମାଡ଼ ନାହିଁ ପାଦ ମୋର ଯଶୋମନ୍ଦର-ଦୁଆର
ନୁହଇ ମୋରେ ଗୋଚରୁ ସେ ସିଂହାସନ
ବସି ଯହିଁ ଜନନୀ ବାଣୀ
ଦିଅନ୍ତି ଭକତଜନେ କଣ୍ଠେ-ମଣି । ୪ ।

୧୯୪୫

---

ଭାଗ୍ୟ ପାହାଡ଼—ଦୁର୍ଭେଦ୍ୟ ବର ବଣ୍ଡ; ଭଗ୍ନ ପୋତ—ଯାହା ଜାହାଜ ଭାଙ୍ଗି ଯାଇଛି; ବଣିକାର—ବଣିକ; ଅନିବାର—ଅନବରତ; ବେଳା-ସୈକତେ—ଉପକୂଳ ବାଲିରେ ।

୪ । ଦକ୍ଷମାଳାକର-ଯଶସ୍ୱୀ କବିମାନେ; କଣ୍ଠମଣି-କଣ୍ଠ ଦାୟକ ମଣି ।

**ସ ମା ପ୍ତ**

ନବଯୁଗ ପ୍ରେସରେ ଶ୍ରୀ ଅନନ୍ତ ପଟ୍ଟନାୟକଙ୍କ ଦ୍ୱାରା ମୁଦ୍ରିତ ।

# ଆ ଶୀ ର୍ବା ଦ

ନବଭାରତର ସଂପାଦକ

## ପଣ୍ଡିତ ଶ୍ରୀଯୁକ୍ତ ନୀଳକଣ୍ଠ ଦାଶ, ଏମ୍. ଏ

"ଶ୍ରୀମାନ୍ ବାଞ୍ଛାନଚରଣ ପଟ୍ଟନାୟକଙ୍କ 'କବିତା କୁମୁଦ' ପୁସ୍ତକଟିରେ ଏବେ ଯେସବୁ ଆଖି ପକାଇଗଲି । କବିତା ଗୁଡ଼ିକରେ ବାଞ୍ଛାନିଧିଙ୍କୁ ଉତ୍କଳର ସୁପରିଚିତ । ଇଂରେଜ ପୂର୍ବଯୁଗରେ ଭାରତରେ ଯେଉଁ କବିମାନଙ୍କ ମଧ୍ୟରେ ଓଡ଼ିଆର ସ୍ଥାନ ଗୋଟିଏ ବିଶିଷ୍ଟ । ବାଞ୍ଛାନିଧିଙ୍କୁ ଏହା ଏକରେ ସେହି ଗୀତିକବିତାର ଭକ୍ତ ଓ ସେଥିରୁ ଜଣେ ଶ୍ରେଷ୍ଠ ସାଧକ । ସେହି ପ୍ରାଚୀନ ଯୁଗରେ ନବୀନ କବିତାର ପ୍ରାଣ ସ୍ପନ୍ଦନ ଫୁଟାଇବାରେ ସେ କୃତୀ । ତାଙ୍କର ଏହି ପ୍ରାଚୀନ ଓ ନବୀନର ଅଦ୍ଭୁତ ଓ ସୁନ୍ଦର ସମନ୍ୱୟ ଉତ୍କଳ ସାହିତ୍ୟକୁ ଏକ ସ୍ୱତନ୍ତ୍ର ଦାନ । ଏ ସଂପ୍ରଦାୟ କବିମାନଙ୍କଠୁଁ ସ୍ୱତନ୍ତ୍ର ସେହି ଦାନର ପ୍ରଭାବ ଓ ପରିବର୍ତ୍ତନ । ଓଡ଼ିଆର ସାହିତ୍ୟାନୁରାଗୀମାନେ ଏହାର ଯଥା ସମ୍ମାନ ଆଦର କରନ୍ତୁ ।"

ପୂର୍ବତନ ଶିକ୍ଷାମନ୍ତ୍ରୀ

## ପଣ୍ଡିତ ଶ୍ରୀଯୁକ୍ତ ଗୋଦାବରୀଶ ମିଶ୍ର

ଏମ୍. ଏ. ବି. ଟି

"ଶ୍ରୀଯୁକ୍ତ ବାଞ୍ଛାନଚରଣ ପଟ୍ଟନାୟକଙ୍କର 'କବିତା କୁମୁଦ' ଗୀତ ପୁସ୍ତକ ମୁଁ ମୂଳରୁ ଶେଷ ପର୍ଯ୍ୟନ୍ତ ବିଶେଷ ଆଗ୍ରହରେ ପଢ଼ି ଯାଇ ଓ ବହୁ ଆନନ୍ଦ ଲାଭ କରିଅଛି ।

* * *

କବି ବାଞ୍ଛାନଚରଣ କବିତା କୁମୁଦରେ କବିର ପ୍ରକୃତ ପରିଚୟ ଦେଖାଇ ଅଛନ୍ତି । ମୁଁ ତାଙ୍କର ଅନେକ ଗୁଡ଼ିଏ କବିତା ପଢ଼ି ମୁଗ୍ଧ ହେଲି । ଏମାନ ଗାଇବା ଲୋକମାନେ ଉପଭୋଗ କରିବେ । ମାତ୍ର ସେ ଯେଉଁ ଛନ୍ଦ ବ୍ୟବହାର କରନ୍ତି, ଓଡ଼ିଆ ସାହିତ୍ୟ ଭଣ୍ଡାରକୁ ସେ ସେ ଉପରେ ଗୁଡ଼ିଏ କବିତା ଦେଇଛନ୍ତି ମୁଁ ଯଥେଷ୍ଟ ପ୍ରଶଂସା କରୁଛି । ତାଙ୍କର ସେ ଶକ୍ତି ଅଛି । ସମୟ ଓ ଅନୁକୂଳ ପରିସ୍ଥିତି ପାଇଲେ ସେ ଓଡ଼ିଆ ସାହିତ୍ୟର ଭଣ୍ଡାରର ସମ୍ପଦ ବଢ଼ାଇ ପାରିବେ ।"

# କଳିଙ୍ଗ ଭାରତୀ

ପ୍ରତିଷ୍ଠାତା:—

## ଶ୍ରୀ ବିଚ୍ଛନ୍ଦଚରଣ ପଟ୍ଟନାୟକ

ପ୍ରାଚୀନ ପରମ୍ପରା ରକ୍ଷା କରି କଳିଙ୍ଗର ସାହିତ୍ୟ, ସଙ୍ଗୀତ ଓ ଅନ୍ୟାନ୍ୟ ଲଳିତ କଳାକୁ ନବଯୁଗୋପଯୋଗୀ ଭିତ୍ତିରେ ଗଢିବା ନିମନ୍ତେ କଳିଙ୍ଗ ଭାରତୀ ପ୍ରତିଷ୍ଠାନର ଜନ୍ମ ।

ଜାତି ଜୀବନରେ ପ୍ରାଚୀନର ସଂରକ୍ଷଣ ଓ ପ୍ରାଚୀନକୁ ମୂଳଭିତ୍ତି କରି ନବୀନର ସୃଷ୍ଟି କଳିଙ୍ଗ ଭାରତୀର ଆଦର୍ଶ ।

ନବୀନ କଳିଙ୍ଗ ସାହିତ୍ୟର ସୃଷ୍ଟି ଓ ପ୍ରାଚୀନ କଳିଙ୍ଗ ସାହିତ୍ୟର ସୃଷ୍ଟିର ମର୍ମ ଉଦ୍‌ଘାଟନ କରିବା ସଙ୍ଗେ ଜାତି ଆଗରେ ତାହାର ଉପସ୍ଥାପନ ନିମନ୍ତେ 'କଳିଙ୍ଗ ଭାରତୀ ମନ୍ଦିର'ର ନିର୍ମାଣ, ପ୍ରାଚୀନ କଳିଙ୍ଗ (ଓଡ଼ିଶୀ) ସଙ୍ଗୀତକୁ ପୁନରୁଦ୍ଧାର କରି ତାହାର ପୁନରୁଜ୍ଜୀବନ ସାଧନ ନିମନ୍ତେ 'କଳିଙ୍ଗ ଭାରତୀ ସଙ୍ଗୀତ ମହାବିଦ୍ୟାଳୟ'ର ପ୍ରତିଷ୍ଠା ଏବଂ ଅନ୍ୟାନ୍ୟ ପ୍ରାଚୀନ କଳିଙ୍ଗ ଲଳିତ କଳାର ଉଦ୍ଧାର ଓ ପ୍ରତିପାଦନ କରି ସଙ୍ଗେ ଜାତିରେ ତାହାର ପ୍ରଚାର ଓ ପ୍ରସାର ନିମନ୍ତେ 'କଳିଙ୍ଗ ଭାରତୀ କଳା ମନ୍ଦିର'ର ସଂସ୍ଥାପନ କଳିଙ୍ଗ ଭାରତୀ ପ୍ରତିଷ୍ଠାନର ଅନ୍ୟ ଲକ୍ଷ୍ୟ ।

**ଜୟ ମା କଳିଙ୍ଗ ଭାରତୀ**